
# ସପ୍ତର୍ଷି

## ଅଗଷ୍ଟ ୨୦୨୧



**ISSN NO – 2582-208X**

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ବର୍ତ୍ତମାନ କେବଳ ଭାରତ ନୁହେଁ, ସାରା ପୃଥିବୀରେ ଦେଖାଦେଇଛି ପ୍ରାକୃତିକ ବିପର୍ଯ୍ୟୟ । କେଉଁଠାରେ ପ୍ରବଳ ବର୍ଷା, ବନ୍ୟା ତ କେଉଁଠାରେ ବାଦଲ ଫାଟିଲାଣି । ଅନେକ ସହର ସଂପୂର୍ଣ୍ଣ ଜଳମଗ୍ନ ଆଉ ପାହାଡି ଅଞ୍ଚଳର କଥା ତ କହିଲେ ନସରେ । ଆଜିକାଲି ସେଠାରେ ବାଦଲ ଫାଟିବା ଏକପ୍ରକାର ସାଧାରଣ ଘଟଣା ହୋଇଗଲାଣି । ହେଲେ ଆମେ କେବେ ଚନ୍ତା କରିଛେ କ ଏସବୁ ପ୍ରାକୃତିକ ବିପର୍ଯ୍ୟୟର ସଂଖ୍ୟା କାହିଁକି ଧିରେ ଧିରେ ବଢିବାରେ ଲାଗିଛି?

ପ୍ରକୃତରେ ଦେଖିବାକୁ ଗଲେ, ଏହା ହେଉଛି ପ୍ରକୃତିର କୋପ । କନ୍ତୁ ପ୍ରକୃତିକୁ ନଜର ତାଣ୍ଡବ ଲିଳା ଦେଖାଇବା ପାଇଁ ଆମେମାନେ ହିଁ ଡାକଆଣିଛୁ । ପ୍ରଥମେ ଆମେ ସହରକୁ କଂକ୍ରିଟ ଜଙ୍ଗଲରେ ପରିବର୍ତ୍ତନ କଲାପରେ ନଦୀ, ନାଳ, କେନାଲ ଆଉ ନଦୀଶଯ୍ୟାକୁ ବି ବାଦ ଦେଇନୁ । ସବୁଠାରେ ମଣିଷ ତାର କାୟା ବିସ୍ତାର କଲାଣି । ନଦୀକୂଳରେ ଏବଂ ଏପରି ଅନେକ ଯାଗା ରହିଛି, ଯାହାକ ନଦୀର ଏକ ଅଙ୍ଗ, ସେଠାରେ ଅନେକ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ କରିବା ନାମରେ ହେଉ ବା ଘର ବନାଇବା ନାମରେ ହେଉ, ତାହାକୁ ସହରର ଏକ ଅଙ୍ଗରେ ପରିବର୍ତ୍ତନ କରିଦେଉଛୁ । ଆଉ ଯେତେବେଳେ ନଦୀର ପାଣି ତାର ଗତିପଥରୁ ବାଧିତ ହେଉଛି, ସେତେବେଳେ ସେ ଦେଖାଉଛି ତାର ତାଣ୍ଡବଲୀଳା । ପାହାଡି ଅଞ୍ଚଳ କଥା କହିଲେ ନଚଳେ । ସେଠାରେ ମଧ ଜଙ୍ଗଲ ପରେ ଜଙ୍ଗଲ କଟାଯାଇ କେଉଁଠାରେ ଫ୍ୟାକ୍ଟ୍ରି ହେଲାଣି ତ କେଉଁଠାରେ ମନୁଷ୍ୟ ପାଇଁ ଜନବସତି । ଆଜିକାଲି ଅନେକ ଲୋକେ ପସନ୍ଦ କରୁଛନ୍ତି ସହରର ଜନଗହଳୀ ଏବଂ କଳୁଷିତ ବାତାବରଣରୁ

ବାହାରକୁ ଯାଇ ପାହାଡରେ ଟିକଏ ଶାନ୍ତିରେ ରହିବା ପାଇଁ। କିନ୍ତୁ ତାହା କଣ ପ୍ରକୃତିକୁ ଛାରଖାର କରି କରାଯାଇପାରେ? ସେଥିପାଇଁ ତ ପାହାଡରେ ଏବେ ବର୍ଷାଜଳ ନିଜର କରାଳ ରୂପ ଦେଖାଇଦେଉଛି ଆଉ ଜଙ୍ଗଲର ଅଭାବରୁ ଏବଂ ଗରମ ବଢିବାରୁ ବାଦଲ ଫାଟି ପ୍ରଳୟ ସୃଷ୍ଟି ହେଉଛି ।

ଏସବୁରୁ ବଞ୍ଚିବା ପାଇଁ ହେଉ କିମ୍ବା ଆମର ମନୁଷ୍ୟ ଜାତିର ଭବିଷ୍ୟତ ପାଇଁ ହେଉ, ଆମକୁ ପ୍ରକୃତି ସହ ମିଶି ଆଗକୁ ବଢିବାକୁ ବଡିବ । ଆଜିକାଲି ଗଛ ଲଗାଇବା ପାଇଁ ମଧ୍ୟ ଜାଗା ମିଳୁନି । ଅନେକ ଲୋକେ ପ୍ରକୃତିକୁ ବଞ୍ଚାଇବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି, କିନ୍ତୁ ତାହା ହେଉଛି ସମୁଦ୍ରକୁ ଶଙ୍ଖେ । ଏହାର କାରଣ ହେଉଛି ଏଥିପ୍ରତି ଲୋକଙ୍କର ଉଦାସୀନତା । ସମସ୍ତେ ନିଜ ନିଜର ସ୍ୱାର୍ଥ ପାଇଁ ବ୍ୟସ୍ତ । ପ୍ରକୃତି ପ୍ରତି ସମୟ ଦେବାକୁ କାହା ପାଖରେ ସମୟ ନାହିଁ । ଏହାପାଇଁ ସଚେତନତା ଆମଭିତରେ ଆସିବା ନିହାତି ଆବଶ୍ୟକ । ଏଣୁ ଆସନ୍ତୁ ଆମେ ଏବେ ସଂକଳ୍ପ ନେବା ଯେ ପ୍ରତି ମାସରେ ଗୋଟିଏ ଗୋଟିଏ ଗଛ ଆମେ ନିଜ ହାତରେ ଲଗାଇବା ଆଉ ଅନ୍ୟକୁ ମଧ୍ୟ ଏହା କରିବା ପାଇଁ ପ୍ରୋତ୍ସାହନ ଦେବା । ଏହା ଦ୍ୱାରା କିଛିଟା ମାତ୍ରାରେ ପ୍ରକୃତି ପ୍ରତି ଆମର କର୍ତ୍ତବ୍ୟ ପାଳନ କରିପାରିବା ।

ଜୟ ଓଡିଶା, ଜୟ ଓଡିଆ ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....


| | | |
|---|---|---|
| ଅନେକ ଭୁଲ୍ | ଡକ୍ଟର ବିଜ୍ଞାନୀ ଦାସ | ୧୨ |
| ପହଣ୍ଡି ବିଜେ | ଡ. ଶକୁନ୍ତଳା ଗୁପ୍ତା | ୨୧ |
| ଇଛା ଆଉ ଅନଛା ଭିତରେ | ଭାସ୍କର ଚନ୍ଦ୍ର ଖଣ୍ଡା | ୨୩ |
| ୨୦୨୦ ରଥଯାତ୍ରା | ଶଶଧର ମହାପାତ୍ର | ୨୫ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୨୭ |
| ଅଦିନଆ ବର୍ଷା | ଡଃ ମାଙ୍ଗଳିକା ମହାପାତ୍ର | ୩୫ |
| ପରୀବେଶ | ଡ. ପ୍ରସନ୍ନ କୁମାର ବଳ | ୩୭ |
| ସ୍ୱାଧୀନତା | ସନାତନ ମହାକୁଡ | ୩୯ |
| ପଜିଟିଭିଟି | ଆରତୀ ସାହୁ (ଆଶା) | ୪୦ |
| ଅତିରୁ ଇତି | ଧରିତ୍ରୀ ଦାସ | ୪୮ |
| ମୋ ରାଉରକେଲା | କୁଞ୍ଜବିହାରୀ ରାଉତ | ୫୦ |
| ଛନ୍ଦମୟୀ ବର୍ଷା | ଜୟଶ୍ରୀ ପଟ୍ଟନାୟକ | ୫୨ |
| ଅନ୍ତରଙ୍ଗ | ଓଜସ୍ୱିନୀ ଶତପଥୀ | ୫୪ |
| କବିତା ପୁସ୍ତକ- ସାର୍ ଜୀବନ | ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ | ୫୫ |
| ମାୟା ମୃଗ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୬୦ |
| ଅତିଥି | ଡକ୍ଟର ମଧୁସ୍ମିତା ମିଶ୍ର | ୬୩ |
| ହଜିଲା ଶୈଶବ | ଛବିରାଣୀ ପତି | ୬୪ |
| କଳଙ୍କ ର କାରାଗାରେ | ଅମ୍ବିକା ସ୍ୱାଇଁ | ୬୬ |
| ସାବିତ୍ରୀ ବ୍ରତ ଆଉ ମାଉସୀ | ଅଳକା ମହାନ୍ତି | ୬୯ |
| କଛି ପ୍ରେମ | ରଶ୍ମୀବାଳା ଶତପଥୀ | ୭୩ |
| ପ୍ରଶ୍ନବାଚୀ | ସରୋଜ ଲକ୍ଷ୍ମୀ ମହାନ୍ତି | ୭୫ |

| | | |
|---|---|---|
| କରୋନା | ବରୁଣ କୁମାର ଦାସ | ୭୬ |
| ଅବତାର | ଶାନ୍ତିଲତା ମିଶ୍ର | ୭୮ |
| ଛଳନା | ହାସ୍ୟମୟୀ ରଜ୍ | ୮୨ |
| ରତିସାର୍ ମେଘମାନେ | ଗଜାନନ ମିଶ୍ର | ୮୩ |
| ତୁମେ ଅଛ ପାଖେ | ପୁଷ୍ପାଞ୍ଜଳି ପଣ୍ଡା | ୮୪ |
| ଭାରତୀୟ ସଂସ୍କୃତି, ବ୍ୟକ୍ତିତ୍ୱ ଏବଂ ବ୍ୟବହାର | ଦାଶରଥୀ ଶତପଥୀ | ୮୫ |
| ଆସ ବନ୍ଧୁ | ପ୍ରଣତି ମହାପାତ୍ର | ୮୮ |
| ଅପେକ୍ଷା | ପ୍ରଣତୀ ରଥ | ୯୦ |
| ସାଧବ ବୋହୂ | ଶୁଭେନ୍ଦୁ ମେହେର | ୯୨ |
| କୋକେଇ | ଅପରାଜିତା ମହାନ୍ତି | ୯୪ |
| ତୁମେ ହିଁ ତୁମେ | ବେଣୁଧର ସୂତାର | ୯୬ |
| ମନ୍ତ୍ର ଗଣତନ୍ତ୍ରର | ସୁସ୍ମିତା ମହାପାତ୍ର | ୯୭ |
| ପରିବର୍ତ୍ତନର ସ୍ୱର | ଡକ୍ଟର ମନୋରଞ୍ଜନ ବିଷୋୟୀ | ୯୮ |
| ମୃତ୍ୟୁ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୦୦ |
| ମଧୁ କୈଟଭଙ୍କ ବଧ | ପୂର୍ଣ୍ଣଚନ୍ଦ୍ର ରଣା | ୧୦୧ |
| ମାଷ୍ଟ୍ରେ ଙ୍କ ଗ୍ଯ | ଆଶୁତୋଷ ମେହେର | ୧୦୫ |
| ଦିନ ରାତି | କୀର୍ତ୍ତି ଦେବୀ | ୧୦୯ |
| ଭାଇରସ୍ : ଏକ ସନେଟ୍ | ଡ. ଜ୍ଞାନେଶ୍ୱର ମିଶ୍ର | ୧୧୦ |
| କରୁଣାକର | ବିନୟ ମିଶ୍ର | ୧୧୧ |
| ଲଳିତ ନିବନ୍ଧ-ସଫଳତା | ବଦ୍ରୀ ମହାନ୍ତି | ୧୧୨ |
| ଯୁଦ୍ଧଂ ଦେହି | ଖଗେଶ୍ୱର ବାଗ | ୧୧୪ |
| କବିତା ଗୋ ତୁମେ | ରାଧାମୋହନ ପୂଜାହାରୀ | ୧୧୬ |
| ଦ୍ରୌପଦୀ ର ଆର୍ତ୍ତନାଦ | ଅଧ୍ୟାପକ ବିପ୍ଳବ କିଶୋର ରଥ | ୧୧୭ |

# ଅଗଷ୍ଟ – ୨୦୨୧


| | | |
|---|---|---|
| ପଥିକ | ପ୍ରକାଶ ମେହେର | ୧୧୮ |
| ମାଗ | ଶ୍ରୀ ସତ୍ୟବ୍ରତ ସାହୁ | ୧୨୦ |
| ମାନବବାଦର ପ୍ରତୀକ ଶ୍ରୀଜଗନ୍ନାଥ | ଡକ୍ଟର ଲକ୍ଷ୍ମଣ ସାହୁ | ୧୨୧ |
| ଉଚ୍ଛାଭିଳାଷ | ଶୋଭ୍ଗିନ ବିଶି | ୧୨୮ |
| ସଂକଳ୍ପ | ନିରଞ୍ଜନ ସାହୁ | ୧୨୯ |
| ନିଶ୍ୱାସ ଓ ବିଶ୍ୱାସ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୧୩୦ |
| କରୋନା ବନାମ ଘରୋଇ ସହାୟକ | ସସ୍ମିତା ପଟନାୟକ | ୧୩୨ |
| ନିଦାଘ ଖରା ର କଷଣ | ବିଷ୍ଣୁପ୍ରିୟା ଶତପଥୀ | ୧୩୮ |
| ଜୀବନ | ଡ. ସୁଧାଂଶୁ ମେହେର | ୧୩୯ |
| ଭକତ ହୃଦ ଚନ୍ଦନ | ଡ. ଅର୍ଜୁନ ଚରଣ ବାରିକ୍ | ୧୪୧ |
| ଅଭାବର ଆଲିଙ୍ଗନରେ ଜୀବନର ମହାଭାଷ୍ୟ : ଧନଫୁଲ କାନଫୁଲ | ଅଧ୍ୟାପକ ତାପସ କୁମାର ଜେନା | ୧୪୨ |
| ରଜ ସଜବାଜ ଆସିଛି | ଅଳକା ମହାନ୍ତି | ୧୪୬ |
| ସ୍ମୃତି | ଅମୂଲ୍ୟ କୁମାର ପଣ୍ଡା | ୧୫୦ |
| ଭିଜା ମାଟି ର ବାସ୍ନା | ମୀନାକ୍ଷୀ ପାଢ଼ୀ | ୧୫୧ |
| ନାଟକ- ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୫୩ |
| ମାଆ ର ସ୍ୱପ୍ନ ଦର୍ଶନ ଓ ପିତୃ ଭାବନା | ଅଲେଖ ମେହେର | ୧୬୦ |
| ନାରୀ ଟିଏ ମୁଁ | ନନ୍ଦିନୀ ରାଉତ | ୧୬୨ |
| ବରଷାରାଣୀ | ପ୍ରକାଶ କୁମାର ଗୃନ୍ଦ | ୧୬୩ |
| ବଣମଣିଷର ଦୁଇପାଖ | କୁଞ୍ଜ ବିହାରୀ ସାହୁ | ୧୬୪ |
| ଭିନ୍ନ ରୂପା | ପ୍ରିୟଦର୍ଶିନୀ ମହାପାତ୍ର | ୧୭୨ |
| ଅଣସର ଘର ବନାମ ଏକାନ୍ତ ବାସ | ବାସନ୍ତୀ ଲତା ଜେନା | ୧୭୫ |
| ଅକୁହା କଥା | ଦୀପକ କୁମାର ନାୟକ | ୧୭୮ |
| ସର୍ବନାଶ | କାଳିକଙ୍କର | ୧୭୯ |

| | | |
|---|---|---|
| ଶୋଭା ଓ ଅଶୋଭା | ଜୟ କୁମାର ମିଶ୍ର | ୧୯୧ |
| ଅଗଷ୍ଟ ପନ୍ଦର | ନରେନ୍ଦ୍ର ପ୍ରସାଦ ବେହେରା | ୧୯୩ |
| କେଉଁ ଦିଅଁ ଆଉ | ରାଜକିଶୋର ସାଇଁ | ୧୯୬ |
| କଇଁ | ଝରଣା ବାରିକ | ୧୯୮ |
| ଜଗନ୍ନାଥ | ତ୍ରିପତି ପ୍ରଧାନ | ୨୦୦ |
| ସୁନାବୋହୂ | ବିଜୟ କୁମାର ସାହୁ | ୨୦୨ |
| ପ୍ରତାରଣା | ଚୈତନ୍ୟ ବାଗ | ୨୦୫ |
| ଶାନ୍ତି ନିକେତନ, ସତରେ କେତେ ଦୂର? | ପ୍ରିୟବ୍ରତ ପାତ୍ର | ୨୦୬ |
| ହେ ପ୍ରାଣ ପ୍ରିୟ ମୋର | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୨୧୨ |
| ମା ବସୁଧା | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୧୪ |
| ହଁ, ମୁଁ ବର୍ଷାକୁ ଭଲପାଏ | ସଞ୍ଜୟ କୁମାର ନାଏକ(ସଞ୍ଜୁ) | ୨୧୫ |
| ମାଆ | ଜନ୍ମଜୟ ନାୟକ | ୨୧୭ |
| ନାଟକ - ହଜି ଯାଇଥିବା ଈଶ୍ୱର | ଡକ୍ଟର କିଶୋର ମହାନ୍ତି | ୨୧୮ |
| ସ୍ୱପ୍ନର ନାୟିକା | ରୁକ୍ମିନ୍ ସାହୁ(ରାକ୍ଷୀ) | ୨୨୫ |
| ଏକା | ଶଶୀକାନ୍ତ ମେହେର | ୨୨୬ |
| ପ୍ରତିଜ୍ଞା | ନିଲେଶ କୁମାର ଭୋଇ | ୨୨୮ |
| ଉମରକୋଟର ଅଧିଷ୍ଠାତ୍ରୀ ଦେବୀ "ମାଆ ପେଣ୍ଡ୍ରାଣୀ" | ପ୍ରତାପ ଚନ୍ଦ୍ର ସାହୁ | ୨୨୯ |
| ହଜିନି ମୁଁ | ଡ଼ଃ.ମଧୁମିତା ଷଡଙ୍ଗୀ | ୨୩୨ |
| ସମୟ | ଲିଲ୍‌ଟେନ୍ଦୁ ବାରିକ | ୨୩୪ |
| କରୋନା ତୁ ଏ କଣ କଲୁ | ସଂଯୁକ୍ତା ମେହେର | ୨୩୫ |
| ଆମ ସାହିତ୍ୟ | ସିଦ୍ଧେଶ୍ୱର ତ୍ରିପାଠୀ | ୨୩୬ |
| ରାମ ରାଜ୍ୟ ରେ କୃଷକ | ଅଜିତ ପାଢ଼ି | ୨୩୮ |

| | | |
|---|---|---|
| କହରେ କାଳିଆ | ସଂଯୁକ୍ତା ସାହୁ | ୨୪୦ |
| ରକ୍ଷୀପୁନେଇଁ | ସୌଭାଗ୍ୟବତୀ ଗିରି | ୨୪୧ |
| ଛୋଟ ମୋର ନାଆଟି | ପ୍ରଫେସର ଅନିତା ପଣ୍ଡା | ୨୪୨ |
| ସ୍ୱାଧୀନତା ଦିବସ | ଅମରନାଥ ବାରିକ | ୨୫୪ |
| ପ୍ରାର୍ଥନା | ମନୋରଞ୍ଜନ ସୁରୁଜାଲ | ୨୫୬ |
| ବୃଦ୍ଧାଶ୍ରମର ବାର୍ଦ୍ଧକ୍ୟ | ମୟଙ୍କ | ୨୫୭ |
| ଅଚହ୍ନା ବନ୍ଧନ | ଜୟଲକ୍ଷ୍ମୀ ସେଠୀ | ୨୫୮ |
| ତ୍ରିଭୁବନ ମୁରାରୀ | ଧନଞ୍ଜୟ ସ୍ୱାଇଁ | ୨୬୧ |
| ଜୀବନ | ବବୁଲି ତ୍ରିପାଠୀ | ୨୬୩ |
| ସହଦେବ ଗୁରୁଜୀଙ୍କ ସ୍ମୃତିରେ | ଯୁବରାଜ କୁଦେଇ | ୨୬୫ |
| ଭାଗ | ଆନନ୍ଦ କୁମାର ମାଇତି | ୨୬୯ |
| ମା କାଳୀ | ମଙ୍ଗୁଲୁ ଗୌଡ | ୨୭୧ |
| ଅପେକ୍ଷାରତ | ସସ୍ମିତା ପଟ୍ଟନାୟକ | ୨୭୨ |
| ଅକୁହା କଥା | ଶିଶିର କୁମାର ପଣ୍ଡା | ୨୭୫ |
| ଜୀବନ ନାଟକ | ଟୁକୁନା ସାହୁ | ୨୭୬ |
| ନାରୀ | ରଶ୍ମିରେଖା ମଲିକ | ୨୭୭ |
| ନିଃସ୍ୱାର୍ଥ ଅପେକ୍ଷାର ଅନ୍ୟନାମ ପ୍ରେମ | ଶିତିକଣ୍ଠ ଗାଇଗାରିଆ | ୨୭୮ |
| ବେସାହାରା | ରାମ ଚନ୍ଦ୍ର ପ୍ରଧାନ | ୨୭୯ |
| ମନପକ୍ଷୀ | ଗୀତା ରୋହିଦାସ | ୨୮୦ |
| ସଂପର୍କ | ଦୁଷ୍ମନ୍ତ ବେହେରା | ୨୮୧ |
| ଅଛିଣ୍ଡା ଗଣିତ | ଶିବରାମ ଦଳେଇ | ୨୮୪ |
| ମୋ ବୋଉ | ସଙ୍ଗୀତା ମହାନ୍ତି | ୨୮୬ |
| ମାପକାଠିରେ ବିଷୟବସ୍ତୁ | ହାଇଦ୍ରାବାଦ | ୨୮୭ |
| ମୋ ସୁନା କାଳିଆ | ଦିନେଶ ମେହେର | ୨୮୮ |

| | | |
|---|---|---|
| ପତ୍ନୀ ହେବ ଏମିତି | ନୂତନ କୁମାର ବେହେରା | ୨୯୦ |
| ଆଶା | ସନ୍ତୋଷ ସାହୁ | ୨୯୧ |
| ସୋମରସ | ଶାନ୍ତନୁ କୁମାର ରାଉତ | ୨୯୩ |
| ଗଳ୍ପ ରେ ଅଳ୍ପ | ଦେବେନ୍ଦ୍ରନାଥ ବଳ | ୨୯୫ |
| ମୋ ପିଲ୍‌ଦିନ | ସନାତନ ଦାସ | ୨୯୭ |
| ତୁ ଗଲ୍‌ପରେ ମୋ ଅବସ୍ଥା | ମେନନ୍ ସାହୁ | ୨୯୮ |
| ବ୍ଲାକସ୍ୱାଇନ | ରୁଦ୍ର ନାରାୟଣ ଦାଶ | ୩୦୦ |
| ମହାବାହୁଙ୍କୁ ଅଳି | ରାଜେନ୍ଦ୍ର ଶତପଥୀ | ୩୦୩ |
| ବାର୍ତ୍ତାଲ୍‌ପ | ଜ୍ୟୋତି ପ୍ରଧାନ | ୩୦୫ |
| ଭଙ୍ଗା ହୃଦୟ | ଯଶୋବନ୍ତ ନାୟକ | ୩୦୭ |
| ସୁବର୍ଣ୍ଣ ସୁଯୋଗ | ସମିର କୁମାର ନାୟକ | ୩୦୮ |
| ବାଟଭୁଲ୍ ପକ୍ଷୀଟେ ମୁଁ ଦେଇଛ ନୀଡ଼ | ତାରାପ୍ରସାଦ ଜେନା | ୩୧୦ |
| ଏବେ କହୁଛ... ଆମ ଗାଁ ଭ୍ଳରି ବଢିଆ | ଦିଲ୍ଲୀପ କୁମାର ସ୍ୱାଇଁ | ୩୧୧ |
| ପ୍ରକୃତି ମୃତ୍ୟୁର ତାଣ୍ଡବ | ବିଶ୍ୱ ରଞ୍ଜନ ମହାନ୍ତି | ୩୧୩ |
| ଶୂନ୍ୟରୁ ଆରମ୍ଭ | ବିଶ୍ୱଜିତ ରଥ | ୩୧୬ |
| ମୋ ଗାଆଁ ମାଟି | କୁମର ଲାଲ ରଣା | ୩୧୭ |
| ସ୍ୱାର୍ଥ ହିଁ ନଜର | ମହେଶ୍ୱର ସାହୁ | ୩୧୮ |
| ଶ୍ରୀ ଜଗନ୍ନାଥ ଭକ୍ତି ରସାମୃତ | ପ୍ରଦୀପ କୁମାର ଜିଲିକାର | ୩୧୯ |
| ଭୟ ବଢ଼ାଉଛି କୋରୋନା ଭାଇରସ | ସମ୍ବିତ ଦାଶ | ୩୨୧ |
| ମହାଯାତ୍ରା ବେଳ | ରାକେଶ ରତନ ପ୍ରଧାନ | ୩୨୪ |
| ଅଜବ ଏଇ ପ୍ରେମ ନଶା | ସ୍ୱାଗତ ମିଶ୍ର | ୩୨୬ |
| ବାସ୍ତବ ସୁଖ କଣ? | ଜିତେନ୍ଦ୍ର ସାହୁ | ୩୨୮ |
| ଚରଣ ଧୂଳି | ଅଜୟ କୁମାର ବେହେରା | ୩୩୦ |

| | | |
|---|---|---|
| ଅବିଶ୍ୱାସ | ବୈଷ୍ଣବ ମେହେର | ୩୩୨ |
| ସୌଦାଗର | ସତ୍ୟରଞ୍ଜନ ଘିଓ୍ୱାଲ୍ | ୩୩୩ |
| ମହାଭ୍ରତ କଥା | ନରେନ୍ଦ୍ର ପ୍ରସାଦ ବେହେର୍ | ୩୩୪ |
| ଫ୍ରି ଫାୟାର ଖେଳ | ସରୋଜ କୁମାର ଜେନା | ୩୩୭ |
| କୋରନା ପାଇଁ ମୋ କଲମରୁ ପଦେ | ବିଷ୍ଣୁପ୍ରିୟା ଦାସ | ୩୩୯ |
| ମନେପଡେ | ଶୁଭଶ୍ରୀ ନାୟକ | ୩୪୦ |
| ମୁହୂର୍ତ୍ତ ଗଣନାର ଚକ୍ରବ୍ୟୂହ | ବାଲ୍ମୀକ ନାୟକ | ୩୪୧ |
| ଚରନଦ୍ରା | ରଞ୍ଜନ କୁମାର ଖଣ୍ଡା | ୩୪୬ |
| ବାପା ତୁମେ ଗଲ୍ ପରେ | ରମେଶ ଚନ୍ଦ୍ର ବେହେର୍ | ୩୪୭ |
| ମଧୁସ୍ମିତା ତୁମ ସ୍ମୃତିରେ | ଶୀବାଜି ବାହିନୀପତି(ରାଜା) | ୩୪୮ |
| ଫଟୋ | ସବ୍ୟସାଚୀ ସାମନ୍ତରା | ୩୪୯ |

## ଆଞ୍ଚଳିକ

| | | |
|---|---|---|
| ବରଷା ରାନୀ | ଶେଷଦେବ ପଣ୍ଡା | ୩୫୧ |
| ମୁନୁଷ୍ ଜୀବନ୍ | ଅମିତ୍ ଭୁଏ | ୩୫୨ |
| ଆଞ୍ଚଳିକ ଗଳ୍ପ- "ଗୁନ୍" | ସନ୍ତୋଷ କୁମାର ଅଦାବର | ୩୬୩ |
| ଚଷା ଲକ୍ଷେ ପୁଷା | ଶ୍ୟାମ ସୁନ୍ଦର କୁମ୍ଭାର | ୩୫୫ |
| ଇଟାଭାଟି | ବାଙ୍କାବିହାରି ମହାକୁର | ୩୫୬ |
| ଝୁମ୍'ର ଢଂଗ୍'ଲ ଅଧ୍'ରାତି | ମନୋଜ ମହାନଂଦ | ୩୫୮ |
| ଆମର୍ ପୂର୍ଖା କଥା | ପ୍ରମୋଦ କୁମାର ସାହୁ | ୩୫୯ |
| ଜଙ୍ଗ୍'ଲି ହାତୀ ଗଲେନ ମାତୀ | ଆନନ୍ଦ ସାହୁ | ୩୬୧ |
| କବିତା | ସତ୍ୟନାରାୟଣ ମିଶ୍ର | ୩୬୨ |
| ହେଲମେଟ | ଗୁପ୍ତେଶ୍ୱର ନନ୍ଦ | ୩୬୩ |
| ଝୁମ୍'ର ଢଂଗ୍'ଲ ଅଧ୍'ରାତି | ମନୋଜ ମହାନଂଦ | ୩୬୪ |

# ଶିଶୁ ବିଭାଗ


| | | |
|---|---|---|
| ଅଁଳା ଗଛର ପୂଜା | ଡ଼ଃ ରଞ୍ଜିତ କୁମାର ସାହୁ | ୩୬୬ |
| ଗୁଣ୍ଡିଗ୍ଲ ଯାତେ | ବିଜୟ କୁମାର ଛାଟୋଇ | ୩୬୯ |
| ଇନ୍ଦ୍ରଧନୁ | ସରୋଜ କୁମାର ସାହୁ | ୩୭୧ |
| ଜାତୀୟ ପତାକା | ଅମୂଲ୍ୟ କୁମାର ପଣ୍ଡା | ୩୭୨ |
| ଭାରତ ମାତାର ଜୟ | ମୀନାକ୍ଷି ପାଢୀ | ୩୭୩ |
| ପ୍ରକୃତି ପଥ ଓ ଟୁନ | ନୀଳମାଧବ ସାହୁ | ୩୭୪ |
| ଚନ୍ଦ୍ର | ରିୟାନ୍ସ ପଣ୍ଡା | ୩୭୮ |
| କଳା ଠାକୁର | ପ୍ରତୀକ୍ଷା ଶତପଥୀ | ୩୭୯ |
| ଚନ୍ଦ୍ର | ଅଦ୍ୱିକା ପଟ୍ଟନାୟକ | ୩୮୧ |
| ଆପଣଙ୍କ ମତାମତ | ବେଦାନ୍ତୀ ପରିବାର | ୩୮୨ |
| ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୮୪ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୮୫ |


[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

ଯୋଗାଯୋଗ

Whatsapp:+ 91 9594993733

# ଅନେକ ଭୁଲ୍



ଡକ୍ଟର ବିଜ୍ଞାନୀ ଦାସ

ଏମିତି ଅନେକ ଥର ହେଲାଣି । କଣ ପାଇଁ କେଜାଣି ସୌଦାମିନୀର ଧ୍ୟାନ ଆଜିକାଲି ଏକ ଅଦ୍ଭୁତ ରୂପ ଧାରଣ କଲାଣି । ଚାହାଟା ଗରମ କରିବାକୁ ବସେଇଥିଲା । ସିଏ ଟିକେ ନିଜ ଅଫିସ୍‌ରୁମ୍‌କୁ ଇମେଲ୍ ଦେଖିବା ପାଇଁ ଚାଲିଗଲା । ବାସ୍, ଚାହା କଥା ମନରୁ ପୁରା ଚାଲିଗଲା । କିଛି ସମୟ ପରେ ଯେତେବେଳେ ପୋଡା ଗନ୍ଧ ହେଲା, ସେତେବେଳେ ବି ସିଏ ମନେ ପକେଇ ପାରିଲାନି । ଯଦିଓ ଭାବିଲା, ଏମିତି ଗନ୍ଧ କଣ ପାଇଁ ହେଉଛି ଓ ଦେଖିବା ପାଇଁ ଅଫିସ୍ ଖୋଲି ରୋଷେଇଘରକୁ ଆସିଲା, ହେଲେ ସେତେବେଳକୁ ସସପେନ୍ ପୋଡି ପାଉଁଶ ହେବାକୁ ବସିଲାଣି । ହୁଏତ ଆଉଟିକେ ପରେ ପୁରା ନିଆଁ ଧରିଦେଇଥାନ୍ତା କି କଣ। ଆଉ ତାପରେ କଣ ହୋଇଥାନ୍ତା, ସେକଥା ଭାବିହେଉନି । ଏମିତି ଅନେକ ଛୋଟଛୋଟ ଭୁଲ୍ ତ ତାର ହୋଇଯାଉଛି । ହେଲେ ଏ ଯେଉଁ ଭୁଲ୍, ସେଥିପାଇଁ ନିଜକୁ କ୍ଷମା କରିପାରିଲାନି ସେ । ଘରଟାରେ ଅଛି । ଏବେ ତ କରୋନା ପାଇଁ ଘରୁ କାମ କରାଯାଉଛି । ତାହେଲେ ତରବର କଣ ପାଇଁ **?** ହଁ, ଅଫିସ୍ ଯିବାକୁ ପଡିଥାନ୍ତା । କୋଉ ଗୋଟିଏ ସମୟରେ ମିଟିଙ୍ଗ୍ ଥାଆନ୍ତା । କାଳେ ଟ୍ରାଫିକ୍ ଜାମ୍ ହୋଇଯିବ, ସେଥିପାଇଁ ତରତର ହୋଇ ବାହାରିବାକୁ ପଡିଥାନ୍ତା । ହେଲେ ଖାଲିଟାରେ ତାର ଏମିତି ସବୁ ଭୁଲ୍ । ନିଜ ଉପରେ ରାଗ ଆସିଲା ।

ଘରେ ତିନିଟା ଲୋକ ଅଛନ୍ତି । ଉପର ଘରେ ଆକାଶ କାମ କରୁଥିଲେ । ତାଙ୍କୁ ଏପର୍ଯ୍ୟନ୍ତ ଗନ୍ଧ ହୋଇନଥିଲା । ହେଲେ ସୌଦାମିନୀର ଯିବାଆସିବା ଶବ୍ଦରେ ବୋଧହୁଏ ତାଙ୍କର କାମରୁ ଧ୍ୟାନ ଭାଙ୍ଗିଗଲା ଓ ସିଏ ଏବେ ପୋଡା ଗନ୍ଧ ବାରିଲେ । ପଚାରିଲେ, "କଣ କିଛି ପୋଡିଦେଲୁ ନା କଣ **?**"

"ହଁ, ସେ ଗ୍ବହାଟା ଗରମ କରୁଥିଲି, ପୋଡିଗଲା ।"

"ଗ୍ବହାଟା ଗରମ କରିବାକୁ ଅବା କେତେ ସମୟ ଲାଗିଥାନ୍ତା ? ଅପେକ୍ଷା କରି ପାରିଲୁନ, କାମ କରିବାକୁ ଗ୍ଲଲିଗଲୁ । ତୋର ଏମିତି ସବୁବେଳେ ମନ ଖାଲି ଇଆଡେ ସିଆଡେ ଗ୍ଲଲିଯାଉଛି । ଏବେ ତ ଘର ପୋଡି ଦେଇଥାଆନ୍ତୁ ।"

ସେମିତି ଝିଅଟା ସନ୍ ରୁମରେ କାମ କରୁଥିଲା । ସିଏ କଛି ବି ଜାଣିପାରିନଥିଲା । ତାପରେ ସାଢେ ବାରଟା ବେଳେ ସିଏ ଯେତେବେଳେ ମଧ୍ୟାହ୍ନ ଭୋଜନ କରିବାକୁ କଚେନ୍‌କୁ ଆସିଲା, ସେତେବେଳେ ପଗ୍ବରିଲା, "କଣ କଛି ପୋଡିଦେଲ କ ?"

ମନେମନେ ଭାରି ହସିଲା ସୌଦାମିନୀ । ଘରଟାରେ ତିନତିନ ଜଣ ଲୋକ ଅଛନ୍ତି ।ଗ୍ବହାଟା କେତେବେଲୁ ପୋଡି ଏତେ ସରି ହେଲାଣି । ହେଲେ କେହି କେମିତି କଛି ଜାଣିପାରିଲେନ? ସମସ୍ତେ ନଜନଜର କାମ ଭିତରେ ଏତେଟା ଭିତରକୁ ଗ୍ଲଲିଯାଇଥିଲେ ଯେ କଛି ବି ବାରିପାରିଲେନ ।

ପ୍ରକୃତ କଥାହେଲା ସେ ଇମେଲ୍ ରେ ଏମିତି କଛି ଥିଲା ଯେଉଁଥିପାଇଁ ତାର ଏମିତି ଭୁଲ୍ ହେଲା । ଇମେଲ୍ ପଢି ତାର ମୁ ଖରାପ ହୋଇଗଲା । ଇମେଲ୍ ଆସିଥିଲା ଫର୍ଣ୍ଣିଚର୍ ଦୋକାନର ଷ୍ଟାଫ୍‌ଙ୍କଠାରୁ । ଝିଅର ଶୋଇବାଘର ପାଇଁ ଗୋଟିଏ ଫର୍ଣ୍ଣିଚର୍ ସେଟ୍ ସିଏ ଜୁଲାଇ ମାସରେ ଅର୍ଡର୍ କରିଥିଲା । ସେଇଟା ଅଗଷ୍ଟ ମାସରେ ଆସିବାର ଥିଲା । ହେଲେ ଅଗଷ୍ଟ ମାସରେ ଫର୍ଣ୍ଣିଚର୍ ଷ୍ଟୋର୍ ଖବର ଦେଲା ଯେ, ଫର୍ଣ୍ଣିଚର୍‌ର ଗୋଟିଏ ପାର୍ଟ, ଖଟର ଫ୍ରେମ୍ କାଲିଫର୍ଣ୍ଣିଆରୁ ପହଞ୍ଚିବାକୁ ଡେରି ହେଉଛି । ତେଣୁ ସେମାନେ ସେଇଟା ଡେରିରେ ଡେଲିଭରି କରିବେ । ସୌଦାମିନୀ ତାଙ୍କୁ ଫୋନ୍ ରେ କଥାହୋଇ କହିଥିଲା ଯେ ସବୁ ସେଟ୍ ଏକାସାଙ୍ଗରେ ଡେଲିଭରି କରିବେ । ଯଦି ଖଟଟା ନଥିବ, ସିଏ ଗଦି ଓ ବକ୍ସ ସ୍ପ୍ରିଙ୍ଗକୁ ନେଇ କୋଉଠି ସାଇତିବ । ହେଲେ ଏବେ ଆସି ସେପ୍ଟେମ୍ବର ମାସ ହେଲା, ସେମାନେ ଡେଲିଭରି କରିନଥିଲେ । ଆକାଶ ରାଗିକରି କହିଲେ, "ସେମାନେ କେବେ ଡେଲିଭରି କରିବେ ପଗ୍ବରେ, ନହେଲେ ଅର୍ଡର୍ କ୍ୟାନ୍‌ସଲ୍ କରିଦେ ।" ସୌଦାମିନୀ କଷ୍ଟମର୍ ସର୍‌ଭିସ୍‌କୁ ଡାକ ପଗ୍ବରିବାରୁ ସେମାନେ କହିଲେ ଡିସେମ୍ବରରେ ଖଟ ଫ୍ରେମ୍ ଆସିବ ।" ତେଣୁ, ଆକାଶଙ୍କ ସହିତ କଥାବାର୍ତ୍ତା କରି ସିଏ ଅର୍ଡର୍ କ୍ୟାନ୍‌ସଲ୍ କଲା । ହେଲେ ନଭେମ୍ବର ମାସରେ ବି ଦେଖିବା ବେଳକୁ କ୍ରେଡିଟ୍ କାର୍ଡରେ ଗ୍ବର୍ଜ କଛି କ୍ୟାନ୍‌ସଲ୍ ହେଇନ।

ସୌଦାମିନୀ ପୁଣି ଡାକକ ପଗ୍ଭରିବା ବେଳକୁ ସେମାନେ କହିଲେ, "ଏବେ ଆପଣ କ୍ୟାନ୍ସଲ୍ କଲେ, ଆପଣଙ୍କୁ ୨୦୦ ଡଲାର୍ କ୍ୟାନ୍ସଲେସନ୍ ଫି ଦେବାକୁ ପଡିବ ।"

ସେଇ ୨୦୦ ଡଲାର୍ ଫାଇନ୍ ହିଁ ସେଦିନ ସୌଦାମିନୀର ମୁଣ୍ଡ ଗରମ କରିଦେଲା । ଏବେ କଣ କଲେ ଭଲ ହେବ? ପୁଣି ଝାମେଲା ବଢିଲା । ଗୋଟିଏ ପଟେ ଆକାଶ, ଆଉ ଗୋଟିଏ ପଟେ ସେ ଫର୍ଣ୍ଣିଚର୍ ଦୋକାନ ।

ସିଏ ସେଥିପାଇଁ ଇମେଲ୍ ରେ ମଜ୍ଜିଗଲା । ପୁଣି ଫର୍ଣ୍ଣିଚର୍ ଦୋକାନର ମ୍ୟାନେଜର୍ ସହିତ କଥା ହେଲା । ସିଏ ବି ସେଇକଥା କହିଲେ । ଏମିତିରେ ସମୟ ଗ୍ଭଲିଗଲା ଓ ସିଏ ଗ୍ଭହା ବସେଇଥିବା କଥା ଭୁଲିଗଲା ।

ସୌଦାମିନୀ ବୁଝିପାରେନ ତା' ସହିତ ସବୁ ଏମିତି କାହିଁକି ଘଟେ । ସବୁ କାମରେ କଛି ନା କଛି କେଁ ଟିଏ ରହିବ । ସୌଦାମିନୀର ଭୁଲ୍ ପାଇଁ ନୁହେଁ, ବରଂ ଅନ୍ୟ ପକ୍ଷର ଭୁଲ୍ ପାଇଁ ସୌଦାମିନୀକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ । ସେ ଦୋକାନରୁ ଅନେକ ଫର୍ଣ୍ଣିଚର୍ କଣିଛି ସିଏ । କେବେ ଏମିତି ହୋଇନ । ଏବେ ସିଏ ଏମିତି ଡେରିକରିବ ତ କାହାର ସେଥିରେ ଅଟକଳ ଅଛି ?

ସେଇ ଏକା ରକମର ଫର୍ଣ୍ଣିଚର୍ ଅନ୍ୟ ସବୁ ଦୋକାନରେ ମିଳୁନଥିଲା । ଝିଅର ସେଥିରେ ମନ ଲାଗି ରହିଥିଲା । ତେଣୁ, ଝିଅ ସହିତ ପରାମର୍ଶ କରି ଶେଷରେ ସିଏ ଫର୍ଣ୍ଣିଚର୍ ଆଉ କ୍ୟାନ୍ସଲ୍ କଲାନ । ସେଥିପାଇଁ ଆକାଶଙ୍କ ଠାରୁ ଶୁଣିବାକୁ ପଡିଲା ଅନେକ କଥା । ଏବେ ସେସବୁ ଦେହସୁହା ହୋଇଗଲାଣି । ସିଏ ନଜେ ତ କେବେ କଛି ମନ ସ୍ଥିର କରି କଣିବେନ। ଯାହା ଭାବିବେ, ସେମିତି ଭାବନାରେ ହିଁ ରହିଯିବ, ପାଞ୍ଚ ବର୍ଷ ଯିବ, ସାତ ବର୍ଷ ଯିବ, ସିଏ ସେମିତି ଭାବନା ଓ ବିଗ୍ଭରବିମର୍ଷ ମଧ୍ୟରେ ରହିଯିବ । ଆଉ ଯଦି କେବେ କଛି ମନ କରି ସୌଦାମିନୀ କଣି ପକେଇଲା, ତେବେ ଗୋଟିଏ ମହାଭାରତ ପର୍ବ ଆରମ୍ଭ ହୋଇ କଛିଦିନ ପାଇଁ ଗ୍ଭଲୁ ରହିବ । ସେ ମହାଭାରତକୁ ସାମନା କରିବାକୁ ଧୈର୍ଯ୍ୟ ଦରକାର । ଏ ମଧ୍ୟରେ ସେଭଳ ଯୁଦ୍ଧ ସବୁର ସାମନା କରିବାର ମାଧ୍ୟମ ସୌଦାମିନୀ ଆବିଷ୍କାର କରିସାରିଲାଣି । ଏବେ ଆକାଶ ରାଗିଲେ ସିଏ କଛି କହେନ । କଥାକୁ କଥା ବାଜିଲେ ସିନା କଳ ହେବ । ସୁତା ମାଜିଲେ ସରୁ, କଥା ମାଜିଲେ ମୋଟ । ଏଣୁ କଥାକୁ ନ ମାଜିବା ପାଇଁ ସୌଦାମିନୀ ସେ ସ୍ଥାନରୁ ଗ୍ଭଲିଆସେ । ନଜ ଅଫିସ୍ କାମରେ ମନଦିଏ, ନହେଲେ ଗପ

ବହି ପଢେ, କି ଲେଖାଲେଖି କରେ । କିଛି ନହେଲେ ବସି ଟିଭି ଦେଖେ । ଆଜିକାଲି ତ ସବୁ ଭାରତୀୟ ସିନେମା ଓ ସିରିଏଲ୍ ଏବେ ୟୁଟିଉବ୍ ଓ ଅନ୍ୟାନ୍ୟ ଷ୍ଟ୍ରିମିଙ୍ଗ୍ ସାଇଟ୍ ରେ ଭର୍ତ୍ତି । ସେସବୁ ଏ କଳିଝଗଡାର ମୁହୂର୍ତ୍ତମାନଙ୍କୁ ସନ୍ତୁଳିତ କରି ରଖିବାରେ ଅନେକ ସାହାଯ୍ୟ କରନ୍ତି ।

ତେବେ ଫର୍ଣ୍ଣିଚର୍ ଡେଲିଭରି କରିବା ପାଇଁ ଡିସେମ୍ବର ମାସର ୮ ତାରିଖ ନିର୍ଦ୍ଧାରିତ ହେଲା । ଏବେ ସମସ୍ୟା ହେଲା କେମିତି ସେ ଝିଅର ରୁମ୍‌ରୁ ସେଠାରେ ଥିବା ଖଟ, ଡ୍ରେସର୍ ଓ ଡେସ୍କ କୁ ବାହାର କରିବାକୁ ପଡିବ ଏବଂ ରୁମ୍‌ଟିକୁ ଫର୍ଣ୍ଣିଚର୍ ଡେଲିଭରି ପାଇଁ ପ୍ରସ୍ତୁତ କରିବାକୁ ପଡିବ । ତା ପରର କଥାହେଲା ଯେ, ସେ ରୁମ୍‌ର ବେଡ୍‌ଫ୍ରେମ୍‌କୁ ଅଫିସ୍ ରୁମ୍ ରେ ପକେଇବାକୁ ପଡିବ ଓ ଅଫିସ୍‌ରୁମ୍‌ର ବେଡ୍ ଫ୍ରେମ୍‌କୁ ବେସମେଣ୍ଟ ର ରୁମ୍‌କୁ ନେବାକୁ ପଡିବ । ଏବେ ଝିଅ ରୁମ୍‌ର ଫର୍ଣ୍ଣିଚର୍ ଡେଲିଭରି ସହିତ ଆହୁରି ଅନେକ କାମ ଲାଗିଗଲା । ସେତେବେଳକୁ ଆକାଶ ଜିଦ୍ ଧରିଲେ ଯେ ସିଏ କିଛି କରିବେନି । ଅତଏବ୍ ସବୁ ଫର୍ଣ୍ଣିଚର୍ ଡେଲିଭରି ସମ୍ବନ୍ଧୀୟ ଉଠାଉଠି, ଟେକାଟେକି କାମ ସୌଦାମିନୀକୁ ଝିଅର ସହାୟତାରେ ହିଁ କରିବାକୁ ପଡିଲା ।

ତାପରେ ଆଉ ଗୋଟିଏ ଭୟ । ସେତେବେଳକୁ କରୋନା ସଂକ୍ରମଣର ସଂଖ୍ୟା ଅଧିକ । ଏବେ ଯେଉଁମାନେ ଡେଲିଭରି କରିବେ, ସେମାନଙ୍କ ଠାରୁ ନିଜକୁ କେମିତି ଦୂରତ୍ୱରେ ରଖିବ, ଘରର ଅନ୍ୟାନ୍ୟ ସମସ୍ତ ଆସବାବପତ୍ର ଠାରୁ ଦୂରତାରେ ରଖିବ, ସିଏ ବି ତାଲିକାରେ ରହିଲା ।

ଏ ଭିତରେ ଆଉ ଗୋଟିଏ ଭୁଲ୍ ହୋଇଗଲା । ଅଫିସ୍ ରୁମରେ ଇଣ୍ଟରନେଟ୍ କନେକ୍‌ସନ୍ ପାଇଁ ସବୁ ତାର ଲାଗିଥିଲା । ଏମିତି ଖଟ ଓ ବିଛଣା ସବୁ ଉଠାଉଠି କରିବା ସମୟରେ ସେ ତାରର ସଂଯୋଗ କେଉଁଠି ବିଚ୍ଛିନ୍ନ ହୋଇଗଲା । ତାପରେ ସମସ୍ତଙ୍କର ଘରୁ କାମ କରିବା ବି ବ୍ୟାହତ ହେଲା । ଏଥିରେ ଆକାଶଙ୍କ କୋପ ଆହୁରି ବଢିଲା । ତାଙ୍କ ମନକୁ ଯାହା ଆସିଲା, ସିଏ କହିଦେଇଗଲେ । ଅସୀମ ଧୈର୍ଯ୍ୟର ସହିତ ସୌଦାମିନୀ ସବୁ ଶୁଣିଲା । "ହଉ, ସରିଯାଉ ଏ ଡେଲିଭରି କାମ । ତାପରେ ଯାଇ ତାଙ୍କ କଥା ବୁଝିବି । ନହେଲେ ସେମାନଙ୍କ ଉପସ୍ଥିତିରେ ସିଏ ଯଦି କିଛି ନାଟକ କରିବସିବେ ତ, ଭଲ ଦିଶିବନି ।" ଆକାଶଙ୍କ ମସ୍ତିଷ୍କ ହିଁ ସେମିତି । ଯେତେବେଳେ ସିଏ କୋପରେ ଥାଆନ୍ତି, ସିଏ

କଣ କୁହନ୍ତି ଓ କଣ କରନ୍ତି, ସେସବୁର ବିଗ୍ଭର କରିବାର ମାନସିକତା ସିଏ ହରେଇଦିଅନ୍ତି।

ଦିନ ସାଢେ ଏଗାରଟା ବେଳକୁ ଡେଲିଭରି କରିବା ପାଇଁ ଦୁଇଜଣ ପହଞ୍ଚିଗଲେ । କଛି ଗ୍ଭରି ଜିନଷ ଝିଅର ରୁମ୍ ରେ ରହିଥିଲା । ସେସବୁକୁ ସେମାନେ ଉଠେଇ କରିଡରରେ ରଖିଲେ । ଝିଅ ରୁମ୍ ରେ ଥିବା ଖଟକୁ ସେମାନେ ସ୍କ୍ରୁ ଲଗେଇ ସବୁ ଭ୍ଗ ଖୋଲିଦେଲେ ଓ ଉଠାଇ ତଳେ ଫ୍ୟାମିଲିରୁମ୍ ରେ ରଖିଲେ । ତାପରେ ସେ ରୁମ୍ ରେ ନେଇ ଖଟ, ଗଦି, ଡ୍ରେସର୍, ମିରର୍ ଇତ୍ୟାଦି ଖଞ୍ଜି ସେଟ୍ କରିଦେଇ ଗଲେ ।

ଇଣ୍ଟରନେଟ୍ ନଥିବାରୁ ଅନେକ ଅସୁବିଧା ହେଲା । କେହି କାମ କରିପାରିଲେନ । ତାପରେ ଝିଅ ଗୋଟିଗୋଟି କରି ନୟମାବଳ ପଢିଲା ଓ ସେଇ ଅନୁଯାୟୀ ସବୁକୁ ସଂଯୋଗ କରି, ଅନ୍, ଅଫ୍ କରି ଶେଷକୁ ଇଣ୍ଟର୍ନେଟ୍ ଠିକ୍ କରିଦେଲା । ହେଲେ ଏ ସମୟରେ ସମସ୍ତେ ଘରୁ କାମ କରୁଥିବା ସମୟରେ ଇଣ୍ଟରନେଟ୍ ର ଆବଶ୍ୟକତା ଯେ କେତେ ଅଧିକ, ତାକୁ କେହିବି ଅସ୍ୱୀକାର କରିପାରିବେନ । ସେଇ ଯେଉଁ କେତେ ସମୟ ସମସ୍ତେ ହଇରାଣ ହେଲେ, ସେଥିପାଇଁ ସୌଦାମିନୀ ଅନେକ ଅନୁତପ୍ତ ହେଲା ଓ ନଜ ଉପରକୁ ଦୋଷ ନେଲା। ହେଲେ ଦେଖତ, ଆକାଶଙ୍କର କଣ ଏମିତି ବ୍ୟବହାର କରିବାର ଥିଲା ।

କୋଭିଡ୍ ପାଇଁ ସତର୍କତା ଅବଲମ୍ବନ କରିବା ଉଦ୍ଦେଶ୍ୟରେ ସେ କୋଠରି କଛିଦିନ ପାଇଁ ବ୍ୟବହାର କରାଗଲାନ । ସେ କୋଠରିର ସମସ୍ତ ଅଂଶକୁ କ୍ଲୋରେକ୍ସ ୱାଇପ୍ ରେ ପୋଛାପୋଛି କରି ତାକୁ ବିଶୋଧିତ କଲା ସୌଦାମିନୀ । ତାପରେ ସେ ଡେଲିଭରି କରିଥବା ଲୋକମାନେ ଛୁଇଁଥିବା କବାଟର ହ୍ୟାଣ୍ଡଲ୍, ସିଡିର ରେଲିଙ୍ଗ୍ ଇତ୍ୟାଦିକୁ ମଧ୍ୟ ବିଶୋଧିତ କଲା ।

ଯେଉଁ ଝିଅର କୋଠରିଟିରେ ଏମିତି ଅଦଳବଦଳ କରାଯାଉଥିଲା, ସିଏ କଛିଦିନ ପାଇଁ ଆଉ ଗୋଟିଏ କୋଠରିରେ ଶୋଇଲା ।

ଏମିତି କଛିଦିନ ଗଲା । ସମୟକ୍ରମେ ଆକାଶଙ୍କର ରାଗ ଧୀରେଧୀରେ କମିଲା । ଝିଅ ଏବେ ତା' ନଜ କୋଠରିରେ ଶୋଉଥିଲା ଓ ନଜ କୋଠରିକୁ ସଜାଇବା ପାଇଁ ଯାହା ଭାବିଲା, ସେସବୁ ତାର କ୍ରିଷ୍ଟମାସ୍ ପାଇଁ ଉପହାର ତାଲିକାରେ ରଖିଲା । ଅନ୍ୟମାନେ

ଏଣୁତେଣୁ ଉପହାର ନ କିଣି ବରଂ ସେସବୁ ଉପହାର କିଣିବେ ଯାହାକି ସିଏ ବ୍ୟବହାର କରିବ ।

ହେଲେ କ୍ରିଷ୍ଟମାସ୍ ଦିନ ଉପହାର ଖୋଲିବା ବେଳକୁ, ତାର ଅଧିକାଂଶ ଉପହାର ଦୁଇଗୁଣ, ତିନିଗୁଣ ହୋଇଯାଇଛି । "ଏମିତି କେମିତି ହେଲା ? ଆମେ ତ ସମସ୍ତେ ନିଜନିଜ ଭିତରେ କଥାବାର୍ତ୍ତା କରି ଉପହାର ଅର୍ଡର୍ କରିଥିଲେ ।" ତେବେ ବୁଝିବୁଝି ସବୁ ଆକାଶଙ୍କ ଦୋଷ। ସିଏ ଅନ୍ୟ କିଏ କଣ କିଣୁଛି, ସେଥିପ୍ରତି ଧ୍ୟାନ ନଦେଇ ସମସ୍ତଙ୍କର ତାଲିକାରୁ ଯାହା ମନକୁ ଆସିଛି, କିଣି ଦେଇଛନ୍ତି ।

ଏବେ ସମୟ ଅନୁକୂଳ ଥିଲା । ଆକାଶଙ୍କୁ ସେଇଠି ଗୋଟିଏ ଶିକ୍ଷା ଦେବାର । "ଏବେ ଏ ଭୁଲ୍ ସବୁ କିଏ କଲା ? କହିବଟି ଟିକେ ।"

ଏଇମିତି ସୁଯୋଗକୁ ଅପେକ୍ଷା କରିଥାଏ ସୌଦାମିନୀ । ଆକାଶ ବି ଅନେକ ଭୁଲ୍ କରନ୍ତି । କେବେ ଦୋକାନ ଯାଇଥିବେ ତ ୱାଲେଟ୍ ଘରେ ଛାଡି ଯାଇଥିବେ । କେବେ ସଉଦା ପାଇଁ ତାଲିକା ଛାଡି ଯାଇଥିବେ ଓ ଦୋକାନକୁ ବାରମ୍ବାର ଯିବାକୁ ପଡୁଥିବ । କେବେ ତାଙ୍କ ଆଇ.ଡି କାର୍ଡ ନେବାକୁ ଭୁଲି ଯାଇଥିବେ ଓ ସୌଦାମିନୀକୁ ଫୋନ୍ କରିବେ ଆଇ.ଡି କାର୍ଡ ନେଇ ତାଙ୍କୁ ଦେବାକୁ । ଏମିତି ଅନେକ ସବୁ ଭୁଲ୍ । ଆଉ ସେତିକିବେଳେ ସୌଦାମିନୀ ପଦେପଦେ କହି ହିସାବ କିତାବ ଠିକ୍ କରିନିଏ ।

ମନେ ପଡୁଥିଲା ସାଙ୍ଗ ସରୋଜିନୀର କଥା । ଏଇତ ସାତ, ଆଠ ବର୍ଷ ତଳେ ଆସି କହୁଥିଲା, "ଜାଣିଛୁ ସୁନି, ତୁ କେମିତି ସହୁଚୁ କେଜାଣି ? ସବୁ କାମ ନିଜେ କରୁଛୁ । ହେଲେ ଆକାଶ ବାବୁ ତୋ ଉପରେ ସବୁବେଳେ ଏମିତି ଆଧିପତ୍ୟ ଦେଖାନ୍ତି ଯେ, ମୁଁ ସହିପାରେନି । ତାଙ୍କୁ ତୁ କହିଦେଉନୁ କାହିଁକି ?"

ସେଥର ସେମିତି ଗୋଟିଏ କଥା ହେଲା । ସୌଦାମିନୀ ଓ ଆକାଶ କିଛି ସାଙ୍ଗସାଥୀଙ୍କୁ ନିମନ୍ତ୍ରଣ କରିଥିଲେ। ସରୋଜିନୀ ତିନି ଘଣ୍ଟା ଦୂରରେ ରହେ ବୋଲି ଆଗଦିନରୁ ଆସି ଘରେ ଥିଲା । ସେଦିନ ଗ୍ରାଇଣ୍ଡରରେ ବିରିବରା କରିବ ବୋଲି ପିଠୋଉ ବାଟୁବାଟୁ, ସୌଦାମିନୀର ହାତ କେମିତି ଗ୍ରାଇଣ୍ଡର୍ ଭିତରେ ପଶିଗଲା ଓ ତା ଆଙ୍ଗୁଠି ଦୁଇଟି କ୍ଷତାକ୍ତ ହୋଇଗଲା ।

ଏ ସମୟରେ ସୌଦାମିନୀକୁ ସାହାଯ୍ୟ କଣ କରିବେ, ଆକାଶ ତା' ଉପରେ ବର୍ଷିଗଲେ । "କୌଣସି କାମ ତ ଭଲମନରେ କରିବୁନ । ଏବେ ଏ ହାତ କଟିଗଲା, ଭଲ ବାହାନା । କଛି ନକରି ବସିବୁ । ଆଉ ମୁଁ ସବୁକାମ କରିବି ।"

ସେଇଟା ସରୋଜିନୀକୁ ଭଲ ଲାଗିନଥିଲା । ଆକାଶ ବି କେମିତି କେଜାଣି ସରୋଜିନୀର ଉପସ୍ଥିତିରେ ବି ନବୁଝି ନସୁଝି ଏମିତି ବ୍ୟବହାର କଲେ । ସରୋଜିନୀ ବରଂ ଫାଷ୍ଟ ଏଡ୍ ବକ୍ସ ଆଣି ଗଜ୍ ଦେଇ ରକ୍ତ ବନ୍ଦ କରିବାକୁ ଚେଷ୍ଟା କଲା ଓ ସାଙ୍ଗେସାଙ୍ଗେ ଏମରଜେନ୍ସୀକୁ ନେଇଗଲା, ହେଲେ ଆକାଶ ଏମିତି ବ୍ୟବହାର କଲେ ଯେମିତି ସୌଦାମିନୀ ମରୁ କ ବଞ୍ଚୁ ତାଙ୍କର କଛି ଯାଏନ କ ଆସେନ ।

ସୌଦାମିନୀକୁ ବି ଖରାପ ଲାଗିଲା । ହେଲେ ସିଏ କଛି କହିଲାନ ।

ଏମରଜେନ୍ସୀରେ ଅପେକ୍ଷା କରିଥିବା ସମୟରେ, ଦୁଇସାଙ୍ଗ ଗପୁଥିଲେ । ସରୋଜିନୀ ଗପୁଥିଲା, "ଜାଣିଛୁ ରାକେଶ ଏମିତି କେବେ କହିବାକୁ ସାହସ କରିପାରିବେନ । ଇଏ ତ ପୂରା ଅପବ୍ୟବହାର, ମାନେ ନିର୍ଯ୍ୟାତନା । ଆକାଶ ଏମିତି ବୋଲି ମୁଁ ଜାଣିନଥିଲି । ଆମ ଘରେ ମୁଁ ନିୟମ କରିଦେଇଛି । ମୁଁ ଯଦି ରୋଷେଇ କରିବି, ସିଏ ବାସନ ମାଜିବେ ଓ ରୋଷେଇ ଘର ସଫା କରିବେ । ଆଉ ସିଏ ଯଦି ରୋଷେଇ କରିବେ, ମୁଁ ସେସବୁ କରିବି । ନହେଲେ ଆମେ ଉଭୟ ଘର କାମ ଓ ଅଫିସ୍ କାମ କରିବୁ, ଆମର ତ ପୁଣି ଦେହ, ମନ ଅଛି । ସ୍ୱାମୀ ହିସାବରେ ସେମାନଙ୍କର କଣ କର୍ତ୍ତବ୍ୟ ନୁହେଁ ଯେ ଆମ ମାନଙ୍କ ଦେହ, ମନର ସୁସ୍ଥତା ପ୍ରତି ଧ୍ୟାନ ଦେବେ । ସେମାନେ ଯଦି ସାହାଯ୍ୟ ନ କରିବେ, ତାହେଲେ ଆଉ ଏ ସହଧର୍ମିଣୀ, ସହକର୍ମିଣୀର ଢୋଲ ପିଟିବା କଣ ଦରକାର ?"

ଗତବର୍ଷ ସରୋଜିନୀ ଦୀର୍ଘ କୋଡିଏ ବର୍ଷର ବିବାହ ବନ୍ଧନରୁ ବାହାରି ଛାଡପତ୍ର ନେଇଥିଲା। ତା' ପୁଅ, ଝିଅ ଦୁଇଜଣ ମଧ୍ୟ ତାକୁ ସମର୍ଥନ କରିଥିଲେ । ସୌଦାମିନୀକୁ କହୁଥିଲେ, "ଜାଣିଲ ମାଉସୀ, ଆମ ସାଉଥ୍ ଏସିଆନ୍ କମ୍ୟୁନିଟିରେ ଏମିତି ମାନସିକତା କାହିଁକି ରହିଛି କେଜାଣି ? ଯଦିଓ ବାବାଙ୍କୁ ଆମେ ଭଲପାଉ, ତେବେ ମା'ଙ୍କ ପ୍ରତି ତାଙ୍କ ବ୍ୟବହାର କେବେ ବି ଗ୍ରହଣୀୟ ନୁହେଁ । ବରଂ ଅଲଗା ରହିଲେ ପ୍ରତିଦିନର ଖିଟ୍‌ଖିଟ୍‌ରୁ ମୁକ୍ତି ପାଇ, ଟିକେ ଶାନ୍ତିରେ ସେମାନେ ରହିବେ ।"

ସେଇଟା ଥିଲା ସରୋଜିନୀର ବିଗ୍ଭର । ସିଏ ଏବେ ଖୁସି ଅଛି । ଯେତେବେଳେ ଯାହା ଇଚ୍ଛା ତାହା କରୁଛି ।

ହେଲେ ସୌଦାମିନୀର ବିଗ୍ଭର ଅଲଗା । ଆକାଶ କ୍ଷଣକୋପୀ ସିଏ ଜାଣିଛି । ଆଉ ସେଇଟା ବରଦାସ୍ତ କରିବା ବି ଅନେକ କଷ୍ଟକର । ତେବେ ସେ କୋପର କିଛିଟା ମୁହୂର୍ତ୍ତ ଗ୍ଭଲିଗଲେ ସିଏ ପୁଣି ସେମିତି ହସହସ, ରସିକ ମଣିଷ ହୋଇଯାଆନ୍ତି । ଏମିତି ରୋଷେଇ ସମ୍ବନ୍ଧୀୟ କିଛି କାମ ନକଲେ ବି ସିଏ ଘରର ଅନେକ କାମ କରନ୍ତି । ଦୋକାନ, ବଜାରରୁ ସଉଦାପତ୍ର ଆଣିବା ସହିତ ଅଳଆ ନେଇ ବାହାରେ ରଖିବା, ଲୁଗାପଟା ସଫା କରିବା, ଘର ଭାକ୍ୟୁମ୍ କରିବା, ଘରର ବିଲ୍ ପେମେଣ୍ଟ୍ କରିବା ଇତ୍ୟାଦି ସବୁ କାମରେ ସୌଦାମିନୀ ମୁଣ୍ଡ ପୁରାଏନି ।

ପୁରୁଷ ଓ ନାରୀ ପରସ୍ପରର ପରିପୂରକ । ସେଇ ସଂପର୍କଟା ଯଦି, ବିନା କ୍ରୋଧରେ, ରାଗରୁଷାରେ, ପରସ୍ପର ପ୍ରତି ସମ୍ମାନବୋଧ ରଖି ପାଳନ କରିହୁଅନ୍ତା, ବହୁତ ଭଲ ହୁଅନ୍ତା। ଜୀବନଟା ଏକ ଆଦର୍ଶ ଜୀବନ ହୋଇଯାଆନ୍ତା । ହେଲେ ସଂପୂର୍ଣ୍ଣତାରେ କିଏ ଜୀବନକୁ ଅନୁଭବ କରିହୁଏ ? ଏମିତ କିଛି ଫାଙ୍କା ଥିଲେ, କିଛିଟା ଅଭାବ ଥିଲେ, କିଛିଟା ବିଷାଦ ଥିଲେ, କିଛିଟା ରାଗରୁଷା ଥିଲେ, ଜୀବନ ହିଁ ଜୀବନ ଭଳି ଲାଗେ । ଯେମିତି କାନ୍ଦି ନଥିଲେ, ହସର ମୂଲ୍ୟଟା ବୁଝିହୁଏନି, ସେମିତି ଅଭାବ ନଥିଲେ, ପ୍ରାପ୍ତିର ମୂଲ୍ୟ ବି ଅବୋଧ ରହିଯାଏ ।

ସେଇଥିପାଇଁ ଆକାଶଙ୍କୁ ସୌଦାମିନୀ ସହିଯାଏ । କାରଣ ତା' ନିଜର ବି ଅନେକ ଭୁଲ୍ ରହିଥାଏ । ସିଏ ନିଜେ ବି ତ ସଂପୂର୍ଣ୍ଣ ନୁହେଁ, ଆଉ ଆକାଶଙ୍କଠାରୁ ସଂପୂର୍ଣ୍ଣତା ବା ଆଶା କରିବ କାହିଁକି ?

ସରୋଜିନୀ ଠିକ୍ କଲା କି ଭୁଲ୍ କଲା, ସେସବୁ ବିଗ୍ଭରକୁ ଆଣେନି ସୌଦାମିନୀ । ହୁଏତ ତା' ଜୀବନର ଆବଶ୍ୟକତା ଓ ସ୍ୱପ୍ନ ପାଇଁ ସିଏ ଠିକ୍ ନିର୍ଣ୍ଣୟ ନେଇଛି ।

ଆଉ ସୌଦାମିନୀ ପାଇଁ ତା' ନିଜ ଭଳି ସେ ଅନେକ ଭୁଲ୍‌ର ମଣିଷ ଆକାଶ ହିଁ ଭଲ । ଏବେ ସବୁ କ୍ରିଷ୍ଟମାସ୍‌ର ଉପହାର ଖୋଲାଖୋଲି, ଦିଆନିଆ, ଆଲିଙ୍ଗନ ଓ ଫଟୋ ଉଠାଇବାର ସମୟ ସରିଆସୁଥିଲା । ଆକାଶ କହିଲେ, "ଆଚ୍ଛା, ଯାହା ସବୁ ଡବଲ୍ ଡବଲ୍ ହୋଇଯାଇଛି, ତାକୁ ସୋଫା ସାଇଡ୍ ରେ ରଖ । ମୁଁ ସେସବୁ ନେଇ ଫେରେଇଦେବି ।"

"ଏଇମିତି ହିଁ ଆକାଶ । ସିଏ ନିଜେ କରିଥିବା ଭୁଲ୍‌ର ଦାୟିତ୍ୱ ମଧ୍ୟ ନିଅନ୍ତି ।" ସୌଦାମିନୀର ମୁହଁରେ ସ୍ମିତହାସ୍ୟ ଥିଲା ।

ରଦରଫୋର୍ଡ ୱେ, ଜେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା



# ପହଣ୍ଡି ବିଜେ

(ରାଗ - ମାଳବ)

ଡ. ଶକୁନ୍ତଳା ଗୁପ୍ତା

-----------------------------------

ଢମପଣେ ସଙ୍ଗେ ଘେନ ଭଗିନୀ ଅଗ୍ରଜେ
ଢଳ ଢଳ ନାଚଇ ଗଜ ମଠେଇ ବିଜେ ଯେ ।
ଢଂଢଂ ତାଳେ ମାଠିମୁଠି ଖେଳଇ ଛଳଆ
ଢିଲ୍‌ଢିଲି ମଧ୍ୟେ ଟାଳମଟୁଳ ଟାହିଆ ଯେ ।

ମୃଦଙ୍ଗ କରତାଳେ ନୃତଇ ପଥପାଦ
ମୁଗୁଧ ଶଙ୍ଖ ଧ୍ୱନ କମ୍ପାଇ ଘଣ୍ଟନାଦ ଯେ ।
ମଉଛବେ ଭୋଳାନାଥ ନନ୍ଦିଘୋଷ ଉପର
ମହାପୁରୁ ପହଣ୍ଡ ପହଲ୍‌ଇ ନବର ଯେ ।

କର୍ପୂର ଚନ୍ଦନ ଲେପ ରଙ୍ଗ ରଙ୍ଗାଧରେ
କରେ ମୁଗୁର୍ ମଲ୍ଲୀ ଗଜର୍ ପାଟ ପରେ ଯେ ।
କପୋଳେ କସ୍ତୁରୀଚିତା ଗଳାରେ ମୁକୁତା
କଞ୍ଜଲୋଚନରେ ଅଞ୍ଜନ-ଧାର କରତା ଯେ ।

ଦଅଣା ତୁଳସୀ ଧଣ୍ଡା ମଝି ସ୍ୱର୍ଣ୍ଣ ସୂତା
ଦୁଶଳ ଖଣ୍ଡୁଆ ଉତ୍ତରୀ ଦିଅଁ ମଣ୍ଡିତା ଯେ ।
ଦଇତା ସେବକ ତାଟ-ସଜା ମନଲୋଭା
ଦମ ଦମ କଳାମୁଖେ କୋଟି ରବିପ୍ରଭା ଯେ ।

ପରମ ଦୟାଳ ନୀଳଗିରିର ଗୋସାଇଁ
ପଥେ ଆଚଡି ରଥ କୂଟ କରୁ କମ୍ପାଇଁ ଯେ।
ପାପ ଦୂରତେ ପଳାଣ ତୋ ଶରଣେ ଯାଉ
ପତିତରେ ଦରଶନ ଦେଲୁ ମହାବାହୁ ଯେ ।

---

(ଆଚଡି - ଅଟକ
ଢିଲ୍‌ଢିଲି - ଭିଡ଼,ଲୋକଗହଳ, ଠେଲ୍‌ଠେଲି
ଦୁଶଳ - ଦୁଷ୍ପ୍ରାପ୍ୟ) ଅର୍ଥେ

ରାଉରକେଲା

# ଇଚ୍ଛା ଆଉ ଅନିଚ୍ଛା ଭିତରେ



ଭାସ୍କର ଚନ୍ଦ୍ର ଖଣ୍ଡା

ଜନ୍ମରୁ ମୃତ୍ୟୁର ସ୍ୱାଦ ପର୍ଯ୍ୟନ୍ତ
ପ୍ରଦୀପଟି ଜଳିବା ସଦୃଶ
ଶିଖାଟି ତା'ର କରିଥାଏ ସଂଗ୍ରାମ
କେତେବେଳେ ଆଡ ହୋଇ
ନିଇଁ ପଡେ
ପବନର ପ୍ରକୋପରୁ
କରିବାକୁ ନିଜକୁ ଉଦ୍ଧାର ।୧।

ସେଇ କ୍ଷଣସ୍ଥାୟୀ ସମୟ ମୁଠିରେ
ନିଜେ ଜଳି କରିଥାଏ ପ୍ରଚେଷ୍ଟା
ହେବାକୁ ସଫଳଗାମୀ
କରିଥାଏ ବିଚ୍ଛୁରିତ ତା'ର ଆଲୋକ ରଶ୍ମି
ଆହା କି ମହତ୍ ଉଦ୍ଦେଶ୍ୟ ତାହାର
ନିଇଁବାକୁ ହେଲେ ନିଇଁ ପଡେ
ଦପ୍ ଦପ୍ ହୋଇ
କେତେବେଳେ ପଡେ
କେତେବେଳେ ଉଠେ
ଜୀବନ ଯୁଦ୍ଧରେ ହାର୍ ନ ମାନିବାର ଠାଣି ।୨।

ସବୁ କଣ ଆମ ଇଛା ଅନୁଯାୟୀ ହୁଏ ?
କେବେ ନୁହଁ
ହେଉଥାନ୍ତା ଯଦି ଇଚ୍ଛା ଅନୁଯାୟୀ ସବୁ
ଫେରାଇ ଆଣିଥାନ୍ତା ଇଉରିଡାଇସ୍ କୁ
ସେଦିନ ଅରଫିୟାସ
ନଥାନ୍ତା ଇଶ୍ୱରଙ୍କ ସତ୍ତାର ଆବଶ୍ୟକତା ।୩।

ଇଛା ଆଉ ଅନଚ୍ଛାର ଘମାଘୋଟ ଲଢେଇ
ବିଚରା ମନଟା ଯାଉଛି ପେଶି ହୋଇ
କଂକର୍ତ୍ତବ୍ୟ ବିମୂଢ
ଦେଖୁଛି ସେ ମହାଭାରତ ଯୁଦ୍ଧ
ଘଟକ୍ୋଚ ପୁତ୍ର (ବାରବାରିକା) ର ହୋଇଛି ଶିର ଛେଦନ
ତା ହାତରେ କଣବା ଅଛି ?
ଯୁଦ୍ଧର ଅବସାନ ପରେ
ଅପେକ୍ଷାରତ ଦେବାକୁ ଉତ୍ତର
ଦେଖିଛି ସେ
ଘୁରୁଥିଲା ଗ୍ଯରିଆଡ଼େ ସୁଦର୍ଶନ ଚକ୍ର ।୪।

କରିବାକୁ ହେବ ସଂଗ୍ରାମ ତାକୁ
ବଂଗ୍ଯଇ ନଜକୁ
ମହତ୍ ଉଦ୍ଦେଶ୍ୟରେ
କେବଳ ମହତ୍ ଉଦ୍ଦେଶ୍ୟରେ
କରିବାକୁ ଏ ଜୀବନ ଚରିତାର୍ଥ
ଇଛା ଆଉ ଅନଚ୍ଛା ଭିତରେ ...... ।୫।

ରୋଡ୍ ନମ୍ବର ୩,
ଜଗନ୍ନାଥ ନଗର, ଭୁବନେଶ୍ୱର

# ୨୦୨୦ ରଥଯାତ୍ରା



ଶଶଧର ମହାପାତ୍ର

ଯେଉଁ ସୁପ୍ରିମକୋର୍ଟ ଅନୁମତି ପାଇଁ
ମନା କରି ଦେଇଥିଲା
ସେହି ସୁପ୍ରିମକୋର୍ଟ ଦିନକ ପୂର୍ବରୁ
କେମିତି ସମ୍ମତି ଦେଲା ?
ଏ' ସବୁ କେମିତି ହେଲା ?
ଲୀଳାମୟ ପ୍ରଭୁ ନୀଳକନ୍ଦରରେ
ବସି ଖେଳାଇଲେ ଲୀଳା
ବିଶ୍ୱ ଦେଖିଲା କାଳିଆ ଲୀଳା
ରଥଯାତ୍ରା ଯଦି ନହେବାର ଥିଲା
କାହିଁକି ଗଢିଲ ରଥ
ଭାବିଛକି ତମେ ---
ଯାହା ତୁମ ଇଛା ତୁମେ କରିଯିବ
ସହିଯିବେ ଜଗନ୍ନାଥ
ଏ' କଥା ଜାଣିଥା ସତ
ଯୁଗ ଯୁଗ ଧରି ଭାବର ସେ' ହରି
ଭକତର ସେ' ସଙ୍ଗାତ
ରଖନ୍ତି ମାନ, ମହତ
ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଥିଲା
ଭକ୍ତ ଯିବେନାହିଁ କେହି
ଐତିହାସିକ ଏହି ରଥଯାତ୍ରା
ଖୋଲି ହେଲେ କୁହାକୁହି
ଭକ୍ତଙ୍କ ଭାବନା ବୁଝି ଭାବଗ୍ରାହୀ
ନିଜେ ନିଷ୍ପତ୍ତି ନେଲେ

ସମସ୍ତଙ୍କ ଆଶା ଯେବେ ତୁଟିଗଲା
ନିଜ ପଣ ଦେଖାଇଲେ
ସେବାୟତଙ୍କର କୋଭିଡ ପରୀକ୍ଷା
କରିବାକୁ ଥିଲା ରାୟ
ରଥଯାତ୍ରାରେ ଭାଗନେଲେ ଆଉ
ନଥିବ କରୋନା ଭୟ
ସୁପ୍ରିମକୋର୍ଟଙ୍କ ସବୁ ନିୟମକୁ
ମାନିନେଲେ ସରକାର
ପୁରୀ ସହରକୁ ଲକଡାଉନ କରି
କଲେ କଡା କାରବାର
ସବୁ ଜଗନ୍ନାଥ ପ୍ରେମୀଙ୍କ ମୁଣ୍ଡର
ଲଦି ଦେଲେ ବଡ ଭାର
ଟିଭି ପରଦାରେ ଭକତ ଦେଖିଲେ
ଘୋଷଯାତ୍ରା ଘରେ ବସି
ଭକ୍ତ ଶୂନ୍ୟ ବଡଦାଣ୍ଡ ଲାଗୁଥିଲା
କେହି ନଥିଲେ ଖୁସି
ନୂଆ ଇତିହାସ ହେଲା ସୃଷ୍ଟି
ଭକ୍ତଙ୍କ ଉପରେ କରୋନା ଦେବୀଙ୍କ
ପଡିଥିଲା କୋପଦୃଷ୍ଟି
ପୋଲିସ ପ୍ରଶାସନ, ସେବାୟତ ମିଶି
ଟାଣିନେଲେ ତିନି ରଥ
ସୁରକ୍ଷା ବଳୟ ଭିତରେ ଟାଣିଲେ
ମାତ୍ର ପନ୍ଦରଶହ ଭକ୍ତ
ଗହଳ ଚହଳ ନଥିଲା ଦାଣ୍ଡର
ଭକ୍ତ ଭଗବାନ ମିଳନ ଟିଭିରେ
କଥା ହେଲା ବିପରିତ

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଅସାଧାରଣ ସୁନ୍ଦରବନ- ୧୧



ଅଶୋକ ବିଶ୍ୱାଳ

ଭାରତୀୟ ସୁନ୍ଦରବନରେ ଅନେକ ନଦୀ ପ୍ରବାହିତ ହେଉଛି । ରାଇମଙ୍ଗଳ ଆଉ ହରିଣଭଙ୍ଗା ହେଉଛି ଭାରତୀୟ ସୁନ୍ଦରବନର ପଶ୍ଚିମ ସୀମାନ୍ତ । ପୂର୍ବ ସୀମାନ୍ତରେ ମୁରିଗଙ୍ଗା ପ୍ରବାହିତ ହେଉଛି । ଭିତରେ ସପ୍ତମୁଖୀ, ଠାକୁରାଣୀ, ମାତଲା, ଗୋଆସାବା ଭଳି ବଡ଼ ନଦୀ ଅଛି । ଏସବୁ ନଦୀ ନିଜ ଭିତରେ ଅସଂଖ୍ୟ ନାଳ ଦ୍ୱାରା ଗୋଟିଏ ଆଉ ଗୋଟିଏ ସହ ସଂଯୁକ୍ତ ।

## ସୁନ୍ଦରବନର ନଦୀ

ହୁଗୁଳୀ- ଭାରତୀୟ ସୁନ୍ଦରବନର ଶେଷ ପଶ୍ଚିମ ଭାଗରେ ହୁଗୁଳୀ ନଦୀ ଅବସ୍ଥିତ ।

ମୁରିଗଙ୍ଗା- ହୁଗୁଳୀର ଏକ ଉପନଦୀ ହୁଗୁଳୀର ପଶ୍ଚିମକୁ ସାଗର ଦ୍ୱୀପର ପୂର୍ବ କୂଳରେ ପ୍ରବାହିତ ହେଉଛି । ସାଗର ଦ୍ୱୀପର ଲୁଣା ଜଙ୍ଗଲ ଟିକେ ଭିନ୍ନ ।

ସପ୍ତମୁଖୀ- ଏହି ନଦୀର ଉତ୍ପତ୍ତି ସୁଲତାନପୁରରେ । ଏହା ମୁରିଗଙ୍ଗା ସହ ପରେ ସଂଯୁକ୍ତ ହୋଇଛି ।

ଠାକୁରାନ- ଏହି ନଦୀ ଦକ୍ଷିଣ ଚବିଶ ପ୍ରଗଣାର ଜିଲ୍ଲାର ଜୟନଗରଠାରେ ଉତ୍ପତ୍ତି ହୋଇଛି। ଏହା ସପ୍ତମୁଖୀ ନଦୀ ସହ ଭିନ୍ନ ଭିନ୍ନ ସ୍ଥାନରେ ନାଳମାନଙ୍କ ଦ୍ୱାର ସଂଯୁକ୍ତ ।

ମାତଲା- ଏହିନଦୀ ବାଦ୍ୟାଧରୀ, ଖୁରତାୟା ଆଉ ରାମପୁରଖାଲର ମିଳନ ସ୍ଥଳରୁ ଆରମ୍ଭ ହୋଇଛି । ପରେ ମାତଲା ବିଦ୍ୟା ନଦୀ ସହ ମିଳଯାଇଛି ଓ ବଙ୍ଗୋପସାଗରକୁ

ବୋହିଯାଇଛି । ଏହି ନଦୀକୁ ମିଠା ପାଣିର ପ୍ରବାହ ବନ୍ଦ ହୋଇଯାଇଛି ଆଉ ଏଥିରେ ଲୁଣା ଅଂଶ ବଢିଯାଇଛି । ଏହାର ପାଣି ହୁଗୁଳୀ ଆଉ ମୁରିଗଙ୍ଗାର ପାଣିଠାରୁ ଅଧିକ ଲୁଣିଆ ।

ବିଦ୍ୟାଧରୀ- ଏହା ୧୫ଶହ ଆଉ ୧୬ଶହ ଶତାବ୍ଦୀର ଭାଗିରଥି ନଦୀର ଏକ ପ୍ରମୁଖ ଶାଖାନଦୀ ଥିଲା । ଏହା ଏବେ କେବଳ କଲିକତା ସହରର ବନ୍ୟାଜଳକୁ ତଳକୁ ବୋହିନଏ । ଏହାର ଶର୍ଯ୍ୟା ଧିରେ ପୋତି ହୋଇଯାଉଛି ।

ଗୋଆସାବା- ମାତଲା ଆଉ ହରିଣଭଙ୍ଗାନଦୀର ପାଣି ଅନେକ ନାଳଦ୍ୱାରା ମିଶି ଗୋଆସାବା ନଦୀକୁ ଉତ୍ପନ୍ନ କରିଛି । ଏହି ନଦୀ ସୁନ୍ଦରବନ ଭିତରେ ଅନେକ ନାଳଦ୍ୱାରା ଅନ୍ୟ ନଦୀମାନଙ୍କ ସହ ସଂଯୁକ୍ତ ।

ହରିଣଭଙ୍ଗା- ଏହା ଭାରତୀୟ ସୁନ୍ଦରବନର ପୂର୍ବତମ ନଦୀ । ତାପରେ ବାଙ୍ଗଲାଦେଶର ସୀମାନ୍ତ ଆରମ୍ଭ । ଏହାକୁ କେଉଁଠି କେଉଁଠି ଇଚ୍ଛାମତି ବା ରାଇମଙ୍ଗଳ ବୋଲି କୁହାଯାଏ ।

ଲୁଣା ଜଙ୍ଗଲର ଭିନ୍ନ ଭିନ୍ନ ଅଂଶରେ ଭିନ୍ନ ଭିନ୍ନ ପ୍ରାଣୀ ରହିଥାନ୍ତି । କିଛି ଭୂମିରେ ବା ଗଛ ଉପରେ ରହିପାରନ୍ତି । ଲୁଣା ଜଙ୍ଗଲର ସବା ଉପରେ ପକ୍ଷୀ, ବାଦୁଡି, ମାଙ୍କଡ ଆଉ ପୋକଜୋକ ରହିଥାନ୍ତି । ଏହି ମାଙ୍କଡମାନେ ସୁନ୍ଦରବନସାରା ଖେଳେଇ ହୋଇଯାଇଛନ୍ତି । ଗଛର ଉପର ଡାଳରେ ମହୁମାଛିମାନେ ବସା ବାନ୍ଧନ୍ତି । **Apis Dorsata** ମହୁମାଛି ସୁନ୍ଦରବନର ଫୁଲରେ ୮୦ ପ୍ରତିଶତ କ୍ଷେତ୍ରରେ ପୋଲିନେସନ କରିଥାଏ ।

ଜୁଆର ଆଉ ଭଟ୍ଟାର ମଧ୍ୟବର୍ତ୍ତୀ ଅଞ୍ଚଳରେ ଜୁପ୍ଲାଙ୍କଟନ, ନେକଟନ ଇତ୍ୟାଦି ମିଳଥାଏ । ସୁନ୍ଦରବନର ବାଘ ଏକ ଭଲ ସନ୍ତରଣକାରୀ । ଏକ ବାଘକୁ କ୍ରମାଗତଭାବେ ଦୁଇ କିଲୋମିଟର ଚଉଡା ନଦୀ ଅତିକ୍ରମ କରାଯାଇଥିବାର ଦେଖାଯାଇଅଛି ।



ସୁନ୍ଦରବନର ପାଣିରେ ଗ୍ୟାଞ୍ଜେଟିକ ଡଲଫିନ (**Platinista gangetica**) ଆଉ ଇରାବତୀ ଡଲଫିନ (**Orcella brevirostris**) ମିଳଥାନ୍ତି । ଏହିସବୁ ଡଲଫିନ ରାଇମଙ୍ଗଳ, ଗୋଆସାବା ଆଉ ମାତଲା ନଦୀର ସମୁଦ୍ରକୂଳଆ ମୁହଁରେ ମିଳଥାନ୍ତି ।

ପାଣିଗୋଧି ୨.୪ ମିଟର ଲମ୍ବା ହୋଇପାରନ୍ତି । ପ୍ରାୟ ଏକ ଛୋଟ କୁମ୍ଭୀର । ସମୁଦ୍ରକୂଳ ଅଞ୍ଚଳରେ ଅଲିଭଭ ରିଡଲେ କଇଁଛ ଅଣ୍ଡା ଦେଇଥାଏ । ଜଙ୍ଗଲରେ ଅହିରାଜ, ନାଗ, ଚିତି, ବୋଡା ଆଦି ବିଷାକ୍ତ ସାପ ମିଳଥାନ୍ତି । ଅବିଷାକ୍ତ ସାପ ମଧ୍ୟରେ ଅଜଗର, ଢମଣା, ସବୁଜ ସାପ ଇତ୍ୟାଦି ମିଳଥାଏ ।

ବର୍ଷା ସମୟରେ ପକ୍ଷୀଗହନ ବା ହିଙ୍ଗ୍ରେନୋରୀ ସୁନ୍ଦରବନର ପୂର୍ବଭାଗରେ ଗଢି ହୋଇଯାଏ। ଏହି ଅଞ୍ଚଳରେ ମିଳୁଥିବା ସାଧାରଣ ପକ୍ଷୀମାନେ ହେଲେ କାଣ୍ଠିଆ ବଗ ବା ହିରନ, ବଗ, ଡାର୍ଟର ବା ବଡ଼ ପାଣିକୁଆ, ସ୍ପୁନବିଲ୍, ପାଣିକୁଆ, ଷ୍ଟର୍କ ଇତ୍ୟାଦି । ଜଙ୍ଗଲରେ ଅନେକ ପ୍ରକାରର ମାଛରଙ୍କା ପକ୍ଷୀ, ମାଗପାଇ ରବିନ ଭଳି ଗୀତ ଗାଉଥିବା ଚଢେଇ, ଜଙ୍ଗଲ ମାଇନା ବା ସାରୀ, ବେକରେ ନାଲି ପଟିଥିବା ସବୁଜ ଶୁଆ, କପୋତ, କଜଳପାତି, ବୁଲବୁଲ ଇତ୍ୟାଦି ବହୁ ସଂଖ୍ୟାରେ ମିଳନ୍ତି ।

ସୁନ୍ଦରବନର କୂଳରେ ଏକ ହାତିଆ ଫିଡଲର କ୍ରାବ (**One armed fiddler crab**) ମିଳେ । ସେମାନେ ସଙ୍ଗୀକୁ ନିଜର ରଙ୍ଗୀନ ହାତ ଦେଖାଇଥାନ୍ତି । ଏମାନଙ୍କ ଦେହରେ ଦିନର ଘଣ୍ଟା ଯେମିତି ଅଛି । ଜୁଆର ଆଉ ଭଟ୍ଟା ହିସାବରେ ଏମାନଙ୍କର ରଙ୍ଗ ବଦଳଯାଏ । ଅନେକ ପ୍ରକାରର କଙ୍କଡା ମିଳେ ସୁନ୍ଦରବନରେ । **Scylla serrata** କଙ୍କଡାକୁ ସାଧାରଣତଃ ଲୋକେ ଖାଦ୍ୟ ହିସାବରେ ଗ୍ରହଣ କରନ୍ତି । ଅନ୍ୟ କଙ୍କଡା ଯଥା ଘୋଷ୍ଟ କ୍ରାବ (**Ghost crab**) ଏବଂ ପାତାଳ ଚିଙ୍ଗୁଡି (**Thalacina anomala**)ଏହି ପାଣିରେ ମିଳେ ।

ହର୍ଷ ସୁ କ୍ରାବ ବା କଙ୍ଗ କ୍ରାବ ଦେହରୁ ନୀଳ ରକ୍ତ ବାହାରେ । ଏହାକୁ ଲିଭିଙ୍ଗ ଫସିଲ ଭାବରେ ମାନାଯାଏ ।

ଅନେକ ପ୍ରକାରର ଶାର୍କ ଆଉ ଶାଙ୍କୁଚ ମାଛ ଏ ପାଣିରେ ମିଳନ୍ତି ।

ସୁନ୍ଦରବନରେ ମୁଖ୍ୟ ପଶୁ ହେଉଛି ବାଘ । ତା'ଛଡା ହରିଣ, ବାରହା, ମାଙ୍କଡ ଆଉ ଲୁଣା କୁମ୍ଭୀର ମଧ୍ଯ ବେଶ ସଂଖ୍ୟାରେ ଅଛନ୍ତି । ସୁନ୍ଦରବନରେ ୪୭ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୨୩୪ ପ୍ରଜାତିର ପକ୍ଷୀ, ୩୬୪ ପ୍ରଜାତିର ମାଛ, ୧୧୪ ପ୍ରଜାତିର ପୋକଜୋକ, ଆଉ ୭୧ ପ୍ରଜାତିର ସରୀସୃପ ଅଛନ୍ତି ।

ଏସ ଟି ଆର ପରିଧିରେ ହରିଣ ସବୁଠାରୁ ବଡ଼ ଆକାରର ତୃଣଭୋଜୀ ପ୍ରାଣୀ ଆଉ ଏହା ଅଧିକା ସଂଖ୍ୟାରେ ମିଳନ୍ତି । ତେଣୁ ବାଘର ଭୋଜନର ମୁଖ୍ୟ ଅଂଶ ହେଉଛି ହରିଣ । ଏ ଜଙ୍ଗଲରେ ଖାଇବାପାଇଁ ବଡ଼ ତୃଣଭୂମି ନାହିଁ । କଛି କଛି କାଦୁଆ ଚଡାରେ ଧନୀଘାସ ଆଉ **Saccharum spp.** ଘାସ ମିଳେ । ସେ ସବୁ ଘାସର ନୂଆ କଅଁଳୁଥିବା ଅଗ ହରିଣ ଖାଏ । ହରିଣ କେଉଡା ଗଛର ଫଳ ଆଉ ପତ୍ରକୁ ମଧ୍ଯ ଭଲପାଏ । ତା'ଛଡା ବାଇନ, ଗେଉଁଆ, କକଡା ଗଛର ପତ୍ର ହରିଣର ଖାଦ୍ୟର ଏକ ଏକ ଅଂଶ । ଅନେକ ସମୟରେ ହରିଣ ପଛ ଗୋଡରେ ଠିଆହୋଇ ପତ୍ର ଖାଉଥିବାର ଲକ୍ଷ୍ୟ କରାଯାଏ । ହରିଣମାନେ ଛୋଟ ବା ବଡ଼ ଦଳରେ ମିଳଥାନ୍ତି ।

କେଉଡା ଗଛର ଫଳ ଆଉ ପତ୍ର ମାଙ୍କଡମାନଙ୍କର ପ୍ରିୟ ଖାଦ୍ୟ । ସେମାନେ କଛି ପରିମାଣରେ ଅନ୍ୟ ଗଛର ପତ୍ର ମଧ୍ଯ ଖାଇଥାନ୍ତି । ମାଙ୍କଡମାନେ ଯେତେ ଖାଆନ୍ତି ତାଠାରୁ ଅଧିକ ତଳକୁ ଫିଙ୍ଗନ୍ତି । ଏମିତି ହରିଣମାନଙ୍କୁ ସହଜରେ ଖାଇବା ପାଇଁ ଡାଳ, ପତ୍ର ଆଉ ଫଳ ମିଳଯାଏ । ଏ ମାଙ୍କଡମାନେ କଣ୍ଟାଭଳ ବାହାରିଥିବା ଶ୍ୱାସମୂଳ ଭିତରେ ସହଜରେ ବଙ୍କା ଟଙ୍କା ହୋଇ ଗ୍ଲି ଯାଇପାରନ୍ତି ।

ବାରହାମାନେ ଗୋଲ୍ବନ ଗଛ ଥିବା ଅଞ୍ଚଳକୁ ବେଶି ପସନ୍ଦ କରନ୍ତି । ବାରହାମାନେ ଗୋଟାଏ ଦୁଇଟା ବା ତିନଟା ହୋଇ ମିଳନ୍ତି । ଖୋଳାଯାଇଥିବା ମଧୁର ପାଣି ପୋଖରୀକୁ ପାଣି ପିଇବାପାଇଁ ହରିଣ, ବାରହା ଆଉ ବାଘ ଆସନ୍ତି । ମାଙ୍କଡମାନେ କେଉଡା ଗଛପତ୍ରରେ ଲାଗିଥିବା କାକରପାଣି ପିଇଥାନ୍ତି । ଅବଶ୍ୟ ସବୁପ୍ରାଣୀ କଛି ଅଂଶରେ ଲୁଣାପାଣି ଆବଶ୍ୟକ ହେଲେ ପିଇ ନଅନ୍ତି ।



ପାଓଲିଙ୍କ ଆଖି ଜଙ୍ଗଲ ଉପରେ ଅଟକିଗଲା । ଗଛରେ ଗୋଲ ଗୋଲ ପତ୍ର ଆଉ ତା' ଭିତରେ ଦୁଇଟା ଜଳନ୍ତା ଆଖି ଅନେଇ ରହିଛି । ଏ ଆଖି ଲେ୍ଓପାର୍ଡ କ୍ୟାଟ ବଣ ବିଲେଇର । ବିଲେଇର ଆକାରଟି ସାଧାରଣ ବିଲେଇର ଆକାରଠୁ ପ୍ରାୟ ଦେଢ ଗୁଣରୁ ଦୁଇଗୁଣ ବଡ଼ । ଓଜନଆ ଏହି ବଣ ବିଲେଇଗୁଡିକ ବଡ଼ ଶକ୍ତିଶାଳୀ । କିନ୍ତୁ ସେମାନେ ବାଘର ସମତୁଲ୍ୟ ନୁହନ୍ତି । ବାଘର ବହୁତ ବହୁତ ବଡ଼ ଆକାରର । ଏମାନେ ତୀବ୍ର ଗତିରେ ଡେଇଁ ଶିକାରକୁ ଧରି ନଅନ୍ତି । ସେ ବଣ ବିଲେଇଟି ସେମତି ଅନେଇଥିଲା । ପାଓଲି ନଜର କ୍ୟାମେର୍‌ରେ ତା'ର ଛବି ତୋଳି ନେଉଥିଲେ ।

"ଏ ବିଲେଇଗୁଡାକୁ ଦେଖିବା କଷ୍ଟ । ତମେ ବଡ଼ ଭାଗ୍ୟବାନ ଯେ ତା'କୁ ଦେଖିନେଲ । ବାଘକୁ ଦେଖିପାରିବା, କିନ୍ତୁ ଏମତି ବିଲେଇ ଦେଖିବା ବହୁତ କଷ୍ଟ ।"- ସପନବାବୁ କହିଲେ ।

"ଏ ଜଙ୍ଗଲରେ ତାହେଲେ ବାଘ ଏକମାତ୍ର ଶିକାରୀ ନୁହେଁ?"- ପାଓଲି କହିଲେ । କଥାଟା ତାଙ୍କର ପ୍ରଶ୍ନ ଥିଲା । ବାଘ ସୁନ୍ଦରବନର ମୁଖ୍ୟ ଶିକାରୀ । କିନ୍ତୁ ସବୁ ଜଙ୍ଗଲ ଭଳି ଏ ଜଙ୍ଗଲରେ ଆଉ କିଛି ଶିକାରୀ ଅଛନ୍ତି ।

ଫିସିଙ୍ଗ କ୍ୟାଟ (**Fishing cat**), ବଣ ବିଲେଇ (**Jungle cat**), ଲିଓପାର୍ଡ କ୍ୟାଟ (**Civet cat**), ସିଭେଟ କ୍ୟାଟ (**Civet cat**) ଆଉ ଅନ୍ୟ ଶିକାରୀ ଏଠି ଅଛନ୍ତି । ସିଭେଟ କ୍ୟାଟ ଏବଂ ଲିଓପାର୍ଡ କ୍ୟାଟ କମ ସଂଖ୍ୟାରେ ମିଳନ୍ତି। ଏ ବିଲେଇ ଦେଖିବା ରତ୍ନ ମିଳିବା ସଙ୍ଗେ ସମାନ।- ସପନବାବୁ କହିଲେ ।

ପାଓଲିଙ୍କ ମୁହଁ ଖୁସିରେ ଫାଟି ଉଠିଲାଭଳି ହେଉଥିଲା । ସତରେ ତ ଏ ଜଙ୍ଗଲି ବିଲେଇଗୁଡାକୁ କେତେଜଣ ଦେଖିଛନ୍ତି? ଏଗୁଡା ସବୁବେଳେ ଲୁଚ ରହିଥାଆନ୍ତି । ଆକାର ତ ଛୋଟ । କେଉଁ କଣରେ ଲୁଚ ରହିଥିବ । ଦେଖିବା ବଡ଼ କଷ୍ଟ । ଆଗରେ ଅନେକ ଜୀବ ଦେଖାଗଲେ । କାଠଗର ପରି ପଡି ରହିଥିବା କୁମ୍ଭୀର । ବିଗ୍‌ଟ ଦୈତ୍ୟପକ୍ଷୀ, ବାରହା ହରିଣ ଏମିତି ଅନେକ । ଗଛରେ ଅନେକ ପକ୍ଷୀ ଥିଲେ । ଛୋଟ ପକ୍ଷୀଗୁଡିକ ଗଛରେ ଏପଟ ସେପଟ ଡେଉଁଥିଲେ । ସୁନ୍ଦରବନରେ ଖୋଜିଲେ ଅନେକ ଜିନଷ ମିଳଯାଏ। ଏ ବଣ ବିଲେଇ ଗ୍ଭଲାକ କରି କେତେ ପକ୍ଷୀକୁ ଡେଇଁ ଧରି ନେଉଥିବ ।

ଆଗରେ ଏକ କୁମ୍ଭୀରଟା ଦେଖିବା ଭଳଥିଲା । ତା'ର ମୋଟା ନଖ ଗୁଡିକ ବାହରି ଆସିଥିଲା । ସେ ଆଖି ବନ୍ଦ କରିଦେଇ ଏକ କାଠଗର ପରି ପଡିଥିଲା । ମୁହଁ ବନ୍ଦ କରିଦେଇଥିଲା । ଏଗୁଡାକ ବଡ଼ ବିପଦ୍‌ଜନକ ଜୀବ, ବେଶ ଜଲଦି ପାଣିରେ ପହଁରି ପାରନ୍ତି ଆଉ ପାଣିରୁ ଲମ୍ଫମାରି ଶିକାରକୁ ଧରିନଅନ୍ତି । କୁମ୍ଭୀରଟିଏ ଧିରେ ପାଣିରୁ କୂଳକୁ ଆସୁଥିଲା । ତା' ଶରୀରର ଉପର ଅଂଶ ଦେଖାଯାଉଥିଲା । ଥୋବଣି ଟିକଏ ଟେକ ହେଇଥିଲା, ନଶ୍ୱାସ ନେଇହେବ । କୁମ୍ଭୀରର ଆଖିଗୁଡିକ ଉପରକୁ ଉଠି ଆସିଥିଲା । କୁମ୍ଭୀର କୂଳରେ ପହଁଚଲା ଆଉ ଘୋସାରି ହୋଇ ଟିକଏ ଉପରକୁ ଗ୍ଭଲିଗଲା । ସେଇଠି ପଡି ଖର୍‌ ପୁଆଁଇବାକୁ ଲାଗିଲା ।

ଲୁଣା କୁମ୍ଭୀର (Crocodylus porosus) କେବଳ ସୁନ୍ଦରବନର ପାଣିରେ ମିଳେ । ଏ ପ୍ରାଣୀମାନଙ୍କର ଶରୀରର ତାପମାତ୍ରା ବାହାରର ତାପମାତ୍ରା ହିସାବରେ ପ୍ରଭ୍ବିତ ହୁଏ । ମଣିଷର ଶରୀରର ତାପମାତ୍ରା କ ଥଣ୍ଡା ବା କ ଗରମରେ ସମାନ ରହେ । କନ୍ତୁ କୁମ୍ଭୀର କ୍ଷେତ୍ରରେ ତାହା ସମ୍ଭବ ନୁହେଁ । ଶୀତଦିନରେ ଖର୍‌ ପୋଇଁବା କୁମ୍ଭୀରର ଏକ ମୁଖ୍ୟକାମ । କୁମ୍ଭୀର ଶରୀରର ତାପମାତ୍ରା ୩୦ ରୁ ୩୨ ଡିଗ୍ରୀ ସେଲସିଅସ ହେଲେ ଶରୀର ଅଙ୍ଗପ୍ରତ୍ୟଙ୍ଗ ଠିକଭ୍ବେ କାମ କରେ ।

ଲୁଣା କୁମ୍ଭୀର ହେନ୍ତାଳ ପତ୍ର ଆଉ କାଦୁଅରେ ଏକ ଛୋଟ କୁଦ ତିଆରି କରି ସେଥିରେ ଅଣ୍ଡା ଦିଏ । ମାଇ କୁମ୍ଭୀର ନଜର ବସାକୁ ରକ୍ଷା କରିବା ସମୟରେ ବହୁତ ଆକ୍ରମଣମୁଖୀ ରହେ । କେହି ଭୁଲରେ ସେ ସ୍ଥାନକୁ ଆସିଲେ କୁମ୍ଭୀର ତା'କୁ ନଷ୍ଚିତଭ୍ବେ ଆକ୍ରମଣ କରିବ । ମାଇ କୁମ୍ଭୀର ପ୍ରାୟ ୫୦ଟି ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ମାଇ କ ଅଣ୍ଡିରା ବାହାରିବ ତାହା ବସାର ତାପମାନ ଉପରେ ନର୍ଭର କରେ । ଅଣ୍ଡାରୁ ଅଣ୍ଡିରା ଛୁଆ ବସାର

ତାପମାତ୍ରା ପାଖାପାଖି ୩୧.୬ ଡିଗ୍ରୀ ସେଲସିଅସ ହେଲେ ଫୁଟନ୍ତି । ମାଇ ଛୁଆ ଫୁଟିବା ପାଇଁ ତାପମାନ ୩୧.୬ ରୁ ଟିକେ ଅଧିକ ବା ଟିକେ କମ ହେବା ଦରକାର ।

ଅଣ୍ଡିରା କୁମ୍ଭୀର ପ୍ରାୟ ୧୬ ବର୍ଷ ବୟସରଙ୍କ ପୂର୍ଣ ବୟସ୍କ ହୁଏ । ମାଇ ଛୁଆ ୧୨-୧୪ ବର୍ଷ ବୟସରଙ୍କ ପୂର୍ଣ ବୟସ୍କା ହୁଏ ।

ସୁନ୍ଦରବନର ପାଣିରେ କୁମ୍ଭୀର ସବୁଠାରୁ ବଡ଼ ଶିକାରୀ । ଏହା ସାଧାରଣତଃ ମାଛ ଖାଇଥାଏ । କେବେକେବେ ହରିଣ, ବାରହା, କଇଁଛ, ମାଙ୍କଡ ଇତ୍ୟାଦି ଖାଇଥାଏ । ବେଳେବେଳେ କୁମ୍ଭୀରମାନେ ଜନବସତି ଅଞ୍ଚଳକୁ ଆସିଯାଆନ୍ତି । ଏହି କୁମ୍ଭୀରମାନଙ୍କୁ ବାଡି ଆଉ ଜାଲ ସହାର୍ଯ୍ୟରେ କାବୁ କରି ପାଣିରେ ଛାଡି ଦିଆଯାଏ ।

ଦୂରରେ ଏକ ବଡ଼ କଇଁଛ ଦେଖାଯାଉଥିଲା । କଇଁଛଟି ମୁଣ୍ଡ ଉଠେଇ ନଜର ହାତଦ୍ୱାରା ହାଲିସ୍ ମାରିଲା ଭଳ କରୁଥିଲା । ଏହା ଦ୍ୱାରା ତା'କୁ ମୁଣ୍ଡ ଉଠେଇବାକୁ ସହଜ ହେଉଥିଲା, ଆଉ ସେ ଶରୀରର ସନ୍ତୁଳନ ରଖିପାରୁଥିଲା । ବେଳେବେଳେ ତା' ମୁଣ୍ଡଟି ଉପରକୁ ଦେଖାଯାଉଥିଲା ଆଉ ବେଳେବେଳେ ପିଠି । ବଡ଼ ଆକାରର କଇଁଚଟି କଛି ସମୟ ଏମତି ମୁଣ୍ଡ ଉଠେଇ ରହିଲା । ଟିକଏ ପରେ ପାଣିରେ ଟୁବ୍‌କନା ଡୁବିଗଲା । ପାଣିରେ କଛି ହଲଚଲ ନଥିଲା । ଟିକଏ ଗଭୀର ପାଣିରେ କଛି ଜୀବ ଉପର ତଳ ହେବାକୁ ଲାଗିଥିଲେ। ଏଗୁଡିକ ଡଲଫିନ୍ । ପାଣି ଏକଦମ୍ ଶାନ୍ତଥିଲା । ଏମତି ଶାନ୍ତ ଟିକଏ ଗଭୀର ପାଣିରେ ଡଲଫିନ୍ ଗୁଡିକ ବେଳେବେଳେ ଦେଖାଯାଆନ୍ତି । ଏମାନଙ୍କର ଉପରୁ ତଳୁ ହେବା ଲକ୍ଷଣ । ପିଠି ଦେଖାଯାଉଥିବ ପୁଣି ଡୁବ୍‌କ ମାରୁଥିବେ । ଅନେକ ସମୟ ଧରି ସପନବାବୁ ଆଉ ପାଓଲି ସେ ଡଲଫିନ୍ ମାନଙ୍କୁ ଅନେଇ ରହିଲେ । ଡଲଫିନ୍‌ମାନଙ୍କୁ ଦେଖିବା ବଡ଼ ମଜାଦାର । ଏ ବଡ଼ ମାଛଗୁଡିକ ଜୋରରେ ପହଁରିପାରନ୍ତି । ମୁଣ୍ଡ ଉପରକୁ କରି ଟିକଏ ଉପରକୁ ଉଠିଯାଇ ପୁଣି ତଳକୁ ଡୁବକ ମାରନ୍ତି । ଏମାନଙ୍କର ଅନେକ ଥର ଡୁବ୍ ମାରିବା ଦୃଶ୍ୟଟା ବଡ଼ ମନମୁଗ୍ଧକର । ପାଓଲି ଆଗଭଳ ଉଲ୍ଲସିତ ହୋଇଯାଇଥିଲେ । ତାଙ୍କୁ କ୍ୟାମେରାରେ ଫଟୋ ଉଠେଇବାକୁ ଅନେକ ବିଷୟ ମିଳଯାଉଥିଲା ।

ଆଗରେ ଏକ ଡଙ୍ଗା ଆସୁଥିଲା । ସାଧାରଣ ଦେଶୀ ଡଙ୍ଗା । ପଛରେ ଜଙ୍ଗଲଟା କେମିତି ହାଲୁକା କଳା ହେଇଯାଇଥିଲା । ଏ ଡଙ୍ଗାଟା ବି କଳା ଦେଖାଯାଉଥିଲା । ନେସି ହେଲାଭଳ କଳା ଧଳା ରଙ୍ଗ । ସବୁ ଯେମତି କଳା ଧଳା ଚଳଚ୍ଚିତ୍ରର ଛବି ଭଳ ଲାଗୁଥିଲା । ପାଣି ଶାନ୍ତ

ଟିକଏ ଲହଡି ନାହିଁ । ଆସୁଥିବା ଡଙ୍ଗାର କେତେଟା ଛାଇ ପଡିଥିଲା । ସେ ଡଙ୍ଗାରୁ ଗୁରିଟା ହାଲିସ୍ ଦିପଟେ ଲମ୍ବି ଯାଇଥିଲା, ଲୋକମାନେ ହାଲିସ ମାରି ଡଙ୍ଗାକୁ ଆଗକୁ ବୋହି ଆଣୁଥିଲେ ।

"ସୁନ୍ଦରବନରେ ସେମାନେ ବହୁତ ସମୟ କଟେଇଲେ କିନ୍ତୁ ବାଘ କାହିଁ?"- ପାଓଲି କହିଲେ ।

"ବାଘକୁ ଖୋଜିବା ବା ପାଇବା ଏତେ ସହଜ ନୁହେଁ ।"- ସପନବାବୁ କହୁଥିଲେ । ସେମାନେ ବାଘ ବିଷୟରେ ପ୍ରାୟ କଥା ହେଉଥିଲେ । ଅନେକ ତଥ୍ୟ ସଂଗ୍ରହ କରିଥିଲେ ।

"କେଉଁଠି ଅଛି ଏ ବାଘ ? ମୁଁ ତ ଦେଖି ପାରିଲିନି ।"- ପାଓଲି କହୁଥିଲେ । ପାଓଲି ଭଲକରି ଜାଣିଥିଲେ ଜଙ୍ଗଲରେ ବାଘ ଦେଖିବା କିଛି ସହଜ ନୁହେଁ । ବାଘ କେଉଁ ଚିଡିଆଖାନାର ପିଞ୍ଜରା ଭିତରେ ବସିନି ଯେ ଯେତେବେଳେ ଗୁହଁ ବାଘକୁ ସହଜରେ ଦେଖିନେବ । ଘଞ୍ଚ ଜଙ୍ଗଲରେ ବାଘ ପାଖରେ ଥିଲେ ବି ସହଜରେ ଜଣା ପଡିବନି । ଏଇ ଲୁଚିବା ଗୁଣ ଯୋଗୁ ପ୍ରକୃତି ବାଘକୁ ଏକ ମହାନ ଶିକାରୀକରି ଗଢି ତୋଳିଛି ।

କ୍ରମଶଃ -

ସେକ୍ଟର-୩, ସଲ୍ଟଲେକ, କଲିକତା

# ଅଦିନିଆ ବର୍ଷା



ଡଃ ମାଙ୍ଗଳିକା ମହାପାତ୍ର

ଅଦିନିଆ ବର୍ଷା ...
କେମିତି ଚହ୍ଲା ଚହ୍ଲା ଲାଗୁଛି
ଅତୀତର ସବୁ ସ୍ମୃତି ପରି
ତାର ପ୍ରତିଟି ବିନ୍ଦୁରେ ଅଙ୍କୁରୁଛି

ହଁ .. ଇଏ ତ ସେଇ ବର୍ଷାର ବିନ୍ଦୁ
ଯେଉଁ ବିନ୍ଦୁ ଦିନେ ଭିଜାଇଥିଲା
ମୋର ପିନ୍ଧା ଶାଢ଼ୀ କୁ ..
ଫୁଲ ତୋଳ ଗଲାବେଳେ ସକାଳୁ ସକାଳୁ
ଓଦା ସରସର ଦେହ ନେଇ
ଯାଇଥିଲି ତୁମ ବଗିଚାକୁ
ମୋ ଫୁଲ ତୋଳା ଦୃଶ୍ୟକୁ
ତୁମେ ଉପଭୋଗ କରୁଥିଲ
ଭୁଲିଯାଇ ପ୍ରାତ ଭ୍ରମଣ କୁ
ସବୁ ଭାବନାର ପୂର୍ଣ୍ଣଚ୍ଛେଦ ଟାଣି
କଁଅଳ ଖରାର ତାତି ...
ଛୁଇଁ ଯାଇଥିଲା ତୁମ ଦେହକୁ
ମୁଁ ଖାଲି ତୋଳୁଥିଲି ଫୁଲକୁ
ବର୍ଷା ଆଉ ଖରାର କରଣ
ଫାଙ୍କରୁ ଚାହୁଁଥିଲି ତୁମକୁ...
ଦୋଳାୟିତ ବୃନ୍ତଚ୍ୟୁତ

ପତ୍ରଟିଏ ପରି ...
ଅନେକ ମୌସୁମୀ ସକାଳ
ଆଣିଛି ଏ ଦେହେ
କେତେ ଯେ କମ୍ପନ
ଭିଜେଇଛି ସାରା ଦେହ ମନ
ହେଲେ ...
ଏଯାଏ ଫେରିନ
ସେ ଉଷୁମ୍ ସକାଳ

ରେଭେନସା ବିଶ୍ୱବିଦ୍ୟାଳୟ

# ପରୀବେଶ



ଡ. ପ୍ରସନ୍ନ କୁମାର ବଳ

ଗୋଲାପ ଫୁଲର ଆକର୍ଷଣ କରେ ମନକୁ କେତେ ବିଭୋର,
ଜାଣିଛକି କଏ ବୃନ୍ତ ତଳେ ପୁଣି କେତେ କଣ୍ଟାର ଆସ୍ତର ।୧।
ଜୀବନ ପଥର ପ୍ରତିଟି ସୋପାନେ ଥାଏ କେତେ ଖାଲ ଢିପ,
ଏହାକୁ ଖାତିରୀ ନକରି ତ ପୁଣି ଗଡିଗ୍ଲଲେ ଜୀବ ରଥ ।୨।
ଜୀବନସୁଡଙ୍ଗ ଅନ୍ୟ ପଟେ ଥାଏ ଆଶାର କୀରଣ ଝର,
ପାଇଥାଏ ମଜା ସେହି ଝରଟିର ଧୈର୍ଯ୍ୟ ତ ଥାଏ ଯାହାର ।୩।
ରାତି ପରେ ଦିନ ଦିନ ପରେ ରାତି ଏହି ପ୍ରକୃତି ନିୟମ,
ଋତୁ ଭି ତ ତାର ରୂପ ବଦଳାଏ ନକରକି ଅଭିମାନ ।୪।
ସୂର୍ଯ୍ୟ ଯେବେ ପୁଣି ଉଦୟ ହୁଅଇ ଚାରିଆଡେ ଆଲୋକିତ,
ଚନ୍ଦ୍ର ପୁଣି ଯେବେ ଆକାଶରେ ଆସେ କରେ ମନ ବିମୋହୀତ ।୫।
ଉଭୟଙ୍କର ତ ଉପସ୍ଥିତି କରେ ମନେ ଆଶା ସଞ୍ଚାରୀତ,
ଉଭୟଙ୍କର ତ ଆଲୋକରେ ଭରା ହୋଇଥାଏ ଆଲୋକିତ ।୬।
ହେଲେ ସେ ଆଲୋକ ମଧରେ ତ ପୁଣି ଅନେକ ତଫାତ ଥାଏ,
ଅଂଶୁଘାତ ପରି ରୋଗରେ ତ ପୁଣି ମଣିଷର ମୃତ୍ୟୁ ହୁଏ ।୭।
ହେଲେ ତାର ପୁଣି ରହିଛି ତ ପ୍ରାୟ ଅନେକ ଉପଦାୟକ,
ଭିଟାମିନ୍ ଡି ପାଇବାର ଉତ୍ସ ହୋଇଥାଏ ଇଏ ସତ୍ୟ ।୮।
ଚନ୍ଦ୍ର କିରଣର ସେପରି ତ କିଛି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ,
ସୁକୋମଳ ସେହି ଆଲୋକର ଧାରା ଅସରନ୍ତି ବହିଥାଏ ।୯।
ବୃଷ୍ଟି ବିହୁନେ ତ ଏ ସଂସାର ପ୍ରାୟ ହୋଇଯିବ ମରୁଭୂମି,
ବୃଷ୍ଟି ବହୁଳେବି ଦେଖିତ ପାରିବା ବନ୍ୟାର କବା ବିପତ୍ତି ।୧୦।

ପରିବେଶକୁ ତ ଆମ୍ଭେମାନେ ପୁଣି କରୁଛନ୍ତି କଳୁଷିତ,
ଯାହାର ପ୍ରଭାବ ଏବେ ତ ଭୋଗୁଛି ଏହି ମାନବ ସମାଜ ।୧୧ ।
ଗଛ ସବୁ କାଟି ସଫା କରିଅଛୁ ପ୍ରଗତିର ଅନ୍ତରାଳେ,
ସିମେଣ୍ଟ ବାଲିର ଅଟ୍ଟାଳିକା କରି ଗଢୁଛୁ ତ ବହୁସ୍ଥଳେ ।୧୨ ।
ପରିବେଶ ପରିବର୍ତ୍ତନ ଘଟୁଛି ଏହି ସବୁ କାରଣରୁ,
ନାନା ବିଭୀଷିକା କେତେ ପ୍ରାଣନଏ ଏ ମାନବ ସମାଜରୁ ।୧୩ ।
ଏବେ ବି ସମୟ ହାତେ ଆମ ଅଛି କରିବା ପରିବର୍ତ୍ତନ,
ତେବେ ଯାଇ ଆମ ଭବିଷ୍ୟତ ପିଢି ଲଭିବେ ଭଲ ଜୀବନ ।୧୪ ।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

# ସ୍ୱାଧୀନତା



ସନାତନ ମହାକୁଡ

ସ୍ୱାଧୀନତା ଦମ୍ଭ ଦିଏ
ପକ୍ଷୀର ଡେଣାରେ
ମାପିବାକୁ ନଭର ଦୂରତା ।

ସ୍ୱାଧୀନତା କଥା କହେ
କବି ଲେଖନୀରେ
ଯବାନଙ୍କ ବନ୍ଧୁକ ମୁନରେ
ଦେଶପ୍ରେମ ଭାତୃତ୍ୱ ମନ୍ତ୍ରରେ ।

ସ୍ୱାଧୀନତା ନୁହେଁ ଖାଲି ମୁକ୍ତି
ମଥା ଟେକ ହେଲେ ଠିଆ
ଅବା କହିଦେଲେ
କଥା କଛି ପଦ
ହୋଇ ଅତି ବାହାପିଆ ।

କେବେ କେବେ
ସ୍ୱାଧୀନତା ହଜିଯାଏ
କ୍ଷମତା ଗ୍ଧପରେ
ଦୁର୍ନୀତି ଭ୍ରଷ୍ଟାଗ୍ଧର
ନଜ ପର
ଢ଼ାଲ ଆଢୁଆଳେ ।

ବେରୁଆଁବାରୀ, ନୟାଗଡ, ଓଡିଶା
ଦୂରଭାଷ: ୯୩୩୯୬୧୦୧୬୮

# ପଜିଟିଭିଟି



ଆରତୀ ସାହୁ (ଆଶା)

ମୁଁ ବାହାରି ଯାଉଥିଲି ମୋ ପ୍ରିୟ ପିଙ୍କ ସ୍କୁଟି ଧରି । ବିତସ୍ପୃହ ହେଇ ବସିଥିଲେ ମୋ ମାଆ ବାପା । କିଛି କହିଲେ ନାହିଁ କି ପଚାରିଲେ ନାହିଁ । ସାନ ଭଉଣୀ ରୋଷେଇ ଘରେ କଣ ଗୋଟେ ଖଡ଼ର୍ ଖଡ଼ର୍ କରି ଭାଜୁଥିଲା ତଳକୁ ମୁହଁ କରି, ଯେମିତି ମନ ନାହିଁ ଭାଜିବାକୁ । ତାର ଚୁଟି ପୁଳାକ କେମିତି ଅଲଗା ମଲଗା ହେଇ ଢାଙ୍କି ଦେଇଥାଏ ତାର ତୋଫା ଗୋରା ମୁହଁକୁ । ଆଜି ସୂର୍ଯ୍ୟର ବି ସେଇ ଅବସ୍ଥା । ତାର ଉଜ୍ଜ୍ୱଳତାକୁ କଳା ବାଦଲଟିଏ ଢାଙ୍କି ରଖିଛି । ଥମ୍ ଥମ୍ ଆକାଶ ।

ବଡ଼ଭାଇ ଦାଣ୍ଡ ବାରଣ୍ଡାର ପିଣ୍ଡି ଉପରେ କାନ୍ଥକୁ ଆଉଜି ବସି ଇଆଡୁ ସିଆଡୁ କଣ ଗାରଉଥିଲେ ତାଙ୍କ ଡାଏରୀ ଫର୍ଦ୍ଦରେ । ଫୋନଟା ତାଙ୍କର ରଡ଼ି କରି ଚାଲିଥିଲା । ମୁଁ ଭାଇଙ୍କୁ ଡାକିଲି ଭି, କିନ୍ତୁ ଶୁଣିଲେ ନାହିଁ କି ମୁଁ ତାଙ୍କ ସାମନାରେ ସ୍କୁଟି କାଢ଼ିଲା ବେଳେ ଆଖି ଟେକି ଚାହିଁଲେ ନାହିଁ । ମାଆ ବୋଧେ କହି ଦେଇଥିବ ତାଙ୍କୁ ।

ମୋର ଭଲ୍ୟୁଣ୍ଟିୟର୍ ହେବା ଡିସିସନ୍, ତା ମଧ୍ୟ ଏକ କୋଭିଡ ସେଣ୍ଟରରେ, କାହାକୁ ପସନ୍ଦ ହେଲା ପରି ତ ନଥିଲା ନା ।

ମୁଁ ଚାଲିଲି ମୋର ଧୁନରେ "ଆରୋଗ୍ୟ" କୋଭିଡ କେୟର୍ ସେଣ୍ଟରକୁ । ମନ ଖୁସି ଥିଲା ଖୁବ୍ । ସେଇଠାରେ ତ ମୁଁ ବି ଚକସ୍ଥିତ ହେଉଥିଲି ।

ତିନଟା ମାସ୍କ ଲଗେଇଥିଲି । ହାତରେ ଗ୍ଲୋଭସ୍ । ଫୁଲ ସ୍ଲିଭ୍ କୁର୍ତ୍ତା ଓ ଜିନ୍ସ । ମୁଣ୍ଡକୁ ମଧ୍ୟ ଭଲ ଭାବରେ ଓଢ଼ଣୀ ଦ୍ୱାରା ଘୋଡ଼ାଇ ଦେଇଥିଲି । ଆଖିରେ ବି ବଡ଼ ଫ୍ରେମର ପାଓ୍ୱାରଲେସ୍ ଚଷମା । ମୋଟ୍ ଉପରେ ମୁଁ ସୋରିଷ ଟିକକର ବି ଜାଗା ରଖି ନଥିଲି ସେ

ବଦମାସ ପରଘର ପଶା ଭାଇରସ୍ ପାଇଁ । ଯଦିଓ ମୋତେ ଜଣାଥିଲା ଯେ କରୋନା ଉଚ୍ଛିଷ୍ଟ ମାନଙ୍କର ଆଉ ଭୟ ନାହିଁ କରୋନାକୁ । ଏଣ୍ଟିବଡି ରକ୍ଷୀ ହେଇ ବସିଥାନ୍ତି ସଜାଗ ହୋଇ । ତଥାପି କ ବିଶ୍ୱାସ ରେ ବାବା ଏ ବହୁରୂପୀ ରାକ୍ଷସ ଉପରେ । ଦରକାର କଣ ?

"ନିଜ ସୁରକ୍ଷା ନିଜ ହାତରେ ।"

ଭାରି ଗୋଟାଏ ଖୁସି ଲାଗିଲା ଗଡ଼ ଜିତିଲା ପରି, ଏଇଥିପାଇଁ ଯେ, ଛକ ମାନଙ୍କରେ ବେରିକେଡ଼ ଲଗେଇ ବସିଥିବା ମାମୁଁ ମାନେ ବି ମୋତେ ଆଡ଼ ଆଖିରେ ଅନେଇଲେ ନାହିଁ । ହଃ, ଏମାନଙ୍କ ଉତ୍ସାହରେ ବି ତ ଭଟ୍ଟା ପଡ଼ି ଆସିଲାଣି, ଥକ ଗଲେଣି ସମସ୍ତେ । କେତେ କରିବେ ଡ୍ୟୁଟି ? ପୁଣି ଏ ଭୟାବହ ବାତାବରଣରେ । ଯିଏ ଯାହାର ମୋବାଇଲ ଭିତରେ ପଶି ଯାଇଛନ୍ତି । ସତରେ ଏଇ ମୋବାଇଲ୍ ଟା ଯଦି ନଥାନ୍ତା ନା, ଜଣା ନାହିଁ ଆହୁରି କେତେ ମରଣ ମୁହଁକୁ ଯାଇଥାନ୍ତେ । ଅବଶ୍ୟ ନକାରତ୍ମକ ଭ୍ରମ ଉପୁଜିବାରେ ମଧ୍ୟ ଏହି ମୋବାଇଲର ହାତ ଅଛି । ସବୁର ପ୍ଲସ୍ ପଏଣ୍ଟ ସହିତ ମାଇନସ୍ ପଏଣ୍ଟ ବି ତ ଅଛି ।

ଶୂନ୍ୟ ସଡ଼କ, ଶୂନ୍ୟ ବଜାର, ଶୂନ୍ୟ ଛକ ସବୁ ବହୁତ ଭଲ ଲାଗୁଥିଲା । ମୁଁ ଯେମିତି ସାମ୍ରାଜ୍ଞି ଏଇ ରାଜ୍ୟର, ଆଉ ଖାସ୍ ମୋ ପାଇଁ ଶୂନ୍ୟ କରାଯାଇଛି ଏ ରାସ୍ତା ଗୁଡିକୁ । ଗଛ ପତ୍ର ପ୍ରଦୂଷଣରୁ ରକ୍ଷା ପାଇ ଶାଗୁଆ ଶାଗୁଆ ହସ ହସୁଥାନ୍ତି ଖିଲ୍ ଖିଲ୍ ହେଇ । ପତ୍ରଫୁଲ ଦୋଳାୟିତ ହେଇ ନିଜର ଖୁସି ଜାହିର କରୁଥାନ୍ତି । ମୁଁ ଖଣ୍ଡଗିରି ଦେଇ ଆସୁଥାଏ । ଖଣ୍ଡଗିରିର ମାଙ୍କଡ଼ ସବୁ ଖୁସିରେ ଖେଳ କସରତ କରୁଥାନ୍ତି ରାସ୍ତା ମଝିରେ । ଦୁଇଟା ମୟୂର ନିଜର ସପ୍ତରଙ୍ଗୀ ପୁଚ୍ଛ ମେଲାଇ ନାଚୁଥାନ୍ତି । ଆଃ, ଭିଡିଓ ଟିଏ କରିଥାନ୍ତି । ପର୍ସ ଅଣ୍ଡାଳିଲି, ଯାଃ, ଫୋନଟା ଭୁଲି ଆସିଛି ଘରେ । ଆହା ! ଏଇ "ଲକ୍ ଡାଉନ୍" ବର୍ଷରେ ଅନ୍ତତଃ ମାସେ ଖଣ୍ଡେ ନିହାତି ଲାଗିବା ଉଚତ ।

ଗୁଣଗୁଣେଇ ଉଠିଲି ମୁଁ, "ମୟୁରୀ ଗୋ ତୁମ ଆକାଶେ ମୁଁ ଦିନେ ମହ୍ଲାର ମେଘ ସାଜିଲି...."

ଶୁନଶାନ୍ ରାସ୍ତାରେ ଶୂନ୍ୟ ଆଳାପ କଲା ପରି ମୁଁ ମୁଖସ୍ଥ କରି ଚାଲିଥିଲି ମୋର ଆଗକୁ ଥିବା କାର୍ଯ୍ୟକ୍ରମ ।

ସ୍କୁଟିକୁ ଷ୍ଟାଣ୍ଡରେ ରଖି ମୁଁ ଗ୍ଲିଲି ଓ୍ୱାର୍ଡ ଆଡ଼କୁ । ମୁଁ ଯେଉଁ ଓ୍ୱାର୍ଡରେ ଥିଲି । ମୁଁ ପଶିଗଲି ସେଇ ସାତ ନମ୍ବର ଓ୍ୱାର୍ଡରେ । ଛୋଟିଆ କେବିନ ପରି ଓ୍ୱାର୍ଡ । ମୋଟ ଆଠଟା ବେଡ୍ । ଆହା ! ଏଇ ଦ୍ୱାର ପାଖ ବେଡରେ ତ ମୁଁ ଥିଲି । ମନ ଟା କଲବିଲେଇ ଉଠିଲା । ପାଖ ବେଡ୍ ସବୁରେ ଦୃଷ୍ଟି ବୁଲେଇ ଆଣିଲି । ମୋ ବେଡରେ ପଗ୍ଚଶ ବର୍ଷୀୟା ମାଉସୀ ଜଣେ ବିକଳ ହେଉଛନ୍ତି ।

ଓଃ !! ସେ ମର୍ମନ୍ତୁଦ ଅଭିଶପ୍ତ ଦିନଟା ମନେ ପକେଇବାକୁ ଇଚ୍ଛା ହେଉ ନଥିଲା । ଆଖି ଆଗରେ ସାତଟା ବେଡ୍ ଖାଲି ହେଇଗଲା । ଛଟ୍ ଛଟ୍ ହେଉଥିବା ଜୀବନ ମାନେ ମୃତ୍ୟୁ ପାଲଟିଗଲେ । ମଣିଷ ଗୁଡା ଶବ ହେଇଗଲେ ପଲକ ଭିତରେ, ମନୋବଳ ଓ ଶୁଶ୍ରୁଷା ଅଭାବରୁ ।

ସେଇଥିପାଇଁ ତ ମୁଁ ଆସିଛି ଭଲ୍ୟୁଣ୍ଟିୟର୍ ହେଇ । ବାପା ମାଆକୁ କହିଲି । ସେମାନେ ମଉନ ରହିଥିଲେ ନିର୍ଲିପ୍ତ ଭାବେ । ମୌନଂ ସମ୍ମତି ଲକ୍ଷଣଂ । ମୁଁ ଭାବି ନେଲି ।

କେତେ ମନଥିଲା ମୋର ଡାକ୍ତର ହେବାକୁ । ଡାକ୍ତର ପାଖକୁ ଘରୁ ଯିଏ ଯାଉଥିଲା ମୁଁ ଜିଦିକରି ଯାଉଥିଲି ତାଙ୍କ ସହିତ । ଯାଇ ଅପଲକ ନୟନରେ ଅନେଇ ରହୁଥିଲି ଡାକ୍ତରଙ୍କ କାର୍ଯ୍ୟ କଳାପ । ସ୍କିପିଂ ରସିକୁ ଷ୍ଟେଥିସ୍କୋପ୍ ପରି ପକେଇ ନିଜକୁ ଡାକ୍ତର ସଜଉଥିଲି ।

କିନ୍ତୁ ଡାକ୍ତର ହେବାକୁ ମୌଳିକ ଭେଜାଟା ତ ନଥିଲା ନା । ବିଜ୍ଞାନ ଗଣିତ ମୁଣ୍ଡରେ ଢୁକୁ ନଥିଲା । ସେ ଡି ଏନ ଏ, ଆର୍ ଏନ୍ ଏ, ଅର୍ଗାନିକ କେମିଷ୍ଟ୍ରି, ହାଇଡ୍ରୋ କାର୍ବନ୍ ମୋତେ ଭାରି ଡରଉ ଥିଲେ । ଅଙ୍କ କଷିଲା ବେଳେ ତ ମୋର ଆଖିରୁ ଜୁଳୁଜୁଳିଆ ପୋକ ବାହାରି ଆସୁଥିଲେ । ଅବଶ୍ୟ ପ୍ଲସ୍ ଟୁ ରେ ଗଣିତକୁ ବିଦାୟ ଦେଇଥିଲି ମୋ ବହି ଥାକରୁ । କିନ୍ତୁ ଫିଜିକ୍ସ କେମିଷ୍ଟ୍ରି ତ ଥିଲା ନା ।

ସୁତରାଂ ମୁଁ ଡାକ୍ତର ଡାକ୍ତର ଖେଳ ଖେଳ ନିଜକୁ ସାନ୍ତ୍ୱନା ଦେଲି ।

ମୋତେ ନର୍ସିଂ ବି କରିବାକୁ ମନା କର୍‌ଗଲ୍ ।

- ନର୍ସିଂ କଣ ବାହ୍ମଣ ଝିଅ କରନ୍ତି ? ମାଆ ଏକାଥରକେ ପାଟି ବନ୍ଦ କରିଦେଲା ।

ଅଗ୍ନକ ମୋ ବେଡରେ ଥିବା ମାଉସୀ ବ୍ୟତିବ୍ୟସ୍ତ ହେଇ ଖୁବ୍ ଛଟ୍ ଛଟ୍ ହେଲେ । ନଶ୍ୱାସ ପ୍ରଶ୍ୱାସ ଠିକ୍ ସେ ହେଇ ପାରୁ ନଥିବାରୁ ବେଦମ ନସାଗ୍ରଣିଆ ଅବସ୍ଥା । ତୁରନ୍ତ ମୁଁ ଯାଇ ତାଙ୍କୁ ପେଟେଇ ଶୋଇ ପକେଇଲି, ଛାତି ତଳେ ଦିଟା ତକଆ ଦେଇ ।

- ମାଉସୀ, ଯୋର୍ ନଶ୍ୱାସ ନେବାକୁ ଚେଷ୍ଟା କର ।

- ହେଉନ ଲୋ ଝିଅ ।

ବଡ଼ କଷ୍ଟରେ ସେ କହିଲେ । ନଶ୍ୱାସ ନେବାକୁ ଗଲାବେଳେ ସେ ଅତର୍ଛିଆ କାଶରେ ଧଇଁସଇଁ ହେଇ ପଡୁଥିଲେ । ମୁଁ ତାଙ୍କ ପିଠିକୁ ଆଉଁସି ଚେଷ୍ଟା ଚଲେଇଥିଲି । ମୁଁ ଗୋଟାଏ ଅଜବ ନଷ୍ପତ୍ତି ନେଉଥିଲି । ଯେମିତି ଜୀବନ ମରଣ ସବୁ ମୋରି ହାତରେ ।

"ନା, ଏଇ ଓ୍ୱାର୍ଡରେ ଭର୍ତ୍ତି କାହାରି ହେଲେ ମୃତ୍ୟୁ ହେବାକୁ ଦେବି ନାହିଁ ମୁଁ ।'

ଆଶ୍ଚର୍ଯ୍ୟ, କଛି ସମୟ ପରେ ସେ ମାଉସୀ ଆର୍‌ମରେ ନଶ୍ୱାସ ନେଉଥିଲେ ।

ମୁଁ ଓ୍ୱାର୍ଡର ଠିକ୍ ମଝାମଝି ଠିଆ ହେଇ ଭାଷଣ ଦେବା ଭଙ୍ଗୀରେ କହିଲି ।

- ସମସ୍ତେ ଶୁଣ, ତୁମେ ମାନେ ପ୍ରଥମେ ନଶ୍ଚୟ କର ଯେ ମୃତ୍ୟୁର ଭୟ ଓ ଭାବନା ମନକୁ ଆଦୌ ଆଣିବ ନାହିଁ । ଅକ୍ସିଜେନ୍ ଲେଭେଲ୍ ଯାହା ହେଲେ ବି ଭୟ କଲେ ତାହା ଆହୁରି କମିବ । ଯୋ ଡରଗୟା, ଓ୍ୱ ମରଗୟା । ତୁମେମାନେ ସବୁ ସୁସ୍ଥ ହେଇ ଘରକୁ ଫେରିବ। ମୁଁ କଥା ଦେଉଛି । ନଜ ନଜ ପରିବାରର ଲୋକଙ୍କୁ ଫୋନ କରି ପର୍ଯ୍ୟାପ୍ତ ପଇଡ଼, ଫଳମୂଳ, ଓ ଗୋଟାଏ ଲେଖାଏଁ ଥର୍ମସ ମଗେଇ ନଅ । ତାଙ୍କୁ କୁହ ଅଦା, କଞ୍ଚା ହଳଦୀ,

ଗୋଲ ମରିଚ ଓ ତୁଳସୀ ଛେଚ୍ଛ ଦିନକୁ ଦୁଇଥର ନେଇ ଆସିବେ । ହରିଡ଼ା ସେକ ତାର ଖଣ୍ଡ ଓ ଲବଙ୍ଗ ଆଣି ଦେଇଯିବେ । କାଶ ପାଇଁ ଏହା ଅମୋଘ ଔଷଧ ।

ବୁଡ଼ିଗଲ୍ ବେଳେ କୁଟା ଖିଅକୁ ବିଶ୍ୱାସ କରିବାକୁ ପଡେ । ଆଉ ସେସବୁ ହେଲ୍ ମଧ ।

ମୁଁ ନୋଟିସ କରୁଥିଲି ନର୍ସ ମାନେ ମଧ ଡରି ରହିଛନ୍ତି । କେହି ରୋଗୀ ପାଖକୁ ଯାଉ ନାହାନ୍ତି । ଖାଦ୍ୟ ଓ ଔଷଧ ଆଣି ଥୋଇ ଦେଉଛନ୍ତି । କିଏ ଖାଉଛି କି ନାହିଁ କିଘା ନାହିଁ। ତାଙ୍କ ଉପରେ ବି କାମର ଅତିରିକ୍ତ ଗ୍ଡପ । କରିଡୋର ମାନଙ୍କରେ ବି କରୋନା ରୋଗୀ ଶୋଇଲେଣି । ମୋ ମନ ଅଠା ଧରି ଯାଉଥିଲ୍ ।

'ହେ ଭଗବାନ !! ଏବେ ତ କ୍ଷାନ୍ତ ହୁଅ । ପୃଥିବୀବାସୀଙ୍କୁ ଉଦ୍ଧାର କର । ଏଡ଼େ ନିଦାରୁଣ ହୁଅନା ପ୍ରଭୁ ।'

ଝରକା ପାଖ ରୋଗୀର ଅକ୍ସିଜେନ୍ ଲେଭେଲ୍ ତଳକୁ ଯାଉଥାଏ । ସେ ଅସମ୍ଭବ ଭାବରେ ଧଇଁସଇଁ ହେଉଥାଏ । ନର୍ସ ଆସି ଅକ୍ସିଜେନ୍ ମାସ୍କ ଲଗେଇ ଫେରି ଯାଉଥିଲେ ତରଛର ହେଇ ।

- ଆରେ, ନର୍ସ ଦିଦି, ମାସ୍କ ସହିତ ପାଇପ୍ ଯୋଡ଼ା ହେଇ ନାହିଁ ଯେ, ମରିଯିବ ଯେ ଲୋକଟା ।

ସେ ଫେରି ଗୋଟାଏ ଥଣ୍ଡା ଲୁକ୍ ଦେଲ୍ ମୋ ଉପରକୁ । ସେ ଥର୍ମମିଟର୍ ଭୁଲି ଯାଇଥିଲ୍ ସେହି ରୋଗୀର ସାଇଡ ଟେବୁଲରେ । ଯାଇ ସେଟାକୁ ନେଲ୍ ଓ ମାସ୍କ ସହିତ ଅକ୍ସିଜେନ୍ ପାଇପ୍ ସଂଯୋଗ କଲ୍ । ମୁଁ ପ୍ରକୃତିସ୍ଥ ହେଲି, ଯାହାହେଉ, ନହେଲେ ଏଇ ଟେକ୍ନିକାଲ୍ କାମ କଣ ମୋତେ ଜଣା ଅଛି ?

ମୁଁ ଲଗାତାର ରୋଗୀ ମାନଙ୍କୁ ନିର୍ଦ୍ଦେଶ ଦେଇ ଗ୍ଲିଲି । ଗରମ ପାଣି, ବାମ୍ଫ, ପ୍ରାଣାୟାମ୍, ହସ୍ତମୁଦ୍ରା, ଡିପ୍ ବ୍ରିଦିଂ ଇତ୍ୟାଦି ଇତ୍ୟାଦି । ହରିଡ଼ା ଲବଙ୍ଗ ପାଟିରେ ଜାକିବାରୁ କାଶ ପ୍ରାୟ

କାହାକୁ ଅତିଷ୍ଠ କରି ପାରୁ ନଥାଏ । ନର୍ସ ଡାକ୍ତର ତାଙ୍କ କାମ କରୁଥାନ୍ତି, ମୁଁ ରୋଗୀଙ୍କର ମନୋବଳ ବଢ଼ାଇ ଚାଲିଥାଏ ।

- ଦେଖ, ମୁଁ କାହାକୁ ହେଲେ ଭେଣ୍ଟିଲେଟର୍ ପର୍ଯ୍ୟନ୍ତ ଯିବାକୁ ଦେବି ନାହିଁ । ସମସ୍ତେ ଠିକ୍ ହେବ । ପରିବାରର ଲୋକେ ବ୍ୟତିବ୍ୟସ୍ତ ହେଉଛନ୍ତି । ଅପେକ୍ଷା କରିଛନ୍ତି । ସେମାନଙ୍କ ସହିତ ମିଶିବ । ବାହାରେ କି ସୁନ୍ଦର ଆକାଶ, କି ସୁନ୍ଦର ପୃଥିବୀ, କି ସୁନ୍ଦର ପବନ, ସବୁ ଉପଭୋଗ କରିବ । ଜିଇବ ତୁମେମାନେ, ଅବଶ୍ୟ ଜିଇବ ।

ମୁଁ ଗୀତ ଗାଉଥିଲି ତାଙ୍କ ପାଇଁ, ଭଜନ

ପ୍ରଭୁ ପାଦତଳେ, ପ୍ରଣତି ଢାଳେ .....
ତୁମରି ଆଶିଷେ ସୁନ୍ଦର ଧରା, ପ୍ରିୟ ପରିଜନ ବନ୍ଧୁରେ ଭରା ....

କି ସୁନ୍ଦର ଆହା କି ଆନନ୍ଦ ମୟ ଏହି ବିଶାଳ ସଂସାର.......

ଆଶ୍ଚର୍ଯ୍ୟ, ସେମାନେ ବି ସାଙ୍ଗରେ ଗାଉଥିଲେ, ମୋ ଉପରେ ଆଶୀର୍ବାଦ ବର୍ଷା ହେଉଥିଲା । ହାଲକା ହେଇ ଯାଉଥିଲା ଉଦାସ ଆବୋହବା ।

ତୃତୀୟ ଦିନ ପ୍ରଥମ ରୋଗୀ ଘରକୁ ଗଲା, ମୋତେ କୋଟି ପରମାୟୁର ଆଶୀର୍ବାଦ ଦେଇ । ଆନନ୍ଦାତିରେକରେ ମୋର ଉତ୍ସାହ ବଢ଼ି ଚାଲିଥିଲା । ମୁଁ ଚାହୁଁଥିଲି ଅନ୍ୟ ୱାର୍ଡ ମାନଙ୍କରେ ପଜିଟିଭିଟି ପ୍ରସାରିତ କରିବାକୁ । ଯାଉଥିଲି, ହେଲେ, କେଜାଣି କାହିଁକି ଦ୍ୱାର ପାଖରେ ଜଗିଥିବା ବୟ, ବା ନର୍ସ ମୋତେ ଗାଡ଼ରେଇ ଅନଉଥିଲେ ଓ ମୋ ମୁହଁରେ ଧଡ଼ାସ୍ କନା କବାଟ ବନ୍ଦ କରି ଦେଉଥିଲେ ।

ସେଦିନ ବି ଆସିଗଲା, ଯେବେ ଶେଷ ରୋଗୀ ସୁସ୍ଥ ହେଇ ବିଦାୟ ନେଲେ ସେ କାଳ କୋଠରୀରୁ । ସେ ହିଁ ମୋ ବେଡର ମାଉସୀ । କରୋନାର ଆକ୍ରାମକ ସ୍ୱଭାବ ଥଣ୍ଡା ପଡି ଆସିଥିଲା ବୋଧେ ବାହାରେ, ଆଉ ସେ ୱାର୍ଡରେ ନୂଆ ରୋଗୀ ନଥିଲେ । ମୁଁ ନଶ୍ଚିନ୍ତ

ହୋଇ ସେ ମାଉସୀଙ୍କ ସହିତ ବାହାରକୁ ଆସିଲି ବଳେଇ ଦେବାକୁ । ମୋର ଆନନ୍ଦର ଜୁଆରରେ ହଠାତ୍ ଭଟ୍ଟା ପଡ଼ିଗଲା । ବାପା ଓ ଭାଇ ଦୁଃଖରେ ମ୍ରିୟମାଣ ହେଇ ସେଣ୍ଟର ଭିତରକୁ ଧାଇଁ ଥାନ୍ତି । ତେବେ ଆମର କାହାର କଣ ହେଲା କ ? ମାଆ ? ଧସ୍ କନା ହେଲା କଲିଜା ଭିତରେ, ମୁଁ ଗୋଡ଼ ଉଞ୍ଚେଇ ଦେଖିଲି ମାଆ ତ ଠିଆ ହେଇଛି ବାହାରେ । ଆଖିରେ ଲୁହର ବନ୍ୟା । ତାହେଲେ, ସାନ ଭଉଣୀ ? ସେ କାହିଁ ? ହେ ଭଗବାନ ! ଦୟାକର ।

ମୁଁ ବାପା ଓ ଭାଇଙ୍କ ପଛେ ପଛେ ଧାଇଁଲି ।

ମୁଁ ସାତଦିନ ଶୋଇ ନଥିଲି । ଘରକୁ ଫୋନ୍ ବି କରିନ କ ଖବର ନେଇନ । ରୋଗୀ ମାନଙ୍କ ସେବାରେ ସବୁ ଭୁଲି ଯାଇଛି ।

ଏମାନେ କଣ ମର୍ଗ ଆଡେ ଯାଉଛନ୍ତି ? ଭୟରେ ତା ପରେ ଅନଦ୍ରା ଯୋଗୁଁ ମୋର ଦେହ ଥରୁଥିଲା । ଅକ୍ସିଜେନ୍ ଲେଭେଲ୍ କେଜାଣି ସତୁରୀ ହେଇ ଯାଇଥିବ । ଭଗବାନ୍ ! କଛି ଖରାପ ନ ଦେଖେ ମୁଁ !

ମର୍ଗ ଭିତରେ ଗୋଟାଏ କଫିନ୍ ଖୋଲି ଦିଆଗଲା । ମୁଁ ଆଖି ବୁଜି କାଳଆ ଠାକୁରଙ୍କୁ ଡାକୁଥିଲି । ମୋ ଭଉଣୀ ନଥାଉ ସେଥିରେ ।

ଆଖି ଖୋଲିଲା ବେଳକୁ ମୋ ପାଦତଳେ ଆଉ ପୃଥିବୀ ନଥିଲା । ଧୀରେ ଧୀରେ ତଳକୁ ଖସୁଥିଲା ଭୁଇଁଟା ନା ମୁଁ ଉପରକୁ ଉଠୁଥିଲି ଜଣା ନାହିଁ ।

"କଫିନ୍ ଭିତରେ ମୁଁ ଶୋଇଥିଲି"

ଏବେ ସ୍ୱପ୍ନ ପରି ମନେ ପଡୁଥିଲା । ମୋର ଅବସ୍ଥା ଅତ୍ୟଧିକ ଖରାପ ହେଇ ଯାଇ ଥିବାରୁ ମୋତେ ଭେଣ୍ଟିଲେଟର୍ ସପୋର୍ଟରେ ରଖିଥିଲେ । ତାହେଲେ, ସେ ସାତ ନମ୍ବର ଓ୍ୱାର୍ଡ ରୋଗୀମାନେ ବି ସ୍ୱପ୍ନ ନଥିଲେ ତ ?

ମୁଁ ପୁଣି ଓଲଟା ଧାଇଁଲି ।

ଆଃ, ନା ସେଇଟା ସ୍ୱପ୍ନ ନଥିଲା । ମୁଁ ଡିପ୍ କୋମାରେ ଥାଇ ରୋଗୀ ମାନଙ୍କର ସାହାଯ୍ୟ କରିଥିଲି । କେମିତି, ମୁଁ ବି ଜାଣିନ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ କଥାବାର୍ତ୍ତା କରୁଥିଲେ ଯେ ସାତ ନମ୍ବର ଓ୍ୱାର୍ଡରେ ଥିବ ଆଠଟା ଯାକ ସିରିୟସ୍ ପେସେଣ୍ଟ ଆଶ୍ଚର୍ଯ୍ୟ ଭାବେ ଭଲ ହେଇ ଯାଇଛନ୍ତି ।

ବର୍ତ୍ତମାନ କିନ୍ତୁ ମୋତେ କାନ୍ଦ ଲାଗୁଥିଲା । ମୁଁ ମୋ ମାଆକୁ କୁଣ୍ଢେଇ କାନ୍ଦିବାକୁ ଚାହୁଁଥିଲି । ମୋର ଡେଡବଡି ଷ୍ଟ୍ରେଚର୍ ଆଣୁଥିବା ବାପା ଓ ଭାଇଙ୍କ ହାତ ଧରି କ୍ଷମା ମାଗିବାକୁ ଚାହୁଁଥିଲି । ସାନ୍ତ୍ୱନା ଦେବାକୁ ଚାହୁଁଥିଲି ।

ମୁଁ ମାଆ ଆଡ଼କୁ ହାତ ବଢାଉଥିଲି । କିନ୍ତୁ ମୋ ହାତଟା ପବନରେ ମିଳେଇ ଯାଉଥିଲା । ମୋର ସମ୍ପୂର୍ଣ୍ଣ ଅସ୍ତିତ୍ୱ ଧୀରେ ଧୀରେ ମିଳେଇ ଯାଉଥିଲା ପବନରେ ।

ଅଫଶୋସ୍,

ଆଃ !! ଏ ସୁନ୍ଦର ପୃଥିବୀ,
ଏ ସୁନ୍ଦର ଆକାଶ,
ଏ ସୁନ୍ଦର ପବନ
ସବୁ ଥିଲା, ସବୁ ଅଛି, ସବୁ ରହିବ ।

କେବଳ ମୁଁ ମିଳେଇଯିବି । ଆଃ !!

ବସନ୍ତ ବିହାର, ନୂଆ ଦିଲ୍ଲୀ

# ଅତିରୁ ଇତି



ଧରିତ୍ରୀ ଦାସ

ବୈଚିତ୍ର୍ୟମୟଟି ତୁମରି ସଂସାର
ଜନଗଣେ ଅଗୋଚର
କେତେଯେ ଭଙ୍ଗିରେ  ଲୀଳା କରୁଅଛ
ଗଢି ଏକ ଖେଳଘର।
ମାୟାଧର ତୁମେ    କଏବା ବୁଝିବ
ତୁମ ମାୟା ଘୋରତର
ଲୋଭ ମୋହ ମଦ ଭରି ମଣିଷଠି
ଭ୍ରମାଉ ସାରା ସଂସାର।
ଅତି ଗର୍ବେ ଲଙ୍କା ହତ କରିଥିଲ
ଆହେ ପ୍ରଭୁ ଚକ୍ରଧର
ସୀତା ଦେବୀଙ୍କୁ କରିଲ ଉଦ୍ଧାର
ନେଇ ରାମ ଅବତାର।
ଅତି ଦାନେ ବଳ ବନ୍ଧିଥିଲ ତୁମେ
ବାମନ ଅବତାରେଣ
ଅତି ମାନେ ନାଶି କଉରବ ବଂଶ
ରଖିଲ ପାଣ୍ଡବ ଗଣ।
ଅତି ଲୋଭ କରି ଅର୍ଜିଥାନ୍ତି ପାପ
ଜଗତରେ ନରାଧମ
ବୁଝିପାରନ୍ତିନି ମାୟାକୁ ତୋହର
କରିଥାନ୍ତି ନୀଚକର୍ମ।
ଅତି କ୍ରୋଧ କାରୀ ହିରଣ୍ୟ କଶ୍ୟପ
ନଖମୁନେ ବିଦାରିତ

କରିଥିଲ ପ୍ରଭୁ     ଜଗତର ନାଥ
ନରସିଂହ ରୂପେ ଖ୍ୟାତ ।
ଅତି ଚପୁଡ଼ିଲେ ଲେମ୍ବୁ ହୁଏ ପିତା
ଏକଥା ଜାଣିଛି ଜଗତ
ସମସ୍ତ ଅତିରୁ ହୋଇଥାଏ ଇତି
ମନେ ରଖିଥିବ ମିତ ।
ଜ୍ଞାନ ଭକ୍ତି କର୍ମ ସବୁଠି ଅତିର
ପରିଶେଷେ ହୁଏ ଇତି
ଶୁଭ ବୁଦ୍ଧି ଦିଅ ଆହେ ଶିରିପତି
ଦୂରେଇ ଦିଅ ବିପତ୍ତି ।
କରୋନା ରାକ୍ଷସ ଦାଉଟି ଅସହ୍ୟ
ଅତି ନରୀମମ ଜାଣ
ଏ ଅତିର ଇତି     ହେଉ ମହାପ୍ରଭୁ
ଘେନ ମୋହର ଜଣାଣ ।
ତୁମ ଦୟା ହେଲେ ଜଗତ ଉଦ୍ଧାର
ହେବ କରୋନା ଦାଉରୁ
ଦୟାନିଧି ତୁମେ   ଦୟାର ସାଗର
ଆହେ ପ୍ରଭୁ ଏହାମେରୁ ।

ରାଉତରା ପୁର, ପହଙ୍ଗା, ଯାଜପୁର

# ମୋ ରାଉରକେଲା



କୁଞ୍ଜବିହାରୀ ରାଉତ

ମୋ ସହର କେଡେ ସୁନ୍ଦର
ଉଦିତନଗର ଠୁ ଶକ୍ତିନଗର
ପାନପୋଷ ଠୁ ଫର୍ଟିଲାଇଜର
ସେକ୍ଟର ଠୁ ହମିରପୁର
ବାସନ୍ତି କଲୋନୀ, ଛେଣ୍ଡ, ସିଭିଲ ଟାଉନସିପ
ସହ କୋଏଲ ନଗର
ସବୁଠାରେ ମହମହ ବାସ୍ନା ଭାଇଚାରାର.......
ପବିତ୍ର ସମୀରଣ ବହେ ଯହିଁ ନିରନ୍ତର
ବେଦବ୍ୟାସ ଠାରୁ ହନୁମାନ  ବାଟିକାସହ
ସେକ୍ଟର ୩  ହରିହର ଜଗନ୍ନାଥ ମନ୍ଦିର
ଚିରସ୍ରୋତା ଏଠି କୋଏଲ, ଶଙ୍ଖ ସହ ବ୍ରାହ୍ମଣୀ
ଜଳଧାର ସତେ କେଡେ ମଧୁର
ଇସ୍ପାତ କାରଖାନା ସହ ସିମେଣ୍ଟ ସ୍ପଞ୍ଜ
ତାହାସହ ପୁଣି ଅନେକ କ୍ଷୁଦ୍ର ମଧ୍ୟମ ଯନ୍ତ୍ରାନୁଷ୍ଠାନ
ଯୋଗାଇଥାଏ ସହରବାସୀଙ୍କୁ କେତେ ରୋଜଗାର......
ଶିକ୍ଷାନୁଷ୍ଠାନ ସହ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ
ଶିକ୍ଷାସହ ଭାଷାର ଉନ୍ନତି ଯହିଁ ନିରନ୍ତର
ତା'ନାମ ଅଟଇ ସ୍ମାର୍ଟସିଟି ରାଉରକେଲା ସହର
ସଂସ୍କୃତି ଭାଇଚାରା ସହ ବନ୍ଧୁତ୍ୱଗୁଣ
ସାର୍ଥକ କରିଛି ସେ ମିନିଇଣ୍ଡିଆ ନାମ

ସେ ଅଟେ ଅତି ମୋର ନଜର
ମୋ ହୃଦୟର ମନୋରମା ନବୃତ ସହର
ମୋ ରାଉରକେଲା ସହର
ସବୁଠାରୁ ଅନନ୍ୟ, ମୋ ରାଜ୍ୟ ସହ ଏ ଭାରତବର୍ଷର ॥

ଷ୍ଟିଟଲ୍‌ଇଟରେ ଧାଡିଧାଡି କାଗଜଫୁଲର ଗଛ, ଆଉ
କୃତ୍ରିମ ଜଙ୍ଗଲର ତିଳତୁଣ୍ଡଳତ ଛାଇ ତଳେ
ଏ ସହର ଗୀତ ଗାଇବାକ
ମୁଁ ଶୁଣିଛି ଶ୍ରମିକର ସ୍ୱେଦ ଓ ଲୁହର
ଅଭାବି ମଣିଷର ମଧ୍ୟରାତ୍ରର କବିତା
ମୁଁ ବେଳେବେଳେ ଶୁଣେ, ଶୁନଶାନ ଇଲ୍‌କାରେ
ବିସ୍ଥାପିତ ବସ୍ତିରେ ବି ବେଳେବେଳେ ଶୁଣେ
ରଣର ହୁଙ୍କାର,
ଲୁହାର ସଙ୍ଗୀତରେ ମିଶିଯାଏ
କେବେକେବେ ସ୍ୱର
ମାଇକ୍ରୋଫୋନରେ ସିଟୁର ଆଓ୍ୱାଜ ଭାସିଆସେ
ରାଉରକେଲା ଲେଖିବାକୁ ପ୍ରସ୍ତୁତ ହୁଏ
ପୁଣି, ତା'ସହରର ଭୋକିଲା ଲୋକଙ୍କ ପାଇଁ
ଆଉ ଏକ ନୂଆ ଇସ୍ତାହାର....ଆଉ ଏକ....

ପ୍ଲଟ-୧୪୮/୫, ହମିରପୁର, ରାଉରକେଲା-୩

# ଛନ୍ଦମୟୀ ବର୍ଷା



ଜୟଶ୍ରୀ ପଟ୍ଟନାୟକ

ଏବେ ପବନରେ, ମାଟିରେ, ଆକାଶରେ
ସଞ୍ଚରି ଯାଇଛି ତା' ଆସିବାର କଥା
ଝରଣା ଗାଉଛି ମୁଖର ସଙ୍ଗୀତ
ସ୍ରୋତସ୍ୱିନୀ ଲାଗିଲେଣି ପୂର୍ଣ୍ଣଗର୍ଭା
ମାଟିରୁ ଗଜୁରିଲେଣି ଅଙ୍କୁର
ଶ୍ୟାମଳ ସଂଜୀବନ ରେ ସଂଜୀବିତ
ବନ ଉପବନ, କାନନ କେଦାର
ମେଘୁଆ ଆକାଶ ଝରାଉଛି ପାଣି
ପରିବେଶ ଲାଗିଲାଣି ମଧୁକ୍ଷରା ।

ସବୁ ତୃଷାର୍ତ୍ତ ମନକୁ ଶାନ୍ତ କରି
ନିଦାଘ ଜ୍ୱାଳାକୁ ପ୍ରଶମିତ କରି
ଧରା ବୁକୁରେ ଅବତରଣ କରିଛି
ଲାସ୍ୟମୟୀ, ଛନ୍ଦମୟୀ, ପ୍ରୀତିପର୍ଣ୍ଣା ବର୍ଷା ।
ତା ଆସିବାର ଶୁଭ ସଂକେତରେ
ମୟୁର ହୋଇଛି ନୃତ୍ୟ ବିଭୋର
ମଣ୍ଡୁକର ଶୁଭେ ହୁଳହୁଳି
ନାଲି ପାଟପିନ୍ଧା ସାଧବବୋହୂର
ଦିଶିଯାଏ ଘାସପରେ ଅଳକ୍ତ ପାଦ ଗୁଳି ।

ଉପରେ ଆକାଶ, ତଳେ ବତୁର୍ ମାଟି
ମଝିରେ ସମ୍ମୋହନର ଅମୃତ ବାରି
ମନପ୍ରାଣକୁ କରେ ଆହ୍ଲାଦିତ, ଆମୋଦିତ,
ସୃଜନଧାର୍‌କୁ  ନୂତନ ସୃଷ୍ଟିରେ ଅନୁପ୍ରାଣିତ
ସବୁଜମାୟାରେ ଆଛାଦିତ କରୁଥାଏ କାୟାକଳ୍ପ
ଶାଶ୍ୱତ ଅନୁଭବରେ କରୁଥାଏ ଭାବରୁ ଭାବାନ୍ତର ।

ଗଙ୍ଗନଗର, ଭୁବନେଶ୍ୱର

# ଅନ୍ତରଙ୍ଗ



ଓଜସ୍ୱି ନୀ ଶତପଥୀ

ସେ କଏ ଯିଏ ଭରି ଦିଏ ଅନ୍ଧକାର ରେ ଅନେକ ରଂଗ
ସେ କଏ ଯିଏ ସୃଷ୍ଟି କରେ ନିସ୍ତବ୍ଧତା ରେ ଶବ୍ଦ ତରଂଗ

ସେ କଏ ଯିଏ ସିଞ୍ଚି ପାରେ ଶିଥିଳତା ରେ ଗୃଞ୍ଜଲ୍ୟ
ସେ କଏ ଯିଏ ବିଞ୍ଚି ଦିଏ ତିକ୍ତତା ରେ ମାଧୁର୍ଯ୍ୟ

ସେ କଏ ଯିଏ ଭରି ଦିଏ ଶୂନ୍ୟତା ରେ ପୂର୍ଣତାର ଆଭାସ
ସେ କଏ ଯିଏ ଦେଖାଏ ଅମାବାସ୍ୟା ରେ ପୂର୍ଣ୍ଣିମା ର ପ୍ରକାଶ

ସେ କଏ ଯିଏ ଖେଳାଏ ନିସ୍ତେଜତା ରେ ମାଦକତା।
ସେ କଏ ଯିଏ ଭରି ଦିଏ ଅସ୍ଥିରତା ରେ ତଲ୍ଲୀନତା

ସେ କଏ ଦିଏ ନିସଂଗତା ରେ ଆଣି ଦିଏ ଆତ୍ମୀୟତା
ସେ କଏ ଯିଏ ବିଜନତା ରେ ବୁଣି ଦିଏ ବ୍ୟସ୍ତବହୁଳତା

ସେ କଏ ଯିଏ ଦେଖି ପାରେ କଜ୍ଜ୍ୱଳ ପୂରିତ ମୃଗାକ୍ଷୀ ର ଲୁହ
ସେ କଏ ଯିଏ ଶୁଣି ପାରେ ଆହ୍ଲାଦିତ ହୃଦୟର କୋହ

ସେ କଏ ଯେ ଶେଷ ନିଃଶ୍ୱାସ ରେ ଦିଏ ବଞ୍ଚିବା ର ଆତ୍ମତୃପ୍ତି
ସେ କଏ ଯିଏ ଶେଷା*ଶ ରେ ନିଏ ଜୀବନର ପୂର୍ଣ୍ଣାହୁତି।

ନୂଆଦିଲ୍ଲୀ

# କବିତା ପୁସ୍ତକ - ସାଗ୍ ଜୀବନ



ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

କବି --- ସମରେନ୍ଦ୍ରନାଥ ମହାପାତ୍ର

ପ୍ରକାଶକ--- ଶ୍ରଦ୍ଧା ପବ୍ଲିକେସନ

******

କବି ସମରେନ୍ଦ୍ରନାଥ ମହାପାତ୍ରଙ୍କ

"ସାଗ୍‌ଜୀବନ" କବିତା ସଙ୍କଳନର

ଅନ୍ତରଙ୍ଗ ସ୍ୱର ପ୍ରତୀତି

***

"କବିତା ପାଇଁ ସହିଲି ସବୁକଛି । ତଥାପି ଲେଖି ପାରିଲି ନାହିଁ କବିତାଟିଏ ଏଯାଏଁ ଠିକ୍ ସେ ଠିକ୍ ବାଗରେ । ହୃଦୟରୁ ଚପୁଡା, ରକ୍ତରେ ନଗିଡା, ହାଡରେ ଗହୀଗ୍ ଶବ୍ଦ ମାନେ ଯେ ବହିଯାଆନ୍ତି ନିବିଡ ଆତ୍ମୀୟତାରେ ------ଏକଥା ବୁଝି ପାରିଲି ସିନା ବୁଝେଇ ପାରିଲି ନାହିଁ କାହାକୁ । କବି ଟିଏ ହେଲି ନାହିଁ ଯେ ପାଲଟିଗଲି ଶବ୍ଦର ମଣିଷଟିଏ; ସାଗ୍ ଜୀବନ କଷ୍ଟ କୁ କାନ୍ଧେଇ କାନ୍ଧେଇ ଦୁଃଖକୁ ରକ୍ତରେ ମିଶେଇ ବୋହିଗ୍ଲିଲି ଆପଣାର ଶବ ଆପେ। କବିତା ଟିଏ ଲେଖିଲି ନାଇଁ ଯେ କଳଙ୍କ ମୁଣ୍ଡେଇ ବୁଲିଲି କଙ୍କରିତ ପଥରେ -------"

("ସାଗ୍ ଜୀବନ" କବିତା ସଂକଳନ, ମୁଖବନ୍ଧ)

ଏଭଳ ଜୀବନନଷ୍ଟ ଶବ୍ଦାବଳୀମାନଙ୍କର ସ୍ରଷ୍ଟା ଶ୍ରୀମାନ ସମରେନ୍ଦ୍ରନାଥ ମହାପାତ୍ର ଓଡିଆ ସାରସ୍ୱତ ଜଗତର ଜଣେ ବିସ୍ମୟ ପ୍ରତିଭାଧାରୀ ସାଧକ । ସେ ଏକାଧାରରେ ଯଶସ୍ୱୀ କବି, ଶିଶୁ ସାହିତ୍ୟିକ, ଗୀତିକାର, ଝରକା ପତ୍ରିକାର ସମ୍ପାଦକ, ସାମ୍ବାଦିକ ଏବଂ ଜଣେ ପ୍ରତିଷ୍ଠ ପ୍ରକାଶକ ।

ଜୀବନ ଯନ୍ତ୍ରଣାର ବ୍ୟାପକ ଅନୁଭବସିଦ୍ଧ ରୂପକାର । "ସାଗ୍ ଜୀବନ", "ବିଷର୍ଣ୍ଣ ନଦୀର ତୀରେ" "ଟଙ୍କିକଆ ମଣିଷ", "ମୌନ ଅଭିସାର", "ଉତ୍ତୀର୍ଣ୍ଣ ଅବତ୍ତୀର୍ଣ୍ଣ", "ଏକା ଏକା ବିକ୍ରମାର୍କ", "କଳକାଳ" "ଶବ୍ଦ ସମଗ୍ର", " ନାୟକ", ଆଦି ନଅ ଗୋଟି କବିତା ସଂକଳନ ର ସେ ସ୍ରଷ୍ଟା । ସାରସ୍ୱତ ସାଧନା ପାଇଁ ରାଜ୍ୟ ସରକାରଙ୍କ ଯୁବ ପୁରସ୍କାର ସମେତ ଅନେକ ପୁରସ୍କାର ପ୍ରାପ୍ତ କରି ସେ ପାଲଟିଯାଇଛନ୍ତି ଓଡିଆ ସାହିତ୍ୟର ବରେଣ୍ୟ ସାହିତ୍ୟିକ ।

ଆଲୋଚ୍ୟ "ସାଗ୍ ଜୀବନ" କବିତା ସଂକଳନ ର ପ୍ରତ୍ୟେକ କବିତା ମଣିଷର ଜୀବନ ସଂଗ୍ରାମରେ ମୁଖରିତ ଏବଂ ସାଂପ୍ରତିକ ସମୟରେ ପରିଦୃଷ୍ଟ ସାମାଜିକ ସମସ୍ୟା, ଅମାନବିକ ଆଚରଣାଦିକୁ ଜୀବନ୍ତ ଭଙ୍ଗୀରେ ଉପସ୍ଥାପିତ କରିବାରେ ବେଶ୍ ସମର୍ଥ । ପୁନଶ୍ଚ ଏ ସଂକଳନ  କବି ସମରେନ୍ଦ୍ରନାଥଙ୍କ ଶୈଳ୍ପିକ ଜୀବନର ଏକ ଦଲିଲନାମା କହିଲେ ବି ଅତ୍ୟୁକ୍ତି ହେବନାହିଁ । କବି ଜୀବନର ଦୁଃଖ, ଦୈନ୍ୟ, ନୈରାଶ୍ୟବୋଧ, ଈଶ୍ୱରହୀନତା, କ୍ରମପରିବର୍ଦ୍ଧନଶୀଳ ଆବଶ୍ୟକତା ମେଣ୍ଟାଇବା ସକାଶେ ନତ୍ୟ ସଂଘର୍ଷୀଶୀଳ  ଜୀବନର ରାଶି ରାଶି ସମସ୍ୟାରେ ଅତିଷ୍ଠ ସ୍ୱପ୍ନଭଙ୍ଗର ଯନ୍ତ୍ରଣା ଓ ଯାତନା, ଜୀବନ ପ୍ରବାହର ଅସ୍ତିତ୍ୱବାଦୀ ଜୀବନ ସଂଗ୍ରାମ ସଂପର୍କୀୟ ଖୁବ୍ ଉଚ୍ଚକୋଟୀର ଆଲୋଚନା କରିବାରେ ସମର୍ଥ ହୋଇଛନ୍ତି । ସଂକଳନସ୍ଥ "କବିତା" ଶିରୋନାମ୍ନୀ କବିତା ରେ କବିଙ୍କ ସ୍ୱୀକାରୋକ୍ତି   ଏହାକୁ ପ୍ରମାଣିତ କରିଦିଏ ----

"କେତେ ଆଉ ଲେଖିଥାନ୍ତି  ହାଡ ମାଂସ ନଶ୍ୱାସର ସାହାନାଇ ବଜାଇ
ଶିରାରେ ସ୍ନାୟୁ ରେ ଖୋଦେଇ ଜୀବନ ଯୁଦ୍ଧର ସଂଘାତ ସବୁକୁ
ହାଡ ର କଲମରେ ରକ୍ତର ସ୍ୟାହିଦେଇ କେତେ ଆଉ ଲେଖିଥାନ୍ତି
ସ୍ୱପ୍ନ ଭଙ୍ଗର ସଂଗୀନ କଥାକୁ ;
କବିତା ମନା କରିଦେଲା କବିତା ହେବାକୁ ।"

କବି ମହାପାତ୍ରଙ୍କ କବିତା ଗୁଡିକରେ ସମୟର ପ୍ରାଣସ୍ପନ୍ଦନ ଏକାନ୍ତ ଜୀବନ୍ତ ଏବଂ ଉଦ୍ଦେଶ୍ୟନଷ୍ଠ। ଅନେକ କ୍ଷେତ୍ରରେ ସେ ନଜ ଅଭିଜ୍ଞତାକୁ ଆଧାର କରି ସତ୍ୟମ୍ବଦ ଭଙ୍ଗୀରେ କବିତା ଗୁଡିକୁ ଅବତାରଣା କରିଛନ୍ତି ।

"ଅଳକା ସାମଲ" କବିତା ରେ ସାଂପ୍ରତିକ ଶଠ, ଲମ୍ପଟ, ମଣିଷର ଚରିତ୍ରବତ୍ତାକୁ ଉପସ୍ଥାପିତ କଲାବେଳେ ଦର୍ଶେଇଦେଇଛନ୍ତି କ ମଣିଷର ପେଟର ଭୋକଠାରୁ ଶରୀରର କ୍ଷୁଧା ଖୁବ୍ ପ୍ରଚଣ୍ଡ । ମଣିଷ ର ଅନ୍ତର୍ଗତ ଜୀବନ (Inner life) ସଇତାନ୍ ନୁହେଁ, ଅବା ସରସ ସ୍ୱପ୍ନ ନୁହେଁ ବୋଲି ସୂଚତ କରିଛନ୍ତି ।କବିଙ୍କ ଭଷାରେ----

"ମୋର କେଉଁ ରକମର ଭୋକ ଯେ ମୁଁ ଆସିଛି ଏଠାକୁ, ବେଳେ ବେଳେ ଦେହର ଭୋକ ବଢିଯାଏ ପେଟର ଭୋକଠୁ, ନଚେତ୍ ମୁଁ କଣ ଆସିପାରିଥାନ୍ତି ସ୍ତ୍ରୀ ପିଲାଙ୍କ ସଂସାରରେ ଏଠାକୁ ।"

ସ୍ଥିତିବାଦୀ ଦାର୍ଶନକଙ୍କ ଭଳ ସମାଜ ଗଢା ନୟମ ଦ୍ୱାର୍ ଜୀବନକୁ ହେୟ କରିନାହାନ୍ତି କବି ସମରେନ୍ଦ୍ରନାଥ । ସାର୍ ଗ୍ଗର୍ଲସ ସ୍ନୋ ଙ୍କ ମତରେ -----"Heres lifes abundance is a more exciting theme than society's codes." କବି ମଧ ଜୀବନର ପ୍ରାଣବାନ ସତ୍ୟ ଉଦ୍‌ଘାଟନ କରିଛନ୍ତି। "ରେଶମୀବାଇ" କବିତା ରେ ଏହା ପ୍ରତୀୟମାନ ହୋଇଥାଏ---

"ଯଦିଓ ଆସନ୍ତି ଏଠାକୁ ଜାନୁଆର ଭୋକ ବିକଳରେ, ସେମାନେ ଫେରି ଯାଆନ୍ତି ମୋ ଦେହରୁ ସବୁ ଅନ୍ଧାର ଶୋଷିନେଇ, ଫିଙ୍ଗି ଦିଅନ୍ତି ମୋତେ ଯେମିତି ଗୋଟେ କଳଙ୍କିତ କଣ୍ଢେଇ।"

କବି ସର୍ବଦା ମଣିଷ ପ୍ରେମରେ ବିଭୋର ହୋଇଛନ୍ତି ।" ସାମବେଦ" ରେ ଅଛି---

"ପରି ପ୍ରାସଷ୍ୟ ଦକ୍ତବିଃ ସିନ୍ଧୋରୂର୍ମା ବଧି ଶ୍ରିତଃ,
କାରୁଁ ବିଭ୍ରପୁରୁ ସ୍ପୁହମ୍ ।'

ଅର୍ଥାତ୍ କବି ନଜ ହୃଦୟ ସିନ୍ଧୁକୁ ପ୍ରେମଭାବନାରେ ତରଙ୍ଗାୟିତ କରିପାରେ ଓ ଯାବତୀୟ ସଂକୀର୍ଣ୍ଣତାଠାରୁ ଦୂରେଇ ଯାଇ ପ୍ରେମବଳରେ ଅନେକ ମଣିଷକୁ ଆପଣାର କରିପାରେ । କବିଙ୍କ "ଦଳତ" କବିତା ରେ ଏହା ପ୍ରତୀକତ ହୋଇଥାଏ---

"ତୁମ ଅଭିଧାନର ଭାଷାରେ 'ମଣିଷ' ନୁହେଁ ମୁଁ, ନାହିଁ ମୋର ଝକମକ ମୁଖାପିନ୍ଧା ଜୀବନ।"

"କନ୍ଧମାଳ" କବିତା ରେ ନିରୀହ ସରଳ କନ୍ଧମାଳ ବାସୀଙ୍କପ୍ରତି ବର୍ବର ମଣିଷଙ୍କ ଅବିଗ୍ରହକୁ ଉପସ୍ଥାପନା କଲାବେଳେ ମର୍ମାହତ ହୋଇଛନ୍ତି ।

"ଜଳଗଲା ଜଙ୍ଗଲ ଜଙ୍ଗଲ କ୍ଷୁଧା
ରକ୍ତରେ ଥିଲା କୋଉ ହିଂସ୍ର ଆଦିମତା,
ଲୋଲୁପ ପିଶାଚ ଜିଭରେ ଗ୍ରାସିନେଲା କେତେ ନୀରିହତା ।"

"ବୟଫ୍ରେଣ୍ଡ" କବିତା ରେ ଅତ୍ୟାଧୁନିକ ନାରୀର ସ୍ୱେଚ୍ଛାଗ୍ରାରିତା ପ୍ରକାଶ ପାଇଛି । ସ୍ୱାମୀଙ୍କ ଥିବା ସତ୍ତ୍ୱେ ବୟଫ୍ରେଣ୍ଡ ବା ପ୍ରେମିକ ପ୍ରତି ତାର ପ୍ରେମ ନିବେଦନ କୁ କବି ସୁନ୍ଦର ଭାବରେ ଚିତ୍ରିତ କରିଛନ୍ତି ।

"ସାରା ଜୀବନର ଅତୃପ୍ତିକୁ ମେଣ୍ଟାଇ ପାରିବ ତୁମେ, ସବୁ ଦିନେ ତୁମେ ଏମିତି ପ୍ରେମିକ ଥିବ ନା ।"

'ବିପ୍ଲବ', 'ରେଳଗ୍ରେଜ', 'ବଡବାବୁ' କବିତା ରେ ସଂଘର୍ଷମୟ ଜୀବନର କଥା ହିଁ ଲେଖିଲା ବେଳେ ବ୍ୟଥିତ ହୋଇପଡିଛନ୍ତି ।

**'Social Contract Theory'** ର ପ୍ରବକ୍ତା ରୁଷୋଙ୍କର ଚିରନ୍ତନ ବାଣୀ **"Man is born free but everywhere he is chains ."** ର ପ୍ରଭାବ ବୋଧେ କବିଙ୍କ ଉପରେ ପଡିଛି । "କବିତା ସାରା ଜୀବନ" ରେ ଏହା ସୂଚୀତ ହୋଇଥାଏ । କବିତା ଲେଖନୀ ରେ ଆଜୀବନ ମୋହଚ୍ଛନ୍ନ ହେଲେହେଁ ଜୀବନ ଜଞ୍ଜାଳର ଯନ୍ତ୍ରଣା ଶରୀର ଓ ଆତ୍ମାକୁ କ୍ଷୁବ୍ଧ କରିଛି ।

"ତଥାପି ଲେଖୁଛି ସିସିଫସ ପରି ଘୁଷୁରି ଘୁଷୁରି ଯନ୍ତ୍ରଣାକ୍ତ ଦେହରେ ଗ୍ଭଲୁଛି ଆଗକୁ, ସ୍ୱପ୍ନ ସବୁ ଢୋକ ଢୋକ ତଣ୍ଟିରେ, କେଉଁ ଜାଗତିକ ମାୟାରେକ ରକ୍ତାକ୍ତ ନଶାରେ ମୁଁ ଲେଖିଗ୍ଭଲିଛି କବିତା , ସାରା ଜୀବନ ଯୋଉ କବିତା ଟି ଲେଖୁଛି ଜାଣେନା ସରିବକ ନାହିଁ ସରିବା ପୂର୍ବରୁ ମୋର ଗ୍ଭଲିବା ଏଇ ପୃଥିବୀ ରେ ।"

"ସାରାଜୀବନ" କବିତାଟି ଆଲୋଚ୍ୟ ଗ୍ରନ୍ଥ ର ହୃଦୟ ସଦୃଶ । ସମଗ୍ର ଜୀବନ ସେ ଦଧିଚ ଭଳ ଗୋଟିଏ ବିନ୍ଦୁରେ ଠିଆ ହୋଇ କବିତା ହିଁ ରଚନା କରିଛନ୍ତି । ଶବ୍ଦମାନଙ୍କ ଝଙ୍କାରରେ ନଜ ଜୀବନକୁ ଝଙ୍କୁରିତ କରିଦେଲା ବେଳେ କବିତା ମୟ ପାଲଟିଯାଇଛନ୍ତି । ଏଠି ସେ ଲେଖନ୍ତି

"ସାରା ଜୀବନ ମୁଁ କଲମରେ କାଳ ଡରୁଛି, (ନଜ ହାଡରେ ତିଆରି ସେ କଲମ, କାଳ ବି ରକ୍ତରେ ------)
ଦରକାର ପଡିଲେ , କଲମ ପରେ କଲମ ବଦଳାଉଛି
ସାରା ଜୀବନ ମୁଁ ଗାରେଇଗ୍ଭଲିଛି
କେତେ କାଗଜ ।"

ଆଲୋଚ୍ୟ ସଂକଳନସ୍ଥ ସମସ୍ତ କବିତା ବାସ୍ତବତାରେ ପରିପୂର୍ଣ୍ଣ ଏବଂ ପୁଞ୍ଜିଭୂତ ମାନବପ୍ରେମରେ ମହିମାମଣ୍ଡିତ । ମଣିଷର ବିବିଧ ପ୍ରାବୃତ୍ତିକ ଆଗ୍ଭର ବିଗ୍ଭର ଯଥା ପ୍ରେମ, ମୃତ୍ୟୁ, ଶୋଷଣ କଷଣ, ଯୌନତା, ଜଟିଳ ଚନ୍ତା ଚେତନା, ସମସ୍ୟାମାନଙ୍କ ଦ୍ୱାରା ଏ ସଂକଳନ ଟି ପରିପୁଷ୍ଟ । ତେବେ  ସାମଗ୍ରିକ ଭ୍ବରେ ଓଡିଆ କବିତା କ୍ଷେତ୍ରରେ ବ୍ୟାପକ ଜୀବନାନୁଶୀଳନରେ ନତ୍ୟପ୍ରବୃତ୍ତ ଭ୍ବମାଧୁର୍ଯ୍ୟ ବଣ୍ଟନ ରେ ସାଧନାରତ ଯେଉଁ କେତେ ଜଣ ସମର୍ଥ କବି ମଣିଷର ଅନ୍ତଶ୍ଚେତନାର କଥା ଲେଖିବାରେ ମୁଖର ଅଛନ୍ତି  ତନ୍ମଧ୍ୟରୁ କବି ସମରେନ୍ଦ୍ରନାଥ ମହାପାତ୍ରଙ୍କୁ ମାନବୀୟ ଉଚ୍ଛ୍ୱାସ ସ୍ୱଚ୍ଛନ୍ଦ ପ୍ରବକ୍ତା ଭ୍ବରେ ବିଶେଷ ଗୌରବ ପ୍ରଦାନ କରାଯାଇପାରେ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ଓଡିଆ ଅଧ୍ୟାପିକା,  ସରକାରୀ ଏସ୍ ଏସ୍ ଡି, ଏଚ୍ ଏସ୍  ଏସ୍,
ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ, ବାଲିଶଙ୍କରା, ସୁନ୍ଦରଗଡ

# ମାୟା ମୃଗ



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ମାୟା ମୃଗ ଧାଇଁଛି ମୋ ଆଖି ସାମ୍ନାରେ
କେତେବେଳେ ବେଗ ତାର କ୍ଷୀପ୍ର
ପୁଣି କେତେବେଳେ ଧୀର ମନ୍ଥର ଗତି
କେବେ ଦୃଷ୍ଟିର ନକଟତର
କେବେ ଦୃଷ୍ଟିରୁ ଅନ୍ତର
ସୁନା ରଙ୍ଗ ଦେହ ତାର ମନ ମୋର ମୋହେ
ତା ଚଳଚଞ୍ଚଳ ସ୍ୱଭାବ ମନ କୁ ମୋ ଉଚ୍ଚାଟ କରେ
ମୁଁ ମଗ୍ନ ହୁଏ ତା ଗୁହାଣୀରେ
ମୁଁ ବିଭୋର ତାକୁ ପ୍ରାପ୍ତି ଆଶାରେ।

କେତେ ଅଙ୍କା ବଙ୍କା ଆବଡା ଖାବଡା
କଣ୍ଟକତ ପଥ ଦେଇ ସେ ଧାଇଁଛି
ମୁଁ ତା ପଛେ ପଛେ
ତା ରାସ୍ତାରେ ଅଥଳ ସାଗର
ନଘଞ୍ଚ ଜଙ୍ଗଲ, ପୂର୍ଣ୍ଣଗର୍ଭା ନଦୀ
ପୁଣି ବରଫା ବୃତ୍ତ ହିମ ଗିରି
ମୁଁ ଅଣ ନଶ୍ୱାସୀ ହୋଇ ଧାଇଁଛି ତା ପଛରେ,
କେତେବେଳେ ଶରୀର ମୋ ଲହୁ ଲୁହାଣ ହେଲାଣି
କ୍ଷତ ଚହ୍ନରେ ଭରି ଗଲାଣି ସେଥିକ ନଘା ନାହିଁ

ମନ ତ ଶତବାର ଖଣ୍ଡ ବିଖଣ୍ଡିତ
ଆଖିରୁ ବି ଝରିଲାଣି ଲୁହର ଶ୍ରାବଣ ।।

ତଥାପି ମୁଁ ନ ଛୋଡବନ୍ଧା
କାରଣ ମୁଁ ମୋହାଚ୍ଛନ୍ନ
ଅତି ନିବିଡ଼ ଭାବରେ ସେ ମାୟା ମୃଗ
ମୋ ମନରେ ବସାଟିଏ ବାନ୍ଧି ସାରିଛି
ତା ପାଇଁ ମୁଁ ଧାଇଁଛି ଦିନ ରାତି ଅବିଶ୍ରାନ୍ତ ଭାବରେ
କଣ୍ଟା ଝଣ୍ଟା କଛି ବି ମାନୁନ
ଅନନ୍ତ ସମୟକୁ ହଜମ କରି ସାରିଲିଣି
ନିଜ ଅଜଣାନ୍ତରେ, ଗ୍ରୀଷ୍ମର ଡହକ
ଶୀତର ପ୍ରକୋପ, ବର୍ଷାର ଅବିଶ୍ରାନ୍ତାଧାର
କେହି ମୋ ପଥ ରୋଧିବାକୁ ସମର୍ଥ ନୁହଁନ୍ତି ।।

ମୁଁ ଦଦରା ନାଆ ବାହୁଛି ଅଥଳ ସାଗର ଛାତିରେ,
ଆଉ ମୋ ଆଖି ସାମ୍ନାରେ ସେ ମାୟା ମୃଗ
ଭାସି ଗାଲିଛି ସାଗରର ନୀଳ ତରଙ୍ଗରେ,
କେତେ ଦୃଶ୍ୟ ଭାସି ଯାଉଛି ମୋ ଆଖି ଆଗରେ,
କେବେ ମିଳନର ସାହାନାଇ
କେବେ ବିଚ୍ଛେଦର କ୍ରୂର ଅଟ୍ଟହାସ୍ୟ
କେବେ କପଟ ପଶାର କ୍ରୂର ଅଭିସନ୍ଧି
କେବେ ସମ୍ପର୍କର କୋଳାହଳ ହଟ୍ଟଗୋଳ
କେବେ କୋହଭରା ଲେଉଟାଣି ଦୃଶ୍ୟ
କେବେ ଝରା ଫୁଲର ଝାଉଁଳା ମୁହଁ
ସବୁ ମୁଁ ଦେଖୁଛି,ଲୁହ ବି ଝାରୁଛି,
ପୁଣି ଲୁହ ପୋଛି ନାଆ ମୁଁ ବାହୁଛି ।।

ନା ସେ ମାୟମୃଗ ମୋ ହାତରେ ଧରା
ଦେଉଛି, ନା ମୋ ଆତ୍ମା ତୃପ୍ତ ହେଉଛି,
ଖାଲି ସମୟଟା ଖସି ଯାଉଛି ରେତ୍ର
ବାଲି ପରି ମୋ ପାଦତଳୁ,
ଏବେ ମୁଁ ଅବଶ, ପାଦ ମୋ ଶିଥିଳ
ଦେହରେ ନାହିଁ ପୂର୍ବ ତେଜ, ମୁଁ ସ୍ଥାଣୁ
ପାଲଟି ଗଲିଣି,ମୁଁ ଏକୁଟିଆ ବହାତି
ଏକୁଟିଆ,ତଥାପି ସୀମା ହୀନ ଦୁର୍ବାର
ଆଶା ମୋର ମାୟା ମୃଗ ପ୍ରାପ୍ତି ପାଇଁ
ଚର ଉଜ୍ଜୀବିତ ।।

କେନ୍ଦ୍ରାପଡା, ଓଡିଶା

# ଅତିଥି



ଡକ୍ଟର ମଧୁସ୍ମିତା ମିଶ୍ର

ନାହିଁ ଯାନବାହାନ ର କଳରବ
ଧରଣୀ ର ନିଃଶବ୍ଦ ଶାନ୍ତ ଭାବ

ନାହିଁ ଅବା ଉଶୃଙ୍ଖଳତାର ସୀମା ହୀନ ଔଦ୍ଧତ୍ୟ
ପ୍ରକୃତି କୁ ଯେ ହତ୍ୟା କରିଛି ଅମାନବ ଦୈତ୍ୟ

ଅଣନିଃଶ୍ୱାସୀ ଜୀବନର ଧାଁ ଧଉଡ
ଆଶ୍ୱସ୍ତି ଦେଇଛି ପାରିବାରିକ ମୋଡ଼

ନାହିଁ ଜିତିଯିବାର ପ୍ରତିଯୋଗିତା
ନାହିଁ ମଧ୍ୟ ହାରିଯିବାର ଅନିଶ୍ଚିତତା

ସତେ କେଡ଼େ ସୁନ୍ଦର ଏ ତେଲ ଲୁଣ ସଂସାର
ହଜିଯାଇଥିବା ସମୟ ପୁଣି କେତେ ମଧୁର

ଶ୍ରମିକ ର ଗୃହ ପ୍ରତ୍ୟାବର୍ତ୍ତନ ର ଆକୁଳ ଆର୍ତନାଦ
ମୁଁ କିନ୍ତୁ ଘରେ ଉପଭୋଗ କରୁଛି ଦୂରଦର୍ଶନ ର ନିନାଦ

ମୁହୂର୍ତ୍ତ ମୁହୂର୍ତ୍ତ ଜୀବନ ଅଙ୍କାବଙ୍କା
ମୁହୂର୍ତ୍ତ ର ପୁଣି ଯେ ମୃତ୍ୟୁ ଆଶଙ୍କା

ଜୀବନ କୁ ଜୀଇଁବାର ଆପ୍ରାଣ ପ୍ରୟାସ
ହେ ମହାପ୍ରଭୁ ତୁମେ ହିଁ ଦେବ ଆଶ୍ୱାସ ।

Madhu1691@gmail.com

# ହଜିଲା ଶୈଶବ



ଛବିରାଣୀ ପତି

କେତେ କାହା ଉପକାରରେ
ଅଭାରି ଏ ଜୀବନଟା ଆଜି
ଅର୍ଦ୍ଧାଧିକ ବୟସ ପାହାଚେ
ଋଣରେ ଭାରାକ୍ରାନ୍ତ ଲାଗେ
ଏ ନତମସ୍ତ ମଥା ଓ ଶରୀର ।

ଘରଠୁଁ ବାହାର ଚାରିଆଡ଼େ
ଚାଲେ ଏବେ ପ୍ରତିକ୍ଷଣ ....
ତର୍କ, ସମାଲୋଚନା, ଆକ୍ଷେପ
ପୁଣି ବହସ୍ଫୋଟ ବଳ ବିତ୍ତ
ଛଳନାର ପ୍ରତିଯୋଗିତା !!

ସବୁ ଛିନ୍ନବିଛିନ୍ନ କରି ଆଜି
ଚାଲିଯିବାକୁ ଇଛାହୁଏ
ସେ ହଜିଲା ଶୈଶବକୁ ।

ଯୋଉଠି ଥିଲା ଉଦୁଉଦୁମା
ଇଟିକଲି ମିଟିକଲି ଆଉ
ବାଲିଘର ବୋହୁବୋହୁକା
ଚୋର ପୋଲିସ୍ ଲୁଚକାଳି ଖେଳ ।

ନଥିଲ୍ ଯୋଉଠି ....
ପ୍ରେମ - ପ୍ରତାରଣା ପର କ ଆପଣା
ବିଶ୍ୱାସ ଘାତକ ଲେ୍ଭର ମାଦକ ।

ଜହ୍ନମାମୁଁ ଦେଖି ହଜିଯିବା
ବାଘମାମୁଁ ଗପରେ ମଜିଯିବା ....
ଜେଜେମା'ର ବୁଢ଼ୀ ଅସୁରୁଣୀ
ନାଉଧୁଡୁକ ଅବା ପରୀ ର୍ ଇଜର
ସ୍ୱପ୍ନିଳ ସୁଖଦ କାହାଣୀ ଭିତରେ ।
ନଥିବ ସଂସାର ନଥିବ ଜଞ୍ଜାଳ
ଘାରୁନଥିବ ପେଟ ପାଟଣାର ଚନ୍ତା
ମିଳୁଥିବ ସମସ୍ତଙ୍କ ଠାରୁ.....
ନିଃସ୍ୱାର୍ଥର ଅଜସ୍ର ସ୍ନେହ ଓ ମମତା ।

ମଧଶାସନ
ବିରିଡ଼ି, ଜଗତସିଂହପୁର

# କଳଙ୍କ ର କାର୍‌ଗାରେ......



ଅମ୍ବିକା ସ୍ୱାଇଁ

ହେ" ଶୂନ୍ୟବାସୀ ଈଶ୍ୱର ତୁମେ
ରହିଛ ନୀରବ କାହିଁକ ?
ଦେଖ ଥରେ ତୁମ ନୟନ ଫିଟାଇ
ସମାଜେ  ଅନୀତି ଗ୍ଭଲିଛି କେମିତି !!
ବାଟ ଗ୍ଭଲୁ ଗ୍ଭଲୁ ନାରୀ ଟିଏ ଆଜି
କାହିଁ ନୁହେଁ ସୁରକ୍ଷିତ
ଭୟ ଆଶଙ୍କା ରେ ଜଳ ମରୁ ଥାଏ
ଦିବା ନିଶି ଆତଯାତ ।

ପୁରୁଷ ଟି କାହିଁ ପଶୁ ପାଲଟେ
ଭୁଲି ହିତା ହିତ ଜ୍ଞାନ
ବୁଝି ହୁଏନ ମାତୃ ରୂପୀ ନାରୀ କୁ ସେ
କାହିଁ କରେ ଅସମ୍ମାନ
ଲୋ୍ଲୁପ ଦୃଷ୍ଟି ତା'ର ଏତେ ମାର୍‌ମ୍‌କ
ରକ୍ଷକ ବି ସାଜୁଛି ଭକ୍ଷକ ।
ଭୁଲି ଯାଉଛି ସେ ମାଆ ଭଉଣୀ
ସେମାନଙ୍କ ରକ୍ତ ଶୋଷି ବାକୁ
ତାଡ଼ପୂଛି କାହିଁ କେଜାଣି....?
ତା ଶରୀର ତାତି କୁ ଲିଭାଇବାକୁ
ମୁହୂର୍ତ୍ତ କେ ହୋଇ ବଶ
ର୍‌ସ୍ତାରୁ ଟାଣି, ଖି୍‌ନ୍ ଭିନ୍ କରି

ସର୍ବସ୍ୱ ଲୁଟି କାହାକୁ ମାରି, କାହାକୁ ଜାଳି
କରି ଦିଏ ସବୁ ଶେଷ !!!

କେତେ ବେଳେ ପ୍ରେମ ଫାଶରେ ପକାଇ
ମିଛ ଅଭିନୟେ କରେ ଅତ୍ୟାଚ୍ଚର
କେତେବେଳେ ପୁଣି କଥା ନ ମାନିଲେ
ଡଣ୍ଡିଚପି ମାରି କରେ ନାର ଖାର .....

ଆରେ ବିବେକ ହୀନ ରାକ୍ଷସ ମାନବ
ଶୁଭୁନି କି ତୋତେ ନାରୀ ଆତ୍ମାର ଆକୁଳ ଚିତ୍କାର
ପୂଜ୍ୟ ପୂଜା ମା" ଭଉଣୀଙ୍କ ଇଜ୍ଜତ ରେ ଖେଳି
ତା"ର ସର୍ବନାଶ କରି
କରୁଛ ତୁମେ ଦୁର୍ଦ୍ଧର୍ଷିତ ଗଣ ବଳାତ୍କାର ....!! ?

ନିହରିକା, ନିର୍ଭୟା, ଇତିଶ୍ରୀ, ବେବିନା, ପ୍ରିୟଙ୍କା
କେତେ ଯେ ଆମ ଭବିଷ୍ୟତ ର ଲଳନା କଳି
ତୁମ ମାନଙ୍କ ପାଶବିକ ଅତ୍ୟାଚ୍ଚର ର
ଦଳା ଚକଟାରେ ଯାଉଛନ୍ତି ଅକାଳ ରେ ଝଡି ।

ଭାବିନେ ଥରେ; ପାଷାଣ୍ଡ
ତୋ ନିଜ ମାଆ ଭଉଣୀଙ୍କୁ ରଖି
ତାଙ୍କରି ଜାଗାରେ,
ପାରିବୁ କି ତାଙ୍କ ରକ୍ତ ଶୋଷି
କଳଙ୍କ ର କାରାଗାରେ.....
ପାରିବୁ, ତୁ ପାରିବୁ ....?
ଆରେ ନିର୍ଦ୍ଦୟ ପଶୁତ୍ୱ ମାନବ
ସବୁରି ମୂଳରେ ତୋ ଦେହର ତପ୍ତ ଅଙ୍ଗ

ତାକୁ ଶେଷ କରି ପଙ୍ଗୁ କରିଦେଲେ
କରି ପାରନ୍ତନ ତୁ ଏହି ଦୂଷ୍କର୍ମ ପାପ ସଙ୍ଗ ।

ହେ ରାକ୍ଷସ ମାନବ
ନାରୀ କୁ ଖା"ନା ତୁ ଆଉ ଝୁଣି ଝୁଣି
ସମୟ ସାଥିରେ ସୁଧୁରି ଯାଆ
ଶୁଣୁ ଏଥର ଧର୍ମ ବାଣୀ ।
ଭୟ କର ତୁ ଈଶ୍ୱରଙ୍କୁ
ଭୟ କର ତୁ ସମାଜକୁ
ଭୟ କର ତୋ ପିତା ମାତାଙ୍କର
ଆଜିର, ଗତକାଲିର ଓ ଭବିଷ୍ୟତର
କରୁଣ କାହାଣୀ କୁ........
ଭୁଲି ଯା"ନା ତୁ ଆଇନ୍ କାନୁନ୍ ର କାଠ ଗଡାକୁ...
ଭୁଲି ଯା"ନା ତୁ ସମାଜ ର
ସମ୍ବିଧାନ ର ଫାଶୀ ଖୁଣ୍ଟ କୁ......
ଭୁଲି ଯା" ନା ତୁ....
କାହା ସହ ଏମିତି ପାଶବିକ ଅତ୍ୟାଗ୍ୱର
କରିବା ପୂର୍ବରୁ ଥରେ ନୁହେଁ କ ଦୁଇ ଥର ନୁହେଁ
ଭାବିବୁ ହଜାର ଥର.....!!!!

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

# ସାବିତ୍ରୀ ବ୍ରତ ଆଉ ମାଉସୀ



ଅଳକା ମହାନ୍ତି

ସବୁ ବର୍ଷ ପରି ଏ ବର୍ଷ ର ବି ପ୍ରସ୍ତୁତି ଚାଲିଛି ସାବିତ୍ରୀ ବ୍ରତ ପାଇଁ । ଶ୍ୱେତା, ୧୫ ବର୍ଷ ହେଲା ମୁହଁ ରେ କେତେ ମନା କଲେ ବି ଭିତରେ ଭିତରେ ଅନେକ ଆଶା କରିବସେ, କାଳେ କିଏ ବାପଘରୁ ସାବିତ୍ରୀ ଭାର ନେଇ ଆସିବ କି!! ଘରେ ଯାଆ ନଣନ୍ଦ ସବୁ ଜାଣନ୍ତି। ମନେ ମନେ ହସନ୍ତି। ଶ୍ୱେତପଦ୍ମା ର ଘର କଟକ ଜିଲ୍ଲା, ଶାଶୁଘର ପୁରୀ ଜିଲ୍ଲା। କଟକ ଜିଲ୍ଲା ରେ ପ୍ରଥମ ବର୍ଷ ଖାଲି ସାବିତ୍ରୀ କୁ ଭାର ଝିଅ ଘର କୁ ଯାଇଥାଏ। ହେଲେ ପୁରୀ ରେ ପ୍ରତି ବର୍ଷ ଝିଅ କୁ ସାବିତ୍ରୀ ଭାର ସହିତ ଶାଢ଼ୀ ଚୁଡ଼ି ସିନ୍ଦୂର ବାପା ଘରୁ ଯାଏ। ଘରେ ଯାଆ ନଣନ୍ଦ ହୋଇ ପାଞ୍ଚ ଜଣ। ପ୍ରତିବର୍ଷ ସମସ୍ତେ ଅନା ଅନି ହୋଇ ହସନ୍ତି।

କହନ୍ତି,--ଏମିତି କି ଘର?? ବାପ ଘରେ ନଥିଲେ ନାହିଁ, ଶାଶୁ ଘରେ ତ ବ୍ରତ ଅଛି। କେମିତି ଶାଢ଼ୀ ଚୁଡ଼ି ଟିକେ ଦେଉ ନାହାନ୍ତି??

ଶ୍ୱେତାକୁ ଭଲ ଲାଗେ ନାହିଁ। ସ୍ୱାଭିମାନ ଯୋଗୁଁ ବାପଘରେ କହି ପାରେ ନା ଶାଶୁ ଘରେ। ଶାଶୁ ନଥିବା ଘର। କେହି ବୁଝିବାକୁ ନାରାଜ। କେବଳ ଦେଖେଇ ଶିଖେଇ କହି କିଏ କେତେ ମଜା ନେଉ ଥାନ୍ତି। ଯଦିଓ ସେ ଶାଢ଼ୀ କି ଚୁଡ଼ି ର ଏତେ ଆବଶ୍ୟକତା ତାର ନଥାଏ, ତଥାପି ସାମାଜିକ ଚାଲି ଚଳଣିରେ ନିଜକୁ ସାମିଲ ନ କରି ପାରୁଥିବାରୁ ସେ ନିଜକୁ ବହୁତ ଅବହେଳିତ ଆଉ ନ୍ୟୁନ ବୋଲି ଭାବୁଥାଏ। ଥରେ ଦି ଥର ଘରେ ଭାଇ ଭାଉଜ ଙ୍କୁ କଥା କହୁ କହୁ ସେ କହି ଦେଇଥିଲା ଯେ ତାକୁ ଅନେକ ଲାଞ୍ଛନା ଦେଉଛନ୍ତି କେବଳ ଏଇ ସାବିତ୍ରୀ ଅମାବାସ୍ୟା ର ଶାଢ଼ୀ, ଚୁଡ଼ି, ଭାର ପାଇଁ। ସେ କଥା ଶୁଣି ଭାଉଜ କହିଲେ,

- ଆମର ଆଉ ଦିଟା ଝିଅ ଅଛନ୍ତି, ତାଙ୍କୁ ତ ଦିଆ ହେଉନ, ତୁମକୁ ଦେଲେ ସେମାନେ ଖରାପ ଭାବିବେନ??

-- କାହିଁକି ଭାଉଜ, ଦେଇ ମାନଙ୍କ ଘରେ ତ ଏ ପ୍ରଥା ନାହିଁ । ତେଣୁ ଉଲୁଗୁଣା ଦେବାକୁ କେହି ନାହାନ୍ତି ସେଠାରେ। ସେମାନେ କଟକ ଜିଲ୍ଲା ରେ ବାହା ହୋଇଛନ୍ତି। ମୋତେ ତ ପୁରୀ ରେ ବାହା ଦେଲ, ସେଥିପାଇଁ ମୋତେ ଅନ୍ୟର ଟାହି ଟାପରା ଶୁଣିବାକୁ ପଡୁଛି। ମୋର ବାପା ଭାଇଙ୍କ ର ତ କଛି ଅସୁବିଧା ନାହିଁ। ଖାଲି ଶୁଭ ସାଇତ ପାଇଁ ୧୦୦ ଟା ଟଙ୍କା ପଠାଇ ଦେଲେ ବି ଚଳନ୍ତା।

ହେଲେ ଭାଉଜ ସେ କଥା ବୁଝନ୍ତି ନାହିଁ, ଅଳ୍ପ ଟଙ୍କା ଦେଲେ ତାଙ୍କ ସମ୍ମାନ ରେ ଆଞ୍ଚ ଆସିବ। ବେଶୀ ଦେଲେ ଜୀବନ ସାରା ସେ ଭାର ଉଠାଇବାକୁ ପଡ଼ିବ। ତେଣୁ ମୁଲୁ ମାଇଲେ ଯିବ ସରି, ଦେବଙ୍କ ସହ କମ୍ପା କଳ, -- ଏହି ନୀତିରେ ମନା କରି ଦିଅନ୍ତି।

ନିଜ ମନ କଥା ମନରେ ମାରି ସେ ରୁହେ। ସ୍ୱାମୀ ଯାହା ଦେଇଥାନ୍ତି ସେଥିରେ ସେ ବ୍ରତ କରିଥାଏ। ଯଦିଓ ସ୍ୱାମୀଙ୍କର ସେମିତି କଛି ଅଭିଯୋଗ ବା ପ୍ରତ୍ୟାଶା ନଥିଲା ତଥାପି ପାରିବାର ଲୋକଙ୍କ ଅଟ୍ଟହାସ୍ୟ ସେ ସହ୍ୟ ନ କରି ପାରି ଶଶୁର, ଶଳା ଙ୍କ ଉପରେ ମନେ ମାନେ ବହୁତ ରାଗ ରଖି ଥାଆନ୍ତି। ସେ ଦୁଇ ଜଣଙ୍କୁ ଯେମିତି, "ଲୋକ କଣ କହିବେ" ରୋଗ ତ ଘାରି ଥିଲା ନିଜର ମନ ର ଅସନ୍ତୁଷ୍ଟତା କୁ କଏ କେତେ ପ୍ରକାର ରେ ପ୍ରକାଶ କରୁ ଥିଲେ। ଯେ ବହୁତ ଛୋଟ କଥା ହେଲେବି ମନ ଭିତରେ ଗୋଟେ ପୋକ ପରି ମୁଣ୍ଡ କୁ ଖାଇ ଚାଲୁଥାଏ।

ଯା ଭିତରେ ୧୫ ବର୍ଷ ଅତିକ୍ରାନ୍ତ ହୋଇ ଗଲାଣି। ଶ୍ୱେତା ସ୍ୱାମୀ ଙ୍କ ଟ୍ରାଂସ୍ଫର ରେ ଦିଲ୍ଲୀ ପଳାଇ ଆସିଛି। ଏବେ ବୟସ ଆଉ ସମୟ ଆଣିଛି ଅନେକ ପରିବର୍ତନ । ତାକୁ କଏ ଏବେ ପଚାରିଲେ ସେ କହେ:

--," କାହିଁକ ?? ମୁଁ ପୂଜା ମୋ ସ୍ୱାମୀ ପାଇଁ କରିବି। କଣ ଖାଲି ନୂଆ ଶାଢ଼ୀ ଚୁଡ଼ି ପିନ୍ଧିଲେ, ଠାକୁର ମୋତେ ଚହ୍ନିବେ, ମୋ କଥା ଶୁଣିବେ। ନ ହେଲେ ନାହିଁ?? ତା ଛଡା ବାପ ଘର କାହିଁକ ମୋ ପୂଜା ର ଜିମେଦାରି ନେବେ?? କୋଉଠି ଲେଖା ହୋଇଛି, ଖାଲି ଭାଇ ଭଉଣୀ କୁ ଦେବ?? ବାପା ଝିଅ କୁ ଦେବ?? କାହିଁକ ଝିଅଟେ ତା ବାପା ଭାଇଙ୍କ ସହାୟକ ନ ହେବ?? ଝିଅ ଙ୍କୁ କାହିଁକ ଏମିତି କମଜୋର୍ ବନାଉଛ?? ସେ କାହିଁକ କାହା ଉପରେ ନିର୍ଭରଶୀଳ ହେବ?? ଏମିତି ଅନେକ ଯୁକ୍ତି ବାଢି ବସେ। କିନ୍ତୁ ସେ କଥା ସେ ଭୁଲେ ନାହିଁ ଯେ ସାମାନ୍ୟ ଜିଦ୍ ରେ ଭାଇ ଭାଉଜ ଦେଉ ନାହାନ୍ତି ବୋଲି ତାକୁ ଏତିକ ଶୁଣି ବାକୁ ପଡୁଛି।

ଏଇ କେତେ ଦିନ ହେବ ତାର ପଡୋଶୀ ଘର ଅପା ଙ୍କର ମା ଆସି ତାଙ୍କ ପାଖରେ ରହୁଥାନ୍ତି। ସେ ତାଙ୍କ ଝିଅ ଜ୍ୱାଇଁ ଙ୍କୁ ଯେତିକ ଭଲ ପାଆନ୍ତି, ଶ୍ୱେତା କୁ ବି ସେତିକ ଭଲ ପାଆନ୍ତି। ଓଡ଼ିଆ ଲୋକ ପାଖ ପଡିଶା ରେ ନଥାନ୍ତି। ଶ୍ୱେତା ଏକା ସେଠି ତାଙ୍କର ଓଡ଼ିଆ ପଡୋଶୀ। ଝିଅ ଝିଅ ବୋଲି କହି ସେ ମାଉସୀ ଆସି ବସନ୍ତି। ସକାଳୁ ଉଠି ଚାଲିବା ବାହାନା ରେ ଆସି ତାଙ୍କୁ ଆଶିର୍ବାଦ ଦେଇ ଚାଲିଯାଆନ୍ତି। ସାବିତ୍ରୀ ବ୍ରତ ପୂର୍ବ ଦିନ ରାତିରେ ସେ ଅପା କଲିଙ୍ଗ ବେଲ୍ ବଜେଇଲେ। ଶ୍ୱେତା କବାଟ ଖୋଲି ବାହାରକୁ ଆସି ଦେଖେ ତ ସେ ଅପା,

-- ଅପା,କଣ ପାଇଁ ରାତିରେ ଆସିଲେ??

-- ସେମିତି କିଛି ନାହିଁ। ମାଆ ମୋ ହାତରେ ୫୦୦ ଟଙ୍କା ଦେଇଛି ତୁମକୁ ଦେବାକୁ। କାଲି ସାବିତ୍ରୀ ଅଛି ।ପୂଜା କରିବ।

-- ଶ୍ୱେତା, ଅବାକ୍ ହୋଇ ଗଲା, କହିଲା -କାହିଁକ ??

-- ମା ତୁମକୁ ଝିଅ ବୋଲି କହୁଛି।ଆମ ଆଡେ ସାବିତ୍ରୀ ବହୁତ ବଡ଼ ପର୍ବ। ମାଆ ତୁମକୁ କିଛି ବେଶୀ ଦେଇନ। ତାର ଆଶିର୍ବାଦ ଭାବି ଗ୍ରହଣ କର!!

ଶ୍ୱେତା ଆଖିରୁ ଦୁଇ ଧାର ଲୁହ ବୋହି ଗଲା। କହିଲା, ଅପା ବାପା ଘରେ ମା ନାହିଁ କ ଶାଶୁ ଘରେ ଶାଶୁ ନହାନ୍ତି। କଏ ବୁଝିବ ମନ କଥା। ଇଶ୍ୱର ବଡ଼ ଲୋକ। ଅନେକ ଦିନରୁ ଏଇ ସ୍ନେହ ଟିକକ ପାଇଁ ଅନେକ କାନ୍ଦୁଛି। ଇଶ୍ୱର କଣ ନିଜେ ଆସିବେ!! ସେ ତ ନିରାକାର। ଅନ୍ତର୍ଯ୍ୟାମୀ ସେ। ତାଙ୍କୁ କର୍ମ କରିବାକୁ ପାଞ୍ଚ ଇନ୍ଦ୍ରିୟ ର ଆବଶ୍ୟକତା ପଡ଼େ। ସେ ସେଥିପାଇଁ ଏକ ଶରୀର ଚୟନ କରନ୍ତି । ସେଥି ପାଇଁ ଆଜି ମାଉସୀ ଙ୍କ ରୂପରେ ଧରାଧାମ ରେ ଅବତୀର୍ଣ୍ଣ ହୋଇଛନ୍ତି ମୋ ଦୁଃଖ ଲାଘବ କରିବାକୁ। ସେତିକ ଆଶିର୍ବାଦ ଥାଉ, କହି ସେ ଶୁଭ ୫୦୦ ଟଙ୍କା ନୋଟ୍ ଟିକୁ ଠାକୁରଙ୍କ ଆସ୍ଥାନ ଉପରେ ରଖି ଇଶ୍ୱରଙ୍କୁ ଧନ୍ୟବାଦ ଦେଉଥିଲା। ଆଉ ମାଉସୀଙ୍କ ଦୀର୍ଘ ଜୀବନ କାମନା କରି ଶତ ଶତ ନମନ କରୁଥିଲା।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

# କଛି ପ୍ରେମ



ରଶ୍ମୀବାଳା ଶତପଥୀ

କଛି ପ୍ରେମ ଥାଏ ସମ୍ମୋହନରେ
କଛି ପ୍ରେମ ହୁଏ ଗୋପନରେ
କଛି ପ୍ରେମ ଥାଏ ହୃଦୟରେ
କଛି ପ୍ରେମ ହୁଏ ରାତିର ସ୍ୱପ୍ନରେ।

କଛି ପ୍ରେମରେ ଥାଏ ଅନୁଭବ
କଛି ପ୍ରେମ ହୋଇଥାଏ ସମ୍ଭବ
କେବେ କଛି ପ୍ରେମ ହୁଏ ଉଦ୍ଭବ
କଛି ପ୍ରେମ ହୋଇଯାଏ ଜିଅନ୍ତା ଶବ।

କଛି ପ୍ରେମ ଉନ୍ମାଦନାରେ ପୁଣି
କଛି ପ୍ରେମ ହୁଏ ସମବେଦନାରେ
କଛି ଆକାଂକ୍ଷା କଛି ପ୍ରତୀକ୍ଷାରେ
କଛି ପ୍ରେମ ରହେ ଆତ୍ମ ସମୀକ୍ଷାରେ।

କଛି ଜିଜ୍ଞାସା କଛି ପ୍ରତ୍ୟାଶା ମଝିରେ
କଛି ପ୍ରେମ ରହିଯାଏ ଆଶାରେ ଆଉ
କଛି ଦେଇ ଯାଏ କେବଳ ନୈରାଶରେ
ଦେଇଯାଏ କଛି ପ୍ରେମ ଆଶ୍ୱାସନାରେ।

କଛି ପ୍ରେମ ସମର୍ପଣ କଛି ଅପଣାପଣରେ
କଛି ରହିଯାଏ ହୃଦୟର ମୋଡା ମୋକଗ୍ଣ କଣରେ
କଛି ପ୍ରେମ ଆସେ ପ୍ରୀତି ସମ୍ଭାର ନେଇ ଆଉ
କଛି ପ୍ରେମ ଅନେ ଖୁସିର ଜୁଆର ନେଇ।

କଛି ପ୍ରେମ ଲେଖା ହୁଏ ସପ୍ତ ରଙ୍ଗରେ
ଆଉ କଛି ପ୍ରେମ ଲେଖା ହୁଏ ବିରହ ରକ୍ତରେ
କଛି ପ୍ରେମ ଲେଖା ଥାଏ ଭ୍ଗ୍ୟରେ ଆଉ
କଛି ଲେଖା ହୁଏ ଅଦୃଶ୍ୟ କାଗଜରେ।

କଛି ପ୍ରେମ ସମ୍ପର୍କର କଛି ପ୍ରେମ ଚର ଦିନର
କଛି ପ୍ରେମ ଥାଏ  ଆଜନ୍ମ ଅଭୁଲ୍ ସ୍ମୃତିରେ
ଆଉ କଛି ପ୍ରେମ ଥାଏ ସାଥୀ ଜୀବନରେ
ବାସ୍ତବରେ ପ୍ରେମ ଏକ ବିଚନ୍ଦ୍ର ନା ରେ।

ଯାଜପୁର ଟାଉନ୍, ଯାଜପୁର

# ପ୍ରଶ୍ନବାଚୀ



ସରୋଜ ଲକ୍ଷ୍ମୀ ମହାନ୍ତି

ଜୀବନ ଏକ ପ୍ରଶ୍ନବାଚୀ
ସମୟର ଓଦା ଅପରାହ୍ନଁ ରେ
ଡେଣା ମେଲୁଥିବା
ମିଠା ଶବ୍ଦ  ମାନଙ୍କ ଭିଡ ରୁ
ମୁକୁଳବାର ଚୁନା ଚୁନା ଇଚ୍ଛା  ମାନଙ୍କୁ
ପଂକ୍ତିରେ ଖଞ୍ଜିବାର ନାହିଁ ନଥିବା ଚେଷ୍ଟା
ସବୁ ଅପ୍ରାପ୍ତିର ପରିବ୍ୟାପ୍ତ  ଆହତ ଡେଣାରୁ
ଶ୍ୱାସ ରୁଦ୍ଧ ପୃଥିବୀ ର ରାଶି ରାଶି
ଭଲ ପାଇବାର ମୋହ
ବ୍ୟବଧାନ ର ମଶୃଣ ଫର୍ଦ୍ଦ ତଳେ
ପଞ୍ଜରା ଥରାଇ ସଞ୍ଚରି ଯାଆନ୍ତି
ସ୍ନାୟୁରୁ ଷୁଷୁମ୍ନା ଯାଏ
କର୍ତ୍ତବ୍ୟ ଦାୟିତ୍ୱ  ମାନେ ଲଦି ହୋଇଗଲା ପରେ
ଚହ୍ନାଁ ମୁହଁ ଚହ୍ନାଁ ପୃଥିବୀ ଟା
ଭାରି ଅଚହ୍ନାଁ ଲାଗେ
ନଶାଗ୍ରସ୍ତ  ପହିଲି ଯୌବନ ପରି
ଲୁଣ୍ଠିତ, ସଂକୁଚତ  ମନର ଉଦ୍ବେଳନ
ଦ୍ୱନ୍ଦ ସଂଶୟ ସବୁ ଭିତ୍ତିହୀନ
ଅଭିଶପ୍ତ  ଅମାରାତ୍ରୀ ର ମୁକ ଆତ୍ମାମାନେ
ବିଳପି ଉଠନ୍ତି
ଅଭିମାନ ର ତରଳ ଲୁହ ରେ ଭାସେ
ବିସ୍ତାରିତ ଆଖିର କଟାକ୍ଷ

ଭଲ ପାଇବାର ମଧୁର ମହକ ରେ
ଲେସି ହୋଇ ଯାଏ ସେଇ ସାଦାପଣ
ସରି ଆସୁଥିବା ରାତିକୁ ଲମ୍ବା କରି
ଜୋଡିବାର ଚେଷ୍ଟା କରେ ଦିନର ଆଲୋକ ମାଳାରେ
ଖୋଜେ ତୁମ ସ୍ଥାନ
ତୁମ ମୁଗ୍ଧ ମଧୁର ଅନୁଭବ
ଭବିଷ୍ୟତ ର ସଂଭାବ୍ୟ ଭିଜାମାଟି
ତୁମ ପାଦ ଯେ ଦେବମୁଦ୍ରା ରେ ସ୍ଥାଣୁ
ନିର୍ବାଣର ପିପାସୀ ମୁଁ
ହେଲେ ତୁମେ ଯେ ବିଧ୍ୱସ୍ତ ମନ୍ଦିର ର
ପଥର ଦେବତା
ସିଏକି କେବେ କଥା କହିପାରେ
ଅନୁଭବି ପାରେ,
ନା ଦେଇପାରେ ନିଖୁଣ
ସମ୍ଭାବନା ର ନିର୍ଭୟ ପ୍ରତିଶୃତି
ସିଏ ଖାଲି ଅମୀମାଂସୀତ ପ୍ରଶ୍ନବାଚୀ ଚିଏ।

**271/3, ଏ.ଭି. ରେସିଡେନ୍ସି,**
**ପୋ-କଟ୍, ଭୁବନେଶ୍ୱର**

# କରୋନା

ବରୁଣ କୁମାର ଦାସ

ଅଭିଧାନରେ ଯୁକ୍ତ ନୂଆ
ଅଲୋଡ଼ା ଶବ୍ଦର ନାମ
ପଜିଟିଭ ।
ଦୀର୍ଘଶ୍ୱାସ ଛାଡ଼ି
ସ୍ପୃହା ପାଇବାର ଜପ ମାଳା
ନେଗେଟିଭ ।
ତାଲା ବନ୍ଦ ଆଉ
ଏକାନ୍ତ ବାସ
ଏକକ ରଣନୀତି ।
ସାନିଟାଇଜର ଓ ତୁଣ୍ଡି
ମହା ଅସ୍ତ୍ର
ଦୂରତା ଆଉ ପରିଛନ୍ନତା
ଜରୁରୀ ନିଦାନ ।
ଗଣ ଦାହରେ
ନମ୍ବର ହୋଇ ଜଳ ସାରି ଥିବା
ପରିଚୟ ଟେ ପାଇଁ,
ଭୁତାଣୁ କବଳରୁ ମୁକ୍ତ
ପୁରୋହିତ
ଅନ ଲାଇନରେ ଶ୍ରାଦ୍ଧ କ୍ରିୟା ପାଇଁ
ଦେଇଛି ବିଧାନ ।

ପାଲୁସିଆ, ଭୋଗରାଇ, ବାଲେଶ୍ୱର

# ଅବତାର



ଶାନ୍ତିଲତା ମିଶ୍ର

-"ବୁଝିଲେ ରାମ ବାବୁ ! ଆଜି ଭଜନ ସମାରୋହ ଟା ସତରେ ମନକୁ ଛୁଇଁ ଦେଲା ପରି । ଦୀର୍ଘ ଦେଢ ବର୍ଷ ହେଲା ଘରୁ କୁଆଡେ ବାହାରି ନଥିଲି, ଆଜି ତୁମ ଯୋଗୁ ଏଠାକୁ ଆସିବା ଟିକେ ସମ୍ଭବହେଲା । ଘର ଲୋକ ମାନେ ଗୋଡେ ଗୋଡେ ଜଗିକି ବସିଛନ୍ତି, ପଦାକୁ ପାଞ୍ଚ ମିନଟ ବି ଛାଡି ଦଉ ନାହାଁନ୍ତି । ଆଉ ତ ଆଉ ସେ ଯୋଉ ନାତି ଟୋକା, ତା ଜେଜିର ଚେଲା ଦାଠ କବାଟ ଟିକେ ଖୋଲୁ ନଖୋଲୁଣୁ ଜେଜି ମାକୁ ଡାକ ଛାଡି ଦଉଛି । ଜେଜେ ବାହାରକୁ ଚାହୁଁଛନ୍ତି ବୋଲି । କଣ ତାକୁ କହିବ କହିଲ ।

ସାଙ୍ଗେ ସାଙ୍ଗେ ଜେଜେ ମା ଆସି ହାଜର । "କୁଆଡେ ଯିବାର ଯୋଜନା କରୁଛକ ? - "ଆରେ ନାହିଁ ହୋ କୁଆଡେ ଯିବି । ସତେ କ ଦେଶ ଦୁନିଆଁର ହାଲ ଚାଲ ମତେ କଛି ଜଣା ନାହିଁ । କବାଟ ଖୋଲି ଟିକେ ବାହାରକୁ ଚାହିଁବା ବି ମନା । ବାହାରେ କରୋନା ଘର ଭିତରେ ସେ ବି ଗୋଟେ କରୋନା "।

-"ଆଜି କରୋନା କଟକଣା ଟିକେ କୋହଳ ହେବାରୁ ଓ ଜଗନ୍ନାଥ ମନ୍ଦିରରେ ପୂଜା ଆଉ ଭଜନ ତା ସାଙ୍ଗକୁ ନାତିର ଆଜି ଜନ୍ମ ଦିନ ଯୋଗୁ ଟିକେ ଆସିବାକୁ ଅନୁମତି ମିଳଛି । ତା ବି ଘଣ୍ଟାକ ଭିତରେ ଫେରିବାକୁ ତାଗିଦା । ତମେ ଡାକବାକୁ ଆସି ନଥିଲେ ବି ଏତିକ ସୁଯୋଗ ବି ମତେ ମିଳ ନ ଥାନ୍ତା । ତା ବ୍ୟତୀତ ଭ୍ୟାକ୍ସିନ ଟା ନେଇ ସାରିଲା ପରେ ସମସ୍ତେ ଟିକେ ଆଶ୍ୱସ୍ତି ଅନୁଭବ କରୁଛନ୍ତି । ତମେ ବି ଗଲା ମାସରେ ନେଇଥିଲ ବୋଲି କହୁଥିଲ ।"

-"ସେ ଯାହା ହେଉ, ଏ ସାଦର ନମନ୍ତ୍ରଣ ପାଇଁ ଆନ୍ତରିକ ଧନ୍ୟବାଦ ରାମ ବାବୁ"।

-"ହଁ ମୋର ବି ସେଇ ଅବସ୍ଥା । କିନ୍ତୁ ଆଜି ଭଜନ ପ୍ରୋଗ୍ରାମ ଯୋଗୁ ପୁଅ ବୋହୂ ରାଜି ହେଇଗଲେ ଛାଡିବାକୁ । ତା ବ୍ୟତିତ ପୁଅର ଜଣେ ଘନିଷ୍ଠ ବନ୍ଧୁ ଏ ପ୍ରୋଗ୍ରାମର ଆୟୋଜକ ଥିଲେ ବାରମ୍ବାର ପୁଅକୁ ଅନୁରୋଧ କରିଥିଲେ ମଉସାଙ୍କୁ ଛାଡିବାକୁ । ତେଣୁ ଚାଲି ଆସିଲି। ତମଠୁ ଆଉ ଭଲ ସାଙ୍ଗ ମତେ କୋଉଠୁ ମିଳି ଥାଆନ୍ତା । ତେଣୁ ତମକୁ ଡାକି ଆସିଲି । ଯାହା ବି ହେଉ, ତମେ ଆସିବାକୁ ରାଜି ହୋଇ ଥିବାରୁ ତୁମକୁ ବି ଧନ୍ୟବାଦ ବିଚି ବାବୁ । ଆଜି ଆତ୍ମା ସନ୍ତୁଷ୍ଟ ହୋଇଗଲା । କାନ ତୃପ୍ତ ହୋଇଗଲା । ମର୍ମସ୍ପର୍ଶୀ ଏ ଭଜନ ସବୁ ଶୁଣି।"

-"ହଁ ଯାହା କହିଲ ରାମ ବାବୁ । କାନ ପବିତ୍ର ହୋଇଗଲା । ସେଇ ଯୋଉ ପୁଅଟି ଦଶ ଅବତାର ଗାଇଲେ । କି ସୁନ୍ଦର ତାଙ୍କ ର, କି ଗାଇବାର ଶୈଳୀ, ମନକୁ ପୁରା ଛୁଇଁ ଗଲା।

-"ହଁ ସତ କହିଲ ବିଚି ବାବୁ । ଆଜିକାଲି ଏପରି ପୁରାତନ ରଚନା ସବୁ ଖୁବ୍ କମ୍ ଶୁଣିବାକୁ ମିଳୁଛି । ସେ ଆଜି କାଲିକା ପିଢିର ଗାୟକ ହୋଇଥିବା ସତ୍ତ୍ୱେ ବହୁ ଭାବପୂର୍ଣ୍ଣରେ ବିହ୍ୱଳ ହୋଇ ଗାଇ ପାରିଲେ । ଧନ୍ୟବାଦର ପାତ୍ର ନିଶ୍ଚୟ ।

-"କିନ୍ତୁ ବୁଝିଲେ ରାମ ବାବୁ ! ମୋ ମନରେ ଗୋଟିଏ କଥା ସେତିକି ବେଳୁ ବାରମ୍ବାର ଉଠୁଛି । ଭଗବାନ ଦଶ ଟି ଅବତାର ନେଇ ଅବତାର ନବା କାହିଁକି ବନ୍ଦ କରିଦେଲେ । ଆଉ କଣ ବିଶ୍ୱବାସୀଙ୍କର ତାଙ୍କ ସାହାଯ୍ୟ ଦରକାର ନାହିଁ । ତାଙ୍କର ଆଉ ଅବତାର ନବାର କଣ ଆବଶ୍ୟକତା ନାହିଁ । ଆଜି ଏ ଯୋଉ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବିଶ୍ୱବାସୀ ତାଙ୍କର କଣ ଅବତାର ନେଇ ଆସିବା ଟା ଉଚିତ୍ ନୁହେଁ ! ତମେ କହିବ ଏଇଟା କଳି ଯୁଗ ଏ ଯୁଗରେ ସେ ଅବତାର ନବାକୁ ଇଚ୍ଛୁକ ନୁହଁନ୍ତି ।"

-"କିନ୍ତୁ ତାଙ୍କର ତ କାମ ହେଲା ବିଶ୍ୱବାସୀଙ୍କୁ ବିପଦ ବେଳେ ଉଦ୍ଧାର କରିବା । କଳିଯୁଗ କଣ, ସତ୍ୟ ଯୁଗ କଣ । ଏହାଠୁ ଆଉ ବଡ ବିପଦ କଣ ଥାଇ ପାରେ ବିଶ୍ୱବାସୀଙ୍କ ପାଇଁ। ଲକ୍ଷ ଲକ୍ଷ ଲୋକ ଆଖି ପିଛୁଳାକେ ଚାଲିଗଲେ । ତାଙ୍କୁ କଣ ଟିକେ ବି ଚିନ୍ତା ପଡିଲା ନି କି

ଦୁଃଖ ହେଲାନାହିଁ । ସେ ଯଦି ତାଙ୍କ କର୍ତ୍ତବ୍ୟ ଭୁଲିବେ, ଦାୟିତ୍ୱ ଭୁଲିଯିବେ ତେବେ ଆମେ ସାଧରଣ ମାନବ ଜାତି ଠାରୁ କଣ ଆଉ ଅଧିକ ଆଶା କରିବା ।"

ବଡ ଜୋରରେ ହସି ଉଠିଲେ ସ୍ୱାମ ବାବୁ । -"କିଏ କହିଲା ସେ ଆଉ ଅବତାର ନଉନାହାଁନ୍ତି ବୋଲି । ନାଁ ସେ ତାଙ୍କ କର୍ତ୍ତବ୍ୟ ଭୁଲିଛନ୍ତି ନା ଦାୟିତ୍ୱ । ସବୁ ବିପଦରେ ସେ କିଛି ନା କିଛି ର ମାଧ୍ୟମ ଦେଇ ଆସି ଉଭା ହୋଇ ତାଙ୍କ ସଂସାରକୁ ରକ୍ଷା କରି ଚାଲିଛନ୍ତି । ଆମ ଆଖିକୁ ତାହା ଦିଶୁ ନାହିଁ । ସେ ଯୁଗରେ ତାଙ୍କ କାର୍ଯ୍ୟ କଳାପ ଲୋକଙ୍କ ଆଖିକୁ ଦିଶୁ ଥିଲା । ସେତେବେଳର କବି ଲେଖକ ମାନେ ଶତ ମୁଖର ହୋଇ ତାଙ୍କର ପ୍ରଶସ୍ତି ଗାଇ ଚାଲୁଥିଲେ । ଆଜି କାଲି ଆମେ ହିଁ ତାଙ୍କ ସତ୍ତାକୁ ଅନୁଭବ କରିବାକୁ ଇଚ୍ଛୁକ ନୁହଁ । କୃତଜ୍ଞତା ଜଣାଇବାକୁ ଆମକୁ ସମୟ ବି ନାହିଁ । ତାଙ୍କୁ ବୁଝିବାକୁ ଧୈର୍ଯ୍ୟ ବା କାହିଁ ।"

-"କଣ ଯେ କହୁଚନ୍ତି ସ୍ୱାମ ବାବୁ ମୁଁ ତ ବୁଝି ପାରୁ ନାହିଁ । ଭଗବାନ ଆସି ଅବତାର ନେଇ ଚାଲି ଗଲେଣି ଆମକୁ କାହାକୁ ଜଣା ନାହିଁ । ଯଦି ବା ଆସିଥଲେ କାହିଁ କିଛି ତ ସମଧାନ କରିକି ଗଲେନ । ଲୋକ ମାନେ ସେଇ କରୋନାରେ ଛଟପଟ ହୋଇ ମରୁଛନ୍ତି । ଏବେ ବି ସେମାନଙ୍କ ଦୁଃଖର ସମାପ୍ତି ହୋଇ ପାରିନ । ସେ କି ଅବତାର ତେବେ ! କି ସାହାଯ୍ୟ ତେବେ !"

-"ବୁଝିଲେ ବିଚ ବାବୁ ସବୁତ ତୁମ ଆଖି ଆଗରେ ଘଟି ଯାଉଛି କିଛି ଦେଖି ପାରୁନ କେମିତି । ଯୋଉମାନେ ଏ କରୋନା ପାଇଁ ରାତି ଦିନ ଏକାକାର କରି ଭ୍ୟାକସିନ୍ ବାହାର କରି କୋଟି କୋଟି ଲୋକଙ୍କୁ ଅକାଳ ମୃତ୍ୟୁ ମୁଖରୁ ରକ୍ଷା କଲେ ସେମାନେ ଆଉ କଣ କି । ସେଇ ଭଗବାନ ଙ୍କର ଜଣେ ଜଣେ ଅବତାର ।"

ଟିକେ ଚୁପ୍ ରହି ବିଚ ବାବୁ କଥା ଆରମ୍ଭ କଲେ -"ଆରେ ସତେତ, ଏ କଥା ମୋ ମୁଣ୍ଡର ଏ ଯାଏ ପଶି ନଥିଲା କେମିତି । ଭଗବନଙ୍କ ଲୀଳା ଖେଳା ବୁଝିବା ମୋ ପରି ମୁର୍ଖ ଅଧମ ପାଖେ କେବେ ବି ସମ୍ଭବ ନୁହେଁ । ସେ ସେହି ମଣିଷ ମାନଙ୍କ ବେଶରେ ଆସି ଏ ଭ୍ୟାକ୍ସିନ ତିଆରି କରିବାରେ ବୁଦ୍ଧି ଯୋଗେଇ ଦେଇ ଗଲେ । ନଚେତ ଏ ସଂସାରରେ ଆହୁରି କ୍ଷୟ

କ୍ଷତି ଘଟି ଯାଇ ଥାନ୍ତା । ଆହୁରି ଅନେକ ଲୋକ ଚ୍ଛଲି ଯାଇଥାନ୍ତେ । ତମେ ଆମେ ବି ବାଦ ପଡି ନଥାନ୍ତେ ।

ତାଙ୍କ ସଂସାର ଏକ ନିୟମ କାନୁନରେ ଚ୍ଛଲୁଛି । ସେ ନିୟମ ଉଲଙ୍ଘନ ନକରି କପରି ସଂସାରର ରକ୍ଷା ହେବ ଉପକାର ହେବ ଭଗବାନ ସବୁବେଳେ ଭ୍ବୁଥାନ୍ତି ଆଉ ତଦନୁରୁପ ଚେଷ୍ଟା ବି କରୁଥାନ୍ତି ।

ହଜାରେ ଧନ୍ୟବାଦ ରାମ ବାବୁଙ୍କୁ ଓ କୋଟିଏ ଧନ୍ୟବାଦ ଭଗବାନ ଉଦ୍ଦେଶ୍ୟରେ ଜଣାଇ ଘରକୁ ଫେରିଥିଲେ ସେଦିନ ବିଚ ବାବୁ । ଆସନ୍ତା ଭଜନ ପ୍ରୋଗ୍ରାମ ହୋଇ ପାରିବକ ନାହିଁ ଓ ତାଙ୍କୁ ଶୁଣିବାର ସୁଯୋଗ ମିଳବକ ନାହିଁ ଯଦିଓ ସେ ଜାଣି ନାହାଁନ୍ତି ତଥାପି ସେ କୃତଜ୍ଞତା ଜଣାଇ ଚ୍ଛଲିଥିଲେ ଜଗତ କର୍ତ୍ତାଙ୍କ ଉଦ୍ଦେଶ୍ୟରେ । ଏବେ ସେ ବୁଝିଗଲେ ଭଗବନ ବ୍ୟକ୍ତିଗତ ସ୍ୱାର୍ଥକୁ ରକ୍ଷା କରନ୍ତୁ ବ ନକରନ୍ତୁ ସମୂହ ସ୍ୱାର୍ଥ ରକ୍ଷା ପାଇଁ ସଦା ତତ୍ପର ।

ଶାନ୍ତିଲତା ମିଶ୍ର, ରଚେଷ୍ଟର, ମିନେସୋଟା

# ଛଳନା



ହାସ୍ୟମୟୀ ରାଜ୍

ଯେବେ ଦେଖାହେଲା ତୁମ ସହ
ପାଇଲି ତୁମର ପରିଚୟ
ସଂପର୍କ ଡୋରିରେ ବାନ୍ଧିଦେଲ ତୁମେ
କଣିନେଇଗଲ ମୋ ହୃଦୟ ॥

ଦିନ ଯାଉଥିଲା ଯେତେ ବିତି
ବଢୁଥିଲା ଶ୍ରଦ୍ଧା ନିତି ନିତି
କେତେ ଅନ୍ତରଙ୍ଗ ଭାବ ଦିଆନିଆ
ହୋଇ ତୁମେ ହେଲ ପ୍ରିୟ ସାଥୀ ॥

ସମୟ ଗତିରେ ଫିକା ପଡିଗଲା
ଯେତେ ସବୁ ତୁମ ଇତିବୃତି
ସ୍ୱପ୍ନ ସବୁ ଯେତେ ବାଟ ହୁଡିଗଲା
ଖୋଜି ପାଇଲିନି ସେଇ ଗୀତି ॥

ଆଜି ତୁମେ ଲାଗ ଅଚିହ୍ନା ଅଚିହ୍ନା
ଦୂର ଆକାଶର ତାରା ପରି
ଦୁର୍ବିସହ ଲାଗେ ଜୀବନ ସାଗର
କେମିତି ହୋଇବି ମୁଁ ଯେ ପାରି ॥

ଏମିତି ଛଳନା କାହିଁକି ଯେ କଲ
ଦେଖିପାରେ ନାହିଁ ଚେରାବାଲି
ଭରସା ନାହିଁ ଏ ଜୀବନକୁ ମୋର
ତଥାପି ଆଗକୁ ମାଡେ ଚାଲି ॥

ଓରାଳି, ହାଟଡିହି, କେନ୍ଦୁଝର

# ର୍‌ତିସାର୍ ମେଘମାନେ



ଗଜାନନ ମିଶ୍ର

କଣ ସବୁ କରୁଛନ୍ତି
ର୍‌ତିସାର୍ ଏ ମେଘମାନେ?
ର୍‌ତିସାର୍ ହଇଚଇ,
ସବୁ ଗଣ୍ଡଗୋଳର ମୂଳରେ
ସତରେ ଇଂରିଜି !

ଗ୍ଲଲିଛି ଅଦଳବଦଳ,
ଗ୍ଲଲିଛି ଧାଁଦୌଡ ର୍‌ତିସାର୍ ।
କେହି ଜଣେ ହେଲେ କହନ୍ତେ
ଅଛି ମୁଁ ଠିକ୍ ରେ
ଘାବରେଇବାର ନାଇଁ କାରଣ ।

ଅବଶ,
ଦେହ ମୁଣ୍ଡ ଆଉ ସମଗ୍ର ଶରୀର ।
ଫୁଲ ଫଳରେ ଅବଶ୍ୟ ଭର୍ତ୍ତି
ଏ ତପୋବନ ।

ମେଘମାନେ କଣ
ଛାଡିବାର ଜନ୍ତୁ!

ପାହାଡ ଉପରେ ସବୁ,
ଚଢି ପାରିବା କଥା,
ଆଉ ଚଢି ନ ପାରି
ୟ୍ଲାଡୁସ୍ୟାଡୁ ବକବସିଲେ
କଣ ହେବ କରି କହନ୍ତୁ!

ସବୁ ଦିଗ ତ ମେଲ୍,
କଏ କେଉଁଆଡକୁ ଗଲ୍ କ
ଆସିଲ୍ କେଉଁଆଡୁ,
ୟ୍ଲା ଉପରେ ନ ହେଉ ପାଲ୍!
ଠିକ୍ ଭୁଲ୍ ବାରି ନ ପାରି
ପୁଣି ସବୁ ଝାମେଲ୍ ।
ଠିଆ ଠିଆ ଏମାନେ ସବୁ
ନଜଠି ନଜେ ଦରମଲ୍!

ତପୋବନ, ଟିଟିଲାଗଡ, ବଲାଙ୍ଗୀର

# ତୁମେ ଅଛ ପାଖେ



ପୁଷ୍ପାଞ୍ଜଳି ପଣ୍ଡା

ପ୍ରତିକ୍ଷଣ ପ୍ରତିଦିନ
ତୁମେ ଅଛ ପାଖେ
ସେପାଇଁ ମୁଁ ଦୁନିଆକୁ
ଭଲକରି ଦେଖେ।
କେତେ ସ୍ନେହ ଆଦରର
ସଂପର୍କ ର ସ୍ୱାଦ
ତୁମ ଅନୁଭବ ହରେ
ରିକ୍ତ ଅବସାଦ।
ଝରୁଅଛି ପ୍ରିତୀ ସୁଧା
ସକାଳ ସଞ୍ଜରେ
ତୁମେଅଛ ଅମୃତର
ପରଶ ପ୍ରାଣ ରେ।
ବିଶ୍ୱାସ ର ଭରସାର
ପ୍ରତିଶ୍ରୁତି ତୁମେ
ଆଷାଢ଼ ଆକାଶେ ତୋଳେ
ଛନ୍ଦ ତବ ନାମେ।
ଶୀତ ବସନ୍ତ ଋତୁ କ
ନଦାଘ ଗ୍ରୀଷମ
ତୁମ ଲାଗି ମଧୁମୟ
ପୃଥୀ ଅନୁପମ।

ଜୀବନ ମୃତ୍ୟୁ ଚକ୍ରରେ
ଝୁଲିବା ଟା ତୟ
ତୁମେ ଅଛ ପାଖେ କମ୍ପା
ହେବ କେ ଅଥୟ ।
ସମର୍ପଣ ଶ୍ରୀପୟରେ
ସବୁ "ମୋର ପଣ"
ପାଖେଅଛ ବୋଲି ଏହି
ମାଟି ଘଟେ ପ୍ରାଣ।
ହେ ନର୍ଗୁଣ ହେ ନର୍ମୋହ
ପାଖେପାଖେ ରୁହ
ଆତ୍ମାପକ୍ଷୀ ଉଡାଇଣ
ତୁମ ପାଖେ ନଅ।

ଷ୍ଟାଟିଷ୍ଟିକାଲ ଅଫିସର
ଯାଜପୁର

# ଭାରତୀୟ ସଂସ୍କୃତି, ବ୍ୟକ୍ତିତ୍ୱ ଏବଂ ବ୍ୟବହାର

ଦାଶରଥୀ ଶତପଥୀ, ଭା.ପ୍ର.ସେ

ଯେଉଁ ଦେଶର ସଂସ୍କୃତି, ପରଂପରା ଅତି ମହାନ, ସେ ଦେଶ ମଧ୍ୟ ସେତିକି ଗରିଆନ । ଗୋଟିଏ ଦେଶର ଶିକ୍ଷା, ସାହିତ୍ୟ, ସଂସ୍କୃତି, ସଦାଚାର ଓ ସୁସ୍ଥ ପରିବେଶ ଅନେକ କିଛି ଶିକ୍ଷା ଦେଇଥାଏ । ଯଥାର୍ଥରେ କୁହାଯାଇଛି "ସଂସର୍ଗଜା" ଦୋଷଗୁଣାଃ ଭବନ୍ତି । ଅସାଧୁ ଲୋକଙ୍କ ସହ ସଂପର୍କ ସ୍ଥାପନରେ ବ୍ୟକ୍ତି ଅସାଧୁ ଓ ଅନାଚାରୀ ହୋଇଥାଏ । ସୁତରାଂ ନିଜକୁ ମହାନ ଓ ସୁଦୃଢ କରିବା ପାଇଁ ମହତଜନଙ୍କ ସହ ମିଶି ଉଚତ୍ ମାର୍ଗରେ ଗଲେ ମଣିଷ ଧନ୍ୟ ହୋଇଥାଏ । ତେଣୁ ଜୀବନରେ ବଡ ହେବା ପାଇଁ ଅଭିଳାଷି ବ୍ୟକ୍ତି ବଡ ଲୋକର ନୀତି, ଆଦର୍ଶକୁ ମାନି ତାଙ୍କର ପନ୍ଥା ଅନୁସରଣ କରିବା ସର୍ବାଦୌ କରଣୀୟ ।

ବାହ୍ୟ ଜଗତରେ ମନୁଷ୍ୟର ଗଠନ ଏକାପରି ହେଲେ ମଧ୍ୟ ସେମାନଙ୍କ ମଧ୍ୟରେ ବିଭିନ୍ନତା ଓ ବୈଷମ୍ୟ ରହିଛି, ଡେଙ୍ଗା-ଗେଡା, ଧନୀ-ନିର୍ଦ୍ଧନ, ମୁର୍ଖ-ପଣ୍ଡିତ, ଦୟାଳୁ-ନିର୍ଦ୍ଦୟ, ସ୍ୱାର୍ଥପର-ନିସ୍ୱାର୍ଥପର, ମହାତ୍ମା-ଦୌରାତ୍ମା, ସାଧୁ-ଅସାଧୁ ଆଦି ବିଭିନ୍ନ ଚରିତ୍ରର ମଣିଷ ଆମ ସମାଜରେ ବାସ କରନ୍ତି ଏହାହିଁ ସୃଷ୍ଟିର ବୈଚିତ୍ର । ଅନେକ ସମୟରେ ନୀଚ ବ୍ୟକ୍ତି ମଧ୍ୟ ମହତ୍ ଜନକ ସଂସ୍ପର୍ଶରେ ଆସି ନିଜର ସକାମ ଓ ନିଷ୍କାମ ଚେଷ୍ଟା ଓ ବ୍ୟବହାର ଆଧାର କରି ସେହି ବ୍ୟକ୍ତି ତାର ବ୍ୟକ୍ତିତ୍ୱର ପରିଚୟ ସୃଷ୍ଟି କରିଥାଏ ।

ଶାସ୍ତ୍ର ଅନୁସାରେ ଭାରତୀୟ ସଂସ୍କୃତିକୁ ଆଦରି ନେଇଥିବା ବ୍ୟକ୍ତି କାହାରିକୁ ନିନ୍ଦା କରିବା ଉଚତ୍ ନୁହେଁ । ନିନ୍ଦା କରୁଥିବା ବ୍ୟକ୍ତି ଯାହାର ନିନ୍ଦା କରେ, ସେ ବ୍ୟକ୍ତିର କ୍ଷତି ହୋଇନଥାଏ ବରଂ ନିନ୍ଦା କରୁଥିବା ବ୍ୟକ୍ତି ଅଶେଷ କ୍ଷତିରେ ପଡିଥାଏ । ଯେ ଅନାୟସରେ ଅନ୍ୟର ସେବା କରିବାକୁ ପଛାଏ ନାହିଁ ଏବଂ ଅନ୍ୟର ଉନ୍ନତି କାମନା କରେ, ପ୍ରତ୍ୟେକ କ୍ଷେତ୍ରରେ ତାର ହିତସାଧନ କରେ ଆଧ୍ୟାତ୍ମିକ ଦୃଷ୍ଟିରୁ ତାର ଅଧିକ ହିତସାଧନା ହୋଇଥାଏ। ଗୁରୁଜନ ଲୋକଙ୍କୁ ଭକ୍ତି ମାର୍ଗରେ ବାନ୍ଧି ରଖି ସେମାନଙ୍କର ଆଦର କରିବା ସହିତ ଭକ୍ତି ସହକାର କଥାବାର୍ତ୍ତା କଲେ ଜଣେ ସାଧାରଣ ମଣିଷ ତାର ବ୍ୟବହାର ବଳରେ କୁଶଳୀ

ହୋଇପାରିବେ। ଯାହାର ଜୀବନରେ ବ୍ୟବହାର କୁଶଳତା ଓ ବିନମ୍ରତା ଅଛି ସେ ସବୁକିଛି କରିପାରେ, ଯାହା ଜୀବନରେ ବିନମ୍ରତା ନାହିଁ ନିଜକୁ ସର୍ବଜ୍ଞ ବୋଲି ଭାବେ ପ୍ରକୃତରେ ସେ କିଛି ଜାଣିନଥାଏ ଓ ଅଜ୍ଞାନରୂପକ ଅନ୍ଧାରରେ ଜୀବନ କଟାଇ ଭକ୍ତି ଭାବନାରୁ ଦୂରରେ ଥାଏ ।

ଜଣେ ଚିତ୍ରକର ତାର ଗୁରୁଦେବଙ୍କ ନିକଟରେ ଏକ ସୁନ୍ଦର ଚିତ୍ରଟିଏ ଆଙ୍କିଥିଲେ । ଗୁରୁଦେବ ଏହି ଚିତ୍ର ଦେଖି କହିଲେ, ବାଃ ବାଃ ଅତି ସୁନ୍ଦର, ଅତି ଅଦଭୁତ ଚିତ୍ର ଆଙ୍କିପାରିଲ । ଶିଷ୍ୟ କହିଲେ ଗୁରୁଦେବ, ଏଥିରେ କୌଣସି ତୃଟି ରହିଥିଲେ ଦୟାକରି କୁହନ୍ତୁ, ସେଥିପାଇଁ ମୁଁ ଆପଣଙ୍କ ନିକଟକୁ ଆସିଛି । ଗୁରୁ: ଏଥିରେ କିଛି ତୃଟି ନାହିଁ ତୁ ମୋ ଠାରୁ ମଧ୍ୟ ସୁନ୍ଦର ଛବିଟିଏ ଆଙ୍କିଛୁ:- ଏହା ଶୁଣି ଶିଷ୍ୟଜଣକ କାନ୍ଦିବାକୁ ଲାଗିଲା । ତାର କାନ୍ଦିବା ଦେଖି ଗୁରୁ ପଚାରିଲେ ତୁ କାହିଁକି କାନ୍ଦୁଛୁ ? ମୁଁ ତୋର ପ୍ରଶଂସା କରୁଛି। ଅତି ସନ୍ତର୍ପଣରେ ଶିଷ୍ୟ କହିଉଠିଲା ଆପଣ ଯଦି ମୋର ଦୋଷ ଦର୍ଶାଇବା ପରିବର୍ତ୍ତେ ପ୍ରଶଂସା କରିବେ ତେବେ ମୋର ଭୁଲ ରହିଲା କିଏ ଜଣାଇବ, ମୋର ପ୍ରଗତି ହେବ କେମିତି । ଏହା ଶୁଣି ଗୁରୁ ତାର ଭକ୍ତିରେ ଅତ୍ୟନ୍ତ ପ୍ରସନ୍ନ ହୋଇଥିଲେ ଏହା ଥିଲା ଭାରତୀୟ ସଂସ୍କୃତିରେ ଗୁରୁଜନଙ୍କ ପ୍ରତି ଭକ୍ତି ଭାବନା ଓ ଆଦର୍ଶର ପ୍ରତୀକ ଯାହାକି ଆମ ସଂସ୍କୃତିରେ ପ୍ରତିଫଳିତ ହେଉଛି । ଆମେ ଯେତିକି ଜାଣିଛୁ ଶିଖିଛୁ ତା ଠିକ୍ ହୋଇପାରେ କିନ୍ତୁ ଅଧିକା ଜାଣିବା, ଶିଖିବା ଜାରି ରଖିବା ଉଚିତ୍ । ଏକଦା ରାମକୃଷ୍ଣ ପରମହଂସଙ୍କୁ ଜଣେ ଭକ୍ତ ପଚାରିଲେ ଆପଣ ସବୁକିଛି ଜାଣିଗଲେଣି! ଉତ୍ତରରେ ରାମକୃଷ୍ଣ କହିଲେ ଯେ ପର୍ଯ୍ୟନ୍ତ ମୁଁ ବଞ୍ଚିରହିଥିବି ସେ ପର୍ଯ୍ୟନ୍ତ ଶିକ୍ଷା କରିବାକୁ ଅଛି । ଯାହାଙ୍କ ଠାରୁ କିଛି ଶିଖିବାର ଅଛି ତାହା ବିନମ୍ରତାର ଶିଖିବାର ଉଚିତ୍ । ଜୀବନରେ ବିନୋଦ ଆବଶ୍ୟକ ଏହା ଅତି ହେବା ଅନାବଶ୍ୟକ । ତେଣୁ ସାବଧାନତାର ସହ ବ୍ୟବହାର ପୂର୍ବକ ଧ୍ୟାନ ଦେଇ କାର୍ଯ୍ୟ କରିବା ହିଁ ବିକାଶର ଚାବିକାଠି । ଯେଉଁ ପିତାମାତା ତୁମକୁ ଜନ୍ମ ଦେଇଛନ୍ତି ତାଙ୍କ ସହ ଗୁରୁଜନମାନଙ୍କୁ ବୁଝିବାକୁ ଚେଷ୍ଟା କର । ତାଙ୍କ ପ୍ରତି ଭକ୍ତି ଆସୁ, ଦୟା ଆସୁ, ସ୍ନେହ ଆସୁ ଏପରି ବ୍ୟବହାର ଆସୁ ଯେଉଁଥିରେ କି ସେମାନେ ସନ୍ତୁଷ୍ଟ ହୋଇରହିବେ । ଯେଉଁଥିରେ କି ହେବ ଆମର ବାସ୍ତବ ବିକାଶ । ପବିତ୍ର ଶ୍ରୀମଦ୍ ଭଗବତ୍ ଗୀତରେ ଉଲ୍ଲେଖ ଅଛି :- ଅହିଂସା, ସତ୍ୟ ଭାଷଣ, କ୍ରୋଧ ନକରିବା, ସାଂସରିକ କାମନା ତ୍ୟାଗ, ଶାନ୍ତି, ପରନିନ୍ଦା ନକରିବା, ପ୍ରାଣୀମାନଙ୍କ ଉପରେ ଦୟା କରିବା, ଅନାସକ୍ତି,

ଅନ୍ତକରଣରେ କୋମଳତା, ଅକର୍ତ୍ତବ୍ୟ କରିବାରେ ଲଜ୍ୟା ଓ ଚଞ୍ଚଳତାର ଅଭାବ ହେଲେ ମନୁଷ୍ୟ ଉନ୍ନତିର ଶିଖର ସ୍ଥାନରେ ପହଂଚପାରିବ।

"ଅହିଂସା ସତ୍ୟମକ୍ରୋଧ ସ୍ତ୍ୟାଗଃ ଶାନ୍ତିର ପୈଶୂନମ୍
ଦୟା ଭୂତେଷ୍ୱଲୋଲୁପ୍ତ୍ୱଂ ମାର୍ଦବଂ ହ୍ରୀରଗ୍ଚପଳମ୍".... ।

ଦେବଭୂମୀ ଭାରତ ବର୍ଷ ଆମର ପବିତ୍ର ଦେଶ କେଉଁ ସ୍ମରଣାତୀତ କାଳରୁ ଏ ଦେଶର ମୁନ, ଋଷି ଓ ସାଧକମାନେ ଏ ଦେଶରେ କାଳ କାଳ ଧରି ମାନବ ଆତ୍ମାର ଉନ୍ନତି ସାଧନା କରିଆସିଛନ୍ତି । ସେମାନଙ୍କର ନିର୍ମଳ ଚରିତ୍ରର ପ୍ରଭାବ ଓ ଉପଦେଶ, ବ୍ୟକ୍ତି ଓ ସମାଜ ଉପରେ ପ୍ରଭାବ ପକାଇ ଆସୁଅଛି । ଯାହା କରଣୀୟ ତାକୁ କାର୍ଯ୍ୟରେ ପ୍ରତିପାଦନ କଲେ ଏହା ଆଚରଣ, ଉଚ୍ଚରଣରେ ତାହା ପ୍ରତିଫଳତ ହୋଇଥାଏ । ଆମେ ଆମ ପାଇଁ ଆଦର୍ଶ ନ ହୋଇପାରିଲେ ମଧ୍ୟ ସମସ୍ତଙ୍କର ଚେଷ୍ଟା ଓ ପ୍ରଚେଷ୍ଟା ରହିବା ଦରକାର ଯେ ଆମ ସଂସ୍କୃତି ଓ ପରଂପରାକୁ ବଜାୟ ରଖିବା, ସମୃଦ୍ଧ କରିବା ଯାହା ବ୍ୟକ୍ତିତ୍ୱରେ ଆଚାର, ବ୍ୟବହାରରେ ପ୍ରତିପାଦିତ ହୋଇପାରିବ । ଆମର କାର୍ଯ୍ୟ ଆଗାମୀ ପିଢି ପାଇଁ ଗୋଟିଏ ଗୋଟିଏ ଉଦାହରଣ ସୃଷ୍ଟି କରିବ ।

ଏହି ପ୍ରରିପ୍ରେକ୍ଷୀରେ ଆମେରିକାର ଦାର୍ଶନକ ଓ୍ୱିଲ ଡୁରାଣ୍ଟ କହିଛନ୍ତି ଭାରତ ଦେଶହିଁ ସମସ୍ତ ମନୁଷ୍ୟ ଜାତିର ମାତୃଭୂମି ଏବଂ ସଂସ୍କୃତ ସମସ୍ତ ୟୁରୋପିଓ ଭାଷାର ଜନନୀ । ଭାରତ ଆମର ତତ୍ତ୍ୱଜ୍ଞାନ ଏବଂ ଗଣତନ୍ତ୍ରର ଜନନୀ । ଭାରତମାତା ବିବିଧ ଦୃଷ୍ଟିରୁ ଆମ ସମସ୍ତଙ୍କର ଜନନୀ । ଆମ ସଂସ୍କୃତିକୁ ଆଦରି ନେଇ ଜର୍ମାନ ଦାର୍ଶନକ ମ୍ୟାକମୁଲର କହିଛନ୍ତି ଏହି ପୃଥିବୀରେ ସର୍ବାଧିକ ମାନବପ୍ରଜ୍ଞା କେଉଁଠି ବିଦ୍ୟମାନ ଏବଂ ଜୀବନର ମହତ୍ତମ (ଜଟିଳତ୍ତମ) ପ୍ରଶ୍ନର ସମାଧାନ କେଉଁମାନେ ଖୋଜିଛନ୍ତି ଯଦି ମୋତ ପଚରାଯାଏ ତେବେ ମୁଁ କେବଳ ଭାରତକୁ ହିଁ ଅଙ୍ଗୁଳ ନିର୍ଦ୍ଦେଶ କରିବି। ଏହି ମହାନ ଭାରତବର୍ଷର ସଂସ୍କୃତି ସମଗ୍ର ପୃଥୀବିରେ ଖ୍ୟାତ।

ସଚିବ, ଓଡିଶା ବିଧାନସଭା
ଦୂରଭାଷ ନଂ ୯୩୩୭୪୪୯୩୭୩

# ଆସ ବନ୍ଧୁ

ପ୍ରଣତି ମହାପାତ୍ର

ଓହୋଃ ! କେମିତି ତୁମେ ଆସୁଛ ହେ ମୃତ୍ୟୁ
ହେଉଛି ଏତେ ବିଳମ୍ବ,
ମୁଁ ଯେ ତୁମ ସ୍ୱାଗତ ପାଇଁ ଅପେକ୍ଷାରତ
ଆସୁଛ ଆସୁଛ କହି ଗଡେଇ ଗ୍ଲଲିଛ ବେଳ
ମୁଁ ଯେ ଆକ୍ରାମାକ୍ରା ଅବସ୍ଥା ମୋ ଅସମ୍ଭାଳ,

ମରୁ ମରୀଚକା ମଧ୍ୟେ କଣ୍ଟା ଖାଇ ମେଣ୍ଟାଏ ମୋ ଶୋଷ
ନିଜ ରକ୍ତ ନିଜେ ପିଇ, ନିଜ ଶବ ନିଜ କାନ୍ଧେ ବୁହେ ହୋଇ ହସ ହସ,
ପ୍ରାଣ ଥାଇ ଦାନ କରେ କାଟି କାଟି ଶରୀରରୁ ପୁଳାପୁଳା ମାଂସ,
ମେଣ୍ଟାଇ ଥାଏ ପୁଣି କାହାର ଭୋକ ଆଉ ଶୋଷ
ଭୂମି ସ୍ପର୍ଶ ଠାରୁ ଦେଇ ଦେଇ ନିସ୍ୱଃ ମୁହିଁ ହୋଇଛି ନିଃଶେଷ।

ହେ ମୃତ୍ୟୁ!
ତୁମେ ହିଁ ତ ଦିବାରାତ୍ର ପରି ଚର ସତ୍ୟ
ତୁମ ସହ ନିହିତ ମାନବୀୟ  ଜୀବନ ଦର୍ଶନ ଗାଥା
ସଦା ସୁନ୍ଦର ;
ଅବଶ୍ୟ, ଆସ ତୁମେ ଅପ୍ରତ୍ୟାଶିତ, ଅନାହୁତ ଅତିଥି ସମ
ଓହୋଃ,
ସେଥିପାଇଁ ପରା ତୁମେ ଅନାଦୃତ,ଘୃ ଣିତ, ନିନ୍ଦିତ, ଅପମାନିତ
ତଥାପି, ତଥାପି ମୁଁ କରେ ଆପଣାର
ମୋ ଜନ୍ମ ସାଥେ ଲେଖା ନାମ ତୁମର
ସେଥିପାଇଁ ଆହ୍ୱାନ ମୋ ବାରବାର,

ତୁମେ ଆସ ବନ୍ଧୁ !
କରିବି ମୁଁ ଆଲିଙ୍ଗନ,
କୋଳେଇ ନେବି ମୋ ବାଲ୍ୟ ସଖା ପରି
ଆସ ,ଆସ ମୃତ୍ୟୁ ମୁଁ ଯେ ଅପେକ୍ଷାରତ
ଇଚ୍ଛା ନାହିଁ ଦଣ୍ଡେ ରହିବାକୁ ଏ ଛଳନାର ଯତୁଗୃହେ
ଯେଉଁଠି ପ୍ରତି ମୂହୁର୍ତ୍ତରେ ଉଦ୍ଘୀରଣ ହୁଏ ପ୍ରବଞ୍ଚନାର ଲାଭା ।

ଆସ ବନ୍ଧୁ ଆସ

ବାଲେଶ୍ୱର

# ଅପେକ୍ଷା



ପ୍ରଣତୀ ରଥ

ଚରଦିନ ଚରକାଳ
ମୁଁ ଏଇମିତି ବସିଥିବି, ତୁମରି ଅପେକ୍ଷାରେ
ତୁମ ପ୍ରେମର ମୂର୍ଚ୍ଛନାରେ,
ଗାଉଥିବି ପବନର ତାଳେ ତାଳେ।
ତପ୍ତତା ଭରା ସୂର୍ଯ୍ୟର କରଣରେ
ହେଉଅବା, ଶୀତାଂଶୁ ର ଆଲୋକରେ।
ପ୍ରବୋଧନା ଦେବା ପାଇଁ ନ ଥିଲେ କେ ନାହିଁ
ଏହି ଶୁନ୍ ସାନ୍ ଦରିଆରେ
ନଜସ୍ୱ ହାତରେ
ଖଞ୍ଜିଦେଇ ପ୍ରବୋଧନା ଭାର ବୁଝାଇ ଦେଇଛି ନଜକୁ ନଜେ।
ଗ୍ଭେର୍‌ବାଲିରେ ନଅର ତୋଳେ
ଏକାଗ୍ର ଚତ୍ତରେ।
ହୃଦୟରେ ସ୍ୱପ୍ନ ହୁଏ ପୁଷ୍ପିଭୂତ
ସଳଳ ପରି ବହିଯାଇ
ପୁଣି ସରିଯାଏ ଯେବେ ହୁଏ ପ୍ରଭାତ।
ମୁଁ ଚରଦିନ ଚରକାଳ
ଏଇମିତି ବସିଥିବି
କାଠର ପ୍ରତିମା ପରି, ବୃକ୍ଷପରି, ପର୍ବତ ପରି
ଏଇମିତି ଝରାଉଥିବି ଲୁହ
ନର୍ଝରିଣୀ ର ସୁଅ ପରି।

ପୃଥିବୀ ଘୂର୍ଣ୍ଣନ ପ୍ରାୟ
ତୁମେ ଆସିବ ଏ ବାଟେ,
ଆସ କି ନ ଆସ ମୁଁ ଗୁହିଁଥିବି
ତୁମ ଅପେକ୍ଷାରେ ଦରିଆ ବୁକୁରେ
ଠିକ୍ ଏଇମିତି ବସିଥିବି,
ପାଲଟି ଗଲେ ଯିବି ପଛେ
ନଜେ ଦରିଆଟେ
ମୁଁ ନଜେ ଦରିଆଟେ ।

ରାଉରକେଲା, ସୁନ୍ଦରଗଡ

# ସାଧବ ବୋହୁ



ଶୁଭେନ୍ଦୁ ମେହେର

ଆସିଲା ଯହୁଁ ବର୍ଷା କାଳ
ଆକାଶେ ମେଘ ମାଳ ।
ସବୁଠି ହସେ କଅଁଳେ ଘାସ
ଧରା ଦିଶଇ ଶ୍ୟାମଳ ।।

ଝିପି ଝିପି ଝିପି ମେଘ ବରଷେ
ଓଦା ହୁଏ ଗାଁ ଭୂଇଁ ।
ଚାଷୀଭାଇ ର ମନ ଉଚ୍ଛନ୍ନ
ହଳ କରିବା ପାଇଁ ।।

ପହିଲି ବର୍ଷା ପଡଇ ଯେବେ
ଆସଇ ଶିହରଣ ।
ନାନା ଜାତିର ଫୁଟଇ ଫୁଲ
ପ୍ରକୃତି ର ଏ ଦାନ ।।

ଗାଁ ଦାଣ୍ଡରେ ବରଷା ପାଣି
କାଗଜ ଡଙ୍ଗା ଭାସେ ।
ନାଲି ନାଲିଆ ସାଧବ ବୋହୁ
କେଡେ ସୁନ୍ଦର ଦିଶେ ।।

ନାଲି ଟୁକୁ ଟୁକୁ ରଙ୍ଗଟି ତାର
ମସୃଣ ପରି ଦେହ ।

ବରଷା କାଳ ଆସିଲେ ଆସେ
ସଜେଇ ହେଇ ମୁହଁ ।।

ଘାସ ଗାଲିଚ୍ଛରେ ଚ୍ଛଲଇ ଯେବେ
ଦିଶଇ କେଡେ ଶୋଭ୍ ।
ସୁନ୍ଦରତା ଆଉ ମଖମଲ୍ଲି ଦେହ
ସତେ କେଡେ ମନଲୋଭ୍ ।।

ଥିରି ଥିରି ଚ୍ଛଲେ ନୂଆ ବୋହୁ ପରି
ସୁନ୍ଦର ଦିଶଇ ଦେହ ।
କେଉଁ ମାଦକତା ଭରିଛି ବିଧାତା
ମୋହେ ସଭିଙ୍କ ହୃଦୟ ।।

ପିଲା୍ ବେଳରେ ଖେଳଛି କେତେ
ସାଧବ ବୋହୁ ସାଥେ ।
କୋମଳ ଦେହ ମଖମଲ୍ଲି ରେ
ବିଭୋର କରେ ମୋତେ ।।

ନାହିରେ ଆଉ ଖେଳ ପଡିଆ
ଗୋଚର ଜମି ନାହିଁ ।
ସାଧବ ବୋହୁ ଖୋଜି ବୁଲିଛି
ସୁନ୍ଦର ଗାଁ ଭୂଇଁ ।।

କେତେ ଯତନେ ସୁନ୍ଦର ଦେହେ
ଗଢ଼ିଛି ରେ ବିଧାତା ।
ଛୋଟ ହେଲେବି ସଭିଙ୍କୁ ମୋହେ
ଦେଖେଇ ମହାନତା ।।

ଯାଲୋ୍ଏ, ସୁବର୍ଣ୍ଣପୁର

# କୋକେଇ



ଅପରାଜିତା ମହାନ୍ତି

ଆସିବା ଯିବା ସଂସାର ର ନିୟମ । କିଏ ଗ୍ଲିଗଲେ ଲୋକ ଘରେ ଦୁଃଖର ଛିଟା ପଡେ।ସଭିଏଁ କାନ୍ଦନ୍ତି ।

ଆମେ ତ ନିତୀଦିନିଆ ଶବ ସହ କାମ କରୁ। ତେଣୁ ଆଉ ଲୁହ ଝରେନି ଆଖିରୁ। କିଏ ମରିଗଲେ ତା କୋକେଇ ବନ୍ଧା ଠାରୁ ଶବ ସତ୍କାର ର ସବୁ ଦ୍ୱାଇତ୍ୱ ଆମର। ତା ପରେ ଯାହା ପାହୁଣା ଦି ପଇସା ମିଳେ। ସବୁବେଳେ ଏଇ କାମ କରି ଚଳଆସିଛି ଆମ ପରିବାର ଜେଜେବାପା ଙ୍କ ଅମଳ ରୁ। ମତେ ବି ସେଇ କାମ କରିବାକୁ ପଡିଲା ପରମ୍ପରା ଖାତିରି ରେ। ବର୍ଷ ଯାକ କିଛି କାମ ମିଳଯାଏ ଆମ ପରିବାର ଖୁସି ରେ ଚଳଯାଏ। ଆଉ ବି କିଛି ଦୁଃଖ ଅଛି ଜୀବନରେ ମୁଁ ଯାହାକୁ ଭଲ ପାଉଥିଲି । ସେ ବି ମତେ ବହୁତ ଭଲପାଉଥିଲା ନିଶା ପାଣି କିଛି ଅଭ୍ୟାସ ମୋର ନାହିଁ। ଏହି ଖାନଦାନୀ ପେଶା ପାଇଁ ତାଙ୍କ ଘରେ ମଙ୍ଗିଲେ ନାହିଁ। ଲତାକୁ ମୁଁ ବୁଝେଇଲି ଏ ଗାଁ ଛାଡି ଆମେ କୁଆଡେ ଯିବା ନିଜ ମା ବାପା ଆଶୀର୍ବାଦ ବିନା କେହି ଦୁନିଆ ଉଠିପାରେ ନାହିଁ । ମୁଁ ଆଜି ଠାରୁ ତତେ ଦେଖା କରିବିନି। ସେ ବହୁତ କାନ୍ଦୁଥିଲା । ମୁଁ ଆଉ ପଛ ଫେରିଲିନି ତା ମୁହଁ ଦେଖିଲେ ମୁଁ କେବେ ନା କରିପାରିବିନି କିଛି ଗୋଟେ ଭୁଲ ହେଇଯିବ ମୋ ହାତରୁ।

ଆଜି ମିଶ୍ର ବାବୁଙ୍କ ଘରୁ ଖବର ଆସିଛି କିଏ ଜଣେ ଗ୍ଲିଯାଇଛି ତାଙ୍କର। ମୁଁ ଲୋକ ପଠେଇ ଟିକେ ପରେ ଗଲି। କୋକେଇ ବାନ୍ଧିବା ବେଳେ ମୁଁ ଯାହାକୁ ଦେଖିଲି ମୋ ପ୍ରିୟା ର କୋକେଇ ବନ୍ଧା ହେଇଛି। ତାକୁ ମୁହଁ ହଳଦିଆ ଦିଶୁଛି। ସେ ପିନ୍ଧିଥିବା ଗୋଲାପୀ ପାଟ

ତାକୁ ବହୁତ ମାନୁଛି। ସେ ଆତ୍ମହତ୍ୟା କରିଛି ଏଥିରେ କାହାର ଦୋଷ ନାହିଁ ଲେଖିଛି। ତା ସବୁ କାମ କଲାବେଳେ ନିଜକୁ ଦୋଷୀ ଦୋଷୀ ମନେ ହେଉଥିଲା। ମୋ ମୁଣ୍ଡ ଉପରେ ଆକାଶ ଛିଡି ଗଲାଣି ତା କଥାର ମାନ ରଖିବାକୁ ମୁଁ ସେଇ ନିଆଁ ରେ ମରି ପାରିଲିନି। ହେଲେ ନିଆଁ ରେ ମୋ ଦେହ ପୋଡିଯାଇଥିଲା କେବଳ ଗୋଟିଏ ଯନ୍ତ୍ର ମଣିଷ ଟିଏ ଥିଲା। ମୁଁ ବାହା ହେଇନି ଆଜିଯାଏଁ। ସେଇ କୋକେଇ  ସହ ମୋର ସବୁ ଖୁସି ଜଳିଯାଇଥିଲା। ମୁଁ ଏବେ କେବଳ ମାନବ ସେବା କରୁଛି। ସେଇ ମୋ ଜୀବନର ବ୍ରତ ପାଲଟି ଯାଇଛି।

ପ୍ଲଟ ନ -୮୩(ସି), ଭୁବନେଶ୍ୱର -୨୧

# ତୁମେ ହିଁ ତୁମେ

ବେଣୁଧର ସୂତାର

କେବେତୁମେ ଶାନ୍ତ
ସୌମ୍ୟକାନ୍ତ କେବେ
ନିଦାଘ ବୈଶାଖି ତାତି
ଶ୍ରାବଣୀ ଧାରାର  ମୁକୁଳା ମହ୍ଲାର
ଭୂମି ଓ ଭୂମାର ପ୍ରୀତି
ଗ୍ରେଷ୍ମ ଚଇତିର ଗ୍ରୁରୁ ମହକର
ଫୁଲ ଫଗୁଣର ଗୀତି ।।

ତୁମେ ପ୍ରଭାତର ପ୍ରାଚୀ ଲଲାଟର
ମାଦକତ ମୃଦୁ ହସ
ଭିଜା ଅସ୍ତରାଗ ସୁବର୍ଣ୍ଣ ଢେଉରେ
ଉପମା ଲଳିତ ଲାସ୍ୟ
ଝରା ଜୋଛନାର ଭରା ଅନୁରାଗେ
ନୀଳ କୁମୁଦର ପ୍ରୀତି
ଫୁଲ ଫଗୁଣର ଗୀତି ।।

ତୁମେ ଶାରଦୀୟ
ରୂପା ଜୋଛନାରେ
କାଶ କୁହୁକର ଭାଷା
ହିମ ଶିଶିରର ମୁକୁତା ମାଧୁରୀ
ମଗୁଶୁର ମାଣବସା
ପଉଷ ଖଳାର ଐଶ୍ୱର୍ଯ୍ୟ ମାଳାର
ସ୍ୱର୍ଣ୍ଣମୟ ଦିବ୍ୟ ଜ୍ୟୋତି
ଫୁଲ ଫଗୁଣର ପ୍ରୀତି ।।

ତୁମେତ ଗଢ଼ିଛ ଏଧରା ବୁକୁରେ
ବୈଭବର ନିକେତନ
ରେଣୁରେ ରେଣୁରେ ଭରିଦେଇଅଛ
ଜୀବନର ଉପାଦାନ
ତୁମେ ପ୍ରକୃତିର  ପ୍ରୀତି ପ୍ରଶାନ୍ତିର
ପ୍ରାଣମୟ ଅନୁଭୂତି
ଫୁଲ ଫଗୁଣର ପ୍ରୀତି ।।

କେଶଦୁରାପାଳ, କେନ୍ଦୁଝର

# ମନ୍ତ୍ର ଗଣତନ୍ତ୍ରର



ସୁସ୍ମିତା ମହାପାତ୍ର

ଏଇକ ବନ୍ଧୁ ସ୍ୱାଧୀନତା ମଧୁ
ଦଗ୍ଧ ପରାଣ ଅଶାନ୍ତିରେ,
ହିଂସା ଦାନବ ଜହ୍ଲାଦ ନାଚେ
ସେ କେଉଁ ଦୃପ୍ତ ରିରଂସାରେ,
କ୍ରାନ୍ତି ନାମରେ ଭୁଅନ୍ତି ବିରାଜେ
ଶାନ୍ତି ତ କେଉଁ ଅନ୍ତଃପୁରେ,
କ ଲାଭ କହ ଏ ତାଳ ଫୁଲମାଳେ
କ ଲାଭ କହ ଏ ଜୟନ୍ତୀରେ !!

ହତ୍ୟାର ଆଜି ବାତ୍ୟା ବହୁଛି
ପଞ୍ଚ ନଦୀର ଅଞ୍ଚଳରେ,
ଗୋଳା ବର୍ଷଣେ ନାରୀ ଧର୍ଷଣେ
ଆତଙ୍କିତ ଏ ଆତ୍ମା ଝୁରେ,
ଗଣତନ୍ତ୍ର ତା ମନ୍ତ୍ର ଭୁଲିଛି
ଯନ୍ତ୍ର ପରାଏ ମଣିଷ ଘୂରେ,
କ ଲାଭ କହ ଏ ତାଳ ଫୁଲମାଳେ
କ ଲାଭ କହ ଏ ଜୟନ୍ତୀରେ !!

ସତ୍ୟାଗ୍ରହର ସତ୍ୟ ହୋଇଛି
ଅସ୍ତ ଏ ମହା ମର୍ତ୍ତ୍ୟପରେ,
ଅହରହ ଅଣୁ ଅସ୍ତ୍ର କରୁଛି
ତ୍ରସ୍ତ ତ୍ୱରିତେ ବକ୍ଷ ଥରେ,
ସମ୍ପ୍ରତି ସମ୍ପ୍ରତି ସବୁ ସ୍ୱଜନ ଶତ୍ରୁ
ନୟନ ଅୟନୁ ରକ୍ତ ଝରେ,
କ ଲାଭ ଏ ତାଳ ଫୁଲମାଳେ
କ ଲାଭ କହ ଏ ଜୟନ୍ତୀରେ !!

ରାଉରକେଲା

# ପରିବର୍ତ୍ତନର ସ୍ୱର



ଡକ୍ଟର ମନୋରଞ୍ଜନ ବିଷୋୟୀ

ଏକଦା ମନୁଷ୍ୟ ଥିଲା ଅରଣ୍ୟର ସନ୍ତାନ। ନଦୀ, ପର୍ବତ, ବୃକ୍ଷଲତା, କୀଟପତଙ୍ଗ ଓ ପଶୁପକ୍ଷୀ ଆଦିଙ୍କ ଭିତରେ ମନୁଷ୍ୟ ଥିଲା ବିଶ୍ୱନିୟନ୍ତାଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି। ସମୟର ଧାରାରେ ଆପଣାର ଶ୍ରେଷ୍ଠତା ପ୍ରତିପାଦନ କରି ମନୁଷ୍ୟ ନିର୍ମାଣ କରିଛି ସମାଜ। ସହାବସ୍ଥାନ ସୂତ୍ରରେ ବାନ୍ଧି ହୋଇ ଅଭିବୃଦ୍ଧିର ପଥରେ ଦେଇଛି ପାଦ। କିନ୍ତୁ ସମୟକ୍ରମେ ଏ ବିକାଶର ଧାରା ବସ୍ତୁବାଦୀ ଦୃଷ୍ଟିକୋଣକୁ ଆଦରି ନେଇ ମନୁଷ୍ୟକୁ କରିଛି ମୂଲ୍ୟବୋଧରୁ ବିଚ୍ୟୁତ। ଆତ୍ମପ୍ରତିଷ୍ଠା ଓ ସୁଖବୋଧର ସନ୍ଧାନରେ ମନୁଷ୍ୟ ହୋଇ ଉଠିଛି ହିଂସ୍ର। ନୀତି, ପ୍ରୀତି ଓ ଆଦର୍ଶକୁ ଅସୀକାର କରି ବିପର୍ଯ୍ୟୟକୁ ଡାକ ଆଣିଛି।

ଏ ପରୀପ୍ରେକ୍ଷୀରେ କହିବାକୁ ଦିନେ ବେଦର ପ୍ରଥମ ବାକ୍ୟ ମନୁଷ୍ୟର ଆଭିମୁଖ୍ୟକୁ ପ୍ରକାଶ କରି କହିଥିଲା – "ଅଗ୍ନି ମିଳେ ପୁରୋହିତଂ"। ସମୟର ଧାରାରେ ସେ ମନୁଷ୍ୟ କିନ୍ତୁ ସଂପଦର ପ୍ରଲୋଭନରେ ମାନସିକ ସ୍ଥିରସାମ୍ୟ ହରାଇ ବସିଛି। ମନୁଷ୍ୟର ସଂକୀର୍ଣ୍ଣ ସ୍ୱାର୍ଥ ଏବଂ ଐଶ୍ୱର୍ଯ୍ୟପ୍ରାପ୍ତିର ବିକଟ ମନସ୍ଥିତି ଆଜି ମନୁଷ୍ୟ ଓ ପଶୁଭିତରେ ଥିବା ରେଖାକୁ ନଷ୍ଟଭ୍ରଷ୍ଟ କରିଦେଇଛି। ତେଣୁ ଦିନେ ଆପଣାର ସନ୍ତାନ କରି ମନୁଷ୍ୟକୁ ସଯତ୍ନରେ ପାଳିଥିବା ପ୍ରକୃତି; କରାଳ ରୂପ ଧରି ଆରମ୍ଭ କରିଛି ଧ୍ୱଂସ ଲୀଳା। କେତେବେଳେ ବନ୍ୟା, ବାତ୍ୟା, ମରୁଡି ତ; ଆଉ କେତେବେଳେ ମହାମାରୀ ନେଉଛି ଅସଂଖ୍ୟ ଜୀବନ। ଏପରିସ୍ଥଳେ କି ଲାଭ ମନୁଷ୍ୟର ଅଣୁଶକ୍ତି ଜ୍ଞାନ ଆଉ ବିଜ୍ଞାନ। ଯେତେବେଳେ କି ମନୁଷ୍ୟ ଜୀବନ ପାଲଟି ଯାଇଛି ପୋକମାଛି ସମାନ।

ପରିଶେଷରେ କେବଳ ଏତିକ କହିବି ଏ ମାଟିର ମନୁଷ୍ୟ ଆତ୍ମପ୍ରତିଷ୍ଠା ପ୍ରଲୋଭନରେ ବିଷାକ୍ତ ହୋଇପଡିଛି । ତାର କ୍ରିୟ-ପ୍ରତିକ୍ରିୟା ହିଁ ଆଜିର ଏ ଦିନ । ଆଶା କରୁ ଏ ବିକଟ ସ୍ଥିତି ହିଁ ମନୁଷ୍ୟ ଭିତରେ ପରିବର୍ତ୍ତନର ଏକ କଲ୍ୟାଣ ସ୍ନିଗ୍ଧ ମାନସିକତା ଗଢି ତୋଳିବାରେ ସକ୍ଷମ ହେବ ।

ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ମୃତ୍ୟୁ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ହେ ମୃତ୍ୟୁ ! ତୁମେ ଅଟ ବଡ ନିଷ୍ଠୁର
କାହାକୁ କରନ ତୁମେ ନଜର
ତୁମେ ଦେଖନା ଖୁସି କାହାର
ଭରିଥାଅ ହୃଦୟେ ଦୁଃଖ ସମସ୍ତଙ୍କର

ହେ ମୃତ୍ୟୁ ! ସ୍ନେହ, ପ୍ରେମ, ମୋହ, ମାୟା
ନିଅ ସବୁ ଯେ ଛଡାଇ
ଦୁଃଖ, କଷ୍ଟ, ଲୁହ, ଯନ୍ତ୍ରଣା
ଦେଇଥାଅ ତୁମେ ଢାଳି

ହେ ମୃତ୍ୟୁ ! ତୁମେ ଅଟ ଚିରନ୍ତନ ସତ୍ୟ
ନାହିଁ ତୁମର ଆଦି କି ଅନ୍ତ
ତୁମେ ଅଟ ଅଜୟ, ଅମର
ନାହିଁ ତୁମେ ପାଖେ ହୃଦୟ ଭଲପାଇବାର

ମଠସାହି, ତୁଳସିପୁର

# ମଧୁ କୈଟଭଙ୍କ ବଧ



ପୂର୍ଣ୍ଣଚନ୍ଦ୍ର ରଣା

ଶତ କୋଟି ପ୍ରଣିପାତ ତୁମରି ପୟରେ
ବିଶ୍ୱ ପ୍ରଚଳତ ସଦା ତୁମ ଇସାର୍‌ରେ
ତୁମେ ତ ଶ୍ରୀହରି ବିଷ୍ଣୁ ମାୟା ଯେ ଅପାର
ତୁମ ମାୟା ବଳେ ଗ୍ଭଲେ ଏ ସାଗ୍‌ ସଂସାର ।୧

ସୂର୍ଯ୍ୟ ପୁତ୍ର ଶନଦେବ ହେଲେ ଯେ କ୍ରୋଧିତ
ଶ୍ରୀହରି ବିଷ୍ଣୁଙ୍କୁ କରିବାକୁ କଳଙ୍କିତ
ନଜ ମହାଶକ୍ତି ନେଇ ଗଲେ ଯେ ସ୍ୱର୍ଗକୁ
ସ୍ୱର୍ଗ ପୁରେ ଭେଟିଲେ ନଜ ପିତା ସୂର୍ଯ୍ୟଙ୍କୁ ।୨

ପିତା ପୁତ୍ରଙ୍କର ହେଲ୍‌ ଯେ କଟୁ ଆଳାପ
ଶନଦେବ ଭଗ୍ନ କଲେ ପିତାଙ୍କର ସଙ୍କଳ୍ପ
ସେ ସମୟେ ମହାପ୍ରଭୁ ଥିଲେ ଯେ ଧାନରେ
ଦୃଷ୍ଟ ଶକ୍ତି ପ୍ରବେଶିଲେ ଶ୍ରୀହରିଙ୍କ କର୍ଣ୍ଣରେ ।୩

କର୍ଣ୍ଣର ସ୍ୱର୍ଶରେ ଜନ୍ମିଲେ "ମଧୁ , କୈଟଭ"
ନଜ ଶକ୍ତି ବଳେ ତ ପରଖିଲେ ସ୍ୱଭ୍ବ
ନଜକୁ ଭ୍ବିଲେ ଦୁହେଁ ଶକ୍ତିଶାଳୀ ଅତି
ମଧୁ କୈଟଭଙ୍କର ଭ୍ରମିତ ହେଲ୍‌ ମତି ।୪

ନିଜ ଶକ୍ତି ପରୀକ୍ଷଣେ ବରଷିଲ୍ ନିଆଁ
ସୃଷ୍ଟି କର୍ତ୍ତା ସ୍ୱୟଂ ବ୍ରହ୍ମା ହେଲେ ତ ଛାନିଆଁ
ମତି ଭ୍ରମ ହୋଇ କଲେ ବିଷ୍ଣୁଙ୍କୁ ସ୍ମରଣ
ଶ୍ରୀହରି ଯେ ସ୍ୱର୍ଗପୁରୁ ଆସିଲେ ଧାଇଁଣ ।୫

ଉପସ୍ଥିତ ହୋଇଥିଲେ ବ୍ରହ୍ମାଙ୍କ ନିକଟେ
ସୃଷ୍ଟି କର୍ତ୍ତା ପଡିଥିଲେ ବହୁତ ସଙ୍କଟେ
ମିଷ୍ଟ ଭାଷେ କହିଥିଲେ ହେ ମଧୁ କୈଟଭ
ଫେରିଯାଅ ମର୍ତ୍ତ୍ୟ ଧାମ ନ କରି ବିକ୍ଷୋଭ ।୬

ବିଷ୍ଣୁଙ୍କର କଥାଶୁଣି କଲେ ଅଟ୍ଟହାସ୍ୟ
ମହାଶକ୍ତି ପାଇ ନିଜେ ସେ ଦୁଇ ରାକ୍ଷସ
ନିଜ ବଚନେ କହିଲେ ଆମେ ମହାଶକ୍ତି
ସାଥେ ଆଣିଅଛୁ ଆମେ ତୋହର ବିପର୍ତ୍ତି ।୭

ଦୃଷ୍ଟ ଶକ୍ତି ଦୁହେଁ କଲେ ଯୁଦ୍ଧ ବିଷ୍ଣୁ ସଙ୍ଗେ
ହତାସ ହୋଇଲେ ଦୁହେଁ ସାଗର ତରଙ୍ଗେ
ଶନିଦେବ ଦେଉଥିଲେ ଶକ୍ତି ବାରମ୍ବାର
ଯୁଦ୍ଧ ମଧ୍ୟେ ମହାପ୍ରଭୁ ହେଲେ କମଜୋର ।୮

ଅନନ୍ତ ଅନାଦି ସ୍ୱୟଂ ନେଲେ ଯେ ବିଶ୍ରାମ
କିଛି କ୍ଷଣ ପାଇ ପୁଣି କରିଲେ ଆରାମ
ତପ ମଧ୍ୟେ ଅନ୍ତର୍ଯାମୀ କରୁଥିଲେ ମାୟା
ସାରା ବିଶ୍ୱ ମଧ୍ୟେ କେତେ ଖେଳିଗଲା କାୟା ।୯

ଏହା ଦେଖି ମହାଲକ୍ଷ୍ମୀ ଉପାୟ ପାଞ୍ଚିଲେ
ମାତା ସରସ୍ୱତୀ ପାସେ ବେଗେ ଧାଇଁ ଗଲେ
ସମ୍ପୂର୍ଣ୍ଣ ଯୁଦ୍ଧକୁ ମାତା କରିଲେ ବର୍ଣ୍ଣନା
ସ୍ୱୟଂ ମାତା ପାଇଥିଲେ ଉତ୍ସାହ ପ୍ରେରଣା ।୧୦

ଦୁଇ ମାତା ଭେଟିଥିଲେ ପାର୍ବତୀ ଦେବୀଙ୍କୁ
ତିନ ଦେବୀ ଗଢିଥିଲେ ମାତା ଭବାନୀଙ୍କୁ
ମାତା ଭବାନୀ ଗ୍ଭଲିଲେ ଯୁଦ୍ଧ ଅଗ୍ରସରେ
ଦେବୀ ରୂପ ଦେଖି ଦୃଷ୍ଟ କମ୍ପିଲେ ଡରରେ ।୧୧

ମଧୁ କୈଟଭ କହନ୍ତି ତୁ ଯେ ଏକ ନାରୀ
ତୋର ବିନାଶ କରିବୁ ଦୁଇ ହସ୍ତେ ଧରି
ମାତା ହସି ହସି ଦେଲେ ଶ୍ରୀହରିଙ୍କୁ ଶକ୍ତି
ବିଷ୍ଣୁଙ୍କ ବିନାଶ ଶକ୍ତି ଭ୍ରମ କଲା ମତି । ୧୨

ଦୁହେଁ ଗ୍ଭକ୍ଷସ ଯେ ପୁନଃ ହେଲେ ମିଷ୍ଟ ଭ୍ଭଷୀ
ବିଷ୍ଣୁଙ୍କ ପ୍ରଶଂସା କଲେ ଦୃଷ୍ଟ ଶକ୍ତି ଆସି
ବୈକୁଣ୍ଠ ପାଳକ ତୁମେ ମହାନ ପୁରୁଷ
ତୁଚ୍ଛ ଥିଲା ତୁମ ପ୍ରତି ଆମର ପ୍ରୟାସ । ୧୩

ତୁମ ପ୍ରତି ପ୍ରସନ୍ନ ଯେ ଆମେ ଦୁଇ ଶକ୍ତି
କ ବର ମାଗିବ ମାଗ ହେ ସ୍ୱର୍ଗ ନୃପତି
ଗ୍ଭକ୍ଷସଙ୍କୁ ଭ୍ଭବିବାକୁ ଦେଲେ କଛି କ୍ଷଣ
ସୁଦର୍ଶନ ଚକ୍ରେ ପୁଣି ନେଲେ ତାଙ୍କ ପ୍ରାଣ ।୧୪

ସ୍ୱର୍ଗପୁରେ ଶୁଭିଲା ଯେ ଜୟ ଜୟକାର
ବନ୍ଧ ହୋଇଗଲା ଯେବେ ମଧୁ କୈଟବର
ଶନଦେବ ଚଣ୍ଡେ ରୋଷ ହେଲା ଯେ ପ୍ରଚୁର
ଛାଡି ଗଲେ କଛି କ୍ଷଣେ ସେ ବୈକୁଣ୍ଠ ପୁର ।୧୫

ନମସ୍ତେ ନମସ୍ତେ ବିଷ୍ଣୁ ଜଗତ କରତା
ସଭିଙ୍କ ମୁଖରେ ପୁଣି ତୁମରି ବାରତା
ତୁମେ ଏଇ ସଂସାରର ଦଇବ ବିଧାତା
ଘଣ୍ଟ ଘୋଡାଇ ରଖିଥା ହେ ଜଗତ ପିତା ।୧୬

( ବିଷ୍ଣୁ ପୁରାଣର ଅଂଶ ବିଶେଷ )

ହାଟସିଂହାପୁର, ଯାଜପୁର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ମାଷ୍ଟ୍ରେ ଙ୍କ ଗ୍ଳ



ଆଶୁତୋଷ ମେହେର

ସେନାପତି ମାଷ୍ଟ୍ରେ ଗ୍ଳ ଦୋକାନ ଆଡକୁ ଆସୁଥିବା ଦେଖି ମାଖନୁ ର ନାହି ଡେଇଁବାକୁ ଲ୍ଗିଲ୍ l ନା ହି ଟା ସତରେ ଡେଉଁ ନ ଥିଲ୍, ମନ ଭିତରେ ଅସ୍ଥିର ଭ୍ଵ ଆସୁଥିଲ୍ ଯାହା!! କେବେ ତ ଧରନ୍ତି ନାହିଁ ଅବସର ନେଲ୍ ପରେ ..ଆଜି କାହିଁକ ହାତର ସେ ମାଷ୍ଟ୍ରିଆ ଛାଟ ଲହ ଲହ କରୁଛି କେଜାଣେ?? ମନେ ମନେ ଥରୁଥିଲ୍ ସେ l

ସେନାପତି ମାଷ୍ଟର ହେଲେ ଶ୍ରୀ ବାଇଧର ସେନାପତି..ଗାଁ ପ୍ରାଥମିକ ସ୍କୁଲ ରୁ ପାଞ୍ଚ ବର୍ଷ ପୂର୍ବେ ଅବସର ନେଇ ସାରିଥିବା ହେଡ ପଣ୍ଡିତ l ପୁରୁଣା କାଳଆ...ବହୁତ କଡା ମିଜାଜ ର... ଗଣିତ ଶିକ୍ଷକ l

ସବୁଦିନେ ମାଖୁନୁ ଦୁକାନରେ ଗ୍ଳ କପେ ଅର୍ଡର ଦେଇ ପେପର୍ ଖଣ୍ଡକ ମାଗି କାଠ ବେଞ୍ଚ ରେ ବସିଲେ ମାନେ ଗଲ୍ ପୁର୍ ଦୁଇ ଘଣ୍ଟା l ଚଷମାକୁ ଧୋତିରେ ପୋଛି ପୋଛି ଖବରକାଗଜର ଲ୍ଇନ୍ ପରେ ଲ୍ଇନ୍ ପଢି ଗ୍ଳୁଥିବେ ଯେ ଗ୍ଳୁଥିବେ l ଅନ୍ୟ ଗର୍ଖ ଟିକଏ ବିରକ୍ତି ହୁଅନ୍ତ ଖବରକାଗଜ ରେ ଆଖି ନ ମାରି ପାରି l ମାଖନୁ ସବୁ ବୁଝେ ହେଲେ ମାଷ୍ଟରଙ୍କୁ ଡରରେ କଛି କହିପାରେନା l

ସେନାପତି ମାଷ୍ଟରଙ୍କୁ ଡର କଥା କହିଲେ ତାର ତୃତୀୟ ଶ୍ରେଣୀ ବେଳର ଗୋଟେ ଘଟଣା ମନେ ପଡିଯାଏ l ସେ ଦିନ ପଣିକଆ ପରୀକ୍ଷା ନେବା ପାଇଁ ହଠାତ୍ ଶ୍ରେଣୀରେ କହିଲେ ମାଷ୍ଟ୍ରେ l ଆଗ ରୁ ଜାଣିଥିଲେ ସେ ସ୍କୁଲ ଆସି ନ ଥାନ୍ତା ଘରେ ରହିଯାଇଥାନ୍ତା କଛି ବାହାନା କରି l କେତେ ଥର କରିଛି ଆଗରୁ l ହେଲେ ସେ ଦିନ କଣ କର୍ଯିବ ଧର୍ ପଡିବା କଥା l ତଥାପି ସାହାସ ପୁର୍ଇଲ୍ ସେ l ପ୍ରଭୂଙ୍କୁ ସୁମରୁଥିଲ୍ କେମିତି ତା ଭ୍ଗକୁ ଏକ ର ପଣକଆ ଟା ପଡନ୍ତା ହେଲେ l

ଭାଗ୍ୟ ଟା ଖରାପ ଥିଲା, ତା ଭାଗକୁ ପଡିଲା ପାଞ୍ଚ ର ଖନ୍ଦା। ଆରମ୍ଭ କଲା ସେ...ପାଞ୍ଚ ଏକେ ପାଞ୍ଚ..ପାଞ୍ଚ ଦୁଣେ ଦଶ...ପାଞ୍ଚ ତିନ କେ...ତିନ କେ.. ..ସେଇଠି ରହିଗଲା ସେ। ହେଉ ନ ଥିଲା ତା ଦେଇ। ଚାରିଦିଗ ଅନ୍ଧାର ଦିଶିଥିଲା। ଶୁଣିଲା ମାଷ୍ଟରଙ୍କ ଗୁରୁ ଗମ୍ଭୀର କଣ୍ଠ...କହ କେତେ?? କେତେ??

କହୁଁ କହୁଁ ଖସିଗଲା.... ଚଉଦ..

ହାଁ.. କଣ କହିଲୁ? ଆଉ ଥରେ କହିଲୁ?

...ଚଉଦ

ହଠାତ୍ ସେ ଅନୁଭବି ଥିଲା ଏକ ପ୍ରଚଣ୍ଡ ବ୍ରହ୍ମଚାପୁଡା ବାଁ ଗାଲ କାନପଟି ଉପରେ...ଅନ୍ଧକାର ଭିତର ଆଖିରେ ଆକାଶର ତାରା ସବୁ ଫୁଟି ପଡିଥିଲେ ...ଆଉ ତା'ସହ ତଳପେଟରେ ଥିବା ପରିସ୍ରା ତକ ବାହାରି ଆସିଥିଲା ଖାକି ପେଣ୍ଟ ତଳପଟ ଦେଇ ସର୍ ସର୍ ହେଇ।

ଏ ସେଇ ବ୍ରହ୍ମଚାପୁଡା ଦେବା ମାଷ୍ଟ୍ରେ..ତାଙ୍କ ଆଗରେ ମୁହଁ ଖୋଲିବାର ସାହସ ଯୁଟାଇ ପାରେନା ଏବେ ବି...କେମିତି କହିବ ଯେ ଅନ୍ୟମାନେ ବି ଖବରକାଗଜରେ ଆଖି ବୁଲାଇବାକୁ ତା ଦୋକାନକୁ ଆସିଥାନ୍ତି ଚା ପିଆ ସହିତ।

ଏଥିରୁ ବଞ୍ଚାଇବାର ବାଟ ଖୋଜି ଦେବ ବୋଲି କହିଲା ମଦନ...ଏ ମାଷ୍ଟର ଟା ଟିକେ କଡାମିଜାର ର..ତାକୁ ସମ୍ଭାଳିବା ବଡ କଷ୍ଟକର...ତେବେ ଆସନ୍ତା କାଲି ତା ରାସ୍ତା ବାହାର କରି ତାଙ୍କୁ ପାନେ ଚଖାଇବି...

ମଦନ..ପାଖ ଗାଁ ର ପିଲା... ଟିକଏ ବଦମାସିଆ...ପ୍ରଥମ ଶ୍ରେଣୀ ରୁ ସ୍କୁଲ ଘର ଡେଇଁଲା ଯେ ଆଉ ତା ବରଣ୍ଡା ବି ମାଡିଲା ନ...ଚାଲିଲା ଶଗଡ ଚକରେ ହାତ ପୁରାଇବା ପିଲା ସେ।

ତା ପରଦିନ ସକାଳ ସକାଳୁ ଚା ଦୋକାନରେ ହାଜର ମଦନ...ମାଖନୁ ଡରୁଥାଏ ମନେ ମନେ..ଇଆଡୁ ସେଆଡୁ କଛି କରିବନତ ଏ ମଦନ..କେଜାଣେ

ସେନାପତି ମାଷ୍ଟ୍ରେ ସବୁଦିନ ପରି ଆସି ଖବରକାଗଜ ଟା ଉଠାଇ କାଠ ବେଞ୍ଚରେ ବସି କହିଲେ...ଚା ଆଣେ ମାଖନୁ।

ଏତିକ ବେଳେ ଗ୍ଲ କପ୍ ରେ କଣ ଗୋଟାଏ କାଗଜ ପୁଡିଆ ଖୋଲି ଢାଲି ଦେଇ ମଦନ କହିଲା..ଯା ଗ୍ଲ ଟା ଦେଇ ଦେବୁ ବୁଢାକୁ ..ପାଞ୍ଚ ମିନଟ୍ ରେ ଖେଳ ଦେଖିନେବୁ...ଏତକ କହି ଚୁପ୍ ଚାପ ଖସିଗଲା ମଦନ ।

ପ୍ରମାଦ ଗଣୁଥାଏ ମାଖନୁ...କଣ କଛି ଅଘଟଣ ହେବନ ତ!!

ଗୋଟାଏ ମିନଟ୍ ପରେ ହଠାତ୍ ଠିଆ ହୋଇଗଲେ ମାଷ୍ଟ୍ରେ...ପେପର୍ ଟା ମୋଡିମାଡି ଫିଙ୍ଗି ଦେଇ..ଧୋତି କୁ ଅଧା ଖୋଲା ଅଧା ସମ୍ଭାଳ... ଧାଇଁଲେ ଗାଁ ପୋଖରୀ ପଟକୁ ପବନ ବେଗରେ...

ତା ପରଠୁଁ ଆଉ ତିନ ଦିନ ଦେଖା ନାହିଁ ।

ପରେ ମାଖନୁ ଖବର ନେଇ ଜାଣିଲା ଯେ ସେ ଦିନ ଗ୍ଲ ପିଇ ମାଷ୍ଟ୍ରେଙ୍କୁ ତିନ ଗ୍ଲରିଟା ପୋଖରୀ ପାଣି ହୋଇଗଲା ଲାଗଲାଗ। ଉଠି ପାରିନଥିଲେ ଅଣ୍ଟା ସଳଖି । ଘରେ ଖଟରେ ପଡି ଆଣ୍ଟା ସଳଖୁ ଥିଲେ ସେ।

ହେଲେ ଆଜି... ବେତ ଟା ଧରି ମାଷ୍ଟ୍ରେ ଆଉଛନ୍ତି ପୁରା ରାଗ ଟା ଉତାରି ଦେବାକୁ ଯେମିତି!!

ଦୋକାନ ପାଖରେ ମାଷ୍ଟ୍ରେ ପହଞ୍ଚି ଚରାଚରିତ କଣ୍ଠରେ କହିଲେ....କଣ ମାଖନୁ... ଦୋକାନରେ ବସି ଖବରକାଗଜ ପଢା ତୋର ପସନ୍ଦର ହେଲାନ ତ ସେ ବଦମାସିଆ ମଦନ ସହ ମିଶି ଖେଳ ଖେଳଲୁ ମୋ ଉପରେ।

ନା..ଆଜ୍ଞା...ନା..ନା

ଆରେ ତୋର ଯଦି ଅସୁବିଧା ହେଉଥିଲା ମୋତେ ଖୋଲି କହିଥାନ୍ତୁ !!

ଆପଣଙ୍କୁ କହିବାକୁ ସାହସ ମୋର କାହିଁ..ଏବେ ବି ତୃତୀୟ ଶ୍ରେଣୀର ପାଞ୍ଚ ପଣିକଆ ଖନ୍ଦା ର ଭୁଲ...ଓ ମାଡ ଖାଇ ମୁତି ପକାଇବା କଥା ମନେ ଅଛି ଆଜ୍ଞା .....କାକୁତିରେ କହିଲା ମାଖନୁ।

ଆରେ ଆରେ ସେ ଦିନ କଣ ଆଉ ଅଛି? ଏବେ କଣ ମୁଁ ତୋର ଗଣିତ ମାଷ୍ଟର ..ଏତିକ କହି ଠୋ ଠୋ କରି ବଡ ପାଟିରେ ହସିଲେ ମାଷ୍ଟ୍ରେ।

ହଁ ଆଜ୍ଞା..ଏଇ ନଅନ୍ତୁ ଆଜିକା ଖବରକାଗଜ.. ଗ୍ଲ ଆଣୁଛି ...

...ମାଖନୁ ଗ୍ଲ ରେ କଛି ମିଶାଇ ଦବୁନ ରେ...କହି ଆଉ ଥରେ ଜୋର୍ ରେ ହସି ହସି ବସି ପଡିଲେ ସବୁଦିନଆଁ କାଠ ବେଞ୍ଚରେ ।

ମାଖନୁ ମୁଣ୍ଡ କୁଣ୍ଡାଇ କୁଣ୍ଡାଇ ଗ୍ଲ ଟା ବଢାଇ ଦେଇ ଜୋର୍ ହସି ଉଠିଲା ସେନାପତି ମାଷ୍ଟ୍ରେ ଙ୍କ ସହ ତାଳ ଦେଇ।

ଦୋକାନର ଅନ୍ୟ ଗର୍‌ଖ ସବୁ ଏ କଥା ଦେଖ ଶୁଣି... ହସି ଉଠିଲେ ଏକାଠି ।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪

# ଦିନ ରାତି



କୀର୍ତ୍ତି ଦେବୀ

ହେ ପ୍ରଭୁ ! ତୁମରି ହାତେ ଗଢା ଏଇ ବିଶ୍ୱ
ତହିଁରେ ଦିନ ରାତିର ସ୍ଥାନ ଅତି ଉଚ୍ଚ
ଜୀବନ ମୃତ୍ୟୁ ପରି ଏହା ନଗ୍ନ ସତ୍ୟ
ଧର୍ମ ବୋଲି ଯାହାକୁ କହଇ ତାହା ଏଥିରୁ ଉପୁଜଇ ।
ପପ, ପୁଣ୍ୟ, ଧନ, ଦଉଲତ, ମାନ ଓ ଅପମାନ
ସବୁ ହୁଏ ଏଠି ତୁଚ୍ଛ ।
ପ୍ରତ୍ୟେକ ଏଠି ଭୋଗନ୍ତି ନଜ କୃତକର୍ମର ଫଳ
ଦୋଷ ଦିଅନ୍ତି ନଜ ଭାଗ୍ୟକୁ
ବିଧିର ବିଧାନ ଚାଲେ ନଜ ରୂପରେ
ଏତିକି କହିବି ସାରା ବିଶ୍ୱବାସୀଙ୍କୁ
ସର୍ବଦା ଚାଲୁଥାଅ ନଜ ବିବେକ ଓ କର୍ତ୍ତବ୍ୟର ଆଦେଶରେ
ଏପରି ହେଲେ ରାମରାଜ୍ୟ ଫେରିବାକୁ ଆଉ କେତେ ବାଟ..... ।

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

# ଭାଇରସ୍ : ଏକ ସନେଟ୍



ଡ. ଜ୍ଞାନେଶ୍ୱର ମିଶ୍ର

– ଶ୍ରେଷ୍ଠତମ ଜୀବ ମଣିଷ, ଏକ କ୍ଷୁଦ୍ରତମ ଭାଇରସ ଡେଣା ମେଲିଅଛି
ସମଗ୍ର ବିଶ୍ୱ ଦଶ ଦିଶାରେ ଅସହ୍ୟ ଉତ୍ପାତ ଭେଳଛି
ସଂପର୍କ – ବୁଢିଆଣୀ ସୂତା ପରି ଛିଡି ଛିଡି ଯାଉଛି
ସନ୍ଦେହ – ଦିନକୁ ଦିନ ଗାଢ ସ୍ତରଣ  ମେଲୁଛି
ସ୍ମୃତି – ମାନସପଟରୁ ଧିରେ ଧିରେ ସ୍ଖଳତ ହେଉଛି
ସ୍ପୃହା – ଶୂନ୍ୟରୁ ଶୂନ୍ୟ ପଥରେ ଧାଉଁଛି
ସୁକର୍ମ – ସବୁଜ ପଲିଥିନ କଫିନ୍ ରେ ଶୋଇଛି
ସ୍ନେହ – ଅଭିଧାନ ପୃଷ୍ଠାରେ ଏକ ଜାମିନ ବିହୀନ କଏଦୀ ହୋଇଛି
ସମ୍ମାନ –ପୂଜା ପୂଜ୍ୟରେ ଛଳନାର ମୋଟ ପ୍ରଲେପ ରହିଛି
ସମଗ୍ର ବସ୍ତୁବାଦ ଭୋଗଲାଳସାରେ ଆତଙ୍କର ଗ୍ରହଣ ଲାଗିଛି
ସବୁଜନ ମାସ୍କ ଟୀକା ଅମ୍ଳଜାନ ପାଇଁ ବିକଳ ହେଉଛି
ସୂର୍ଯ୍ୟ ସ୍ତିମିତ ନେତ୍ରରେ ଏସବୁ କପରି ସହୁଛି?
ସେ ଇଚ୍ଛାକଲେ ନିମିଷକେ ସବୁ ବଦଳ ଯାଆନ୍ତା
ସମ୍ଭବ – ଅସମ୍ଭବ ଦୃଶ୍ୟ –ଅଦୃଶ୍ୟ ଭିତରେ ମଣିଷ କାହିଁକି ଝୁଲନ୍ତା

୪୯/୫, କାର୍ଲମାର୍କ୍ସ ସରଣୀ, ଖିଦିରପୁର, କଲିକତା

# କରୁଣାକର !



ବିନୟ ମିଶ୍ର

କେତେ ଡାକୁଥିଲୁ ମୋତେ କରୁଣାକର,
କୋଡିଏରେ ଦେଲି ତୋତେ ଏକ ଜୁଆର।
ଆଉ ଦିଅ କରୁଣା ପୁଣି ଅଳ କରିଲୁ,
ଏକୋଇଶରେ ଦେଲି ଦ୍ୱିତୀୟେ ନେଲୁ।

ମନ ବୋଧ ତୋହର ହୋଇଲା୍ ନାହିଁ,
ପୁଣି ମାଗୁ କରୁଣା କରହେ ସାଇଁ।
ତୃତୀୟ ଥର ପାଇଁ ଆହୁରି ଦେଲି,
ଶୌଚ ଆଗ୍ରହ ସହିତେ ସବୁ କହିଲି।

ଏ ଥର ଆସୁ ଅଛୁ ଆମେ ଦି ଭାଇ,
କଳା ଧଳା ଶିଉଳା ସଙ୍ଗରେ ନେଇ।
ଭିକାରୀ ପଣିଆ ତୁ କେବେ ଛାଡ଼ିବୁ,
ମଣିଷ ପଣିଆ ନେଇ ସୁଧୁରୀ ଯିବୁ।

ସମ ଭାବକୁ ହୃଦେ ଧରି ରଖିବୁ,
ପର ଦ୍ରବ୍ୟ ଧନକୁ ଆଖି ନ ଦେବୁ।
ସମ୍ମାନ ମାନ ରଖି ସେବା କରିବୁ,
ଚରିତ୍ର ଆଚରଣେ ଉତ୍ତମ ହେବୁ।

ପିତୃମାତୃ ଚରଣେ ରଖିବୁ ମନ,
ତାହାଙ୍କ ମଧ୍ୟେ ମୋର ରହିଛି ସ୍ଥାନ।
ଖଳବଳକୁ ଯେବେ ଆୟତ୍ତ କରି,
ପ୍ରାପତ ହେବୁ କଷ୍ଟେ ତୁ ଦୈତାରୀ।

ଚମ୍ପାପୁର, କଆଳ ଖୋର୍ଦ୍ଧା

# ଲଳିତ ନିବନ୍ଧ - ସଫଳତା



ବଦ୍ରୀ ମହାନ୍ତି

ଜୀବନକୁ ସୋର୍ ସୋର୍ କରି ତା ଭିତରୁ ନିର୍ଯ୍ୟାସ ବାହାର କଲ୍‌ବେଳେ ପ୍ରଥମେ ସାମ୍ନାକୁ ଆସେ ଆଶା ଓ ଆଶଙ୍କା। ମାତ୍ର ନିରନ୍ତର ପ୍ରୟାସ ଓ ଅଧ୍ୟବସାୟ ଯେଉଁ ମହାର୍ଘ୍ୟ ବସ୍ତୁ ନିକଟରେ ପହଞ୍ଚାଇବାର  ସୁଯୋଗ ସୃଷ୍ଟି କରେ, ତାହା ହେଉଛି ସଫଳତା। ଏ ଭୂଖଣ୍ଡରେ କୌଣସି ମଣିଷ କସ୍ମିନ କାଳେ ଭାବି ପାରେନା -'ସଫଳତା ତା ହାତ ପାଆନ୍ତାକୁ ନଆସୁ' । କୌଣସି କଥାରେ କାମରେ ଓ ବସ୍ତୁରେ ହାତଦେଇ ବିଫଳତା ବରଣ କରିବାକୁ ସ୍ୱପ୍ନରେ ସୁଦ୍ଧା ଆଣି ପାରେନା। ସର୍ବାଗ୍ରେ କାମନା କରୁଥାଏ ଏ ଅଦୃଶ୍ୟ ଅଲଭ୍ୟ ଉପଦାନଟି ଚିରକାଳ ମୋ ଗୃରି ପାଖରେ ଘୁରୁଥାଉ ଓ  ମୋ ଚିନ୍ତା ଚେତନାକୁ ଏକ ଅଭୂତପୂର୍ବ ସଂତୋଷରେ ଭରିଦେଉ। ମାତ୍ର ସବୁ ସ୍ଥାନରେ ସବୁ ସମୟରେ ଓ ସବୁ ବସ୍ତୁରେ ଏହା ସମ୍ଭବ ହୁଏନା। ବିବିଧ  ବର୍ଣ୍ଣାଳୀ ଭିତରେ ଏ ଚେତନାଟି ବନ୍ଧା ପଡ଼ିଥିବାରୁ ସତ୍ୟାର୍ଥୀ ମଣିଷ ଖୋଜୁଥାଏ ଅନଂଦଉତ୍ସ କେଉଁ ଗୋପନ ପେଡିରେ ଗୋପନ କରିଛି  !

ସୁନ୍ଦର ବାସଗୃହ, ଅବକାଶ ଭ୍ରମଣ ଦ୍ୱାର୍ ଉପଭୋଗ କରିବା, ସନ୍ତାନ ସନ୍ତତିଙ୍କୁ ଯାବତୀୟ ସୁଯୋଗ ଯୋଗାଇଦେବା ଓ ସର୍ବୋପରି ଅର୍ଥନୈତିକ ସ୍ୱଚ୍ଛଳତା ଇ ସଫଳତାର ଦ୍ୟୋତକ। ଅନନ୍ଦପ୍ରାପ୍ତି ଓ ସଫଳତାର ମୂଳ ଉତ୍ସ 'ବିଶ୍ୱାସ' । ବିଶ୍ୱାସ ହିଁ ମଣିଷକୁ ବଞ୍ଚାଇ ରଖିଛି। କୁହାଯାଏ ବିଶ୍ୱାସ ବଳରେ ପର୍ବତ ଘୁଞ୍ଚାଇ ଦିଆଯାଇ ପାରେ। ନଦୀ ସୁଦ୍ଧା ନିଜର ପଥ ପରିବର୍ତ୍ତନ କରେ ଏହାକୁ ପୁଞ୍ଜି କରି। ନପାରିବା ପଣ ଅସହାୟତାକୁ ବାଟ ବତାଏ ବିଶ୍ୱାସ। ଯେତେବେଳେ ଜଣେ ମାନେକରେ ମୁଁ ନିଶ୍ଚୟ କରିପାରିବି, ସେତେବେଳେ କିପରି କରିବି ଓ କେଉଁଠୁ ଆରମ୍ଭ କରି କେମିତି ଶେଷ କରିବି ତାର ଉପାୟ ଆପେ ଆପେ ଆସିଯାଇଥାଏ। ସମସ୍ତ କର୍ମ ଓ କରଣୀର ମଞ୍ଜ କଥାଟି ବିଶ୍ୱାସ। ଏହା ତୁଟିଗଲେ

ଇମାରତ ଭାଙ୍ଗିପଡ଼େ । ସୁଖ ଆସେନା। ସବୁକଛି ଧ୍ୱଂସମୁଖା ହୁଅନ୍ତି। ଏ ସନ୍ଧିକ୍ଷଣରେ ଜନ୍ମନଏ ସନ୍ଦେହ। ଅବିଶ୍ୱାସ ଓ ସନ୍ଦେହ ଯୋଗୁଁ ମସ୍ତିଷ୍କ ଖୋଜିବସେ ତାର 'କାରଣ' । ଏହି ଅବିଶ୍ୱାସ କୁ ପ୍ରତିଷ୍ଠିତ କରିବାପାଇଁ ଅବଚେତନରେ ମନପ୍ରାଣ ପରାଜିତ ହୁଅନ୍ତି। ସଫଳତା ହାତ ପାଆନ୍ତା ରୁ ଅପସରି ଯାଏ।

ଚନ୍ତା-ଭୟ-ଅସହାୟତରୁ ମୁକ୍ତି ପାଇଁ ସାମାଜିକ ପ୍ରତିଷ୍ଠା ଆଶାୟୀ ଓ ନେତୃତ୍ୱ ନେଉଥିବା ବ୍ୟକ୍ତି ମାନଙ୍କୁ ସଫଳ ମଣିଷ ଭାବେ ବିବେଚନା କରାଯାଏ। ଆତ୍ମସମ୍ମାନ ଦ୍ୱାରା ସୁଖୀ ଓ ସନ୍ତୋଷ ଜୀବନ ଅତିବାହିତ କରୁଥିବା ପ୍ରାଣୀ ଅନ୍ୟର ଦୃଷ୍ଟି ଆକର୍ଷଣ କରିଥାନ୍ତି। ସଫଳତା ହାସଲ ପାଇଁ ବିଚକ୍ଷଣ ବୁଦ୍ଧି ଓ ଚମତ୍କାରିତା ଲୋଡ଼ା ହୁଏ ନାହିଁ। ବରଂ ଅଦମ୍ୟ ସାହସ, ଆସ୍ଥା ଓ ଦୃଷ୍ଟିକୋଣକୁ ପାଥେୟ କରି କୌଣସି ଅଗମ୍ୟକୁ ସହଜ କରିହୁଏ। ଭାବନାରେ ସ୍ୱଚ୍ଛତା, ଚନ୍ତାରେ ସତ୍ୟବଦ୍ଧତା ଓ କର୍ମରେ ପରାଙ୍ଗମତାକୁ ମିଶେଇ ଦେଲେ ସଫଳତା ନଜ ଅଗଣା ଆକାଶରେ ଦିନ ପରେ ଦିନ, ମାସ ପରେ ମାସ ଓ ବର୍ଷ ପରେ ବର୍ଷ କାହିଁକ ବା ଉଭା ନହେବ !

ସେଥିପାଇଁ ବାଇମହାନ୍ତି କଣ୍ଠ ଫଟେଇ କହନ୍ତି,' ହେ ମହାନୁଭବ ! ଭାଗ୍ୟକୁ ଅପେକ୍ଷା ନକରି ଭାବିନଅ ତୁମେ କେବଳ ଜନ୍ମ ନେଇଛ ଜୟଯୁକ୍ତ ହେବାପାଇଁ। ଅନ୍ୟ ତୁଳନାରେ ତୁମେ କୌଣସି ଗୁଣରେ କମ ନୁହଁ। ଜିଣିବା ତୁମ ପାଇଁ ଏକ ସାଧାରଣ କଥା। ନଜ ଚନ୍ତନକ୍ରିୟା ଉପରେ ବିଜୟ ଲାଭ କଲେ ସିନା ଅନ୍ତଃକରଣରେ ନୂତନ କର୍ମ ଭାବନା ଚେଇଁ ଉଠି ଏକ ନୂଆ ସୂର୍ଯ୍ୟର ଆଲୁଅ ଦେହ ମନରେ ନେସି ହୋଇଯିବ।'

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ,ଭୁବନେଶ୍ୱର-751028

# ଯୁଦ୍ଧଂ ଦେହି



ଖଗେଶ୍ୱର ବାଗ

ହେ ଜଗନ୍ନାଥ-----
ନୀରବ କମ୍ପାଇଁ ତବ ଏହି ଅବତାର
କବା ଦୋଷ ଅଟଇ ମୋହର
ତୁମ ବିନା ଲାଗେ ଶୂନ୍ୟ
ତୁମେ ହିଁ ତ ସତ୍ୟ ଶିବ ତୁମେ ହିଁ ସୁନ୍ଦର।।
ହେ କାଳଯମ---
ତୁମ କାର୍ଯ୍ୟ କରେ ଆଜି ନକ୍ସଲଗଣ
ଘୃେର ଭ୍ରଷ୍ଟାଗୃର ନେତା
ଦୁର୍ନୀତିଗ୍ରସ୍ତ ମଣିଷକୁ ଛାଡି
ପୋଲିସ ଇନଫର୍ମର ନାଁ ରେ ମାରନ୍ତି
ଦରୀଦ୍ର ଆଦିବାସୀ ଜନ।।
ହେ ଗଣେଶ----
ତବ ଶିକ୍ଷା କ୍ଷେତ୍ରେ ଗ୍ଲେ ଦୁର୍ନୀତି ଓ ଲାଞ୍ଚ
ଟଙ୍କା ବାଟମାରଣା
ମୂଷିକ କରାଣୀ ସ୍ୱଳ୍ପ ବେତନେ ଗଢିଲାଣି
ମର୍ତ୍ତ୍ୟପୁରେ ବିଶାଳ ପ୍ରାସାଦ।।
ହେ ବରୁଣ---
ଜଳ ବିଭାଜନ ବିଭାଗେ ଗ୍ଲିଅଛି ନାଟ
ଦୁର୍ଭିକ୍ଷ ଗଜା ମରୁଡି ଗୃଷୀ ଆତ୍ମହତ୍ୟା
ଆନ୍ଧ୍ରକୁ ଇଟା ଗଢି ଗଭୀର ଏ ବ୍ୟଥା
କୃପାଦୃଷ୍ଟି ପଡୁଟିକେ ଲାଗେ ଛଟପଟ।।

ହେ କୃଷ୍ଣ---
ଆଜି ବି ଝୁରୁଛି ମର୍ତ୍ତ୍ୟ
ଝୁରନ୍ତି ଯାବତ ଯୁବତୀ
କଲ୍ ମିସକଲ୍ ଆଉ ଉଜାଗରେ ବିତିଯାଏ
ରାତି
ଘର ଛାଡି ଗ୍ଲିଯା'ନ୍ତି
ଭୁଲି ତବ ସୁଧା ସମ ପ୍ରୀତି।।
ହେ ବିଷ୍ଣୁ---
କାହିଁ ସୃଷ୍ଟି କରୁଅଛ ଅବିବେକୀ ନର
ନିତି କରେ ହତ୍ୟା ଦୁଷ୍କର୍ମ କ୍ରୁର ବ୍ୟବହାର
ଦିଅ ତବ ପଞ୍ଚଜନ୍ୟ ସୁଦର୍ଶନ ଦିନକ ପାଇଁ
ଏମାନଙ୍କ ବିରୁଦ୍ଧରେ
ଯୁଦ୍ଧଂ ଦେହି ଡାକରା ମୋହର।।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

# କବିତା ଗୋ ତୁମେ!



ରାଧାମୋହନ ପୂଜାହାରୀ

କବିତା ଗୋ ଆଗୋ ତୁମେ ରସାତ୍ମକ
ବାକ୍ୟର ମର୍ଯ୍ୟାଦା ପାଅ,
କବିର ଆତ୍ମାର ତୁମେ ମନୋରମ
ଜ୍ୟୋତି ରୂପେ ଜଳୁଥାଅ,
ରୌଦ୍ର, ଶାନ୍ତ, ବୀର, କରୁଣ, ଶୃଙ୍ଗାର
ସବୁ ରସେ ଶୋଭପାଅ,
କବି ପ୍ରାଣ ବେଦନାକ୍ତ ଚନ୍ଦ ହୋଇ
ତୁମେ ଗୋ କବିତେ ଶାବ୍ଦିକ ସମ୍ଭାରେ
ସୁଶୋଭିତ ହେଉଥାଅ ।

ବାଞ୍ଛାହୀନ ତୁମେ ଅରୂପ ଅବ୍ୟକ୍ତ
ଛଦ୍ମ ବେଶ ତୁମ ନାହିଁ,
କବି ସୃଷ୍ଟି କରେ ତୁମକୁ କବିତେ
ରୂପ ଗୋଟେ ଦେବା ପାଇଁ,
ପ୍ରକୃତି ସାଥିରେ କରେ ପ୍ରେମାଳାପ
ତା' ପାଖକୁ ଯାଏ ଧାଇଁ,
ଗଢ଼େ ସେ ତୁମକୁ କେଡ଼େ ଯତନରେ
ବ୍ରହ୍ମାଣ୍ଡର ତେଜ ମୁଖୁ ବିକୀର୍ଣ୍ଣିତ
ପ୍ରେମଦ ଆଭାକୁ ଗ୍ରହିଁ ।

ତୁମେ ସ୍ୱୟଂକ୍ରୀୟ ତୁମେ ନର୍କାର
ରୂପହୀନ ଶୂନ୍ୟଦେହୀ,
ହୁଅ ପ୍ରାଣବନ୍ତ ଅନ୍ତଃ ଚେତନାରେ
ଆଦରିଲେ କବି କେହି,
ତୁମରି ଦେହକୁ ସଜାଏ ସେ ଛନ୍ଦେ
ନାନା ଅଳଙ୍କାର ଦେଇ,
ବୋଧଗମ୍ୟ ଭାଷା ପ୍ରୟୋଗ କରି ସେ
ନାନାବିଧ ରସେ ମଧୁର ଶବଦେ
ତୁମକୁ ଦିଏ ସଜେଇ ।

ବାଗମାରୀ, ବୀରମହାରାଜପୁର
ସୋନପୁର (ଓଡ଼ିଶା)

# ଦ୍ରୌପଦୀ ର ଆର୍ତ୍ତନାଦ



ଅଧ୍ୟାପକ ବିପ୍ଳବ କିଶୋର ରଥ

ସମାଜ ଆଗରେ  ଚିରଦିନ ପାଇଁ ମୋ ଚରିତ୍ର ନମୁନା ପାଲଟିଛି। ଯଜ୍ଞ ରୁ ଜାତ ବୋଲି ମୁଁ ଯାଜ୍ଞସେନୀ  କଳୁସିତ ସମାଜ ଆଗରେ କିନ୍ତୁ ମୁଁ ଆଜି ଅପବିତ୍ର। କିନ୍ତୁ ମତେ ଅପବିତ୍ରା କିଏ କଲା ? ଏକଥା ବା କାହାକୁ ପଚାରିବି ?

ମୋ ସଖା  ଥରେ କହିଥିଲେ ସଖୀ ପାଞ୍ଚଟି ମୁକ୍ତା ର ତୁମେ ଅଧିକାରିଣୀ  ହେବ। ମୁଁ କାହାପ୍ରତି ସମର୍ପିତା ଏହା ଜାଣନ୍ତି ସେ, କାରଣ ମୁଁ ତାଙ୍କୁ ହିଁ ସବୁ ପରିପ୍ରକାଶ କରିଥିଲି। ସବୁ ଜାଣିଲା ପରେ ସଖା ମୋର ମୋ ପାଇଁ ପଞ୍ଚ ଅମୂଲ୍ୟ ସମ୍ପଦ ଖୋଜିଦେଇଥିଲେ । ମୁଁ ତ ପାଞ୍ଚ ଜଣଙ୍କୁ ବରଣ କରି ନଥିଲି । ପରିସ୍ଥିତି ର ସାମନା କରିବା  ମତେ ଶିଖାଇଲେ।

ମା ଙ୍କ ବଚନ ରଖିବାକୁ ଯାଇ ମୁଁ ହେଲି ପାଞ୍ଚାଗ୍ନୀ ନିଜର ଇଛା ବିରୁଦ୍ଧରେ ପାଞ୍ଚ ଜଣଙ୍କ ପ୍ରିୟତମା ହେଲି, ପ୍ରତିଥର ଯଜ୍ଞ ରେ ନିଜକୁ ପବିତ୍ର କଲି । ମୁଁ ତ ଜାଣିନଥିଲି ପଶା ଖେଳିବା କଥା  କିନ୍ତୁ ମୁଁ ହେଲି ପଶା ପାଲିର ନାୟିକା। ହୀନ ପୁରୁଷ ସମାଜ ପାଇଁ ମୁଁ ହେଲି ଉପଭୋଗ୍ୟା ର ବସ୍ତୁ। କୁରୁ ସଭା ମଧ୍ୟରେ ମୋର ଲଜ୍ୟା କୁ ଉତାରିବା ପାଇଁ ପ୍ରଚେଷ୍ଟା କରାଗଲା କାରଣ ମୁଁ ମୋ ସ୍ୱାମୀ  ଙ୍କ ବଚନରେ ବନ୍ଧା ହୋଇଥିଲି। ମୋର ବସ୍ତ୍ର ହରଣ ପାଇଁ ଚେଷ୍ଟା କରାଯାଇଥିଲା କିନ୍ତୁ ମୋ ସଖା ମୋ ପଣତ କାନିର ମୂଲ୍ୟରେ କୋଟିବସ୍ତ୍ର  ଦେଇ ମୋ ମାନ ରଖିଥିଲେ।

ମୁଁ ଆଉ କେହି ନୁହେଁ ମୁଁ ସେହି ପାଞ୍ଚାଳୀ ଯାହାପାଇଁ  ସମାଜ ରେ କୋଉଠି ନା କୋଉଠି ମହାଭାରତ ସୃଷ୍ଟି ହୁଏ।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଭୁବନେଶ୍ୱର

# ପଥିକ



ପ୍ରକାଶ ମେହେର

ମୁଁ ଜୀବନ ଯାତ୍ରାର ପଥିକ
ଅସରନ୍ତି ମୋର ଚଲାପଥ
ଅବିରତ, ଅକ୍ଲାନ୍ତ ରେ ମୁଁ ଗ୍ଲେ
ମୋର ଲକ୍ଷ୍ୟ ସ୍ଥଳକୁ ପହଞ୍ଚିବାକୁ
ମୁଁ ପଥିକ . . . ମୁଁ ପଥିକ . . . । ୧।
ମୁଁ ସମୟ ସ୍ରୋତର ତାଲେ ଗ୍ଲେ
କେବେ ଦୁର୍ବାଦଳ ତ କେବେ କଣ୍ଟା
କେବେ ଦୁଃଖ ଆଉ କେବେ ସୁଖ
ତଥାପି ମୁଁ ଅଟଳ, ସ୍ଥିର, ଅବିଚଳ
ମୁଁ ପଥିକ . . . ମୁଁ ପଥିକ . . . ।୨।
ସକାଳଠାରୁ ସଞ୍ଜ ଯାଏ ଗ୍ଲେ
ଗ୍ରୀଷ୍ମ, ବର୍ଷା, ଶୀତ, କାକରରେ
କାହାକୁ ମାନେନ ମୋର ଲକ୍ଷ୍ୟ
ବାଧା ମୋ ପାଇଁ ଅନ୍ତରାୟ ନୁହେଁ
ମୁଁ ପଥିକ . . . ମୁଁ ପଥିକ . . . ।୩।
ଦୁର୍ବିପାକରେ ମୁଁ ପାହାଡ଼ ପରି
କେବେ ବାତ୍ୟାରେ ଡରିଯାଏନ
ମୋର ପ୍ରୟାସ ଜାରି ରହେ
ସିନ୍ଧୁର କୋଳରେ ମିଶିବାକୁ
ମୁଁ ପଥିକ . . . ମୁଁ ପଥିକ . . . ।୪।
ମୁଁ ଶକ୍ତ, ପଥର ପରି କଠିଣ
ଦୁଃଖ, ଦାରିଦ୍ରତା ପ୍ରତିବନ୍ଧକ ନୁହେଁ

ଅଗ୍ରସର ହୁଏ ଯାତ୍ରା କରିବାକୁ
ବିଶ୍ରାମ ମୋର ଉଦ୍ଦେଶ୍ୟ ନୁହେଁ
ମୁଁ ପଥିକ . . . ମୁଁ ପଥିକ . . . ।୪।
ମୁଁ କେବେ ଶାନ୍ତ, ଧିର, କୋମଳ
କେବେ ମୁଁ ପ୍ରଚଣ୍ଡ ବୈଶାଖୀ
ତଥାପି ମୁଁ ଗ୍ଭଲିଥାଏ ପାଦରେ
ମୋର ଭୟ ନାହିଁ ଏ ସବୁ
ମୁଁ ପଥିକ . . . ମୁଁ ପଥିକ . . . । ୬।
ଗ୍ଭଲିଥାଏ ମୁଁ ଗୋଟିଏ ପଥରେ
କୋଟି ଜନ ଗହଳରେ ମୁଁ ହଜେ ନ
ପଥଭ୍ରଷ୍ଟ ହେବା ମୋ ପକ୍ଷେ ଅସମ୍ଭବ
ମାର୍ଗଦର୍ଶନ ଲୋଡ଼େ ନ କାହାର
ମୁଁ . . . ପଥିକ . . . ମୁଁ ପଥିକ . . . ।୭।
ପାହାଡ଼, ପର୍ବତ, ଦୁର୍ଗମଅରଣ୍ୟ
ଖାତିର ନାହିଁ ମୋ ମନରେ
ବାଧା, ବିପତ୍ତି, ଦ୍ୱନ୍ଦ ସବୁଠି ଏକାଗ୍ରତା
ଧ୍ୟାନ ମୋର ଚରମ ଆଦର୍ଶ
ମୁଁ ପଥିକ . . . ମୁଁ ପଥିକ . . . ।୮।

କୁଲିଆବାହାଲ, ଜଗ୍ସିଂହା
ବଲାଙ୍ଗିର

# 'ମାଗ'



ଶ୍ରୀ ସତ୍ୟବ୍ରତ ସାହୁ

ମାଗ..
ଯାହା ମାଗିବାର ଅଛି
ମୋ' ପାଖରେ ତମ ପାଇଁ ଅଦେୟ କଛି ନାହିଁ
ମୁଁ ତମକୁ ସବୁକଛି ଦେବାକୁ ପ୍ରସ୍ତୁତ ।
ସ୍ନେହ, ପ୍ରେମ, ପ୍ରୀତି ବା ପ୍ରଣୟ
ପ୍ରସ୍ତୁତ ମୁଁ ଦେବାପାଇଁ ମୋ' ସାର୍ ଆୟୁଷ ।

ମାଗ..ମୋ' ହୃଦୟ
ଖୋଲି ଦେବି ତମ ଆଗେ
ପଢିନେବ ଆଦ୍ୟ-ପ୍ରାନ୍ତ
ଦେଖିନେବ ସ୍ନେହ, ପ୍ରେମ, ଘୃଣାର ଅସ୍ତିତ୍ୱ ।
ମନ ମାଗ...କଥା ମାଗ..
ମାଗିପାର ଜୀବନ ବୃତାନ୍ତ
ଅବିଳମ୍ବେ କରିବି ପ୍ରଦାନ ।

ଯଦି ନମାଗିବ କଛି..
ରଖିବ ତ କଥାଟିଏ ମାଗିବି ତମକୁ !
ଭୁଲ୍ କେବେ ବୁଝିବନ ମୋତେ ଥିବା ଯାଏ ଆମର ଆୟୁଷ
ଭୁଲ୍ କେବେ ବୁଝିବନ ମୋତେ ତମ ଆଗୁ ମୋର ଯଦି ହୋଇଯାଏ ଅନ୍ତ ।

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬

# ମାନବବାଦର ପ୍ରତୀକ ଶ୍ରୀଜଗନ୍ନାଥ



ଡକ୍ଟର ଲକ୍ଷ୍ମଣ ସାହୁ

ସ୍ୱୟଂ ଶ୍ରୀଜଗନ୍ନାଥ ଜଗତର ନାଥ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ଆରାଧ୍ୟ ଅଗ୍ରପୂଜ୍ୟ ଦେବତା । ଜଗନ୍ନାଥ ଧାମ ଓ ଧର୍ମର ମୂଳ ମହାମନ୍ତ୍ର ହେଉଛି ପତିତପାବନ ଧର୍ମ । ଜଗନ୍ନାଥଙ୍କ ସକଳ ପର୍ବ ପର୍ବପର୍ବାଣି ମଧ୍ୟରେ ସର୍ବଶ୍ରେଷ୍ଠ ଯାତ୍ରା ରଥଯାତ୍ରା । ଏହି ଯାତ୍ରାରେ ହିଁ ପ୍ରତିଫଳିତ ହୁଏ ପତିତପାବନ ଧର୍ମର ରହସ୍ୟ । ଅର୍ଥାତ ଏ ଧର୍ମର ଲକ୍ଷ୍ୟ "ମୋକ୍ଷ" । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପତତିତମାନଙ୍କୁ ମୋକ୍ଷ ବା ଉଦ୍ଧାର କରିବା ଏ ଧର୍ମର ଲକ୍ଷ୍ୟ । ମୈତ୍ରୀ, ପ୍ରୀତି, ଭାତୃତ୍ୱର ମହାନୁବନ୍ଧନରେ ସାରା ବିଶ୍ୱକୁ ଆଲିଙ୍ଗନ ମୁଦ୍ରାରେ ବାନ୍ଧି ରଖିବା ଶ୍ରୀଜଗନ୍ନାଥ ବାହୁ ପ୍ରସାରି ଅପଲକ ନୟନରେ ଚାହିଁ ରହିଛନ୍ତି । ସମ୍ମୁଖରେ ରତ୍ନ ସିଂହାସନ ଉପରେ ବାହୁଦ୍ୱୟ ପ୍ରସାରଣ କରି ବିରାଜମାନ ଥିବା ମହାବାହୁଙ୍କୁ ଗରୁଡ଼ ସ୍ତମ୍ଭ ନିକଟରେ ଭକ୍ତ ତାର ଆରାଧ୍ୟ ଠାକୁରଙ୍କୁ ଭକ୍ତିକ ଦୃଷ୍ଟିରେ ଦେଖି ଆତ୍ମ ସଂନ୍ତୋଷ ଲାଭ କରେ , ଗରୁଡ଼ ସ୍ତମ୍ଭକୁ ଆଲିଙ୍ଗନ ମୁଦ୍ରାରେ କୁଣ୍ଢେଇ ପୁନଃ ଜନ୍ମରୁ ମୁକ୍ତି ଲଭେ ।

ଜଗତର ସୃଷ୍ଟି ରହସ୍ୟମୟ ପରି ଶ୍ରୀଜଗନ୍ନାଥଙ୍କ ସର୍ଜନା ରହସ୍ୟମୟ । ପୁରାଣମାନଙ୍କରେ ଶ୍ରୀଜଗନ୍ନାଥଙ୍କ ସଂପର୍କରେ ନାନା ଆଖ୍ୟାୟିକା ସଂଯୋଜନା ହୋଇଛି । ବ୍ରହ୍ମ ପୁରାଣରେ ଅବନ୍ତୀ ଦେଶର ନରପତି ପରମ ବୈଷ୍ଣବ ରାଜା ଇନ୍ଦ୍ରଦ୍ୟୁମ୍ନ ବିଷ୍ଣୁଙ୍କ ଆରାଧନା ନିମନ୍ତେ ନୀଳାଚଳ ଶ୍ରୀକ୍ଷେତ୍ରକୁ ଆସି ସାଗର ମଧ୍ୟରେ ମହାଦ୍ରୁମକୁ (ଦାରୁ) ଲାଭକରି ବିଶ୍ୱକର୍ମାଙ୍କ ଦ୍ୱାରା ତ୍ରିମୂର୍ତ୍ତି ଗଠନ କରାଇ ନବନିର୍ମିତ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ । ସ୍କନ୍ଦ ପୁରାଣରେ ଉଲ୍ଲେଖ ତଥ୍ୟାନୁସାରେ ଇନ୍ଦ୍ରଦ୍ୟୁମ୍ନ ଜାଣିପାରିଲେ ଯେ ପୁରୁଷୋତ୍ତମ କ୍ଷେତ୍ରସ୍ଥ ନୀଳଗିରି ଠାରେ ନୀଳମାଧବ ରୂପେ ସ୍ୱୟଂ ବିଷ୍ଣୁ ପୂଜା ପାଉଛନ୍ତି ଓ କୀର୍ତ୍ତି ବର୍ଣ୍ଣନାରେ ସେ

ମୋକ୍ଷ ଲାଭ କରିବେ । ତେଣୁ ନୀଳମାଧବଙ୍କୁ ପାଇବା ସନ୍ଧାନରେ ବିଦ୍ୟାପତିଙ୍କୁ ପଠାଇଥିଲେ, ଶବରରାଜା ବିଶ୍ୱାବସୁ ନୀଳମାଧବଙ୍କୁ ପୂଜାର୍ଚ୍ଚନା କରୁଥିବା ଜାଣି ବିଶ୍ୱାବସୁଙ୍କ କନ୍ୟା ଲଳତା ଦ୍ୱାରା ପ୍ରଭୁଙ୍କ ଦର୍ଶନ କରି ତାଙ୍କୁ ନେବାକୁ ଉଦ୍ୟମ କରିଥିଲେ ମଧ୍ୟ ନିରାଶ ହୋଇଥିଲେ । ଶେଷରେ ଶୂନ୍ୟବାଣୀ ଶୁଣି ଚାରି ମୂର୍ତ୍ତି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଗଢି ବଡଦେଉଳରେ ସଂସ୍ଥାପନ କରି ପୂଜାର୍ଚ୍ଚନା କରିବା ଉଲ୍ଲେଖ ରହିଛି । ଶ୍ରୀଜଗନ୍ନାଥଙ୍କ ଉପରେ ବୈଦିକ ଯୁଗରୁ ବର୍ଣ୍ଣନା ରହିଆସିଛି । ଆଦିମ କାଳରୁ ସେ ଆଦିବାସୀ ଓ ଶବରର ଦାରୁ ଦେବତା ରୂପେ ପୂଜା ପାଉଥିବା ବେଳେ ବୈଦିକ ଆର୍ଯ୍ୟମାନେ ମଧ୍ୟ ଆରାଧ୍ୟ ଦେବତା ଭାବେ ଗ୍ରହଣ କରି ନେଇଥିଲେ । ଏଦୃଷ୍ଟିରୁ ଏକ ସମନ୍ୱିତ ବାର୍ତ୍ତା ନେଇ ଉଭୟ ଆଦିବାସୀ ଓ ଆର୍ଯ୍ୟମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ପୂଜାର୍ଚ୍ଚନା, କର୍ମକର୍ମାଣି ଓ ପର୍ବ ପର୍ବାଣି ପ୍ରଚଳିତ ହୋଇଆସୁଛି ।

ଇତିହାସରୁ ସ୍ପଷ୍ଟ ଯେ ୧୧୧୦ ଖ୍ରୀଷ୍ଟାବ୍ଦରେ କଳିଙ୍ଗର ଗଙ୍ଗବଂଶୀ ରାଜା ଚୋଡ଼ଗଙ୍ଗ ଦେବ ଉତ୍କଳର ସୋମବଂଶୀୟ ନରପତିମାନଙ୍କୁ ପରାସ୍ତ କରି ଉତ୍କଳ ଅଧିକାର କରିଥିଲେ । ସେ ଦ୍ୱାଦଶ ଶତାବ୍ଦୀର ମଧ୍ୟ ଭାଗରେ ଦେଉଳ ନିର୍ମାଣ ଆରମ୍ଭ କରିଥିଲେ ଓ ତାଙ୍କର ସୁଯୋଗ୍ୟ ପୁତ୍ର ଅନଙ୍ଗଭୀମ ତାକୁ ପୂର୍ଣ୍ଣାଙ୍ଗ କରିଥିଲେ । ନିଜକୁ ଜଗନ୍ନାଥଙ୍କ ପ୍ରଥମ ସେବକ ଭାବେ ଘୋଷଣା କରି ଜଗନ୍ନାଥ ଧର୍ମର ଅକ୍ଷୟ କୀର୍ତ୍ତିକୁ ବିଶ୍ୱ ଦରବାରେ ପ୍ରତିଷ୍ଠା କରିବାରେ ସଫଳ ପ୍ରୟାସ ରଖିଥିଲେ। ଜଗନ୍ନାଥ ଧର୍ମ ଏ ଓଡ଼ିଆ ଜାତିର ଧର୍ମ ରୂପେ ଗୃହୀତ, ଓଡିଆ ଜାତିର ସଂସ୍କୃତି ଭାବେ ସ୍ୱୀକୃତ । ଜୈନ, ବୌଦ୍ଧ, ବୈଷ୍ଣବ, ସୌର, ଗାଣପତ୍ୟ, ଶାକ୍ତ ଓ ଶିଖ୍ ଧର୍ମର ସନ୍ଥ ଗୁରୁମାନେ ଶ୍ରୀଜଗନ୍ନାଥଙ୍କୁ ନିଜର ଦେବତା ରୂପେ ଗ୍ରହଣ କରି ନିଜ ସଂସ୍କୃତି ସହ ଯୋଡି ଦେଇଛନ୍ତି । ଜଗନ୍ନାଥ ସଂସ୍କୃତି ଅନେକ ପୂଜାପାର୍ବଣ ଓ ଧର୍ମ କର୍ମ ଭିନ୍ନ ଭିନ୍ନ ଧର୍ମର ନୀତି ଓ ଆଚରଣର ମିଳନ ଘଟି ସର୍ବ ଧର୍ମ ଓ ସକଳ ବିଶ୍ୱାସର କେନ୍ଦ୍ରୀଭୂତ ହୋଇଛି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଓଡିଆ ଜାତିର ତଥା ସଂସ୍କୃତିର ଓ ଐତିହ୍ୟର ସ୍ମାରକୀ ପ୍ରତୀକ । ସେ କିନ୍ତୁ କୌଣସି ଧର୍ମର ନୁହନ୍ତି ସାରା ବିଶ୍ୱର, ସାରା ଜଗତ ତାଙ୍କର । ଶବର ରାଜା ବିଶ୍ୱାବସୁ ଠାରୁ ଆରମ୍ଭ କରି ଅବନ୍ତୀ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପର୍ଯ୍ୟନ୍ତ , ଅଛୁଆଁ ଦାସିଆ ବାଉରୀ ଠାରୁ ଆରମ୍ଭ ବ୍ରାହ୍ମଣ

ବିଦ୍ୟାପତି ପର୍ଯ୍ୟନ୍ତ, କରମା ଠାରୁ ଆରମ୍ଭ କରି ଶ୍ରୀଗୁଣ୍ଡିଚ୍ଚା ପର୍ଯ୍ୟନ୍ତ । ଏପରିକି ଭକ୍ତ ସାଲବେଗ ଠାରୁ ଆରମ୍ଭ କରି ଶ୍ରୀଚୈତନ୍ୟ ପର୍ଯ୍ୟନ୍ତ ସମସ୍ତେ ତାଙ୍କର, ବାହୁ ପ୍ରସାରଣ କରି ସମସ୍ତଙ୍କୁ କୋଳେଇ ନେଇଛନ୍ତି । ସେ ସବୁରିଙ୍କ ପ୍ରିୟ କଳାଶ୍ରୀମୁଖ, ଚକାଡୋଳା, ଚକାଆଖିଆ, କାଳିଆ କଳା, ବଳିଆର ଭୁଜ ମହାବାହୁ । ତାଙ୍କର ଶ୍ରୀମନ୍ଦିର ବଡ ଦେଉଳ, ବଡଦାଣ୍ଡ, ବଡ ପଣ୍ଡା, ମେଘନାଦ ପାଚେରୀ, ଆନନ୍ଦ ବଜାର, ପତିତପାବନ ବାନା, ମହାପ୍ରସାଦ, ରତ୍ନସିଂହାସନ, ମହୋଦଧି -- ସବୁ ବଡ ।

ଜଗନ୍ନାଥଙ୍କ ଉପାସନା ରାଜକୀୟ ସୁଠାମ ଠାଣି ସହିତ ମଣିଷ ସୁଲଭ ଚଳଣି ଭରି ରହିଛି । ମାନବୀୟ ଆଚରଣ ଓ ଉପାଚାରରେ ଶ୍ରୀଜଗନ୍ନାଥଙ୍କର ଉପାସନା। ନାହିଁ ଭେଦ ବିଭେଦ, ବିଭିନ୍ନତା, ପାର୍ଥକ୍ୟ, ମଣିଷ ଗୋଟିଏ ଜାତି। ସେ ମୁସଲମାନ ଭକ୍ତ ହେଉ ଅବା ଖ୍ରୀଷ୍ଟିଆନ ହେଉ, ସେ କେବଳ ମଣିଷ । ମୁସଲମାନ ଭକ୍ତ ସାଲବେଗ ଜଗନ୍ନାଥଙ୍କ ନିକଟରେ (ଆହେନୀଳ ଶଇଳ) ଆତ୍ମ ସମର୍ପଣ କରି ଅପୂର୍ବ ଆନନ୍ଦ ଲାଭ କରିଛି । କେତେକ ଖ୍ରୀଷ୍ଟିୟାନ ବିପନ୍ନ ହୋଇ ଶ୍ରୀଜଗନ୍ନାଥଙ୍କ ନାମ ଉଚ୍ଚାରଣ କରି ବିପଦ ମୁକ୍ତ ହୋଇଛନ୍ତି । ଅସ୍ପୃଶ୍ୟ, ଅଛୁଵ କହି ଦାସିଆ ବାଉରୀକୁ ଘୃଣା କରୁଥିବା ବେଳେ ଜଗନ୍ନାଥ ଦାସିଆ ହସ୍ତରୁ ନଡ଼ିଆ ନେବା ବିଚାର ସାପେକ୍ଷ । ଜଗନ୍ନାଥଙ୍କ ଅପାର କରୁଣା, ମହାନବତା ଓ ସାର୍ବଜନୀନ ସହୃଦୟତା ଏଥିରୁ ଅର୍ଥାତ ମାନବ ସମାଜର କଲ୍ୟାଣ ଭାବକୁ ସୂଚିତ କରେ । ଭକ୍ତି, ଉପାସନା, ଭଗବତ୍ ଆଶୀର୍ବାଦ ଓ ମାନବ ସମାଜର ଆତ୍ମିକ ଉନ୍ନତି ତଥା ଅନ୍ୟାନ୍ୟ ଦିଗରେ ସଦିଚ୍ଛା, ସମତା ଓ ପରସ୍ପର ସହନଶୀଳତାର ସେ ଏକ ଅକ୍ଷୟ କୀର୍ତ୍ତି ସ୍ତମ୍ଭ ରୂପେ ପରିକଳ୍ପିତ। ବିଶ୍ୱରେ ଚିର ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ସେ କେବଳ ଏହି ଆତ୍ମୋତ୍କର୍ଷ ପୂରିତ ବାଣୀ ଶୁଣାଇଛନ୍ତି - "ନିଜର ଯାହା ଶ୍ରେଷ୍ଠ, ତାହା ଅନ୍ୟକୁ ବିତରଣ କର, ଅନ୍ୟର ଯାହା ଶ୍ରେଷ୍ଠ, ତାହା ଆହୋରଣ କର, ନିଜେ ଉତ୍ତମ ରୂପେ ବଞ୍ଚି ରହି, ଅନ୍ୟକୁ ଭଲଭାବେ ବଞ୍ଚି ରହିବାର ସୁଯୋଗ ଦିଅ । କେବଳ ସଂବିଧାନ ପ୍ରସ୍ତୁତ ପାଇଁ କେଇଟି ଆଦର୍ଶ ନୀତି ଆଣି ସଂବିଧାନରେ ମିଶେଇ ଦେଲେ ମଣିଷ ଜୀବନ ସେଥିରେ ସାର୍ଥକ ହୋଇଯିବ ନାହିଁ । ଜୀବନ ସହିତ ଧର୍ମର ସଂପର୍କ ନରହିଲେ ତାହା ଧର୍ମ ନୁହେଁ । ଧର୍ମର ଅର୍ଥ "ଜୀବନ ରକ୍ଷାର ସେତୁବନ୍ଧ" ।

ପ୍ରଭୁ ଶ୍ରୀଜଗନ୍ନାଥ 'ଧର୍ମ ଜଗତର ଏକ ଜୀବନ ଅଭିମୁଖୀ ଦେବତା । ତାଙ୍କରି ପୂଜାର୍ଚ୍ଚନା, ପର୍ବପର୍ବାଣି, ଧର୍ମଧାରଣା ମଧ୍ୟରେ ଜୀବନର ନିବିଡ଼ ସଂପର୍କ ରହିଛି। ଭକ୍ତ ସାଲବେଗ, କବୀର, ହରିଦାସ, ପ୍ରମୁଖ ମୁସଲମାନ ଭକ୍ତ ମାନେ ଶ୍ରୀ ଜଗନ୍ନାଥପ୍ରଭୁଙ୍କ ଭଜନ, ଜଣାଣ ଗାଇ ଭକ୍ତିରେ ନିଜକୁ ମଜେଇ ଦେଉଥିଲେ । ସାରଳାଙ୍କ ପରବର୍ତ୍ତୀ ପଞ୍ଚସଖାମାନଙ୍କ ଭକ୍ତି ଭାବ ଜଗନ୍ନାଥ, ବଳରାମ, ଅଚ୍ୟୁତ, ଯଶୋବନ୍ତ, ଅନନ୍ତ, ଏପରିକି ଗଜପତି ପୁରୁଷୋତ୍ତମ ଦେବ, ଦାସିଆ ବାଉରୀ, ବନ୍ଧୁ ମହାନ୍ତି ପ୍ରମୁଖ ପ୍ରଭୁଙ୍କ ଶରଣ ନେଇ ନିଜକୁ ଧନ୍ୟ କରିଛନ୍ତି ।

ଜଗନ୍ନାଥ ଧାମ ଅଖଣ୍ଡତା ଓ ଏକତାର ପୀଠ । ଏହି ଏକତା ତିନି ଏକନ୍ଦ୍ରୀକରଣର ଭାବଧାରା ଓ ନିବିଡ ସଂଯୋଗ, ଯାହା ଭିନ୍ନ ଭିନ୍ନ ପ୍ରବୃତ୍ତିର ମଣିଷକୁ ଏକୀଭୂତ ଓ କେନ୍ଦ୍ରୀଭୂତ କରିବା ନିମନ୍ତେ ଆକର୍ଷଣ କରେ ତାହାକୁ "ସଂହତି" କୁହାଯାଏ । ବୁଦ୍ଧ ଦେବଙ୍କ ଅହିଂସା ଭାବଧାରା ଠାରୁ ଆରମ୍ଭ କରି ଜଗନ୍ନାଥ ସଂସ୍କୃତିର ସାମ୍ୟ, ମୈତ୍ରୀ ଓ ଭ୍ରାତୃ ଭାବଧାରା ଉତ୍ପତ୍ତି ହେଉଛି ଶ୍ରୀକ୍ଷେତ୍ର। କବିଙ୍କ ଦୃଷ୍ଟିରେ - " ଭାରତେ ଉତ୍କଳ ଦେଶେ ଭୂ - ସ୍ୱର୍ଗେ ପୁରୁଷୋତ୍ତମ / ଦାରୁ ରୂପୀ ଜଗନ୍ନାଥଃ ଭକ୍ତାନାଂ ଅଭୟପ୍ରଦଃ ।" ପୁନର୍ବାର କୁହାଯାଇଛି - "ପୁରୁଷୋତ୍ତମ ପରଂକ୍ଷେତ୍ରଂ ନାସ୍ତ୍ୟନ୍ୟ ପୃଥିବୀ ତଳେ / ଭୂ - ସ୍ୱର୍ଗ ମିତି ବିଖ୍ୟାତଂ ଦେବାନାମପି ଦୁର୍ଲଭଂ ।"

ଧର୍ମ ଯଦି ଶୁଦ୍ଧ ଜୀବନ ଯାପନ ପ୍ରକ୍ରିୟାର ଏକ ମାର୍ଗ ହୁଏ, ସଂସ୍କୃତି ଯଦି ଏକ ସମନ୍ୱୟ ସମୁନ୍ନତ ସମୃଦ୍ଧି ପ୍ରକ୍ରିୟାର ଏକ ସ୍ୱରୂପ ହୁଏ, ସେଠି ଧର୍ମ ସଂକୀର୍ଣ୍ଣତାର ବହୁ ଊର୍ଦ୍ଧ୍ୱରେ ।ଜଗନ୍ନାଥ ସଂସ୍କୃତିର ସର୍ବମଙ୍ଗଳ 'ବସୁଧୈବ କୁଟୁମ୍ବକମ୍' ଚିନ୍ତାଧାରା ଯୀଶୁଙ୍କ ଚିନ୍ତାଧାରାରେ ପରିଲକ୍ଷିତ । ଜୈନମାନଙ୍କର ଜୀବପ୍ରତି ଦୟା, ଜଗନ୍ନାଥ ସଂସ୍କୃତିର ନିରାମିଷ ପ୍ରସାଦ ଓ ପରିବେଷଣରେ ରହିଛି। ବୌଦ୍ଧ ସଂସ୍କୃତିର ଅହିଂସା ଓ ଜାତିହୀନ ଭାବ ମଧ୍ୟ ଏହି ସଂସ୍କୃତିର ଏକ ଅନ୍ତର୍ନିହିତ ଦିଗ । ଏଥିପାଇଁ ଜଗନ୍ନାଥ ସଂସ୍କୃତି ଜାତି, ସଂପ୍ରଦାୟ ଓ ଆଞ୍ଚଳିକତାର ବହୁତ ଊର୍ଦ୍ଧ୍ୱରେ । ଜଗନ୍ନାଥ ସଂସ୍କୃତି ମଧ୍ୟରେ ବହୁ ବିପରୀତ ଧର୍ମୀ ସଂସ୍କୃତିର ମହାମିଳନ ଘଟିଛି । "ଜଗନ୍ନାଥ ସ୍ୱାମୀ - ନୟନ ପଥଗାମୀ " - ସେ ସକଳର ସ୍ୱାମୀ । ଗଜପତି ମହାରାଜାଙ୍କ ଠାରୁ ଆରମ୍ଭ କରି ଦେବଦାସୀ ପର୍ଯ୍ୟନ୍ତ , ପ୍ରତ୍ୟେକ ତାଙ୍କର ସେବକ । କିଏ ପ୍ରଭୁଙ୍କ ଫୁଲ

ଗୁନ୍ଥିବାରେ ନିୟୋଜିତ, ପୁଣି କିଏ ପ୍ରସାଦ ପ୍ରସ୍ତୁତ କରିବାରେ ବ୍ୟସ୍ତ, କିଏ ପୂଜା କରିବାରେ, କିଏ ତାଙ୍କର କ୍ଳାନ୍ତ ମନକୁ ଆନନ୍ଦ ଭରି ଦେବାରେ ମଗ୍ନ । ପ୍ରଭୁ ସେବାରେ କାହାରି ମନରେ ନାହିଁ, ଗର୍ବ, ଅହଂକାର, ଛୋଟ ବଡ ଭାବ ସଂକୀର୍ଣ୍ଣତା । ସେଠି ସମସ୍ତେ ସମାନ, ସାମ୍ୟ - ମୈତ୍ରୀର ବାନା ଉଡାଇ ଯେଉଁ ନୀଳଚକ୍ର ଫରଫର ହୋଇ ଉଡୁଛି, ସେଠି ଧନୀ- ଗରିବ ସମସ୍ତେ ସମାନ। ପ୍ରଭୁଙ୍କ ଦୃଷ୍ଟିରେ ଭାବହିଁ ମୁଖ୍ୟ । ସେ ଭାବ ବିନୋଦିଆ । ଭାବକୁ ନିକଟ - ଅଭାବକୁ ଦୂର । ଜଗନ୍ନାଥ ସଂସ୍କୃତି ମହାଭାରତୀୟ ସଂସ୍କୃତିର ପ୍ରାଣପିଣ୍ଡ। ଶଙ୍କରାଚାର୍ଯ୍ୟ ଠାରୁ ଆରମ୍ଭ କରି ଚୈତନ୍ୟଙ୍କ ପର୍ଯ୍ୟନ୍ତ, ଗୌତମଙ୍କ ଠାରୁ ଆରମ୍ଭ କରି ମହାବୀରଙ୍କ ପର୍ଯ୍ୟନ୍ତ ତଥା ମହମ୍ମଦଙ୍କ ଠାରୁ ଆରମ୍ଭ କରି ଯୀଶୁଖ୍ରୀଷ୍ଟଙ୍କ ପର୍ଯ୍ୟନ୍ତ ସକଳ ମତବାଦ ଓ ଭକ୍ତିଭାବ ସେହି ମହନୀୟ ଜଗନ୍ନାଥ ଧର୍ମ, ସଂସ୍କୃତିର ଅଂଶ ମାତ୍ର । ଶୈବ, ଶାକ୍ତ, ବୈଷ୍ଣବ ମତବାଦର ସମନ୍ୱୟ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରର ରତ୍ନସିଂହାସନରେ ମିଳିତ ହୋଇଛି । ରତ୍ନସିଂହାସନରେ ବିରାଜମାନ ବଳଭଦ୍ର ଶିବ ରୂପରେ, ବିଷ୍ଣୁ ଜଗନ୍ନାଥ ରୂପରେ, ବ୍ରହ୍ମା ସୁଭଦ୍ରା ରୂପରେ ଓ ସୁଦର୍ଶନ ସୂର୍ଯ୍ୟଙ୍କ ପ୍ରତୀକ ରୂପରେ ପୂଜା ପାଉଛନ୍ତି ।

ଜୈନମାନେ ଅହିଂସାବାଦୀ ଓ କୃଷି କାର୍ଯ୍ୟରେ କୀଟମାନଙ୍କ ନଷ୍ଟ ଯୋଗୁଁ କୃଷି ନକରି କଳ୍ପବଟର କଳ୍ପନା କରିଥିଲେ, ତେଣୁ ଜୈନ କଳ୍ପବଟ ଅନୁସାରେ ଶ୍ରୀକ୍ଷେତ୍ରରେ କଳ୍ପବଟର କଳ୍ପନା କରାଯାଇଛି । ପୁରୁଷୋତ୍ତମ ତତ୍ତ୍ୱ ଜୈନ ପରଂପରାରୁ ଉଦ୍ଭୂତ । ଜଗନ୍ନାଥ ଧର୍ମର ପୁରୁଷୋତ୍ତମ ଚେତନା ଭିତରେ ବିଶ୍ୱକୁ ଏକପ୍ରାଣ , ବିଶ୍ୱପୁରୁଷ , ଅନନ୍ତ ପୁରୁଷ ସତ୍ତାର ନିର୍ଯ୍ୟାସ ରହିଛି । ନିଜର ସୀମିତ ବ୍ୟକ୍ତି କର୍ମକୁ ଜଗତଜନଙ୍କ ପାଇଁ ଉତ୍ସର୍ଗ କରିବାହିଁ ଜଗନ୍ନାଥ ଧର୍ମ । ପୁରୁଷକୁ ଜଗତ ଓ ଜଗତକୁ ପୁରୁଷ ସହ ଅଭେଦ କଳ୍ପନା କରିବା ଜୈନ ଧର୍ମର ନିଜସ୍ୱ । ଇନ୍ଦ୍ରଭୂତି ତାଙ୍କ 'ଜ୍ଞାନ ସିଦ୍ଧି' ଗ୍ରନ୍ଥରେ ଇଷ୍ଟ ଦେବଙ୍କୁ ସ୍ତୁତିକରି ସେଥିରେ ଜୈନ, ବୁଦ୍ଧ ଓ ଜଗନ୍ନାଥଙ୍କ ସମୀକରଣ କରିଛନ୍ତି - "ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବିରାଜିତଂ / ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ।" ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୈନମାନଙ୍କ ନୀଳମାଧବ ଶବ୍ଦଟି ଯଥାକ୍ରମେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କର ଉନ୍ମେଷ ବୋଲି ଦର୍ଶାଇଛନ୍ତି । ଶ୍ରୀଜଗନ୍ନାଥଙ୍କୁ ବୌଦ୍ଧ ଅବତାର ଭାବେ ଗ୍ରହଣ କରାଯାଏ, ସାରଳା ଦାସଙ୍କ

ମହାଭାରତରେ ଉଲ୍ଲେଖ ଅଛି - "ସଂସାର ଜନକୁ ତାରିବା ନିମନ୍ତେ / ବଉଧ ରୂପରେ ବିଜେ ଜଗନ୍ନାଥ ।" ଅଚ୍ୟୁତାନନ୍ଦ ତାଙ୍କ ଶୂନ୍ୟସଂହିତାରେ କହିଛନ୍ତି - "ବୋଇଲେ ଅଚ୍ୟୁତ ତୁମ୍ଭେ ଶୁଣ ଆମ୍ଭ ବାଣୀ / କଳିଯୁଗେ ବୌଦ୍ଧ ରୂପେ ପ୍ରକାଶିତ ପୁଣି ।" ସେଭଳି ଜଗନ୍ନାଥ ଦାସ ତାଙ୍କ ଭାଗବତରେ ଉଲ୍ଲେଖ କରିଛନ୍ତି - "ପ୍ରବୃଦ୍ଧ ବୁଦ୍ଧ ଅବତାରେ / ଜ୍ଞାନ ବିସ୍ତାରେ ଏ ସଂସାରରେ ।" ବୌଦ୍ଧ ଧର୍ମର ତ୍ରିରତ୍ନ ବୁଦ୍ଧ, ଧର୍ମ, ସଂଘକୁ ଅଲଗା କରି ତ୍ରିମୂର୍ତ୍ତି କଳ୍ପନା କରାଯାଇଛି, ଅର୍ଥାତ ଜଗନ୍ନାଥଙ୍କ ଠାରେ ବୁଦ୍ଧ, ସୁଭଦ୍ରାଙ୍କ ଠାରେ ଧର୍ମ ଓ ବଳଭଦ୍ରଙ୍କ ଠାରେ ସଂଘର ଆରୋପ କରାଯାଇଛି ।

ଜଗନ୍ନାଥଙ୍କ ନିକଟରେ ରାମ ବା କୃଷ୍ଣ ଉପାସନା ମଧ୍ୟରେ କୌଣସି ପ୍ରଭେଦ ନାହିଁ, ବଳରାମ ଦାସଙ୍କ ଦୃଷ୍ଟିରେ - "ଦୀପରୁ ଦୀପ ଲଗାଇଲେ / ତେଜ ଯେସନେ ସମତୁରେ । କାର୍ଯ୍ୟ କାରଣ ଭିନ୍ନ ନୋହି / ଶ୍ରୀକୃଷ୍ଣ ଜଗନ୍ନାଥ ସେହି / ଏଣୁ ଜଗନ୍ନାଥ କୃଷ୍ଣ , ଅଭିନ୍ନ ଅଟନ୍ତି ଅର୍ଜୁନ ।" ପ୍ରଭୁ ଜଗନ୍ନାଥ ଅବତାରୀ, ତାଙ୍କରି ପାଖରେ ବିଭିନ୍ନ ଅବତାରର କଳ୍ପନା କରାଯାଇଛି । ରଥ ଉପରେ ସେ ବାମନ ଅବତାର ବା ସୂର୍ଯ୍ୟ ରୂପେ ପୂଜିତ । ସ୍ନାନ ପୂର୍ଣ୍ଣିମାରେ ଗଣନାଥ ଭାବରେ ତାଙ୍କୁ ଅର୍ଚ୍ଚନା କରାଯାଏ । ହିନ୍ଦୁ ଭାବନାର ଦଶାବତାର ହିଁ ଏହି ଜଗନ୍ନାଥଙ୍କର ପରିପ୍ରକାଶ । ଅଚ୍ୟୁତାନନ୍ଦ ଉଲ୍ଲେଖ କରିଛନ୍ତି - "ଅବତାର ଦଶ ଏହି ଦାରୁରୂପ ଏହି ଦାରୁ ସେ ଲୀନ / ଈଶ୍ୱର ସାକ୍ଷାତେ ଲୀଳାର ନିମନ୍ତେ ବିଜେ ରତ୍ନ ସିଂହାସନେ ।" କବି ବଳରାମ ଦାସ ରତ୍ନସିଂହାସନରେ ଚାରି ବେଦର ପରିପ୍ରକାଶ ଘଟିଥିବା ଅର୍ଥାତ - ବଳଭଦ୍ର ସାମବେଦ, ସୁଭଦ୍ରା ଋକ୍ ବେଦ, ଜଗନ୍ନାଥ ଯର୍ଜୁବେଦ ଓ ସୁଦର୍ଶନ ଅଥର୍ବବେଦ ବୋଲି ଦର୍ଶାଇଛନ୍ତି । ପୁରୁଷୋତ୍ତମ କ୍ଷେତ୍ର ହେଉଛି ଗୁପତ ବୈକୁଣ୍ଠପୁରୀ, ଏଠାରେ ସ୍ୱୟଂ ଅବତାରୀ ପୁରୁଷ ପରମବ୍ରହ୍ମ ଅବସ୍ଥାନ କରିଛନ୍ତି । ଶ୍ରୀକ୍ଷେତ୍ର ତିନି ଲୋକରେ ଦୁର୍ଲଭ । ସ୍ୱୟଂ ଭଗବାନ ଏଠାରେ ନିଜର ମୂର୍ତ୍ତି ଗଢିଥିବା ଦୃଢ ବିଶ୍ୱାସ ରହିଛି ।

ଜଗନ୍ନାଥଙ୍କ ଚକ୍ଷୁକୁ ସୂର୍ଯ୍ୟ, ଚନ୍ଦ୍ର ସହିତ ତୁଳନା କରାଯାଇ ସୂର୍ଯ୍ୟଙ୍କ ସମସ୍ତ ଗୁଣ ସହିତ ସମନ୍ୱିତ କରାଯାଇଛି । ସୂର୍ଯ୍ୟଙ୍କ ପଞ୍ଚରଥ ତୁଲ୍ୟ ଶ୍ରୀଜଗନ୍ନାଥଙ୍କ ମନ୍ଦିର। ମନ୍ଦିର ଚୂଡାରେ ରଥର ସଂକେତ ନୀଳଚକ୍ର, ସିଂହଦ୍ୱାର ସମ୍ମୁଖରେ ଅରୁଣ ସ୍ତମ୍ଭ, ବେଢ଼ାମଧ୍ୟରେ ଶ୍ରୀ ସୂର୍ଯ୍ୟନାରାୟଣ ମନ୍ଦିର ରହିଛି । ରଥଯାତ୍ରା ସମୟରେ ତିନି

ରଥକୁ ସପ୍ତରଙ୍ଗ କପଡାରେ ସୁମଣ୍ଡିତ କରାଯାଏ, ସତେ ସପ୍ତରଙ୍ଗ ସୂର୍ଯ୍ୟଙ୍କ କରଣ ସପ୍ତବର୍ଣ୍ଣ ସହିତ ସଂପୃକ୍ତ । ସୂର୍ଯ୍ୟଙ୍କ ଉତ୍ତରାୟଣ ଓ ଦକ୍ଷିଣାୟନ ଗତି ଅନୁସାରେ ରଥତ୍ରୟ ପ୍ରଥମେ ଉତ୍ତର ଦିଗକୁ ଓ ପରେ ଦକ୍ଷିଣ ଦିଗକୁ ପରିଚାଳିତ କରାଯାଇଥାଏ । ସୌରମଣ୍ଡଳର ନବଗ୍ରହ ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ନବଦିନ ଯାତ୍ରା ଅନୁଷ୍ଠିତ ହୁଏ । ରତ୍ନସିଂହାସନରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ସାଧାରଣ ଜନତା ଶ୍ରୀକୃଷ୍ଣ, ବଳରାମ ଓ ଭଗିନୀ ସୁଭଦ୍ରା ଭାବରେ ବିଶ୍ୱାସ କରାଯାଏ । ଅନେକଙ୍କ ମତରେ ପୃଥିବୀରେ ତିନୋଟି ରଂଗର ବ୍ୟକ୍ତି ଦେଖିବାକୁ ମିଳେ, ଯଥା ଶ୍ୱେତ, ପୀତ ଓ କୃଷ୍ଣବର୍ଣ୍ଣ । ଜଗନ୍ନାଥ ଏହି ତିନି ବର୍ଣ୍ଣକୁ ପ୍ରତିଧ୍ୱନିତ କରି ଉପାସିତ ହୋଇଆସୁଛନ୍ତି । ଜଗତର ତିନୋଟି ଗୁଣସହିତ ଏହାର ସମନ୍ୱୟ, ଯଥା - ସତ୍ତ୍ୱ, ରଜ, ତମ । ଏହା ଏହି ତିନୋଟି ମୂର୍ତ୍ତିରେ ପ୍ରକାଶିତ ଥିବା ସାରଳାଙ୍କ ମହାଭାରତରେ ଉଲ୍ଲେଖ ରହିଛି - "ଶ୍ୱେତ - ପୀତ - କୃଷ୍ଣ ବର୍ଣ୍ଣ ତିନୋଟି ମୂରତି / ସତ୍ତ୍ୱ, ରଜ, ତମ ଗୁଣ ହୋଇ ବିରାଜନ୍ତି ।" ସେହିଁ ତିନୋଟି ମୂର୍ତ୍ତି ମଧ୍ୟରେ ପ୍ରଳୟ କର୍ତ୍ତା ମହେଶ୍ୱର, ସୃଷ୍ଟି କର୍ତ୍ତା ବ୍ରହ୍ମା ଓ ପାଳନ କର୍ତ୍ତା ବିଷ୍ଣୁଙ୍କୁ ଗ୍ରହଣ କରାଯାଇଛି ।

ଜଗନ୍ନାଥଙ୍କ ସଂପର୍କରେ କୌଣସି ସ୍ଥିର ସିଦ୍ଧାନ୍ତ ନିଆଯାଇପାରିବ ନାହିଁ ସେ ଯେପରି ରହସ୍ୟମୟ, ସେପରି ରହସ୍ୟମୟତାରେ ତାଙ୍କର ଅଖଣ୍ଡ ମହିମା, ମହତ୍ତ୍ୱ ଓ କରୁଣା । ସେସବୁ ଆଲୋଚନା ତୁଳନାର ଅନ୍ତ ନାହିଁ, ସେ କେବଳ ରହସ୍ୟ ଘେରରେ ରହସ୍ୟମୟ ବଡଦେଉଳର ବଡଠାକୁର । ତେଣୁ ସର୍ବ ଧର୍ମର, ସର୍ବ ବର୍ଣ୍ଣର ସୁରକ୍ଷା ଦେଇଆସୁଥିବା ଶ୍ରୀଜଗନ୍ନାଥ ମାନବବାଦର ଏକ ଅଦ୍ୱିତୀୟ ପ୍ରତୀକ..!!!

ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ଦୂରଭାଷ : ୯୦୪୦ ୧୫୧୪୭୫,
Email : Laxmansahoo9040@gmail.com

# ଉଚ୍ଚାଭିଳାଷ



ଶୋଭ୍‌ଗିନ ବିଶି

ଛୋଟିଆ ମନରେ ମୋର ଉଚ୍ଚ ଅଭିଳାଷ,
ପୁରି ରହିଅଛି ଯହିଁ ବିଷାଦ ଉଲ୍ଲାସ ॥
କେତେ କେତେ ତରୁଲତା ବନ ଉପବନ,
ମଳୟ ମରୁତ ଝର ସୁନୀଳ ଗଗନ ॥
କେତେ ପଶୁ ପକ୍ଷୀ ନଦୀ ପାହାଡ ପର୍ବତେ,
ମଜ୍ଜି ରହିବାକୁ ଖାଲି ଠାରୁଛନ୍ତି ମତେ ॥
ଗାଆଁ ତୁଠ ଗହଳର କେତେ କୂତୁହଳ,
ପ୍ରତିକ୍ଷଣେ ହୃଦେ କରୁଛନ୍ତି ଦ୍ୱନ୍ଦ ଠୁଳ ॥
ମଙ୍ଗଳ ପ୍ରଭାତ ଆଉ ଗୋମୟ ଗୋଧୂଳ,
କାନେ ମୋର କରୁଛନ୍ତି ବାଲ୍ୟକାଳ ଅଳ ॥
ଗ୍ରାମଶେଷ ଦେବାଳୟେ ବୁଢୀ ଠାକୁରାଣୀ,
ପଦେ ପଦେ ଜେଜେଙ୍କର ମନଗଢା ବାଣୀ ॥
ମାଆଙ୍କର ଗେଲ ପୁଣି ବାପାଙ୍କର ଗାଳ,
ଭାଇ ଭଉଣୀଙ୍କ ସେହି ସେନେହ ଅର୍ଦ୍ଦଳ ॥
ଭାବୁଛନ୍ତି ଫେରନ୍ତା କ ପୁଣି ସେହି ଦିନ,
ବାପା ମାଆ କୋଳେ ଖେଳ ହୁଅନ୍ତି ମୁଁ ଲୀନ ॥

ଗ୍ରାମ-ଦୁଆନ ପାଲି,
ସୋହେଲା, ବରଗଡ଼

# ସଂକଳ୍ପ

ନରଞ୍ଜନ ସାହୁ

ଆଖିରେ ଆଖିଏ ସପନ ମୋହର
ମନରେ ଅନେକ ଆଶା
ନୂଆ କଛି କରି ଦେଖାଇବା ପାଇଁ
ଘାରିଅଛି ମୋତେ ନଶା ॥
ଚ୍ଚଲିଛି ଚ୍ଚଲୁଛି ଚ୍ଚଲୁଥିବି ମୁହିଁ
ଥକ୍କୀ ପଡିବିନ ଜମା
ମାଡି ଚ୍ଚଲିବି ମୁଁ ଆଗକୁ ଆଗକୁ
ଡେଇଁ ଯେତେ ଖାଲଖମା ॥
ମହତ ଲକ୍ଷ୍ୟ ମୁଁ ରଖିଛି ଯେହେତୁ
ନଶ୍ଚୟ ହୋଇବ ଭଲ
ବାଧା ବିଘ୍ନ ମୋତେ କରି ପାରିବନ
କେବେହେଲେ କଲବଲ ॥
ସଫଳତା ଶୀର୍ଷ ଦିନେ ମୁଁ ଛୁଇଁବି
ଏହା ହିଁ ଶପଥ ମୋର
ସଂକଳ୍ପ କରିଛି ସିଦ୍ଧି ମୁଁ ପାଇବି
ନାଶିବି ତମସା ଘୋର ॥

ନହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

# ନିଶ୍ୱାସ ଓ ବିଶ୍ୱାସ



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ନିଶ୍ୱାସ, ବିଶ୍ୱାସ – ଏମିତି ଜିନିଷ,
ଏକ ମୁଦ୍ରା – ଦୁଇ ପାର୍ଶ୍ୱ;
ଜୀଅନ୍ତା-ମଣିଷ, ବନିଯାଏ-ଶବ,
ଛୁଟିଲେ ଶେଷ ନିଶ୍ୱାସ ।
ସୁସମ୍ପର୍କ-ସେତୁ, ଗଢଇ ବିଶ୍ୱାସ,
ଭବ-ସିନ୍ଧୁ କରେ ପାରି;
ବିଶ୍ୱାସ ତୁଟିଲେ, ତୁଟଇ ସମ୍ପର୍କ
ଆସେନାହିଁ ଆଉ ଫେରି ।
ଏହି ଦୁନିଆଁରେ ସ୍ୱାର୍ଥ ସିଦ୍ଧିପାଇଁ
ବିଶ୍ୱାସ-ପରଦା ଟାଣି,
ସରଳ ମଣିଷ ମନକୁ ସହଜେ
ଧୋକାବାଜ ନିଏ କିଣି ।
ସେତେବେଳେ ତାର ନିଶ୍ୱାସ, ପ୍ରଶ୍ୱାସୁ
ବିଶ୍ୱାସ-ମଳୟ ବହେ,
ଆଶା ଭରଷାର ସପନ ଦେଖେଇ
ତଣ୍ଟି ତାର କାଟି ଦିଏ ।
ନିଶ୍ୱାସ, ବିଶ୍ୱାସେ କେବେ ବି କାହାର
ଭରି ଦିଅନାହିଁ ବିଷ;
ବିଶ୍ୱାସ ଘାତକ ସାଜି ତୁମେ ତାର
କରନାହିଁ ସର୍ବନାଶ ।
ଅର୍ଥ-ପିପାସା ମେଣ୍ଟାଇବା ପାଇଁ

ହୁଅନାହିଁ ସ୍ୱାର୍ଥପର,
ନିର୍ଦ୍ଦୟ କଂସେଇ ବନି ଛେଦନାହିଁ
ମସ୍ତକ ନୀରିହର ।
ବିଶ୍ୱାସେ ମିଳଇ ଈଶ୍ୱରଙ୍କ ଦେଖା,
ତର୍କେ ଯାନ୍ତି ଦୂର ହୋଇ;
ବିଶ୍ୱାସ ଲଭିବୁ ସାନିଧ ତାଙ୍କର,
ଭୋଗ ବିଳାସରେ ଥାଇ ।
ନିଶ୍ୱାସେ ଭରସା ରଖନାହିଁ ତୁହି,
ବିଶ୍ୱାସେ ରଖିଥା ଭାଇ!
ଜୀବନ ଯୁଦ୍ଧରେ ତୋ ସାଥିରେ ଥିବ
ସୁରକ୍ଷା କବଚ ହୋଇ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉରକେଲା, ଓଡିଶା

# କରୋନା ବନାମ ଘରୋଇ ସହାୟକ



ସସ୍ମିତା ପଟନାୟକ

ଏକ କର୍ମଜୀବୀ ମହିଳାକୁ ଅନେକ ବାଧାବିଘ୍ନ ମଧ୍ୟଦେଇ ନିଜର ପରିବାର ଓ କର୍ମକ୍ଷେତ୍ର ଦୁଇଟିର ସନ୍ତୁଳନ ରକ୍ଷା କରିବାକୁ ହୋଇଥାଏ । ତେଣୁ ଅନ୍ୟ ସମସ୍ତଙ୍କ ଅପେକ୍ଷା ସେମାନଙ୍କ କ୍ଷେତ୍ରରେ ଘରୋଇ ସହାୟକଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ । ମୋର ପାରିବାରିକ ଜୀବନ ଆରମ୍ଭରୁ କେତେବେଳେ **full time** ତ କେତେବେଳେ **part time** ସହାୟକମାନଙ୍କ ସାହାଯ୍ୟ ନେଇ ହିଁ ମୁଁ କାର୍ଯ୍ୟ ସମ୍ପାଦନ କରିଛି । ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ପ୍ରବୃତି ଓ ଭିନ୍ନ ଭିନ୍ନ କାର୍ଯ୍ୟଦକ୍ଷତାର ସହାୟକ ମିଳଥାନ୍ତି । କିନ୍ତୁ ମୋର ଆବଶ୍ୟକତା ଦୃଷ୍ଟିରୁ ମୁଁ ସବୁବେଳେ ସେମାନଙ୍କର ଅନ୍ୟ ସମସ୍ତ ଗୁଣଠାରୁ ନିୟମିତତା ଉପରେ ଅଧିକ ଗୁରୁତ୍ୱ ଦେଇଥାଏ । ଚାକିରି ଜୀବନ ମଧ୍ୟରେ ଆବଶ୍ୟକତା ମୁତାବିକ ଅନେକ ଥର ଘର ବଦଳ କରିବାକୁ ହେଇଚ ତେଣୁ ଘରୋଇ ସହାୟକ ମଧ୍ୟ ବଦଳାଇଛି । କିନ୍ତୁ ସବୁବେଳେ କେବଳ ନିୟମିତ ଭାବେ କାର୍ଯ୍ୟ କରୁଥିବା ଓ ବିଶେଷ କାର୍ଯ୍ୟରୁ ଛୁଟି ନ ନେଉଥିବା ବ୍ୟକ୍ତିମାନଙ୍କୁ ହିଁ ପସନ୍ଦ କରିଥାଏ । ସେଥିପାଇଁ ମତେ ଅନେକ ସମୟରେ ସେମାନଙ୍କର ଅନ୍ୟାନ୍ୟ ଦୋଷ ତ୍ରୁଟିକୁ ନଜର ଅନ୍ଦାଜ କରିବାକୁ ହୋଇଥାଏ । ଏହିପରି ଭାବରେ କେତେବେଳେ ଜୀବନର ଗୁରୁ ଭାଗ ଶେଷ ହୋଇଗଲା ଜାଣିହେଲାନି । ପିଲାମାନେ ବଡ ହୋଇ ନିଜ ନିଜ ବାଟରେ ବାହାରିଗଲେ, ବାପା ମା ମାନେ ମଧ୍ୟ ଚିର ବିଦାୟ ନେଇ ଚାଲିଗଲେ । ଦେଖୁ ଦେଖୁ ଚାକିରୀ ଜୀବନ ମଧ୍ୟ ସରିଗଲା । ଅବସର ପର ବାକି ଜୀବନ ଟିକେ ସୁସ୍ଥିରେ କଟେଇବା ପାଇଁ ଆମେମାନେ ଏକ ଆପାର୍ଟମେଣ୍ଟ ଘର କିଣି ସେଠିକୁ ଚାଲିଗଲୁ ।

ସେଠିକ ଗଲ୍ପରେ ପୁଣି ସେଇ ପୁରୁଣା କାମ। ଘରେ୍ଇ ସହାୟକ ଖୋଜିବା। ପଡୋଶୀମାନଙ୍କ ଠାରୁ ପଚର୍ପଚରି କରି ମୋର ଆବଶ୍ୟକତା ମୁତାବକ ଜଣେ ମହିଳା ସହାୟିକା ଠିକ୍ କଲି। ସେ କଛିଦିନ ଆସି କାମ କରିବାପରେ କନ୍ତୁ ଅନୁଧ୍ୟାନ କଲି ସତେ ଯେପରି ଏତେଦିନରେ ଭଗବାନ ମତେ ଏକ ସର୍ବଗୁଣ ସଂପନ୍ନ ବ୍ୟକ୍ତି ଆଣି ଯୋଗାଇଛନ୍ତି। ବର୍ଷା ନାହିଁ ଖର୍ ନାହିଁ ଥଣ୍ଡା ନାହିଁ ସେ କେବେ ବି ଗୋଟେ ବେଳା ପାଇଁ ମଧ୍ୟ କାମ ବନ୍ଦ କରି ରହିବା ମୁଁ ଜାଣିନ। ଏପରିକ ସାଧାରଣ ଶାରିରୀକ ଅସୁବିଧାରେ ମଧ୍ୟ ସେ ତାର ଦାଇତ୍ୱ ତୁଲେଇବାରେ ହେଳା କରେନାହିଁ। ତା ଛଡା ଗଞ୍ଜାମ ଜିଲ୍ଲାର ଏହି ମହିଳାଟି ଆହୁରି ଅନେକ ମହାନ ଗୁଣର ଅଧିକାରୀ ସଚ୍ଚୋଟପଣ, ଆତ୍ମିୟତା ଏହିସବୁ ତା ମଧ୍ୟରେ ପ୍ରଧାନ। ଏହିଭଳ ଏକ ସହାୟକ ପାଇ ମୁଁ ଭଗବାନଙ୍କ ନକଟରେ କୃତଜ୍ଞ ହେଉଥିଲି। ସେ ଅତି ପରିଶ୍ରମି ମହିଳା ହୋଇଥିବାରୁ ଆମ ସୋସାଇଟି ର ବହୁତ ଗୁଡିଏ ଘରେ କାମ କରିପାରୁଥିଲ୍। ତାର ସ୍ୱାମୀ ଟ୍ରଲି ରିକ୍ସା ଚଲାନ୍ତି। ତେଣୁ ଦୁଇଜଣଙ୍କ ପରିଶ୍ରମ ଯୋଗୁ ସୁରୁଖୁରୁରେ ଗୋଟିଏ ପୁଅ ଓ ଗୋଟିଏ ଝିଅକୁ ନେଇ ତାଙ୍କର ଛୋଟ ସଂସାର ଟି ଗ୍ଲଲିଥିଲ୍। ଆଉ ଗୋଟିଏ ବଡ ପୁଅ ବୋହୂ ଓ ନାତିଙ୍କ ସହ ସୁରତରେ ରହି କାମକ୍ର। ମଝିରେ ମଝିରେ ସୁବିଧା ହେଲେ ଘରକୁ ବାପା ମାଙ୍କ ପାଖକୁ ଅଳ୍ପ ପଇସାପନ୍ ପଠାଏ। ସାନ ପୁଅଟି ଅଳ୍ପ କଛି ପାଠପଢି ଏକ ଛୋଟ ହୋଟେଲରେ କାମ କରୁଥିଲ୍ ଓ ଝ୍ଅଟି ହାଇସ୍କୁଲ୍ ରେ ପାଠ ପଢୁଥିଲ୍। ବେସ୍ ଖୁସିବାସିରେ ଚଳଯାଉଥିଲେ ସେମାନେ। ସକାଳ ୪ଟା ସୁଦ୍ଧା ଯାହା କଛି ଖାଇ ନଜ କର୍ମ କ୍ଷେତ୍ରକୁ ଗ୍ଲଲିଯାଆନ୍ତି। ଝିଅଟି ଏକ ଅପୂର୍ବ ପ୍ରତିଭାର ଅଧିକାରୀ। ସେ ଖୁବ୍ ଭଲ ଗୀତ ଗାଇପାରେ। ତେଣୁ ସବୁଦିନ ସକାଳେ ସେ ନୟମିତ ଭ୍ବେ କଛି ସମୟ ଗୀତ ଅଭ୍ୟାସ କରେ ତାପରେ ସ୍କୁଲ୍ ବାହାରି ଗ୍ଲଲିଯାଏ। ଦିନ ତମାମ ଅକ୍ଳାନ୍ତ ପରିଶ୍ରମ କରି ସଂଧ୍ୟା ବେଳେ ପୁର୍ ପରିବାରଟି ଫେରିଆସେ ସ୍ନେହ ସୌହାର୍ଯ୍ୟପୂର୍ଣ୍ଣ ନଜର ନୀଡକୁ। ଝିଅଟିର ଗୀତରେ ଆଗ୍ରହ ଦେଖି ବଡ ଭ୍ଇ ମୋ ମା ଏକ ଗୀତ ସ୍କୁଲରେ ତାର ନାଁ ଲେଖାଇ ଦେଇଥିଲେ। କେଉଁଦିନ ସଂଧ୍ୟାବେଳେ ତା ସ୍ୱାମୀ ଫେରିଲ୍ବେଳେ ମାଛ, ଚକେନ୍ କମ୍ବା ଅଣ୍ଡା ନେଇ ଆସିଥାଏ। ତାକୁ ଅତି ଯତ୍ନ ସହକାରେ ରେ୍ଷେଇ କରେ ଗୃହକର୍ତ୍ତୀ ଓ ହସ ଖୁସିରେ ସମସ୍ତେ ଏକାଠି ଖିଆପିଆ କରି ଆନନ୍ଦରେ ଶୋଇଯାଆନ୍ତି। ପୁଣି ପରଦିନର କର୍ତ୍ତବ୍ୟ ସଂପାଦନର ସଂକଳ୍ପ କରି। ମୁଁ ବି

ବେଳେବେଳେ ଆଶ୍ଚର୍ଯ୍ୟ ନ ହୋଇ ରହିପାରେ ନାହିଁ ମହିଳାଟିର ମନୋବୃତ୍ତି ଦେଖି । ସବୁବେଳେ କପରି ଏକ ଖୁସି ଖୁସି ଭାବ । ସଂସାରରେ କାହାର ବା ଅସୁବିଧା ନାହିଁ? ପୁଣି ଏପରି ଆର୍ଥିକ ଅଭାବରେ ରହୁଥିବା ସମାଜର ତଳ ଶ୍ରେଣୀର ଲୋକଙ୍କ କଥା ନକହିଲେ ଭଲ । କନ୍ତୁ ଭଗବାନ ତାକୁ ଏକ ଅଦ୍ଭୁତ ଶକ୍ତି ଦେଇଥିଲେ, ସେ ସବୁବେଳେ ନଜପାଖରେ ଯହା ଅଛି ତାକୁ ନେଇ ଅତ୍ୟନ୍ତ ସନ୍ତୁଷ୍ଟ ରହିପାରୁଥିଲା । ତେଣୁ ସେ କେବେ କୌଣସି କଥା ପାଇଁ ଅଭିଯୋଗ କରୁନଥିଲା । କେବେବି ଛୋଟ ଛୋଟ କଥାରେ ପଇସାପଇ ହିସାବ କତାବ ନକରି ଯିଏ ଯାହା ଅଳ୍ପ ଅଧିକା କାମ କହିଲେ ବି କରିଦିଏ ।

ମତେ ମଝିରେ ମଝିରେ ପିଲାମାନଙ୍କ ପାଖକୁ ଯିବାକୁ ହୁଏ । ସେହିପରି ୨୦୧୯ ରେ ମୋର ନାତି ହୋଇଥିଲା । ତେଣୁ ମୁଁ ବଡ ପୁଅ ପାଖକୁ ହାଇଦ୍ରାବାଦ ଯାଇଥିଲି । ଦୁଇଗୋଟି ମାସ ରହି ଫେରି ଆସିବାର ଥିଲା । କନ୍ତୁ କୋଭିଡ ଯୋଗୁ ବେସ୍ କଛି ଦିନ ରହିଯିବା ପାଇଁ ପଡିଲା । ଆଠ ନଅ ମାସ ରହି ଫେରି ଆସିବାର ଥିଲା । କନ୍ତୁ କୋଭିଡ ଯୋଗୁ ବେସ୍ କଛି ଦିନ ରହିଯିବାପାଇଁ ପଡିଲା । ଆଠ ନଅ ମାସ ପରେ ଫେରି ମୋର ପ୍ରଥମ କାମ ଥିଲା ମୋର ଘରୋଇ ସହାୟିକାକୁ ଡକେଇବା । ଫୋନ୍ କଲି କନ୍ତୁ ଅପର ପଟୁ ତାର କଣ୍ଠସ୍ୱର ଶୁଣି ମୁଁ ମର୍ମାହତ ହୋଇଥିଲି । ତାର ସେଇ ହସହସ ସ୍ୱର ମୁଁ ଶୁଣିପାରି ନଥିଲି । କାରଣ ପଚାରିବାରୁ କହିଲା ଦେଖାହେଲେ ଜଣେଇବି ।

ପରଦିନ ସକାଳୁ ତାର ନର୍ଘଣ୍ଟ ମୁତାବକ ଆସି ପହଞ୍ଚିଗଲା । ତାକୁ ଦେଖି ମତେ ଆହୁରି ଏକ ଶକ୍ତ ଧକ୍କା ଲାଗିଥିଲା । ସ୍ୱାସ୍ଥ୍ୟ ରେ ଅହେତୁକ ଅବନତି ଘଟିଥିଲା । ତାର ସେ ସର୍ବଦା ସରସ ମୁଖମଣ୍ଡଳରେ ଆଉ ସେ ସରସତା ନଥିଲା । ତାର ପରିସ୍ଥିତି ଦେଖି ମୁଁ ଶଂକତ ହୋଇଯାଇଥିଲି । ମନକୁ ପାପ ଛୁଇଁଲା ଭାବିଲି ଭଗବାନ ନ କରନ୍ତୁ କନ୍ତୁ ମୋର ଅତି ପ୍ରିୟ ମଣିଷଟି ଆଉ କଣ କୌଣସି ଦୁରାରୋଗଗ୍ରସ୍ତ!!! ତାକୁ ବିଭିନ୍ନ ପ୍ରଶ୍ନରେ ଅତିଷ୍ଠ କରିପକାଇଲି । କନ୍ତୁ ସେ ତାର ସେଇ ସ୍ୱଭାବସୁଲଭ ଶାନ୍ତ କଣ୍ଠରେ କେବଳ ଗୋଟିଏ ଶବ୍ଦ କହିଲା ଏଇ ନୂଆ ରୋଗ କରୋନା । ତାର ଉତ୍ତରରେ ମୋର ଶଂକା ଆହୁରି ବଢିଗଲା । ଭାବିଲି କଣ ଏଇ ରୋଗ କଛି ଅଘଟଣ ଘଟାଇଛି ତାର ପରିବାରରେ ।କନ୍ତୁ ନା ଭଗବାନଙ୍କ ଦୟାରୁ ସେପରି କଛି ହୋଇନଥିଲା । କନ୍ତୁ ଏହି ରୋଗ ତାର ଆର୍ଥିକ ମେରୁଦଣ୍ଡ

ଭାଙ୍ଗିଦେଇଛି । ଆମରି ଆପାର୍ଟମେଣ୍ଟରେ ଅଧିକାଂଶ ପରିବାର ସଂକ୍ରମଣ ଡରରେ କାମ ବନ୍ଦ କରିଦେଇଛନ୍ତି । ତାଲାବନ୍ଦ ଯୋଗୁ ତାର ପୁଅ ଓ ସ୍ୱାମୀ ମଧ୍ୟ ହାତଗୋଡ ଯୋଡି ବସିଛନ୍ତି । ଭଲ ସମୟରେ ଯାହା ଦୁଇ ପଇସା ସଞ୍ଚି ରଖିଥିଲେ, ସେ ସରିସାରିଲାଣି । ଝିଅର ସ୍କୁଲ ବନ୍ଦ, ଗୀତଶିକ୍ଷା କଥା କିଏ ପଚାରେ । ରାତି ପାହିବା ଠାରୁ ପୁଣି ବିଛଣାକୁ ଯିବା ପର୍ଯ୍ୟନ୍ତ ଯୋଉଠି ପୁରା ପରିବାର ବ୍ୟସ୍ତ ରହୁଥିଲା, ସେଠି ଏବେ ସାରା ଦିନ ବିନା କୌଣସି କାମରେ ସମସ୍ତେ ଚୁପଚାପ ବସି ରହୁଛନ୍ତି । ଉପରୁ ଅର୍ଥାଭାବ....କଥାରେ ଅଛି ଅଭାବେ ସ୍ୱଭାବ ନଷ୍ଟ । ତାହାହିଁ ଦେଖାଦେଉଛି ତାଙ୍କ ପରିବାରରେ ମଧ୍ୟ । ପାରିବାରିକ କଳହ ଏବେ ତାଙ୍କ ଘରର ଏକ ସାଧାରଣ ଘଟଣା । କେତେବେଳେ ବାପା ପୁଅଙ୍କ ଗଣ୍ଡଗୋଳ ମଝିରେ ମା ପଶିଲେ ତାର ଭୁଲ । ପୁଣି କେତେବେଳେ ମା ଝିଅ ଲାଗିଯାଆନ୍ତି ଯେ ବ୍ୟସ୍ତ ହୋଇ ତା ଗେହ୍ଲା ଝିଅକୁ ବି ବାଡେଇ ପକାଉଛି । ଏ ସବୁ କହୁ କହୁ କଇଁକଇଁ ହୋଇ କାନ୍ଦି ପକାଇଲା ନହାତି ସ୍ଥିର ବୁଦ୍ଧି ମହିଳାଟି । କହିଲା ଜୀବନରେ କେବେ ଭାବିନଥିଲା ଏ ଦିନ ବି ଦେଖିବ । ତା କଥା ଶୁଣି ମୁଁ ନିଜକୁ ସମ୍ଭାଳି ପାରୁନଥିଲି । ମହିଳାଟି ପ୍ରଗଳ୍ଭ ଭାବରେ କହିଚାଲିଥାଏ ବରଂ ଏ ରୋଗରେ ଥରେ ମରିଯିବା ଯଥେଷ୍ଟ ଶ୍ରେୟସ୍କର, ଏପରି ସବୁଦିନ ହନ୍ତସନ୍ତ ହୋଇ ମରିବା ଅପେକ୍ଷା ।

ବୋଝ ଉପରେ ନଳିତା ବିଡା ପରି ବଡ ପୁଅ ବୋହୂ ଛୋଟ ନାଟିଟିକୁ ଧରି ଫେରି ଆସିଛନ୍ତି ସୁରଟରୁ । ସେ ସହରରେ ଏ ରୋଗ ଏତେ ବ୍ୟାପିଲା ଯେ ତା ପୁଅ କାମ କରୁଥିବା ସୂତାକଳ ବନ୍ଦ କରିବାକୁ ବାଧ୍ୟ ହେଲା ମାଲିକ । ପ୍ରଥମେ କିଛିଦିନ ପାଖରେ ଥିବା କିଛି ସଞ୍ଚିତ ପଇସାରେ ଚାଲିଗଲେ କିଛିଦିନ । ପଇସା ସରି ଆସିଲା ଉପରୁ ପ୍ରତିଦିନ ଆଖପାଖରେ ଲୋକମାନେ ରୋଗରେ ଆକ୍ରାନ୍ତ ହେଉଛନ୍ତି, ଜଣାଶୁଣାରେ ଅନେକ ଡାକ୍ତରଖାନାରେ ଭର୍ତ୍ତି ହେଇଥିଲେ ପୁଣି ତାଙ୍କ ଭିତରୁ କେହି କେହି ଆରପାରିକୁ ଚାଲିଗଲେ । ଏ ସବୁରୁ ବହୁତ ହତୋତ୍ସାହ ହୋଇପଡିଲେ ସେମାନେ । ମାଲିକ କିଛି ସାହାଯ୍ୟ କରିବାକୁ ମନା କରିଦେଲା, ଏତେ ଦିନର ପରିଚିତ ପୁରୁଣା ସହର କିପରି ଅଜଣା ଅଜଣା ଲାଗିଲା ସେମାନଙ୍କୁ । ଖୁବ୍ ନିଜ ଲୋକମାନେ ମନେ ପଡିଲେ । ତେଣୁ ଘରକୁ ଫେରିବା କଥା ଭାବିଲେ । କିନ୍ତୁ ଲକ୍ ଡାଉନ୍ ଯୋଗୁ ସବୁ ଟ୍ରେନ୍ ବସ୍ ବନ୍ଦ....କଣ କରିବେ

କିଛି ବୁଦ୍ଧି ବାଟ ଦିଶୁ ନଥିଲା । ଏପରି ସମୟରେ କେତେକ ଓଡିଆ ଚନ୍ନା ପରିବାର ଏକାଠି ହୋଇ ବସ୍ ଭଡା କରି ଆସିବାକୁ ମନସ୍ଥ କଲେ । ନିଜ ନିଜ ପାଖରେ ଯାହା ସଞ୍ଚିତ ଧନ ଥିଲା, ତାକୁ ଏକାଠି କଲେ ଓ ରାସ୍ତା ପାଇଁ ଯତକିଞ୍ଚିତ ଖାଦ୍ୟପେୟର ବ୍ୟବସ୍ଥା କରି ଏକ ବସ୍ ରେ ଘର ଅଭିମୁଖେ ବାହାରିଗଲେ । ଦୁଇ ଅଢେଇ ଦିନରେ ସେମାନେ ଘରେ ପହଞ୍ଚିବାର ଯୋଜନା କରି ବାହାରିଥିଲେ । କିନ୍ତୁ ଭାଗ୍ୟରେ ଅନ୍ୟ କିଛି ହିଁ ଥିଲା । ଅଧା ରାସ୍ତାରେ ବସ୍ ଖରାପ ହୋଇଗଲା । ସେଟା ଏକ ମଝାମଝି ଯାଗା ହୋଇଥିବାରୁ ବସ୍ ସଜାଡିବାର କୌଣସି ସୁବିଧା ନଥିଲା । ଭୋକ ଉପାସରେ ଛୋଟ ଛୋଟ ପିଲା ଓ ସ୍ତ୍ରୀ ଲୋକମାନଙ୍କ ସହ ରାସ୍ତା ଉପରେ ଦୁଇ ଦିନ ପଡି ପଡି ବହୁତ କଷ୍ଟରେ ବସ୍ ଠିକ୍ କରି ରାତି ଅଧକୁ ଆସି ଓଡିଶାରେ ପହଞ୍ଚିଲେ । କିନ୍ତୁ ଘରକୁ ଆସିବାର ବି ଉପାୟ ନାହିଁ । ସେମାନଙ୍କୁ ଯାଇ ସରକାରୀ ସଂଗର୍ଧରେ ୧୫ ଦିନ ରହିବାକୁ ହେଲା, ତାପରେ ଆସି ଘରେ ପହଞ୍ଚିଛନ୍ତି । କିନ୍ତୁ ଭଗବାନଙ୍କର ଏତିକି କରୁଣା ସେମାନେ ରୋଗରେ ଆକ୍ରାନ୍ତ ନହୋଇ ସୁସ୍ଥ ଅବସ୍ଥାରେ ଆସିଯାଇଛନ୍ତି । ରୋଜଗାରର ବାଟ ବନ୍ଦ, ପୁଣି ଖାଇବା ପାଇଁ ଅଧିକ ପେଟ । ଆଗକୁ ବାଟ ଦିଶୁନି ।

ସରକାର କିଛି ଅଧିକ ରାଶନ ଚାଉଳ ଦେବାର ବ୍ୟବସ୍ଥା କରିଛନ୍ତି ଯାହା । ନିଜର କଷ୍ଟ ଲୁଚାଇ କହୁଥାଏ ପୁରା ଭଲ ଭାବରେ ନବୁଝିପାରିଲେ ବି ଟିଭିରେ ଶୁଣୁଚନ୍ତି ସେମାନେ ଆହୁରି ଅନେକ ସରକାରୀ ଯୋଜନା ବିଷୟରେ, କିନ୍ତୁ ତାଙ୍କ ପାଖରେ ପହଞ୍ଚିନି ସେସବୁ । ଯାହା ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ ପରି ଲାଗୁଚ । ସେଦିନ ତା ପୁଅ ବୁଝାଇ କହୁଥିଲା ମୋଦୀ କହୁଛନ୍ତି ଘରୋଇ ସହାୟକ ମାନଙ୍କୁ କାମ କରିବାକୁ ଡାକ କି ନଡାକ ତାଙ୍କୁ ନିୟମିତ ଦରମା ଦିଅ । କିନ୍ତୁ କାହିଁ କେହିତ ଦେଉନାହାନ୍ତି....ତାକୁ କାମ ନକରି ଯାଇ ପଇସା ମାଗିବାକୁ ବି ଭଲ ଲାଗୁନି । ଘରେ ଅନ୍ୟ ସମସ୍ତେ ତ ଯାହା ହେଲେ ବି ଟିକେ ବଡ ହେଲେଣି ପରିସ୍ଥିତି ବୁଝିଚନ୍ତି କିନ୍ତୁ ଛୋଟ ନାତିଟିର ଅଝଟପଣ ସବୁଠୁ ଅଧିକ କଷ୍ଟ ଦେଉଛି ।

ତାର କଥା କେବଳ ନିଜ ପରିବାରର ଦୁଃଖରେ ସୀମିତ ନଥିଲା । ତା ସାହି ପଡିଶାରେ କିଏ କେତେ ହଇରାଣ ହୋଇଛନ୍ତି ସେ ବର୍ଣ୍ଣନା କରି ଚାଲିଥାଏ । କିଏ ଗୁପ୍ ଚୁପ୍ ଗାଡ଼ି ବିକ୍ରି କରି

ସଂସାର ଚଳାଉଥିଲା, କଏ ବାହାଘରେ ବାଜା ବଜାଉଥିଲା ତ କଏ ଅଟୋ ଚଲାଉଥିଲା । ସମସ୍ତେ ହାତ ଗୋଡ ଯୋଡି ବସିଛନ୍ତି । କାହାର ଆସନ୍ନ ପ୍ରସବା ଝିଅକୁ ନେଇ ଡାକ୍ତରଖାନାରେ କେମିତି ହିନସ୍ତା ହେଲା ଏପରି ଆହୁରି ଅନେକ କଥା । ମୁଁ କିଂକର୍ତ୍ତବ୍ୟ ବିମୂଢ ହୋଇ ଶୁଣି ଚାଲିଥାଏ । ଯଥା ସମ୍ଭବ ସାହାଯ୍ୟର ଆଶ୍ୱସନା ଓ ଆର୍ଥିକ ସହାୟତା ଦେଇ ପୁଣି ଆସି ତାର କର୍ତ୍ତବ୍ୟରେ ଯୋଗ ଦେବାପାଇଁ ଅନୁରୋଧ କଲି ତାକୁ । ସେ କିନ୍ତୁ ବାଷ୍ପରୁଦ୍ଧ କଣ୍ଠରେ କହୁଥିଲା ତାର ଆର୍ଥିକ ସହାୟତା ନୁହେଁ ବରଂ କାମ ଦରକାର । ତାକୁ କିଛି ନୂଆ ଧନ୍ଦା ବିଷୟରେ ଚିନ୍ତା କରିବାକୁ କହି ବୁଝାବୁଝି କରି ବିଦାୟ ଦେଲି । ସେ ଦିନ ତମାମ ମୁଁ ଭାବିଚାଲିଥିଲି, ରୋଗକୁ ଡରି ତାଲାବନ୍ଦର ନିଷ୍ପତି ଠିକ୍ ନା ଏପରି ଲୋକମାନଙ୍କ ଜୀବିକା ଅଧିକ ଗୁରୁତ୍ୱପୂର୍ଣ୍ଣ? ଆଉ ଏକ ପ୍ରଶ୍ନ ମଧ ମତେ ଆନ୍ଦୋଳିତ କରୁଥିଲା, ତାହା ହେଲା ଆମେମାନେ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ଫଣ୍ଡ କୁ ଦାନ କରିବା ଶ୍ରେୟସ୍କର ନା ଆମ ନିଜ ଚିହ୍ନା ଜଣା ଭିତରେ ଥିବା ଏପରି ଗରିବ ଲୋକଙ୍କୁ ସାହାଯ୍ୟ କରିବା ଉଚିତ । ପ୍ରଭୁ ଜଗନ୍ନାଥ ଏ ବିପଦରୁ ଏ ମାନବ ଜାତିକୁ ଉଦ୍ଧାର କରନ୍ତୁ ।

ବ୍ରହ୍ମେଶ୍ୱରପାଟଣା

# ନିଦାଘ ଖର୍ ର କଷଣ



ବିଷ୍ଣୁପ୍ରିୟା ଶତପଥୀ

ନିଦାଘ ଖର୍ ର କଷଣ
ମାଡି ଆସିଲ୍ ଜାଣ,
ତାତିଲ୍ ପବନ ବହିଲ୍
ନେବ କେତେଯେ ପ୍ରାଣ ।

ପୃଥିବୀ ହୋଇଲ୍ ଶୁଷ୍କ ଯେ
ଜଳ ମିଳଇ ନାହିଁ ,
ଜୀବ ଜନ୍ତୁ କଷ୍ଟ ପାଇଲେ
ଶୂନ୍ୟ ମଣ୍ଡଳେ ଗୃହିଁ ।

ଜେନାପଦା, ଆଠଗଡ, କଟକ

# ଜୀବନ



ଡ. ସୁଧାଂଶୁ ମେହେର

ଆଂଜୁଳା ଆଂଜୁଳା ନରୁତା ସେନେହ
ମମତାର ଉଷୁମ ପରଶ
ଜୀବନକୁ ରଙ୍ଗତୁଳୀରେ
ରଙ୍ଗୀନ କରିଥିଲା ବାତ୍ସଲ୍ୟର ମୋହ
ଧୋ ବାୟା ଗୀତ ସାଥେ ମା ର ମମତା ବୋଳା
ହାତର ପରଶ
ଆଦ୍ୟ ଆଷାଢର ମିଠାମିଠା ବର୍ଷା ପରି
ଜୀବନଟା ହସୁଥିଲା ଫୁଲର ଶେଯରେ ।।

ଆଂଜୁଳା ଆଂଜୁଳା ପ୍ରୀତିର ଜୁଆର
ପ୍ରିୟା ସାଥେ ଏକାନ୍ତ ନିର୍ଜନେ
ହୃଦୟ ସାଗରରେ ରାଶି ରାଶି ସ୍ୱପ୍ନର ତରଂଗ
ଫଗୁଣର ରଙ୍ଗ ଅବିରରେ
ଜୀବନରେ ଭରିଥିଲା ଇନ୍ଦ୍ରଧନୁର ସାତ ରଙ୍ଗ
ପ୍ରୀତିର ମଦିରା ପିଇ ସମୟକୁ ଭୂଲିଗଲି
ମଶାଣିରୁ ଲିଭି ଆସୁଥିବା ଶବ ଜୁଇ ପରି ।।

ଆଂଜୁଳା ଆଂଜୁଳା ଆଖିର ଲୁହରେ
ଜୀବନଟା ଅବିରତ ଧୋଇ ହେଉଥିଲା
ବୁକୁରେ ଅନ୍ଧାରୀ କୋହର ଯନ୍ତ୍ରଣା ସାଥେ
ମରଣର ଅନାଗତ ବାର୍ତା
ଜୀବନଟା ଜଳୁଥିଲା ମରଣ ଜୁଇରେ

ହସୁଥିଲା ବାସଲ୍ୟ, ଯୌବନ
ମରଣଟା ହସୁଥିଲା ସମୟ ନଇର
ଆରକୂଳେ ବାଟ ଦେଖିଦେଖି ।।

ଜୀବନର ପରିସୀମା ବନ୍ଧା ଏଇ
ତିନଟି ରଜ୍ଜୁରେ
ଖେଳିବା, ହସିବା ଆଉ କାନ୍ଦିବାର
ସୂତ୍ର ସବୁ ଜୀବନର ଗଣିତକୁ
କଷି ଗୁଲିଥାନ୍ତି ଜନ୍ମରୁ ମରଣ ଯାଏଁ
ବେପାରିର ଲାଲମଲାଟ ଥିବା
ଦସ୍ତାବିଜ ପରି ।।

ଅଧ୍ୟକ୍ଷ, ଶିକ୍ଷା ନିକେତନ
ଶିକ୍ଷକ ଶିକ୍ଷା ତାଲିମ ମହା ବିଦ୍ୟାଳୟ, ସାଲେପାଲି, ବଲାଙ୍ଗିର

# ଭକତ ହୃଦ ଚନ୍ଦନ



ଡ. ଅର୍ଜୁନ ଚରଣ ବାରିକ୍

ରମାରମଣ ଶ୍ରୀକୃଷ୍ଣ ଭକତ ହୃଦ ଚନ୍ଦନ ।
ତରୁଣ ଅରୁଣ କାନ୍ତି ଯଦୁପତୀ ଶ୍ୟାମଘନ ॥୧॥
ନୟନାଭିରାମ ହରି ମୁରାରୀ ମଧୁସୂଦନ ।
ସିଂହ ଠାଣିରେ ବିଜୟ ଶ୍ରୀପତି ଜଗମୋହନ ॥୨॥
ହାତପାଦ ହୋଇହୀନ ରତ୍ନ ମଣ୍ଡପଆସୀନ
ସତ୍ୟ ଧର୍ମର ରକ୍ଷକ ବିଶ୍ୱନାୟକ ଶ୍ରୀକୃଷ୍ଣ ॥୩॥
ନରକାର୍ଣ୍ଣବ ଶରଣ କୃପାସିନ୍ଧୁ ନାରାୟଣ ।
ଆନନ୍ଦକନ୍ଦ ଶ୍ରୀହରି ପ୍ରଭୁ ପତିତପାବନ ॥୪॥
ସୀମନ୍ତେ ମୟୁର ପର ଦିଶେ ବଡ ଶୋଭିବନ ।
ନନ୍ଦନନ୍ଦନ ମାଧବ କୁଟୀରେ ପୀତ ବସନ ॥୫॥
ଦେଇପାରେ ଚଉବର୍ଗ କେଶବ ଜନରଞ୍ଜନ ।
ଖମ୍ବରୁ ବାହାରି ହରି ହିରଣ୍ୟ କଲେ ନିଧନ ॥୬।
ସୁଧିନର ସଦାସ୍ମର ଶ୍ରୀହରି ଜଗୁଜୀବନ ।
ଧିରସମୀରଣେ ଭ୍ରମୁଥାନ୍ତି ଯମୁନା ପୁଳୀନ ॥୭॥
ଧାଇ ପଣେ ପୁତନାକୁ ପ୍ରଦାନଲେ ଦିବ୍ୟସ୍ଥାନ ।
ତାତସେ ମନମଥର ଶ୍ରୀକୃଷ୍ଣ ଦଧିବାମନ ॥୮॥
ହରେ ଭବ ତାପମାନ କମ୍ପୁକଟକ ରାଜନ ।
ରିପୁବିନାଶନ କୃଷ୍ଣ ଶ୍ରୀହରି ଯଦୁ ନନ୍ଦନ ॥୯॥
ହରିଭଜେ ଦୀନହୀନ ଶିଶୁ ପାମର ଅର୍ଜୁନ ।
ରଖ ବା ନରଖ ତବ ଶ୍ରୀଛନ୍ଦାପଦେ ଶରଣ ॥୧୦॥

ଅଧାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

# ଅଭାବର ଆଲିଙ୍ଗନରେ ଜୀବନର ମହାଭାଷ୍ୟ : ଧାନଫୁଲ କାନଫୁଲ



ଅଧ୍ୟାପକ ତାପସ କୁମାର ଜେନା

କବି ଦିଲୀପ କୁମାର ସ୍ୱାଇଁଙ୍କ ତୃତୀୟ କବିତା ସଂକଳନ ୨୦୧୫ ମସିହାରେ ପ୍ରକାଶିତ ହୁଏ । କୃଷକ ଜୀବନର ହସକାନ୍ଦ, ଭଲମନ୍ଦ, ଲୁହଲହୁ, ଶୋକ ଯନ୍ତ୍ରଣାକୁ କୋଳ କରି ଆତ୍ମପ୍ରକାଶ କରେ "ଧାନଫୁଲ କାନଫୁଲ" । ଏଥିରେ ମୋଟ ୪୦ଟି କବିତା ସ୍ଥାନ ପାଇଛି । କାନଫୁଲ ପାଇଁ ଘର ପରିବାରକୁ ଭାଗଭାଗ କରୁଥିବା ଅନେକ ଝିଅ ଆମ ସମାଜରେ ବହୁଳ ପରିମାଣରେ ଦେଖାଦେଲେଣି । କିନ୍ତୁ ଧାନଫୁଲ ପାଇଁ ନିଜ କାନଫୁଲକୁ ବନ୍ଧା ରଖି ଘରକୁ ସଜେଇ ପାରୁଥିବା ଝିଅ ସମାଜରୁ ହଜିଗଲେଣି । ଗୋଟିଏ କୃଷି ପରିବାରର ବୋହୂ ଜଗତୀକରଣ ପରବର୍ତ୍ତୀ ସମୟରେ କପରି ସମଗ୍ର ଦୁଃଖ, ଶୋକ, ଯନ୍ତ୍ରଣାକୁ ପଣତ କାନରେ ବାନ୍ଧି ନିଜକୁ ଉତ୍ସର୍ଗ କରିପାରୁଛି ତାହାର ଚିତ୍ରକୁ ଆମେ ଏହି କବିତା ସଂକଳନରୁ ଅନୁଭବ କରିପାରିବା । ସମକାଳୀନ କୃଷି ସଭ୍ୟତାର ସାମାଜିକ ଓ ଅର୍ଥନୀତିକୁ ସଂଯୋଗ ପରିମାଟିରେ କବି ଦିଲୀପ କୁମାର ସ୍ୱାଇଁଙ୍କ "ଧାନଫୁଲ କାନଫୁଲ" କୁ ଆଲୋଚନା କରାଯାଇପାରେ ।

ଭାରତୀୟ ଜନଜୀବନ, ସଭ୍ୟତା, ସଂସ୍କୃତି ପ୍ରଭୃତି କୃଷିଭିତ୍ତିକ । ମେଘିଳ ଆକାଶର ସଜଳ ମାୟାରେ ବାନ୍ଧିହୋଇ ଚାଷୀ ହିଡମୁଣ୍ଡାରେ ଯେଉଁ ଗୀତକୁ ଗୁଣୁଗୁଣାଏ ତାହା ହେଉଛି କୃଷକର ମୂଳମନ୍ତ୍ର । ଶାସ୍ତ୍ର, ପୁରାଣ, ନାଟକ, ଉପନ୍ୟାସ, ଗଳ୍ପ, କବିତାରେ ଲେଖାହୁଏ କୃଷକର ହସକାନ୍ଦ, ଲୁହ, କୋହ, ମିଳନ ଆଉ ବିଚ୍ଛେଦର କଥା । ତେଣୁ ବିଲ ମୁଣ୍ଡରେ ଚାଷୀର ମୁହଁରେ ସୃଷ୍ଟ ସ୍ରୋତସୃଷ୍ଟ କବିତା ହିଁ ଭାରତର ମହାକାବ୍ୟ । କବି ଦିଲୀପ କୁମାର ସ୍ୱାଇଁ ଏଠି ଜଣେ ଚାଷୀଟିଏ । କବି ଚାଷୀ ନହୋଇଥିଲେ କୃଷି ପରିବାରର ଗୋପନ କଥାକୁ ପରିପ୍ରକାଶ କରିବାରେ ଅକ୍ଷମ ହୋଇଥାନ୍ତେ । ଏକବିଂଶ ଶତାବ୍ଦୀରେ ବହୁ ଲେଖକ ଧାନକ୍ଷେତ, ଫସଲହାନୀ, ମରୁଡି, ଚାଷୀ ଆତ୍ମହତ୍ୟା, ଜମି, ଜଳ, ଜଙ୍ଗଲକୁ କେନ୍ଦ୍ର କରି

ସାହିତ୍ୟ ରଚନା କରିଛନ୍ତି, କନ୍ତୁ ଧାନକ୍ଷେତ ପାଇଁ ପରିବାରର ମମତ୍ୱବୋଧକୁ ନେଇ କବିଙ୍କ "ଧାନଫୁଲ କାନଫୁଲ" ବେଶ ଚର୍ଚ୍ଚାର ବିଷୟ ହୋଇପାରିଛି ।

ଭାରତ ଏକ ବିଶାଳ କୃଷି ପ୍ରଧାନ ଦେଶ । ଯାହାର ୭% ଲୋକ କୃଷି ଉପରେ ନିର୍ଭର କରନ୍ତି ।  ତେଣୁ ଆମ ଦେଶ ଭାରତରେ ନିର୍ବାଚନ ସମୟରେ ମୁଖ୍ୟ ସ୍ଲୋଗାନ ଥାଏ – "ଚାଷର ଉନ୍ନତି ଓ ଚାଷୀର ପ୍ରଗତି" । ପର ମୁହୂର୍ତ୍ତରେ ଏହାକୁ ଏକ ପ୍ରକାର ଅଣଦେଖା କରାଯାଏ । ପ୍ରକୃତ ପକ୍ଷେ ଚାଷ ଓ ଚାଷୀର ଉନ୍ନତି ପ୍ରତି ବିଶେଷ କିଛି ହୁଏନାହିଁ, ବରଂ ଦିନକୁ ଦିନ କୃଷି ସଙ୍କଟ ଅଧିକ ଘନୀଭୂତ ହେଉଛି ଓ କୃଷକର ଅବସ୍ଥା ଦୟନୀୟ ହେଉଛି । ତେଣୁ କବି ଏହି କବିତା ଗ୍ରନ୍ଥଟିକୁ ଦୁଃଖ ଯନ୍ତ୍ରଣା ଭୋଗ କରୁଥିବା ସେହି ଚାଷୀଙ୍କୁ ସମର୍ପିଦେଇ କହିଛନ୍ତି – "ଧାନ ମୁଠାଏ ପାଇଁ ଧନ ହରେଇଥିବା ସବୁ ମଣିଷମାନଙ୍କୁ ଏ ଧାନଫୁଲ କାନଫୁଲ" । କବିତାରେ ରହିଛି ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ସଂଘର୍ଷର ଚିତ୍ର । ଯାହା କବିଙ୍କ ପ୍ରଥମ ପଦରୁ ସ୍ପଷ୍ଟ ଚିହ୍ନିତ ହୋଇଯାଏ । କବିଙ୍କ ଭାଷାରେ:

"ଭାଉଜ ହାତରୁ କାଢିଦେବାରୁ ବଲା ଦି ପଟ
ମୁକୁଳଥିଲା ଧାନକ୍ଷେତ ।"

ତ୍ୟାଗର ଅନ୍ୟ ନାମ ପ୍ରେମ । ବର୍ତ୍ତମାନ ସମୟରେ ତ୍ୟାଗୀ ହେବା କମ ବଡ କଥା ନୁହେଁ । ଛାତିରେ ଛାତିଏ ଜାଗା ଥିଲେ ମଣିଷ ତ୍ୟାଗ କରିପାରେ । ଅନ୍ୟମାନଙ୍କ ପ୍ରତି ଉଦାର ହୋଇପାରେ । ଭାଉଜଙ୍କର ସମର୍ପଣ ଭାବନା କବିଙ୍କୁ ଯେତିକ ପ୍ରୋତ୍ସାହନ ଯୋଗାଇଛି ତାହାର ବଳରେ ବଳୀୟାନ ହୋଇ କବିତା ସୌନ୍ଦର୍ଯ୍ୟରେ ମଣ୍ଡିତ ହୋଇଛି । ଏଥିରୁ ଭାଉଜମାନଙ୍କ ପ୍ରତି ଥିବା ସମ୍ମାନ ବାରି ହୋଇପଡେ ।

ଓଡିଶାରେ ୨୦୧୫ ଓ ୨୦୧୬ ମସିହାରେ ଚାଷୀ ଆତ୍ମହତ୍ୟା ହାର ସମଗ୍ର ଦେଶ ତୁଳନାରେ ସର୍ବାଧିକ । ୨୦୧୫ ରେ ସରକାରୀ ତଥ୍ୟ ଅନୁଯାୟୀ ୫୦ ଜଣ ଚାଷୀ ଆତ୍ମହତ୍ୟା କରିଥିବା ବେଳେ ୨୦୧୬ ରେ ଏହା ବଢି ୧୨୧ ପହଞ୍ଚିଥିଲା । ୨୦୧୭-୧୮ ରେ କେତେ ଚାଷୀ ଆତ୍ମହତ୍ୟା କରିଛନ୍ତି ତାହାର ସଠିକ୍ ତଥ୍ୟ ଏ ପର୍ଯ୍ୟନ୍ତ ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋରେ ମିଳୁନାହିଁ । ଚାଷୀ ଆତ୍ମହତ୍ୟାକୁ ନେଇ କୃଷକମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଅଥଚ ସେମାନଙ୍କ ଦାବି ରାଜନୀତିର ଆତସବାଜି ଭିତରେ ହଜି ଯାଉଛି । କେଉଁଠି ଋଣ ଭାର ସୁଝି ନପାରି ବାପା ଆତ୍ମହତ୍ୟା କରୁଛି ତ କେଉଁଠି ବାପା ଆଗରେ ପୁଅର ଶବ ଝୁଲିଲାଣି । ଚାଷୀ କୂଳର ପରିବାର ଏବେ ବଡ ବିପନ୍ନ ଅବସ୍ଥାରେ ଗତି

କରୁଛି । ଯାହା କବିଙ୍କ ମନକୁ ଆନ୍ଦୋଳତ କରେ, ହୃଦୟକୁ ଚହଲାଇ ଦିଏ । ବାପାମାନଙ୍କ ଆଖିରୁ ଲୁହ ପୋଛିବାକୁ ହାତ ଆପେ ଆପେ କବିତା ଲେଖିଯାଏ ।

"ଠାକୁରଙ୍କ ଫଟ ତଳେ
ଲୁଚ ରହିଥାଏ ଦୁଃଖ
ଗ୍ରଉଳବଣାରେ ଭୋକ
ଛପର ହୋଇ ନଥିବା ଗ୍ରଳଘରେ
ରସ କଂସାରେ ପଡୁଥିବା ବର୍ଷା ପାଣି ପରି
ଆମରି ଭଗ୍ୟ
ବାପା ଆଉ ତୁମେ କାନ୍ଦନା
ଏବେ ମୋର କାନ୍ଦିବାର ବେଳ ।"

ଗ୍ରଷୀଟି କର୍ମ କରେ । ଅନ୍ୟମାନେ ଉପଭୋଗ କରନ୍ତି । ତଥାପି ସେ ତା କର୍ମରେ ଅବହେଳା କରେନାହିଁ । ଠାକୁରଙ୍କ ଉପରେ ବିଶ୍ୱାସ ରଖି ସବୁ ଭୋକକୁ ଓଦା କନାରେ ପିଇଯାଏ । ସଂସାରଟା ବଡ ଅଜବ । ଯିଏ ଆମକୁ ଖାଇବାକୁ ଦେଲା ତା ପାଇଁ ଆହା ପଦେ କହିବାକୁ ଆମ ପାଖରେ ସମୟ ନାହିଁ । ତଥାପି ସେ ବଞ୍ଚିବାକୁ ସଂଘର୍ଷ କରେ । ବଞ୍ଚେ ମଧ୍ୟ । ତା ନଜ ପାଇଁ ନୁହେଁ, ଆମ ପାଇଁ । ତାହାହିଁ କୃଷି ସଂସ୍କୃତିର ସୌନ୍ଦର୍ଯ୍ୟ-ବଡପଣ । ନଃସ୍ୱାର୍ଥପରତା ହିଁ ମଣିଷ ଜୀବନର ସର୍ବଶ୍ରେଷ୍ଠ ପୁଞ୍ଜି ତାହା ପ୍ରମାଣ କରେ କବିଙ୍କ "ଧାନଫୁଲ କାନଫୁଲ" କବିତା ସଂକଳନଟି । "ଗୀତା", "ଭଗବତ", "ପୁରାଣ", "ଉପନଷଦ" କହେ – କର୍ମ ହିଁ ଭଗବାନ । କର୍ମ ହିଁ ମଣିଷର ମାନଦଣ୍ଡ । ଓଡିଆ ସାହିତ୍ୟର କର୍ମକୁ ନେଇ ରାଶି ରାଶି କବିତା ରଚନା କରାଯାଇଛି । ଏଠି ଗୋପବନ୍ଧୁଙ୍କ ଧର୍ମପଦ କବିତାରୁ ପଦେ ଉଦାହରଣ ନଆଯାଇପାରେ –

"ମଣିଷ ଜୀବନ ନୁହଁଇ କେବଳ
ବର୍ଷ, ମାସ, ଦିନ, ଦଣ୍ଡ
କର୍ମେ ଯିଏ ନର
କର୍ମ ଏକା ତାର ଜୀବନର ମାନଦଣ୍ଡ ।"

ଏ ଦୃଷ୍ଟିରୁ ବିଚ୍ଚାର କଲେ ଦିଲୀପ କୁମାର ସ୍ୱାଇଁଙ୍କ "ଧାନଫୁଲ କାନଫୁଲ" କବିତା ଗ୍ରନ୍ଥଟି ଏକ କର୍ମମୂଳକ ଗ୍ରନ୍ଥ ଭାବରେ ଗ୍ରହଣଯୋଗ୍ୟ ।

ଜମି, ଜଳ, ଜଙ୍ଗଲ ପାଇଁ ମଣିଷର ସଂଘର୍ଷ ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି । ବ୍ୟକ୍ତିଗତ ଠାରୁ ସାମୂହିକ ପର୍ଯ୍ୟନ୍ତ ଏହି ବିବାଦ ସମସ୍ତଙ୍କୁ କ୍ଷୁବ୍ଧ କରିଛି । କମ୍ପାନୀ ଗୁଡିକ ନଦୀର ଜଳକୁ ଯେପରି ଭାବରେ ଦୁର୍ବ୍ୟବହାର କରୁଛନ୍ତି, ତାହା ଚାଷୀ କୁଳର ସର୍ବନାଶକୁ ଆମନ୍ତ୍ରଣ କରୁଛି ଏବଂ ଏଥି ସହିତ ନଈ କୂଳଆ ଗାଁ ମାନଙ୍କରେ ପାନୀୟ ଜଳର ଅଭାବ ନାରୀମାନଙ୍କୁ ରାଜରାସ୍ତାକୁ ଟାଣିନେଉଛି । "ପାଣି ଆଣିବାକୁ ଯାଇଥିବା ମାଇପେ", "ନଈକୁ ନେଇ ଗୋଟିଏ କବିତା" ରେ ପାଣିର ସମସ୍ୟାକୁ ଆମେ ଲକ୍ଷ୍ୟ କରିପାରିବା ।

ମଣିଷର ଭୋକ ଗୋଟେ ପଟେ ଆଉ ସବୁ ଗୋଟେ ପଟେ । ମଣିଷ ଭୋକ ପାଖରେ ସଦା ସର୍ବଦା ସମର୍ପିତ । ପେଟର ଭୋକ ଆଗରେ ମଣିଷର ସ୍ୱାଭିମାନ ସମ୍ମାନର କୌଣସି ମୂଲ୍ୟ ନାହିଁ । ଭୋକଲା ପେଟରେ ଗଣ୍ଡେ ଖାଦ୍ୟ ପକାଇବା ପାଇଁ ମଣିଷ ଅନ୍ୟ ନିକଟରେ ମୂଲ ଲାଗେ, ବେଠି ଖଟେ । ଆବଶ୍ୟକ ପଡିଲେ ଦେହକୁ ବିକ୍ରି କରିଦିଏ । ନିଜର ଇଜତ୍ କୁ ବିଚ୍ ରାସ୍ତାରେ ନିଲାମ କରିବାକୁ କୁଣ୍ଠାବୋଧ ପ୍ରକାଶ କରେନାହିଁ । "ଷ୍ଟେସନ୍ ବଜାରର ସ୍ତ୍ରୀ ଲୋକ", "ବନ୍ତ ଛକରେ ବାସନ୍ତୀ", "ମହୁଲ ପଡାର ମାଇପେମାନେ", ଆଦି କବିତାରୁ ସାଧାରଣ ନାରୀମାନେ ନିଜର କୁଟୁମ୍ବ ପାଇଁ କପରି ଉହଳ ବିକଳ ହୋଇ ନିଜକୁ ଅନ୍ୟ ଆଗରେ ସମର୍ପିତ କରିଛନ୍ତି ତାହା ଜଣାଯାଏ । ଏଥି ସହିତ ଜଗତୀକରଣ ପରବର୍ତ୍ତୀ ସମୟରେ ଯୌନ କାମନା, ଯୌନ ପିପାସା, ମଣିଷମାନଙ୍କୁ କେଉଁଭଳି ଭାବରେ ଅନ୍ଧ କରିଦେଉଛି ତାର ଚିତ୍ର ମଧ୍ୟ ଏହି କବିତା ସଙ୍କଳନରେ ଦେଖିବାକୁ ମିଳେ ।

"କନ୍ଦର୍ପ ଦେଖିଲା
ତା ଘରେ ଆଉ କାହାର ଖୁରାଚିହ୍ନ
ଧଳା ବିଛଣା ଚଦର ରକ୍ତ ବର୍ଣ୍ଣ
କାଚ ଗ୍ଲାସରେ ଲାଖି ରହିଛି
କାଲି ରାତିର ଟୁକୁଡାଏ ଜହ୍ନ
କିଏ ସେ ?"

ମୋଟାମୋଟି ଭାବରେ କହିବାକୁ ଗଲେ କବି ଦିଲୀପ କୁମାର ସ୍ୱାଇଁଙ୍କ "ଧାନ ଫୁଲ କାନ ଫୁଲ" କବିତା ସଂକଳନଟିରେ ସାଧାରଣ ନିମ୍ନବିତ୍ତ ପରିବାରର ବଞ୍ଚିବା ପାଇଁ ସଂଘର୍ଷର ଚିତ୍ର ରହିଛି । ବାହ୍ୟ ଅଳଙ୍କାର ଦ୍ୱାରା ସଜ୍ଜିତ ହୋଇ ସୁନ୍ଦର ଦେଖାଯିବା ଅପେକ୍ଷା ଅଳଙ୍କାର ବଦଳରେ ଘର ପରିବାରକୁ ସୌନ୍ଦର୍ଯ୍ୟରେ ଭରିଦେବାର ଉଦାରତା ଜଣେ ବୋହୂ, ସ୍ତ୍ରୀ, ଭାଉଜ ଦ୍ୱାରା ହୋଇପାରେ ତାହାକୁ ଦର୍ଶାଇଛନ୍ତି କବି ଦିଲୀପ ସ୍ୱାଇଁ । ଜମି, ଜଳ, ଜଙ୍ଗଲର ସମସ୍ୟା ସହିତ ସାଧାରଣ ମଣିଷର ଦେହର ଭୋକ ଓ ପେଟର ଭୋକକୁ ରୂପାୟିତ କରି ଗ୍ରନ୍ଥର କଳେବର ବୃଦ୍ଧି କରିବା ସହିତ ସମାଜକୁ ସଚେତନ କରାଇଛନ୍ତି । ଅତଏବ ସାଂପ୍ରତିକ କାଳରେ କବି ଦିଲୀପ କୁମାର ସ୍ୱାଇଁଙ୍କ "ଧାନଫୁଲ କାନଫୁଲ" କବିତା ଗ୍ରନ୍ଥଟି ସମଗ୍ର କୃଷି ପରିବାର ପ୍ରତି ସମର୍ପିତ ।

ଢେଙ୍କାନାଳ ମହିଳା ବିଦ୍ୟାଳୟ, ଢେଙ୍କାନାଳ

# ରଜ ସଜବାଜ ଆସିଛି



ଅଳକା ମହାନ୍ତି

ଗାଁ ଦାଣ୍ଡ ମୋର ହସୁଛି,
ରଜ ସଜବାଜ ଆସିଛି
ପାଚଲ୍ ଆମ୍ବ ର ମହକ ସହିତ
ପଣସ ବି ବାଜି ମାରୁଛି।
****ରଜ ସଜବାଜ ଆସିଛି ।

ମୌସୁମୀ  ବାଆ ବୋହୁଛି,
ମୁଢ଼ି ଭଜାଭଜି ସହିତ ମିତଣୀ
ପୋଡ଼ ପିଠା ବାସ୍ନା ଆସୁଛି
******ରଜ ସଜବାଜ ଆସିଛି।

ନୂଆ ବୋହୂ ହାତେ ନଣନ୍ଦ ର୍‌ଣୀ ଯେ
କେତେ ରଙ୍ଗେ ସଜ ହେଉଛି।
ନୂଆ ବୋହୂ ଆଜି ସାହି ପଡିଶା ର
ଆକର୍ଷଣ କେନ୍ଦ୍ର ହୋଇଛି।
******ରଜ ସଜବାଜ ଆସିଛି।

ଅଳତା, କୁକୁମ, ନଖପାଲିସ୍ କୁ
ପାଉଡର ବାସ୍ନା ଆସୁଛି।
ନାଲି ନାଲି ପାଦେ ପାଦର ପାଉଁଜି

ଝଲମଲ୍ ହୋଇ ଦିଶୁଛି
*****ରଜ ସଜବାଜ ଆସିଛି।

କୁଆଁରୀ ମନର ଆବେଗ କୁ ଦେଖ
ରଜ ଝୁଲେ ଶୋଭା ପାଉଛି,
ହଟିଆ ଟୋକା ସେ ଆଖିମାରି ଦେଇ
ଚପଲ ଗୁେଞ୍ଚାଇ ନେଉଛି।
*****ରଜ ସଜବାଜ ଆସିଛି।

ବୁଢ଼ା ବରଗଛ ମୂକ ସାକ୍ଷୀ ହୋଇ
ଝିଅଙ୍କର ଖେଳ ଦେଖୁଛି।
ଶୁଖିଲା ନଈ ର ଗରଭଟା ଆଜି
କବାଡି ର ଆଡ୍ଡା ହୋଇଛି।
******ରଜ ସଜବାଜ ଆସିଛି।

ଆମ୍ବ ତୋଟା ଆଉ ବରଗଛ ମୂଳ
ମୁଖରିତ ଆଜି ହୋଇଛି।
ନାନା ଜାତି ଗୀତ ଦୋଳ ଝୁଲା ସାଥେ
ଗାଁ କନିଆଁ ମୋ ହସୁଛି।
****ରଜ ସଜବାଜ ଆସିଛି।

ଢୋଲ ତାଳେ ତାଳେ ବାଗୁଡ଼ି ଖେଳରେ
ଗାଁ ପିଲା ନାଚ କରୁଛି
ଘୋଷାରି ଓ ଟା ରି ଅପର ପକ୍ଷକୁ
ସିଂହ ପରି ସିଏ ଦିଶୁଛି।
******ରଜ ସଜବାଜ ଆସିଛି।।

ନୂଆ ବେଶ ଭୂଷା, ନୂଆ ବ୍ୟଞ୍ଜନ ର
ସାଥେ ବର୍ଷା ରାଣୀ ଆସିଛି,
ଧରଣୀ ରାଣୀ କୁ ସବୁଜ ରଙ୍ଗର
ପାଟ ଉପହାର ଦେଇଛି ।
*****ରଜ ସଜବାଜ ଆସିଛି ।

ବେଦେଶିଆ ଆଜି କେତେ ସ୍ମୃତି ନେଇ
ଘର କୁ ତାହାର ଫେରିଛି ।
ଗାଁ ମାଟି ସାଥେ ଏକାକାର ହୋଇ
ବରଷାରେ ଭିଜି ଯାଉଛି ।
*****ରଜ ସଜବାଜ ଆସିଛି ।

ଶାନ୍ତି, ମୈତ୍ରୀ ପ୍ରତୀକ କୁ ନେଇ
ପ୍ରକୃତି ରାଣୀ  ମୋ ହସୁଛି ।
କୋଳରେ ତାହାର ଆଶ୍ରା ତ ଦେଇଛି
ତା ସୁରକ୍ଷା ର ଆଶା ବାନ୍ଧିଛି ।
କନ୍ୟା ସନ୍ତାନର ରକ୍ଷା ସାଥେ ସାଥେ
ମୋତେ ରକ୍ଷା କର କହୁଛି
******ରଜ ସଜବାଜ ଆସିଛି ।।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

# ସ୍ମୃତି...



ଅମୂଲ୍ୟ କୁମାର ପଣ୍ଡା

ଶୋଇଗଲାପରେ ସଭିଏଁ ରାତିରେ
ନୀରବରେ ସ୍ମୃତି ଆସି,
ହାତଠାରି କହେ ଯିବାକୁ ତା ସହ
ସମୟ ସୂଅରେ ଭାସି ।

ବାଟରେ ପଥରେ ସ୍ମୃତି ସବୁ ନେଇ
କେମିତି କଟୁଛି ଦିନ,
ଉତ୍ତରେ କହିଲି ସ୍ମୃତି ସବୁ ପରା
ହୃଦୟେ ଅଲିଭା ଚହ୍ନ ।

ପ୍ରଥମ ପ୍ରେମର ପ୍ରଥମ ସ୍ମୃତିକୁ
ଭୁଲି ଯାଇଥାଏ ଯିଏ,
ପ୍ରେମର ସଂଜ୍ଞାକୁ କେବେ ବୁଝି ନାହିଁ
ପ୍ରତାରଣା ଯାତ୍ରୀ ସିଏ ।

ମୋ କଥା ଶୁଣି ସ୍ମୃତି ବୁଝିଗଲା
ଚାଲିଗଲା ତାର ବାଟେ,
ଆଜି ବି ସ୍ମୃତିକୁ ହୃଦୟେ ସାଇତି
ବୁଲୁଅଛି ରାସ୍ତା ଘାଟେ ।

ଅରଙ୍ଗାବାଦ, ବରୀ, ଯାଜପୁର

# ଭିଜା ମାଟି ର ବାସ୍ନା



ମୀନାକ୍ଷୀ ପାଢୀ

ପହିଲି ବର୍ଷାର କେଇ ବୁନ୍ଦା
ମୋ ହାତ ପାପୁଲି କୁ ଭିଜାଇ
ଟପ୍ ଟପ୍ ହେଇ ଯେବେ ବୋହିଗଲା
ନିଦାଘର ତୃଷାର୍ତ୍ତ ମାଟି
ତାକୁ ଆକଣ୍ଠ ପିଇ ଗଲା
ପରିତୃପ୍ତିର ସେଇ ମୁଲାୟମ ହସ
ଭିଟାମାଟିର ଭୁରୁ ଭୁରୁ ବାସ୍ନା ହେଇ
ମୋତେ ଭିଜାଇ ଦେଲା...

କୁନି କୁନି ଘାସ ଫୁଲ
ମଉଳି ଯାଇଥିଲେ କେବେ
ଦାରୁଣ ନିଦାଘର ତାତି ରେ
ଝାଉଁଳା ତନୁରେ ପୁଣି ସର୍ଜନା ର ସ୍ୱର
ଲେଖି ଦେଲା ଇସ୍ତାହାର ନୂଆ ଜୀବନର
ଭିଜା ମାଟିର ବାସ୍ନା ଆଉ
କେଇ ବୁନ୍ଦା ବରଷାର ଝର...

ଲାଜକୁଳୀ ସାଧବ ବୋହୁ ଟି
ମଖମଲି ନାଲି ଓଢଣା ଟାଣି
ଥିରି ଥିରି ପାଦ ଥାପେ
ଓଦା ମାଟି ର ବୁକୁରେ
ସତେ ଅବା ନବଯୌବନ

ଫେରି ପାଇଛି ସେ
କେଇ ବୁନ୍ଦା ବରଷା ସାଥିରେ...

କଥା ଦେଇ ଯାଇଥିଲେ ପ୍ରିୟ
ଫେରିବେ ଆଷାଢ ରେ
ମେଘର ମହ୍ଲାର ଘେନ ଆସିବେ ସାଥିରେ
ଆନମନା ପ୍ରେୟସୀ ର ମନ
ସିକ୍ତ ମନର ନବୃତ ଝଂଙ୍କାର
ଅଜ୍ଞାତ ଯନ୍ତ୍ରଣାର ବେପଥୁ
ଏ ଭିଜା ମାଟିର ବାସ୍ନା
ଗବାକ୍ଷରେ ନବଦ୍ଧ ଦୃଷ୍ଟି
ମୃଦୁ ମୃଦୁ ପଦ ଶବ୍ଦ
ବର୍ଷାର  ନା ବିଦଗ୍ଧ ପ୍ରିୟର....

ଥାନେ, ମହାରାଷ୍ଟ୍ର

# ନାଟକ

# ।। ର୍‌ମ ର୍‌ବଣ ର୍‌ମାୟଣ ।।



ସୁଧାଂଶୁ ଶେଖର ଦ୍ୱିବେଦୀ

## ।। ୫ମ ଦୃଶ୍ୟ ।।

(ଶିଳ୍ପପତି ଦଶରଥ ସିଂହଙ୍କ ବଙ୍ଗଳା। ନଜ ଫେମିଲି ଡାକ୍ତରଙ୍କ ସହିତ ଆଲୋଚନା କରୁଥାନ୍ତି)

ଡାକ୍ତର-ଆଇ ଏମ ସରି ସିଂହ ବାବୁ! ମୁଁ ଆପଣଙ୍କ ଫେମିଲି ଡକ୍ଟର ହିସାବରେ ରିକ୍ୱେ କରୁଛି ଆପଣ ଅନ୍ୟ କଛି ଉପାୟ କରନ୍ତୁ। କାରଣ କୌଶଲ୍ୟା ଦେବୀଙ୍କ ଗର୍ଭରୁ ପିଲ୍ ଜନ୍ମ ହେବା ଅସମ୍ଭବ।ତାଙ୍କର ସବୁପ୍ରକାର ଚେଷ୍ଟ କରିବା ପରେ ଜଣାପଡୁଛି ସେ ଆଉ ଗର୍ଭବତୀ ହୋଇପାରିବେ ନାହିଁ।

ଦଶ- ଆପଣ କଣ କହୁଛନ୍ତି ଡକ୍ଟର?କୌଶଲ୍ୟା....

ଡାକ୍ତର- ଆଇ ଏମ ଏକ୍ସଟ୍ରିମଲି ସରି ସିଂହ ବାବୁ। ଯାହା ସତ ତାହା ଆପଣଙ୍କୁ ଶୁଣାଇଲି। କୌଶଲ୍ୟା ଦେବୀଙ୍କ ଗର୍ଭରୁ କେବେବି ଆପଣଙ୍କ ଭବିଷ୍ୟତ ବଂଶଧରକୁ ପାଇବାପାଇଁ ଅପେକ୍ଷା କରିବେ ନାହିଁ। ସି ଇଜ ଏବନରମାଲ। ତାଙ୍କ ଗର୍ଭରେ ପିଲ୍ ଧାରଣ କରିବାର କ୍ଷମତା ହ୍ରାସ ହୋଇଛି। ହୁଏତ ଦୀର୍ଘ ଦିନ ପରେ ଆପଣ ପିତା ହୋଇପାରନ୍ତି। କନ୍ତୁ ତା ପୂର୍ବରୁ ନୁହେଁ।

ଦଶ- ତେବେ କଣ କୌଶଲ୍ୟା ପିଲ୍ ଜନ୍ମ କରିପାରିବ ନାହିଁ? ତାହେଲେ ଏ ବଂଶର ଭବିଷ୍ୟତ? ଅଚଳାଚଳ ସମ୍ପତ୍ତି, କୋଠା ଗାଡି, ବ୍ୟାଙ୍କ ବାଲାନ୍ସ, ପେପର ମିଲ, ସୁଗର ମିଲ, ବିସ୍କୁଟ ଫେକ୍ଟରୀ ଏସବୁ କଣ ବ୍ୟାଜାପ୍ତି ହୋଇଯିବ? ମୋ ଢ଼ିପରେ ସନ୍ଧ୍ୟା ଦୀପ ଜଳାଇବାକୁ କେହି ଜଣେ ହେଲେ ରହିବେ ନାହିଁ?

ହେ ପ୍ରଭୁ! ତୁମର ଏ କ ଅନ୍ୟାୟ? ସୁନା ଅଛି ତ କାନ ନାହିଁ କାନ ଅଛି ତ ସୁନା ନାହିଁ। ଯାହାକୁ ତୁମେ ସୁନା ଦିଅ ତାକୁ ପିନ୍ଧିବା ପାଇଁ କଣ କାନ ଦେଇନଥାଅ?

ଡାକ୍ତର- ମୁଁ ଗୋଟେ କଥା କହିବି ଆପଣ ମାନବେ?

ଦଶ - କୁହନ୍ତୁ-କୁହନ୍ତୁ ଡକ୍ଟର ମୁଁ ଆପଣଙ୍କ ସବୁ କଥା ମାନବି।

ଡାକ୍ତର- ମୋ ମତରେ ଆପଣ ଆଉଥରେ ମ୍ୟାରେଜ କରି ନଅନ୍ତୁ।

ଦଶ- ମ୍ୟାରେଜ? ସ୍ତ୍ରୀ ଥାଉ ଥାଉ ପୁଣିଥରେ ମ୍ୟାରେଜ?

ଡାକ୍ତର- ଉପାୟ ନାହିଁ ସିଂହ ବାବୁ। ବଂଶ ରକ୍ଷା ପାଇଁ କଛି ତ କରିବାକୁ ହେବ।

ଦଶ- ଓକେ, ମୁଁ ଏ ବିଷୟରେ ପରେ ଚନ୍ତା କରି ଜଣାଇବି ଡକ୍ଟର ଆପଣ ଏବେ ଆସିପାରନ୍ତି।

ଡାକ୍ତର- ଅଲ ଗ୍ରଇଟ। ମୁଁ ତେବେ ଆସୁଛି। ବାୟ....(ପ୍ରସ୍ଥାନ)

ଦଶ- (ଚନ୍ତାମଗ୍ନ)ସତରେ ଜୀବନଟା ବଡ଼ ବିଚନ୍ର। ଅଚଳାଚଳ ସମ୍ପତ୍ତି ଥାଇବି ମୋ ଢ଼ିପରେ ସନ୍ଧ୍ୟା ଦୀପଟିଏ ଜାଳବାକୁ ଆଜି କେହି ନାହାନ୍ତି। ହେ ଭଗବାନ!...(କ୍ରନ୍ଦନରତ)

କୌଶଲ୍ୟା- (ପ୍ରବେଶି) ଆରେ ଏକଣ ତୁମେ କାନ୍ଦୁଛ? କାନ୍ଦିବାର ଲୋକ ତ ମୁଁ। କୁକ୍ଷଣରେ ଜନ୍ମ ହୋଇଥିଲି ଯେ ମନ୍ଦିର ପରି ଘର ଆଉ ଦେବତା ଭଳ ସ୍ୱାମୀ ପାଇ ମଧ ଏ ବଂଶକୁ ରକ୍ଷା କରି ପାରୁନାହିଁ।

ଦଶ- ନଜକୁ ଦୋଷାରୋପ କରି କଛି ଲାଭ ନାହିଁ କୌଶଲ୍ୟା। ଯାହା ଆମ ଭାଗ୍ୟରେ ଅଛି ତାହାହିଁ ଭୋଗିବାକୁ ହେବ।

କୌଶଲ୍ୟା- ଭଗ୍ୟକୁ ଆଦରି କେତେଦିନ ନଃସନ୍ତାନ ହୋଇ ଏ ବଂଶକୁ ରକ୍ଷା କରିହେବ?

ଦଶ - ଭାଗ୍ୟ ଆଉ ଭଗବାନଙ୍କ ବ୍ୟତୀତ ଆମର ଆଉ କଏ ସାହାର୍ା ଅଛି ଯେ...।

କୌଶଲ୍ୟା-କନ୍ତୁ ଗୋଟେ କାମ କଲେ ହୁଅନ୍ତାନ?

ଦଶ- କଣ କହିବାକୁ ଗ୍ରୁହଁ ତୁମେ?

କୌଶଲ୍ୟା- ତୁମେ ଆଉ ଜଣେ ଝିଅକୁ ବିବାହ କରି ଏ ଘରକୁ ବୋହୂ କରି ନେଇଆସ। ଦେଖିବ ଆମ ସଂସାର ହସ ଖୁସିରେ ଭରିଯିବ।

ଦଶ- ଅସମ୍ଭବ**!** ତୁମେ ମୋ ସ୍ତ୍ରୀ ହୋଇ ଆଉଜଣେ ସଉତୁଣୀ ଆଣିବାକୁ ମୋତେ ପ୍ରୋତ୍ସାହିତ କରୁଛ। ଆଉ ଟିକେ ପୂର୍ବରୁ ଡକ୍ଟର ମଧ ଏଇ କଥା କହୁଥିଲେ। କେବେ ନୁହେଁ। ମୁଁ ତୁମମାନ ଙ୍କ ପ୍ରସ୍ତାବକୁ କେବେବି ସ୍ୱୀକାର କରି ପାରିବିନାହିଁ। ବରଂ ଏ ବଂଶର ଉତ୍ତର ଦାୟାଦ ପାଇଁ ଅନାଥାଶ୍ରମରୁ ପିଲା ଆଣି ପାଳ ପୋଷି ବଢ଼େଇବି। ହେଲେ ସେକେଣ୍ଡ ମେରେଜ କରି ପାରିବିନ ।

କୌଶଲ୍ୟା- ଅନାଥାଶ୍ରମରୁ ପିଲା ଆଣି ରଖିଲେ ସେ କଣ ନଜ ସନ୍ତାନ ହୋଇପାରିବ**?** ଆମେ କାହାକୁ ନେଇ ଗର୍ବ କରିବା**?** ଜଣେ ପାଳତ ପୁତ୍ର ହାତରେ ଆମର ସମସ୍ତ ସମ୍ପତ୍ତିକୁ ଅର୍ପଣ କରି ଏ ବଂଶର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିହେବତ**?** କିଏ କହି ପାରିବ ସେଇ ପାଳତ ପୁତ୍ର ଦିନେ ଶ୍ବେର କ ଆଉକଛି ନହେବ ।

ଦଶ- ତାହେଲେ ତୁମେ କଣ ମୋତେ ଶୁଣେଇବାକୁ ଚାହୁଁଛ**?** ମୁଁ ଆଉଥରେ ମେରେଜ କରେ**?**

କୌଶଲ୍ୟା- ପ୍ଲିଜ ମନା କରନାହିଁ। ମୋ କଥା ମାନ ଆଉଥରେ ବିବାହ କରିନଅ।

ଦଶ- ଦେଖ କୌଶଲ୍ୟା ତୁମେ ଭଲଭାବେ ଜାଣ ମୁଁ ଯାହା ଡିସିସନ ନଏ କେବଳ ଥରେ।

କୌଶଲ୍ୟା- ତାହେଲେ ତୁମେ ମୋ କଥା ମାନବନାହିଁ**?**

ଦଶ- ସରି କୌଶଲ୍ୟା ମୋତେ ତୁମେ ବାଧ କରନା। ମୋ ପ୍ରତି ତୁମର ଆଦର ଓ ତ୍ୟାଗକୁ ଭୁଲି ମୁଁ କେବେ ସେକେଣ୍ଡ ମେରେଜ କରି ପାରିବିନାହିଁ।

କୌଶଲ୍ୟା- ଓଃ ବୁଝିଲି ତୁମେ ଏଇଥିପାଇଁ ମୋ କଥା ମାନବ ନାହିଁ। କାରଣ ଏ ଘରକୁ ଯିଏ ଆସିବ ତାକୁ ମୁଁ ସଉତୁଣୀ ଭାବି କଷଣ ଦେବି।

ଦଶ - ଆରେ ନା କୌଶଲ୍ୟା ସେକଥା ନୁହେଁ। ତୁମ ଭଳ ନାରୀ କାହାକୁ କଷଣ ଦେବା ଜାଣିଛି ନା ଶିଖିଛି। ତୁମେ ନଜେ ତ ଜଣେ କଷଟି ପଥରରେ କଷି କଷି ଖାଣ୍ଟି ସୁନା ହୋଇଛ।

କହଲ୍ୟା- ଦେଖ ମୋ କଥା ମାନ ମୁଁ ସତ କହୁଛି ଯିଏ ଏ ବଂଶକୁ ବାହା ହୋଇ ଆସିବ ତାପ୍ରତି ମୁଁ କେବେ ଅବହେଳା କରିବି ନାହିଁ।

ଦଶ - ତାହାତ ମୁଁ ବହୁ ପୂର୍ବରୁ ଜାଣେ।ତୁମ ଭଳ ଦେବୀ ଅନ୍ୟକୁ ଅବହେଳା କରିବା ତ ଦୂରର କଥା କନ୍ତୁ ଯିଏ ଏ ଘରକୁ ଆସିବ ସେ କଣ ତୁମକୁ ଯଥେଷ୍ଟ ସମ୍ମାନ ଦେଇପାରିବ**?**

କୌଶଲ୍ୟା- ଆରେ ତୁମେ ମୋ ସମ୍ମାନ ପାଇଁ ଏ ବଂଶର ମାନ ମର୍ଯ୍ୟାଦା ଭବିଷ୍ୟତକୁ ଅନ୍ଧାର କରିଦେବ। ସମ୍ମାନକୁ ଜୋର ଜବରଦସ୍ତ ଆଦାୟ କରାଯାଏନା। ସମ୍ମାନ ପାଇବା ଲୋକକୁ ସମ୍ମାନ ଆପେ ଆପେ ମିଳଯାଏ।

ଦଶ - ଓ ହୋ କୌଶଲ୍ୟା ତୁମେ ମୋ କଥା ବୁଝୁନାହଁ କାହିଁକ**?**

କୌଶଲ୍ୟା- କଣ ବୁଝିବି**?** ମୁଁ ତୁମକୁ କଥା ଦେଉଛି ଏ ବଂଶକୁ ଯିଏ ବୋହୂ ହୋଇ ଆସିବ ସେ କେବେବି ମୋତେ କ ତୁମକୁ ଅସମ୍ମାନ କରିବ ନାହିଁ।

ଦଶ - ସବୁ କଥାରେ କଥା ଦିଆଯାଏନା କୌଶଲ୍ୟା। ଯାହାକୁ ତୁମେ ଦେଖିନାହଁ କ ଜାଣିନାହଁ ତା ମନକୁ ତୁମେ ଏତେଶୀଘ୍ର ଚହ୍ନିପାରିଲ କେମିତି**?**

କୌଶଲ୍ୟା- ଜଣେ ନାରୀ ହିଁ ଅନ୍ୟଜଣେ ନାରୀର ମନକୁ ପଢ଼ି ପାରେ।

ଦଶ - କଏ ଜାଣେ ସେଇ ନାରୀ ଦିନେ ତୁମ ବିରୁଦ୍ଧରେ ସ୍ୱର ଉଠାଇବ ନାହିଁ ବୋଲି ସେମିତି କଛି ଲିଖିତ ପ୍ରମାଣ ନାହିଁ।

କୌଶଲ୍ୟା- କଛି ଦରକାର ନାହିଁ। ସବୁ ନାରୀ ସମାନ ନୁହଁନ୍ତି। ଆଉ ମୁଁ ମଧ ସେଭଳ ହେବାକୁ ଦେବିନାହିଁ।

ଦଶ - ତୁମ ମନ ସିନା ସରସ୍ୱତୀଙ୍କ ଭଳ ସ୍ୱଚ୍ଛ, ଯମୁନାଙ୍କ ଭଳ ନର୍ମଳ, ଗଙ୍ଗାଙ୍କ ଭଳ ପବିତ୍ର କନ୍ତୁ ସମସ୍ତେ ସେଇୟା ନୁହଁନ୍ତି କୌଶଲ୍ୟା। ତଥାପି ମୁଁ ଆଜି ତୁମ କଥା ରଖିବି। କାରଣ ତୁମେ ମୋର ସହଧର୍ମଣୀ ଭାବେ ଆଜିଯାଏ ତୁମର କୌଣସି କଥାକୁ ଅମାନ୍ୟ କରିନାହିଁ। ତାପରେ ମୋ ଗୁରିପାଖେ ତୁମ ଗୁଣ ନୟମର ଯେଉଁ ଶରଶଯ୍ୟା ତିଆରି କରିସାରିଲଣି ଏ ଶଯ୍ୟାରୁ ମୁକୁଳବାର ମାର୍ଗ କେବଳ ମୋର ସେକେଣ୍ଡ ମେରେଜ।

**(ମଞ୍ଚ ଅନ୍ଧାର)**

## || ୬ଷ୍ଠ ଦୃଶ୍ୟ ||

(ବିବାହ ସାହାନାଇର ତାଳେ ତାଳେ କୌଶଲ୍ୟା କୈକେୟୀକୁ ନବବଧୂ ରୂପେ ସଜାଡି ମଞ୍ଚକୁ ଆଣେ ।)

କୌଶଲ୍ୟା -ଦେଖ ଭଉଣୀ, ତାଙ୍କୁ ମନେଇ ମୁଁ ତୋତେ ଏ ଘର କୁ ବୋହୂ କରି ଆଣିଛି। ତୁ ଯେପରି ତାଙ୍କ ମନରେ କୌଣସି ଦିନ ଆଘାତ ଦେବୁନାହିଁ।

କୈକେୟୀ- ତୁମେ ଏକଣ କହୁଛ ଅପା! ବାପା ମା'ଙ୍କଠାରୁ ବିଦା ହୋଇ ଆସିବା ପରେ ସ୍ୱାମୀଙ୍କ ଘର ତ ମୋ ପାଇଁ ସ୍ୱର୍ଗ। ସେ ତ ମୋ ଦେବତା। ତାଙ୍କୁ ମୁଁ କଣ କେବେ ଅବମାନନା କରି ପାରିବି?

କୌଶଲ୍ୟା- ତୁ ସତ କହୁଛୁ କୈକେୟୀ?

କୌଶଲ୍ୟା- ମୁହଁରେ କହିବା ବେଳେ ବେଳେ ମିଥ୍ୟା ହୋଇ ପାରେ କନ୍ତୁ କାର୍ଯ୍ୟ କ୍ଷେତ୍ରରେ କରି ଦେଖାଇବା ତାହାହିଁ ପ୍ରକୃତ ସତ୍ୟ।

କୌଶଲ୍ୟା- କୈକେୟୀ ମୋ ସୁନା ଭଉଣୀ (ଆଲିଙ୍ଗନ କରେ) ହଉ ତୁ ଏଇଠି ଥା ମୁଁ ଯାଉଛି।

କୈକେୟୀ- ଅପା...! ତୁମେ ରୁହନା...

କୌଶଲ୍ୟା- ଛି- ମୋ ସୁନା ଭଉଣୀ ପର୍ ତୁ ଥା (ଛାଡ଼ିଦେଇ ପ୍ରସ୍ଥାନ)

କୈକେୟୀ- ସତରେ ଅପା ଏ ବଂଶ ପାଇଁ ଆପଣଙ୍କର ତ୍ୟାଗ ବିଷୟରେ ମୁଁ ଜାଣେ। ନଜ ସ୍ୱାର୍ଥକୁ ଜଳାଞ୍ଜଳ ଦେଇ ବଂଶର ଉତ୍ତର ପୁରୁଷ ନମନ୍ତେ ତୁମର ଏ ମହାନ ଉଦ୍ଦେଶ୍ୟ ମୋର ସବୁଦିନ ପାଇଁ ମନେ ରହିବ।

ଦଶ- (ପ୍ରବେଶି) ଆଉ ଏହାବି ତୁମକୁ ମନେ ରଖିବାକୁ ହେବ ମୋର ଅର୍ଦ୍ଧାଙ୍ଗିନୀ ହେବା ପୂର୍ବରୁ ମୋ ପାଖେ ସଂକଳ୍ପ ସିଦ୍ଧ ହେବାକୁ ପଡିବ।

କୈକେୟୀ- (ପ୍ରଣାମ କରେ)

ଦଶ - ସରି କୈକେୟୀ! ତୁମଠାରୁ ଉତ୍ତର ନପାଇବା ପର୍ଯ୍ୟନ୍ତ ମୁଁ ତୁମକୁ ସ୍ପର୍ଶ କରିପାରୁନାହିଁ।

କୈକେୟୀ- ଉତ୍ତର?

ଦଶ - ହଁ ଉତ୍ତର। ତୁମେ ପାରିବ କୈକେୟୀ ଯିଏ ଏ ବଂଶର ଭବିଷ୍ୟତ ପାଇଁ ତୁମକୁ ମୋ ସହିତ ସାଦ୍ର ଜୀବନ ପାଇଁ ଛାଡି ଦେଇଛି ତାପାଇଁ ତୁମେ ମୋ ଆଦେଶ ପାଳନ କରିପାରିବ?

କୈକେୟୀ- କୁହନ୍ତୁ ନିଶ୍ଚୟ ପାରିବି।ଆପଣ ତ ମୋର ଇହ ଓ ପରକାଳର ଦେବତା। ଦେବତାଙ୍କର ଆଦେଶ ସାମାନ୍ୟ ଜଣେ ଦାସୀ କଣ ପାଳନ କରିପାରିବ ନାହିଁ!

ଦଶ - ତୁମେ ଜାଣିଥିବ ତୁମ ସହିତ ଇଏ ମୋର ସେକେଣ୍ଡ ମେରେଜ। ଆଉ ତୁମେ ହେଉଛ ମୋର ଦ୍ୱିତୀୟ ସ୍ତ୍ରୀ। ଆଜି ଯେଉଁ ଫୁଲ ଶେଜର ସ୍ୱପ୍ନ ଦେଖୁଛ ଏ ସ୍ୱପ୍ନ କେବଳ ଜଣକ ପାଇଁ ସାର୍ଥକ ହୋଇଛି ଯାହାକୁ ମୁଁ ଜୀବନଠାରୁ ଅଧିକ ଭଲ ପାଏ। ତାହାରି ତ୍ୟାଗରେ ବଶୀଭୂତ ହୋଇ ମୁଁ ତୁମକୁ ବିବାହ କରିଛି ସତ କାରଣ ସେ ନିଃସନ୍ତାନ। ଏ ବଂଶର ଭବିଷ୍ୟତ ଦାୟାଦ ପାଇଁ ପିଲାଟିଏ ଦରକାର। ତୁମେ ପାରିବ କୈକେୟୀ କୌଶଲ୍ୟାର ଏଭଳି ମହାନ ତ୍ୟାଗ ନିକଟରେ ନିଜକୁ ଛୋଟ କରିପାରିବ?

କୈକେୟୀ- ସବୁ କଥା ମୁଁ ଜାଣେ। ଅପାଙ୍କର ତ୍ୟାଗ ପାଖରେ ମୁଁ ସାମାନ୍ୟ। ମୋ ଅପେକ୍ଷା ତାଙ୍କପ୍ରତି ଆପଣଙ୍କର ବେଶୀ ଅଧିକାର ଅଛି। ତାଙ୍କ ତ୍ୟାଗକୁ ମୁଁ କେବେବି ଅବମାନନା କରିବି ନାହିଁ। ସେଥିପାଇଁ ମୁଁ ସଂକଳ୍ପ କରୁଛି।

ଦଶ - କୈକେୟୀ ଇଏ ତୁମ ମନର କଥା ନା ମୁଁ ସ୍ୱପ୍ନ ଦେଖୁଛି?

କୈକେୟୀ- ସ୍ୱପ୍ନ ବି ବହୁତ ସମୟରେ ସତରେ ପରିଣତ ହୁଏ।

ଦଶ - ସତରେ ଏ ମନ୍ଦିର ମଧ୍ୟରେ କୌଶଲ୍ୟା ପରି ଆଉଜଣେ ତ୍ୟାଗର ଦେବୀ ଯିଏ ମୋ ସମ୍ମୁଖରେ ଛିଡା ହୋଇଛନ୍ତି। ଆଃ ମୁଁ କେଡ଼େ ଭାଗ୍ୟବାନ!!

କୈକେୟୀ- ନା ସେମିତି କୁହନ୍ତୁ ନାହିଁ। ଦେବୀ ହେବାର ଭାଗ୍ୟ ବତୀ ମୁଁ ନୁହେଁ। ମୁଁ ତ ଆପଣଙ୍କ ପାଦ ତଳର ଦାସୀଟିଏ (ପୁନଃ ଦଶରଥଙ୍କ ପାଦ ସ୍ପର୍ଶ କରୁବା ସମୟରେ)

ଦଶ- ନା କୈକେୟୀ ତୁମର ସ୍ଥାନ ମୋ ପାଦ ନୁହେଁ। ତୁମର ସ୍ଥାନ (ଛାତିରେ ଗୁପିଧରି ଆଲିଙ୍ଗନ ବଦ୍ଧ) (ମିଳନର ଗୀତ)

(ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

# ମାଆ ର ସ୍ୱପ୍ନ ଦର୍ଶନ ଓ ପିତୃ ଭାବନା



ଅଲେଖ ମେହେର

ସପନରେ ଆସି ମାଆକୁ ତୋହର
କହିଗଲୁ ଯାହା ହସି,
ଅକ୍ଷରେ ଅକ୍ଷରେ ପାଳନ କରିବୁ
ଆରେ ମୋ'ପୂର୍ଣ୍ଣିମା ଶଶୀ।1
ପାଖେ ପାଖେ ଅଛୁ ନରେଖି ଦେଖୁଛୁ
ଯାହା କହିଗଲୁ କାନେ,
ପୂର୍ବ ପୁରୁଷଙ୍କ ସଙ୍ଗତେ ଅଇଲୁ
ଶୁଣି ଶାନ୍ତି ଯାଗେ ମନେ।2
ସତଗତି ପାଇ ସୁଖରେ ରହିଲୁ
ବିଭୁ ଚରଣାର ବିନ୍ଦେ,
ହେଲେ ଏ ପରାଣ ଦହଗଞ୍ଜି ହୋଇ
ତୋ'କଥାକୁ ସ୍ମରି କାନ୍ଦେ।3
ସ୍ମୃତିକୁ ତୋହର ହୃଦୟେ ସାଉଁଟି
ଖେଦରେ କଟିବ ଦିନ,
ଦଇବ ପୁରୁଷ ଛଡାଇ ମୋ'ଠାରୁ
ନିର୍ବଂଶ କଲା ପ୍ରମାଣ ।4
ଶୋକ ଜର୍ଜରିତ ପରିବାର ବର୍ଗେ
ବେ-ସାହାରା ଦେଇ ଛାଡି,
ଏ ବୟସେ କାହିଁ ଗଲିଗଲୁ ବାପ
ଆରେ ଅନ୍ଧ ଆଶା ବାଡି।5

ମହାବିଦ୍ୟାଳୟ ଆବାସରେ ରହି
ଦୂର ଭଷା ଯନ୍ତ୍ରେ ଭଷି,
ମାତା ପିତା ଭଗ୍ନି କୁଶଳ ପଗ୍ଭରୁ
ପ୍ରତ୍ୟହ ବାସରେ ହସି ।6
ମାଆ ମାଆ ଡାକ ସପନ ହୋଇଲା
ବାପା ଡାକ ଝୁରେ ପ୍ରାଣ,
ପିଣ୍ଡରୁ ଜୀବକୁ ଝଡଟିଏ ଆସି
ଛଡାଇ ନେଲାରେ ଧନ।7
ଏ ଗୃହ ପ୍ରତିଟି କୋଣେ ଅଣୁକୋଣେ
ଦେଇ ସେନେହର ଛୁଆଁ,
ତୋଳଥିଲୁ ମଣି କେତେ ସର୍ଗରେ
ଆଡେଇ ସକଳ ହଆଁ ।8
ସପନ ସଂପଦ ହେଲୁରେ ତନୟ
କରି ତେଜ୍ୟା ଇହଧାମ,
ଖେଳନା ବୟସେ ଇକ୍ଷଣୁ ଅନ୍ତର
କରିଲା ହଷ୍ଟୁର ଯମ ।9
ତୋ'ଆତ୍ମାର ଶାନ୍ତି କରୁଛି କାମନା
ବାପଧନ ଗଳାମାଳ,
ଲେଖୁଛି କବିତା ଶୋକର୍ତ୍ତ ଚତ୍ତରେ
ବକ୍ଷ ଲହୁ ତକ ଢାଳ।10

ସୋହେଲ୍, ବରଗଡ

# ନାରୀ ଟିଏ ମୁଁ



ନନ୍ଦିନୀ ରାଉତ

କେତେ ଆଶା ନେଇ ଧରଣୀ ବୁକୁ ରେ,
ଦିନେ ମୁଁ ଜନମ ନେଲି
ସଭିଙ୍କୁ ସୁଖରେ ରଖିବା ପାଇଁ ମୁଁ
ମୋ ସୁଖ କୁ ବଳ ଦେଲି,
ଶାଶୁ ଶ୍ୱଶୁର ଙ୍କ ସେବା ମୋର ବ୍ରତ
ସ୍ୱାମୀ ସେବା ମୋ ଧରମ
ସନ୍ତାନ ର ସୁଖ ପାଇଁ ମୋ ଜୀବନ
କରୁ ଥିବି ସଦା କର୍ମ।
ସମାଜ ସେବାରେ ବ୍ରତୀ ହୋଇ ମୁହିଁ
ସଭିଙ୍କ ଦୁଃଖ ରେ ଠିଆ,
ମୋ ପାଇଁ ସଭିଙ୍କ ଓଠ ରେ ଉକୁଟୁ
ହସ ଟିକେ ସଦା ଅାହା।
ଦେଶ ସେବା ହେଉ ଜୀବନ ର ବ୍ରତ
ଏହା ମୁଁ ଶପଥ ନେଲି,
ବଞ୍ଚି ଥିବା ଯାଏ ସେବା କରିଥିବି
ସଭିଙ୍କୁ ଏ କଥା ଦେଲି। ବିଶ୍ୱ ପର୍ ଅଟେ ମୋର ପରିବାର,
ମୋ ଧର୍ମ ଶିଖାଇ ଅଛି,
ସାର୍ ଜଗତ କୁ ନଜର କରିବି
ଏ କଥା କହି ରଖୁଛି।
ବସୁନ୍ଧର୍ ପରି ସର୍ବ ସଂହା ହୋଇ
ସବୁ ଦୁଃଖ ଯିବି ସହି,
ଆସିବ ସୁଦିନ ହେବ ସୁଖ ମୟ
ଦୁଃଖ ସବୁ ଯିବ ଧୋଇ।

ବାଲିପଟା, ଅନୁଗୁଳ

# ବରଷାର୍ଣୀ



ପ୍ରକାଶ କୁମାର ଚନ୍ଦ

ଆକାଶଗ୍ଇଜୁ ବାଇଦ ବଜେଇ
ଆସିଲ୍ ବରଷାର୍ଣୀ
ବଉଦ ଫାଙ୍କରୁ ଟପ ଟପ ହୋଇ
ଢାଳ ଦେଲ୍ ତାର ପାଣି ||
ନଇପାଣି ସବୁ ଗୋଳଆ ହୋଇଲ୍
କାଦୁଅ ହୋଇଲ୍ ବାଟ
ନାଉରିଆ ଭ୍ଇ ନାଆଟିକୁ ନେଇ
ଜଗି ବସିଲ୍ଣି ଘାଟ ||
ବରଷା ପରଶେ ଗଛ ଲତା ପତ୍ର
ହସିଲେଣି କରି କରି
ନାଲିପାଟ ପିନ୍ଧି ସାଧବର ବୋହୂ
ଚଲୁଥାଏ ଥିରି ଥିରି ||
ସାରୁ ପତରରେ ଛତାଟିକୁ କରି
ବେଙ୍ଗୁଲୀ ଖୁସିରେ ଡିଏଁ
କାଗଜର ଡଙ୍ଗା ଓଳର ପାଣିରେ
ଆଗକୁ ଆଗକୁ ଯାଏ ||

ଚଷ କରିବାକୁ ଚଷୀ ତରତର
ପାଣିରେ ଧୋଇଲ୍ ଧାନ
ମଉସୁମୀ ପାଗ ଦେଇଛି ବୋଲିରେ
ଉଚ୍ଛନ୍ନ ତାହାର ମନ ||
କଳା ବାଦଲରେ ସାର୍ ଆକାଶଟା
ଦିଶେ ଭ୍ରି କମନୀୟ
ବରଷା ଛାଡିଲେ ଇନ୍ଦ୍ରଧନୁ ରଙ୍ଗ
ଆହା କେଡେ ଲୋ୍ଭନୀୟ ||

ଜୟପୁର ଶାସନ, ପିପିଲି, ପୁରୀ

# ବଣମଣିଷର ଦୁଇପାଖ



କୁଞ୍ଜ ବିହାରୀ ସାହୁ

ଶିଶୁ କାହାଣୀକାର ନଜର ସୃଜନଶୀଳତାକୁ ପାଠକମାନଙ୍କ ପାଖରେ ଅବଗତ କର୍ଏ ମଧୁରତମ ଶବ୍ଦମାନଙ୍କୁ ସାଉଁଟି ସାଉଁଟି । ଚରିତ୍ରଗୁଡ଼ିକୁ ସୁସଜ୍ଜିତ କ୍ରମରେ ସଜେଇ କାହାଣୀକୁ ଗତିଶୀଳ କର୍ଏ । ଆରମ୍ଭରୁ ହିଁ ସୂଚେଇ ଦେଇଥାଏ ଏକ ସମ୍ଭାବନା/ ରେ୍ଚକ କାହାଣୀର ପୃଷ୍ଠଭୂମିକୁ । କାହାଣୀଟି ସାମାଜିକ/ ଐ୍ୟତିହାସିକ/ ପୌର୍ଣିକ ଅଥବା ଉଦ୍ଭଟ/କାଳ୍ପନିକର କାନଭ୍ସରେ ସ୍ଥାନ ପାଇ ବିଭିନ୍ନ ବର୍ଗର ପାଠକ/ପାଠିକାଙ୍କର ନଜରକୁ ଗୋଟେଇ ଆଣେ । ବିଶେଷ କରି ଶିଶୁ କାହାଣୀର ଭ୍ଷା, ଭ୍ବକୁ/ ଶିଶୁର ମାନସିକତାକୁ ନେଇ ଲେଖକଟିଏ ଯତ୍ନଶୀଳ ହୋଇଥାଏ । କାହାଣୀଟି ଲମ୍ବିଯାଏ ଅନେକ ଦୂରକୁ, ହୃଦୟରେ ବସା ବାନ୍ଧେ । କାହାଣୀଟି ଉପନ୍ୟାସରେ ରୂପାନ୍ତରିତ ହୁଏ ଏବଂ ଶିଶୁ ଉପନ୍ୟାସ ଭ୍ବେ ପରିସ୍ଫୁଟନ ହୋଇଥାଏ ।

ଆଲେ୍ଚ୍ୟ ଶିଶୁ ଉପନ୍ୟାସ ବଣମଣିଷ ଏକ ଉଦ୍ଭଟ/ କାଳ୍ପନିକର ସଂଜ୍ଞା ବହନ କରିଛି । ଅବାସ୍ତବ ଭିତରେ ବାସ୍ତବତାକୁ ପରଖି ଦିଆଯାଇଛି ଉପନ୍ୟାସରେ । ଆରମ୍ଭରୁ ହିଁ 'କଥାପଦେ'ରେ ପିଲ୍ଙ୍କୁ ପୁସ୍ତକର ଅନ୍ତର୍ଆତ୍ମାକୁ ସଂକ୍ଷିପ୍ତରେ କୁହାଯାଇଛି । ଶିଶୁ ଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗର୍ଜ ବଖାଣିଛନ୍ତି ଯେ ଏ ଉପନ୍ୟାସର ଜନ୍ମଜାତକ ତିଆରି ହେଇଥିଲ୍ ଯେତେବେଳେ ତାଙ୍କୁ ଉଣେଇଶି ବର୍ଷ । ଦୈନିକ ଖବରକାଗଜ ଜନଭ୍ଷା ରେ ୧୦.୦୬.୧୯୯୦ ତା ୦୯.୦୯.୧୯୯୦ ପର୍ଯ୍ୟନ୍ତ ଧାର୍ବାହିକ ଭ୍ବେ ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତି ଲ୍ଭ କରିଛି । ସ୍ୱୀକାରେ୍କ୍ତି କରି କହନ୍ତି ଯେ ଯଦି ଏହା ସେତେବେଳେ ପୁସ୍ତକ ରୂପେ ପ୍ରକାଶ ପାଇଥାନ୍ତା, ତେବେ ପ୍ରଥମ ଉପନ୍ୟାସ ବୋଲି ବିବେଚତ ହୋଇଥାଆନ୍ତା ।

ମନରେ ଦୁଃଖ, ଶୋଚନା କ ଅବସୋସ ନାହିଁ ଶିଶୁ ଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କର । ଯେତେବେଳେ ଭାଗ୍ୟ ସାଥ୍ ଦିଏ, ସବୁ କିଛି ସମ୍ଭବ ହୋଇପାରେ ଜୀବନରେ । ସାହିତ୍ୟରେ ବି ସେହି ସମ୍ଭାବନା ନଜର ଆସିଥିଲା ଲେଖାଟି ପୁସ୍ତକ ଆକାରରେ ଛାପା ହେଲାପରେ ୨୦୧୮ ମସିହାରେ । ପ୍ରଚ୍ଛଦ ପୃଷ୍ଠାରେ ହାତୀ ଉପରେ ଦୁଇଟି କୋମଳମତି ବାଳକ ବସି ଭରପୂର ମଜା ନେଉଛନ୍ତି । ହାତୀ ମେଣ୍ଟ ସାଥୀ ଚଳଚ୍ଚିତ୍ରଟିଏ ମୋ ସାମ୍ନାରେ ଝଲସିଯାଉଛି ସତେ ଅବା । ରଙ୍ଗୀନ ମଲାଟ ସୁଦୃଶ୍ୟ ହୋଇଛି। ବାଳକ ଦୁଇଜଣଙ୍କର ଗ୍ଧହାଁଣିର ଚମକ ଭରିରହିଛି । ପ୍ରଚ୍ଛଦପୃଷ୍ଠାରୁ ଜଣାପଡୁଛି ହାତୀ ସହ ମିତ୍ରତା ହୋଇଯାଇଛି ଦୁଇଟି ବାଳକର । ବୋଧହୁଏ ପରମୁହୂର୍ତ୍ତରେ ଅପ୍ରତ୍ୟାଶିତ ଭାବରେ ବିଷମୟ ହୋଇଯାଇଛି ଜୀବନ ଜଣେ କୋମଳମତି ବାଳକର । ଯାହାକ ବିଷମଣିଷ ଉପନ୍ୟାସର ସୃଷ୍ଟି ।

ଉପନ୍ୟାସଟି ଆରମ୍ଭ ହୋଇଛି ଦୁଇଟି ବାଳକର ମାମୁଘର ଓ ଆଖପାଖ ବଣପାହାଡ଼ରୁ । ମାମୁଘରକୁ ଯାଇଛନ୍ତି ଟିଟନ ଓ ବଂଟୁ, ଦୁଇଜଣ ସହପାଠୀ ।

ଦୂରେ ତାଳବଣ ଆକାଶ ଶୁଣାଏ
ମାଟିର କବିତା କ ସେ
ଏ ଗ୍ରାମର ପଥ ତହିଁ ଦିଗନ୍ତେ ମିଶେ
କ୍ଷେତ ପରେ କ୍ଷେତ କାଶଫୁଲ ଆଉ
ବେଣାରେ ଜଟିଳ ପାଟ
ପାଟପରେ ବଣ, ବଣ ପାରିହେଲେ
ମାମୁଘର ଗାଁ ଦିଶେ । ( ଗ୍ରାମପଥ - ବିନୋଦ ଚନ୍ଦ୍ର ର ନାୟକ)

ସବୁରି ମନରେ ମାମୁ ଗାଁର ଅଭୁଲା ଅପାସୋରା ଦୃଶ୍ୟାବଳୀ ତଥା ନିଆରା ଆକର୍ଷଣ ଛାଇପରି ରହିଥାଏ । ବିଶେଷକରି ପୂଜା ଛୁଟି ହେଉ ଅବା ଗ୍ରୀଷ୍ମ ଛୁଟି ହେଉ, ପିଲାମାନେ ଅଝଟ କରନ୍ତି ମାମୁଘରକୁ ବୁଲିଯିବାକୁ । ମାମୁ, ମାଇଁ, ଅଜା, ଆଈର ଅକପଟ ସ୍ନେହ ଆଦରରେ ଥାଏ ଭାବପ୍ରବଣତା । ବୋଧହୁଏ ଔପନ୍ୟାସିକ ସରଳ, ତରଳ ଭାବରେ ଟିଟନ ମନରେ ମାମୁଘର ପ୍ରତି ନିଆରା ସମ୍ପର୍କକୁ ଯୋଡ଼ିଦେଇଛନ୍ତି । ଟିଟନ ତା ସହପାଠୀ ବଂଟୁକୁ ଧରି ମାମୁଘରକୁ ଆସିଛି ପରୀକ୍ଷା ପରର ଛୁଟି ବିତେଇବାକୁ । ବସ୍‌ରେ ବସି ବାହାରିଛନ୍ତି। ବସ୍‌ରେ ବସିଥିବା ବେଳେ ବାହାରର ପାରିପାର୍ଶ୍ୱିକ ଦୃଶ୍ୟ ଦେଖି ବିହ୍ୱଳତ ହୋଇଛନ୍ତି ।

ଗୁଡ଼ାଏ ଭାବାନ୍ତର ଜନ୍ମିଛି ମନରେ । ବିଜ୍ଞାନକୁ ନେଇ ଅନେକ ରୋଚକଭରା ଭାବ ବିନିମୟ ହୋଇଛି ଦୁହିଁଙ୍କ ଭିତରେ । ଗଛଲତା ଚାଲିବାର ଦୃଶ୍ୟ, ପାହାଡ଼ ପର୍ବତ ଦୌଡ଼ିବାର ଦୃଶ୍ୟ, ସୂର୍ଯ୍ୟ ଚାରିପଟେ ପୃଥିବୀ ଘୂରିଯିବାର ସତ୍ୟତାକୁ ଉପଲବ୍ଧି କରିଛନ୍ତି ସେମାନେ । ଜିଜ୍ଞାସା ସତେ ଯେମିତି ସେମାନଙ୍କର ଚର ସହଚର ପାଲଟିଯାଇଛି ।

ମାମୁଘରେ ଆଦର ଅଭ୍ୟର୍ଥନାରେ ପେଟ ପୂରିଛି ଚିଟନ୍ ଓ ବଂଟୁର । ମାମୁ ଭଣଜାର ନିବିଡ଼ ଆତ୍ମୀୟତାର ପରମ୍ପରା ସଂଘଟିତ ହୋଇଛି ଆପାଣାଛାଏଁ ।

ମାମୁଘର ଗାଁ କୁ ଲାଗି ଛୋଟ ବଡ଼ ତିନୋଟି ପାହାଡ଼ । ତା'ପର ଦିନ ଦୁହେଁ ବୁଲିବୁଲି ଗାଁର ଅନତି ଦୂରରେ ଥିବା ପାହାଡ଼ର ପାଦ ଦେଶରେ ପାଦ ଥାପନ୍ତି । କଳାମୁଗୁନି ପଥରରେ ସଜା ହେଇଛି ପାହାଡ଼ଟି । ଦୁହେଁ ବସି ପାହାଡ଼ର ଅପରୂପ ଶୋଭାରାଶିକୁ ଉପେଭୋଗ କରିଛନ୍ତି । ନାଁ ଟି ଜାଣିବାକୁ ଇଛା ହେଇଛି ହେଲେ ଜାଣିବାର ଅବକାଶ ନାହିଁ ଦୁହିଁଙ୍କର । କଳାମୁଗୁନି ପଥରରେ ପାହାଡ଼ଟି ହୋଇଥିବାରୁ ସେ ପାହାଡ଼ର ନାଁ ଦେଇଛନ୍ତି କଳାପାହାଡ଼। ପାହାଡ଼ ଚଢ଼ିଲାବେଳକୁ ନିଜ ସ୍ୱରର ଅବିକଳ ସ୍ୱର ଶୁଣି ଚକିତ ହୋଇପଡ଼ିଛନ୍ତି । ପାଠପଢ଼ାକୁ ମନେ ପକାଇ କହିଛନ୍ତି – ୟେ ତାହାହେଲେ ପ୍ରତିଧ୍ୱନୀ ।

ପୁଣି ଏକ ଭିନ୍ନ ଶବ୍ଦରେ ଚମକପଡ଼ିଛନ୍ତି ଦୁହେଁ । ବାରିପାରିଛନ୍ତି ହାତୀର ଗର୍ଜନକୁ । ବୋଧହୁଏ ଏ ପାଖାପାଖି ଅଛି ଅବା ବିପଦରେ ସାହାରା ଖୋଜୁଛି । ଇଛା ଅନିଛା ଭିତରେ ପାଖକୁ ଯାଇଛନ୍ତି ଦୁଇ ବାଳକ । ଖୋଜାଖୋଜିରେ ଜାଣିପାରିଛନ୍ତି ବିପଦରେ ବଣୁଆ ହାତୀଟିଏ । ପଶୁଟିଏ ଖାଲରେ ଖସିପଡ଼ି ଚକ୍କାର କରୁଛି । ପୁରୁଣା ଗପଟିଏ ମନେପକେଇ ହାତୀକୁ ବିପଦରୁ ଉଦ୍ଧାର କରିଁଛନ୍ତି । ଉନ୍ମାଦ ଭରିଯାଇଛି ହାତୀର । ଖୁସିକୁ ଜାହିର କରିଛି ଦୁଇ ବାଳକ ଉପରେ । ମିତ୍ରତା ବାନ୍ଧିଛି ଦୁଇଟି ବାଳକ ସହ । ବିପଦ ବେଳରେ ଶତ୍ରୁ ହେଉ କି ମିତ୍ରକୁ ସାହଯ୍ୟ କରିବା ମଣିଷର ଅମୂଲ୍ୟ ସଂପଦ ବୋଲି ଔପନ୍ୟାସିକ ଜଣେଇଛନ୍ତି କଥା ପ୍ରସଙ୍ଗରେ ଆଉ ବଖାଣିଛନ୍ତି- 'ଯେଉଁଠି ସ୍ନେହ ମମତା ଥାଏ, ସେଠି ସମ୍ପର୍କ ଆପେ ଆପେ ଗଢ଼ିଉଠେ । ସେତେବେଳେ କଏ ପଶୁ, କଏ ମଣିଷ ଜଣାପଡେନା।' ଶଙ୍କର ଡାକରେ ହାତୀ ମୁଣ୍ଡ ଟୁଙ୍ଗାରିଥିବାରୁ ହାତୀର ନାଁ ଦିଆହେଇଛି ଶଙ୍କର । ସତରେ ସୁନ୍ଦର ନାଁ ଟିଏ । ହାତୀ ପିଠିରେ ମନ ମଉଜରେ ବସି ଫେରିଛନ୍ତି । ହାତୀ ପଡ଼ିଥିବା ଖାଲ ପାଖରେ ହାତୀ ଧରାଳି କଙ୍କଡ଼ ଓ ମିଙ୍ଗମଙ୍ଗ । ହାତୀର ପାଦଚିହ୍ନ ଓ ମଣିଷର ପାଦଚିହ୍ନ ଦେଖି ହାତୀ ଧରାଳି ଦ୍ରୁତ ଗତିରେ ମାଡ଼ିଆସୁଛନ୍ତି । ବନ୍ଧୁକରୁ ଗୁଳି ଛୁଟିଛି ।

ହେଲେ ରଖେ ହରି ମାରେ କଏ ନ୍ୟାୟରେ ଦୁଇ ବାଳକ ବିପଦରୁ ମୁକୁଳ ହାତୀକୁ ଧରି ଘରକୁ ବାହୁଡ଼ିଛନ୍ତି ।

ତା ପରଦିନ ଟିଟନ ଓ ବଂଟୁ ହାତୀପିଠିରେ ସବାର ହୋଇ ବୁଲି ବାହାରିଛନ୍ତି । ହାତୀ ପିଠିରେ ବୁଲିବାର ମଜା ପୁରା ନଆରା । ଲୋକ ଗହଳ ସ୍ଥାନରେ ଅଟକଯାଆନ୍ତି ଦୁହେଁ ମନରେ କୌତୁହଳ ଜାଗିବାରୁ । ଟିଟନ ଖୁବ୍ ସାହସୀ । ବଂଟୁର କଥାଗୁଡ଼ିକୁ ସମୟେ ସମୟେ କାଟିଦିଏ, ଅବଶ୍ୟ ପରୋକ୍ଷରେ ସହଯୋଗ କରେ ।

ଗହଳ ସ୍ଥାନରେ ଯାଇ ଦେଖନ୍ତି ବାଜିଖେଳ ଚାଲିଛି । ଯଦିଓ ବାଜିଖେଳ ଏକ ସାମାଜିକ ଅପରାଧ ତଥାପି ସେମାନଙ୍କର ଖେଳବା ପାଇଁ ମନ ଲାଗିଛି । ଜାଣିବାକୁ ଇଛା ପ୍ରକଟ ହେଇଛି । ବାଜି ଲଗେଇବାର ମୁଖ୍ୟ ହେଲେ ହାତୀ ଧରାଳ କଙ୍କଡ଼ ଓ ମିଙ୍ଗମିଙ୍ଗ । ହାତୀକୁ ପାଖରେ ଦେଖି ହାତୀ ଧରାଳଙ୍କ ମନରେ ହିଂସା ଭାବ ଜାଗିଛି । କଳେବଳେ କୌଶଳେ ହାତୀକୁ ପାଇବାର ଇଛାକୁ ଜାବୁଡ଼ି ଧରି ଦୁଇ ବାଳକଙ୍କୁ ଆହ୍ୱାନ କରିଛନ୍ତି । ହାତୀକୁ ବାଜି ଲଗେଇଛନ୍ତି ଟିଟନ ଓ ବଂଟୁ ପିଲାଳିଆ ଢଙ୍ଗରେ । ବୁଝିପାରିନାହାଁନ୍ତି ଦୁଇ ହାତୀ ଧରାଳଙ୍କ ମନ୍ଦବୁଦ୍ଧିକୁ । ଯିଏ ବେଶି ଅଣ୍ଡା ଖାଇବ, ସେ ହାତୀକୁ ରଖିବ ଓ ପଚାଶ ହଜାର ଟଙ୍କା ପାଇବ । ହାତୀକୁ ସୁରକ୍ଷିତ ଦେବା ଦୁଇ ବାଳକର ମୁଖ୍ୟ କାମ । ତେଣୁ ଖାଇବାର ଲୋଭ ବଢ଼ିଯାଇଛି ଟିଟନର । ନିଜ ଅଜ୍ଞାତରେ ସାପ ଅଣ୍ଡାକୁ ଭକ୍ଷଣ କରିଛି ସେ। ହାତୀ ଧରାଳ ଖୁସିରେ ପ୍ରଗଳଭ ହୋଇଛନ୍ତି । ବରଂ ରାଗରେ ଜଡ଼ିଯାଇଛନ୍ତି କାରଣ ସେମାନଙ୍କ ପାଖକୁ ହାତୀ ଫେରିପାରୁନ ବୋଲି ।

ଟିଟନର ସ୍ୱାସ୍ଥ୍ୟବସ୍ଥା ଘାୟଲ । ଦେହ ସାରା ବିଷ ଚରିଯାଇଛି ଆପେ ଆପେ । ଚେତା ହରେଇଛି । ହାତୀ ଥୋଡ଼ପାହାରରେ ପାଣି ଆଣି ଟିଟନ ମୁହଁରେ ଛାଟିବାପରେ ଚେତା ଫେରିପାଇଛି । କିନ୍ତୁ ସଂପୂର୍ଣ୍ଣ ବିପଦମୁକ୍ତ ହେଇନ । ସେ ହେଇଯାଇଛି ବିଷମଣିଷ । ଦେହଟା ଯେମିତି ନାଗସାପ । ମଣିଷ ଚେହେରା ଥିଲେ ବି ଆଚାର ବିଚାର ସାପ ପରି । ସତେ ଅବା ନାଗସାପମାନେ ତାଆରି ସହଚର । ବଂଟୁ ବି ଅଚେତ ହେଇଯାଇଚ ଆପଣାଛାଏଁ କାରଣ ଟିଟନ ଆଉ କ'ଣ ଭଲ ମଣିଷ ହେଇପାରିବନ ? ଶଙ୍କର ହାତୀ ବିବ୍ରତ ହୋଇପଡ଼ିଛି । ସେ ଯାହା ସାହାଯ୍ୟ ପାଇଛି କେବେ ଭୁଲିପାରିବନ । ତେଣୁ କାଳବିଳମ୍ବ ନ କରି ପାଣି ଢ଼ାଳଛି ବଂଟୁ ଉପରେ ଓ ଚେତା ଫେରପାଇ ଟିକେ ଆଶ୍ୱସ୍ତି ଲଭିଛି ।

ଠିକ୍ ଏତିକବେଳେ ଲାଞ୍ଜଛିଣ୍ଡା ନାଗସାପଟିଏ ଫଣା ଟେକ ଆସିଲା । ବଂଟୁ ଥରୁଛି ଗୋଟାପଣେ । ମନରେ ଭୟ ପୁଣି ଟିଟନକୁ ଏକୁଟିଆ ଛାଡ଼ିଯିବାକୁ ଇଛାହେଉନ । ଶଙ୍କରହାତୀ ଥୋଡ଼ପାହାରରେ ଜାକଧରିଛି ବଂଟୁକୁ । ଦୂରରେ ଛାଡ଼ିଦେଇ ଦୁହେଁ ଦେଖୁଛନ୍ତି ଆସନ୍ନ ବିପଦ ଜାଣିପାରି ।

ନାଗସାପଟି ରାଗ ଜର୍ଜରିତ ହୋଇ ଚୋଟ ମାରିଛି ଟିଟନକୁ । ବିଷକୁ ବିଷ କାଟିଛି । ଛିଣ୍ଡା ଲାଞ୍ଜର ସାପକୁ ଦେଖି ଭୟ କରିଛି । ତଥାପି ସାହସ ବାନ୍ଧିଛି ମନରେ । ମନେମନେ ଭାବିବସିଛି ଟିଟନ୍- ଯଦି ଏ ସାପର ଚୋଟରେ ମୁଁ ଚେତା ଫେରିପାଇଛି, ପ୍ରତିବଦଳରେ ସାପର କଷ୍ଟକୁ ଲାଘବ କରିପାରିଲେ କେମିତି ହୁଅନ୍ତା ! ଅନୁକମ୍ପାରେ ପାଖରେ ଥିବା ଔଷଧୀୟ ଗଛରୁ ପତ୍ର ଆଣିଛି ଆଉ ମକଚ ଛିଣ୍ଡା ଲାଞ୍ଜରେ ପ୍ରଲେପ ଦେଇଛି । ସାପଟି ଉପଶମ ପାଇଛି । ଖୁସି ହେଇଯାଇଛି । ସତରେ ଟିଟନ ମନରେ ଉପକାରର ସଂଜ୍ଞାକୁ ନଖୁଣ ଭାବରେ ଚିତ୍ରଣ କରିଛନ୍ତି ଔପନ୍ୟାସିକ ।

ଏଇଠି ପ୍ରଶ୍ନ ଉଠେ, ସତରେ ଛୋଟ ବାଳକର କ'ଣ ଏତେ ସାହାସ ! ଔପନ୍ୟାସିକ କେମିତି କେଜାଣି ଏକ ଭୟାନକ ଚରିତ୍ରକୁ ଉପସ୍ଥାପନା କରିଛନ୍ତି । ଜଣାପଡ଼େ ଏହା ଅବିଶ୍ୱସନୀୟ ଓ ଅସଙ୍ଗତ କଥାଟିଏ । କାଳ୍ପନିକର କଥାବସ୍ତୁଟିଏ । ପିଲାଦିନର ପାଠକୁ କ'ଣ ଭୁଲିଯାଇଛନ୍ତି କ - ସର୍ପ ସମାନ ଭୟଙ୍କର/ ଦୁର୍ଜନ ସଙ୍ଗ ପରିହର ।

ଟିଟନ ପ୍ରକୃତିସ୍ଥ ହେଲାପରେ ବଂଟୁକୁ ଡାକଛି ଧୀର ଗଳାରେ । ଶଙ୍କର ହାତୀ ବି ପାଖେଇଆସିଛି ବଂଟୁପାଖକୁ ବନ୍ଧୁ ଭାବରେ । କିନ୍ତୁ ହାତୀ ଇସାରା ଦେଇଛି - ଯିଏ ବଂଟୁକୁ ଛୁଇଁବ, ସିଏ ଅଚେତ ହୋଇଯିବ । ଟିଟନ ନିଜ ଜିଦ୍ଦିରେ ବାଜି ଜିତିଛି ସିନା ନାଗସାପର ଅଣ୍ଡା ଖାଇ ବିଷମଣିଷ ହୋଇଯାଇଛି । ସେ ତା ସାଙ୍ଗ ବଂଟୁ ଆଉ ହାତୀକୁ ସୁରକ୍ଷା ଦେବ କପରି ? ଭଲ ମଣିଷଙ୍କ ପାଖରେ ରହିପାରିବନିକ ଆଉ !

ଭୋକରେ ପେଟ ଆଉଟୁପାଉଟୁ ସଭିଙ୍କର । ଶଙ୍କର ହାତୀ ଧାଇଁ ଯାଇଛି ଖାଦ୍ୟ ଅନ୍ୱେଷଣରେ । ବନ୍ଧୁକର ଶବ୍ଦଶୁଣି ମହାଅଡୁଆରେ ଟିଟୁନ ଓ ବଂଟୁ । ମୃତ୍ୟୁ ଅବଶ୍ୟମ୍ଭାବୀ । କଥାରେ ଅଛି- ରଖେ ହରି ମାରେ କିଏ ? ଦୂରରେ ଥିବା ନାଗସାପଟିଏ ସବୁ ଦେଖୁଛି । ବିପଦବେଳରେ ସାହାଯ୍ୟ କରିବା ହିଁ ଏକମାତ୍ର ଦାୟିତ୍ୱ । ନାଗସାପ ଉପକାର ପାଇଛି ଯେଣୁ, ଦୁଇ ବାଳକକୁ ଉପକାର କରିବ ହିଁ କରିବ । ଶିଶୁ ଔପନ୍ୟାସିକ

ସୁନ୍ଦର ରସାଣିତ କରି ନିଜ ଭାବନାକୁ ପରିପ୍ରକାଶ କରିଛନ୍ତି । ଝପଟି ଆସିଥିବା ହାତୀ ଧଗ୍‌ଲ କଙ୍କଡକୁ ଗୋଟ ମାରିଛି । ଧଗ୍‌ଶାୟୀ ସେ । ମିଙ୍ଗମିଙ୍ଗ ଛାନିଆ ହେଇଯାଇଛି । ଆକୁଳେ ନିୟମ ନାସ୍ତି ନ୍ୟାୟରେ ଦୁଇ ବାଳକପାଖରେ ଶରଣାପନ୍ନ ହେଇଛି । ଏଇଠି ମନେପକାଇ ଯାଇପାରେ- ଆପଣା କଲ୍ କର୍ମମାନ/ ଆଗୁ ହୋଇବ ସାବଧାନ । କ୍ଷମା ମାଗିଛି ମିଙ୍ଗମିଙ୍ଗ ନିଜର କୁକର୍ମ / ମନ୍ଦ ଉଦ୍ଦେଶ୍ୟ ପାଇଁ । ସେ ଭଲ ଭାବରେ ବୁଝିପାରିଛି- ଯେ ପାଂଚେ ପରର ମନ୍ଦ/ ତା ମନ୍ଦ ପାଂଚନ୍ତି ଗୋବିନ୍ଦ । ଟିଟନ ଅନୁଭବ କରିଛି ହାତୀ ଧଗ୍‌ଲଙ୍କ ଅନୁତାପକୁ । ବିନୟ ସହକାରେ ବିଷତକ ବାହାର କରିଦେଇଛି କଙ୍କଡ଼ର କ୍ଷତ ସ୍ଥାନରୁ । ଉଠିବସିଛି କଙ୍କଡ଼ ଆଶ୍ୱସ୍ତିରେ ।

ପରିସ୍ଥିତିର ସାକ୍ଷୀ ବନିଥିବା ସାଙ୍ଗ ମିଙ୍ଗମିଙ୍ଗ ଆମୂଳଚୂଳ ବର୍ଣ୍ଣନା କରିଛି ନମ୍ରତାର ସହ । ଆମେ ମଣିଷ ହେଇ ସମସ୍ତଙ୍କର ଅନିଷ୍ଟ କରିବାକୁ ଆଗଭର ହୋଇଛୁ ଏବଂ ତାହାର ପରିଣାମ ଆମକୁ ହିଁ ଭୋଗିବାକୁ ପଡୁଛି । ହଁ ଏ କୋମଳମତି ବାଳକ ଟିଟନକୁ ଆମେ ମାରିଦେବାକୁ ଇଛା କଲ୍‌ବେଳକୁ ସେ ହିଁ ସାହାଭରସା ହେଇଛି ବିପଦରେ । ଆସନ୍ନ ମୃତ୍ୟୁରୁ ଉଦ୍ଧାର କରିଛି । ସମୟାନୁକ୍ରମେ ସେମାନେ ସେ ଦୁଇବାଳକ ଓ ହାତୀକୁ ଉପକାର କରିବାକୁ ବଦ୍ଧପରିକର ହେଇଛନ୍ତି । ଟିଟନ ବିଷମଣିଷ ହୋଇ ହାତୀଧଗ୍‌ଲକୁ ସାହାଯ୍ୟ କରିଥିବାରୁ ନାଗସାପ ଦଳ ତା ଦେହକୁ ରାଗରେ ଗୁଡ଼େଇ ଦେଇଛନ୍ତି । ଖସିବ କେମିତି କୋମଳମତି ବାଳକଟି ?

କଙ୍କଡ଼ ମନେ ପକେଇଛି ରୋବର୍ଟ ଡାକ୍ତରଙ୍କ କଥା । ଯିଏ ନାଡ଼ି ଦେଖି ରୋଗ ବିଷୟରେ ଅବଗତ ହୋଇପାରନ୍ତି ସହଜରେ । ଅବିଳମ୍ବେ ମିଙ୍ଗମିଙ୍ଗ ନିଜ ପାରିଲ୍‌ପଣିଆରେ ଖୋଜି ଖୋଜି ରୋବର୍ଟ ଡାକ୍ତରଙ୍କୁ ଧରିଆଣିଛି । ଘଟଣାସ୍ଥଳରେ ପାଦ ଦେଉ ଦେଉ ଦେଖିପାରୁନାହିଁ କାହାକୁ । ଚନ୍ତାଗ୍ରସ୍ତ ହୋଇପଡିଛି । କେବଳ ହାତୀଟି ମୂକସାକ୍ଷୀ ହୋଇ ଠିଆ ହୋଇଛି । ହାତୀପିଠିରେ ବସି କଛିବାଟ ଗଲ୍‌ପରେ ଦେଖିଚ ନଦୀ କୂଳରେ ବଂଟୁ ନିରବରେ ବସିରହିଛି । ନାଗସାପମାନେ ଟିଟନକୁ ପାଣି ଭିତରେ ପହଁରଉଛନ୍ତି । ରୋବର୍ଟ ଡାକ୍ତର ହାତୀ ପିଠିରୁ ଓହ୍ଲାଇ ପଡୁପଡୁ ନାଗସାପଙ୍କର ଭାଳେଣି ପଡ଼ିଯାଇଛି । ଟିଟନକୁ ନଦୀ କୂଳରେ ଛାଡ଼ିଦେଇଛନ୍ତି ନାଗସାପ ଦଳ ।

ଚକସ୍ମା ଗ୍ଭଲିଛି ଚିଟନର ଏବଂ ସୁସ୍ଥ ହୋଇଯାଇଛି । ବିଷ ମଣିଷରୁ ଭଲ ମଣିଷଟେ ହୋଇଯାଇଛି । ବଂଟୁକୁ କୁଣ୍ଢେଇ ପକେଇଛି ଆବେଗରେ । ଏକଖୁସିର ମାହୋଲ ଖେଳଯାଇଛି ତତକ୍ଷଣାତ୍ ।

ପ୍ରଶ୍ନଟିଏ ଉଙ୍କିମାରେ ମନ ଭିତରେ । ଦୁଇଟି ନୀରିହ ବାଳକ କଭଳ କୋଉ ପରିସ୍ଥିତିରେ ତିନଦିନ ବଣଜଙ୍ଗଲ ଭିତରେ ସମୟ ବିତେଇଛନ୍ତି, ଭ୍ବିଲେ ଅସମୀଚୀନ ବୋଧହୁଏ । ସେମାନଙ୍କର ମାମୁ କାହିଁକି ଖୋଜିନାହାଁନ୍ତି ! ଏସବୁ ଘଟଣାକୁ ଶିଶୁ ଔପନ୍ୟାସିକ ପୁଙ୍ଖାନୁପୁଙ୍ଖ ଭ୍ବେ ଲେଖିଥିଲେ ଭଲ ହୋଇଥାନ୍ତା । ଯାହାହେଉ ଚିଟନ ବଂଟୁ ଫେରିଆସିଛନ୍ତି ମାମୁଘରକୁ । ଗ୍ରୀଷ୍ମ ଅବକାଶ ପରେ ନଜ ଗାଁକୁ ଫେରିଛନ୍ତି ଦୁଇ ସହପାଠୀ । କେଇଦିନପରେ ଏକ ଶୁଭ ସମ୍ବାଦଟିଏ ମିଳଛି - କଙ୍କଡ ଓ ମିଙ୍ଗମିଙ୍ଗଙ୍କ ସାଧୁ ଉଦ୍ୟମରେ ଉକ୍ତ ବଣକୁ ହାତୀ ଅଭୟାରଣ୍ୟ ଭ୍ବେ ଘୋଷଣା କର୍‌ଯାଇଛି ।

ତେବେ ଶଙ୍କର ହାତୀର ଅବସ୍ଥିତି ବିଷୟରେ ଚତୁରପଣିଆରେ ଉହ୍ୟ ରଖିଛନ୍ତି ଶିଶୁ ଔପନ୍ୟାସିକ ।

ଶିଶୁ ଔପନ୍ୟାସିକ ଯୁବା ବୟସରେ ଏଭଳ ଉପନ୍ୟାସର ଭ୍ବନାକୁ ମୁଣ୍ଡେଇଥିବାରୁ କାହାଣୀଟି ଉଦ୍ଭଟ/ କାଳ୍ପନକ ହୋଇଯାଇଛି । ଅନେକ ଅସମ୍ଭବ ତଥା ଅସଜଡ଼ା କଥାକୁ ବ୍ୟକ୍ତ କର୍‌ଯାଇଛି । ସତେ ଅବା ଆନମେସନ ଚଳଚନ୍ ପରି ଲ୍ଗୁଛି । କେବଳ ମନୋରଞ୍ଜନ ଓ କୌତୁହଳର ପରିସରରେ ଉପନ୍ୟାସଟି ପ୍ରସ୍ତୁତ କର୍‌ଯାଇଛି । ଅନେକାଂଶରେ ସଂଳାପଗୁଡ଼ିକ ଟଣାଓଟର୍ ହୋଇଯାଇଛି ଆପେ ଆପେ । ଭଲ ଅଣ୍ଡାକୁ ନ ପରଖି ଖାଇବା ଯେ କେତେ ସମୀଚୀନ ଚିଟନ ଜାଣିବା ଦରକାର । ସମୟେ ସମୟେ ଛୋଟ ଛୋଟ ଭୁଲ ବିପଦକୁ ଆହ୍ୱାନ କରିଥାଏ ବୋଲି ଔପନ୍ୟାସିକ ସୂଚେଇଦେବା କଥା ନଜ ଲେଖାରେ । ଯଦ୍ୱାର୍ ଅନ୍ୟାନ୍ୟ କୋମଳମତି ବାଲକମାନେ ନୀତିଶିକ୍ଷା ପାଇପାରିବେ ।

ପୁନଶ୍ଚ ବନ୍ୟପ୍ରାଣୀ ହାତୀକୁ ପୋଷା ମନେଇ ଗାଁ ଭିତରେ ରଖି ପିଲ୍ଙ୍କର ଖେଳନାପରି ସଜାଇବା କେତେ ଯୁକ୍ତିଯୁକ୍ତ ? ଜଙ୍ଗଲର ଆଇନ/ କଟକଣା ଭିତରେ ଏସବୁ ସମ୍ଭବ ହେଲ୍ କପରି ? ଶିଶୁ ଔପନ୍ୟାସିକ ବୋଧହୁଏ ଭ୍ବପ୍ରବଣତାରେ ବୟାନ କରିଛନ୍ତି ! ନାଗସାପ ଗ୍ଭେଟ ମାରିବା ପୁଣି ଚିଟନ ସାହସର ସହ ବିଷ ବାହାର କରିବା ଭଳ ରୋ୍ଚକ ତଥା

ସମ୍ବେଦନଶୀଳ ଦୃଶ୍ୟକୁ କେଉଁ ପ୍ରକାରେ ଉପସ୍ଥାପନା କରାଯାଇଛି, ତାହା ଅନେକାଂଶରେ କଳ୍ପନାର ବାହାରେ ।

ବିଷ ମଣିଷର ଦୁଇପାଖକୁ ଅନୁଶୀଳନ କଲେ ଧରାପଡ଼େ ଯେ କାହାଣୀର ଆତ୍ମା ଯାହା ହେଉନା କାହିକ ଏହାକୁ ରୁଚଶୀଳ ପ୍ରକ୍ରିୟାରେ ବର୍ଣ୍ଣନା କରାଯାଇଛି । ବିଶ୍ୱାସ ଓ ଅବିଶ୍ୱାସର ବଳୟ ଭିତରେ ଉବୁଟୁବୁ ହୋଇଯାଇଛି ଶବ୍ଦ କୋଥଳ । ଚମତ୍କାରିତା ଭରି ରହିଛି ଉପନ୍ୟାସରେ ଅବୟବରେ ।

ପ୍ରଥିତଯଶା ଶିଶୁ ସାହିତ୍ୟିକ ସ୍ୱର୍ଗତଃ ରମେଶ ଚନ୍ଦ୍ର ଭଞ୍ଜଙ୍କ ଉକ୍ତିରେ- ଜଣେ ଶିଶୁ ସାହିତ୍ୟ ଲେଖକ ଚର ନରଳସ, ସାଧନାନଷ୍ଠ, ମନନଶୀଳ ଓ ବିଦ୍ୟୋତ୍ସାହୀ ତପସ୍ୱୀଟିଏ ହେବା ବିଧେୟ । ବୋଧହୁଏ ଶିଶୁ ଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜ ସେହି ଧାରାରେ ଗତି କରିଛନ୍ତି । ଏବଂ ଶେଷରେ ଉପନ୍ୟାସର ସର୍ଜନଶୀଳତାକୁ ମୁଁ ତାରିଫ କରୁଛି ।

ଏଲ୍.ଆଇ.ଜି. ୧୫ ନୟାପଲ୍ଲୀ
ବ୍ରିଟ୍ କଲୋନୀ ଭୁବନେଶ୍ୱର ୭୫୧୦୧୨

# ଭିନ୍ନ ରୂପା



ପ୍ରିୟଦର୍ଶିନୀ ମହାପାତ୍ର

ସ୍ନେହଭରା ମୁଖେ ପ୍ରସ୍ଫୁଟିତ ହେଉ
ଦିବ୍ୟ ଆଲୋକର ଜ୍ୟୋତି,
ସଭିଙ୍କ ବାଟରେ ଜାଳିବି ଦୀପାଳି
ବୁଣିଦେବି ହୀରା ମୋତି ।

ନୟନ ଦ୍ୱୟରେ ଦୃଶ୍ୟମାନ ହେଉ
ଦୟାଭାବର ଚମକ,
ହସ୍ତ ଦ୍ୱୟ ମୋର ହୋଇଯାଉ ପ୍ରଭୁ
ତ୍ୟାଗର ନବ ସଙ୍କେତ ।

ଅଧରେ ମୋହର ଭରୁଥିବି ହସ
ହସୁ ଝରୁଥିବ ମଣି,
ପିୟୁଷର ଧାରା ଝରିଗଲା ପରି
ମୁଖରୁ ସ୍ଫୁରୁ ମୋ ବାଣୀ ।

ଶ୍ରଦ୍ଧାମୟ ସ୍ୱର୍ଗେ ସବୁରି ହୃଦୟେ
ଢାଳିବି ରୂପାଗୁନ୍ଦିନୀ,
ସଭିଙ୍କ ଓଠରେ ଭରିଦେବି ହାସ୍ୟ
କହିଣ ମଧୁର ବାଣୀ ।

କୁସୁମ ପାଖୁଡା ପରି ହୃଦୟକୁ
କରିବି ମୁହିଁ କୋମଳ,
ଜଗତ ସେବାରେ ଜୀବର ହିତରେ
ଲାଗିଥିବି ଅବିରଳ ।

ଦୁଃଖୀର ନେତ୍ରରୁ ଅଶ୍ରୁବିନ୍ଦୁ ପୋଛି
କରିବି ଦୁଃଖ ହରଣ,
ତା ମନର ମରୁଭୂମିକୁ ବିନାଶି
ସୁଖ କରିବି ବର୍ଷଣ ।

ଯାହାର ଜୀବନ ନୀଳ ଅମ୍ବରକୁ
ବାଦଲ ଦେଇଛି ଢାଙ୍କି,
ବିଷାଦର ସେଇ ମେଘକୁ ହଟେଇ
ଚନ୍ଦ୍ରମା ଦେବି ମୁଁ ଆଙ୍କି ।

ସଭିଙ୍କୁ କୋଳେଇ ନେବି ମୁଁ ଆଦରେ
ନ କରିଣ ତିଳେ ଘୃଣା,
ଗୁରୁଙ୍କୁ ସମ୍ମାନ ମିତ୍ରଙ୍କୁ ମମତା
କରିବିନ କେବେ ଊଣା ।

ସତ୍ୟ ନ୍ୟାୟ ପଥେ କର୍ତ୍ତବ୍ୟ ଆହ୍ୱାନେ
ଲକ୍ଷ୍ୟର ହାତକୁ ଧରି,
ଜାହ୍ନବୀର ଧାରା ବହିଯାଉ ମୋର
ହୃଦୟ ପ୍ଲାବିତ କରି ।

ମନ ମନ୍ଦିରେ ମୋ ବିଶ୍ୱାସର ଦୀପ
ଅହର୍ନିଶ ଜଳୁଥିବ,

ଚକ୍ଷୁ ମୋର ସଦା ସତ୍ୟ ଓ ଶାନ୍ତିର
ବାରତାକୁ ବାଣ୍ଟୁଥିବ ।

କ୍ଷମା ମନ୍ଦାକିନୀ ଧାର୍ ସାଜିବି ମୁଁ
ସାଜିବି ମୈତ୍ରୀର ଜ୍ୟୋତି,
ନିଶ୍ୱାସ ପ୍ରଶ୍ୱାସ ଚାଲୁଥିବା ଯାଏଁ
ବାଣ୍ଟୁଥିବି ସ୍ନେହ ପ୍ରୀତି ।

ଦୁଃଖର ଜ୍ୱାଳାକୁ ପ୍ରଶମିତ କରି
ସିଞ୍ଚିବି ଶୀତଳ ବାରି,
ସେ ମମତା ବାରି ମନକୁ କଣିବ
ହୃଦ ମାଟି ଓଦା କରି ।

ତୁମ ଚରଣରେ ରହୁ ମୋର ମନ
କର୍ତ୍ତବ୍ୟରେ ରହୁ ମତି,
ସଭିଙ୍କର ଶୁଭ ମନାସି ମନାସି
ଏ ଜୀବନ ଯାଉ ବିତି ।

ଗଞ୍ଜାମ

# ଅଣସର ଘର ବନାମ ଏକାନ୍ତ ବାସ



ବାସନ୍ତୀ ଲତା ଜେନା

ଜ୍ୟେଷ୍ଠ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିକୁ
କହି ଥାନ୍ତି ଦେବ ସ୍ନାନ
ଶହେ ଆଠ ଗରା ଜଳରେ ଗାଧୋଇ
ଜ୍ୱରରେ ପଡିଲେ ଧନ ।୧।

ଅଣସର ଘରେ ଏକାକ ରହିଲେ
ଭକ୍ତଙ୍କୁ ଦର୍ଶନ ମନା
ପତି ମହାପାତ୍ର ଦଇତା ପତି ଯେ
ଲାଘବ କଲେ ଯନ୍ତ୍ରଣା ।୨।

ଚୁଆ ଓ ଚନ୍ଦନ କର୍ପୂର କସ୍ତୁରୀ
ଲେପନ ତ କରା ଯାଏ
ବିଶ୍ୱାବସୁଙ୍କର ବଂଶ ଧର ପରା
ସେବାରେ ନିଯୁକ୍ତ ହୁଏ ।୩।

ଏହି ସମୟରେ ଗର୍ଭ ଗୃହ ମଧ୍ୟେ
ପଟି ଦିଅଁ ପୂଜା ଯାଏ
ଅଣସର ଘରେ ପଣା ଓ ଚକଟା
ପଟି ଦିଅଁ ଅନ୍ନ ପାଏ ।୪।

ବଳଦେବ ଜୀଉ ବାସୁଦେବ ନାମେ
ସୁଭଦ୍ରା ଭୁବନେଶ୍ୱରୀ
ଜଗନ୍ନାଥ ପତି ନାରାୟଣ ନାମେ
ଭକ୍ତ କରନ୍ତି ଗୁହାରୀ ।୫।

ଅଣସର ଘରେ ଗୁପ୍ତ ନୀତି ଚାଲେ
ଛୋଟ ଡାଟି ଦ୍ୱାର ଦେଇ
ଧୁକୁଡି ଦ୍ୱାର ଯେ ଏହାକୁ କହନ୍ତି
ଦଇତା ବ୍ରାହ୍ମଣ ଦୁଇ ।୬।

ଫୁଲୁରୀ ତେଲକୁ ଦିଅଁଙ୍କୁ ଲେପନ୍ତି
ବ୍ୟଥା ଉପଶମ ପାଇଁ
ଦଶ ମୂଳାଷୋଧି ମୁଦକ ଖୁଆନ୍ତି
ଶୀଘ୍ର ସୁସ୍ଥ ହେବା ପାଇଁ ।୭।

ଗୁଣ୍ଡିଚା ପୂର୍ବରୁ ଅଣସର ନୀତି
ପନ୍ଦର ଦିନ ପାଳତ
ଜଗତର ନାଥ ଜଗତେ ଜଣାନ୍ତି
ଶରୀର ଥିଲେ ଅସୁସ୍ଥ ।୮।

ଥଣ୍ଡା ଜ୍ୱର ପରି ସଂକ୍ରମକ ରୋଗ
ଏକାନ୍ତ ରହିବା ହୁଏ
ମିଳା ମିଶା କଲେ ସବୁଙ୍କୁ ଗ୍ରାସିବ
ଛିଙ୍କ କାଶ ହୋଇ ଥାଏ ।୯।

ଛିଙ୍କିଲେ କାଶିଲେ ମୁଖରେ କପଡା
ସଦା ବେଳେ ଦେଉଥିବ
ପରସ୍ପର ମଧ୍ୟେ ଦୂରତା ରଖିବ
ନ ହେଲେ ରୋଗ ଧରିବ ।୧୦।

ସୃଷ୍ଟି କର୍ତ୍ତ ଯଦି ରୋଗରେ ପଡନ୍ତି
ଆମେତ ମଣିଷ ଛାର
ତାଙ୍କରି ବାର୍ତ୍ତାକୁ ପାଳନ କରିଲେ
ହସ ଫୁଟିବ ଅଧର ।୧୧।

ଗାନ୍ଧୀନଗର, ନବରଙ୍ଗପୁର

# ଅକୁହା କଥା

ଦୀପକ କୁମାର ନାୟକ

ସରଗ ଠୁ ସୁନ୍ଦର ମୋ ଯାଜପୁର
ମୋ ମାଟିରେ ଆବିର୍ଭାବ ମା ବିରଜା
ପ୍ରକୃତି ର ଅନେକ ଦାନ
ନଦୀ ନାଳ ବଣ ପାହାଡ଼ ।
ଏଇ ମୋ ଜନ୍ମଭୂମି
ଯାଜପୁର ମାଟି ମୋର ।
ଗଢିଛି କେତେ କଳା ସଂସ୍କୃତି
ମନ୍ଦିର ଆଦ୍ୟପୀଠ ।
ଇତିହାସ ଗାଏ ଗାଥା
ବୌଦ୍ଧ କୀର୍ତ୍ତି ଖୋଜି ପାଇଁ ।
ଏଇ ମୋ ମାଟିରେ
ସୁନା ର ଫସଲ ଫଳେ ।
ଦୁଃଖେ ସୁଖେ ସବୁରି ପାଖେ
ବିରଜା ମା ହୁଏ ଛିଡା ।
ଯାଜପୁର ମଥା ର ମଣି
ଆମ ସଭିଙ୍କ ପ୍ରାଣ ସେ ମା ।
ଜନ୍ମ ନେଇଚ ତୋରି କୋଳେ
ଦେଖୁଚ କେତେ ସ୍ୱପ୍ନ ।
କରିବି କଛି ଏଇ ମୋ ମାଟି ପାଇଁ
ଦିଅ ମା ତୁମ ଆଶିଷ ସର୍ବଦା ।
ଦୀପକ ନାୟକ, ଧର୍ମଶାଳା, ଯାଜପୁର

ଧର୍ମଶାଳା, ଯାଜପୁର

# ସର୍ବନାଶ



କାଳକଙ୍କର

(୧)

ମେଦିନପୁର ଜିଲ୍ଲାର ଗ୍ରାମନଗର ମଣ୍ଡଳ । ସେହି ଗ୍ରାମଗଡ ମଣ୍ଡଳରେ ଏକ ସୁନ୍ଦର ଗାଁ ଯାହାକୁ ସୋନପୁର । ସୋନପୁର ଏକ ଜମିଦାରୀ ମୁଲକ ଥିଲା ବୋଲି ଅନୁମାନ କରାଯାଏ। ସେହି ଜମିଦାରୀ ମୁଲକରେ ସାଆନ୍ତ ନାମକ ଜମିଦାର ବଂଶ ଶାସନ କରୁଥିଲେ ଯେଉଁମାନେ ସ୍ୱାଧୀନତା ପରବର୍ତୀ ଅବସ୍ଥାରେ ଏବଂ ଜମିଦାରୀ ଉଚ୍ଛେଦ ପରେ ଦାସ ବଂଶ ବୋଲି ବିବେଚତ ହେଲେ । ଏହି ଦାସ ବଂଶରେ ବହୁବର୍ଷ ଧରି କେହି କନ୍ୟା ଜନ୍ମ ଗ୍ରହଣ କରୁ ନ ଥିଲେ । କୁହାଯାଏ କନ୍ୟା ଜନ୍ମ ନ ହେବା ସହ ଜମିଦାରୀ ଲୁପ୍ତ ହେବା ପରେ ସେମାନେ କ୍ରମେ କ୍ରମେ ଦରିଦ୍ର ହେବାକୁ ଲାଗିଲେ ।

ଏହାର କାରଣ କଣ ଥିଲା ବୋଲି ବହୁତ କଥା ଗାଁର ଛକ, ହାଟ, ବଜାର, ମେଳ ଆଦିରେ କେତେବେଳେ କେତେ ଆଶ୍ଚର୍ଯ୍ୟଜନକ କଥା ଶୁଣିବାକୁ ମିଳେ । ଖଣ୍ଡ ମଣ୍ଡଳରେ ସୋନପୁର ଜମିଦାର ବଂଶର ଗୁମର ବେଶ୍ ଚର୍ଚ୍ଚାରେ ରହେ । କିଏ କହେ ସେ ଜମିଦାର ବଂଶକୁ ଅଭିଶାପ ଲାଗିଥିଲା ଏଣୁ ସେ ଘରକୁ ଈଶ୍ୱର ଝିଅ ଦେଉ ନ ଥିଲେ ଅର୍ଥାତ୍ ଝିଅ ଜନ୍ମ ହେଉ ନ ଥିଲା ।

ଅନ୍ୟ ଜଣେ କହନ୍ତି ହଁରେ, ମୁଁ ଜେଜେଙ୍କଠୁ ଶୁଣିଛି । ଜମିଦାରମାନେ ଲୋକ ଲଗାଇ ଗାଁର ଷୋଡଶୀ ଝିଅ ବୋହୁଙ୍କୁ ଜୋର୍ ଜବରଦସ୍ତ ମହଲକୁ ନେଇ ଯାଉଥିଲେ । ଦୁଇ ଚାରିଦିନ ରଖି ତାଙ୍କର ଆତିଥ୍ୟ କରୁଥିଲେ ଓ ପୁଣି ସମ୍ମାନ ଦେଇ ଭଲ ନୂଆ ଲୁଗା, ଗହଣାପତର ଆଦି ଦେଇ ଛାଡି ଦେଇ ଆସୁଥିଲେ ।

ଜଣେ ପଚାରିଲା ଭାଇ, ଜମିଦାରମାନେ ଗାଁର ଷୋଡଶୀ ଝିଅ ବୋହୁଙ୍କୁ କାହିଁକି ନେଇ ଯାଉଥିଲେ ?

ଆରେ ମୂର୍ଖ, ଧୂପଝୁଣା ଦେଇ ପୂଜା କରିବାପାଇଁ । ବୁଝିପାରୁନାହିଁ ସେ ଜମିଦାରମାନେ ଏତେଦିନ ସେମାନଙ୍କ ସହ କଣ କରୁଥିଲେ ?

ଆ ହା ହା, କଣ ଏହାର କେହି ପ୍ରତିବାଦ କରୁ ନ ଥିଲେ ?

ହଁ କରୁଥିଲେ । ଯିଏ ବେଶି ଫଡ ଫଡ ହେଲା ତାକୁ ଆଉ କେହି କେବେ ଫେରିବାର ଦେଖିନାହିଁ । ଆଉ ଯଦି ସେମାନଙ୍କୁ ନେଲାବେଳେ କେହି ପ୍ରତିରୋଧ କଲା ତେବେ ସେ ମଧ ଟଣାହୋଇ ଜମିଦାରଙ୍କ ମହଲରେ ପଶିଲା ଯେ ଆଉ ବାହାରି ପାରିଲା ନାହିଁ ।

ସେ ସମୟରେ କଣ କୌଣସି ପୋଲିସ ନ ଥିଲା ? କଣ ଆଇନ କାନୁନ କିଛି କାମ କରୁ ନ ଥିଲା ?

ସବୁଥିଲା । କିନ୍ତୁ କଥାରେ କହନ୍ତି, ଯୋର୍ ଯାହାର ମୂଲକ ତାର । ଜମିଦାରମାନଙ୍କ ପାଖରେ ବିଶାଳ ଭୂ-ସଂପତି ଥିଲା । ସେମାନଙ୍କ ଦୟାରେ ଲୋକେ ପ୍ରାଣଧରି ବଂଚୁଥିଲେ । କେବଳ ଗୃଷବାସ ଛଡା ସେମିତି କିଛି କାମଧନ୍ଦା ଆଜିକାଲି ପରି ନ ଥିଲା । ଏଣୁ କିଏ ଅବା ଜମିଦାରଙ୍କ ବିରୁଦ୍ଧରେ ଛିଡାହେବ ?

ଆଜିକାଲିର ଦୁନଆଁ ହୋଇଥିଲେ ଏମିତି ଝିଅବୋହୁଙ୍କ ଉପରେ ଅତ୍ୟାଗ୍ୱର କେହି କରିପାରନ୍ତେ ନାହିଁ ।

ନାରେ ଭାଇ, ଆଜିର ଦୁନଆଁରେ କଣ ହେଉଛି ଏ ଖବର ତୋ ପାଖରେ ନାହିଁ । ସେଥିପାଇଁ ତୁ ଏମିତି କହୁଛୁ । ସତରେ ତୁ ଯଦି ସିରିୟା, ସୁଡାନ, ଇରାକ, ଇରାନ, ପାକିସ୍ତାନ, ଆଫଗାନିସ୍ତାନରେ ହେଉଥିବା ନାରୀ ଓ ପୁରୁଷଙ୍କର ଅତ୍ୟାଗ୍ୱରର ଦୃଶ୍ୟ ଦେଖନ୍ତୁ ତାହାଲେ ବୁଝନ୍ତୁ ଯେ ଆଜିର ସଭ୍ୟ ଶିକ୍ଷିତ ବିକଶିତ ପୃଥିବୀର ମଣିଷ କଣ କଣ କରୁଛନ୍ତି ?

କଣ କରୁଛନ୍ତି ?

ସୁନ୍ଦରୀ ଝିଅ ବୋହୁଙ୍କୁ ଜୋର୍ ଜବରଦସ୍ତି ଧରି ନେଇ ଯାଉଛନ୍ତି । ସେମାନଙ୍କୁ ବାରମ୍ବାର ବଳାତ୍କାର କରୁଛନ୍ତି । ଜଣେ ପରେ ଜଣେ ଅମାନୁଷିକ ଭାବରେ ନାରୀର ଦେହକୁ ଖୀନ୍ ଭିନ୍ କରିଦେଉଛନ୍ତି । ଯିଏ ବିରୋଧ କରୁଛି ତାର ଅବସ୍ଥା ନର୍କ ଯନ୍ତ୍ରଣାରୁ ଅଧିକ ହୋଇଯାଉଛି । ନିର୍ବସ୍ତ୍ର କରି ସମସ୍ତଙ୍କ ଆଗରେ ଛିଡା କରାଉଛନ୍ତି । ସମସ୍ତଙ୍କ ଆଗରେ

ଯୌନ ସଂପର୍କ ଜୋର ଜବରଦସ୍ତି ସ୍ଥାପନ କରୁଛନ୍ତି । ପଶୁମାନଙ୍କୁ ବାନ୍ଧି ହାଟରେ ବିକ୍ରୀକଲ୍ ଭଳ ସୁନ୍ଦରୀ ନାରୀଙ୍କୁ ବାନ୍ଧି ହାଟରେ ବିକ୍ରୀ କରୁଛନ୍ତି । କେବଳ ଆପଣାର ଯୌନ ପିପାସା ମେଂଟାଇବାପାଇଁ ଆଜିର ଦୁନଆଁରେ ଘ୍ଟୁଲିଛି ପ୍ରତ୍ୟେକ ଦିନ ବଳାତ୍କାର ।

ପୃଥିବୀରେ ଆତଙ୍କବାଦୀମାନେ ନାରୀମାନଙ୍କୁ ଆତଙ୍କବାଦର ପ୍ରସାର ପାଇଁ ବ୍ୟବହାର କରୁଛନ୍ତି । ଯୁବକମାନଙ୍କୁ ସୁନ୍ଦରୀ ନାରୀଙ୍କୁ ଭେଟିଦେବାର ଲୋଭ ଦେଖାଇ ଆତଙ୍କବାଦୀ କରୁଛନ୍ତି । କହୁଛନ୍ତି ଯେ ଯିଏ ଆତଙ୍କବାଦୀ ହେବ ତାଙ୍କୁ ଏକାଧୀକ ଷୋଡଶୀ ନାରୀ ଉପହାରରେ ଦିଆଯିବ । ପୃଥିବୀର ସୁନ୍ଦରୀ ଷୋଡଶୀ ନାରୀଙ୍କ ଦେହ କେଉଁ ପୁରୁଷଙ୍କୁ ଅବା ଆକର୍ଷିତ ନ କରେ । କଶୋରରୁ ବୃଦ୍ଧ ପର୍ଯ୍ୟନ୍ତ ସୁନ୍ଦରୀ ନାରୀଙ୍କ ଦେହକୁ ଭୋଗ କରିବାକୁ ହୁଅନ୍ତି ଆତୁର । ଏହା ଏକ ନଗ୍ନ ସତ୍ୟ ଯିଏ ସ୍ୱୀକାର କରୁ ଅବା ନ କରୁ । ଏମିତି ନାରୀଙ୍କର ଛାତି, ଗାଲ, ଓଠ, ପେଟ, ପିଠି, ନତମ୍ବ ସବୁ ପୁରୁଷଙ୍କୁ ଆନମନା କରେ । ବିବସନା ନାରୀର ଦେହକୁ ଆପଣାର ଦେହ ସହ ମିଶାଇ ରସସିକ୍ତ ହେବାକୁ ପୁରୁଷମାନେ ହୁଅନ୍ତି ପାଗଳ । ବିଶେଷ ଭାବରେ କଶୋର ଓ ଯୁବକ । ଏଇମାନଙ୍କୁ ହିଁ ସୁନ୍ଦରୀ ନାରୀମାନଙ୍କୁ ଉପହାର ଦେବାର ଲୋଭ ଦେଖାଇ ଆତଙ୍କବାଦର ନର୍କ ଭିତରକୁ ଟାଣି ନଆଯାଉଛି । ଇସଲାମ ଧର୍ମକୁ ଭୁଲ୍ ବ୍ୟାଖ୍ୟା କରି ସେମାନେ ଗରିବ ଓ ଦୁର୍ବଳମନା ଯୁବକ ଯୁବତୀମାନଙ୍କୁ ଆତଙ୍କବାଦର ଶୀକାର କରୁଛନ୍ତି । କେଡେ ନୃଶଂସ ହୋଇ ଯାଇଛି ମଣିଷର ଏ ସମାଜ । ହୁଏତ ଦାନବଙ୍କର ସମାଜ ଏମିତି ଘୃଣ୍ୟ ଓ ଅତ୍ୟାଚ୍ଚରିତ ହୋଇ ଥାଇ ନ ପାରେ ।

ତେବେ ଯାହାହେଉ ଆମଦେଶ ଭାରତରେ ନାରୀମାନେ ଖୁବ୍ ଭଲରେ ଅଛନ୍ତି । ସେମାନଙ୍କ ଉପରେ ଏମିତି ପରିସ୍ଥିତି ଆସିନାହିଁ । ନା କଣ ?

ତୁ ତାହାଲେ ନହାତି ଅନ୍ଧାରୀ ମୂଲକରେ ରହିଛୁ । ଆଜି ଆମଦେଶରେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚ୍ଚର ସାରା ପୃଥିବୀରେ ହେଉଥିବା ମହିଳାମାନଙ୍କ ଅତ୍ୟାଚ୍ଚରଠାରୁ ବଳଗଲାଣି । ଏ ଦେଶରେ ତ ଏବେ ଛୋଟ ଛୋଟ କନ୍ୟାମାନଙ୍କୁ ବଳାତ୍କାର କରି ନୃଶଂସ ଭାବରେ ହତ୍ୟା କରାଯାଉଛି । ୨୦୧୮ ମସିହାରେ ଏହା ଆମଦେଶ ଭାରତର ପରିଦୃଶ୍ୟ । ନଶାସକ୍ତ ମଣିଷ ଆଜି ରାକ୍ଷସଠାରୁ ବଳଯାଇ ବୟସ, ସଂପର୍କ, ନୀତି ଧର୍ମ ସବୁକୁ ହତ୍ୟାକଲାଣି ।

ଏମିତି ପରିସ୍ଥିତିରେ କଣ ପୃଥିବୀର ଅନ୍ୟ ପୁରୁଷ କମ୍ବା ନାରୀ ଏହା ବିରୁଦ୍ଧରେ ସ୍ୱର ତୋଳପାରୁ ନାହାଁନ୍ତି ?

କରୁଛନ୍ତି । ତେବେ ସିରିୟା ଆଦି ଅଂଚଳରେ ବିରୋଧ କରୁଥିବା ପୁରୁଷମାନଙ୍କୁ ମଧ ଭୟଙ୍କର ଯନ୍ତ୍ରଣା ଭୋଗିବାକୁ ପଡୁଛି । ଯିଏ ସେମାନଙ୍କୁ ବିରୋଧ କରୁଛନ୍ତି ତାଙ୍କୁ ଜିଅଁନ୍ତା ପୋଡି ଦିଆ ଯାଉଛି । ତାଙ୍କ ହାତ ଗୋଡ ବାନ୍ଧି ତାଙ୍କ ବେକ କାଟି ଦେଉଛନ୍ତି । ତାଙ୍କୁ ପିଂଜରାରେ ପଶୁଭଳ ବାନ୍ଧି ତା ଭିତରେ ନିଆଁ ଲଗାଇ ଦେଉଛନ୍ତି ।

କହିବାକୁ ଗଲେ ଅସୁର ଯୁଗର ଦୌରାତ୍ମ୍ୟଠୁ ଆଜିର ଦୌରାତ୍ମ୍ୟ ବଳଗଲାଣି ।

ଅସୁର ବୋଇଲେ ରାବଣ ଏମିତି କରିଥିଲା । କନ୍ତୁ ସେ କଣ ଏତେ ନୃଶଂସ ଥିଲା ।

ହଁ ଭାଇ ରାବଣ କଠୋର ତପସ୍ୟା କରି ସ୍ୱର୍ଗ ମର୍ତ୍ୟ ପାତାଳର ସମସ୍ତଙ୍କଠୁଁ ବଳବାନ ହେବାକୁ ଲାଗିଲା । ସେ ବ୍ରହ୍ମା, ଶିବ ଓ ଶକ୍ତିଙ୍କୁ ପ୍ରସନ୍ନ କଲା ଓ ଇଚ୍ଛା ମୁତାବକ ଅସ୍ତ୍ରଶସ୍ତ୍ର ଓ ବର ହାସଲ କଲା ।

ଏ ଦେବତାମାନେ ମଧ ଏମିତି କାହିଁକ କରନ୍ତି କେଜାଣି ? ସବୁକଛି ଜାଣିଶୁଣି, ବୁଝିଶୁଝି ବର ଏମିତି ଦେଇ ଦିଅନ୍ତି ?

ସେ କଥାର ଯଥାର୍ଥତା କଣ ଏବଂ ଏହା ଯେ କେବଳ କାହାଣୀ କ ତଥ୍ୟ ତାହା ସ୍ଥିର କରିବା ଏତେଟା ସହଜ ନୁହେଁ । ତେବେ ମାତୃଜାତିର ଅପମାନ ଓ ଅବମାନନାର କୁପରିଣାମ ସମସ୍ତଙ୍କୁ ଭୋଗିବାକୁ ପଡିଛି । ହୁଏତ ଏଥିପାଇଁ ସମୟ ଲାଗିଛି ଓ ବହୁ ନୀରିହ ନରପରାଧ ବହୁ ଯନ୍ତ୍ରଣା ସହିଛନ୍ତି ତେବେ ପରିଣାମ ଭୋଗିଛନ୍ତି ।

ବ୍ରହ୍ମା , ଶିବ ଓ ଶକ୍ତିଙ୍କଠାରୁ ବରପ୍ରାପ୍ତି କରି ରାବଣ ପରମ ଆନନ୍ଦରେ ଆକାଶ ମାର୍ଗରେ ଯାଉଥିଲା । ହଠାତ୍ ତା କାନରେ ଏକ ନାରୀର ସ୍ୱର ବାରମ୍ବାର ପ୍ରତିଧ୍ୱନୀତ ହେଲା । ସେ ଦେଖିଲା ଜଣେ ଅତ୍ୟନ୍ତ ସୁନ୍ଦରୀ ନାରୀ ତପସ୍ୟାରେ ମଗ୍ନ ।

ରାବଣ ଚାରିଆଡକୁ ଅନାଇଁ ଦେଖିଲା ଏକାନ୍ତ ନିର୍ଜନତା ଭିତରେ ଅନନ୍ୟ ସୁନ୍ଦରୀ ରୂପବତୀ ନାରୀ । ଆଖି ତାର ସେହି ଅପରୂପ ସୌନ୍ଦର୍ଯ୍ୟ ଭିତରେ ଲାଖିଗଲା । ସେ ସେଠାରେ ଉପସ୍ଥିତ ହେଲା ଓ ଭାବିଲା, ଏ ସୁନ୍ଦରୀ ନାରୀ ତାର ଜଣେ ରାଣୀ ହେବାର ଯୋଗ୍ୟା । ସେ

ଯଦି ତାର ପରିଚୟ ଓ ପରାକ୍ରମ ବିଷୟରେ ଏ ସୁନ୍ଦରୀଙ୍କୁ କହିବ ତେବେ ସେ ନିଶ୍ଚୟ ତାର ରାଣୀ ହେବାକୁ ସ୍ୱୀକୃତି ଦେଇଦେବ । ଲଙ୍କାର ରାଣୀ ମନ୍ଦୋଦରୀଠାରୁ ଏ ଅତ୍ୟ ସୁନ୍ଦରୀ। ଏଣୁ ଲଙ୍କାର ରାଜ ଭବନରେ ଏ ନାରୀଙ୍କ ଉପସ୍ଥିତି ନିଶ୍ଚୟ ରାବଣର ଗୁଣ ଗାରିମା ବଢାଇବ ।

ରାବଣ ଉପସ୍ଥିତି ହୋଇ ସେ ସୁନ୍ଦରୀଙ୍କୁ ଅତ୍ୟନ୍ତ ମଧୁର ସ୍ୱରରେ ସମ୍ବୋଧନ କଲା । ଆପଣାକୁ ଅତ୍ୟନ୍ତ ସୁନ୍ଦର ପୁରୁଷ ଭାବରେ ମାୟାରୂପ ଧାରଣ କଲା । ବିଶେଷ ଓ ବାରମ୍ବାର ରାବଣର ସ୍ୱର ସୁନ୍ଦରୀଙ୍କର କାନରେ ବାଜିବାରୁ ସେ ବିରକ୍ତ ଭାବରେ ଚକ୍ଷୁଖୋଲି ରାବଣକୁ ଅନାଇଁଲେ ।

ରାବଣ କହିଲା, ହେ ତ୍ରୀପୁର ସୁନ୍ଦରୀ । ମୁଁ ଲଙ୍କାର ନରପତି ରାବଣ । ତ୍ରୀପୁର ବିଜୟୀ । ଦେବ ଦାନବ ସମସ୍ତେ ମୋର ଅଧୀନ । ଆପଣ ଅତ୍ୟନ୍ତ ଭାଗ୍ୟବତୀ ଯେ ଆପଣଙ୍କର ରୂପରେ ମୁଁ ଅତ୍ୟନ୍ତ ଆକର୍ଷିତ । ଆପଣଙ୍କୁ ମୋର ରାଣୀ ହେବାର ଅନୁରୋଧ କରୁଛି । ଆପଣଙ୍କୁ ଲଙ୍କାରେ ଶ୍ରେଷ୍ଠରାଣୀର ମର୍ଯ୍ୟାଦା ମିଳିବ । ଦାସ ଦାସୀ ସମସ୍ତେ ଆପଣଙ୍କ ପାଦରେ ସଦାସର୍ବଦା ଖଟିବେ । ସଂସାରର ସମସ୍ତ ସୁଖ ସୁବିଧା ମୁଁ ଆଣି ଆପଣଙ୍କୁ ପ୍ରଦାନ କରିବି ।

ସୁନ୍ଦରୀ ତପସ୍ୱିନୀ ଜଣକ ରାବଣର ଏ ପ୍ରାର୍ଥନା ପ୍ରତି ଆଦୌ ଧ୍ୟାନ ନ ଦେଇ ପୁଣି ଧ୍ୟାନ ମଗ୍ନ ହୋଇଗଲେ । ରାବଣକୁ ଏହା ଅପମାନବୋଧ ହେଲା ।

ସେ ବାରମ୍ବାର ବିଭିନ୍ନ ଭାବରେ ସୁନ୍ଦରୀ ତପସ୍ୱୀଙ୍କୁ ପ୍ରେମ ନିବେଦନ କଲା । କିନ୍ତୁ ସୁଫଳ ମିଳିଲା ନାହିଁ । କ୍ରୋଧ ଜର୍ଜରିତ ରାବଣ ତପସ୍ୱିନୀଙ୍କର କେଶ ସ୍ପର୍ଶ କରନ୍ତେ ସେ ତତ୍କ୍ଷଣାତ୍ ପ୍ରାଣ ତ୍ୟାଗକଲେ । ଏହା ରାବଣକୁ ବିଚଳିତ କରନ୍ତେ ସେ ତପସ୍ୱିନୀଙ୍କର ଶରୀର ଖଣ୍ଡ ଖଣ୍ଡ କରି ଏକ କୁମ୍ଭରେ ରଖି ଲଙ୍କା ଫେରିଗଲେ । ରାବଣ ସେହି କୁମ୍ଭଟିକୁ ଆପଣା ପ୍ରକୋଷ୍ଠ ସଂଲଗ୍ନ ଗୁପ୍ତ ପ୍ରକୋଷ୍ଠ ଭିତରେ ରଖିଥିଲେ । ରାବଣର ଇଚ୍ଛାଥିଲା ଯେ ସୁନ୍ଦରୀ ତପସ୍ୱିନୀଙ୍କ ଦେହକୁ ସେ ତପସ୍ୟା ବଳରେ ପୁଣି ଜୀବନ୍ତକରି ସୁନ୍ଦରୀ ରାଣୀ କରିବେ କିମ୍ବା ତାଙ୍କଦ୍ୱାରା ବନ୍ଦୀ ଯମକୁ କହି ତାର ପ୍ରାଣ ଫେରାଇ ଆଣିବେ । ତାପରେ ତାକୁ ରାଣୀ ହେବାକୁ ବାଧ୍ୟ କରିବେ ।

ସେ ମନ୍ଦୋଦରୀଙ୍କୁ କହିଲେ ଯେ ସେ ଯେମିତି କୁମ୍ଭକୁ ନ ଖୋଲନ୍ତି କାରଣ ସେଥିରେ ଏମିତି ପଦାର୍ଥ ରହିଛି ଯାହା ପାନକଲେ ମୃତ୍ୟୁ ଅବଶ୍ୟମ୍ଭାବୀ ।

ଘୋର ତପସ୍ୟା କରିବା ପାଇଁ ରାବଣ କୈଳାସ ପର୍ବତକୁ ପ୍ରସ୍ଥାନ କଲେ । ବହୁବର୍ଷ ବିତିଗଲେ ମଧ୍ୟ ରାବଣଙ୍କର କୌଣସି ଖବର ମନ୍ଦୋଦରୀଙ୍କୁ ପ୍ରାପ୍ତ ହେଲାନାହିଁ । ଏମିତି ସମୟରେ ଏକ ଗୁଜବ ପ୍ରଚାରହେଲା ଯେ ରାବଣ ସୁନ୍ଦରୀ ରାଣୀମାନଙ୍କ ସହ କୈଳାସ ପର୍ବତରେ ରମଣ କରୁଛନ୍ତି । ଏହା ମନ୍ଦୋଦରୀଙ୍କୁ ଅସହ୍ୟ ହେଲା । ତାଙ୍କର ମନେ ପଡିଗଲା ସେହି କୁମ୍ଭ କଥା ଯେଉଁଥିରେ ରାବଣ ଏମିତିକଛି ବିଷ ରଖିଥିବାର କହିଥିଲେ ଯାହା ପାନ କରନ୍ତେ ମୃତ୍ୟୁ ଅବଶ୍ୟମ୍ଭାବୀ ।

ସ୍ୱାମୀଙ୍କ ବିନା ଏ ଜୀବନ ଜିଇଁବାର କଣ ଅର୍ଥ ଯେ **?** ଭାବିଲେ ମନ୍ଦୋଦରୀ । ନିଷ୍ଚୟ ସେହି କୁମ୍ଭର ବିଷକୁ ପାନକରି ପ୍ରାଣ ହାରିଦେବି । ସ୍ୱାମୀ ଅନ୍ୟ ସୁନ୍ଦରୀମାନଙ୍କ ସହ ସେମିତି ସୁଖଭୋଗ କରୁଥାନ୍ତୁ ।

ଗୁପ୍ତ ଗୃହରେ ପ୍ରବେଶକଲେ ମନ୍ଦୋଦରୀ । କୁମ୍ଭର ମୁଖଖୋଲି ସେହି ଅଂଧାରରେ ପାନକଲେ କୁମ୍ଭରେ ଥିବା ଦ୍ରବ୍ୟକୁ । ତାପରେ ଫେରିଆସି ଆପଣାର ଶଯ୍ୟାରେ ଶୋଇ ମୃତ୍ୟୁକୁ ଅପେକ୍ଷାକଲେ । ଘଂଟାପରେ ଘଂଟା ବିତିଗଲା କିନ୍ତୁ ମୃତ୍ୟୁ ନାହିଁ । ମାସ ପରେ ମାସ ମଧ୍ୟ ବିତିଲା କିନ୍ତୁ ମନ୍ଦୋଦରୀ ଅନୁଭବ କଲେ ମୃତ୍ୟୁ ନୁହେଁ ବରଂ କରୁଛନ୍ତି ସନ୍ତାନ ଗର୍ଭଧାରଣର ଅନୁଭବ । ଏ କଣ **?** ଏହା ତ ମହାବିପଦ । ସତୀ ମନ୍ଦୋଦରୀଙ୍କ ସତୀତ୍ୱରେ ଲାଗିଯିବ କଳଙ୍କ । ସ୍ୱାମୀଙ୍କ ସହ ତାଙ୍କର କେତେବର୍ଷ ହେଲାଣି ନାହିଁ କୌଣସି ସଂପର୍କ । ଏମିତିରେ ଏ କେଉଁ ଲିଳା ହେ ଭୋଳା ମହେଶ୍ୱର **?**

ଆପଣାର କିଛି ବିଶ୍ୱସ୍ତ ପରିଚାରିକାଙ୍କ ସାହାଯ୍ୟରେ ମନ୍ଦୋଦରୀ ନିଶ୍ଚିତ ହୋଇଗଲେ କୁମ୍ଭରେ ଥିବା ପଦାର୍ଥହିଁ ରାବଣର କେଉଁ ଅପକର୍ମର ଦ୍ରବ୍ୟଥିଲା । ତାହାରି ଯୋଗୁଁ ସେ ଆଜି ଗର୍ଭବତୀ । ତେବେ ରାବଣ କଣ ଏ କଥା ସ୍ୱୀକାର କରିବେ **?** ନା**,** କେବେ ନୁହେଁ । ରାବଣ ଫେରିବା ପୂର୍ବରୁ ଏ ଗର୍ଭସ୍ଥ ଶିଶୁର ସତ୍କାର କରିବାକୁ ପଡିବ । ଗୋପନରେ ଜନ୍ମଦେବାକୁ ପଡିବ ଗର୍ଭସ୍ଥ ଶିଶୁ । ସେ ଗର୍ଭସ୍ଥ ଶିଶୁର ହତ୍ୟାକରି ମହାପାପିନୀ ହୋଇପାରିବେ ନାହିଁ ।

ଯାହାହେଉ ରାବଣର ଆସିବାରେ ବିଳମ୍ବ ହେଲା ଏବଂ ମନ୍ଦୋଦରୀ ଏକ ଅପରୂପା ସୁନ୍ଦରୀ କନ୍ୟାକୁ ଜନ୍ମଦେଲେ । ସେହିକନ୍ୟାକୁ ମନ୍ଦୋଦରୀ ଗୋପନରେ ଏକ ସିନ୍ଦୂକରେ ରଖି ସମୁଦ୍ରରେ ଭସାଇଦେଲେ । ସେହି କନ୍ୟା ଥିଲେ ଜନକ ନନ୍ଦିନୀ ଜାନକୀ ଯାହାକୁ ରାବଣ ପୁନଃଷ୍ଚ ରାଣୀ କରିବାର ମହାପାପରେ ସର୍ବନାଶ ଡାକହେଲା ।

ପୃଥିବୀରେ ଏମିତି ଦେଖିବାକୁ ମିଳେ ନାରୀଙ୍କ ଉପରେ ଅତ୍ୟାଚାରର ପରିଣାମ । ସିରିଆ ଆଦିର ଆତଙ୍କବାଦୀଙ୍କର ସୁନ୍ଦରୀ ନାରୀଙ୍କ ଉପରେ ଅତ୍ୟାଚାର କରିବା ହେଉ କମ୍ବା ଜମିଦାରମାନେ ଅନ୍ୟର ଝିଅବୋହୁଙ୍କୁ ନେଇ ଅତ୍ୟାଚାର କରିବା ହେଉ, ଏହା ଇତିହାସର ଏକ କଳଙ୍କିତ ଛାୟାରୂପ । ମେଦିନପୁର ଜିଲ୍ଲାର ରାମନଗର ମଣ୍ଡଳର ସାଆନ୍ତ ଜମିଦାର ପରିବାରର କଳଙ୍କର କାଳିମା ମଧ୍ୟ ଦୀର୍ଘ, ଯାହାର ଛାୟାରୂପ ପ୍ରଦର୍ଶିତ କାର ସେ ସମୟର ସାମନ୍ତବାଦୀ ପ୍ରଥା ।

ସେମିତି ସାମନ୍ତବାଦୀ କିଛି ପରିବାର ବା ବଂଶର ଚହ୍ନବର୍ଣ୍ଣ ଆଜି ଭାରତର ବହୁସ୍ଥାନରେ ଦେଖିବାକୁ ମିଳେ । ଅର୍ଥାତ୍ ସେମାନଙ୍କୁ ଜମିଦାର ବୋଲି ମଧ୍ୟ କୁହାଯାଏ । ଇତିହାସ ପୃଷ୍ଠାରୁ ତର୍ଜମାକଲେ ଜଣାଯାଏ ଯେ ସ୍ୱାଧୀନତାପୂର୍ବ ଭାରତର କେତେକ ଜମିଦାର ଇଂରେଜମାନଙ୍କର ପ୍ରତିନିଧୀଭାବରେ କାମ କରୁଥିଲେ । ଅର୍ଥାତ୍ ସେମାନଙ୍କୁ ଇଂରେଜ ସରକାର କିଛି ଗାଁ ବା ଅଂଚଳର ସମସ୍ତ ଭୂସଂପତିରୁ ଖଜଣା ଆଦାୟକରି ଇଂରେଜମାନଙ୍କ ତହବିଲ୍‌ରେ ଜମାକରାଇବାର ଦାୟିତ୍ୱ ଦିଆଯାଇଥିଲା । ଏଣୁ ଜମିଦାରମାନେ ଲୋକମାନଙ୍କୁ ଚାଷ କରିବାପାଇଁ ଜମି ଦେଉଥିଲେ ଆପଣା ଇଚ୍ଛାରେ ଖଜଣା ବା କରମଧ୍ୟ ଆଦାୟ କରୁଥିଲେ । ସେମାନେ ଆପଣାର ସୁରକ୍ଷା ଓ ଲୋକଙ୍କ ପାଖରୁ ଜୋରଜବରଦସ୍ତ ଖଜଣା ବା କର ଆଦେୟ କରିବାପାଇଁ ବଳପ୍ରୟୋଗ ମଧ୍ୟ କରୁଥିଲେ । ଯେଉଁମାନେ ଜମିଦାରଙ୍କ ପାଇଁ ଏ ଆଦାୟ କାମ କରୁଥିଲେ ସେମାନଙ୍କୁ ଜମିଦାରଙ୍କ ଲାଠିଆଳ ବୋଲି ମଧ୍ୟ କୁହାଯାଉଥିଲା । ଜମିଦାରମାନଙ୍କ ପାଇଁ ଏହି ଲାଠିଆଳମାନେ ଗାଁ ଗାଁ ବୋଲି ଭୟ ଦେଖାଇ ଖଜଣା ବା କର ଆଦାୟ କରୁଥିଲେ ।

ଅର୍ଥାତ୍ ଏହି ଜମିଦାର ବା ସାମନ୍ତମାନେ ପ୍ରକୃତରେ ଆମ ଭାରତୀୟମାନଙ୍କ ପ୍ରତି ଅନୁଗତ କମ ଥିଲେ । ସେମାନେ କେବଳ ଆପଣା ସ୍ୱାର୍ଥରେ ଇଂରେଜମାନଙ୍କ ଆଦେଶକୁ ତାମିଲ କରାଉଥିଲେ । ସେଥିପାଇଁ ସେମାନେ ସାଧାରଣ ଲୋକଙ୍କୁ ଭୟ ଦେଖାଉଥିଲେ ଓ ଏହି ଭୟ ସୃଷ୍ଟିକରିବା ପାଇଁ ସେମାନେ ସେମାନଙ୍କ ଉପରେ ଅତ୍ୟାଚାର ମଧ୍ୟ କରୁଥିଲେ ।

ସେମାନଙ୍କର ସୁନ୍ଦରୀ ଝିଅବୋହୁଙ୍କୁ ମଧ୍ୟ ନିଜେ ବଳପୂର୍ବକ ଉପଭୋଗ କରୁଥିଲେ କିମ୍ବା ଜମିଦାର ଓ ତାଙ୍କ ବଂଶର ପୁରୁଷମାନଙ୍କୁ ସନ୍ତୋଷ କରିବାପାଇଁ ଭୋଗ ଲଗାଇ ଦେଉଥିଲେ।

ହୁଏତ ସେମିତି ଏକ ଦୁର୍ଦ୍ଧର୍ଷ ଜମିଦାର ବଂଶଥିଲା ସୋନପୁରର । ସେଠାକାର କରଣ ଜମିଦାରମାନେ ଥିଲେ ଅତ୍ୟନ୍ତ ଅତ୍ୟାଚାରୀ । ତାଙ୍କ ବଂଶରେ ବହୁବର୍ଷଧରି କେବଳ ପୁରୁଷହିଁ ଜନ୍ମ ନେଉଥିଲେ ଓ ସେମାନେ ନାରୀମାନଙ୍କୁ କେବଳ ଆପଣ ଉପଭୋଗର ସାମଗ୍ରୀଭାବରେ ବ୍ୟବହାର କରୁଥିଲେ । ଯେଉଁ ନାରୀ ବା ଝିଅଟି ଉପରେ ସେମାନଙ୍କର ଲୋଭହେଲା ତାର ଜୀବନ ନର୍କଗାମୀ ହେବା ଥୟ । ଲାଠିଆଳମାନେ ଜୋର ଜବରଦସ୍ତି ସେମାନଙ୍କୁ ଉଠାଇଆଣି ଜମିଦାରଙ୍କ ଶୟନକକ୍ଷକୁ ଠେଲିଦେଉଥିଲେ ।

ସେ ସମୟରେ ପ୍ରତିରୋଧର ଅର୍ଥ ହେଲା ମୃତ୍ୟୁଦଣ୍ଡ । ପୁଣି ଖୁବ୍ ନିର୍ମମ ଭାବରେ ପ୍ରତିରୋଧ କରୁଥିବା ବ୍ୟକ୍ତିର ମୁହଁ ବନ୍ଦ କରାଯାଉଥିଲା । ଆଇନ କାନୁନ ବୋଲି କିଛି ନ ଥିଲା । ଇଂରେଜମାନଙ୍କର ଶାସନକାଳରେ ଇଂରେଜମାନଙ୍କର ଚାଟୁକାରମାନେ ଯେମିତି ଚାହୁଁଥିଲେ ସେମିତି ସୁଖ ଭୋଗୁଥିଲେ । ଏଣୁ କୁହାଯାଏ ଯେ ବହୁବର୍ଷଧରି ସେ ଜମିଦାରବଂଶକୁ କନ୍ୟାଟିଏ କାହାକୁ ନସିବ୍ ହେଉ ନ ଥିଲା ।

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେଲାପରେ ଭାରତର ଜମିଦାରମାନଙ୍କର ଦୌରାତ୍ମ୍ୟ କମିବାକୁ ଲାଗିଲା । ସେମାନଙ୍କ ଅଧୀନରେ ଥିବା ବିଶାଳ ଭୂଭାଗକୁ ସରକାର ଛଡାଇ ନେଇ ଚାଷୀମାନଙ୍କ ମଧ୍ୟରେ ବଂଟନ କରିଦେଲେ । ଆଚାର୍ଯ୍ୟ ବିନୋବା ଭାବେଙ୍କ ଭୂଦାନ ଯଜ୍ଞକୁ ବହୁ ଜମିଦାର ଭୟରେ ଜମିଦାନ କରିଦେଲେ କାରଣ ହୁଏତ ଚାଷୀମାନେ ଏକଜୁଟ ହୋଇ ଜମିଦାରଙ୍କ ପ୍ରାଣ ନେଇଯିବେ । ସେମାନଙ୍କ ଉପରେ ହୋଇଥିବା ଅତ୍ୟାଚାରର ପ୍ରତିଶୋଧ ନେବାକୁ ଗୋଡାଇବେ ।

ସ୍ୱାଧୀନ ଭାରତରେ ଆଉ ସେମିତି ଇଂରେଜଙ୍କ ଭୟ ନାହିଁ ଯେ ସାଧାରଣ ଲୋକେ ଡରିବେ। ଦେଶ ଏବେ ଗଣତନ୍ତ୍ରର ମନ୍ତ୍ରରେ ଦୀକ୍ଷିତ । ଗଣତନ୍ତ୍ର ବୋଇଲେ ଗଣ ଅର୍ଥାତ୍ ସାଧାରଣ ଜନତାଙ୍କ ଦ୍ୱାରା ପରିଚାଳିତ ଶାସନ ବ୍ୟବସ୍ଥା ।

ସାଧାରଣ ଜନତା ଏକ ନିର୍ଦ୍ଦିଷ୍ଟ ସମୟର ବ୍ୟବଧାନରେ ତାଙ୍କ ପ୍ରତିନିଧୀ ନିର୍ବାଚିତ କରନ୍ତି। ବିଭିନ୍ନ ରାଜନୈତିକ ଦଳ ବା ସ୍ୱାଧୀନ ଭାବରେ ବିଭିନ୍ନ ବ୍ୟକ୍ତି ଜନତାଙ୍କ ଆଗରେ ତାଙ୍କର

ଶକ୍ତି ଓ ସାମର୍ଥ୍ୟ ପ୍ରଦର୍ଶନ କରନ୍ତି । ସେମାନେ ନିର୍ବାଚିତ ହେଲେ କଣ କଣ କରିବେ ସେ କଥା ଲୋକଙ୍କୁ ବୁଝାଇ କହନ୍ତି । ବିଭିନ୍ନ ରାଜନୈତିକ ଦଳ ତାଙ୍କର ପ୍ରତିଶୃତିର ପ୍ରସ୍ତାବନା ଲୋକଙ୍କ ସମ୍ମୁଖରେ ରଖନ୍ତି ।

ଆମେ ନିର୍ବାଚିତ ହୋଇଗଲେ ଗରିବଲୋକଙ୍କର ଅଭାବ ଅନଟନ ଦୂର କରିଦେବୁ । ସେମାନେ କେମିତି ଦୁଇଓଳ ପେଟପୁରା ଭଲ ଖାଇବାକୁ ପାଇବେ ସେ ବ୍ୟବସ୍ଥା କରିବୁ । ଝାଟିମାଟି ଘରକୁ ଇଟା, ବାଲି, ସିମେଂଟ ରଡ ଦେଇ ପକ୍କା କରିଦେବୁ । ପ୍ରତ୍ୟେକ ଘରକୁ ବିଜୁଳି ଆଲୁଅ ଚବିଶ ଘଂଟା ଯୋଗାଇଦେବୁ । ପ୍ରତ୍ୟେକ ପରିବାରକୁ ଗ୍ୟାସ୍‌ର ମୁକ୍ତ କନେକ୍ସନ ଦେଇଦେବୁ । ପ୍ରତ୍ୟେକ ଯୁବକ ଯୁବତୀଙ୍କୁ ସରକାରୀ ଚାକରୀ ନଚେତ୍ ବେକାରୀଭତ୍ତା ଯୋଗାଇଦେବୁ ।

ଚାଷୀମାନଙ୍କୁ ଲୋଭାଇବାପାଇଁ କୃଷିଋଣ ଖୁବ୍ କମ୍ ସୁଧରେ ଦେବା ଓ ବାକିଆ ଥିଲେ ମାଫ୍ କରିବା ଆଦି ପ୍ରତିଶୃତି ଦିଅନ୍ତି । ଚାଷୀମାନଙ୍କର ପନିପରିବା, ଫସଲ ପଚି ସଢି ନ ଯାଉବୋଲି ପ୍ରତି ପଂଚାୟତ ବା ବ୍ଲକରେ ଶୀତଳଭଣ୍ଡାର ଗଢିଦେବୁ । ଫସଲହାନୀ ହେଲେ ତାର ଭରଣା କରିବୁ । ଚାଷୀମାନଙ୍କ ପାଇଁ ଫସଲ ବୀମା ଓ ଜୀବନ ବୀମା ମାଗଣାରେ କରିଦେବୁ । ଏମିତି କେତେ କଥା, କେତେ ପ୍ରତିଶୃତି ? ଆକାଶ କଇଁଆ ଓ ଚଲିକାର ମାଛ ।

ଜଣେ ଜଣେ ଲୋକ ପ୍ରତିନିଧୀ ହେବାପାଇଁ ବ୍ୟକ୍ତିମାନେ କେତେ ଭାଷା ଓ ଭାବର ମିଛ ଭାଷଣ ଦିଅନ୍ତି । ଲୋକେ କେମିତି ଭଲ ଭାଷଣ ଶୁଣି କରତାଳି ମାରିବେ ଓ ପ୍ରଭାବିତ ହୋଇ ଭୋଟ ଦେବେ ସେଦିକଥାରେ ଲାଗିପଡନ୍ତି । ନିଜର ଭାଷଣ କିଛି ବିଜ୍ଞଲୋକଙ୍କ ପାଖରୁ ଲେଖାଇ ଆଣନ୍ତି ଓ ଭାଷଣର ଅଭ୍ୟାସ କରନ୍ତି । ଭାଷଣ ସହ ଅଭିନୟ ମଧ୍ୟ ଶିଖନ୍ତି । କେଉଁଠି ଅର୍କେଷ୍ଟ୍ରା ଚାଲେ ତ କେଉଁଠି ନାଚ ତାମସା ମଧ୍ୟ କରାଯାଏ ।

ଆଜିକାଲିର ନିର୍ବାଚନ ଏକ ଭିନ୍ନ ମୋଡ ଧରିଲାଣି । ଲୋକେ ଭୋଟଖଣ୍ଡିଏ ଦେବାପାଇଁ ଅର୍ଥ ଟଙ୍କା ନେଉଛନ୍ତି । ଯିଏ ଯେତେଟଙ୍କା ଦେଲା ସେ ସେତିକି ଭୋଟ ପାଇଲା । ଖାଲିକଣ ଟଙ୍କା ତା ସାଙ୍ଗକୁ ମଦ ଓ ମାଂସ ମଧ୍ୟ ଭାସୁଛି ଭୋଟ ବେଳରେ । ନିର୍ବାଚନ ଆଚରଣ ବିଧୀନାମରେ କେତେକଥା କାଗଜ କଲମରେ ହୁଏ କିନ୍ତୁ ବାସ୍ତବ ଚିତ୍ର ଅଲଗା ।

ଏମିତି କି ନିର୍ବାଚନରେ ଜିତିବାପାଇଁ ହିଂସା ମଧ୍ୟ ଏକ ପ୍ରମୁଖ ଅସ୍ତ୍ରଭାବରେ ବ୍ୟବହାର ହେଲାଣି । ମଣିଷ ମଣିଷକୁ ହାଣୁଛି, କାଟୁଛି, ଗୁଳି କରୁଛି, ବୋମା ଫିଟାଉଛି ଆଜି କେତେକଣ ?

ତେବେ ସ୍ୱାଧୀନତାପର ଭାରତବର୍ଷର ସ୍ୱପ୍ନ ଥିଲା ଭିନ୍ନ । ଜାତିରପିତା ମହାତ୍ମାଗାନ୍ଧୀ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଜବାହରଲାଲ ନେହେରୁ, ଲାଲ ବାହାଦୁର ଶାସ୍ତ୍ରୀ ଆଦି ନେତାମାନେ ଏକ ନିର୍ମଳ, ନିର୍ଭୀକ, ନିଃସ୍ୱାର୍ଥପର ସରକାର ଗଢିବା ଓ ଦେଶର ସେବା କରିବାପାଇଁ ଆଗଭର ହୋଇଥିଲେ । ଜାତି, ଧର୍ମ, ବର୍ଣ୍ଣଭେଦ ରହିତ ଏକ ପନ୍ଥ ନିରପେକ୍ଷ ଭାରତର ସଂବିଧାନରେ ସମସ୍ତଙ୍କୁ ସମାନ ଅଧିକାର ଦେବାର ବ୍ୟବସ୍ଥା ହେଲା ।

ଏଇ ଆମରାଜ୍ୟ ଓଡିଶା କଥା ଦେଖିଲେ ଲାଗେ ସତରେ ସେ ବେଳର ନେତାମାନେ ଦେଶ ଦଶପାଇଁ କେଡେ ମହାନ ତ୍ୟାଗ ଓ ବଳିଦାନ ଦେବାକୁ ପ୍ରସ୍ତୁତ ହେଉଥିଲେ । ଉତ୍କଳମଣି ଗୋପବନ୍ଧୁଙ୍କ କଥା ବିଚାରକୁ ନିଆଯାଉ । ବନ୍ୟା ପ୍ରପିଡିତ ଲୋକଙ୍କ ସେବା କରିବାକୁ ଯିବାବେଳେ ଜ୍ୱରରେ ଛଟପଟ ହେଉଥାଏ ଆପଣାର ଏକମାତ୍ର ପୁତ୍ର । କିନ୍ତୁ ସେ ଚାଲିଯାଆନ୍ତି । ସେ ହିଁ ଲେଖିପାରନ୍ତି- ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ... ଦେଶର ସ୍ୱରାଜ ପଥେ ଯେତେ ଗାଡ, ପୂରୁ ତହିଁ ପଡି ମୋର ମାଂସ ହାଡ । ପ୍ରକୃତରେ ଆଜିର ଭାରତବର୍ଷରେ କଣ ଏମିତି ନେତା ଅଛନ୍ତି ?

ଦେଶ ସେବାର ଏକ ଉନ୍ମାଦନା ଲୋକଙ୍କ ଭିତରେ ଭରିଯାଇଥିଲା । ଗରିବ ନିପୀଡିତ ଜନତାର ସେବା ଯେମିତି ପରମ ଧର୍ମ ସେ କଥା ଲୋକେ ଭାବୁଥିଲେ । ଦେଶର ସାଧାରଣ ଜନତା କେମିତି ସୁଖରେ ଶାନ୍ତିରେ ରହିବେ ତାର ବିଧାନ କରିବା ଯେମିତି ସେମାନଙ୍କର ଜୀବନର ବ୍ରତଥିଲା । ଏଣୁ ସେ ବେଳରେ ସୋନପୁରର ଜମିଦାର ବଂଶ ଭଳି ଦେଶର ବହୁ ଜମିଦାର ଆତଙ୍କିତ ହୋଇପଡିଲେ ।

ଯେହେତୁ ସୋନପୁରର ଜମିଦାର ବହୁତ ଅତ୍ୟାଚାରୀ ଥିଲେ ତେଣୁ ସେମାନଙ୍କ ବିରୁଦ୍ଧରେ ବିଶେଷ ଜନ ଅସନ୍ତୋଷ ଦେଖିବାକୁ ମିଳଲା ସ୍ୱାଧୀନତାପ୍ରାପ୍ତିର ପରେ ପରେ । ସୋନପୁରର ଜମିଦାର ମାନେ ଆତଙ୍କିତ ହୋଇପଡିଲେ । ସେହି ସମୟରେ ସେ ପରିବାରକୁ ପ୍ରଥମ କନ୍ୟା ସନ୍ତାନଟିଏ ଜନ୍ମ ଗ୍ରହଣ କଲା । କେତେ ପୁରୁଷ ପରେ କନ୍ୟାରତ୍ନ ଜନ୍ମ ହୋଇଥିବାରୁ ଜମିଦାର ବଂଶରେ ଖୁସିର ଜୁଆର ଦେଖାଗଲା ।

ଜମିଦାରମାନେ ତାଙ୍କର ବିଶାଳ ଭୂ ସଂପତି ଗରିବ ଚାଷୀମାନଙ୍କୁ ବାଂଟିବାରେ ଲାଗିଲେ ଓ ତାହା ସେମାନଙ୍କୁ ଆସନ୍ନ ବିପଦରୁ ମୁକ୍ତିଦେବାରେ ସାହାଯ୍ୟକଲା । ଜମିଦାରମାନେ ଦାନୀ ଓ ଦୟାଳୁ ପାଲଟିଗଲେ ଓ ଯେଉଁମାନଙ୍କୁ ପ୍ରଜା ଭାବି ଅତ୍ୟାଚାର କରୁଥିଲେ ସେମାନଙ୍କୁ ଅଶେଷ କରୁଣା ଦେଖାଇଲେ । ଲୋକେ କହିଲେ ସୋନପୁର ଜମିଦାର ବଂଶକୁ ମାଆ କମଳା ସାକ୍ଷାତ ଆସି ଜନ୍ମ ହୋଇଛନ୍ତି ବୋଲି ଆମେ ପ୍ରଜା ଏବେ ସୁଖରେ ରହିବୁ । ଆମକୁ ଚାଷପାଇଁ ଜମି ମିଳୁଛି । ଜମିଦାର ଆଉ ଆମଠାରୁ କର ବା ଖଜଣା ମ ନେବେନାହିଁ । ନେବେ ଅବା କେମିତି ? ଆଜି କଣ ଇଂରେଜ ଜମାନା ରହିଛି ଯୋର ଯାହାର ମୂଲକ ତାହାର ନୀତି ଆଉ ଚାଲିବ । କେତେ ଅତ୍ୟାଚାର ଏ ଜମିଦାର ବଂଶ ଆମ ଉପରେ ନ କରିଛନ୍ତି ସତରେ !

ତେବେ ତା ଭିତରୁ କିଛି କହନ୍ତି ଯେ ନାହିଁ ଭାଇ, ଜମିଦାରଙ୍କର ଅବା ଦୋଷ କଣ ? ଜମିଦାର ଏ କାମ ନ କରିଥିଲେ ଇଂରେଜ ନିଜେ ଏ ସବୁ କରିଥାନ୍ତେ । ସେମାନେ ତ ସିଧା ବନ୍ଧୁକ ଗୁଳିରେ ଆମର ଶୀକାର କରିଥାନ୍ତେ । ଆମ ଝିଅବୋହୁଙ୍କ ଇଜ୍ଜତ ଲୁଟିଥାନ୍ତେ ଓ ବାଟରେ ଲଙ୍ଗଳାକରି ଛାଡି ଦେଇଥାନ୍ତେ । ସେ ସବୁ ପରିସ୍ଥିତିଠାରୁ ଏ ତ ଶତଗୁଣରେ ଭଲ। ଏମାନଙ୍କ ଭାଷା ଭାବ ଆମ ସହ ପରିଚିତ । ଯେମିତି ହୁଅନ୍ତୁ, ହେଲେ ତ ଆମର ଲୋକ । ଦରକାର ବେଳେ ଆମେ ତାଙ୍କୁହିଁ ନେହୁରା ହେଉଥିଲୁ । ସେ ଦୟାକରି ସାହାଯ୍ୟ ମଧ୍ୟ କରୁଥିଲେ । କାହା ଝିଅ ବାହାଘର ହେଉ କି କାହା ଘରେ ପୂଜାପାର୍ବଣ ହେଉ, ଜମିଦାର କମ ବହୁତ ସାହାଯ୍ୟ ନିଶ୍ଚୟ କରିଛନ୍ତି । କିଏ ରୋଗରେ ପଡିଲେ ଔଷଧ ଖାଇବାର ପଇସା ମଧ୍ୟ ଜମିଦାର ହିଁ ଦେଇଛନ୍ତି ।

ଇଂରେଜ ତ ବେପାର କରିବାପାଇଁ ଆସିଥିଲେ ଭୀକାରି ଗୁଡିକ, ଆମକୁ ଶୋଷଣ କରି ସେଠ ପାଲଟିଗଲେ । ଆମ ଜମିଦାରମାନଙ୍କର ଦଶା ଦେଖ, ଇଂରେଜ ଗଲେ ତେବେ ଏମାନଙ୍କୁ ଅଲୋଡା କରି ଚାଲିଗଲେ । ଜମିଦାରୀ ସଂପୂର୍ଣ୍ଣ ଲୋପ ପାଇଗଲାଣି । ବାପୁଙ୍କର ରାମରାଜ୍ୟର ଭାରତରେ ସମସ୍ତେ ପରା ସମାନ । ନା କେହି ଧନୀ ରହିବ ନା ଗରିବ । ନା ଜାତି ନା ଧର୍ମ । ନା ଉଚ୍ଚ ନା ନିଚ । ସମସ୍ତଙ୍କୁ ମିଳିବ ସମାନ ଅଧୀକାର । ଏଣୁ ଏବେଠାରୁ ଜମିଦାରମାନେ ଏ କଥା ବୁଝି ରୂପ, ରଙ୍ଗ ଓ ଢଙ୍ଗ ବଦଳାଇବାକୁ ବସିଲେଣି ।

ଯାହାହେଉ, ଜେମାଙ୍କର ଜନ୍ମହିଁ ଏ ସବୁ ଶୁଭାଶୁଭର ଅୟମାରମ୍ଭ । କେତେ ସୌଭାଗ୍ୟବତୀ ଏ ରାଜକନ୍ୟା । ରୂପ ଯେମିତି ଭାଗ୍ୟ ମଧ୍ୟ ସେମିତି । ନିଜପାଇଁ ସେ ଯେମିତି ଜିଇଁବାପାଇଁ

ଏ ସଂସାରକୁ ଆସିନାହାଁନ୍ତି । ଅନ୍ୟର ଦୁଃଖ ଦୂର କରିବାପାଇଁ ଯେମିତି ତାଙ୍କର ହୋଇଛି ଆବିର୍ଭାବ ।

କେହି କେହି କହିଲେ ଯେ, ସେ ମଲ୍ଲୀକ ଘର ଠାକୁରାଣୀ ସେଦିନପରା କହିଥିଲେ ଯେ ଜମିଦାରଙ୍କର ଜମିଦାରୀ ସରିବାର ବେଳ ଆସିଲା । ତେବେ ସେ ପରିବାରକୁ ମୁଁ ଆସୁଛି ସମସ୍ତଙ୍କର କଲ୍ୟାଣ ପାଇଁ । ଜମିଦାରୀ ଯିବ ତେବେ ମୋର ଭକ୍ତଙ୍କର ମୁଁ ଉଦ୍ଧାର କରିବାକୁ ଆସିବି ।

ହଁ, ସତକଥା । ଆମଜେମାର ଯେଉଁ ରୂପ, ଯେଉଁ ତେଜ । ସାକ୍ଷାତ ଯେମିତି ମାଆ ଭଗବତୀ ଆସିଛନ୍ତି । ସେ ହିଁ ଏ ଇଂରେଜମାନଙ୍କୁ ପରା ଏ ଦେଶରୁ ତଡିଲେ । ଗାଁର ବୁଢାବୁଢୀ ଓ ଅପାଠୁଆ, ଅଧାପାଠୁଆ ଲୋକମାନଙ୍କର କଥା ହୁଏତ ସେ ଗାଁର କଛି ପାଠୁଆଙ୍କୁ ଭଲ ଲାଗି ନଥିବ ତେବେ ବହୁପର୍ଷପରେ ଯେ ଜଣେ ସୁନ୍ଦରୀ କନ୍ୟା ସାଆନ୍ତ ଜମିଦାର ବଂଶରେ ଜନ୍ମନେଇଛନ୍ତି ଏହା ସମସ୍ତେ ସ୍ୱୀକାର କରିବାକୁ ବାଧ । ଏହାଛଡା ସାଆନ୍ତ ଜମିଦାରମାନେ ଯେ ଏବେ ସାଧାରଣ ମଣିଷ ପାଲଟିବାରେ ଲାଗିଛନ୍ତି ଏ କଥା ମଧ ସତ୍ୟ ।

ଅଧକ୍ଷ, ଝାଡେଶ୍ୱର ଇଣ୍ଟର ନେସନାଲ ସ୍କୁଲ,
ବାଲେଶ୍ୱର-୧

# ଶୋଭ୍ ଓ ଅଶୋଭ୍



ଜୟ କୁମାର ମିଶ୍ର

ଶୋଭ୍ ଓ ଅଶୋଭ୍, ଦୁଇ ଗୋଟି ଦିଗ
ଚନ୍ତା ଓ ଚେତନା ଟିର,
ଗୋଟିଏ ବିଷୟ, ଦୁଇ ଗୋଟି ମନ
ଦିଏ ଭିନ୍ନ ଭିନ୍ନ ସ୍ୱର ॥(1)
ଆପଣାକୁ ଯାହା, ଲ୍‌ଗୁ ଥାଏ ଭଲ
ଅନ୍ୟକୁ ଲ୍‌ଗେନ ତାହା,
ଇଚ୍ଛା, ବିବେକଟି, ଗ୍‌ମେନ୍ଥନ ଘଟି
ଦେଉ ଥାଏ କେତେ ଗ୍‌ହା ॥(2)
ସମାଜର ଆଖ୍, ଦିବ୍ୟ ଦୃଷ୍ଟି ଯୋଖ୍
କରଇ ବିଗ୍ଚର ତାର,
ଆଗରେ ନହେଲେ, ପଛେ କହି ଦିଏ
ଅସଲ ସ୍ୱରୂପ ଗିର ॥(3)
ସମାଜ, ସମୟ, କରି ମନ ଥୟ
କରଇ ବିଗ୍ଚର ନତି,
କାଳ କାଳ ଧରି, କଥାକୁ ବିଗ୍ଚରି
କହେ ଭଲ ମନ୍ଦ ସ୍ଥିତି ॥(4)
କହିଦେବା ପର୍, ଶସତା ପସର୍
ନାକ ଟେକ ଟେକ ଭ୍‌ଷା,
କାମରେ କରିବା, କରି ଦେଖାଇବା
ସେ ପର୍ ବଡ଼ ତପସ୍ୟା ॥(5)
ସଂସାରରେ ଘର, ଷଡ ରିପୁ ବୀର
ଆଜିର କୁଟୁମ୍ବ ମନ,

ସରଳଆ ଚଉ, ମନ ବିଗଳତ
ଘୋଡା ପରି ଛୁଟେ ଧ୍ୟାନ ॥(6)
ଅବିବେକୀ ମନ, ଅନୁଭୂତି ହୀନ
ଟେକ ଟାଣ କଥା କହେ,
ପର ଖୁଣ ଗୁଣ, କହେ ପୁଣ ପୁଣ
ସତେ ଏକା ସାଧୁ ସିଏ ॥(7)
ଲକ୍ଷ୍ମଣ ରେଖାର, ଗାର ଡେଇଁବେନ
କେହି ଜଣେ ଅବା ତାର,
ଯଦି ଡେଇଁ ଗଲେ, ଯୁଗ ପାଇଁ କଲେ
ଆଧୁନିକତାର ବର ॥(8)
ଲେଉଟା ଚକୁଳ ସରୁ ହୋଇଗଲେ
କୁହନ୍ତି ଚକୁଳ ତାକୁ,
ମୋଟା ହୋଇ, ଗଲେ ଏକାତୁଣ୍ଡ କହେ
ଚତଉ ବୋଲିବେ ୟାକୁ ॥(9)
ଲଘା, ପଘା ନାହିଁ, କହି ଦେଉ ଥାଇ
ହୋଇ ବଡ଼ ପାରିବାର,
ନଜରତ ଶୋଭି, ଅନ୍ୟର ଅଶୋଭି
ଭଲ ମନ୍ଦ କାରବାର ॥(10)
ସଲ୍ଲଜ ମୁଖରେ, ଭାଷା ସ୍ରୋତ ଝରେ
ଆପଣା  ପ୍ରଶଂସା କଡା,
ନିର୍ଲଜ ମୁହଁଟି, ସେହି କଥା ପାଇଁ
(କହେ )ଜାତି, ନୀତି, ଧର୍ମ ଛଡା ॥(11

ଗ୍ରାମ-ବୁଦୁର୍, ଜିଲ୍ଲା-ଗଜପତି

# ଅଗଷ୍ଟ ପନ୍ଦର



ନରେନ୍ଦ୍ର ପ୍ରସାଦ ବେହେରା

ଆସିଛିରେ ଆଜି       ଅଗଷ୍ଟ ପନ୍ଦର
 ସଭିଙ୍କୁ ଦେବାକୁ ଖୁସି
କେତେ ବୀରଯୋଦ୍ଧା     ଏଥିପାଇଁ ଦିନେ
 ହୋଇଲେ ଶ୍ମଶାନ ବାସୀ   ।୧।

ଇଂରେଜ ଗୁଳରେ       ପ୍ରାଣବଳ ଦେଇ
 କରିଲେ ଦେଶକୁ ମୁକ୍ତି
ସେଥିପାଇଁ ଆଜି       ଅଗଷ୍ଟ ପନ୍ଦରେ
 ଦେଶବାସୀ କରୁ ସ୍ତୁତି   ।୨।

ଗୁଣାବଳୀ ତାଙ୍କ       ଗାନ କରିବାକୁ
 ନାହିଁ ଆମ୍ଭ ପାଶେ ଭାଷା
କ କହିବି ମୁହିଁ       ମନବଳୁ ନାହିଁ
 ପଡିଛି ଆଜି ଦୁର୍ଦ୍ଦଶା   ।୩।

ସୁଖ ଆଜି ଆମ୍ଭ       ଛଡାଇ ନେଇଛି
 ଅବେଳରେ ମହାମାରୀ
ବିରସ ମନରେ       ଘରେ ଆମ୍ଭେ ବନ୍ଦୀ
 ଦାଣ୍ଡରେ ଦେଖି ଭଗାରୀ   ।୪।

ସ୍ୱାଧୀନେ ପାଳନ        କରିପାରୁ ନାହୁଁ
ଅଗଷ୍ଟ ପନ୍ଦର ଆଜି
ପୂଜା ପାର୍ବଣ ତ         ଆଗକୁ ଆସୁଛି
ଶୁଭୁ ନାହିଁ ଡାକବାଜି   ।୫ ।

ମନେପଡେ ଆଜି       ବାପୁଙ୍କର କଥା
ଆସିଲେ ଆଜିର ଦିନ
ଏଡେ ଅମାନଆ      ହେଲୁ କାହିଁ ପାଇଁ
କରିଲୁ ଆମ୍ଭଙ୍କୁ ଭିନ୍ନ   ।୬ ।

କୁହ ମହାପ୍ରଭୁ        କ ଦୋଷ ତୁମ୍ଭର
କରିଲ୍ ଏ ଦେଶବାସୀ
ଅଗଷ୍ଟ ପନ୍ଦର       ସ୍ୱାଦ ଗ୍ଭଖିବାକୁ
ଛଡାଇ ନେଲୁ ତୁ ଖୁସି   ।୭ ।

ପୂର୍ବ ପୁରୁଷଙ୍କୁ        ମନେଥିବୁ ରଖି
ଜନ୍ମଠାରୁ ମୃତ୍ୟୁ ଯାଏ
ରଖିବେନ ମନେ    ଆଜି କେହି ତୋତେ
ସଭିଏଁ ଯେ  ଦୁଃଖ ପାଏ   ।୮ ।

କହ ଚକାଡୋଳା      କ ଲ୍ଭ ପାଇଲୁ
ଛଡାଇ ନେଇ ଖୁସିକୁ
କେଡେ ହରସରେ      ପାଳଥାନ୍ତୁ ଆମ୍ଭେ
ଆଜିର ଏହି ଦିନକୁ   ।୯ ।

ଆଜି ଗଲେ କାଲି ନଥିବ ଜୀବନ
ପାରିବ କଏ ତା କହି
ଦିନପରେ ରାତି ଆସେ ଆମ୍ଭ ପାଇଁ
ଲେଖିଅଛି ଯାହା ବିହି ।୧୦ ।

ଜନମ ଦେଇଣ ମହାପୂଣ୍ୟ କଲୁ
ମାରିଲୁ ନାହିଁ ହାତରେ
ମହାମାରୀ ଡା ଭିତରେ ମାରିଲୁ
ଦୟାନାହିଁ ତୋ ମନରେ ।୧ ।

କରୁଛି ପ୍ରାର୍ଥନା ଜାଣୁ ଏ ଜଗତ
ଆଗକୁ ଅଛି ପାର୍ବଣ
କରିବୁନ ଅବ ହେଳା ଏ ଦେଶକୁ
କରୁଛି ତୋତେ ଜଣାଣ ।୧୨ ।

ଆର ବରଷକୁ ଅଗଷ୍ଟ ପନ୍ଦର
ଭରିଣ ଦେବୁ ଆଖିରେ
ଜୀବନ ନେବୁନ ମାଡୁଆ ଠାକୁର
ରହିଛୁ ଯେବେ ପୁରୀରେ ।୧୩ ।

ଦୁଃଖ ଦେଇଗଲୁ ଦରଦୀ ବନ୍ଧୁରେ
ମନଉଣା ହେଲା ମୋର
ତୋପରି ଠାକୁର ପୁରୀଧାମେ ଥାଇ
ନଷ୍ଟ ଅଗଷ୍ଟ ପନ୍ଦର ।୧୪ ।

ଆଳଦା, ଖଇରା, ବାଲେଶ୍ୱର

# କେଉଁ ଦିଅଁ ଆଉ



ରାଜକଶୋର ସାଇଁ

ଆହେ ଚକାଡୋଳା
ଦେଖିବାକୁ ମନ ତୋର ଆଡପ ମେଳା
ବାର ମାସେ ତେର ଯାତ
ଧନ୍ୟ ତୋର ଶିରୀକ୍ଷେତ
ଘୋଷ ଯାତର୍ ତୋର କ ଅପୂର୍ବ ଲୀଳା ।୧ ।

ଗଡି ଯାଏ ବଡ ଦାଣ୍ଡରେ ରଥ ତୋହର
ତୋ ବିନା ଖାଲି ମନ୍ଦିର
ଜଗାରେ ତୋର ମାଉସୀ ଘର ଭାରି ଆଦର
ପୋଡ ପିଠା ଖିରୀ ସାକର
ସୁନା ବେଶ ତୋ ଭକ୍ତଙ୍କୁ କରେ ବାଉଳା ।୨ ।

ବିଜେ କରୁ ରେ ନନ୍ଦିଘୋଷରେ ପହଣ୍ଡି କରି
ବାମନ ବେଶକୁ ଧରି
ଭବ ସାଗରୁ ତୋର ଶ୍ରଦ୍ଧାଳୁ ଯାଆନ୍ତି ତରି
ରଥେ ଦରଶନ କରି
ଭକ୍ତ ନଅନ ପିତୁଳା ତୁ ନନ୍ଦବଳା ।୩ ।

ତୁ ପର୍ ଫେରୁ ମାଉସୀ ଘରୁ ନ ଦିନ ରହି
ଭାଇ ଭଉଣୀଙ୍କୁ ନେଇ
ମଉନ ହୋଇ ଭେଳକ ତୁହି ଲଗାଇ ଦେଇ
ଭକତଙ୍କୁ କରୁ ବାଇ
କହ କେଉଁ ଦିଅଁ ଆଉ ତୋ ପରି ଭଲ୍ ।୪।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# କଇଁ



ଝରଣା ବାରିକ

ବିରଞ୍ଚି ବାବୁ ଗୋଟିଏ ଗାଇ ରଖିଥିଲେ । ତାର ନାଁ କଇଁ। କଇଁ ସବୁଦିନ ଜଙ୍ଗଲ କୁ ଚରିବାକୁ ଯାଏ। ସନ୍ଧ୍ୟା ହେବା ପୂର୍ବରୁ ଘରକୁ ଫେରିଆସେ। ସେଦିନ କଣ ହେଲା କେଜାଣି ସନ୍ଧ୍ୟା ହେଇଗଲା କନ୍ତୁ କଇଁ ଆଉ ଜଙ୍ଗଲ ରୁ ଫେରିଲା ନାହିଁ। ବିରଞ୍ଚି ବାବୁ ଭାରି ବ୍ୟସ୍ତ ହୋଇ ପଡିଲେ। ସାଙ୍ଗରେ ପଡିଶା ଘରର ଦୁଇଜଣଙ୍କୁ ନେଇ ଖୋଜିବା ପାଇଁ ବାହାରିଗଲେ। କଇଁ ଭାରି ବୁଦ୍ଧିଆ। ଯେତେ ଦୂରରେ ଥିଲେ ବି କଇଁ କଇଁ ଡାକ ଦେଲେ ହମ୍ବା ହମ୍ବା ରଡି କରି ପାଖକୁ ଦୌଡି ଆସେ। ବିରଞ୍ଚି ବାବୁ ଡାକ ଡାକ ଜଙ୍ଗଲ ଭିତରକୁ ଗଲେ। କଇଁ କାନ ଡେରି ଡାକ ଶୁଣିଲା। ଜୋରରେ ହମ୍ବା ହମ୍ବା କରି ରଡି ଛାଡ଼ିଲା। କନ୍ତୁ ପାଖକୁ ଆସିଲା ନାହିଁ। ଜଙ୍ଗଲରେ ଥିବା ଗୋଟିଏ ଲତା ତା ଦେହରେ ଗୁଡେଇ ହୋଇ ରହିଥିଲା । ହମ୍ବା ରଡି ଶୁଭୁଥିବା ଦିଗ ଆଡେ ବିରଞ୍ଚି ବାବୁ ଆଗେଇ ଗ୍ଲଲେ । କଇଁ କୁ ସେଠାରେ ପାଇ ଲତାକୁ କାଟିଦେଲେ। କଇଁ କୁ ନେଇ ଘରକୁ ଫେରିଲେ।

କଇଁ ତା ଛୁଆ ସହିତ ଭାରି ଖୁସିରେ ଥାଏ। କଇଁ ତାଙ୍କ ଘରେ ଜଣେ ସଦସ୍ୟ ଭଳି ରହିଥାଏ। ତାକୁ ସମସ୍ତେ ଭଲ ପାଆନ୍ତି। ଧିରେ ଧିରେ କଇଁ ବୁଢ଼ୀ ହେଇଗଲା। ତା ଛୁଆ କୁ କହିଲା ଦେଖ ଝିଅ ମୁଁ ଏବେ ବୁଢ଼ୀ ହେଇ ଗଲିଣି କେତେବେଳେ ମରିଯିବି। ତୁ କନ୍ତୁ ମୋ କଥା ମାନବୁ ମାଲିକଙ୍କ କଥା ମାନ ଚଳବୁ। ଯମା ଦୁଷ୍ଟ ହେବୁ ନାହିଁ। ମାଲିକ ମାଲିକାଣି ବହୁତ ଭଲ । ଦେଖୁନୁ ମୁଁ ବୁଢ଼ୀ ହେଲିଣି ଆଉ କ୍ଷୀର ଦେଉନାହିଁ ତଥାପି କେମିତି ସେମାନେ ମତେ ଏତେ ଆଦର ଯତ୍ନ କରୁଛନ୍ତି। ଏ କଥା ଶୁଣି ଛୁଆ ଟି ତାର କାନ୍ଦି ପକେଇଲା। କହିଲା ତୁ ସେମିତି କହନା ମାଆ ତୁ ମୋ ପାଖରେ ସବୁବେଳେ ଏମିତି ରହିଥିବୁ। ତାପର ଦିନ କଛି ଲୋକ ଆସି କଇଁ କୁ ଦେଖୁଥିଲେ । ତାଙ୍କ ଭିତରେ କଥା ହେଉଥିଲେ ବୁଢ଼ୀ ଟା କେତେ ହେବ । ଏଇ କଥା ଶୁଣି ମାଲିକ କହିଲେ ତମ ଇଛା ଯାହା

ଦେବ ମୁଁ କଛି କହିବିନ। ଦରଦାମ ଛିଡେଇ ସେମାନେ ଚ଼ାଲିଗଲେ। ତହିଁ ଆରଦିନ ଆସି କଇଁ କୁ ନେବେ ବୋଲି କହିଗଲେ।

ସେଦିନ ରାତିରେ କଇଁ ବହୁତ କାନ୍ଦିଲା ତା ଛୁଆ ବି କାନ୍ଦିଲା। ରାତି ସାରା ଶୋଇ ପାରିଲେ ନାହିଁ କଇଁ ଆଉ ତା ଛୁଆ। ସକାଳୁ ସକାଳୁ କଇଁ କୁ ନେବା ପାଇଁ ସେମାନେ ଆସି ପହଁଚଲେ। କଇଁ କୁ ଖୁଣ୍ଟ ରୁ ଫିଟେଇଲା ପରେ ବିରଞ୍ଚି ବାବୁଙ୍କ ପାଖକୁ ଦୌଡି ଗଲା କଇଁ ତାଙ୍କ ଦେହ ସାରା ଚାଟି ପକେଇ କେତେ କ'ଣ କହି ଯାଉଥାଏ ଯେମିତି। ତା ଛୁଆ ବି ଦଉଡି ଛିଣ୍ଡାଇ ତା ମାଆ କୁ ଯାଇ ଯେମିତି କହି ଯାଉଥିଲା ମାଆ ତୁ ମତେ ଏକା ଛାଡି ତୁ ଯାଇନ ମାଆ । ତୁ ଗଲାପରେ ମୋତେ କଥା କଏ ବୁଝିବ କହିଲୁ। ଏମିତି ଦୃଶ୍ୟ ଦେଖି ସମସ୍ତ ଙ୍କ ଆଖିରେ ଲୁହ ଜକେଇ ଆସୁଥିଲା। ବିରଞ୍ଚି ବାବୁଙ୍କ ନାତି ଆସି କହିଲା ଜେଜେ ବାପା ତମେ କଇଁ କୁ ବିକ୍ରି କର ନାହିଁ । ତାକୁ ବିକ୍ରି କରିଦେଲେ ତା ଛୁଆ ବହୁତ କାନ୍ଦିବ। ବିରଞ୍ଚି ବାବୁ କହିଲେ ସିଏ ବୁଢ଼ୀ ହେଲାଣି ତାକୁ ରଖି ଲାଭ କ'ଣ। ନାତି ଟୋକା ଭାରି ଚ଼ାଲାକ ସାଙ୍ଗେ ସାଙ୍ଗେ କହିଲା ଆଚ୍ଛା ଜେଜେ ବାପା ଜେଜେମା ତ ବୁଢୀ ହେଲାଣି ତାକୁ କାହିଁକି ରଖିଛ । ତାକୁ ବିକ୍ରି କରି ଆଉ ଗୋଟିଏ ଜେଜେମା ଆଣୁନ। ଜେଜେ ବାପା ରାଗିଗଲେ ଓ କହିଲେ ତୁମ ମାନଂକ ର ସିଏ କେତେ କଣ କରିଛି ତାକୁ ଏମିତି କହିବାକୁ ତୋର ସାହାସ ହେଲା କେମିତି। ନାତି ବି କହିଲା ଏ କଇଁ ଆମର କଣ ନ କରିଛି। କେତେ କଷ୍ଟ ସହି ପିଲା ଜନ୍ମ କରୁଛି । ତା ପିଲା କୁ କ୍ଷୀର ନ ଦେଇ ଆମକୁ କ୍ଷୀର ଦେଉଛି। ଆମେ ତା ପାଇଁ କଣ କରିଛୁ। ପଶୁ ବୋଲି ସେ ଆମକୁ କଛି କହି ପାରୁନାହିଁ। ସେଥିପାଇଁ ଆମେ ତାକୁ ଯାହା ଦଣ୍ଡ ଦେଉଛୁ ସେ ସହି ଯାଉଛି। ତା ଯାଗାରେ ରହି ଟିକେ ଭାବିଲ::::?

ବିରଞ୍ଚି ବାବୁ ଏଥର ବୁଝି ପାରିଲେ। ବେପାରୀ ମାନଙ୍କୁ ତାଙ୍କ ପଇସା ଫେରେଇ ଦେଲେ । କଇଁ କୁ ଆଉ କେବେ ବିକ୍ରି କରିବେ ନାହିଁ ବୋଲି କହିଲେ। କଇଁ ଓ ତା ଛୁଆ ଭାରି ଖୁସି ହେଲେ। ପୁଣି ସାଙ୍ଗ ହୋଇ ଗୁହାଳ କୁ ଫେରିଗଲେ।

ସମଲ, ତାଳଚେର, ଅନୁଗୋଳ

# ଜଗନ୍ନାଥ



ତ୍ରିପତି ପ୍ରଧାନ

ରତ୍ନ ବେଦୀ ଛାଡି କାଳଆ
ସ୍ନାନ ପଣ୍ଡାପେ ଆସି
ରହି ଭଗ୍ନୀ ଭାଇ ସହିତ
ମନେ ହେଉଛୁ ଖୁସି (୧)
ରଚଛୁ କମାୟା ମାୟାବି
ନର ଜାଣିବ କାହିଁ
ରହିଣ ଜଗତ ମାୟାରେ
ମାୟେ ହେଇଛୁ ବାଇ (୨)
ରହିବୁ ତୁ ଅଣସରରେ
ଜ୍ୱର ଆସିବ ସତେ
ରଖିଛୁ କ ଗୃହ ବନ୍ଦୀରେ
ତୋତେ ନାହିଁ ପରତେ (୩)
ଦଗା ଦିଆ ତୁହି ଠାକୁର
ହୁରି ଅଛି ମହୀରେ
ଦଗା ଦେଇ ମାତା ସୀତାଙ୍କୁ
ଛାଡି ଥିଲୁ ବନରେ (୪)
ବୃନ୍ଦାବତୀ ସତୀ ହରିଲୁ
ସ୍ୱାମୀ ରୂପେତା ଆସି
ବଳୀକୁ ପାତାଳେ ଗୁପିଲୁ
ହୋଇ ବାବନ ବେଶୀ (୫)
ଗୋପରେ ନାଟୁଆ ବୋଲିଣ

ବାଜୁ ଥିଲ୍ ନାଗର୍
ଗୋପୀ ଗୋପାଳୁଣୀ ଠକଣ
ଗମିଥିଲୁ ମଥୁର୍ (୬)
ଶୁଣିଛି କକୁଆ ଭୟକୁ
ସୃଷ୍ଟି ଦ୍ୱାପର ଯୁଗେ
ଶମନ ପୁରକୁ ପେଶୀଲୁ
ଯଦୁ ବଂଶ ସରବେ (୭)
ତୋ ଯାତ ଭକତ ନ ଥାଇ
ଇତିହାସ ରଚବ
ତୋତେ ଚର୍ମ ନେନ୍ରେ ନ ଦେଖି
ପାପୀ କାହିଁ ତରିବ (୮)
ଦୁଃଖ ହର ନାଥ ଜଗତ
ପଦେ ମାଗଇ ଭିକ
ଦୁଃଖହାରି ନାମ ତୋହର
ପ୍ରଭୁ କର ସାର୍ଥକ (୯)
ଗଜବେଶେ ଡାକ ନହେଲ୍
ଡାକବୁ ତୁ ଘୋଷରେ
ଗମିବି ଦଉଡି ଧରିଣ
ତୋର ବଡ ଦାଣ୍ଡରେ (୧୦)

ସଂସ୍କୃତ ଶିକ୍ଷକ, ଚକଟି

# ସୁନାବୋହୂ



ବିଜୟ କୁମାର ସାହୁ

ଯେତେ ବୋହୂ ଥିଲେ କଣ ହେବ ପୁଣି
ସୁନା ବୋହୂଟିଏ ସାର
ବୋହୂଗୁଣୀ ନୁହେଁ ଗୁଜଗୁଣୀ ସେ ଯେ
ଗୃହଲକ୍ଷ୍ମୀ ସେ ଗୃହର ॥୧

ପାହାନ୍ତାରୁ ଉଠି ଘର ଝାଡୁ କରେ
ଶାଶୂକୁ ନଦିଏ ଖଡିକା
ସ୍ନାନ ଶୌଚ ସାରି ପ୍ରଣତି ଜଣାଏ
ଶାଶୁ ଶ୍ୱଶୁର ପତି ଦେବତା ॥୨

ଯାଆ ଦେଢଶୁର ନଣନ୍ଦ ଦିଅର
ଥିବେ ଯେତେ ପରିଜନେ
ସମସ୍ତଙ୍କ ମନ ଜାଣି ସୁନାବୋହୂ
ସେବା କରେ ବିନା ଦ୍ୱିଧାରେ ॥୩

ସାଇ ପଡିଶାର ଗୁରୁଜନମାନେ
ପ୍ରଶଂସା କରନ୍ତି ବୋହୂର
ପରସ୍ପର କଥା ହୋଇ କୁହନ୍ତି ସେ
ଅମୁକ ବୋହୂଟି ସୁନ୍ଦର ॥୪

ସଞ୍ଜ ହେଲେ ପୁଣି ଚଉରା ମୂଳରେ
ସଞ୍ଜବତୀଟିଏ ଜଳାଏ

ଭାଗବତ ଅଧ୍ୟାୟେ ପାଠ କରି ବୋହୂ
ସମସ୍ତଙ୍କ ଶୁଭ ମଆସେ ॥୫

ସମସ୍ତଙ୍କୁ ବୋହୂ ଅନ୍ନ ପରସଇ
ସତେକ ଅନ୍ନପୂର୍ଣ୍ଣା
ତା ହସ୍ତ ରନ୍ଧଣା ଭୋଜନ କରିଣ
ତୃପ୍ତି ହୁଅଇ ଆତ୍ମା ॥୬

ସକାଳୁ ପହରୁ ରାତି ପର୍ଯ୍ୟନ୍ତ
ସାରା ଘର କାର୍ଯ୍ୟ କରେ
ଅଳସତା ପୂର୍ଣ୍ଣ ଜୀବନ ନୁହଁଇ
ସଦା ପ୍ରଫୁଲ୍ଲିତା ସିଏ ॥୭

ବିପଦ ପଡିଲେ ସାହସ ଦିଅଇ
ଇଚ୍ଛାମୟଙ୍କର ଇଚ୍ଛା
ଠାକୁର ଆମର ପ୍ରତି ମୁହୂର୍ତ୍ତରେ
ହୋଇବେ ଆମରି ସାହା ॥୮

ପ୍ରୀତିପୂର୍ଣ୍ଣ ବାକ୍ୟ କହି ସବୁ ମନ
ଜିଣଇ ବୋହୂ ଆମର
ସ୍ୱାମୀ କୋଳେ ଥିଲେମିଳେ ତାକୁ ପରା
ଅସରନ୍ତି ସ୍ୱର୍ଗ ସୁଖ ॥୯

ଏତିକି ଶିଖିଛି ପରପାଇଁ ତାର
ଜିଇଁବାର ଅଭିଳାସ
ଜନକ ଦୁଲାରୀ ସୀତା ପରି ଦିନେ
ରଖିଯିବ ତା ସ୍ୱାକ୍ଷର ॥୧୦

ଜୀବନ ତ ତାହା ଉଠାଣି ଗଡାଣି
ଋତୁ ପରି ପରିବର୍ତ୍ତନ
ସବୁଥିରେ ଥାଇ ପଦ୍ମ ପତ୍ର ପରି
ଜୀବନ ତା ଚଳଚଞ୍ଚଳ ॥୧୧

ଉଗ୍ର ଆଧୁନିକା ନା ହୋଇ ବୋହୂଟି
ସଂସ୍କୃତି ଓ ପରମ୍ପରା
ମାନ ଚଳୁଥାଏ ପରିବାରରେ ସେ
ଧନ୍ୟ ତାହାର ମହିମା ॥୧୨

ଅନ୍ୟାୟ ଅନୀତି ଦେଖିଲେ ସେ ପୁଣି
ହୃଦୟ ପାଷାଣ ହୁଏ
ପ୍ରୀତି ସଉଦ୍ରରେ ବୁଡାଇ ଦେଇଣ
ଆଶ୍ୱସ୍ତି ଫେରାଇ ଆଣେ ॥୧୩

ସୁନାନାକୀ ବୋହୂ ଅଭିନୟ କରେ
ଜାୟା ଭଗ୍ନୀ ମାଆ ରୂପେ
ସତୀ ସାବିତ୍ରୀ ସେ ବାରଓଷା କରେ
ସବୁରି ମଙ୍ଗଳ କରେ ॥୧୪

ବିଜିଗୋଲ, ଏନ ଟି ପିସି, ଅନୁଗୋଳ

# ପ୍ରତାରଣା



ଚୈତନ୍ୟ ବାଗ

କ ଲ୍ଭ ପାଇଁ କ କରିଲୁ ମୋ ସାଥେ ତୁ ଏମିତି ପ୍ରତାରଣା,
ମୋ ଜୀବନ ରୁ ଶୁଖାଇ ଦେଲୁ, ହସ ଖୁସି ର ଝରଣା ||
ବିଶ୍ଵାସ ରେ ବିଷ ଭରିଲୁ ମୋ ଜୀବନ ଚଲ୍ପଥେ,
ଏକା କରି ଛାଡି ଗ୍ଲିଗଲୁ
ଲୁହ ଦେଇ ମୋର ହସ୍ତେ ||
ପ୍ରେମର ପ୍ରଦୀପ ଜଳାଇ ଜୀବନେ
ଦେଖାଇ କେତେ ମିଛ ସ୍ଵପ୍ନ,
ମିଛ ଅଭିନୟ କୁ ବୁଝି ପାରିଲିନ
ଦିନ ରେ ଦେଖାଇ ଦେଲୁ ପୁନେଇଁ ଜହ୍ନ ||
ମିଠା କଥା କହି ଅଭିନୟେ ଛନ୍ଦି
ତୋଳ ଥିଲୁ ବାଲି ଘର,
ସମୟ ସ୍ରୋତରେ ଋତୁ ପରି ବଦଳଲୁ
କରି ଦେଲୁ ଯାଯାବର ||
ପ୍ରେମରେ ପାଗଳ ଥିଲି ବୋଲି ସିନା
ବୁଝିପାରିଲିନ ତୋ ପ୍ରେମ ଛଳନା,
ଏବେ ବୁଝି ପାରିଛି ପ୍ରେମ ର ମାନେ,
ଆଉ ହେବି ନାହିଁ କାହାରି ମନ ଭଙ୍ଗା ଖେଳଣା ||

ଚଚଆ, କଳାହାଣ୍ଡି

# ଶାନ୍ତି ନିକେତନ,
# ସତରେ କେତେ ଦୂର?

ପ୍ରିୟବ୍ରତ ପାଣ୍ଡ

ସେ ଦିନ ଥିଲା ଶାନ୍ତି ନିକେତନରେ କୌଣସି ଏକ ଉତ୍ତପ୍ତ ସଂନ୍ଧ୍ୟା । ନାଟ୍ୟ ଭବନର ପ୍ରଶସ୍ତ ହଲ ଲୋକଙ୍କ ସମାଗମରେ କ୍ରମଶଃ ବେଲୁନ୍ ପରି ଫୁଲି ଉଠୁଥିଲା । ଏକାଦିକ୍ରମେ ପାଞ୍ଚହଜାର ଦର୍ଶକ ବସିଲା ଭଳି ବିଶାଳ ଭବନରେ ସମସ୍ତେ ତଳେ ବସିଥିଲେ, ମୁଁ ମଧ୍ୟ ମଝାମଝି ଜାଗାଟିଏ ଦେଖି ବସିଗଲି । ହାଉଯାଉ ହେଉଥିବା ଦର୍ଶକ ମାନଙ୍କ ଚଳଚଞ୍ଚଳ ଗତି, ସେମାନଙ୍କ କଥାବାର୍ତ୍ତା, ପୋଷାକ ଇତ୍ୟାଦି ଷ୍ଟେଜ୍ ତଳର ଡ୍ରାମା ପରି ଲାଗୁଥିଲା । ନିର୍ଦ୍ଦେଶନା, କାହାଣୀ, ସଙ୍ଗୀତ, ବେଶଭୂଷା ଆଦିରେ ବଙ୍ଗାଳ ସଂସ୍କୃତି ଖୁବ ଆଗରେ । ତା ପରେ ପୁଣି ସଂସ୍କୃତିର ପ୍ରାଣକେନ୍ଦ୍ର ଶାନ୍ତି ନିକେତନ ଭିତରେ ଡ୍ରାମା ଉପଭୋଗ୍ୟ ହେବା ସ୍ୱାଭାବିକ । ଡ୍ରାମାର କୌଣସି ଏକ ମଧ୍ୟବର୍ତ୍ତିକାଳୀନ ବିରତି ସମୟରେ ଚାରିପଟେ ଆଖିବୁଲାଇ ନେଲାବେଳେ, ମଣ୍ଡପ ଉପରେ ସିଲିଂରେ ଦୁଇଟି ଡେଣାଲଗା ବିକୃତ ମଣିଷଙ୍କ ପରସ୍ପରକୁ ମୁହାଁଇଥିବା ଛବିଦେଖି କୌତୁହଳୀ ହୋଇଗଲି ।

ପରୀ, ଦେବୀ ବା ଦେବଶିଶୁଙ୍କ ଡେଣା ଥିବା କଥା ଶୁଣିଥିଲି । କିନ୍ତୁ ଏପରି ଦାଢୀବନ୍ତ, ପାକୁଆ, ନାକୁଆ ଓ ଥନ୍ତଲା ପେଟିଆ କଦାକାର ରୂପରେ ଡେଣା ଦୁଇଟି ଲାଗିବା ଅସଙ୍ଗତି ପରି ଲାଗିଲା । ମୋ ପାଖକୁ ଲାଗି ବସିଥିବା ଜଣେ ରସିକ ବନ୍ଧୁଙ୍କୁ ଏକଥା ପଚାରିଲି । ସେ ମୋତେ ଓଡିଆ ବୋଲି ବୁଝିପାରି ଚଟ୍ କରି କହିଲେ – ଏମାନେ ହେଲେ ଗନ୍ଧର୍ବ । ଗନ୍ଧର୍ବ ମାନେ ସବୁବେଳେ କଦାକାର, ବିକଳାଙ୍ଗ ଓ ଅଭିଶପ୍ତ । କିନ୍ତୁ ସେମାନେ ଯେଉଁ ବାଜା ବଜାନ୍ତି, ଗାନ କରନ୍ତି, ତାହା ଚମତ୍କାର । ଅପରପକ୍ଷେ ନର୍ତ୍ତକୀ ଗାୟିକା ବା ଅପସରା ମାନେ ସବୁବେଳେ ସୁନ୍ଦରୀ । ଆମ ପୁରାଣ କହେ ଗନ୍ଧର୍ବମାନେ ହେଲେ ଶାସ୍ତ୍ରୀୟ ସଙ୍ଗୀତର ଆତ୍ମା । ରସିକ ବନ୍ଧୁ ଏଥର ବିରତି ନେଇ ମତେ ପ୍ରଶ୍ନ କଲେ – କହି ପାରିବେ କାହିଁକି ସେମାନଙ୍କ ରୂପଭେକ ଏପରି ହୋଇଛି? ବନ୍ଧୁଙ୍କ ପୁନଶ୍ଚ ଉତ୍ତର ଥିଲା – ଗାନ ବାଦନରେ ସାମାନ୍ୟ ସାମାନ୍ୟ ଭୁଲ ପାଇଁ ଗୁରୁଙ୍କ ଠାରୁ ବିଧା, ଚାପୁଡା ଖାଇଖାଇ ଏପରି ରୂପଭେକ ।

ଓଡିଆ ବନ୍ଧୁଙ୍କ ଏପରି ପ୍ରଗଳଭତା ଦେଖି ମୁଗ୍ଧ ହେଲି, ତେଣିକ ରହସ୍ୟମୟ ଛବିର ଅର୍ଥ ଯାହା ହେଉନା କାହିଁକି।

ମୋର ତମାମ ଶାନ୍ତିନିକେତନ ରହଣି କାଳରେ ଏହି ଓଡିଆ ବନ୍ଧୁ ମୋ ପାଖେ ପାଖେ ଥିଲେ। ଚୀନାଭାଷା ଓ ବୌଦ୍ଧ ଧର୍ମ ଉପରେ ପି.ଏଚ୍.ଡି. କରିବା ପାଇଁ ସେ ସେଠାରେ ଢେର ଦିନ ଧରି ରହୁଥିଲେ। ଶାନ୍ତି ନିକେତନର ଟିକିନିଖି ବିଭାଗ ଅନୁଷ୍ଠାନ ଓ କାର୍ଯ୍ୟକ୍ରମ ଉପରେ ସେ ମତେ ଅବଗତ କରାଇଥିଲେ, ଯାହାକି ଏକ ସୀମିତ କଳେବରରେ ବର୍ଣ୍ଣନା କରିବା ଅସମ୍ଭବ। ତା ସତ୍ତ୍ୱେ ମୁଁ କହିବି, ଏଠାକୁ ବୁଲି ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଶାନ୍ତି ନିକେତନ ଉପରେ ଲିଖିତ ଚଟି ବହିଖଣ୍ଡେ କିଣିନେଲେ, ସବୁକିଛି ବିଭାଗର ଅତୀତ ଓ ବର୍ତ୍ତମାନର ସ୍ପଷ୍ଟ ବିବରଣୀ ପାଇପାରିବେ। କଳା ଭବନ, ସଂଗୀତ ଭବନମ୍, ପଲ୍ଲୀ ସଂଗଠନ, ପଲ୍ଲୀଶିକ୍ଷା, ବିନୟ ଭବନ, ରବୀନ୍ଦ୍ର ଭବନ, ଇତ୍ୟାଦି ପାଖାପାଖି ଚଉଦଟି ଅନୁଷ୍ଠାନକୁ ନେଇ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ। ଶାନ୍ତି ନିକେତନ ଏକ ଆଶ୍ରମ ଯାହାକି ମହର୍ଷି ଦେବେନ୍ଦ୍ରନାଥ ଆରମ୍ଭ କରିଥିଲେ, କିନ୍ତୁ ପରେ ପରେ ପୁତ୍ର ରବୀନ୍ଦ୍ରନାଥ ଏଥିରେ ବିଶ୍ୱଭାରତୀ ଶ୍ରୀନିକେତନ ଆଦି ଯୋଡି ଏହାର କାୟା ଓ ଉଦ୍ଦେଶ୍ୟକୁ ବହୁଗୁଣ କରିଥିଲେ। ଓଡିଆ ବନ୍ଧୁଙ୍କ ବିଶେଷ ଆଗ୍ରହରେ ଚୀନା ଭବନ ବୁଲିଲୁ। ଗୁରୁଦେବ ଚୀନ ଯାଇ ଭାରତ ସହ ସମ୍ପର୍କ ଯୋଡିଥିଲେ ଏବଂ ପ୍ରଫେସର ସିଲଭାନ ଲେଭି ଏଥାରେ ଚୀନା ଭାଷା ଓ ବୌଦ୍ଧ ଦର୍ଶନ ଆରମ୍ଭ କରିଥିଲେ। କିନ୍ତୁ ଭବନ ନିର୍ମାଣ ପାଇଁ ମୂଳ ଉଦ୍ୟୋଗି ଥିଲେ ତାନୟୁନସୁନ୍ ଓ ଆବଶ୍ୟକ ଅର୍ଥ ଯୋଗାଇଥିଲେ ସେ ସମୟର ଚୀନ ରାଷ୍ଟ୍ରପତି ଚଆନ୍-କାଇ-ସେକ୍। ରବୀନ୍ଦ୍ରନାଥ ବ୍ୟକ୍ତିଗତ ଭାବେ ୧୯୩୭ ରେ ଏହାର ଶୁଭାରମ୍ଭ କରିଥିଲେ। ଆଜି ସାରା ଏସିଆରେ ଚୀନ ସାହିତ୍ୟ ଓ ବୌଦ୍ଧ ଦର୍ଶନ ପାଇଁ ସବୁଠୁ ବଡ ପ୍ରଶସ୍ତ କ୍ଷେତ୍ର ହେଉଛି ଚୀନା ଭବନ।

ରାସ୍ତା ଉପରୁ କାଚଘରଟିଏ ଦେଖାଯାଏ, ଯାହାର ନାମ ଧ୍ୟାନ ମନ୍ଦିର। ୧୮୯୧ ମସିହାରେ ମହର୍ଷି ଦେବେନ୍ଦ୍ର ନାଥଙ୍କ ନିର୍ଦ୍ଦେଶରେ ଏହି ଧ୍ୟାନ ମନ୍ଦିର ତିଆରି ହୋଇଥିଲା। କିନ୍ତୁ ବାର୍ଦ୍ଧକ୍ୟ ଯୋଗୁଁ ମହର୍ଷି ଥରେ ମଧ୍ୟ ଏଠାକୁ ଆସିପାରିନଥିଲେ। ଘରର ଚଟାଣଟି ଧଳା ମାର୍ବଲ, ଛାତଟି ଟାଇଲ୍ ଏବଂ କାନ୍ଥଗୁଡିକ ସେ କାଳର ରଙ୍ଗବେରଙ୍ଗୀ ବେଲଜିଅମ୍ ଟାଇଲ୍ ରେ ତିଆରି। ଏହା ଏକ ଶୂନ୍ୟ ମନ୍ଦିର, କୌଣସି ମୂର୍ତ୍ତି ବା ଛବି ନାହିଁ ବା କୌଣସି ନିର୍ଦ୍ଦିଷ୍ଟ

ସଂପ୍ରଦାୟ ପାଇଁ ଉଦ୍ଦିଷ୍ଟ ନୁହେଁ । ଏଠାକୁ ସବୁ ବର୍ଗର ଲୋକଙ୍କ ପ୍ରବେଶ ଥିଲା । କିନ୍ତୁ କିଛି ପଥଚାରୀ କୋଳାହଳ କରି, ପାନଛେପ ପକେଇ, ଗୁଟୁଖା ପାଉଚ ଫୋପାଡି, ପୁଣି ଖଣ୍ଡେ ପଟେ କାଚକୁ ଭାଙ୍ଗିଦେବା କାରଣରୁ ଏହା ଏକ ସର୍ବସାଧାରଣଙ୍କ ପାଇଁ ବନ୍ଦ ହୋଇଗଲା । କେବଳ ସାପ୍ତାହିକ ଛୁଟି ବୁଧବାର ଦିନ ଛାତ୍ରଛାତ୍ରୀମାନେ ସକାଳେ ଏଠାରେ ପ୍ରାର୍ଥନା କରିଥାନ୍ତି । ଏକ ସୁନ୍ଦର ବଗିଚା ଘେରା ସ୍ଥାନରେ ଘରଟି ନିଜେ ଧ୍ୟାନମଗ୍ନ ପରି ଦିଶୁଥାଏ । ତାରି ପାଖରେ ରହିଛି ତାଳଧ୍ୱଜ – ଯାହାକି ତାଳଗଛକୁ କେନ୍ଦ୍ର କରି ଠିଆହୋଇଥିବା ଏକ ନଡାଛପର ଘର । ଶାନ୍ତି ନିକେତନର ଆରମ୍ଭ ଅବସ୍ଥାରେ ତେଗେଶ ଚନ୍ଦ୍ରସେନ୍ ନାମକ ଋଷି ପ୍ରତିମ ଶିକ୍ଷକ ଏଠାରେ ରହୁଥିଲା । ଆଜିକାଲି ଶାନ୍ତି ନିକେତନର ମହିଳାମାନେ ଏଠାରେ ବେଳେବେଳେ ଏକଜୁଟ ହୁଅନ୍ତି – ଯାହାର ରହିଛି କାରୁସଂଘ ।

ତାପରେ ଆମେ ଅଳ୍ପ ଦୂରରେ ଥିବା ମୃଣାଳିନୀ ଆନନ୍ଦ ପାଠଶାଳା ପାଖରେ ଅଟକିଗଲୁ । ମୁଖ୍ୟ ରାସ୍ତାକୁ ଲାଗିକରି ପାଠଶାଳାର ଖେଳ ପଡିଆ, ବାରବେଡ୍ ତାର ଯାହା ସୀମାକୁ ସୂଚାଇ ଦେଉଛି । ପ୍ରଶସ୍ତ ଘାସପଡିଆ ଓ ଆମ୍ରକୁଞ୍ଜରୁ ଦୃଷ୍ଟିପାର ହେଲେ ଯେଉଁ ପୁରୁଣା ଘରଟି ଆଖିରେ ପଡେ ତାହା ଏବେ ନର୍ସରୀ ପିଲାଙ୍କ ପାଠଶାଳା, ତାର ପୂର୍ବନାମ ଥିଲା ଦେହଳୀ । ଗୁରୁଦେବ ରବୀନ୍ଦ୍ରନାଥଙ୍କ ଜୀବନର ଦୁର୍ଭାଗ୍ୟତମ ଦିନ ସବୁ ଏଠାରେ କଟେଇଥିଲେ । ଏ ଘରେ ପୂରା ପରିବାର ଥିବାବେଳେ କବି, ପତ୍ନୀ ମୃଣାଳିନୀ ଦେବୀ (୨୯ ବର୍ଷ) ଙ୍କୁ ହରେଇଥିଲେ । ତା ପର ବର୍ଷ ବଡଝିଅ ରାଣୀ (୧୩ ବର୍ଷ) ର ଅକାଳ ବିୟୋଗ, ତହିଁ ପର ବର୍ଷ ପିତା ଦେବେନ୍ଦ୍ରନାଥଙ୍କ ବିୟୋଗ ଏବଂ ତାର କିଛି ମାସ ପରେ ସାନପୁଅ ସମୀନ୍ଦ୍ରନାଥଙ୍କ ଅକାଳ ମୃତ୍ୟୁ ହୋଇଥିଲା । ଜୀବନର ଏହି ଦାରୁଣ ମୁହୂର୍ତ୍ତରେ କବି ନିଜର ଶ୍ରେଷ୍ଠ କବିତା ସବୁ ଲେଖି ଯାଇଛନ୍ତି । ୧୯୨୨ ରେ ଦେହଳୀ କୁ ଛାଡି କବି ଉତ୍ତରାୟଣକୁ ଚାଲିଗଲେ । ଏହା ପରେ ଢେର ବର୍ଷ ଧରି ଏହି ଘର ବାଳକାମାନଙ୍କ ହଷ୍ଟେଲ୍ ରୂପେ ବ୍ୟବହାର ହେବା ପରେ ୧୯୭୧ ରେ ପତ୍ନୀ ମୃଣାଳିନୀଙ୍କ ନାମାନୁସାରେ ମୃଣାଳିନୀ ପାଠଶାଳା କରି ଦିଆଗଲା ।

ତାରବାଡ ଏପଟେ ରହି କ୍ରୀଡାରତ ମୁକ୍ତ ଶିଶୁମାନଙ୍କୁ ଆମେ ଦେଖୁଥିଲୁ । ସେମାନଙ୍କୁ କୌଣସି ମାଡଗାଳି ବା କଟକଣା ଯୁକ୍ତ କ୍ଲାସ ଘରେ ପାଠ ପଢା ନାହିଁ । ଖେଳରେ ଖେଳରେ ପ୍ରକୃତିରୁ ଶିଖିବା ପାଇଁ ଛାଡି ଦିଆଯାଇଛି । ଗୋଟିଏ ତିରିଶି ଫୁଟ ବ୍ୟାସର

ବାଲିକୁଣ୍ଡ ଭିତରେ ପିଲ୍ମାନେ ମନଇଚ୍ଛା କୁଦୁଥିଲେ, ବାଲିରେ ଘର କରୁଥିଲେ, ଘର ଉପରେ ପତ୍ର ଡାଳ ପୋତି ଗଛ କରୁଥିଲେ, ପୁଣି ସେସବୁ ଭାଙ୍ଗି ପକାଉଥିଲେ। ଜଣେ ଶିକ୍ଷୟିତ୍ରୀ ଘାସ ଗଛଟିଏ ଉପାଡି ତା ତଳେ ଥିବା ସୁବାସିତ କନ୍ଦାଟିକୁ ପିଲ୍ଙ୍କୁ ଦେଖାଉଥିଲେ। ଦୂରକୁ ଲାଗୁଥିଲା ମା କୁକୁଡା ଗ୍ଵରିପଟେ ଡଜନେ ସରିକ କୁକୁଡା ଚିଁଆ ଘେରି ରହିଛନ୍ତି।

ନର୍ସରୀ ପରେ ଦଶମ ଶ୍ରେଣୀଯାଏ ପାଠଭବନ – ଶାନ୍ତି ନିକେତନର ମୌଳିକ ରୀତିନୀତି ଅନୁସାରେ ଗ୍ଵଲିଥାଏ। ସବୁପିଲ୍ ହଷ୍ଟେଲ୍ ରେ ରହିବାକୁ ନିଶ୍ଚିତ । ଭୋର ଛଟା ରୁ ଆମ୍ରକୁଞ୍ଜ ଭିତରେ, ବୃକ୍ଷମୂଳେ ଶିକ୍ଷା ଆରମ୍ଭ ହୋଇଯାଏ। ପୁଅମାନେ ଚପା ଟ୍ରାଉଜର୍ ସାଙ୍ଗକୁ ହଳଦିଆ ରଙ୍ଗର କମିଜ୍, ଝିଅମାନେ ଷଷ୍ଠ ଶ୍ରେଣୀରୁ ଶାଢୀ ଆଉ ବ୍ଲାଉଜ୍ ପିନ୍ଧନ୍ତି। ତାହା ପୁଣି ଖଦିଲୁଗା ଓ ମୋଟା ପନ୍ଥ ଥିବା ଇଷତ୍ ହଳଦିଆ ରଙ୍ଗର। ହଳଦୀ ରଙ୍ଗ ବସନ୍ତ ର ପ୍ରତିକ। ତୀକ୍ଷଣ ଧାର ବା ମୁନ ନ ଥିବା ଗୋଲିଆ ଗୁଡିସବୁ ବିଛାଯାଇଥାଏ, ତା ଉପରେ ଆସନ ପକେଇ ପୁଅଝିଅମାନେ ବସିଯାନ୍ତି। ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସାମାନ୍ୟ ଉଚ୍ଚା ଜାଗାରେ ବା ଚୌକି ପକେଇ ବସିଯାନ୍ତି। କାଠର କଳାପଟା ସେଠାରେ ମହଜୁଦ୍ ଥାଏ। ପକ୍ଷୀଙ୍କ କୂଜନ, ଗୁଣ୍ଡୁଚମୂଷାଙ୍କ ଖେଳ, ପ୍ରଜାପତି ଭଅଁରଙ୍କ ହର୍ଷ ଉଲ୍ଲାସ ଭିତରେ ପାଠପଢା ଗ୍ଵଲେ। ବର୍ଷା ହେଲେ ସେଇ ଆମ୍ରକୁଞ୍ଜ ଭିତରେ ଛାତ ଥିବା ମଞ୍ଚସବୁ ରେ ପିଲ୍ଏ ପାଠ ପଢନ୍ତି। ପ୍ରକୃତି କୋଳରେ ପିଲ୍ଏ ପଢିବେ, କୌଣସି ମାଡଗାଳି ପିଲ୍ଙ୍କୁ ପାଠ ପଢିବା ପାଇଁ ବାଧ କରିବ ନାହିଁ, କବିଙ୍କ ଏହା ହିଁ ଉଦ୍ଦେଶ୍ୟ ଥିଲ୍। ସାଧାରଣ ଶିକ୍ଷାବାଦ୍ ପିଲ୍ଙ୍କୁ କୁଟୀର ଶିଳ୍ପ, ସଂଗୀତ, ଚିତ୍ରକଳା, ଅଭିନୟ, କ୍ରୀଡା ଆଦିର ଶିକ୍ଷା ମଧ୍ୟ ଦିଆଯାଇଥାଏ। ଏହି ଲଳିତକଳା ଶିକ୍ଷା ଏତେ ଉଚ୍ଚକୋଟୀର ହୋଇଥାଏ ଯେ, ଏଠାକାର ଛାତ୍ରଛାତ୍ରୀଙ୍କ ଅନେକ ସଙ୍ଗୀତ ଓ ଆବୃତ୍ତିର କ୍ୟାସେଟ୍ ଓ ସି.ଡି. ବଙ୍ଗଳା ବଜାରକୁ ଏଯାବତ୍ ଛାଇକରି ରଖିଛି।

ଆମେ ଆସିଲୁ ଗୌର ପ୍ରାଙ୍ଗଣକୁ। ଦୋଳ ପୂର୍ଣ୍ଣିମାରେ ହୋଲି ଦିନ ଏଠାରେ ଉତ୍ସବ ହୋଇଥାଏ। ସବୁ ଛାତ୍ରଛାତ୍ରୀ ସେଦିନ ସକାଳେ ଏଠାରେ ଏକାଠି ହୁଅନ୍ତି। ପଳାଶ ଫୁଲର ବଡ ବଡ ମାଳ ବେକରେ ଓହଳାଇ, ବାହୁରେ, କଟିରେ ଏବଂ ଜୁଡାରେ ମାଳା ଲଗେଇ ଝିଅମାନେ ଋଷିକନ୍ୟା ଶକୁନ୍ତଳା ପରି ଦିଶନ୍ତି। କଛି ଜିଏଅ ହାତରେ ଦାଣ୍ଡିଆ ବାଡି

ଧରିଥାନ୍ତି, କଏ ପୁଣି ହାତରେ ମୁଠାମୁଠା ଅବିର ଧରିଥାନ୍ତି । ଶାନ୍ତି ନିକେତନ ସାରା ବୁଲିବୁଲି ସମସ୍ତେ ଗାଉଥାନ୍ତି – ଓ ରେ ଗୃହବାସୀ, ଖୋଲ୍ ଦ୍ୱାର ଖୋଲ୍, ଲାଗଲା ଯେ ଡୋଲ୍ ...। ବୁଲିସାରି ଗୌର ମଣ୍ଡପରେ ନାଚଗାଇ ବସନ୍ତର ଆଗମନକୁ ସ୍ୱାଗତ କରନ୍ତି । ତା ପରେ ଅବିର ଖେଳ ଚାଲେ। ସଂଧ୍ୟା ବେଳେ ମୁକ୍ତ ଆକାଶ ତଳେ ରବୀନ୍ଦ୍ରନାଥଙ୍କ କୌଣସି ଏକାଙ୍କିକା ପରିବେଷଣ କରାଯାଏ। ଏହି ପର୍ବଟି ଏତେ ରଙ୍ଗୀନ ଓ ଲାସ୍ୟମୟୀ ହୋଇଥାଏ ଯେ ସାରା ବିଶ୍ୱରେ ଏଥିପାଇଁ ତାର ନାମ ଅଛି। ସେଦିନ ଗୁଡାଏ ଟି.ଭି. ଚାନେଲ୍ ଏହାର ସିଧାସଳଖ ପ୍ରସାରଣ କରିଥାନ୍ତି ।

ସନ୍ଧ୍ୟା ଆଗତ ହୁଅନ୍ତେ, ବନ୍ଧୁଙ୍କ ସହ ନୀରବ ରାସ୍ତାରେ ବୁଲୁବୁଲୁ, ଏଠିକାର ଖାସ୍ କଥା ସବୁ ବନ୍ଧୁଙ୍କ ମୁହଁରୁ ଶୁଣିବାକୁ ମିଳିଲା, ହୋଇପାରେ ସେସବୁ ତାଙ୍କର ନିଜସ୍ୱ ଦୃଷ୍ଟିକୋଣ । ସେଇ ପ୍ରଗଳଭତାର ଅଭିବ୍ୟକ୍ତି ସବୁ ଏପରି ଥିଲା – ଏଠି ଝିଅଙ୍କୁ ମୋଟେ ସମୟ ନାହିଁ। କହିବାକୁ ଗଲେ ତାଙ୍କର ଦୁଇହାତ ଯାକ ସବୁବେଳେ ବ୍ୟସ୍ତ, ହେଲେ ତ ଛତା ଧରିଥିବେ, ସାଇକେଲ୍ ଚଳାଉଥିବେ ବା ମୋବାଇଲ୍ ଧରି କଥା ହେବା ଅବସ୍ଥାରେ ଚାଲୁଥିବେ। କୌଣସି ପର୍ଯ୍ୟଟକ ଯଦି ଭାବୁଥାଏ ମୁଁ ଏଠାରେ ଅତିଥି, ମୋତେ ଅନ୍ତତଃ କଏ ନୟନ ପୂରାଇ ଦେଖୁ, ତେବେ ହତାଶ ହେବା ସ୍ୱାଭାବିକ। ଏଠାରେ ଖାଦ୍ୟ ଆଳୁ, ମାଛ ଓ ମିଠା ଝିଅଙ୍କୁ ଖୁବ୍ ସୁହାଏ, ତେଣୁ ସେମାନେ ଗୋରୀ, ସୁନ୍ଦରୀ ଓ ଫୁଲକାଗାଲି। ଅବଶ୍ୟ ଯଦି କିଛି ଏଠାରେ ସୌନ୍ଦର୍ଯ୍ୟ ଥାଏ ତାହା ଦେଖଣାହାରୀର ଆଖିରେ ଥାଏ। ସତକଥା, ମତେ ଲାଗୁଥିଲା ଏଠିକାର କାଠଚମ୍ପା ଓଡିଶା ଫୁଲର ଦୁଇଗୁଣ ବଡ, ଏଠି ନିତିମଲ୍ଲୀ ସବୁଜ୍ଜ ବର୍ଣ୍ଣର, ଏଠିକାର ରଜନୀଗନ୍ଧା ଫୁଲମାନେ ଖୁବ୍ ଲମ୍ବା ଲମ୍ବା ଓ ରାତିରେ ମୁଣ୍ଡଟେକ କଥା ହେଲାଭଳି ଲାଗନ୍ତି ।

ତା ପର ଦିନ ଥିଲା ବୁଧବାର, ବଡିଭୋରରୁ ଉଠିପଡିଲି। ଶାନ୍ତିନିକେତନର ତମାମ କୋଠାବାଡି ସେଇ ଅଦ୍ଭୁତ ଉଷାକାଳେ ଏକ ଫୁଟିଲା ପାଖୁଡା ପରି ଲାଗୁଥିଲେ। ରଙ୍ଗମାଟିଆ ରାସ୍ତା, ଦୂର ଦିଗବଳୟ ପର୍ଯ୍ୟନ୍ତ କୁହୁଡିଘେରା ଧାନବିଲ ଆଦି ରବୀନ୍ଦ୍ର ସଂଗୀତର ସତ୍ତାଭଳି ପ୍ରତିଭାତ ହେଉଥିଲା। କାଁ ଭାଁ ଛତୁଭଳି ଦିଶୁଥିବା କୁଡିଆ ଘର ଚା-ଦୋକାନ ସବୁ ଚଳଚଞ୍ଚଳ ହୋଇ ଉଠୁଥିଲେ। ମାଟି ଚୂଲୀରୁ ଧୂମକୁଣ୍ଡଳ ଓ ଗରମ ବାମ୍ଫ ବାହାରୁଥିଲା, ମାଟିଲେସା ପିଣ୍ଡିମାନଙ୍କ ଉପରେ କିଛି ଲୋକ ଚା ପିଇବା ଆରମ୍ଭ କରିଦେଇଥିଲେ। ବଡ

ବଡ ପୁରୁଣା ଗଛ ସବୁ ଆହୁରି ବଡ ଓ ପ୍ରଶାନ୍ତ ଦିଶୁଥିଲେ । ଧ୍ୟାନ ମନ୍ଦିରରୁ ମନ୍ତ୍ରୋଚ୍ଚାରଣର ଶବ୍ଦ ଉର୍ଦ୍ଧକୁ ଓ ଚାରି ପାର୍ଶ୍ୱକୁ କଲ୍ଲୋଳିତ କରୁଥିଲା । ବିଭିନ୍ନ ଗଳିରୁ ରାସ୍ତାରୁ ଛାତ୍ରଛାତ୍ରୀମାନେ ସେ ଦିଗେ ଚାଲିଥିଲେ । ପିଲାମାନେ ଦେବଶିଶୁ ପରି, ଶାଢୀପିନ୍ଧା ଛୋଟ ଝିଅମାନେ ବାଳିକା ବଧୂ ପରି ଦିଶୁଥିଲେ, ବଡ ଝିଅମାନେ ଋଷିକନ୍ୟା ବା ପ୍ରାଚୀନ ଭାରତର ଗାର୍ଗି, ଋତମ୍ଭରା, ବିଶାଖାଙ୍କ ପରି ଦିଶୁଥିଲେ । ଏକ ମୃଦୁଝଙ୍କାର, ମୃଦୁମୂର୍ଚ୍ଛନା ଚୁମ୍ବକ ପରି ମତେ ଟାଣି ନେଉଥିଲା । ମୁଁ ମଧ୍ୟ ଧ୍ୟାନ ମନ୍ଦିର ଦିଗେ ଚାଲିଲି ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

# ହେ ପ୍ରାଣ ପ୍ରିୟ ମୋର ....



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ପୂରୁବ ଦିଗ ଭାଗେ ରବି ଆସନ୍ତି ଯେବେ
ଆରମ୍ଭ ହୁଅଇ ଦିବସ
ରଜନୀ ଅନ୍ତେ ମୁହିଁ ତବ ମୁଖ ଦେଖଇ
ଦିବସ ହେବାକୁ ସରସ,
ହେ ପ୍ରାଣ ପ୍ରିୟ ମୋର .....
ତୁମେ ହିଁ ମୋର ରବି ତୁମ ଚରଣ ସେବି
ସୁଖରେ ବିତୁ ମୋ ସଂସାର ।୧।

ସାନିଧ୍ୟ ଲଭି ତୁମ ପୁରିଛି ମନୋସ୍କାମ
ମୋ ବ୍ରତ ହୋଇଛି ସଫଳ
ଜୀବନ ଥିବା ଯାଏଁ ତୁମକୁ ପାଶେ ଗୃହେଁ
ତୁମେ ହିଁ ମୋ ପାଇଁ ସକଳ,
ହେ ପ୍ରାଣ ପ୍ରିୟ ମୋର......
କର ହେ ଏହି ସତ୍ୟ ଧରିଥିବ ମୋ ହାତ
କରିବ ନାହିଁ କେବେ ପର ।୨।

ଯିବି କେଉଁ ମନ୍ଦିର କ ଆଉ ଲୋଡ଼ା ମୋର
କ'ଣ ମାଗିବି କଏ ଦେବ ?
ମାଗେନ କେବେ କଛି ତା ଆଗୁ ପାଉଅଛି
ଏଣୁ ମୁଁ ମନେ ଭାବେ ଗର୍ବ,
ହେ ପ୍ରାଣ ପ୍ରିୟ ମୋର....
ଆଖି ଅଞ୍ଜନ ପରି ରଖିବି ଯତ୍ନକରି

ପାଖରୁ କରିବିନ ଦୂର ।୩।

ଆଶା ବିନା ମଣିଷ ନେଇ ନ ପାରେ ଶ୍ୱାସ
ଆଶା ବି ଅଛି ମୋର ମନେ
ଦେଲେ ଟିକେ ଅନୁମତି କହିବି ବାନ୍ଧି ଶକ୍ତି
ଧୀରେ ହେ ତୁମ ଦୁଇ କାନେ,
ଯେବେ ମୁଁ ଯିବି ଦୂରେ....
ନାଲିଆ ଶଙ୍ଖା ଚୁଡି ତା ସାଥେ ପାଟ ଶାଢ଼ୀ
ପିନ୍ଧାଇ ଦେବ ମୋ ଅଙ୍ଗରେ ।୪।

ଛଅ ଖଣ୍ଡି କାଠରେ ସଜାଇ ପାଲିଙ୍କିରେ
ଖଇ କଉଡି ଫିଙ୍ଗୁଥିବ
ରାମ ନାମ ସଙ୍ଗରେ ନଦିଆ କୀର୍ତ୍ତନରେ
ଅହ୍ୟ ଡେଙ୍ଗୁରା ବାଜୁଥିବ,
ହେ ପ୍ରାଣ ପ୍ରିୟ ମୋରି......
ଅନ୍ତିମ ଯାତ୍ରା ପଥେ ଥିବ ମୋ ' ସାଥେ ସାଥେ
ପତି ଧରମ ରକ୍ଷାକରି ।୫।

ଚକାପଦା, ବେଗୁନଆ, ଖୋର୍ଦ୍ଧା

# ମା ବସୁଧା



ପ୍ରକାଶ ଚନ୍ଦ୍ର ପଣ୍ଡା

ମା ସର୍ବଂସହା ମାଲୋ ବସୁଧା
ତୋ କୋଳେ ଜନମ ନେଇ
ଏ ଜୀବନ ମୋର ସାର୍ଥକ ହୋଇଛି
ତୋ ପରି ମା ପାଇ ।
ଜନନୀ ଜଠରୁ ଜନ୍ମ ନେଲାପରେ
ତୋ କୋଳେ ନେଲୁ କୋଳେଇ
ମୋ ଅଳ ଅଝଟ କରିନୁ ଆକଟ
ସବୁ ନେଇଛୁ ତୁ ସହି ।
ତୋ ପାଣି ପବନ କରି ମୁହିଁପାନ
ତୋ ବୁକୁରେ ଖେଳଧୂଳ
ତୋ ବଣ ଜଙ୍ଗଲେ ବର ଓହଳରେ
ଖେଳଛି କେତେ ମୁଁ ଦୋଳ ।
ସବୁଜିମା ଭରା ଘାସ ଗାଲିଚ୍ଛରେ
ଯାଇଛି ମୁଁ ଯେବେ ଲୋଟି
ସରଗର ସୁଖ ମିଳଯାଏ ମୋତେ
ସତେ ମା କାନ୍ତ ଯେମିତି ।
ସକାଳରୁ ସନ୍ଧ୍ୟା ଆମପାଇଁ ବନ୍ଧା
ସେବାରେ ଆମର ତୁହି
ଧନ୍ୟ ଏ ଜୀବନ ସବୁ ତୋର ଦାନ
ତୋପରି ମା କାହିଁ ।

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ହଁ, ମୁଁ ବର୍ଷାକୁ ଭଲପାଏ



ସଞ୍ଜୟ କୁମାର ନାଏକ(ସଞ୍ଜୁ)

ହଁ, ମୁଁ ବର୍ଷାକୁ ଭଲପାଏ
କାରଣ ବର୍ଷା ହିଁ ମୋ
ମନରେ ଥିବା ଭାବାବେଗକୁ
ନଜର ବୋଲି କରିଛି
ବର୍ଷାରେ ଭିଜି ଭିଜି ମୁଁ
ମନେ ପକାଏ ମୋ ଅତୀତ ।
ବର୍ଷା ହିଁ ଭିଜେଇ ଦିଏ ମୋ
ଆଖିର ଲୋତକ କୁ,
ମନର ବେଦନାକୁ ପ୍ରଶମିତ କରେ ।
ମନରେ ଥିବା ନୈରାଶାର ଜ୍ୱାଳାଗ୍ନିକୁ
ତାର ଟୋପା ଟୋପା ପାଣିରେ ଶାନ୍ତ କରିଥାଏ ।
ରିମ୍ ଝିମ୍ ବର୍ଷାରେ ମୁଁ ଭିଜିଯାଏ
ହଜିଯାଏ, ବିସ୍ମୃତ ହୋଇଯାଏ ।
ପ୍ରତିକ୍ଷଣେ ଲୀନ ହୋଇଯାଏ
କେଉଁ ଏକ ଅଜଣା ଦୁନିଆରେ ।
ବର୍ଷା ମନେ ପକାଇ ଦିଏ ମୋ
ଭଲ ପାଇବାର ସ୍ମୃତି ସବୁ
ଯେତେବେଳେ ମେ ଭଲ ପାଇବାକୁ ମନେ ପକାଇ
ଭିଜୁଥିଲି ଶ୍ରାବଣର ବରଷାରେ ।
ବରଷା ହେଲେ ଲେଖୁଥିଲି ତା ପାଇଁ
କେତେ ଯେ ଶାୟରୀ, ପ୍ରେମ କବିତା ।
ବରଷାରେ ଭିଜି ଭିଜି ଗାଉଥିଲି ତା ପାଇଁ

କେତେ ପ୍ରେମ କବିତା ।
ଟପ୍ ଟପ୍ ହୋଇ ଝରି ପଡୁଥିବା ବରଷାକୁ ଦେଖି
ଲେଖୁଥିଲି ତା ପାଇଁ ପ୍ରେମ କବିତା ।
ସେ ଆଜି ମୋ ପାଖେ ନାହିଁ
ଭିଜୁଥିଲି ଦିନେ ତା ମିଠା ପ୍ରେମରେ
ତା କଥାକୁ ମନେ ପକାଇ
ତା ମିଠା ପ୍ରେମରେ ମୋ ମନ
ଭିଜିଯାଉଥିଲା ଓ ମୁଁ
ତା ପାଇଁ ପାଗଳ ହେଉଥିଲି ।
ଆଜି ସେ ମୋ ପାଖେ ନାହିଁ
ଅଛି କେବଳ ତା ମିଠା ସ୍ମୃତି,
ସେ ମୋତେ ଭୁଲି ଚ୍ଛଲିଗଲା
ମୋତେ ସବୁଦିନ କରି ଏକା ।
ଆଜି ସେ ଶ୍ରାବଣର ବରଷା ଅଛି
କନ୍ତୁ ସେ ନାହିଁ,
ଆଜି ମୁଁ ପୁଣି ଭିଜୁଛି ବରଷାରେ
କେବଳ ତା ସ୍ମୃତିକୁ ମନେ ପକାଇ
ଯେତେ ସବୁ ମନର କଷ୍ଟ
ବହିଯାଏ ଅଶ୍ରୁ ହୋଇ ଓ
ଶ୍ରାବଣର ଧାର ସବୁ ଅଶ୍ରୁତକ ପୋଛିଦିଏ
ମୋ ମନ ପୁଣି ହାଲୁକା ହୋଇଯାଏ
ବର୍ଷା ହିଁ ମୋ ମନ କଥା କୁ ବୁଝିପାରିଛି
ଲିଭେଇ ଦେଇଛି ମୋ ମନର ଦୁଃଖର ଦାବାନଳକୁ
ତା ଟୋପା ଟୋପା ପାଣିରେ ।
ଏଣୁ ମୁଁ ବର୍ଷାକୁ ଭଲ ପାଏ ।
ବର୍ଷାକୁ ଭଲ ପାଏ, ବର୍ଷାକୁ ଭଲ ପାଏ ।

ବଡଝାଙ୍କରପାଲି, ପିପଲଡାବର,
ଶିକ୍ଷକ-ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପାଟଣାଗଡ଼

# ମାଆ



ଜନ୍ମଜୟ ନାୟକ

ସରଗ ସମ ପର୍ ତାହାର କୋଳ,
ତାହାର ସେନେହ ଅଟଇ ଅମୂଲ ।
କେତେ ମିଠା କଥା ତାହାର ଅଟଇ,
ତା ଆଶିଷେ ରିଷ୍ଟ ଯାଏ ଦୂର ହୋଇ।
ସେ ଯେବେ ମୋ ଠୁଁ ଦୂରରେ ରହିଥାଇ,
ସକଳ କଥା ମୋତେ ପିତା ଲ୍‌ଗଇ ।

ତା' ଫେରିବା ବାଟକୁ ମୁଁ ରହେ ଗ୍ହିଁ,
ସର ଲବଣି ବି ମୋତେ ନ ରୁଚଇ ।
ରେ୍‌ଗେ ମୁଁ ପଡିଲେ ତା' ଆଖିରେ ଲୁହ,
କୋଳେ ଧରିଥାଏ ମନେ ଭରି କୋହ ।
କେତେ ପୂଜା ମାନସିକ କରେ ସେହି,
ମୋ ଶୁଭ ମନାସଇ ଉପାସ ରହି ।

ସଭିଙ୍କ ଓଠରେ ସେ ହସ ଫୁଟାଏ,
ସବୁ ଦୁଃଖକୁ ଛାତିରେ ଗ୍ପିଥାଏ।
ତା' ଆଙ୍ଗୁଳ ଧରି ବାଟ ମୁଁ ଗ୍ଲିଲି,
ସତମିଛର ଫରକ ମୁଁ ଶିଖିଲି ।
ଦୁଃଖ ଦରିଆରେ ସେ ସୁଖର ନାଆ,
ମମତାମୟୀ ଦେବୀ ସେ ମୋର 'ମାଆ' ।

ଶିକ୍ଷକ, ଚଲିକା ନୋଡାଲ ହାଇସ୍କୁଲ, ପୁରୀ

# ହଜି ଯାଇଥିବା ଈଶ୍ୱର

**[ଏକ ପ୍ରତୀକଧର୍ମୀ ନାଟକ]**



ଡକ୍ଟର କଶୋର ମହାନ୍ତି

ଭୂମିକାରେ.....

ପ୍ରବୀଣାନନ୍ଦଜୀ – ସାଧୁ

ନଗ୍ନକାର – ଆଧ୍ୟାତ୍ମିକବାଦୀ ଯୁବକ

ବିସ୍ମୟ – ଯୁବକ

ବିପ୍ଲବ – ଯୁବକ

ବୃଦ୍ଧା – ମା

ନାରୀ – ଯୁବତୀ

ପ୍ରବୀଣ – ତେବେ ଏଠି କାହିଁକ?

ବୃଦ୍ଧା – (ସ୍ୱାଗତ) ଦେଖୁଛ, ଦେଖୁଛ ତାକୁ – ମୋ ପୁଅକୁ ଦେଖୁଛ – ଏ ମୋ ପୁଅ, ଏଇ ବାଟେ ପଗ୍ ଆସିଥିଲା । ମୋତେ ଖୋଜି ଖୋଜି – ଜାଣିଛ – ତାଳଗଛ ଉଚ୍ଚରୁ ପାଣି ମାଡି ଆସିଲା – ଘୁ ଘୁ ଗର୍ଜନ କରି ନେଇଗଲା – ଯାଇଛି – ଓଟାରି ନେଇଗଲା ମୋ କୋଳକୁ ମୋ ପୁଅକୁ – ହଁ – ହଁ ମୋ ପୁଅ – (ହସ ଆଉ କାନ୍ଦ)

ପ୍ରବୀଣ – ତୁମେ ତୁମର ପୁଅକୁ ହରେଇଚ ।

ବିସ୍ମୟ – କେଡେ ଦୁଃଖିନୀ ବିଗ୍ଭରୀ ।

ପ୍ରବୀଣ – ଏକୁଟିଆ ଏଠିକ କେମିତି ଆସିଲ?

ବୃଦ୍ଧା – ଆସିବିନ? ମୋ ପୁଅକୁ ଖୋଜି ଖୋଜି ଚ୍ଚଲି ଆସିଲି ଦି ଜଣଯାକ ଧର୍‌ଧରି ହୋଇ ଚ୍ଚଳ ଉପରେ ବସିଥିଲୁ । ତାର ବାଆ ଯାଇଥିଲ୍ ଡଂଗା ନେଇ ଅଥଳ ଦରିଆ ଭିତରକୁ ମାଛଧରି । ବହିଲ୍ ପବନ, ଅଣଚ୍ଚଶ ପବନ – କାନ୍ଥବାଡ ଘର ଦ୍ୱାରକୁ ଗୋଡି ମାଟିକୁ ଉଡାଇଲ୍ । ପୁଅକୁ ଧରି ମଥାନ ଉପରକୁ ଚ୍ଚଲି ଆସିଲି । ପାଣି ଟାଣି ନେଲ୍ – ବୁଡାଇଲ୍ – ଉଠାଇଲ୍ ଭରି ଭୟ ଲ୍‌ଗିଲ୍ ବାବୁ ! (କହିବା ଭଙ୍ଗୀ ପରିବର୍ତ୍ତନ କରି)

ଦେଖିଛ – ମୋ ପୁଅକୁ କୋଉଠି ଦେଖିଛ ! ମୋ ପୁଅ !

ବିସ୍ମୟ – ତାପରେ ତୁମର କଣ ହେଲ୍?

ବୃଦ୍ଧା – ଗୋଟାଏ ମସ୍ତବଡ ଗଛ ଉପରେ ପୁଅକୁ ଜାବୁଡି ଧରି ବସିଥିଲି । ଭବିଲି ଗଛ ଯୁଆଡକୁ ଯିବ ସିଆଡେ ଚ୍ଚଲିଯିବୁ ମା ପୁଅ ଦୁହେଁ ।

ପ୍ରବୀଣ – ସେଠି ଅନ୍ୟମାନେ ତ ଥିବେ ।

ବୃଦ୍ଧା – କଏ ଆଉ ଥିବ – ର୍‌ତି ର୍‌ତି ବିତିଗଲ୍ – ମୁଁ ଦେଖୁଛି ମୋ ଚ୍ଚରିକଡରେ ସାପ । ସାପ ବି ଦୟାକଲ୍, କଛି କ୍ଷତି ଆମର ସେ କରିନାହିଁ । ହଠାତ୍ ପୁଣି ଜୋରରେ ଦଲକାଏ ପବନ ଆସିଲ୍, ପାଣି ଚହଲିଗଲ୍ । ଲହଡି ଭଙ୍ଗିଲ୍ – ମୋ ପୁଅକୁ ହଠାତ୍ ମୋ କୋଳରୁ ଟାଣି ଦେଲ୍ ପବନ ଆଉ ପାଣି । ତାପରେ ସତ କହୁଛି ବାବୁ ମୁଁ ଆଉ କଛି ଜାଣିନ !

ବିସ୍ମୟ – ତାପରେ ସକାଳ ହୋଇଯାଇଥିବ । ପାଣି ଥମିଥିବ-ଲ୍ୋକସବୁ ଆସିଯାଇଥିବେ ।

ବୃଦ୍ଧା – ନା, ଆଉ ସକାଳ କୋଉଠୁ ହେଲ୍ ବାପା, ମୋ ପୁଅ ଚ୍ଚଲିଗଲ୍ ମୋତେ ଛାଡି କେତେ କଷ୍ଟରେ ଦଶଦିନ କାଳ ପୁଅକୁ ଗର୍ଭରେ ଧରି ଜନମ ଦେଇଥିଲି, ସେ ଯେ ଏମିତି ମୋ ଆଖି ଆଗରୁ ଦୂରେଇ ଯିବ – ମା ହୋଇ ମୁଁ ଧୈର୍ଯ୍ୟ ଧରିବି କେମିତି? ଭସି ଭସି ଚ୍ଚଲିଲି ମୁଁ ଏକଲ୍ ପାଣିର ସ୍ରୋତରେ । ଦୈବାତ୍ ଗୋଟେ କଦଳୀ ଗଛ ଭସି ଯାଉଥିଲ୍ ମୋ

ଆଗରେ ଉହଳ ବିକଳରେ ତାକୁ ଜାବୁଡି ଧରିଲି । ତାପରେ ଗଛର ମଂଜକୁ ଭୋକ ମେଣ୍ଟାଇବା ପାଇଁ ସବୁ ଖାଇଦେଲି – ସର୍ବଗ୍ରାସୀ ଭୋକ ତଥାପି ମଳ୍ନ ।

ବିସ୍ମୟ – ଆଉ କେହି ନଥିଲେ ସେଠି ତମ ସାଥିରେ ।

ବୃଦ୍ଧା – କଏ କାହାକୁ ଦେଖୁଛି – ସାଇଁ ସାଇଁ ଗର୍ଜନ – ଗୁରିଆଡେ ପାଣି – ମୁଁ ଯାହା ନ ମରି ରହିଗଲି ଛାତିକୁ ପଥର କରି ଦେଇଛି ବାବୁ.. ଖୋଜୁଛି ଏଠି ସେଠି ସବୁଠି ମୋ ପୁଅକୁ ।

ପ୍ରବୀଣ – (ସ୍ୱଗତ) ହାୟରେ ହତଭଗ୍ୟ ଜୀବନ । ଭଗ୍ୟ ସତରେ କାହାକୁ କେଉଁଠି ପହଁଞ୍ଚାଏ ତାହା କହି ହେବନ – ହଁ ମାଉସୀ । ଏଠି ତୁମେ ପୁର୍ପୁରି ନର୍ପଦ । ଆମେ ତମ ପାଖରେ ଅଛୁ – ଆମେ କଣ ତମର ପୁଅ ନୋହୁଁ? ଆମ ଉପରେ ଭରସା ରଖ ପୁଅ ନଶ୍ଚିତ ଦିନେନା ଦିନେ ତମ ପାଖକୁ ଫେରି ଆସିବ । ସେଇଠି ମଧୁବନ ଆଶ୍ରମ – ଟିକଏ ବିଶ୍ରାମ ନଅ – ସବୁ ଠିକ୍ ହୋଇଯିବ – ହଁ ବିସ୍ମୟ, ତମେ ମାଉସୀଙ୍କୁ ନେଇ ଭିତରକୁ ଯାଅ – ସବୁ ବ୍ୟବସ୍ଥା କରିଦିଅ ।

ବିସ୍ମୟ – ହଉ ତାହାହେଲେ – ଆସନ୍ତୁ ଭିତରକୁ । (ଉଭୟେ ପ୍ରସ୍ଥାନ)

ପ୍ରବୀଣ – ହେ ପ୍ରଭୁ ! ମଣିଷ ଉପରେ ସତରେ ଦୁଃଖର ପାହାଡ ଭଙ୍ଗି ପଡୁଛି – ଦୁଃଖ ଯନ୍ତ୍ରଣାରେ ଘାଣ୍ଟି ହେଉଥିବା ମଣିଷର ମୁକ୍ତି କଣ ନାହିଁ? କଣ ପାଇଁ ଆପଣଙ୍କର ଏ ବିଶାଳ ସଂସାରର ସୃଷ୍ଟି? କଣ ପାଇଁ ମଣିଷକୁ ଏତେ ଦୁଃଖ ଭୋଗିବାକୁ ପଡୁଛି??? କଣ ପାଇଁ? ବୃଦ୍ଧା ଜଣକ ତ କଛି ଅନ୍ୟାୟ କରି ନଥିଲ୍ – ଅଥଚ ତା ଭଗ୍ୟରେ ଏ ପ୍ରକାର ବିଡମ୍ବନା – ସେ ଶାନ୍ତିରେ ନଶ୍ୱାସ ନେଇ ପାରିବତ – ତଥାପି ଏ ଅମାପ ଦୁଃଖକୁ ଦୂର କରିବା ପାଇଁ ପୁଂଜିଭୂତ ବେଦନା ଓ ଯନ୍ତ୍ରଣାରୁ ମୁକ୍ତି ଦେବାପାଇଁ ଆମେ ଯୋଉ ବଜ୍ର ଶପଥ ନେଇଛୁ ତାକୁ ଆମେ ହିଁ ସାକାର କରିବୁ । ମଣିଷ ମଣିଷ ଭିତରେ ଭଇଗ୍ଋର୍ ପ୍ରତିଷ୍ଠା ହେବ । ଯୁଦ୍ଧର ଘନଘଟାରୁ ଦୂରେଇ ଯାଇ ମଣିଷ ଯେତେବେଳଯାଏ ପରର ଉପକାର ନ କରିଛି ।

ନସ୍ୱାର୍ଥପର ଭାବରେ ମଣିଷ ସମାଜ ପାଇଁ କଛି ନ କରିଛି, ସେଠି ତାକୁ କ୍ଷମା ନାହିଁ – ନା – ନା – ନାହିଁ ।

ନଗ୍‌କାର – ମହାଭାଗ ମହାଭାଗ ! ଖୋଜି ଖୋଜି ନୟାନ୍ତ ହେଲିଣି ବିପ୍ଳବକୁ ମୁଁ କେଉଁଠି ପାଉନ ।

ପ୍ରବୀଣ – ଆରେ ଏତ ବଡ ବିଚନ୍ଧ କଥା ।  କାହାକୁ ନ ପଗ୍ଭରି ସେ ଯେ ଦିନଗ୍ଭତି ଏଣେତେଣେ ବୁଲୁଛନ୍ତି – ଏ ଜାଗା ସମ୍ପର୍କରେ ସେ ସମ୍ପୂର୍ଣ୍ଣ ଅନଭିଜ୍ଞ ଅଥଚ ସେ ଲକ୍ଷ୍ୟହୀନ ଭାବରେ ବୁଲୁଛନ୍ତି । ସେ ଯଦି ଅଗ୍ଭନକ ହଜିଯିବେ – ଆମ ଭିତରୁ ଗୋଟିଏ ଆତ୍ମା ଗ୍ଭହୁଁ ଗ୍ଭହୁଁ ବିଲୀନ ହୋଇଯିବ – ସେତେବେଳେ କଏ ଯଦି ଆମକୁ ପଗ୍ଭରେ ଆମେ ତାକୁ କ ଉତ୍ତର ଦେବା ! ଆଉ ଟିକଏ ଦେଖ – ଖୋଜ – ନଚେତ୍ ମୋ ମନ କହୁଛି, ବିପ୍ଳବ ନଶ୍ଚିତ ଫେରି ଆସିବେ ଏଠିକ !

ନଗ୍‌କାର – ବୃଦ୍ଧା ଜଣକ ଆପଣଙ୍କୁ ଭେଟିଲେ – କଣ କହିଲେ ଶୁଣିଲେତ ।

ପ୍ରବୀଣ – ହଁ, ଦୁଃଖର ଶେଷ ନାହିଁ, ମଣିଷର ସୀମାହୀନ ଦୁଃଖ । ଦୁଃଖ ଯେମିତି ଘର ପାଖ ଛାଡୁନ – ପୃଥିବୀଟା ହୁଏତ ଖୁବ୍ କମ୍ ସମୟ ଭିତରେ ଏକ ଶକ୍ତ ଆଘାତରେ ଧ୍ୱସ୍ତ ବିଧ୍ୱଂସ୍ତ ହୋଇଯାଇପାରେ ।

ନଗ୍‌କାର – ଏଥିପାଇଁ ଉପାୟ ନାହିଁ, କଛି କରନ୍ତୁ ମହାଭାଗ ।

ପ୍ରବୀଣ – ଏ ତ ସାଧନାର ଅୟମ୍ଭାରମ୍ଭ । ସାଧନାର ସିଦ୍ଧି ମିଳବା ଏତେ ସହଜ ନୁହେଁ। ଆସ ମୋ ସାଙ୍ଗରେ ଆସ । ବିପ୍ଳବର ସଂଧାନ କରିବା ।

ନଗ୍‌କାର – ଗ୍ଭଲନ୍ତୁ ତାହା ହେଲେ ମହାଭାଗ !

**(ଦୁହିଁଙ୍କର ପ୍ରସ୍ଥାନ ପରେ ସଂଗୀତ ଝଙ୍କାର)**

(ମଂଚ ଆଲୋକ ସ୍ତିମିତ ହୋଇଗଲା – ପୁନଶ୍ଚ ଯବନିକା ଖୋଲିଲା -ଆଲୋକ ନିକ୍ଷେପ ହେଲା-କାନ୍ଦିବାର ଶବ୍ଦ-ଆଲୋକ ନିକ୍ଷେପ ହୋଇଥିବ ପଛ କରି ଠିଆ ହୋଇଥିବା ଏକ ନାରୀ ଉପରେ – ନାରୀଟି କାନ୍ଦୁଥିବ)

ବିପ୍ଲବ- ଆରେ-ଆପଣ ଏଠି କାନ୍ଦୁଚନ୍ତି କାହିଁକି?

ନାରୀ – (ନୀରବ-କାନ୍ଦ ଶବ୍ଦ ଅଧିକରୁ ଅଧିକ ହେବା)

ବିପ୍ଲବ – ଦୟା କରି କାନ୍ଦ ବନ୍ଦ କରନ୍ତୁ। କୁହନ୍ତୁ – ଆପଣ କଣପାଇଁ କାନ୍ଦୁଛନ୍ତି। ଏଇ ଅଗନା ଅଗନ ବନସ୍ତଟାରେ। ପୁଣି ଏକଲା ।

ନାରୀ – (ମୁହଁ ବୁଲାଇବା ମୁହଁ ଉପରେ ଆଲୋକର କ୍ଷୀଣରେଖା ପଡୁଥିବ)। କିଏ ଆପଣ?

ବିପ୍ଲବ – ମୋତେ କୁହନ୍ତୁ। କଣ ପାଇଁ ଆପଣ ଏକଲା ଏଠି ବସି କାନ୍ଦୁଛନ୍ତି। କିଛି ତ କାରଣ ଥିବ ନା – ଏମିତି ଏ ଅବସ୍ଥାରେ ଏକୁଟିଆ – କଣ ହୋଇଛି ଆପଣଙ୍କର?

ନାରୀ – ନା କିଛି ନାହିଁ ତ – ମୁଁ ତ ଠିକ୍ ଅଛି । (ନିଜକୁ ସଂଜତ କରି)

ବିପ୍ଲବ – ଏଇତ ଆପଣ କାନ୍ଦୁଥିଲେ – ହଠାତ୍ ମୋତେ ଦେଖି ଚୁପ୍ ହୋଇଗଲେ। କହୁଛନ୍ତି କଣ ଠିକ୍ ଅଛି – ଆପଣ ମୋତେ ଲୁଚାଉଛନ୍ତି।

ନାରୀ – (ଖୁବ୍ ଜୋରରେ ହସି) ଦ୍ୱୀପ-ଉପଦ୍ୱୀପ ପ୍ରବାଳ ଦ୍ୱୀପ, ରାଜକୁମାରୀ, କଳା ଭଅଁର ଫରୁଆ (ହସିବା)

ବିପ୍ଲବ – ଫରୁଆ ଭିତରେ ଅସୁରୁଣୀ ବୁଢୀରେ ପାଚଲା କେଶ...

ନାରୀ – (ହସି)

ବିପ୍ଲବ – ପାଚଲା କେଶ ପାଇଗଲେ, ସବୁଶେଷ।

ନାରୀ – (ସାମାନ୍ୟ ହସି) ତାକୁ ଛିଡାଇ ଦେଲେ ବୁଢୀ ଅସୁରୁଣୀ ମଲ୍ ।

ବିପ୍ଳବ – କମ୍ଭୁତ କମ୍ଭାକାର ପରୀ କାହାଣୀ ଥରେ ସେଇ ପରୀ କାହାଣୀର ଗୁମର ଫିଟିଗଲେ ନା ସବୁ ଅବଧାରିତ ସତ୍ୟ ପଦାକୁ ଆସିଯିବ ।

ନାରୀ – ମୁଁ ତ ମୋ ଜୀବନର ଏକାନ୍ତ ସତ୍ୟ ପ୍ରକାଶ କରିବାକୁ ଚାହେଁ – ସମସ୍ତଙ୍କୁ ଜଣାଇ ଦେବାକୁ ଚାହେଁ – ଏ ମଣିଷ କେତେ ନୀଚ କେତେ କ୍ରୁର-ଅମୃତର ସନ୍ତାନ କହି ଆମେ ଯେତେ ଡେଙ୍ଗୁର୍ ପିଟିଲେ ବି ମଣିଷର ମନ ନୀଚ ହୀନ ଆଚରଣ ଦିନେ ସମଗ୍ର ସମାଜକୁ ପୋଡି ଜାଳି ଧୂଳିସାତ କରିଦେବ । ଏ ପ୍ରକାର ମଣିଷ ଏମିତି ହଠାତ୍ ବଦଳି ଯାଏ କେମିତି? ସେଇ ଖରାପ ଦିନଗୁଡାକୁ ଦେଖି ପାରୁଛ?

ବିପ୍ଳବ – ତାହା ହେଲେ ତ ତୁମେ ଅନେକ କଥା ଜାଣିଛ?

ନାଟ୍ୟକାର – (ପ୍ରବେଶି) ଆରେ ବିପ୍ଳବ ଯେ, ଏଠି ଏ ଜାଗାରେ-ଏମିତି ଏକା ଏକା ଚାଲି ଆସିଲ । ମୁଁ ଆଉ ପ୍ରବୀଣାନନ୍ଦଜୀ ତୁମକୁ ଖୋଜୁ  ।

ବିପ୍ଳବ – ମନ କାହିଁକି ଇଆଡକୁ ଟାଣି ଆଣିଲା । ବାରମ୍ବାର ମନ କହିଲା ଏଇ ନିକାଞ୍ଚନ ଜାଗାଟିକୁ ଦେଖିବାକୁ । କାହାକୁ ନ କହି ଚାଲି ଆସିଛି ଏଠିକି, କିଛି ମନେ କରିବେନି । ହଠାତ୍ ଏଠି ଆସି ପାଦ ଦେଲା ମାତ୍ରେ ଏଇ ନାରୀଙ୍କ କରୁଣ କ୍ରନ୍ଦନ ମୋତେ ବିଚଳିତ କରିଦେଲା – ଇଏ ବିଚାରୀ ଖୁବ୍ ନିଃସହାୟ ପଥ ଖୋଜୁଛନ୍ତି (ନାରୀଙ୍କୁ ସମ୍ବୋଧିତ କରି) ଦେଖନ୍ତୁ ଆଜ୍ଞା ଇଆଡେ ଦେଖନ୍ତୁ ଇଏ ହେଉଛନ୍ତି ପ୍ରଜ୍ଞାପୁରୁଷ ନାଟ୍ୟକାର ପରବ୍ରହ୍ମ – ନାଟ୍ୟକାର ଏ ହେଉଛନ୍ତି ସେଇ ନାରୀ ଯିଏ ଦୀର୍ଘ ସମୟ ଧରି କାନ୍ଦୁଥିଲେ, ମୁଁ ତାଙ୍କୁ ଏଠି ହଠାତ୍ ଆବିଷ୍କାର କରିଛି ।

ନାଟ୍ୟକାର – କୁହନ୍ତୁ ଆପଣଙ୍କ ଦୁଃଖ କଣ ଅମାପ – ଏତେ ଦୁଃଖ ଯେ ଆପଣ ନିଜ ବିବେକର ତାଡାରେ କଣ ଏଠିକି ପଳେଇ ଆସିଛନ୍ତି – ଏକୁଟିଆ?

ନାରୀ – ପ୍ରଥମେ ପ୍ରଣାମ ଜଣାଉଛି ଆପଣଙ୍କୁ । ମୁଁ ପ୍ରବୀଣାନନ୍ଦଜୀଙ୍କ ସଂଧାନରେ ଆସିଛି – ତାଙ୍କ ମିସନ୍ ରେ ସାମିଲ ହେବାକୁ ସବୁ ପ୍ରତିବନ୍ଧକକୁ ଆଡେଇ ଦେଇ ଆସିଛି ଏଠିକି । ମୋତେ କୁହନ୍ତୁ ମହାଶୟ ପ୍ରବୀଣାନନ୍ଦ ଜୀବନର ଭବ୍ୟ ଆଶ୍ରମ କେଉଁଠି?

ନଗ୍‌କାର – ବଡ ଆଶ୍ଚର୍ଯ୍ୟ – ଆପଣ ଆପଣଙ୍କର ସଂପୂର୍ଣ୍ଣ ପରିଚୟ ନ ଦେଇ, ପ୍ରବୀଣାନନ୍ଦଜୀଙ୍କର ଶରଣାପନ୍ନ ହେବାକୁ ଗ୍ଚହାଁନ୍ତି ।

ନାରୀ – ପରିଚୟ ଗୋଟାଏ କଣ? ମୁଁ ଯେ ନାରୀ – ଅବଳା ଦୁର୍ବଳା । ଏତିକି ମୋର ପରିଚୟ । ବାସ୍, ପ୍ରବୀଣାନନ୍ଦ ଜୀଙ୍କ ସାନ୍ନଧ ଲ୍ଭ କଲେ ମୁଁ ମୁକ୍ତି ପାଇଯିବି ବୋଲି ଭ୍ବି ଏ ପଥ ଧରିଛି । ଆପଣ କଣ ମୋତେ ନଗ୍‌ଶ କରିବେ । ମୋତେ ବାରଣ କରିବେ ଆପଣ?

ବିପ୍ଳବ – ପ୍ରବୀଣାନନ୍ଦଜୀଙ୍କ ସହ ତାଙ୍କର ଭେଟ ଅତି ଜରୁରୀ – ତାଙ୍କୁ ଟିକଏ ପ୍ରବୀଣାନନ୍ଦ ଜୀଙ୍କ ସହ ଭେଟ କର୍‌ଇ ଦିଅନ୍ତିନ ନଗ୍‌କାର ।

ନଗ୍‌କାର – ହଉ ଠିକ୍ ଅଛି । ଆସ ଆମେ ସମସ୍ତେ ଯିବା । ଏବେତ ପ୍ରବୀଣାନନ୍ଦଜୀ ଯୋଗରେ ବସିଥିବେ – ଆଶ୍ରମରେ ଅପେକ୍ଷା କରିବା । ତା ପରେ ତାଙ୍କ ସହ ସାକ୍ଷାତ କରିବା । ଆସନ୍ତୁ ତାହାହେଲେ ।

ସମସ୍ତେ – ଗ୍ଚଲନ୍ତୁ (ଅନ୍ଧାର ସଂଗୀତର ମୂର୍ଚ୍ଛନା)

 କ୍ରମଶଃ........

ସି.ଡି.ଏ, କଟକ

# ସ୍ୱପ୍ନର ନାୟିକା



ରୁବ୍ଲିନ୍ ସାହୁ(ଋକ୍ଷୀ)

କ, ସୁନ୍ଦର ତା ରୂପର ମାଧୁର୍ଯ୍ୟ,
ଉପମା ନାହିଁ ତା ନିଆରି ହସର ।

ଥମିଯାଏ ପାଦ ତା ଗ୍ଲେସ୍ ଗ୍ଦୁହାଣୀରେ,
ଆକର୍ଷିତ ମନ ଧାଇଁ ପଡେ ତାକୁ ଦେଖିବାକୁ ଥରେ ।

ପୁଣି ଉଭି ହୋଇଯାଏ ମେଘର ବିଜୁଳି ପରି,
ଚକ୍ ଚକ୍ ତା ମୁଖେ ଦେଖାଇ ହସର ଲହରୀ ।

ବୁଝାପଡେନା ତା ଅଣଦେଖା ର ବାହାନା,
ଯାହା ବି ହେଉ ସେ ମୋ ମନର ମଇନା ।

ଭୁଲିଯାଏ ଜଗତ ତା ଗୋଟେ ଝଲକେ,
ପାଇବାକୁ ତାକୁ ନିତି ମୁଁ ସ୍ୱପ୍ନ ଦେଖେ ।

ମୋ ସପନେ ନାୟିକା ସାଜିଛ ଗୋ ପ୍ରିୟେ,
ଅମରତା ରହିବ ତମେ ସଦା ମୋ ହୃଦୟେ ।

ସତଲମା, ବରଗଡ

# ଏକା



ଶଶୀକାନ୍ତ ମେହେର

କିଏ କହିଲା ଏକା ରହିଲେ ଖୁସି ମିଳେନି
ସୂର୍ଯ୍ୟ ଙ୍କୁ ଦେଖ ପ୍ରତିଦିନ ଏକା ରହି ଚମକୁଥାନ୍ତିରେ !

ଏକାକୀରେ ରହିବା ଶିଖିଯାଅ ଏଠି କେହେ ରହିବେନି ସାଥିରେ
ନିଜେ ନିଜକୁ ଖୁସୀରେ ରଖ ଦରକାର ନାହିଁ କାହାରିକୁରେ !

ଏ ମନ କାହିଁ କାହାରିକୁ ଖୁଜି ବୁଲୁଅଛୁରେ
କେତେ ଦିନ କିଏ ସାଥ ଦେବ ତୋର କହରେ !
ଆଜିର ଦୁନିଆଁ ରେ ଏମିତି ଲୋକ ବହୁତ୍ କମ୍
ଯେ ଆମ ନିଜର ଦରକାର ସମୟରେ ସାଥ ଦେବେରେ !

ଏ ମନ ଏକା ହେଲେ କେଭେ ଦୁଃଖ ମନାସିବୁ ନାହିଁ
ସବୁବେଳେ ମୁଖରେ ହଁସି ଝରାଉଥିବୁରେ !
ଜାଣିଛୁ ସମସ୍ତେ ଦି-ଦିନ ଅତିଥି
ପୁଣି କାହିଁ କାହାକୁ ପାଖରେ ରଖିବାକୁ ଚାହୁଁରେ !

ଏକା ରହି ରହି ନିଜର ମନ କୁ ଶକ୍ତ କରିବାକୁ ଚେଷ୍ଟା କର
କାରଣ ବହୁତ ସମୟରେ ନିଜକୁ ଏକା ତୁ ପାଇବୁ ଏ ସଂସାରେ !
ଆରେ ସମୟ ଆସିଲେ ଆମର ପ୍ରତିବିମ୍ବ ଭି
ଆମକୁ ଏକା ଛାଡ଼ି ଚାଲିଯାଏରେ !

ଯେଉଁଠି ମନର କଥା କେହି ବୁଝୁନଥିବେ
ଏମିତି ଗହଳ ଭିତର ରୁ ଏକା ରହିବା ଭଲ ରେ !
ଏକାଲିଆ ହେଲେ ନିଜେ ନିଜର ସାଥି ହ
ନିଜେ ଜିନର ମନର କଥା ତୁ ବୁଝରେ !

ଯେବେ ବୁଝି ଯିବୁ ନିଜକୁ ଆଉ ଏକା କେବେ ପାଇବୁନିରେ !
ଆଉ ଏକା କେବେ ପାଇବୁନିରେ !!

ଜମଲ୍, ପଦ୍ମପୁର,ବରଗଡ଼

# ପ୍ରତିଜ୍ଞା



ନଲେଶ କୁମାର ଭୋଇ

ପିତୃ ପ୍ରତିଜ୍ଞା ପାଳନ କରି ପ୍ରଭୁରାମଚନ୍ଦ୍ର ଗଲେ ବନବାସ,
ପ୍ରତିଜ୍ଞା କରି ଯେଉଁ କାମକଲେ ଭଲରେ ହୁଏ ଶେଷ ॥
ମହାତ୍ମା ଗାନ୍ଧୀ ପ୍ରତିଜ୍ଞା କରିଥିଲେ ଖାଇବେ ନାହିଁ କେବେ ଆମିଷ,
ଅହିଂସା ବଳରେ ଇଂରେଜ ମାନେ ଛାଡ଼ି ପଳାଇଲେ ଭାରତ ଦେଶ ॥
ପ୍ରତିଜ୍ଞା କରି ସ୍ୱାମୀ ବିବେକାନନ୍ଦ ଯାଇଥିଲେ ବିଶ୍ୱଧର୍ମ ସମ୍ମିଳନୀ କୁ,
ଗୀତା, ଭାଗବତ, ନଜରେ ଥିଲେବି ଆଧ୍ୟାତ୍ମିକଜ୍ଞାନ ବାଣ୍ଟି ଥିଲେ ସଭିଙ୍କୁ ॥
ତାଙ୍କର ଭାଷଣରେ କେଉଁ ମନ୍ତ୍ର ଥିଲା ହେ ! ମୋର'ଭାଇ, ଭଉଣୀ ମାନେ,
ସେହି ମନ୍ତ୍ର' ଆଜି ଶୁଭୁନାହିଁ କାହିଁକି ପ୍ରତେକ ଭାରତ ବାସୀଙ୍କ କାନେ ॥
ପିତୃ, ପ୍ରତିଜ୍ଞା, ଆଶୀର୍ବାଦ ଘେନଣ ଧର୍ମପଦ କୋଣାର୍କରମୁଣ୍ଡିମାରି ଥିଲେ,
ବାଳୁତ ଶିଶୁଟି ହେଲେବି ଧର୍ମପଦ ବାରଶହ ଜୀବନ ରଖିଗଲେ ॥
ପ୍ରତିଜ୍ଞା କରି ଅଚ୍ୟୁତ ସାମନ୍ତ ଗରୀବ ମୁହଁରେ ଦିଅନ୍ତି ଯେ' ହସ,
ସେହି ହସ ଲାଗିରହିଥାଏ ସଭିଙ୍କ ଓଠରେ ବର୍ଷ, ଦିନ, ମାସ ॥
ପ୍ରତିଜ୍ଞା ବଳରେ ଅସାଧ୍ୟ କାମ ଯେ'ଏହି ମର୍ତ୍ତ୍ୟରେ ସମ୍ଭବ ହୁଅଇ,
ସେହି ସମ୍ଭବ ପୂରଣ ହେଲେ ସ୍ୱର୍ଗର ଇନ୍ଦ୍ରପୁର ସୁଖ ଯେ' ମିଳଇ ॥

ବଲାଙ୍ଗୀର

# ଉମରକୋଟର ଅଧିଷ୍ଠାତ୍ରୀ ଦେବୀ "ମାଆ ପେଣ୍ଡ୍ରାଣୀ"



ପ୍ରତାପ ଚନ୍ଦ୍ର ସାହୁ

ମାଆ ପେଣ୍ଡ୍ରାଣୀ ଦେବୀଙ୍କର ମହିମା ଅପାର । ସୁଦୁର ଉପାନ୍ତ ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ଉମରକୋଟ। ଓଡିଶା ଓ ଛତିଶଗଡ ଅଞ୍ଚଳରେ ମାଆଙ୍କର ପୀଠ ସ୍ଥଳ ଅବିଭକ୍ତ କୋରାପୁଟ ତଥା ବର୍ତ୍ତମାନର ନବରଙ୍ଗପୁର ଜିଲ୍ଲାର ଉମରକୋଟ ହେଉଛି ମାଆ ପେଣ୍ଡ୍ରାଣୀ ଦେବୀଙ୍କର ବାସସ୍ଥାନ । କମ୍ବଦନ୍ତିରୁ ଯାହା ଅନୁମେୟ ଓଡିଶା ରାଜ୍ୟ ସୀମାନ୍ତବର୍ତ୍ତୀ ଅଞ୍ଚଳ ଛତିଶଗଡ ସ୍ଥିତ ଏକ ଗ୍ରାମ ପେଣ୍ଡ୍ରାତଣ୍ଡା ୨୦୦ ବର୍ଷ ପୂର୍ବେ ଉକ୍ତ ଗ୍ରାମରେ ଉତ୍କଟ ବର୍ଷାଭାବ ଯୋଗୁଁ ଦୁର୍ଭିକ୍ଷ ଦେଖାଦେଇଥିଲା । ଚତୁର୍ଦ୍ଦିଗରେ କେବଳ ହାହାକାର, ଲୋକମାନେ ପୋକମାଛି ଭଳି ମରିଗଲେ । ମାଗୁରେଇ ନାମକ ଏକ କନ୍ୟାକୁ ସେଇ ଗ୍ରାମର ମଙ୍ଗୁତୁ ଭଲ ପାଇ ବସିଥିଲା । ଗୁରେଇ ଦେବୀକୁ ମଙ୍ଗୁତୁ ବାହା ହେବାପାଇଁ ମନସ୍ତ କରିଥିଲେ । ଉଭୟଙ୍କ ପରିବାର ତରଫରୁ ବାହାଘର ଦିନ ଧାର୍ଯ୍ୟ କରିନେଲେ । ଅପର ପକ୍ଷରେ ଦୁର୍ଭିକ୍ଷ ପଡିଥାଏ । ଚନ୍ତାରେ ମୁଣ୍ଡରେ ହାତ ଦେଇ ଅଞ୍ଚଳବାସୀ ବସିଥାନ୍ତି । ହୋମଯଜ୍ଞ ତଥା ପୂର୍ଜାର୍ଚ୍ଚନାରେ ଲାଗିପଡିଥାନ୍ତି । ଦିନେ ଗୁରେଇଙ୍କ ଭାଇ ଓ ପିତାଙ୍କୁ ଶୂନ୍ୟବାଣୀ ହେଲା ଯଦି ତୁମେ ଘରେ ଥିବା ମଙ୍ଗୁତୁକୁ ଜମିକୁ ନେଇ ବଳି ପ୍ରଦାନ କରିବ, ତାହାହେଲେ ଜଳକ୍ଲିଷ୍ଟା ଦୂର ହେବ । ଦୁର୍ଭିକ୍ଷ ଆଉ ରହିବ ନାହିଁ, ମାଟିମା ରକ୍ତ ଚାହୁଁଛି । ବିଚାର ବିମର୍ଷ ପରେ ପରିବାର ବର୍ଗ ନିଷ୍ପତ୍ତି ନେଲେ ମଙ୍ଗୁତୁ କୁ ନେଇ ଜମିରେ ବଳି ଦିଆଯିବା ମାଟି ମାଆଙ୍କୁ ରକ୍ତ ଦିଆଯିବ । ଗୁରେଇଙ୍କ ଗୃହରେ ମଙ୍ଗୁତୁକୁ ରଖି ଆସୁଥିଲେ ବି ଜମିକୁ ଯାଇ କୃଷି କାର୍ଯ୍ୟରେ ଗୁରେଇଙ୍କ ପରିବାର ବର୍ଗଙ୍କୁ ସାହାଯ୍ୟ କରୁଥିଲେ । ପ୍ରତ୍ୟେକ ଦିନ ଗୁରେଇ ଘରୁ ଖାଦ୍ୟ ନେଇ ନିଜ ଭାଇ ଏବଂ ମଙ୍ଗତୁକୁ ଜମିରେ ପରଷି କରି ଆସନ୍ତି । ଦିନେ ପୂର୍ବ ନିଷ୍ପତ୍ତି ଅନୁଯାୟି ଜମିରେ

ମଙ୍ଗୁତୁକୁ ଗୁରେଇଙ୍କ ପରିବାରବର୍ଗ ବଳ ଚଢାଇଥିଲେ। ମଙ୍ଗୁତୁଙ୍କ ରକ୍ତ ମାଟି ଦେବତା ପାଇଲା ପରେ ବାଦଲ ଫଟା ବର୍ଷା ହୋଇଥିଲା ।

ଗୁରେଇ ଖାଦ୍ୟ ନେଇ ଜମିକୁ ନେଇ ଯାଇଥିଲେ ହେଁ ମଙ୍ଗୁତୁକୁ ଖୋଜି ପାଇନଥିଲେ। ଏକାଧିକ ଦିନ ଖାଦ୍ୟ ପାନୀୟ ତ୍ୟାଗ କରି ଗୁରେଇ ମଙ୍ଗୁତୁକୁ ଖୋଜି ନିରାଶ ହୋଇଥିଲେ। କିଛିଦିନ ପରେ ସ୍ୱପ୍ନରେ ଜାଣିବାକୁ ପାଇଥିଲେ ଜମିର ନିକଟସ୍ଥ ଏକ ଖାଲୁଆ ଜାଗାରେ ମଙ୍ଗୁତୁକୁ ପୋତି ଦିଆଯାଇଛି । ଏହା ଜାଣିବା ପରେ ନିଜକୁ ଆୟତ କରିନପାରି ଉକ୍ତ ଗର୍ତ୍ତ ନିକଟରେ ନିଜର ପ୍ରାଣତ୍ୟାଗ କରିଥିଲେ । ଉକ୍ତ ଦିନଠାରୁ କୁହାଯାଏ ଯେ ସେ ସତୀ ପାଲଟି ଯାଇଥିଲେ। ଏହାର ଦିନ ଦୁଇଦିନ ପରେ ଅଞ୍ଚଳର ବିଭିନ୍ନ ଲୋକଙ୍କ ଶରୀରରେ ସବାର ହୋଇ ଗୁରେଇ ମାଟି ଦେବତା ରକ୍ତ ଗୃହେଁ ବୋଲି କହି ବାର୍ତ୍ତାଳାପ କରିଆସୁଥିଲେ। ଲୋକଙ୍କ ସମସ୍ୟା ସମାଧାନ କରିବା ସହ ମନସ୍କାମନା ପୂରଣ କରୁଥିଲେ। ପେଣ୍ଡ୍ରାଣୀ ନାମ କରଣ କରି ସମ୍ବୋଧନ କରିବାରେ ଲାଗିଲେ। ସେଇ ଦିନଠାରୁ ମାଁ ପେଣ୍ଡ୍ରାଣୀ ରୂପେ ଖ୍ୟାତି ଲାଭ କରି ଆରାଧ୍ୟ ଦେବୀ ହୋଇ ରହି ଆସୁଛନ୍ତି। ଉମରକୋଟାରେ ଯାହାଙ୍କ ପେଣ୍ଡ୍ରାତଣ୍ଡ ଗ୍ରାମର ନିକଟବର୍ତ୍ତୀ ଅଞ୍ଚଳ ପ୍ରତ୍ୟେକ ବର୍ଷ ମାଙ୍କର ବିମାନ ଗାଁର କୋଣ ଅନୁକୋଣ ଭ୍ରମଣ କରିଥାନ୍ତି। ବିଶ୍ୱାସ ରହିଅଛି ଏହା ଫଳରେ ପିଶାଚ, ଭୁତ, ଡାହାଣି ଆଦି ଗାଁରୁ ଗୃଲି ଯାଇଥାନ୍ତି । ମାଁ ପେଣ୍ଡ୍ରାଣୀ କେବଳ ଉମରକୋଟରେ ସିମୀତ ନାହାନ୍ତି, ଓଡିଶାର ତଥା ଛତିଶଗଡର ଏକାଧିକ ଗାଁରେ ପୂଜା ପାଇ ଆସୁଛନ୍ତି। ଏବେବି ଗୁରେଇ ଦେବୀ (ପେଣ୍ଡ୍ରାଣୀ) ମାଁଙ୍କର ବଂଶଧର ପେଣ୍ଡ୍ରାତଣ୍ଡ ଗାଁରେ ବସବାସ କରି ଆସୁଥିବାର କୁହାଯାଏ। ମାଁ ପେଣ୍ଡ୍ରାଣୀଙ୍କ ସେବାୟତ ମାନେ ବଂଶାନୁକ୍ରମେ ୧୨ ପାଲି ୨୪ ଗ୍ରାମରେ ରହି ଆସୁଛନ୍ତି। ମାଁଙ୍କୁ ସ୍ମରଣ କରି ନିଜ ଗୁହାରି ଜଣାଇଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଜୟପୁର ରାଜାଙ୍କର ଦ୍ୱାର ନିର୍ମିତ ପୁରୁଣା ମନ୍ଦିର ଆଉ ନାହିଁ, ସେଇ ଜାଗାରେ ମାଁ ପେଣ୍ଡ୍ରାଣି ମନ୍ଦିର ପୂଜା କମିଟିର ସଭାପତି ପି ରାବଣା ରାଓଙ୍କ ଦ୍ୱାରା ନିର୍ମିତ ନୂତନ ମନ୍ଦିରରେ ମାଁ ପୂଜା ପାଉଛନ୍ତି। ପ୍ରତ୍ୟେକ ବର୍ଷ ଶ୍ରାବଣ ମାସର ପ୍ରଥମ ସୋମବାର ଦିନ ମାଆଙ୍କର ଯାତ୍ରା ଅନୁଷ୍ଠିତ ହୁଏ। ଏହି ଦିନମାନଙ୍କରେ ପୂଜକ ଶିରାଙ୍କର ଶରୀରରେ ମା

ସବାର ହୁଅନ୍ତି । ମାଙ୍କ ନିମନ୍ତେ ଉଦ୍ଦିଷ୍ଟ କଣ୍ଢା ପାଲିଙ୍କିରେ ବସି ଯାତ୍ରା କରନ୍ତି । ଲୋକଙ୍କ ସହ ବାର୍ତ୍ତାଳାପ କରିବା ସହ ସେମାନଙ୍କର ସମସ୍ୟାର ସମାଧାନ ବି କରିଥାନ୍ତି । ରାଜ୍ୟ ତଥା ରାଜ୍ୟ ବାହାର କୋଣ ଅନୁକୋଣରୁ ଭକ୍ତମାନଙ୍କର ସୁଅ ଛୁଟିଥାଏ ଉମରକୋଟ ଅଞ୍ଚଳକୁ । ସାଧାରଣତଃ ରବିବାର ଦିନ ମାଆଙ୍କ ପୀଠରେ ପ୍ରବଳ ଜନସମାଗମ ହୋଇଥାଏ । ମାଙ୍କ ଯାତ୍ରାରେ ୨୦ ରୁ ୨୫ ହଜାର ଭକ୍ତଙ୍କର ସମାଗମ ହୋଇଥାଏ । ବିଶେଷ କରି ପଡୋଶୀ ଛତିଶଗଡର ଅନେକ ଭକ୍ତ ଏଥିରେ ସାମିଲ ହୋଇ ମାଆଙ୍କର ଆଶିର୍ବାଦ ଭିକ୍ଷା କରିଥାନ୍ତି । ସନ୍ଧ୍ୟାରେ ମା ନିଜ ପାଲିଙ୍କି କମ୍ବା ଆସନରେ ବସି ଆସିଥିବା ଭକ୍ତଙ୍କର ନାଁ ଧରି ଡାକ ସେମାନଙ୍କୁ ଆଶୀର୍ବାଦ ସ୍ୱରୂପ କିଛି ଚାଉଳ ଏବଂ କିଛି ପଇସା ସେମାନଙ୍କ ହାତରେ ଦେଇଥାନ୍ତି । ଏହା ହେଉଛି ପରମ୍ପରା । ମାଆଙ୍କ କରୁଣା ଅପାର ।

ନବରଙ୍ଗପୁର

# ହଜିନ ମୁଁ

ଡ଼ଃ.ମଧୁମିତା ଷଡଙ୍ଗୀ

ମୁଁ ଆଜି ପୁଣି ମତେ ଖୋଜୁଛି
ନିଜକୁ ଆବିଷ୍କାର କରିବାକୁ ଚାହୁଁଛି
ଏତେ ସବୁ କଂକ୍ରିଟ ରାସ୍ତାରେ
ମାଳ ମାଳ କୋଠା ଘରେ......
କାହିଁ କୋଉଠି ତ ପାଉନି ମୁଁ
ଘଞ୍ଚ ଆମ୍ବ ତୋଟା
ବୁଢା ବର ଗଛ
ଅଥବା ବାଉଁଶର ବଣ ?
ହାୟ, ବିଧାତା ଏ ସବୁ କଣ??
ତଥାପି....
ତଥାପି ମୁଁ ଆଜି ପୁଣି ମତେ ଖୋଜୁଛି
ନିଜକୁ ଆବିଷ୍କାର କରିବାକୁ ଚାହୁଁଛି
କୁଆଁରୀ ମନର ସରାଗ ଭିତରେ
ବାହା ହେଇଥିବା ଝିଅର ବାପଘର ସଉକରେ
ମଡର୍ଣ ପିଲାମାନଙ୍କ ମୋବାଇଲ ନିଶାରେ
ଆଧୁନିକ ବାପା ମା'ଙ୍କ ପାର୍ଟି ଫଙ୍କସନରେ
କାହିଁ କୋଉଠି ତ ପାଉନି ମୁଁ
ଉତ୍ସବର ଆଶା ଉଦ୍ଦୀପନା
ଆଦ୍ୟ ଆଷାଢ଼ର ଆଗମନ
ସଂସ୍କୃତିର ସଂରକ୍ଷଣ
ହାୟ, ବିଧାତା ଏ ସବୁ କଣ?
....

ଆରେ ବାଃ !!
ଆଜି ମୁଁ ବହୁତ ଖୁସି
କଛି ସଂସ୍କୃତି ପ୍ରେମୀ ଉଦ୍ୟୋକ୍ତାଙ୍କ ପାଇଁ
ନୂଆ କଛି ଆଶା ନେଇ
ସହରର ଛିଟା ନେଇ
ପୁଣି ଥରେ ମୁଁ ନଜକୁ ପାଇଛି....
ପାନ୍ଥନିବାସରେ
ଅଲ୍ପ କଛି ପାର୍କରେ
ତଥା ଆୟୋଜିତ ହୋଇଥିବା
ବିଶେଷ ରଜ ପର୍ବରେ.....
ହଁ ହଁ
ଆଜି ମୁଁ ମତେ ପୁଣି ଥରେ ପାଇଛି
ଉତ୍ସବର ନଆର୍ ଖୁସି ଦେବା ପାଇଁ
ମୋ ଉପରେ ସମସ୍ତଙ୍କୁ ଝୁଲାଇବା ପାଇଁ
ରଜ ପର୍ବର ଅନୁଭୂତି ଦେବା ପାଇଁ...
ସତରେ, ମୁଁ ଆଜି ଧନ୍ୟ ହୋଇଛି ।
ଆଜି ମୁଁ ମତେ ପୁଣି ଥରେ ପାଇଛି ।

ମାଣିକଗୋଡ଼ା, ଖୋର୍ଦ୍ଧା

# ସମୟ



ଲଲାଟେନ୍ଦୁ ବାରିକ

ସତ୍ୟ ତ୍ରେତୟା ଦ୍ୱାପର କଳି
ଯୁଗ ବଦଳୁଛି ଭଳି କ ଭଳି
ସମୟ ସହ ତାଳ ମେଳ ଦେଇ
ମନୁଷ୍ୟ ଗଲାଣି ପୂର୍ବ ବଦଳି
ଏ ସାର୍ା ସଂସାର ନିର୍ଭରଶୀଳ
ସମୟ ସୁଅରେ ହୁଏ କଲବଲ
କେତେ ଝଡ଼ ଝଞ୍ଜା ବିପଦ ରେ
ଉଠି ପଡ଼ି ଚ୍ଲୁଥାଏ ନିରନ୍ତରେ
ଜଞ୍ଜାଳ ଦୁନିଆ ଟା ହୁଅଇ ଚଞ୍ଚଳ
କର୍ମ କରି ଚ୍ଲନ୍ତି ଦେଖି ବେଳକାଳ
ବାର ତିଥି ନକ୍ଷତ୍ରେ ଗଢା ଏ ସଂସାର
ତା ରି ବିନା ଲ୍ଗଇ ସତେ ଅନ୍ଧକାର
କାହାରି କପାଳେ କେବେ ସୁଖ ଦିଏ
ପୁଣି ତ କାହାକୁ ଅଦିନ ରେ କନ୍ଦାଏ
କହେ ପରିଶ୍ରମ କର ସଦା ମୋ ଭଳି
ଆଳସ୍ୟ କୁ ମନୁ କରି ଦିଅ ଦୂରେଇ
ସେ ଯେ ନିୟତି ର ଆଦେଶରେ ଚ୍ଲେ
ବୁଝେ ନାହିଁ କାହା ଅନ୍ତର ବେଦନା
ସୃଷ୍ଟି ର ଆଦିରୁ ହୋଇ ମୂକସାକ୍ଷୀ
ଦେଖି ଆସୁ ଅଛି ପିଢ଼ି ପରେ ପିଢି
ସମୟ କୁ ଯେଉଁ ହତାଦର କରଇ
ଦୁଃଖ କଷ୍ଟେ କାଳାତିପାତ କରଇ
ତା'ର ଇଙ୍ଗିତ ରେ ସଦା ଯେ ଚ୍ଲଇ
ର୍ାଜ ଯୋଗ ଭ୍ୋଗ ଆନନ୍ଦେ ମିଳଇ

ବାସୁଦେବପୁର, ଭଦ୍ରକ

# କରୋନା ତୁ ଏ କଣ କଲୁ



ସଂଯୁକ୍ତା ମେହେର

କରୋନା ତୁ କାହିଁ ଆସିଲୁ
ସଭିଙ୍କ ମୁଖରୁ ହସ ଛଡ଼ାଇ ନେଲୁ ।
ସବୁଆଡ଼େ ହାହାକାର ସବୁଆଡ଼େ ଚତ୍କାର।
ମା ଠୁ ପୁଅକୁ ଛଡାଇ ନେଲୁ
କରୋନା ଏତୁ କଣ କଲୁ !
ଭଉଣୀ କାନ୍ଦେ ଭାଇ ଭାଇ ହୋଇ
ସ୍ତ୍ରୀ ଆଖିରୁ ତ ଲୁହ ସୁଖୁ ନାହିଁ
କରୋନା ରେ ସ୍ୱାମୀ ମରିଛି ବୋଲି
ସ୍ୱାମୀ ମୁଖ କୁ ତ ସେ ପାରୁନ ଦେଖି।
ସୁଖ ପରିବାରେ ଦୁଃଖ ତୁ ଦେଲୁ
କେତେ ଛୁଆକୁ ତୁ ଅନାଥ କଲୁ।
ଲକ୍ ଡାଉନ ଖାଲି ଗ୍ଭଲିଛି ବଢି
ନଜ ଘରକୁ କଏ ପାରୁନ ଆସି।
ଯାନ ବାହାନ ସବୁ ହୋଇଛି ମନା
ସବୁଆଡ଼େ ଖାଲି କଟକଣା ।
ସବୁଆଡ଼େ ଖାଲି ପୁଲିସ ବାବୁ
ସରକାର ଚନ୍ତା ବଢିଛି ସବୁ।

ପୁଣି ଶୁଭୁଛି ଆସିବ ତୃତୀୟ ଲହର
ଆଉ କେତେ ସବୁ ଜୀବନ ନେବ।
ଲୋକଙ୍କ ମନରେ ହେଉଛି ଭୟ
କରୋନା ରୁ କେବେ ମିଳବ ତ୍ରାସ।
ରକ୍ଷା କର ପ୍ରଭୁ ହେ ଜଗନ୍ନାଥ
ନହେଲେ ଆମେ ସବୁ ହେବୁ ଅନାଥ।

ପଞ୍ଚଭାୟା, ପଦ୍ମପୁର, ବରଗଡ

# ଆମ ସାହିତ୍ୟ



ସିଦ୍ଧେଶ୍ୱର ତ୍ରିପାଠୀ

ସାହିତ୍ୟ ସମାଜର ଦର୍ପଣ । ସାହିତ୍ୟ ଦ୍ୱାରା ସମାଜରେ ଶିକ୍ଷା ସଂସ୍କାର ମଣିଷ ପାଣିଆର ପ୍ରଚାର ପ୍ରସାର ହୁଏ । ଏବେ ସାହିତ୍ୟିକ ଟିଏ କହୁଛି ପାରିତୋଷିକ ତ ଦୂରେ ଥାଉ ପଇସା ଦେଲେ ବି ସମ୍ପାଦକ ଠିକ୍ ସମୟରେ ବହି ପଠାଉନାହିଁ । ପଇସା ଦେଇ କେତେ ବହି ଛାପିବା ।

ପ୍ରକାଶକର ମତ ଆଉ ଆଗ ଭଳ ଓଡ଼ିଆ ବହି ପତ୍ର ପତ୍ରିକା ବିକ୍ରି ହେଉନ । ଲାଭ କଥା ଛାଡ ମୂଳ ବି ଉଠୁନ । ପାଠକ କହୁଛି ଆଉ ସାହିତ୍ୟରେ ସେ ରସ ନାହିଁ । ସବୁ ଅନ୍ୟ ଭାଷାରୁ କପି (ନକଲ) ହେଉଛି । ଫେସବୁକ ହ୍ୱାଟ୍ସଆପ ଆସିଲା ପରେ ସମସ୍ତେ କବି ସମସ୍ତେ ସାହିତ୍ୟିକ । ଗୁଡାଏ ବହି ଇଣ୍ଟର ନେଟ ରେ ମିଳୁଛି ଏଗୁଡା କଆଁ କଣିବା ।

ସମାଲୋଚକଙ୍କ ମତ ସାହିତ୍ୟ ରେ ପ୍ରିୟାପ୍ରୀତି ତୋଷଣ ଚାଲିଛି । ପୁରସ୍କାର ବିକ୍ରି ହେଉଛି। ସାହିତ୍ୟିକ ଆଜି ମାନପତ୍ର ପ୍ରେମରେ ପଡି ଯାଇଛି । ପ୍ରକାଶକ ସାହିତ୍ୟ ଛାପୁନ ଛାପୁଛି ନିଜ ବ୍ୟବସାୟର ଲାଭ ମିଳୁଥିବା ଧନୀକ ଶ୍ରେଣୀର ବ୍ୟକ୍ତିର ଲେଖାକୁ ।

ଚକ ମିକ ଦେହ ବାଣ୍ଟି ପାରିଲେ ଲେଖା ବି ଚକମିକ ବୋଲି ପରିଗଣିତ ହେଉଛି । ଆଖି ବୁଲେଇଲେ ପୁଳା ପୁଳା କବି ଆଉ ମେଞ୍ଚା ମେଞ୍ଚା ସାହିତ୍ୟ ଅନୁଷ୍ଠାନ ଆଉ ଚାତି ପାହିଲେ ସମସ୍ତଙ୍କ ପାଖରେ ଡାଉନ୍ ଲୋର୍ଡ ପ୍ରିଣ୍ଟ ଆଉଟ (ସମସ୍ତେ ବୁଝିବା ଭଳ ଶବ୍ଦ) ହୋଇ ଟଙ୍ଗା ହୋଇଥିବା ମାନପତ୍ର । ପୁରାତନ ଛାନ୍ଦ କୁ ଖେଚେଡ଼ି କରି କଦର୍ଯ୍ୟ ଭାବରେ ମନ ମନେକା କବିତା ର ନୂଆ ଧାରା ବି ସୃଷ୍ଟି ହେଲାଣି ।

ଏଠି ବୟୋଜ୍ୟେଷ୍ଠ ଆର୍ଥିକ ସ୍ୱଚ୍ଛଳ ସାହିତ୍ୟିକ ଆଉ ଫେସବୁକ ହ୍ୱାଟ୍ସଆପ ସଂଘର ସୃଷ୍ଟିକର୍ତ୍ତାଙ୍କ ପିଲାଳିଆମୀ ଆଉ ମନମାନ ବି ବେଳେ ବେଳେ ହାସ୍ୟାସ୍ପଦ ଲାଗେ ।

କବି ଗାଳ୍ପିକ ପ୍ରାବନ୍ଧିକ ନାଟ୍ୟକାର ଔପନ୍ୟାସିକ ସମସ୍ତେ ହାମବଡା ନୀତିରେ ମାହିର୍ ।

ଏଠି ବ୍ୟକ୍ତିର ନାଁ କୁ କୁଆଡେ ମାନପତ୍ର ଦିଆଯାଏ ଲେଖାକୁ ନୁହେଁ । ଲବି କଲେ ଗାଳ୍ପିକ ବି କବି ହୋଇପାରେ । (ଆଜିକାଲିକା କବିତା ଲେଖି) ।

ସେଥିରେ ପୁଣି ବ୍ୟଙ୍ଗକବି ଗୀତିକବି ଗୀତିକାର ଆଉ ଏବେକାର କଲିମୀ ଅତ୍ୟାଧୁନିକ କବି । ସମସ୍ତଙ୍କ ମୁହଁ ଭିନ୍ନ ଭିନ୍ନ ଦିଗକୁ ।


ଏଠି ପଇସା ପାଇଁ ବ୍ୟଙ୍ଗକବି ମାନେ ହାସ୍ୟ ଅଭିନେତା ହେଇଗଲେଣି । ଆଉ ମୋଟା ଅଙ୍କର ଦରମା ପାଉଥିବା ବ୍ୟକ୍ତି ମାନେ ପଇସା ଫୋପାଡ଼ି ରାତାରାତି ବଡ଼ ଗୀତିକାର ହୋଇଗଲେଣି । ସେ ଗୀତ ବୁଝି ହେଉକ ନହେଉ କିନ୍ତୁ ଆଗ ଧାଡ଼ିର କଣ୍ଠଶିଳ୍ପୀ ଗାଇଛନ୍ତି ଆଉ ନାଁ ପୂର୍ବରୁ ଡଃ କି ପ୍ରଫେସର ଲାଗିଥିବା ଲୋକ ଯେହେତୁ ଲେଖିଛନ୍ତି ଲାଇକ କମେଣ୍ଟ ଦି ଗୁରିଟା ଅଧିକ ମିଳିବ ନିଶ୍ଚୟ ।

ଅନେକ ପାଠକ ଆଉ ବହି ପଢୁ ନାହାନ୍ତି ମୋବାଇଲ ରେ ଘଣ୍ଟା ଘଣ୍ଟା ଧରି ଖେଳ ଖେଳିବାକୁ ପସନ୍ଦ କରୁଛି ।

ତଥାପି ଲଙ୍କାରେ ବିଭିଷଣ ଥିବା ଭଳି ଆଜିବି ଆମ ସମାଜରେ କିଛି ଭଲ କବି ପ୍ରକାଶକ ପାଠକ ଅଛନ୍ତି ଏଥିରେ ସନ୍ଦେହ ନାହିଁ ଦେଖାଯାଉ ପରିବର୍ତ୍ତନର ସମୟ ଆସିଛି ।

କବିର ଘର
କୁଣ୍ଡିଳୋ କେରଙ୍ଗ ଖୋର୍ଦ୍ଧା

# ରାମ ରାଜ୍ୟ ରେ କୃଷକ



ଅଜିତ ପାଢ଼ି

"ରାମରାଜ୍ୟ" ନୀତି ଗଢିବା ଲକ୍ଷ୍ୟରେ
"ରାମ"ଙ୍କୁ ନେଲ ଆଦରି
ଆଶାରେ ତ ଆଜି ଫଳ ନ ଫଳବ
ଭଜିବାରେ ବୃଥା ହରି ।(୧)

ସେ ଦିନ ର ମନେ ହୁଏ ଆଜି ସତେ
"ରାଜରାଜ୍ୟ" ନୀତି କଥା
"କୃଷକ ଜୀବନ ବୃଥା ନୁହେଁ ପଣ
କହେ ତ "ରାମ" ଙ୍କ ଗାଥା ।(୨)

"ଶ୍ରୀରାମ" ମନ୍ତ୍ର ରେ ଆଜି ତ ଶାସନ
ବିଗ୍ଭରକ ପ୍ରଶାସନ
"କୃଷକ" ଦାରୁଣ ବ୍ୟଥିତ ଅଟଇ
କରିଯାଅ ସମାଧାନ ।(୩)

ଯୋଗ, ଭୋଗ ନୁହେଁ ସମାନ ଅଟନ୍ତି
କାହାର ପକ୍ଷକୁ ଯିବ
"ଯୋଗୀ" ରୂପେ ଅଟେ "କୃଷକ" ଭାଇ ତ
ଦୁଃଖରେ କେତେ ଯେ ଥିବ ।(୪)

କୃଷି ଜମି ଆଜି ହସଁ ଫୁଟୁ ନାହିଁ
"କୃଷକ" ମାରଣ ନୀତି
"କୃଷିଜମି" ଦିନେ ଲୋପ ହୋଇଯିବ
ମାଡିବେ "ଉଦ୍ୟୋଗ" ପତି । **(୫)**

"କମ୍ପାନୀ" ନାମରେ ଦିନେ ତ "ଭାରତ"
ହୋଇଥିଲା "ପରାଧିନ"
"ପୁଞ୍ଜିବାଦୀ" ନୀତି ଆପଣାଇ ଧନୀ
କୃଷକର ନର୍ଯ୍ୟାତନ ।**(୬)**

ଉଦର ଭରିବା ପାଇଁ "ଅନ୍ନଦାତା"
"ପ୍ରଭୁ"ଙ୍କୁ ରଖେ ହେ ସାକ୍ଷ୍ୟ
"ଇନ୍ଦ୍ରପ୍ରସ୍ତେ" ଆଜି "କ୍ରାନ୍ତି" ଡାକ ଦେଇ
ମିଳବାରେ ନଜ ପ୍ରାପ୍ୟ
ମିଳବାରେ ନଜ ପ୍ରାପ୍ୟ **........** ।**(୭)**

ମେ ଚଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

# କହରେ କାଳଆ

ସଂଯୁକ୍ତା ସାହୁ

ଆଉ କେତେକାଳ ବସିଥିବୁ ମଉନ ହୋଇ
ସେଇ ଅନ୍ଧାର ଘରେ ରତ୍ନ ସିଂହାସନ ଉପରେ
ବସିଥିବୁ ଏକା ଏକା ହୋଇ ତୋ ଭକ୍ତ ବିନା
ତୁ ପର୍‌ବ ସବୁ ଦେଖିପାରୁ ଆଉ ଶୁଣିପାରୁ
କିନ୍ତୁ ତୋତେ କଣ ଭକ୍ତ ଅକୀଞ୍ଚନ ଦର୍ଶନ
କରିପାରୁଛି କି, ତୋ ଦର୍ଶନ ମିଳୁଛି ତାକୁ
ତୁ ପର୍‌ବ ଉଡାଉଛୁ ପତିତପାବନ ବାନା
ମନ୍ଦିର ଚୁଡାରେ ପତିତ ଉଦ୍ଧରିବା ପାଇଁ
ତୋଠାରୁ କରୁଣାଟିକିଏ ପାଇବା ଆଶାରେ
ହାତ ପାତି ବସିଥିବା ଅସହାୟମାନଙ୍କ
ଲୁହ ନିଃଶ୍ୱାସରେ ଆଉ କେତେ କାଳ ।
ସବୁ ତୋ ଜଣାତରେ ଘଟିଯାଉଛି ପର୍‌ବ
ତୁ ବସିଛୁ ସିଂହାସନରେ ଧ୍ୟାନସ୍ଥ ମୁଦ୍ରାରେ
ନିରୀହଙ୍କର ଆର୍ତ୍ତନାଦସବୁ ହଜିଯାଉଛି
ତୁମ ବଡ଼ଦାଣ୍ଡ ଓ ସିଂହଦ୍ୱାର ପାଖରେ ।

କହରେ କାଳଆ ଆଉ କେତେଦିନ ଏମିତି
ତୁ ନେଉଥିବୁ ସେମାନଙ୍କ ଭାଗ୍ୟପରୀକ୍ଷା
ଆଖି ପିଛୁଳାକେ ହଜିଯାଉଛନ୍ତି ସେମାନେ
ଦୁଃଖ,ରୋଗ,ଶୋକ ଉତ୍ତାଳ ଢେଉରେ
ତୁ କେମିତି ସହୁଛୁରେ କାଳଆ କହରେ
ତୁ ଥାଉ ଥାଉ ନିଃଶେଷ ହେଉଛି ତାଙ୍କର
ନିଜ ନିଜର ଜୀବନ ଓ ଭାଗ୍ୟର ନିୟତିରେ
ତୁ ପର୍‌ବ କରୁଣା ସାଗର ଦୟାର ଠାକୁର
ତୁ ପର୍‌ବ ସାର୍‌ବ ଜଗତର ବିଶ୍ୱର ଈଶ୍ୱର
ଦୟା କର ହେ ଭାବଗ୍ରାହୀ ନଟ ନାଗର
ରୋଗ ଶୋକ ଦୂର ହୋଇଯାଉ ପ୍ରଭୁ
ଏତିକି ଟିକିଏ କରୁଣା ବାରେ କର ।

ରାହାମା, ଜଗତସିଂହପୁର

# ରାକ୍ଷୀପୁନେଇଁ



ସୌଭାଗ୍ୟବତୀ ଗିରି

ବରଷକେ ଥରେ ଆସଇ
ଏଇ ରାକ୍ଷୀ ପୁନେଇଁ।
ଚାତକ ପରି ଚାହିଁଥା'ନ୍ତି
ଯେତେ ଭଉଣୀଭାଇ॥
ବରଷକର ରାଗରୁଷା
କେଉଁେ ଯାଏ ଉଭେଇ।
ହସଖୁସି ଓ ଆନନ୍ଦରେ
ଘର ପୁରି ଉଠଇ॥
ହାତଟେକ ଭାଇ କହଇ
ମୋର ସୁନା ଭଉଣୀ।
ମାନ ଅଭିମାନ ଛାଡି ତୁ
ରାକ୍ଷୀ ବାନ୍ଧିଦେ ଆଣି॥
ଭଉଣୀ ବାନ୍ଧଇ ରାକ୍ଷୀକୁ
ଭାଇ ହାତରେ ତାର।
ସୀମାହୀନ ସ୍ନେହ ପ୍ରତୀକ
ସେଇ ରାକ୍ଷୀର ଡୋର॥
ଭାଇ କହେ ରକ୍ଷାବନ୍ଧନେ
ଦେଲି ତତେ ବଚନ।
ରକ୍ଷାକବଚ ତୋ ସାଜିବି
ମୁହିଁ ସାରାଜୀବନ॥
ସାକ୍ଷୀ ରହିଲା ତ ଆମର
ଏଇ ସ୍ନେହବନ୍ଧନ।
ଜୀବନକୁ ବାଜି ଲଗାଇ
ତୋର ରଖିବି ମାନ॥

କେନ୍ଦ୍ରାପଡା

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

ଭବିଷ୍ୟତ କଳ୍ପନା:

ପରୀନାନୀ ଯିବା ପରେ ବହୁଦିନ ତାଙ୍କ ପ୍ରବନ୍ଧ ବିଷୟରେ ଚନ୍ତା କରୁଥିଲି । ଡାକ୍ତରୀ ସାହାଯ୍ୟ କଥା ବାରଂବାର ମନକୁ ଆସିଥିଲା । ଥରେ ଆମ ଗାଁରେ 'ମହାମାରୀ' ବ୍ୟାପୀ ଥିଲା । ବାପା ତାଙ୍କ କାମ ଭିତରେ କେବେ କେବେ ପିଡ଼ୀତ ମାନଙ୍କୁ ଔଷଧ, ଇଞ୍ଜେକସନ୍ ଦେଉଥିଲେ ବୋଲି ନାନୀ ଠାରୁ ଶୁଣିଥିଲି । ମାତ୍ର କୌଣସି ଏକ କାରଣରୁ ସେ ତାହା ଛାଡ଼ି ଦେଇଥିଲେ ।

ଜଗା କକେଇଙ୍କର କେହି ଜଣେ ଆତ୍ମୀୟ ମହାମାରୀରେ ପିଡ଼ୀତ ହୋଇଥିଲେ ବାପା ଉପଦେଶ ଦେଇଥିଲେ, "ଇଞ୍ଜେକସନ୍" । ଜଗା କକେଇ ବାପାଙ୍କୁ ବାରଂବାର ନେହୁରା ହେଉଥିଲେ, ତୁମେ ଇଞ୍ଜେକସନ୍ ଲଗାଇଦିଅ ନନା, ପିଲାଟା ବଞ୍ଚିଯିବ । ମା' ବାପାଙ୍କର ଏକୋଇର ବଳା ବିଶିକେଶନ୍ ।

ନାଁ ଜଗୁ, ଥରେ ଯାହା ତ୍ୟାଗ କରିଛି, ଆଉ ଥରେ ତା'ର ପୁନରାବୃତ୍ତି କରି ପାରିବିନ । ଦେଖିବା, କ'ଣ ଗୋଟାଏ ବ୍ୟବସ୍ଥା କରୁଛି ।

ଡ଼ରି ଡରି କହିଲି, 'ଇଞ୍ଜେକସନ୍' ଦେବା ମୁଁ ଦେଖିଛି, ଜମା କଷ୍ଟ ନୁହେଁ, ମତେ ବତେଇ ଦେଲେ ମୁଁ ଲଗାଇଦେବି ।

ନାଁ, ନାଁ... ଝିଅ ପିଲାଟା ଇଞ୍ଜେକସନ୍ ଲଗାଇବ! ତୁମେ କଛି ଗୋଟାଏ ବ୍ୟବସ୍ଥା କର ନନା।

ଜଗା କକେଇଙ୍କୁ ନେଇ ବାପା ବାହାରି ଯାଇଥିଲେ । ମୁଁ ବସି ବସି ରକ୍ତ ଗୁଉଳ ଗ୍ରେବାଉ ଥିଲି । ଭଗବାନଙ୍କ ଉଦ୍ଦେଶ୍ୟରେ କହିଲି, "ମତେ କାହିଁକି ଝିଅ ପିଲା କଲ? କଥା

କଥାକେ ଅପମାନ । ଝିଅ ପିଲା ପାଠ ପଢ଼ିବେନ, ଝିଅ ପିଲା ସାଇକେଲ୍ ଚଲାଇବେନ, ଝିଅ ପିଲା ଇଞ୍ଜେକସନ୍ ଦେବେନ । ଏସବୁ ଅପମାନ ମତେ ନୁହେଁ ସବୁ ତୁମକୁ ।"

ଛୁଆନାନୀ ଆସି ପାଖରେ ବସିଲା । ମୋ' ରବେଇ ଖବେଇ ହବା ଦେଖି କହିଲା, ଥଣ୍ଡା ହେଇ ଯା ।

ଥଣ୍ଡା କ'ଣ ହେବି, ଦେଖିବୁ ମୁଁ ଦିନେ ନା ଦିନେ ଜଗା କକେଇର ପେଟ କାଟିବି **(ଅପରେସନ୍ କରିବି)** "ଝିଅ ପିଲାଟା ଇଞ୍ଜେକସନ୍ ଲଗାଇବ**!**"

ବାସ୍, ହେଲା, ଭିତରକୁ ଗ୍ଲଲ, ନାନୀ କଖାରୁ ଫୁଲ ଭାଜୁଛି ।

ଏଃ... ଏଃ... କଖାରୁ ଫୁଲ, ମୋ'ର ଦିଇଟା । ନାନୀ ତତେ ଦିଇଟା ଦେଲେ ତୋ ଭାଗରୁ ମତେ ଗୋଟେ ଦେଇଦବୁ ।

ସଂଙ୍ଗୀତ ବିଷାରଦା ସୁନନ୍ଦା ପଟ୍ଟନାୟକଙ୍କର ଆର୍ଶୀବାଦରୁ ପ୍ରି ୟୁନିଭରସିଟି ବେଳେ ମୁଁ ହଷ୍ଟେଲ୍‌ରେ ରହୁଥିଲି । ପ୍ରତିନାନୀ ମୋ'ର ଲୋକାଲ ଗାର୍ଡ଼ିଆନ । ସେ ଆମ କଲେଜରେ ଗଣିତ ରିଡ଼ର ତେଣୁ କେବେ କେମିତି ଶନିବାର ତାଙ୍କ ସଙ୍ଗେ ଯାଇ ସୋମବାର ଆସି ଯାଇଥାଏ । ଦିନକର କଥା ବଡ଼ସାର୍ ବସି ରେଡ଼ିଓ ପ୍ରୋଗ୍ରାମ ଶୁଣୁଥିଲେ । ଆମକୁ ଦେଖି ପ୍ରତିନାନୀଙ୍କୁ ପାଖକୁ ଡାକଲେ । "ସୁନନ୍ଦା ପଟ୍ଟନାୟକଙ୍କର ପ୍ରୋଗ୍ରାମ ଗ୍ଲୁଲିଛି ।" ପ୍ରତିନାନୀ ମଧ୍ୟ ଯାଇ ବସି ପଡ଼ିଲେ । ରାତି ଖାଇବା ବେଳେ ମତେ ପଗ୍ଲୁରିରେ, "ତୁ ତ ଗୀତ ଗାଉ, ତତେ କ୍ଲାସିକାଲ ଭଲ ଲାଗେନ**?**"

ବହୁତ ଭଲ ଲାଗେ ପ୍ରତିନାନୀ, ମାତ୍ର ମୋ'ର ମନେହୁଏ ଯେଉଁମାନେ କ୍ଲାସିକାଲ୍ ଗାଆନ୍ତି ସେମାନେ ମଣିଷ ନୁହନ୍ତି ସୁପର ହ୍ୟୁମାନ ।

ବଡ଼ସାର୍ ହସି କହିଲେ, ୟାକୁ ନେଇ ସୁପର ହ୍ୟୁମାନ ସୁନନ୍ଦା ପଟ୍ଟନାୟକଙ୍କ ସହିତ ଥରେ ଭେଟ କରାଇ ଦିଅ ପ୍ରତି ତା'ର ଏଇ ବଦ୍ଧ ଧାରଣାଟା ଦୂର ହୋଇଯିବ ।

ପ୍ରତିନାନୀ ପଗ୍ଲୁରିଲେ ଓଡ଼ିଶାର ପ୍ରଖ୍ୟାତ କ୍ଲାସିକାଲ ସିଙ୍ଗର ସୁନନ୍ଦା ପଟ୍ଟନାୟକଙ୍କ ପାଖକୁ ଯିବୁ**?** ସେ ଏଇ ପାଖରେ ରହନ୍ତି । ମୁଁ ଆଉ ତୋର ବଡସାର୍ ତାଙ୍କର ଫ୍ୟାନ୍ ।

ଯିବି ।

ହେଲେ ବହୁ ଗମ୍ଭୀର ଖୁବ୍ ମାପି ଚୁପି କଥା କୁହନ୍ତି ।

ମୁଁ ତ ଆପଣଙ୍କ ସଙ୍ଗେ ଥିବି । ପ୍ରଖ୍ୟାତ ଗାୟିକାଙ୍କ ଦର୍ଶନ ଭାଗ୍ୟରେ ଥିଲେ ପ୍ରାପ୍ତହୁଏ ।

ଠିକ୍ ଅଛି, ଆଜି ଗୁରିଟା ବେଳେ ଯିବା ।

ପ୍ରତିନାନୀ ସତ କହୁଥିଲେ । ତାଙ୍କ ପରସନାଲିଟୀ ଅନ୍ୟମାନଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ । କାହିଁକ କେଜାଣି ତାଙ୍କ ପାଦଛୁଇଁ ପ୍ରଣାମ କରିବାକୁ ଇଚ୍ଛା ହେଲା ।

ମତେ ଆଶୀର୍ବାଦ ଦେଇ ପଗ୍ଗରିଲେ, "ଏ ଝିଅଟି କଏ ପ୍ରତିଭା?"

ଆମ କଲେଜରେ ପଢ଼େ, ମୁଁ ତା'ର ଲୋକାଲ୍ ଗାର୍ଡ଼ିଆନ । ତା' ମତରେ କ୍ଲାସିକାଲ ସିଙ୍ଗର୍ ମାନେ ସୁପର ହ୍ୟୁମାନ । ତେଣୁ ତାକୁ ଆପଣଙ୍କର ଦର୍ଶନ କରାଇଦେବାକୁ ଘନ ବାବୁ (ବଡ଼ ସାର୍) କହିଲେ ।

ମୋ' ମୁଣ୍ଡ ସାଉଁଳାଇ ପଗ୍ଗରିଲେ, "ତୋ ନାଁ କ'ଣ ଲୋ ଝିଅ?"

ଅନୀତା ।

ଖୁବ୍ ଭଲ ନାଁଟିଏ, ନାଁଟି ତୋ ପାଇଁ କଏ ବାଛିଥିଲେ, ବାପା ନା ମା' ।

ମୋ'ର ମା' ନାହାନ୍ତି, ବାପା ମୋ' ନାଁ ଅନନ୍ଦିତା ରଖିଥିଲେ କେମିତି କେଜାଣି ପରେ ତାହା ଅନ୍ନପୂର୍ଣ୍ଣାରେ ବଦଳ ଯାଇଥିଲା । ସ୍କୁଲ୍ ଆଡ଼ମିଶନ୍ ବେଳେ ନନା କହିଲେ ଗ୍ଗରି ଅକ୍ଷରିଆ ନାଁ ଆଉଟ୍ ଡ଼େଟେଡ୍, ତେଣୁ ସାର୍ଟିଫିକେଟ୍‌ରେ ଅନୀତା ଲେଖା ଯାଇଛି ।

ତୁ ଗୀତ ଗାଉ?

ଅଳ୍ପ ଅଳ୍ପ ।

କାହାଠୁ ଶିଖୁଛୁ?

ଶିଖୁଥିଲି, ଭଦ୍ରକ ଛାଡ଼ିଲା ପରେ ଅର୍ଥାତ୍ ଦଶମ ପରେ ଛାଡ଼ି ଦେଇଛି ।

ଆଗକୁ କ'ଣ କରିବାର ଇଚ୍ଛା ।

ଡ଼ାକ୍ତରୀ ପଢ଼ିବା ପାଇଁ ଘରେ ସମସ୍ତେ ବାଧ୍ୟ କରୁଛନ୍ତି ।

ତୋ'ର ଇଚ୍ଛା ନାହିଁ?

ଇଚ୍ଛା ଅଛି ଯେ, ମାତ୍ର ସାହିତ୍ୟ ପ୍ରତି ମୋ'ର ଖୁବ୍ ଆକୃଷ୍ଟତା ।

ବହୁତ ଭଲ କଥା । ଡାକ୍ତରୀ ପ୍ରଫେସନ । ଖୁବ୍ ମର୍ଯ୍ୟାଦାଶୀଳ, ହେଲେ ବହୁ ପରିଶ୍ରମ ।

ମୋ' ସାନଭାଇ ମେଡ଼ିକାଲ୍ ପଢୁଛି । ତା'ର ମଧ୍ୟ କଳା ପ୍ରତି ଖୁବ୍ ଆଗ୍ରହ । ପାଠ ପଢ଼ାରେ ବ୍ୟାଘାତ ଘଟୁଛି । ଆଚ୍ଛା, କ'ଣ ସବୁ ଗୀତ ଗାଉ?

ସେମିତି ବେଶୀ କିଛି ନୁହେଁ ଦିଦି ପଲ୍ଲୀ, ଆଧୁନିକ, ଭଜନ, ଓଡ଼ିଶୀ ମାନେ ବହୁତ ଅଳ୍ପ ।

କ୍ଲାସିକାଲ୍‌ରେ ଇଚ୍ଛା ନାହିଁ ।

ମୁଁ କିଛି କହିବା ପୂର୍ବରୁ ପ୍ରତିନାନୀ କହିଲେ, ସେ କହେ କ୍ଲାସିକାଲ ସିଙ୍ଗର୍‌ମାନେ ସୁପରହ୍ୟୁମାନ, ସେଥିପାଇଁ ତ ତୁମକୁ ଦର୍ଶନ କରିବାକୁ ଆସିଛି ।

ସେଇମିତି ବସି ରହି ଆଉଥରେ ମୋ' ଆଡ଼କୁ ଗ୍ୱହିଁ କହିଲେ, “କିଛି ଗାଇ ଶୁଣା” ।

ମୋ' ପିଳେହୀ ପାଣି, ଆଜ୍ଞା ବି ଅବଜ୍ଞା କରି ହେବନ । ସିଏ ଏବର୍ଷ କଲେଜ ତରଫରୁ ରାଷ୍ଟ୍ରୀୟ ଯୁବ ଉତ୍ସବରେ ଯୋଗ ଦେବାପାଇଁ କଲେଜ ତରଫରୁ ଦୀଲ୍ଲୀ ଯିବା ପାଇଁ ନିର୍ବାଚିତ ହୋଇଛି ।

ଏହା ତ ଖୁବ୍ ଆନନ୍ଦର ବିଷୟ । ସେଠାରେ ଯେଉଁ ଗୀତଟି ଗାଇବୁ ସେଇଟିକୁ ଶୁଣା, ଭାବିନେ ତୋର ରିହରସାଲ୍ । ସେଇଟା ଗୋଟିଏ ହୀନ୍ଦୀ ଗୀତ ଛାନିଆ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଗାଇଥିବା ଗୀତଟି ଗାଇବା ଆରମ୍ଭ କଲି “ମୂରଲୀ ବଜାଅ ଘନଶ୍ୟାମ ସୁନ୍ଦର...”

ଗୀତଟି ସରିବା ପରେ ଦିଦି କହିଲେ ଗୀତ ମଝିରେ କ'ଣ ମନଇଚ୍ଛା ମଝିରେ ଆ ଆ ହୋଇ ଶୁଣାଇଲୁ? ନାଁ ଦିଦି । କିଛି ବି ମନରୁ କହିନ ।

“ଆରେ ଆରେ ଏମିତି ଡରି ଯାଉଛୁ କାହିଁକି?” ସାରେ ସାନୀ ଧା ପା ମା' ପା... ସାର୍ କହୁନଥିଲୁ ।

ସେଗୁଡ଼ା ତ ଗୀତର ଆଳାପ । ମୁଁ ମନରୁ କିଛି କହିନ । ସାର୍ ସିଖାଇଥିଲେ ।

ସେଇଆ ତ ମୁଁ କହୁଛି । ଏଇ ଆଳାପ ଗୁଡ଼ିକୁ ଯେତେ ଅଭ୍ୟାସ କରିବୁ ତୋର କ୍ଲାସିକାଲ ସଂଗୀତ ସେତେ ଭଲ ହେବ । ଆମେ ସମସ୍ତେ ମଣିଷ, ମୁଁ କିଛି ସୁପରହ୍ୟୁମାନ ନୁହେଁ । ଜୀବନ ସାରା ଅଭ୍ୟାସ କରିଛି । ତେଣୁ ତା'ର ଫଳ ମିଳିଛି ।

ତାଙ୍କୁ ପ୍ରଣାମ କରି ଆସୁଥିଲି, ପଛରୁ କହିଲେ ବୃତ୍ତିକୁ ଅବହେଳା କରି ଅଭ୍ୟାସ କରିବୁନି। ଯାହା ଦୀପୁ(ତାଙ୍କ ଭାଇ) କରୁଛି ।

୪. ନାୟୀକା ଅନୀମା ପେଦନୀଙ୍କ ସହ –

ପ୍ରତି ନାନୀ ପେଦନୀ ସାହିରେ ରହନ୍ତି । ନଜେ ମୁଁ କେବେ ସିନେମା ଦେଖେନା । କାହିଁକି କେଜାଣି ମୋ'ର ଅନୀମା ପେଦନୀଙ୍କ ସହ ସାକ୍ଷାତ କରିବାକୁ ବହୁ ଇଚ୍ଛା ହେଲା । ପ୍ରତିନାନୀଙ୍କୁ ଅନୁରୋଧ କଲି । ପ୍ରତିନାନୀ ଓ ବଡ଼ସାର (ଘନଶ୍ୟାମ ସାର୍) ଦୁହେଁ ଖୁବ୍ ଜୋର୍‌ରେ ହସିଲେ । ଏ ଯାକେ ତ ସିନେମାଟିଏ ଦେଖିନୁ । ଆଉ ବାହାରିଲୁ ସିନେମା ହିରୋଇନ୍‌ଙ୍କ ସଙ୍ଗେ ଦେଖା କରିବାକୁ । ବଡ଼ ସାର୍ ଟିକଏ ଦୂରତ୍ୱ ରଖି କଥାବାର୍ତ୍ତା କରନ୍ତି। ତେଣୁ ମତେ ତାଙ୍କୁ ଭୟ ଲାଗେ । ତାଙ୍କ ଆଡ଼କୁ ଭଲ କରି ଦେଖିଲେ । ବଡ଼ନନାଙ୍କ କଥା ମୋ'ର ମନେ ପଡ଼େ । ତାଙ୍କ ପେଟରେ ଖାଲି ଗଣିତ ଭର୍ତ୍ତୀ ହୋଇ ରହିଛି । ତେଣୁ ବପୁଟି ଅପେକ୍ଷାକୃତ ବଡ଼ । ହେଲେ ପ୍ରତିନାନୀ ଖୁବ୍ ମେଳାପୀ ଆଉ ସ୍ନେହୀ । ତାଙ୍କୁ ଏକା ଦେଖି ଅନୁରୋଧ କରିଥିଲି । ମୋ' ସାଙ୍ଗମାନେ କହନ୍ତି ସିନେମାରେ କେବଳ ମୁସଲମାନ୍ ଝିଅମାନେ ଅଭିନୟ କରନ୍ତି । ସେମାନେ ଖୁବ୍ ସୁନ୍ଦର । ଚବିଶ ଘଣ୍ଟା ଗୁର୍ଖା ପିନ୍ଧୁଥିବା ହେତୁ ସୂର୍ଯ୍ୟ କରଣ ତାଙ୍କ ଦେହରେ ବାଜେନ । ତେଣୁ ସେମାନଙ୍କର ରଙ୍ଗ ମଧ ଚମ୍ପାଫୁଲ ଭଳ ହଳଦିଆ, ଆଉ ନରମ । ମୋ'ର ତାଙ୍କୁ ସ୍ୱଦେହରେ ଦେଖିବାକୁ ଇଚ୍ଛା ।

ଆଲୋ ସ୍ୱଦେହ କ'ଣ?

ମାନେ ଯେତେବେଳେ ମେକ ଅପ୍ ନ ହୋଇଥିବେ ।

ସେଇଆ କହ, ତାକୁ ସ୍ୱଦେହ କୁହାଯାଏନା ।

ଭୂଲ୍ ହୋଇଗଲା ପ୍ରତିନାନୀ, ଆବେଗରେ ପାଟିରୁ ଖସି ଗଲା ।

ଆଚ୍ଛା ଆଚ୍ଛା ଠିକ୍ ଅଛି । ତୁ ତେବେ ତାଙ୍କ ସୁନ୍ଦରତାକୁ ଦେଖିବାକୁ ଚାହୁଁ? ଆମ ଛାତକୁ ତାଙ୍କ ଘରର କାର୍ଯ୍ୟକଳାପ ପ୍ରାୟତଃ ଦେଖାଯାଏ । କେବେ ମୌକା ଦେଖି ତତେ ଦେଖାଇଦେବି ।

ନାଇଁ ପ୍ରତିନାନୀ, ମୁଁ ତାଙ୍କ ସଙ୍ଗେ କଥା ଦି'ପଦ ବି ହେବି ।

କ'ଣ ପାଠ ଛାଡ଼ି ସିନେମାର ମିଶିବୁ । ହେଲେ ମନେ ରଖିଥା ତୁ ବ୍ରାହ୍ମଣ ଘର ଝିଅ, "ବ୍ରାହ୍ମଣ ଝିଅଙ୍କୁ ସିନେମାରେ ମିଶିବା ମନା" ।

ସେଦିନ ପ୍ରତିନାନୀ ମତେ ତାଙ୍କ ସଙ୍ଗେ ଅନୀମା ଦିଦିଙ୍କ ଘରକୁ ନେଇ ଯିବା ପାଇଁ ପ୍ରତିଶୃତି ଦେଇଥିଲେ ମଧ ଆଉଟ୍ ଡୋର ସୁଟିଙ୍ଗରେ ଥିବା ଯୋଗୁ ସମ୍ଭବ ହୋଇ ପାରି ନଥିଲା ।

ଶୈଳବାଳା କଲେଜର ଦୁଃଖ ଦୟକ ଘଟଣାପରେ ମୁଁ ବି.ଜେ.ପି କଲେଜରେ ପ୍ରିୟୁନଭରସିଟିରେ ପଢିବା ଆରମ୍ଭ କଲି । ଖୁବ୍ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲି । ଏଇ ଖୁସି ଖବର ପ୍ରିତିନାନୀଙ୍କୁ ଦେବାପାଇଁ ମୁଁ ଭୁବନେଶ୍ୱରରୁ କଟକ ଯାଇଥିଲି । ସେଇଦିନ ମାନଙ୍କରେ ଅନୀମା ପେଦନୀଙ୍କ ନାମରେ ବହୁତ ଚର୍ଚ୍ଚା ହେଉଥିଲା, ନାରୀ ନାମକ ଏକ ସିନେମାରେ ସେ ଅଭିନୟ କରିଥିଲେ, ଯାହା ୧୯୬୩ ରେ ମୁକ୍ତିଲାଭ କରିଥିଲା। ଜନ ଦୃଷ୍ଟି ଶକ୍ତି ବହୁ ପରିମାଣରେ ଲାଭ କରିଥିଲା । ତେଣୁ ତାଙ୍କୁ ଜାତୀୟ ସମ୍ମାନ ପ୍ରାପ୍ତ ହୋଇଥିଲା । ପ୍ରିତିନାନୀଙ୍କୁ ଅନୁରୋଧ କରି ଅନମା ଦିଦିଙ୍କ ଘରକୁ ଯିବା ପାଇଁ ମଧ ଚେଷ୍ଟା କରିବି । ପ୍ରିତିନାନୀଙ୍କ ଘରେ ପହଞ୍ଚିଲା ବେଳକୁ ସେ ତରତର ହୋଇ କୁଆଡେ ବାହାରୁଥିଲେ, ମତେ ଦେଖି କହିଲେ ଭଲ ହେଲା ତୁ ଆସିଛୁ । ଆସନ୍ତା କାଲି ଅନୀମା ଆଉଟ୍‌ଡୋର୍ ସୁଟିଙ୍ଗ ପାଇଁ ଗ୍ଲିଯିବେ । ଆଜି ପର୍ଯ୍ୟନ୍ତ ସେ ସହାୟକ ଭୂମିକା ନଭୁଉ ଥିଲେ । "ନାରୀ" ସମ୍ମାନ ପ୍ରାପ୍ତ ପରେ ତାଙ୍କ ପାଇଁ ନାୟିକା ଭୂମିକା ପାଇଁ ପ୍ରସ୍ତାବ ଆସିଛି । କାର୍ଯ୍ୟ ବ୍ୟସ୍ତରହି ତାଙ୍କୁ ଅଭିନନ୍ଦନ ଜଣାଇବାକୁ ଯାଇପାରିନ ।

"ନାରୀ" ତାଙ୍କର ପ୍ରଥମ ସିନେମା**?**

ନାଁ, ୧୯୫୦ ସପ୍ତଶଯ୍ୟା ତାଙ୍କର ପ୍ରଥମ...୧୯୫୧ ରେ ରୋଲ୍, ୨୮, ୧୯୬୨ ରେ ଲକ୍ଷ୍ମୀ ଏବଂ ଏହା ତାଙ୍କ ଚତୁର୍ଥ ସିନେମା । ପ୍ରତିନାନୀ କ'ଣ କହି ତାଙ୍କଠାରୁ ସମୟ ନେଇଥିଲେ କେଜାଣି ମତେ ଦେଖୁ ଦେଖୁ ସେ କହିଲେ, "ତୁମକୁ ମୋ'ର ଅଭିନୟ ଭଲ ଲାଗେ**?**"

ଧର୍ମ ସଙ୍କଟରେ ପଡ଼ିଲି, ଏ ପର୍ଯ୍ୟନ୍ତ ଜୀବନରେ ମୁଁ କେବଳ ଗୋଟିଏ ଓଡ଼ିଆ ସିନେମା ଦେଖିଛି । କ'ଣ ଉତ୍ତର ଦେବି**?** ମତେ ଚୁପ୍ ଦେଖି କହିଲେ, "ତୁମେ ମୋ'ର କେଉଁ ସିନେମା ଦେଖିଛ**?**"

ଅଜାଣତରେ ପାଟିରୁ ବାହାରିଗଲା ଶ୍ରୀ ଲୋକନାଥ ।

ହେଲେ ମୁଁ ତ ସେଥିରେ ରୋଲ୍ କରିନ ।

ଅପଦସ୍ତ ହେଲି । ତଥାପି ନଜକୁ ବଞ୍ଚାଇବାକୁ କହିଲି, "ମୁଁ ଆପଣଙ୍କର ଅଭିନୟ ଦେଖିନ। ହେଲେ ମୋ' ସାଙ୍ଗମାନଙ୍କ ଠାରୁ ଭୁରି ଭୁରି ପ୍ରଶଂସା ଶୁଣିଛି ।"

ଅନୀମା ଦିଦିଙ୍କର ମୁହଁରେ ପ୍ରସନ୍ନତା ଛାୟା ଖେଳଗଲା । ଟିକଏ ରହି କହିଲେ, "ତୁମେ ଅଭିନୟ କରିବାକୁ ଭଲ ପାଅ**?**"

"ହଁ, ମାତ୍ର ଅଭିନୟ ଠାରୁ ଗୀତ ଗାଇବାକୁ ମୁଁ ଆହୁରି ବେଶୀ ଭଲପାଏ ।" ମୁହଁ ତଳକୁ କରି କହିଲି ।

ଅଭିନୟ ଆଉ ଗୀତ ଗାଇବା ସଂପୂର୍ଣ୍ଣ ଅଲଗା । ଅଭିନେତ୍ରୀ ଗୀତ ଗାଏନା, ତା' ପାଇଁ ଅନ୍ୟ କେହି ଗାଇଥାଏ ।

ତେବେ ଶ୍ରୀ ଲୋକନାଥରେ ହିରୋଇନ୍ କେମିତି "ଆକାଶେ କ ରଙ୍ଗ ଲାଗିଲା ଗାଉଥିଲେ" ।

ଭୁଲ୍ ।

ନାଁ, ଦିଦି ମୁଁ ଭଲ କରି ଲକ୍ଷ୍ୟ କରିଛି । ତାଙ୍କ ପାଟିର ମୁଭମେଣ୍ଟ ମଧ୍ୟ ଖୁବ୍ ଭଲଭାବେ ନୋଟ୍ କରିଛି । ଏମିତିକି ସେ ଯେତେବେଳେ ଦୁଇହାତ ଉପରକୁ କରି ଅଭିନୟ କରୁଥିଲେ ସେତେବେଳେ ମଧ୍ୟ ତାଳ ସଙ୍ଗେ ତାଙ୍କ ଓଠ ହଲିବା ଦେଖିଛି ।

ସେଇତ ପ୍ରକୃତ ଅଭିନୟ... ଅର୍ଥାତ୍ ଦର୍ଶକ ଦର୍ଶୀକାଙ୍କର ମନେ ହେବ ଏଇଟା ବାସ୍ତବ । ଟିକଏ ରହି ପୁଣି କହିଲେ । ତୁମେ କେବେ ଅଭିନୟ କରିଛ?

ହଁ ଦିଦି ।

କେଉଁ ନାଟକରେ ।

ଫକୀର ମୋହନ ସେନାପତିଙ୍କର ପେଟେଣ୍ଟ ମେଡ଼ିସିନ୍‌ରେ ।

ସୁଲୋଚନା ରୋଲ୍ ।

ନାଇଁ ଦିଦି, ଚନ୍ଦ୍ରମଣି ବାବୁ ।

ଖୁବ୍ ଭଲ । ଅର୍ଥାତ୍ ତୁମେ ଏକ ଭର୍ସାଟାଇଲ୍ ଅଭିନେତ୍ରୀ ।

କିଛି ନ ବୁଝି ମୁଁ ତାଙ୍କ ଆଡ଼କୁ ମଟ ମଟ କରି ଦେଖିଲି ।

ବର୍ତ୍ତମାନ କ'ଣ କରୁଛ?

ପ୍ରି ୟୁନଭରସିଟି ସାଇନ୍ସ, ମ୍ୟାଥ୍ ଫୋର୍ଥ ସବଜେକ୍ଟ ।

ସିନେମାରେ ଯୋଗ ଦେବାକୁ ଚାହଁ ।

ନାଁ ଦିଦି, ଘରେ ସମସ୍ତଙ୍କ ଇଚ୍ଛା ମୁଁ ଡାକ୍ତର ହୁଏ ।

ଖୁବ୍ ଭଲ ଫିଲ୍ଡ, ରେସ୍‌ପେକ୍ଟେବଲ୍ ଜବ୍ । ହେଲେ ତୁମର ଏଇ ଅତିରିକ୍ତ ଗୁଣଟିର ବଳୀ ଦେଇ ଦେବନ ।

ପ୍ରତିନାନୀ ଘଡ଼ି ଦେଖିଲେ, ବଡ଼ସାର୍‌ଙ୍କର ଆସିବା ସମୟ ହେଲାଣି । ଅନମା ଦିଦିଙ୍କୁ ନମସ୍କାର କରି ବିଦାୟ ନେଲୁ । ପଛରୁ ଅନମା ପେଦନୀଙ୍କର ସ୍ୱର ଶୁଣା ଯାଉଥିଲା, "ଅଭିନୟ ଗୁଣଟିର ବଳୀ ଦେଇ ଦେବନ ଝିଅ ।"

ସଙ୍ଗୀତ ବିଷାରଦା

୫. ରାଜନୀତିଜ୍ଞ ଶ୍ରୀ ରବିରାୟଙ୍କ ସହ

ଉଣେଇଶ ଅଣାଅଶି ମସିହା ମାର୍ଚ୍ଚ ଦଶ ତାରିଖ ସନ୍ଧ୍ୟା । ଆର୍.ପି.ସେଣ୍ଟର୍‌ର ବାର୍ଷିକ ଉତ୍ସବ । ଏକ୍‌ଜିବିସନ୍‌ର ଉନ୍ମୋଚନ ସମାପ୍ତ କରି ସମସ୍ତ ଅତିଥିମାନେ ସଭାଗୃହ ଆଡ଼କୁ ମୁହାଁଇ ଥିଲେ । ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ସେଣ୍ଟର ମୁଖ୍ୟ ପ୍ରଫେସର ଅଗରୱାଲ କିଛି ଗଭୀର ଆଲୋଚନାରେ ରତ ଥିଲା ଭଳ ମନେ ହେଉଥିଲା । ଆମେ ସମସ୍ତେ ଜାଣିଥାଉ ପ୍ରଫେସର ଅଗରୱାଲ ଯାହା କିଛି କରିଥାନ୍ତି ସେଣ୍ଟର ହିତ ପାଇଁ । ଏଇମିତି କଥାବାର୍ତ୍ତା ମାଧ୍ୟମରେ ସେ ଉଚ୍ଚପଦସ୍ଥ ସରକାରୀ ଅଫିସର ଏବଂ ନେତାମାନଙ୍କ ଠାରୁ ସେଣ୍ଟର ପାଇଁ କାମ ହାସଲ କରନ୍ତି । ପଛେ ପଛେ ରହି ସେଇ ହିତ ବିଷୟରେ ଶୁଣିବା ପାଇଁ କାନ ପାତି ଥିଲି । ପ୍ରଫେସର ଅଗରୱାଲ କହୁଥିଲେ ଆଗାମୀ ଦିନରେ କିଛି ଅସୁବିଧା ମୋ' ଆଖି ଆଗକୁ ଆସୁଛି । ବର୍ତ୍ତମାନ ସେଣ୍ଟର୍‌ରେ ଦୁଇଜଣ ଦକ୍ଷ ସିନଅର ରେସିଡ଼େଣ୍ଟ ତାଙ୍କର କାର୍ଯ୍ୟକାଳ ଶେଷ କରିବେ । ଅନ୍ୟ ଏକ ସିନଅର ରେସିଡ଼େଣ୍ଟ ମଧ୍ୟ ଦେଢ଼ ବର୍ଷ ପରେ ଶେଷ କରିବ। ମୁଖ୍ୟ ମନ୍ତ୍ରୀଜୀଙ୍କର ସୁପୁତ୍ର । ତିନଙ୍କୁ ଦେବା ପାଇଁ ଫ୍ୟାକଲ୍‌ଟି ପୋଷ୍ଟ ଖାଲି ନାହିଁ । ଆଉ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ତିନଟି ପୋଷ୍ଟ ଖାଲି ହେବାର ପୋଷ୍ଟର ସମ୍ଭାବନା ମଧ୍ୟ ନାହିଁ । ସେଣ୍ଟର ଆକୃତି କ୍ରମେ କ୍ରମେ ବୃଦ୍ଧି ପାଉଛି । ତେଣୁ ପୋଷ୍ଟ ସୃଷ୍ଟି କରିବା ନତାନ୍ତ ଆବଶ୍ୟକ । ଯାହା ଏମ୍‌ସ୍ ପ୍ରେସିଡ଼େଣ୍ଟଙ୍କ ପାଇଁ ଅସମ୍ଭବ ନୁହେଁ ।

ମୁଁ ଆପଣଙ୍କ ସହ ଏକମତ ଡାଃ ଅଗରୱାଲ୍ । ମାତ୍ର ଏଥିପାଇଁ ସମୟ ଲାଗିବ ।

ମୋ' ମତରେ ଦୁହିଙ୍କୁ ଆଡ୍‌ହକ୍ ବେସିସ୍‌ରେ ଜଏନ୍ କରାଇ ଦିଅନ୍ତୁ । ପୋଷ୍ଟ କ୍ରିଏଟ୍ ହେବା ପରେ ପରମାନେଣ୍ଟ ପାଇଁ ବିଜ୍ଞାପନ ଦିଆଯିବ ।

ଅର୍ଥାତ୍ ମୁଁ ଅନାୟାସରେ ଫ୍ୟାକଲଟି ହୋଇ ପାରିବି । ମନ୍ତ୍ରୀଙ୍କ ସୁପୁତ୍ରଙ୍କର ଟେନ୍ଓର ଶେଷ ହେବାର ବହୁ ପୂର୍ବରୁ ।

ଗୁହା ପାନର ଆସର ଜମିଥିଲା । ମୁଁ ଲକ୍ଷ୍ୟ କଲି ସ୍ୱାସ୍ଥ୍ୟମନ୍ତ୍ରୀ ବାରଂବାର ମୋ' ଆଡ଼କୁ ଦେଖୁଥିଲେ । ଖୁବ୍ ଭୟ ପାଇଲି । କିଛି ବଡ଼ ଗୋଟାଏ ଅପରାଧ କରି ଦେଲିକି! ନିଜ ପରିଧାନ ଉପରେ ଥରେ ଆଖି ବୁଲାଇନେଲି । ସେମିତି କିଛି ଅସାମାଜିକ ପରିଧାନ ମଧ୍ୟ ନୁହେଁ । ତେବେ କ'ଣ ହୋଇପାରେ! ଶ୍ଳୋକ ଗୁଣ୍ଟିଙ୍ଗ୍ ବୋଧେ ଠିକ୍ ନ ଥିଲା । ମାତ୍ର ବହୁଜଣଙ୍କ ଠାରୁ ପ୍ରଶଂସା ମଧ୍ୟ ମିଳିଥିଲା । ଚନ୍ତା ରାଜ୍ୟରେ ବୁଡ଼ି ରହି ସେମାନଙ୍କର ଆଖି ଉହାଡ଼କୁ ଯିବା ପାଇଁ ପ୍ରୟାସ କରୁଥିଲି, ଶୁଣିଲି ପ୍ରଫେସର ଅଗରୱାଲଙ୍କର କଣ୍ଠ ସ୍ୱର । "ଏ ଝିଅ ଆପଣଙ୍କ ପ୍ରଦେଶର ସାର୍ । ବହୁପ୍ରତିଭା ଶାଳୀ ।"

ତୁ ହରିର ଭଉଣୀ? ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରଶ୍ନ କଲେ ।

ପ୍ରଫେସର ଅଗରୱାଲ କିଛି ନ ବୁଝିପାରି ଯାଡ଼େ ସାଡ଼େ ଗୁହୁଁଥିଲେ, ମୁଁ ମୁଣ୍ଡ ହଲାଇ ସ୍ୱୀକୃତି ପ୍ରଦାନ କଲି ।

ବହୁତ ସମୟ ହେଲା ତତେ ଦେଖି ମୁଁ ସେଇଆ ଭାବୁଥିଲି । ତୋ ଭାଇନା ସହ ମୋ'ର ଖୁବ୍ ଭଲ ସଂପର୍କ । ଆମେ ସେତେବେଳକୁ କାର୍ ପାଖେ ପହଞ୍ଚିଯାଇଥିଲୁ ।

ଡାଃ ଭାଟିଆ କାର୍ ଦୁଆର ଖୋଲିଲେ ।

ରବିବାର ହୋଲି ମିଶାଇ ତିନିଦିନ ଛୁଟୀ ଥିଲା । ୧୪ ତାରିଖ ବୁଧବାର । ରାଉଣ୍ଡ ଶେଷ କରି କଫି ରୁମ୍‌ରେ ବସିଥିଲି । ପ୍ରଫେସର ଅଗରୱାଲ ତାଙ୍କ ନିର୍ଦ୍ଧାରିତ ସ୍ଥାନରେ ଅନ୍ୟ କେତେଜଣ ଫ୍ୟାକଲ୍‌ଟିଙ୍କ ସଂଗେ ବସିଥିଲେ । କେତେଜଣ ସିନିଅର, ଜୁନିଅର ରେସିଡେଣ୍ଟ ମଧ୍ୟ ବସିଥିଲେ । ବିଶନ୍ ସିଂ (କଫିବୟ) ମତେ ପ୍ରଫେସର ଅଗରୱାଲ ଡାକୁଛନ୍ତି ବୋଲି ଖବର ଦେଲା । ସାଧାରଣତଃ ଦୋଷ ଦର୍ଶାଇବାକୁ ସେ ଦୋଷୀକୁ ନିଜ ବସିବା ସ୍ଥାନକୁ ଡକାଇଥାଆନ୍ତି । ମୋ'ର ଦୋଷ କ'ଣ ହୋଇପାରେ! ଭୟଭୀତା ହୋଇ ରୁମ୍ ଭିତରେ ପାଦ ରଖିଲି ।

ୱେଲ୍‌କମ୍ ମାଡ଼ାମ୍, ଆଜି ପାଗ କେମିତି?

ମୁଁ ଡରି ଛାନିଆ । ମୋ' ହାତର କଫି ମଗ୍‌ଟି ଦୋଳାୟମାନ ଅବସ୍ଥାରେ ।

ଆ, ଏଇଠି ପାଖରେ ବସ । ବିଚରା କଫି କପ୍‌ଟିକୁ ସମ୍ମାନ ଦେ ।

ଛେଳକୁ ବଳୀ ଖୁଣ୍ଟରେ ବାନ୍ଧିବା ଭଳି ମୋ'ର ଅବସ୍ଥା । ଡାଃ ଅଗରୱାଲ ମୁହଁ ଖୋଲିଲେ, "ଜାଣିଛ ବତ୍ରା, ଏଇ ଝିଅଟା ସବୁ ସ୍ୱାସ୍ଥ୍ୟମନ୍ତ୍ରୀ ମାନଙ୍କର ପେଟ୍ (ପ୍ରିୟ)" ।

କିଛି ବୁଝି ପାରିଲିନି ସାର୍ ।

ତାକୁ ପଚାର ।

ଫ୍ୟାକଲ୍‌ଟି ପୋଜିସନ୍ ଲାଭ କରିବା ପାଇଁ ରାସ୍ତା ବାହାର କରୁଥିବ । ଅନ୍ୟ ଜଣେ ପ୍ରଫେସର ମନ୍ତବ୍ୟ ଦେଲେ ।

ମୋ'ର କହିବାକୁ ଇଚ୍ଛା ହେଉଥିଲା, ପାଞ୍ଚବର୍ଷ ପୂର୍ବେ ସେଦିନର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସଂଗେ ବୈଜୁବାୱରା ଫିଲ୍ମ ଦେଖି ଆସିଥିଲି । ଏତେ ନିକଟତର ଯଦି ଭାବୁଛନ୍ତି ଛଅମାସ କାହିଁକି ସିନିଅର ରେସିଡ଼େନ୍‌ସୀ ପାଇବା ପାଇଁ ଅପେକ୍ଷା କଲି । ମାତ୍ର ସେମିତି କିଛି କହିବାର ସାହସ କଲିନି ।

ତୁମେ ଜାଣିଛ ଗୋସ୍ୱାମୀ, ଇଏ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ସିନେମା ଦେଖି ଫେରି ଆସିଛି ।

ସେ ରୋମାଞ୍ଚିତ କାହାଣୀ ମୁଁ ଶୁଣିଛି ସାର୍ । ପୁଣି କ'ଣ ବର୍ତ୍ତମାନର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ରବିରାୟଜୀଙ୍କ ସଂଗେ ସିନେମା ଯାଇଥିଲା । କହିଲେ ଡାଃ ବତ୍ରା ।

ସତ କହୁଛି ସାର୍, ମୁଁ ପ୍ରଥମ କରି ତାଙ୍କୁ ଦଶ ମାର୍ଚ୍ଚ ଉତ୍ସବରେ ଦେଖିବାର ସୌଭାଗ୍ୟ ପ୍ରାପ୍ତ କରିଥିଲି । ମାତ୍ର ବିଜେବି କଲେଜରେ ପଢ଼ିବା ଦିନଠାରୁ ତାଙ୍କ ବିଷୟରେ ବହୁତ କିଛି ଜାଣିଥିଲି ।

ଚିତ୍ତାକର୍ଷକ । କ'ଣ ସବୁ ଜାଣିଥିଲୁ?

ଶ୍ରୀ ରବିରାୟଜୀ ବହୁ ଶାନ୍ତ ସରଳ ଦେଶପ୍ରେମୀ ବ୍ୟକ୍ତି । ଅନ୍ୟମାନଙ୍କ ଭଳି ସେ ଦେଖେଇ ହୁଅନ୍ତିନି । ସେ କେବଳ ଜଣେ ନାମଜାଦା ବ୍ୟକ୍ତି ନୁହନ୍ତି ତାଙ୍କର ଅମାୟିକ ବ୍ୟକ୍ତିତ୍ୱ ଏବଂ ଗଭୀର ଜ୍ଞାନ ତାଙ୍କୁ ଅନନ୍ୟ ବ୍ୟକ୍ତି ରୂପେ ସମାଜରେ ପ୍ରତିଷ୍ଠିତ କରିପାରିଛି । ତାଙ୍କର ଏଇ ଜନ୍ମଗତ ନେତୃତ୍ୱ ଏବଂ ସମାଜବାଦୀ ଗୁଣ ତାଙ୍କୁ ସଦା ସର୍ବଦା ଆଗକୁ ରଖିଛି । ମୁଁ ବାପାଙ୍କ ଠାରୁ ଶୁଣିଛି ସେ ୧୯୪୭ରେ ଯେତେବେଳେ ରେଭେନ୍‌ସା କଲେଜରେ ପଢୁଥିଲେ ସେ କଲେଜ ବିଲଡ଼ିଂ ଉପରେ ଆମର ଜାତୀୟ ଧ୍ୱଜା ଉତ୍ତୋଳନ କରିଥିଲେ ବୋଲି ବ୍ରିଟିଶ୍ ଆର୍ମି ଦ୍ୱାରା ଜେଲ୍ ଯାଇଥିଲେ । ମାତ୍ର ତାଙ୍କରି ପ୍ରଚେଷ୍ଟାରେ ଆମ ତିରଙ୍ଗା ସମଗ୍ର ଦେଶର

ଶିକ୍ଷା ଅନୁଷ୍ଠାନ ମାନଙ୍କରେ ଉଡ଼ାଯାଇ ପାରିବ ବୋଲି ନିଶ୍ଚିତ କରାଇଥିଲେ । ଯାହା ଆଜି ମଧ୍ୟ ପ୍ରଚଳିତ । ୧୯୫୩-୫୪ରେ ସେ ଭାରତୀୟ ସମାଜବାଦୀ ଯୁବକ ସଭାର ଜଏଣ୍ଟ ସେକ୍ରେଟାରୀ ପଦ ଗ୍ରହଣ କରିଥିଲେ । ଡାଃ ରାମମୋହନ ଲୋହିଆଙ୍କ ନେତୃତ୍ୱରେ ସେ ୧୯୫୬ ମସିହାରେ ଓଡ଼ିଶାରେ ସୋସିଆଲ୍ ପାର୍ଟି ଗଠନ କରାଇଥିଲେ ଏବଂ ୧୯୬୦ରେ ତା'ର ସେକ୍ରେଟାରୀ ପଦ ଗ୍ରହଣ କରିଥିଲେ । ୧୯୬୭ରେ ପୁରୀ ନିର୍ବାଚନ କ୍ଷେତ୍ରରୁ ନିର୍ବାଚିତ ହୋଇ ଲୋକସଭାର ସାମ୍ୟୁକ୍ତ ସୋସିଆଲିଷ୍ଟ ପାର୍ଟି (ଏସ୍.ଏସ୍.ପି) ଗଢ଼ିଥିଲେ ଏବଂ ୧୯୭୪ରେ ରାଜ୍ୟ ସଭା ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ ।

ସେ ସର୍ବଦା କହୁଥିଲେ "ସିମ୍ପଲ୍ ଲିଭିଙ୍ଗ୍ ଏବଂ ହାଇଥିଙ୍କିଙ୍ଗ୍" । ଏହାର ପ୍ରତ୍ୟକ୍ଷ ପରିଚୟ ମୁଁ ମୋ'ର କେତେଜଣ ବନ୍ଧୁଙ୍କ ଠାରୁ ଶୁଣିଛି । ଥରେ ସେ ସିଭିଲ୍ ଡ୍ରେସ୍‌ରେ ଟ୍ରେନ୍‌ର ତୃତୀୟ ଶ୍ରେଣୀ (ବର୍ତ୍ତମାନର ଦ୍ୱିତୀୟ) ଡବାରେ ଯାତ୍ରା କରୁଥିଲେ । ଗୋଟିଏ ଯୁବ ଗୋଷ୍ଠୀ ଡବା ଭିତରେ ପଶି ଭାରତୀୟ ସମାଜବାଦୀ ଯୁବ ସଭା ସମ୍ବନ୍ଧରେ ଆଲୋଚନା କରୁଥିଲେ । ମଝିରେ ମଝିରେ କିଛି ଭଲ କିଛି ମନ୍ଦ ସାରାଂଶ ବାହାର କରି ଶ୍ରୀ ରବିରାୟଙ୍କ ସଂଗେ ସାକ୍ଷାତ ହୋଇ ପାରିଲେ ତାଙ୍କୁ ଏ ସବୁ ପ୍ରଶ୍ନ ପଚାରି ଘେରାଉ କରିବେ ବୋଲି ନିଷ୍ପତ୍ତି ନେଉଥିଲେ । ଶ୍ରୀ ରାୟ ସେମାନଙ୍କର ଏଇ କ୍ଷଣିକ ଉତ୍ତେଜନା ଖୁବ୍ ଭଲଭାବେ ବୁଝିପାରି, ଖୁବ୍ ନରମ ସ୍ୱରରେ କହିଥିଲେ, ମୁଁ ସେଇ ରବି ରାୟ, କୋଉ କଥା ତୁମମାନଙ୍କ ମନ ମଧ୍ୟରେ ଖଟକା ସୃଷ୍ଟି କରୁଛି ସ୍ପଷ୍ଟ ଭାବେ କହିପାର ।

ଆମେ ସେତେବେଳେ ମେଡ଼ିକାଲ୍ କଲେଜରେ ଫାଇନାଲ୍ ଇଅର ଷ୍ଟୁଡେଣ୍ଟ ଥିଲୁ । ପ୍ରଫେସର ସତ୍ୟବ୍ରତ କର ଆମର ପି.ଏସ୍.ଏମ୍ ପ୍ରଫେସର ଥିଲେ । ୧୯୬୮ ଅକ୍ଟୋବର ମାସ । ଆମମାନଙ୍କୁ ଅର୍ଡ଼ର ଆସିଲା ଏସ୍.ସି.ବି ରୁ ଜଣେ ପି.ଏସ୍.ଏମ୍ ପ୍ରଫେସର କିଛି ସ୍ପେଶିଆଲ କ୍ଲାସ୍ ନେବା ପାଇଁ ଆମନ୍ତ୍ରିତା ହୋଇ ଆସିଛନ୍ତି । ସତକୁ ସତ କ୍ଲାସ୍ ବହୁତ ଏକସାଇଟିଙ୍ଗ୍ ଥିଲା । କ୍ଲାସ୍ ଶେଷ ହେବା ପରେ ଆମେ ସବୁ ଏକାଠି ବସି ଆଲୋଚନା କରୁଥିଲୁ । ସୁନୀଲ୍ (ମୋର ଜଣେ ସହପାଠୀ) କହିଲା ତୁମେ ମାନେ ଜାଣିଛ ପ୍ରଫେସର ସରସ୍ୱତୀ ସ୍ୱାଇଁ (ଯିଏ ଆମର କ୍ଲାସ୍ ନେଇଥିଲେ) ପ୍ରଖ୍ୟାତ ଶ୍ରୀ ରବିରାୟଙ୍କର ଧର୍ମପତ୍ନୀ । ଆମ ପ୍ରଚଳିତ ପ୍ରଥା ଅନୁସାରେ, ବିବାହ ପରେ ସ୍ତ୍ରୀକୁ ସ୍ୱାମୀର ସର୍‌ନେମ୍(ସାଙ୍ଗିଆ) ଗ୍ରହଣ କରିବାକୁ ହୁଏ । ମାତ୍ର ଶ୍ରୀ ରାୟ ଏକ ସମାଜବାଦୀ ରୂପେ ସ୍ତ୍ରୀଙ୍କୁ ତାଙ୍କର ସାଙ୍ଗୀଆ ବଦଳାଇବାକୁ ଦେଇ ନ ଥିଲେ ।

ସେଇ ପ୍ରଖ୍ୟାତ ବ୍ୟକ୍ତିଙ୍କ ସଙ୍ଗେ ମୁଁ ଥରେ । ଟ୍ରେନ୍‌ରେ ଏକା କମ୍ପାର୍ଟମେଣ୍ଟରେ ଯାତ୍ରା କରିବାର ସୌଭାଗ୍ୟ ଲାଭ କରିଥିଲି । କେବଳ ସେତିକି ନୁହେଁ, ଯୁବ ଗୋଷ୍ଠୀ ମାନଙ୍କ ସଙ୍ଗତରେ ଦିପଦ ଆଡୁ ସାଡୁ ମଧ୍ୟ କହିବାରେ ଯୋଗ ଦେଇଥିଲି । ଆରମ୍ଭ କଲା ନମାଇ (ମୋ'ର ଅନ୍ୟ ଜଣେ ସହପାଠୀ) ବାସ୍ ବାସ୍ ବହୁତ ହୋଇଗଲା । ଫିଲ୍ମ ବିଷୟରେ କ'ଣ ସବୁ ହେଲା ମୁଁ ଜାଣିବାକୁ ଇଚ୍ଛୁକ । କହିଲେ ପ୍ରଫେସର ଖୋସ୍‌ଲା ।

ପ୍ରଫେସର୍ ଅଗରୱାଲଙ୍କ ନିର୍ଦ୍ଦେଶ କ୍ରମେ ମୋ'ର ବୈଜୁବାଓ୍ୱାର୍ ସିନେମା ଦେଖିବାର ଅନୁଭୂତି ସଂପୂର୍ଣ୍ଣ ଭାବେ ବଖାଣି ଥିଲି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ସ୍ୱାଧୀନତା ଦିବସ



ଅମରନାଥ ବାରିକ

ବନ୍ଦେ ମାତରମ୍

ପନ୍ଦର ଅଗଷ୍ଟ ସନ ଉଣେଇସ
ଷଡ଼ଗ୍ଚଳଶି ।
ହୋଇଲୁ ସ୍ୱାଧୀନ ଆମେରେ ସେଦିନ
ଭ୍ରତ ବାସୀ ।।
ତଡ଼ିଲୁ ଅଂଗ୍ରେଜୀ ଗୋର୍ ସରକାର
ଶାସନ ଯେତେ ।
କରିଥିଲେ ଏଠି କଳା ବଜାରିର
କାର୍ନାମା କେତେ ।।
ଶୋଷଣ ଅନ୍ୟାୟ ମଞ୍ଜି ପୋତିଥିଲେ
ଭ୍ରତ କୋଳେ ।
ଗାନ୍ଧୀ ବେତ ଦେଖି ଛାଡ଼ି ପଳେଇଲେ
ସଦଳ ବଳେ ।।
ନେତାଜୀ, ଭଗତ ଲ୍ଲ-ବାଲ୍-ପାଲ
ଲୌହ ମାନବ ।
ବଳଦାନ ଦେଇ ନଜ ଜୀବନକୁ
କଲେ ସମ୍ଭବ ।।

ସେମାନେ କାଟିଲେ    ଅନ୍ଧାରୀ ଗୃହରେ
ଜୀବନ ଯାକ ।
ଆମକୁ ଦେଖାଇ    ନୂଆ ସକାଳର
ରବି ଆଲୋକ ।।
ଧନ୍ୟ ଧନ୍ୟ ସେହି    ମହାପୁରୁଷଙ୍କୁ
କୋଟି ନମନ ।
ତାଙ୍କ ପାଇଁ ଆଜି    ଆମ ଦେଶ ହେଲା
ସତେ ସ୍ୱାଧୀନ ।।
ଗୃଲ ଉଡାଇବା    ତାଙ୍କ ନାମ ପାଇଁ
ତ୍ରିରଙ୍ଗା ବାନା ।
ଆସିଛି ଏ ଦିନ    ପବିତ୍ର ସମୟ
ସପନ ସୁନା ।।
ଶାନ୍ତି ଆଉ ମୈତ୍ରୀ    ପ୍ରଗତି ପ୍ରତିକ
ଆମ ପତାକା ।
ତା ସଙ୍ଗେ ଗାଇବା    ଜାତୀୟ ସଙ୍ଗୀତ
ଜନ ଗଣ...... କା ।।

ଯାଜପୁର, ମଙ୍ଗଳପୁର, କୟାଁ

# ପ୍ରାର୍ଥନା



ମନୋରଞ୍ଜନ ସୁରୁଜାଲ

ତୁମେ ଗଢ଼ି ଅଛ ଏ ସାର୍ ସଂସାର
ଯହିଁରେ ଆମ ଜନମ,
ତୁମେ ଗଢ଼ି ଅଛ ସୂର୍ଯ୍ୟ ଚନ୍ଦ୍ର ତାର୍
କ ବୁଝିହୁଏ ମରମ ? (୧)

ଦିନରେ କୀରଣ ର୍ତିରେ ଜୋଛନା
ଆକାଶେ ଜଳାଇ ବତି,
ସବୁରେ ପ୍ରକାଶି ଅନ୍ଧକାର ନାଶି
ରହିଛ ମୋହର କତି। (୨)

ଶୋଷ ମେଣ୍ଟେଇଲି ସୁଶୀତଳ ଜଳେ
ଭୋକ ପାଇଁ ଅନ୍ନ ଦେଲ,
ବଞ୍ଚିବା ପାଇଁ କ ଯୋଗାଇ ଦେଇଛ
ଗଛ ଫଳ କନ୍ଦମୂଳ। (୩)

ଦେଖୁଛି ନୟନେ ଶୁଣୁଛି ତ କାନେ
ଦେଲ ଅଙ୍ଗ ଅବୟବ,
ଭକତି ଟିକଏ ଦେଇ ଦିଅ ପ୍ରଭୁ
ବୁଝିବି ତୁମରି ଭାବ। (୪)

ଅଇଁଲ୍ପାଲି ଧମା ସମ୍ବଲପୁର

# ବୃଦ୍ଧାଶ୍ରମର ବାର୍ଦ୍ଧକ୍ୟ

ମୟଙ୍କ

ସହରର ଗଢିଉଠିଥିବା ପ୍ରତିଟି
ବୃଦ୍ଧାଶ୍ରମରେ ଆଶ୍ରିତ
ସଂଭ୍ରାନ୍ତ ପରିବାରର
ଅସହାୟ ଜରାଜୀର୍ଣ୍ଣ ବାର୍ଦ୍ଧକ୍ୟ ।

ରଙ୍ଗୀନ ମହଲ, ଜୀବନ ବି ଆଧୁନକ
ସୁଉଚ୍ଚ ଅଟ୍ଟାଳିକା ଗଢିଥିବା ପୁଅ
ବେସାହାରା କରିଦିଏ
ମାଟିସହ ମାଟି ହୋଇ
ଗଢିଥିବା ମନୁଷ୍ୟ,
ସନ୍ତାନକୁ ସମାଜରେ ଦେଇ ଥିବା
ଜୀବନର ପରିଚୟ
ସେ ଆଜି ଅସହାୟ ପଥିକ
ନିଜ ଜୀବନ ଅନ୍ତିମ ପଥ ର ।

ଘୃଣା ତିରସ୍କାର ଭରିଦିଏ
ମଣିଷ -ମଣିଷ ମଧ୍ୟରେ
ସମ୍ପର୍କ ନିଶ୍ଚିହ୍ନ କରି ଦିଏ
ବୃଥା ଐଶ୍ୱର୍ଯ୍ୟର ଅହଂକାର
ଏକ ସୁଉଚ୍ଚ ପାଚେରୀ ଠିଆ ହୁଏ
କର୍ତ୍ତବ୍ୟ ଓ ଅଧିକାର ର ।

ଦୋଷ ସମୟକୁ ଦେଇ
ଅଦୃଶ୍ୟ ହୋଇ ରହିଥିବା
ଧଳା ପୋଷାକ ଭିତରେ
ଲୁଚ ରହି ଥିବା ଅଦ୍ଭୁତ କୁସଂସ୍କାର
ଅଧ୍ୟୟନର ଜ୍ଞାନ
କେବଳ ଜୀବିକା ପର୍ଯ୍ୟନ୍ତ
ଯେତେବେଳେ ହୁଏ ନାହିଁ
କର୍ମରେ ତାହା ପ୍ରତିଫଳିତ
ଅର୍ଥର ମୋହ ଅନ୍ଧ କରିଦିଏ
ବିବେକ ଅଣ ନିଶ୍ୱାସି ହୋଇ
ନିରାଶ୍ରୟ କରେ
ସେ ଯେବେ ପ୍ରତି ପ୍ରଥମ ଈଶ୍ୱର ।

ବୌଦ୍ଧ

# ଅଚହ୍ନା ବନ୍ଧନ

## (ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ମମି ମମି ...... ଚତ୍କାର କରି ଅମନ ଘର ଭିତରକୁ ପଶିଆସିଲା । ଚମକ ପଡିଲେ ପୂଜା ଓ ବିକାଶ .. .. .. !!

ମୁଁ ମେଡିକାଲ୍ ପାଇଯାଇଛି ମମି । ଫାଷ୍ଟ କ୍ଲାସରେ ପାସ୍ କରିଛି । ମୋର କଲିକତାରେ ପୋଷ୍ଟିଂ ହେବ । ଆସନ୍ତା କାଲି ମତେ ଯେମିତି ହେଲେ ଯିବାକୁ ହେବ । ତୁମେ ଡାଡିଙ୍କୁ କହି ଦେଇଥିବ । ମୁଁ ଯାଉଛି ମୋ ସାଙ୍ଗମାନଙ୍କୁ ଜଣାଇଦେବି । କହିଦେଇ ଚାଲିଗଲା ଅମନ ... ...,

ଠିକ୍ ଅଛି ଅମନ, ପୂଜା କହିଲା । ତୁମ ପାଇଁ ଖାଇବା ନେଇ ଆସୁଛି । ତୁ ବୀଣାକୁ ଡା ଡାଇନିଂ ଟେବୁଲକୁ ଆସ । ନିଜ ବିଛଣାକୁ ଜୀବନର ଡାକ୍ତରଖାନା ସଜେଇଥିବା ପୂଜା ଏହି ଦୁଇଜଣଙ୍କ ଭିତରେ ହସ ତୋଳବାରେ ଟିକଏ ବି ଅବହେଳା କରିନାହିଁ । ଦିନରାତି ପାଠ ପଢେଇବା ସହିତ ସବୁ ଅଳି ଅର୍ଦଳି ନିଜ ଛାତି ଭିତରେ ଜାକ ଧରି ଆଜି ଏତେ ବଡ କରିବାର ଲମ୍ବା ହାତ ହିଁ ପୂଜାର । ଦୁଇଜଣ ଯାକ ଛୋଟ ଛୋଟ ହୋଇଥିଲେ । ନୂଆରେ ପୂଜା ବୀଣା ମାମାଙ୍କର ଶାଢି ପିନ୍ଧି ଦେବାରୁ ବୀଣା ଜୋରରେ କାନ୍ଦି ଉଠିଲା । ଏଇଟା ମୋ ମାମାଙ୍କର ଶାଢି, ତୁମେ ପିନ୍ଧନା । ମୋ ମାମା ରାଗିଯିବେ । ଏମିତି ଟିକ ଓଠରେ ଛୋଟ ଛୋଟ କଥାଗୁଡିକ ବହୁତ ଦରଦ ସୃଷ୍ଟି କରିଥିଲା ସେଦିନ । ଛାତିରେ ଜାକ ଧରି ବହୁତ କାନ୍ଦିଲି ସେ କଣ ବୁଝିଲା କେଜାଣି ତା ଟିକ ହାତରେ ମୋ ଆଖିର ଲୁହ ପୋଛି ଦେଇ କହିଲା ଜମାରୁ କାନ୍ଦନାହିଁ । ମୁଁ ମାମାଙ୍କୁ କହିଦେବି ତୁମକୁ ଗାଳ ଦେବେନାହିଁ । ମୋ ପାପା ନାହାନ୍ତି ତ ସେଥିପାଇଁ ସେ ଶୋଇ ଯାଇଛନ୍ତି । ଜାଣିଛ, ଜେଜେ ମା କହିଛନ୍ତି ତାଙ୍କୁ ଜମାରୁ ଡାକବନ, ଡାକଲେ ନା ସେ ପାପାଙ୍କ ପାଖକୁ ଚାଲିଯିବେ । ମୋର ବହୁତ ମନ ଦୁଃଖ । କେତେ ଦିନ ହେଲା ମାମା ମତେ ଖୁଆଇ ଦେଉନାହାନ୍ତି, କି ଆମକୁ ପାଠ ପଢାଇ ଦେଉ

ନାହାନ୍ତି । ତୁମେ କହିଲ ଆଇ । ସତରେ କଣ ମୋ ମାମା ବାପାଙ୍କ ପାଖକୁ ଗ୍ଲିଯିବେ? ମୁଁ ଥରଟେ ଡାକନ୍ତି । ଟିକଏ ତାଙ୍କ କୋଳରେ ଶୋଇଥାନ୍ତି । ତୁମେ ଜେଜେମାଙ୍କୁ କୁଅ ମମିଙ୍କୁ ଉଠେଇ ଦେବେ ମୋର ବହୁତ ମନେ ପଡୁଛି । ବେଶୀ କାନ୍ଦ ବି ଲ୍ଗୁଛି କହି ବିକଳରେ ପୂଜାକୁ ଧରି ଭେ ଭେ କାନ୍ଦି ଉଠିଲ୍ ଦୁଇବର୍ଷର ବୀଣା ।

ଆଉ କଛି କହନା ବୀଣା, କହି ପୂଜା ତା ପାଟିରେ ଦେଇଦେଲେ । ନଜ କୋଳକୁ ଟାଣି ନେଇ ଭେ ଭେ କରି ନଜେ ବି କାନ୍ଦି ଉଠିଲେ । ବୀଣା କଣ ବୁଝିବ, ମା ଆଉ ନାହାନ୍ତି ବୋଲି । କବାଟ କୋଣରେ ଟିକଟିକ ଲୁହଭର୍ ଆଖିରେ ଅମନ ଗ୍ହିଁ ରହିଥିଲ୍ । ଦୁଇଜଣଙ୍କୁ ପୂଜା କୋଳରେ ବସାଇ ଅନେକ ଗେଲ କଲ୍ପରେ କହିଲେ – ଆରେ ପିଲେ, ମୋ କଥା ମାନବ ।

ବୀଣା ସଙ୍ଗେ ସଙ୍ଗେ କହିଲ୍, ହଁ ଆଇ, ମୁଁ ନଶ୍ଚୟ ମାନବି ।

ଅମନ ବି ଧିରେ କହିଲ୍, ଆପଣ ଆମକୁ ଛାଡି କୁଆଡେ ଯିବେନ ତ? ବିକଳ ଦରଦ ଭ୍ଷାରେ ବନ୍ଧା ପଡିଗଲ୍ ପୂଜା । ଠିକ୍ ଅଛି ମୁଁ ଯିବିନ ଯେ, ହେଲେ ମୋର ଗୋଟେ କଥା ରଖିବ । ଦୁଇଜଣ ଯାକ ଏକା ସ୍ୱରରେ କହିଲେ ସବୁ ମାନବୁ । ଠିକ୍ ଅଛି । ମୋତେ ଆଜିଠାରୁ ମମି ଡାକବ ତ !

ହଁ ମମି ବୀଣା ଓ ଅମନ ଜୋରରେ କହିଉଠିଲେ । ମୋ ପାଖରେ ମନ ଦେଇ ପାଠ ପଢିବ ତ ! ହଁ ମମି । ହେଲେ ତୁମେ ଆମକୁ ଛାଡି ଜମାରୁ ଯିବନ । ସତ କହୁଚ ତ ମମି । ନାଇଁରେ ତୁମମାନଙ୍କୁ କେବେ ବି ଛାଡି ଯିବିନ ।

ବାସ, ତା ପରେ ବୀଣା ଓ ଅମନ କେବେ ତାଙ୍କର ମାମା କଥା ପଗ୍ରି ନାହାନ୍ତି । ମାତୃ ସ୍ନେହରେ ନଜକୁ ହଜାଇ ଦେଇଛନ୍ତି, ଦୁଇଜଣ ଯାକ ବୁଝିପାରିଥିଲେ ମା ଶବ୍ଦର ଆପଣାରକୁ, ପବିତ୍ର ଶ୍ରଦ୍ଧା ଓ ମଧୁରକୁ । ସବୁଠାରୁ ଶକ୍ତିଶାଳୀ ସୁରକ୍ଷା ଚେତନାକୁ ମା ବିନା ଜୀବନ କେତେ କଷ୍ଟମୟ କେତେ ଅସହାୟ ସେମାନଙ୍କୁ ବୁଝିବାକୁ ଡେରି ଲ୍ଗିଲ୍ ନାହିଁ । ଅମୃତମୟ ଶ୍ରଦ୍ଧାରେ ପୂଜା ସେମାନଙ୍କୁ ପାଠ ପଢାଇ ବଡ କରିପାରିଛି । ଅମନ ଏବେ ମେଡିକାଲ ପାଇଗଲ୍ । ବୀଣା ବି.ଏ. ପାସ୍ କରିସାରିଛି । ଦୁଇଜଣ ଯାକ ମୋ କାନରେ ହାତ ନ ପୋଛିଲେ ଯେମିତି ହାତ ଶୁଦ୍ଧ ହୁଏନାହିଁ । ସବୁବେଳେ ପୂଜାର ଉପସ୍ଥିତିକୁ

ଆନନ୍ଦରେ ଉପଭୋଗ କରିଆସିଛନ୍ତି ଦୁଇଜଣ । କଛି ବର୍ଷ ପରେ ଶାଶୁ ମଧ୍ୟ ଆରପୁରକୁ ଗ୍ଲିଗଲେ ।

ବିକାଶ ସବୁବେଳେ ତାଙ୍କ କାମରେ ବ୍ୟସ୍ତ ଥାଆନ୍ତି । ଘରର ସମସ୍ତ ଦାୟିତ୍ୱକୁ ନେଇ ଦୁଃଖ ସୁଖ ଧରି ପୂଜା ନଜ ଜୀବନକୁ ତ୍ୟାଗର ପ୍ରତିବିମ୍ବ ହୋଇଯାଇଛନ୍ତି ।

ମମି .. ମମି **(ପୂଜା ଚମକ ପଡିଲ୍)**

ଖାଇବା ବାଢିଲ କ, ମମି..... ଅମନ କହିଲ୍

ହଁ, ହଁ ବୀଣାକୁ ଡାକକରି ଆ.....

ମୁଁ ଯାଉଛି ମମି

ସମସ୍ତେ ଡାଇନଂ କୁ ଆସିଯାଅ, ଖାଇବା ବାଢି ଦେଇଛି ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ –୯୯୩୭୩୪୭୩୧୮

# ତ୍ରିଭୁବନ ମୁର୍ରୀ



ଧନଞ୍ଜୟ ସ୍ୱାଇଁ

ପଞ୍ଚୁକ ରେ ବେନ ଆସ
ହୋଇ ନାଗାର୍ଜୁନ ବେଶ ।
ଭକ୍ତ ଗହଣରେ ପ୍ରଭୁ
ଦିଅ ଆହେ ଦରଶନ ।
କଳାଶ୍ରୀ ମୁଖ ତୁମରି
ଦେଖାଇ ଦିଅ ଆହେ ମୁର୍ରୀ ।
ଘେନ ସଙ୍ଗେ ଭାଇ ଭଉଣୀ
ଭକତଙ୍କ ମନକୁ କିଣି ।
ପ୍ରକୃତିର ସାତ ରଙ୍ଗ
ସୁସଜ୍ଜିତ ତୁମ ନେତ ।
ବାଲୁକା ଭୂମିର କୋଳେ
ସୂର୍ଯ୍ୟଙ୍କ ଅପାର ମହିମା ଧାରେ ।
ସ୍ୱାଗତ କରନ୍ତି ଦେବଠୁ
ମରତ ର ନିବାସୀ ।
ବିପଦୁ ଦିଅ ଟାଳ
ଜଗତର ମଙ୍ଗଳକାରୀ ।
ଭକ୍ତ ଗଣେ ହୁଅ ମେଳ
ଆହେ ତ୍ରିଭୁବନ ମୁର୍ରୀ ।
ହଳ ସାଥେ ଗଦା ବଳଆର
ରୂପେ ଝଲସନ୍ତି ଶୁଭଦ୍ରା ମାଆଙ୍କ ପଟୁଆର ।



ସୁଦର୍ଶନ ସାଥେ ଧନୁଶର ଧରୀ
ଉଭା ହୁଅ ହେ ତ୍ରିଭୁବନ ମୁରାରୀ ।
ଯୁଗେ ରକ୍ଷକ ସଜିତ
ନୀଳ କଣ୍ଠେ ପ୍ରଭୁ ଗରଳ ପିଇଛ,
ନାନା ଅବତାରରେ ସଂହାର କରିଛ,
ବିପଦେ ସାଜି ତ୍ରାଣ କର୍ତ୍ତା
ଆହେ ବିଶ୍ୱ ବିଧାତା ।।।
ଝରୁଛି ଭକତ ଆଖିରୁ ଲୁହ
ପ୍ରାଣପତିହରି ଡାକ ରେ ଭରାଇ କୋହ
ମୌନ କପାଇ ହେ ଦାରୁ ଦିଅଁ
ହେ ଦାରୁ ଦିଅଁ।।।।
ଚାରି ଭୁଜା ଖୋଲି ବିଷ ନଅ ଶୋଷି।
ହା ହା କାରୁ ରକ୍ଷା କର ପ୍ରାଣ
ହେ ବିଶ୍ୱ ତ୍ରାଣ
ଉଭେଇ ଦୀୟ ମହାମାରୀ
ହେ ତ୍ରିଭୁବନ ମୁରାରୀ ।।।।।।।

ମହାକାଳପଡ଼ା, କୁମାରପଡ଼ା, କେନ୍ଦ୍ରାପଡ଼ା

# ଜୀବନ



ବବୁଲି ତ୍ରିପାଠୀ

ଶୂନ୍ୟ ଆକାଶ ର ଭସା ବାଦଲ ରେ
ଭାସି ଯାଉଥିଲି ମୁହିଁ
କେତେ ସୁନ୍ଦର ସେ ବାଲ୍ୟ ଜୀବନ ମୋ
କାଟୁଥିଲି ଦିନ ତହିଁ ।୧।
ବିହଙ୍ଗ ପରି ମୁଁ ଉଡି ବୁଲୁଥିଲି
ସଂସାର ରୂପକ ବଗିଚ୍ଛ ରେ
ଏତେ ହିଂସା ଏତେ ଦୁଃଖ, ଯାତନା
ନ ଥିଲା ତ ସେହିଠାରେ ।୨।
ଜୀବନ ରେ ଏହି ପ୍ରେମର ଜୁଆର
ଆସୁ ଥାଏ ବାରମ୍ବାର
କେତେବେଳେ ମୁଁ ଯେ ଭାସିଗଲି ସେଠି
ନ ପାଇଲି କୂଳ କନ୍ଦର ।୩।
ବାଲ୍ୟ ଜୀବନର ବାଲ୍ୟ ଚପଳତା
ନାହିଁ ଆଉ ମୋର ପାଶେ
ହଜିଲା ଦିନର ସେ ସବୁ ମୁହୂର୍ତ୍ତ
ଆଉକ ଫେରିବ ସତେ ।୪।
ଜୀବନ ରେ ମୋର କେତେ ଯେ ନୀରାଶା
ଆଜି ଜାଣୁଅଛି ମୁହିଁ
ଦୁଃଖ ଯନ୍ତ୍ରଣା ରେ ଦିନ କାଟୁ ଅଛି
ସୁଖ ଟିକେ ମିଳୁନାହିଁ ।୫।

ନଜ ଲୋ୍କ ସବୁ ବୁଝାଉ ଥିଲେ
ମନକୁ ସାନ୍ତ୍ୱନା ଦେଇ
ସେଇମାନେ ସବୁ ଛାଡି ଦେଇଗଲେ
ଏକାକୀ ବଂଚବା ପାଇଁ ।୬।
ସରିଗଲା ଦିନ ଆସିଲି ଶ୍ମଶାନ
ପାପ ପୂଣ୍ୟ କୁ ନେଇ
ଜୀବନ ଥିଲା ଏକ ଅବୁଝା କବିତା
ପଢି ବୁଝି ହେଲା ନାହିଁ ।୭।

ସତଲମା

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ /ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ସହଦେବ ଗୁରୁଜୀଙ୍କ ସ୍ମୃତିରେ



ଯୁବରାଜ କୁଦେଇ

କିଛି ବର୍ଷ ତଳେ ବୈଶାଖର ଏକ ନିଦାଘ ମଧ୍ୟାହ୍ନରେ ସୁବର୍ଣ୍ଣପୁରର ଡି.ପି.ସି ଅଫିସ୍ ରେ ତାଙ୍କ ସହିତ ଭେଟ ହୁଏ । ସେ ମତେ ନମ୍ର ଭାବେ ନମସ୍କାର କରନ୍ତି ଆଉ ତାଙ୍କୁ ପ୍ରତି ନମସ୍କାର ଜଣେଇ ମୁଁ ପ୍ରଶ୍ନ କରେଁ...ଆପଣ କିଏ...ଚିହ୍ନି ପାରିଲିନି ଯେ **???** ମୁରୁକି ହସି ସେ ଧିରେ କହିଲେ "ଆଜ୍ଞା ମୁଁ ସହଦେବ ଗୁରୁଜୀ, ସରସ୍ୱତୀ ଶିଶୁ ମନ୍ଦିର ଗଜବନ୍ଧ, ଯୋଜନାରେ ନୂତନ ଭାବେ ଯୋଗଦାନ କରିଛି । ଓଃ...ସହଦେବ ଭାଇଙ୍କ ଏଇ ପଦିଏ କଥାରେ କି ମାଦକତା ଥିଲା କେଜାଣି ମୁଁ ଆପେ ଆପେ ତାଙ୍କ ପଟକୁ ଟାଣି ହେବାକୁ ଲାଗିଲି ଚୁମ୍ବକ ଆଡେ ଲୌହ ଖଣ୍ଡ ଟାଣି ହେଲା ପରି । ଗୌର ବର୍ଣ୍ଣର ମୁଖମଣ୍ଡଳରେ ଧାରେ ନିର୍ଲିପ୍ତ ଭାବ । କୁଞ୍ଚୁକୁଞ୍ଚିଆ କେଶକୁ ଆଖିରେ ହାଲ୍'କା ସୁନେଲି ରଙ୍ଗର ଚଷମା ସହଦେବ ଭାଇଙ୍କୁ ବେଶ୍ ମାନୁଥାଏ । ମୋ କବି ହୃଦୟକୁ ତାଙ୍କର ସେ ସରଳଆ ଚେହେରା ଆନ୍ଦୋଳିତ କରୁଥାଏ...ମୁଁ ସହଦେବ ଭାଇ ମନସ୍କ ହେଇ ଯାଉଥାଏଁ । ସେ ମତେ ଜାଣିଥିଲେ ଅଥଚ ମୁଁ ତାଙ୍କୁ ଚିହ୍ନି ପାରିଲିନି । ଅନେକ ସମୟରେ ମୋର ଏମିତି ହୁଏ ଲୋକେ ମତେ ଚିହ୍ନିଥାନ୍ତି ଜାଣିଥାନ୍ତି ମୋ ସହିତ କଥା ହେଉଥାନ୍ତି ହେଲେ ମୁଁ ସେମାନଙ୍କୁ ହଠାତ୍ ଠଉରାଇ ପାରେନା । ସେ ମୋର ଏକ ଦୋଷ ଅଛି ।

ଆମ ସ୍କୁଲରୁ ମୁଁ ଆଉ ସୁଶିଲ ଗୁରୁଜୀ ଏବଂ ଗଜବନ୍ଧରୁ ଏକାକୀ ସହଦେବ ଗୁରୁଜୀ । ପିଲାଙ୍କର ଡି.ପି.ଇ.ପି ବହି ଧରୁ ଧରୁ ସମୟ ପାଖାପାଖି ଦୁଇଟା ହୋଇ ସାରିଥାଏ । ଆମେ ଥାଉଁ ଅଗାଧୁଆ । ଅସହ୍ୟ ଗୁଳୁଗୁଳ ସାଙ୍ଗକୁ ପେଟରେ ଚୁହା ଦୌଡିବା ଆରମ୍ଭ କରି ଦେଇଥାନ୍ତି । ମୁଁ ଗାଧୋଇବାର କଥା କହିବାରୁ ସହଦେବ ଭାଇ ତାଙ୍କର ଚିରାଚରିତ ଶାନ୍ତ ସ୍ୱରରେ ପୂଣ୍ୟତୋୟା ମହାନଦୀର ରାମେଶ୍ୱର ଘାଟରେ ଗାଧୋଇବାର ପ୍ରସ୍ତାବ ରଖିଲେ । ମୁଁ ରାଜି ହୋଇଗଲି । ସମସ୍ତ ପୁସ୍ତକକୁ ଡି.ପି.ସି ଅଫିସ ବାରଣ୍ଡାର ଏକ ସୁରକ୍ଷିତ

କୋଣରେ ବ୍ୟବସ୍ଥିତ ଭାବେ ରଖି ଆମେ ଗନ୍ତବ୍ୟସ୍ଥଳକୁ ଗମନ କଲୁ । ମହାନଦୀରେ ବୁଡ ପକେଇ ନଈପଠାର ଦୃଶ୍ୟରାଜିକୁ ବିହଙ୍ଗାବଲୋକନ ପୂର୍ବକ ସେଠିକାର ମନ୍ଦିର ଦର୍ଶନ ବାହାରୁ ବାହାରୁ ହେଲା । ମୁଁ ଟିକେ ଫଟୋ ପ୍ରିୟ ହୋଇଥିବାରୁ ମୋ ମୋବାଇଲରେ ସହଦେବ ଗୁରୁଜୀ ମୋର କଛି ଫଟୋ ବି ଉଠେଇଲେ । ଏଇ ସ୍ୱଳ୍ପ ସମୟ ମଧ୍ୟରେ ମୁଁ ସହଦେବ ଗୁରୁଜୀଙ୍କ ସହିତ ଗାଢ ଭାବେ ମିଶି ସାରିଥାଏଁ । କାରଣ ଯେଉଁ ମାନଙ୍କୁ ମୁଁ ଭଲ ପାଏ ବିଶ୍ୱାସ କରେ ତାଙ୍କ ସହିତ ଅତିଶିଘ୍ର ମିଶି ଯାଏଁ । ତାପରେ ଆମେ ଫେରି ଆସି କଚେରୀ ଛକର ନିରାମିଷ ତାରା ହୋଟେଲରେ ଭୋଜନ କରିବା, ଫେରିବା ବାଟରେ ଟାଣ ଖରା ଦାଉରୁ ରକ୍ଷା ପାଇବା ହେତୁ ମହାଦେବପାଲି ଛକରେ ନିଜ ପଇସାରେ ସହଦେବ ଗୁରୁଜୀ ମତେ ଥଣ୍ଡା ପିଏଇବା, ବାଟରେ ଆସୁ ଆସୁ ମୋ ମଟର ସାଇକଲରେ ଲଦା ହୋଇ ଏଇ ପଡିବ ପଡିବ ହେଉଥିବା ପୁସ୍ତକକୁ ଗଛର ଛାଇ ମୂଳମାନଙ୍କରେ ବାରମ୍ବାର ସଜାଡିଦେବା ଇତ୍ୟାଦି ଇତ୍ୟାଦି ଏମିତି ଅନେକ ସହଦେବ ଭାଇଙ୍କର ମିଠା ସ୍ମୃତି ମୋ ସହିତ ଜଡିତ ଅଛି । ଯାହା ଆଜି ମନେ ପଡି ଆଖି ଓଦା କରୁଛି । ମୁଁ ଅନ୍ୟମନସ୍କ ହେଉଛି ମୁଁ କ୍ଷତାକ୍ତ ହେଉଛି ମୁଁ ବ୍ୟସ୍ତ ମୁଁ ବିବ୍ରତ । ହାୟ ସହଦେବ ଭାଇଙ୍କ ଅବର୍ତ୍ତମାନ ମୋ ପାଇଁ ମର୍ମନ୍ତୁଦ । ସତରେ ଏମିତି ଭଲ ଲୋକମାନେ ଅସ୍ତୁନକ ଠକ ଦେଇ ଅଫେରା ପଥର ପଥିକ ହୋଇ ଯାଆନ୍ତି ଯେ ତାଙ୍କୁ ଜୀବନସାରା ଖାଲି ଝୁରି ହେବା ହିଁ ସାର ହୁଏ । ଇଂରାଜୀରେ ଏକ ଉକ୍ତି ଅଛି "Those whom God loves dies young, ଅର୍ଥାତ୍ ଭଗବାନ ଯେଉଁମାନଙ୍କୁ ଅତ୍ୟଧିକ ଭଲ ପାଆନ୍ତି ତାଙ୍କୁ ଶିଘ୍ର ନିଜ ପାଖକୁ ଡାକ ନଅନ୍ତି" ଏ କଥାର ଯର୍ଥାଥତା ମୁଁ ଆଜି ମର୍ମେ ମର୍ମେ ଅନୁଭବୁଛି ।

ସହଦେବ ଭାଇଙ୍କ ଆହୁରି ଅନେକ ମିଠା ସ୍ମୃତି ମୋ ସହିତ ଜଡିତ ଅଛି । ଯେମିତି ତାଙ୍କ ବିଦ୍ୟାଳୟରେ ଥରେ ସଂକୁଳସ୍ତରୀୟ ସାମୂହିକ ଆସ୍ତର୍ଯ୍ୟ ବିକାଶ ଦିବସ ପାଳନ ଅବସରରେ ମୁଁ ପାଇଲ୍ସ ଅପରେଶନ ହୋଇଥିବାରୁ ସେ ତାଙ୍କ ସ୍କୁଲ ପାଖରେ ଥିବା ପଣ୍ଡରାପାଲି ଗାଁ ଘରରୁ ମୋ ପାଇଁ କମ୍ ତେଲ ମସଲାଯୁକ୍ତ ସନ୍ତୁଳା ଶୁଦ୍ଧପୂତ ଭୋଜନ ଆଣିବା, ମୋ ପାଖରେ ସେଦିନ ବସି ରହି ମାଁଟିଏ ପରି ସେ ମତେ ପରଷି ଦେବା, ଦିନେ ବୈଶାଖର ମୁଣ୍ଡଫଟା ଖରାରେ ଗୋଟେ ବାହାଘରରୁ ମୁଁ ଆରୁ ରାଜେଶ ଗୁରୁଜୀ ଫେରୁଥିବାବେଳେ ତାଙ୍କ ଘରେ ଅସ୍ତୁନକ ପହଞ୍ଚି ଯିବା ଏବଂ ତାଙ୍କଠାରୁ ଭାବଭରା ଆତିଥ୍ୟ ସ୍ୱୀକାର କରିବା, ପ୍ରଚଣ୍ଡ ଖରା ଆଉ ସେ ଲେମ୍ବୁ ଲୁଣ ସରବତ, ସବୁବେଳେ ମନେ ରହିବ

ତାହା ଅଭୁଲା, ଅପାସୋର୍ । ଜିଇଁ ଥିବା ଯାଏ ସେ ସ୍ମୃତି ମୋ ମାନସ ପଟରେ ଉଙ୍କି ମାରିବ ହିଁ ମାରିବ । ଆହାଃ ସହଦେବ ଗୁରୁଜୀ ତମ ଭାବ ଟିକକ ଥିଲା ଖୁବ୍ ମିଠା । ତମର ସେ ମିଠାସ୍'ପଣକୁ ଆମକୁ ଆହୁରି ଚାଖିବାର ଥିଲା, ହେଲେ ତମେ ଆମକୁ ଠକି ଦେଲ ।

ସହଦେବ ଗୁରୁଜୀଙ୍କ ମହାନତାକୁ ବର୍ଣ୍ଣନା କରିବାକୁ ମୋ ପାଖରେ ଶବ୍ଦର ଏବେ ଘୋର ଅଭାବ । ତଥାପି ମୁଁ ତାଙ୍କ ବିଷୟରେ ଲେଖୁଛି କିଛି ଖାସ୍ । ହୁଏତ ତାଙ୍କ ଗୁଣ ଗାରିମାରେ କେହି ହୋଇପାରେ ପ୍ରଭାବିତ ଯଦ୍ଦ୍ୱାର ସେ ଲାଭବାନ ହେବ ।

ସହଦେବ ଗୁରୁଜୀ ଥିଲେ ଶାନ୍ତ ଶିଷ୍ଟ ଗୁଣାବଳୀର ମୂର୍ତ୍ତିମନ୍ତ ପ୍ରତୀକ । ସରସ୍ୱତୀ ଶିଶୁ ମନ୍ଦିର ଗଜବନ୍ଧର ଏକ ବ ବ୍ୟକ୍ତିତ୍ୱ, ଅବିଚ୍ଛେଦ୍ୟ ଅଙ୍ଗ । ତାଙ୍କ ବିଦ୍ୟାଳୟର ଗୁରୁଜୀଗୁରୁମା ମାନଙ୍କ କହିବାନୁସାରେ ସେ ଥିଲେ ସମସ୍ତଙ୍କ ପିତା ସଦୃଶ । ତାଙ୍କର ସବୁ କିଛି ଧୀର ସ୍ଥିର ଅଥଚ କାମ ଥିଲା ଅତ୍ୟନ୍ତ ପରିପକ୍ୱ । କହିବା ଧୀର ହସିବା ଧୀର ଖାଇବା ଧୀର ପିଇବା ଧୀର ଚାଲିବା ଧୀର ବସିବା ଧୀର, ତାଙ୍କର ରାଗ ବାଗ ସବୁ ଧୀର। ଏଭଳି ବ୍ୟକ୍ତିବିଶେଷ ମନେ ରହନ୍ତି ଓ ରହିବେ ଅହରହ । ଖାଲି ଅର୍ନ୍ତଦୃଷ୍ଟିରେ ତାଙ୍କୁ ଦେଖି ପାରିଲେ ହେଲା ।

ଅତୀତରେ ଜୁଲୁଣ୍ଡାର ବଜାର ପ୍ରାଙ୍ଗଣରେ ଭବ୍ୟ ଔଷଧାଳୟ ଦେଇ ଯେଉଁ ବ୍ୟକ୍ତି ଦୁଃଖୀଜନଙ୍କ ଦୁଃଖ ସହି ନ ପାରି ମାଗଣାରେ ନିଜ ଦୋକାନର ସବୁ ଔଷଧକୁ ବାଣ୍ଟି କୁଣ୍ଟି ନିଜର ଜୀବନ ଜୀବିକାକୁ ଟୁପ୍'କିନା ଯିଏ ବୁଡେଇ ଦେଇଥିଲା, ସେ ଥିଲେ ଆମ ଗଜବନ୍ଧ ଶିଶୁ ମନ୍ଦିରର ପ୍ରିୟ ସହଦେବ ଗୁରୁଜୀ। ସତରେ ସେ ଥିଲେ ଜଣେ ନିଆରା ଓ ଭିନ୍ନ ସ୍ୱାଦର ମଣିଷ । ସେଥି ପାଇଁ ତ ଥରେ ସଂକୁଳ କେନ୍ଦ୍ରର ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣରେ ତାଙ୍କୁ ଆମେ ଅତିଥି କରି ମୁଁ ତାଙ୍କ ପରିଚୟ ରଖୁଥିବାବେଳେ ତାଙ୍କର ସଂକ୍ଷିପ୍ତ ବିବରଣୀ ପ୍ରଦାନ କଲାବେଳେ ସେଠି ଉପସ୍ଥିତ ଥିବା ସମସ୍ତ ଗୁରୁଜୀ ଗୁରୁମାଙ୍କ ଆଖିରେ ଆସି ଯାଇଥିଲା ଲୁହ । ସତରେ ସେ ଥିଲେ ଏମିତି ଏକ ବ୍ୟକ୍ତିତ୍ୱ । ଆମ ପାଇଁ ବିରଳ ଅନ୍ୟ ପାଇଁ ଅବିଶ୍ୱାସନୀୟ । ନା ଦୁଃଖରେ କାତର ନା ସୁଖରେ ଅଧିର । ହେ ସ୍ଥିତପ୍ରଜ୍ଞ ସହଦେବ ଭାଇ ତମେ ସବୁଦିନ ମନେ ରହିବ ।

ଏମିତି ଶାନ୍ତଶିଷ୍ଟ ପରୋପକାରୀ ମଣିଷକୁ ପୁଣି ହୋଇପାରେ ହୃଦ୍ ଘାତ । ସତରେ ଈଶ୍ୱର ତମେ ଏତେ ନିର୍ଦ୍ଦୟ ଓ ଏତେ ନିଷ୍ଠୁର । ଏ ତମର କେମିତି ନ୍ୟାୟ ? ଗ୍ଣରିଦିନ ତଳେ ଏକ ନବଜାତ ପୁତ୍ର ସନ୍ତାନ ପ୍ରାପ୍ତିରେ ଉତ୍'ଫୋଲ୍ଲିତ ହୋଇ ଯେଉଁ ମଣିଷ ପ୍ରଧାନାଗ୍ଣର୍ଯ୍ୟ ଜରିଆରେ ଢେର୍ ସାଗ୍ ମିଠା ମଗେଇ ବିଦ୍ୟାଳୟରେ ବାଣ୍ଟି ବାଣ୍ଟି ନରେ୍ଗଳ ମନରେ ଯେ ଜାହିର୍ କରେ ତାର ନୂତନ ପିତୃତ୍ୱର ପରିଚୟ । ହେ ଈଶ୍ୱର ! ତମେ ତାଙ୍କୁ ଆମଠୁ ଛଡେଇ ନେଲ । ଏ କଣ ଯୁକ୍ତିଯୁକ୍ତ ? ଥରେ ଭ୍ଣବି ଦେଖ ତ ଈଶ୍ୱର ସେ ବୁଢୀ ମାଁର ଦୁଃଖ, ସେ ନରୀମାଖ୍ ଭ୍ଣରିଜାର ବୁକୁଥର୍ଗ କୋହ ଯା ଆଖିରୁ ଝରୁଅଛି ଏବେ ଅନବରତ ଲୁହ, ଭ୍ଣବି ଦେଖ ସେ ଅସହାୟ ଭ୍ଣଇମାନଙ୍କର ମୁଖ ପ୍ରଦେଶରେ ଉକୁଟି ଉଠୁଥିବା ଅନ୍ୟମନସ୍କକାତାର ଭ୍ଣବ, ଥରେ ଭ୍ଣବି ଦେଖ ସେ କୁନ କୁନ ଦୁଇ ଝିଅପୁଓଙ୍କ ନିଷ୍ପାପ ମୁହଁର ଅବୁଝା ସେ କଅଁଳ ଚହଲପଟ୍ଟ । ତମେ କଣ ଠିକ୍ କଲ ଈଶ୍ୱର... ଜବାବ୍ ଦିଅ...ଜବାବ୍ ଦିଅ । ହେ ଈଶ୍ୱର ! ସହଦେବ ଗୁରୁଜୀଙ୍କୁ ଆମକୁ ଫେରାଇ ଦିଅ...ଫେରାଇ ଦିଅ ।

ଯେଉଁଠି ଥିଲେ ବି ତମେ ସୁଖରେ ଥାଅ ସହଦେବ ଭ୍ଣଇ ଭଲରେ ଥାଅ । ତମ ମିଠା ସ୍ମୃତିକୁ ପାଥେୟ କରି ଏଠି ଜୀବନ ଜିଇଁବା ଆମ ପାଇଁ ହୋଇପାରେ ଦୁର୍ବିସହ ଆଉ କଷ୍ଟକର । ହେଲେ ଏକଥା ଖାଣ୍ଟି ସତ ଯେ ତମେ ଆମର ଅହରହ ମନେ ପଡିବ...ସତରେ ମନେ ପଡିବ ।

ପ୍ରଧାନ ଆଗ୍ଣର୍ଯ୍ୟ
ସରସ୍ୱତୀ ଶିଶୁମନ୍ଦିର, ଇଛାପୁର
ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

# ଭଗା,,,,,,,,,,



ଆନନ୍ଦ କୁମାର ମାଇତି

ଭଲରେ ଜାଣି ହେଲାନି
ସେମାନେ ଜନ୍ମ ନେଲେ କେଉଁ ମୁହୂର୍ତ୍ତରେ
ମୋ ଭିତରେ!
ହଠାତ୍ ଚାହିଁ ବସିଲା
ସମାନ ଅଧିକାର
ଏପରିକି ବାଦ୍ ଦେଲାନି
ମୋର ଯାବତୀୟ ଏକାନ୍ତ ନିଜସ୍ୱ ସମ୍ପତ୍ତି କୁ
ଏବଂ ମାପି ଚୁପି କଲା ଭଗା ଭଗା।
ଜଣେ ନେଲା
ଜନ୍ମ କଲା ମା' ଏନ୍ତୁଡ଼ିଶାଳର
ତଳ ପେଟର ନିଶ୍ୱାସେ ପ୍ରସବ ଯନ୍ତ୍ରଣା,
ପାକୁଆ ପାଟିରେ
ମା ସ୍ତନରୁ କ୍ଷୀର ଶୋଷି ବାର କଅଁଳା ଭୋକ,
ନିର୍ବୋଧ ବୟସର ମହଣେ ତଣ୍ଟି ଫଟା କାନ୍ଦ
ଥେଇ ଥେଇ ବାପା ଛାତିରେ ଚାଲି ଆଉ
ମାର ଆକଟ
ଚାଟଶାଳୀ ରେ ସାରଙ୍କ ନୋଲା ଫଟା ବେତ ପାହାର।
ଆଉ ଜଣେ ନେଲା
ସବାଳକର ସମସ୍ତ ବଦରାଗ
ଯାବତୀୟ ଶୃଙ୍ଖଳ, ବିବାହ ବନ୍ଧନ
ରମଣୀର ସୋହାଗ ଭରା ରତି ପ୍ରହାର

ପ୍ରିୟତମା ର ଡଉଲ ଡାଉଲ ଯୌବନ ର
ନର୍ଦ୍ଧିଷ୍ଟ ଗୋଟେ ଗୋଟେ ଶିହରୀତ ଅଙ୍ଗ
ସଂସାର ର ସମସ୍ତ ସ୍ୱାର୍ଥ ଆଉ ମୋହ।
ମୋ ସମ୍ପତି ସହରୁ
ପ୍ରାୟ ସବୁତକ ନିଲାମ ହେଲା ପରେ
ବାକି ପଡିଥିବା ଅବଶିଷ୍ଟ କଛି
ପରିତ୍ୟକ୍ତ ଛବି ବାଦ୍ ଦେଲା ପରେ
ରହିଯାଇ ଥିଲା ସର୍ବନାଶ ନିଆଁ ଝଲକ ଟେ
ସେମାନେ ସେଇ ନିଆଁ ଟେ ଲାଗି
ଜାରି ରଖିଲେ ଶୀତଳ ଝଗଡ଼ା।
ଆଗଭର ହେଲେ
ବେଳ ଥାଉ ଥାଉ ଜାଳଦେବେ
ଅବଶିଷ୍ଟ ଅସ୍ତିତିକୁ
ମୁଠାଏ ପାଉଁଶ କୁ ସମ୍ମାନ ଭାଗ କରିବାରେ
ଆଦୌ ହେବନ ଅସୁବିଧା ବୋଲି।
ଏମିତି କରିଥିଲେ ଭାଗ ବଣ୍ଟା ସେଦିନ
ମୁଁ ଏକ ନାଗ୍ରର ପର୍ାସ୍ତ ଗୃହସ୍ତ ହୋଇ
ଅସହାୟ ହାତ ଟେକି ଦେଇଥିଲି
ସେମାନଙ୍କ ବିଭାଜ୍ୟ କୌଶଳ ପାଖରେ।

ଝାଟିପାରି, ଆମ୍ବିକ, ଏରସମା,ଜଗତସିଂହ ପୁର

# ମା କାଳୀ

(ବୀଣାକାର ସ୍ୱରରେ)



ମଙ୍ଗୁଲୁ ଗୌଡ

ମୟ୍ ମା କଳୀକା ମୁଣ୍ଡ ମାଳକା
        ଦୟା କରିଥିବୁ ମୋତେ (୨ ଥର)
ସଙ୍କଟ କାଳରେ ପଡିଲେ ମା ତୋତେ
        କରୁଣା କରିବୁ ମୋତେ ।
ଚଇତ ମାସରେ ପଣା ସଂକ୍ରାନ୍ତିରେ
        ତେର ଦଣ୍ଡୁଆଙ୍କ ବ୍ରତ (ଘୋଷା)
ତୋ ନାମ ସୁମରି ତୋତେ ଆଶ୍ରା କରି
        ଗ୍ଭଲୁଛନ୍ତି କେତେ ବାଟ ।
ମଧ୍ୟାହ୍ନ ବେଳରେ ତୋ ନାମ ସୁମରି
        କରୁଛନ୍ତି ଦଣ୍ଡ ନାଚ (୨ ଥର)
ଦଣ୍ଡ ନାଚ ସାରି ପଣା ପାନ କରି
        ହୁଅନ୍ତି ମନ ଆନନ୍ଦ
ତେର ଦିନ ଧରି ତୋ ନାମ ସୁମରି
        ପାଳନ୍ତି ଦଣ୍ଡ ବିଧାନ ।
ପଣତେ ଘୋଡାଇ ରଖିଥିବୁ ମା
        ଦୟା କରିଥିବୁ ଜାଣି
ଅଧମ ମଙ୍ଗୁଲୁ ପଶୁଛି ଶରଣ
        କୃପାକର ବାରେ ଶିବ ଘରଣୀ ।

ବି.ଏନ.ଆର, ଗାର୍ଡେନ୍ ରିଚ୍,
ରେଲୱେ କଲୋନୀ, କୋଲକତା

# ଅପେକ୍ଷାରତ



ସସ୍ମିତା ପଟ୍ଟନାୟକ

**--** ହାଏ, ମୁଁ ପ୍ରିୟଙ୍କା, ମୁଁ କଟକରୁ ଆସିଛି। ତୋ ନା କଣ?

ପଛକୁ ବୁଲିକ ଦେଖିଲା ନକତା। ସେଇ ମୁହୂର୍ତ୍ତରେ ହିଁ କଣ ପାଇଁ ପ୍ରିୟଙ୍କା ତାକୁ ଭାରି ଆପଣାର ଲାଗିଲା ।

ମନରେ ଭଗବାନଙ୍କୁ ଧନ୍ୟବାଦ ଦେଇକ କହିଲା -

**--** ହାଏ ପ୍ରିୟଙ୍କା, ମୁଁ ନକତା ରାଉରକେଲାରୁ ଆସିଛି।

ତା ପରେ କଣ ଥିଲା, ଦୁଇ ଜଣଙ୍କ କଥା ଆରମ୍ଭ ହେଇ ଯାଇଥିଲା, ଅସରନ୍ତି ପେଢି ଭଳି। ସେଇ ଗହଳରେ କେତେ ଲୋକ ଥିଲେ ହେଲେ ଏଇ ଦୁଇ ଜଣଙ୍କୁ ଆଉ କଛି ଶୁଣ ଯାଉ ନ ଥିଲା। କୋଉ କଲେଜରେ ପାଠ ପଢା, କେମିତି ଏଣ୍ଟ୍ରାନ୍ସ ପରୀକ୍ଷା ଗଲା ସବୁକଛି। ଯେତେବେଳେ କଲେଜ ପ୍ରିନସପାଲ announce କଲେ ଯେ "welcome to college", ଦୁଇ ଜଣଙ୍କ ଚେତା ପଶିଲା ସେତେବେଳେ।

ଦୁଇ ଜଣ ମିଶି କଲେଜ ପଢା ଆରମ୍ଭ କଲେ। ସାଙ୍ଗ ହେଇ କଲେଜ ଯିବା, ଖାଇବା ପିଇବା କମ୍ବା ପାଠ ପଢା ସବୁ କଛି ସମୟ ସହ ତାଳ ଦେଇ ଚାଲିଥିଲା। କେତେ ପରୀକ୍ଷାରେ ଦୁଇ ଜଣ ରାତି ଅନଦ୍ରା ରହି ପଢିଥିଲେ, କନ୍ତୁ ନକତା ପାରେନ ବେସି ରାତି ଯାଏଁ ପଢିବା। ପ୍ରିୟଙ୍କା ନଜେ ପଢିକ ନୋଟ ଲେଖିକ ରଖି ଦେଉଥିଲା ନକତା ପାଇଁ।

ଭାରି ଖୁସିରେ ସମୟର ସୁଅରେ ଦୁଇ ଜଣ ଭାସି ଚାଲିଥିଲେ। ଦେଖୁ ଦେଖୁ କଲେଜର 3 ବର୍ଷ ପୁରୀ ଯାଇଥିଲା। ଦୁଇ ଜଣ ଚାକରୀ ବି ଗୋଟେ company ରେ ପାଇ ଯାଇଥିଲେ। ହେଲେ ବିଧିର ବିଧାନ ଆଉ କଛି ଥିଲା। ଦୁଇ ଜଣଙ୍କ ଜଇନଂ ତାରିଖ ଅଲଗା ଥିଲା।

ଏତେ ଦିନ ସାଙ୍ଗରେ ରହିଲା ପରେ ଏଇ ବିଚ୍ଛେଦ ବାଢିଥିଲା ଦୁଇ ଜଣଙ୍କୁ କିନ୍ତୁ ପୁଣି ଦେଖା ହେବାର ପ୍ରତିଶୃତି ନେଇ ଅଲଗା ହେଇଥିଲେ ସେମାନେ।

ସେଇ ସମୟରେ 'autograph book' ପ୍ରଥା ଭରିଗ୍ଭଲିଥିଲା। ସମସ୍ତେ ସମସ୍ତଙ୍କ ପାଇଁ କଛି ଲେଖୁଥିଲେ। ପ୍ରିୟଙ୍କା ବି ଲେଖିଥିଲା ନକତା ପାଇଁ ଗୋଟେ କାହାଣୀ। ନକତା ପଢିଥିଲା ଆଉ ହସି ଦେଇ କହିଥିଲା ତାକୁ କଣ ଯେ ପରୀ ମାନଙ୍କ କାହାଣୀ ଲେଖିଛୁ ଯାହାର ଶେଷ ଭାଗଟି ସରେଇନୁ। ପ୍ରିୟଙ୍କା କଛି ନ କହି ହସି ଦେଲା। ସେଇଠୁ ଲୋତକ ଭରା ଆଖିରେ, ଭାରି ଭାରି ହୃଦୟରେ ବିଦାୟ ନେଲେ ଦୁଇ ବନ୍ଧୁ।

ନକତାର ଆରମ୍ଭ ହେଇଯାଇଥିଲା ଗ୍ଭକରୀ ଜୀବନ ହେଲେ ସେ ଦିନ ଗଣୁଥିଲା ପ୍ରିୟଙ୍କର ଆଗମନର । ସେତେବେଳେ ଚଠିର ପ୍ରଥା ଥିଲା, ଦୁଇ ସାଙ୍ଗ ଚଠି ବିନମୟ କରୁଥିଲେ, ହେଲେ ଗୋଟେ ଚଠିର ଉତ୍ତର ପାଇଁ ୧୫ ଦିନ ଅପେକ୍ଷା ଟା ଯୁଗ ଭଳି ଲାଗୁଥିଲା ସେମାନଙ୍କୁ। ୧, ୨, ୩, ୪..... ୫୧ ଦିନ ପରେ ଆସିଥିଲା ପ୍ରିୟଙ୍କା। ତାକୁ ଦେଖି ଭାବ ବିହ୍ୱଳ ହେଇଯାଇଥିଲା ନକତା। ପୁଣି ଥରେ କଲେଜର ପ୍ରଥମ ଦିନ କଥା ହେଲା ଭଳି ଦୁଇ ସାଙ୍ଗ ଗପରେ ମଜ୍ଜି ଗଲେ ଯେ କେତେବେଳେ ଅଧ ରାତି ହେଲା ଜାଣି ପାରିଲେନ, କଥା ହଉ ହଉ ଶୋଇ ପଡ଼ିଥିଲେ।

ଏଇ ଭିତରେ ନକତାର transfer ହେଇଯାଇଥିଲା। ସମୟ ଯେମିତି ଏଇ ଦୁଇ ସାଙ୍ଗଙ୍କ ବିରୁଦ୍ଧରେ କଛି ସନ୍ଧି କରୁଥିଲା। ନକତା ଗ୍ଭଲି ଯାଇଥିଲା ତା ଗନ୍ତବ୍ୟ ସ୍ଥଳକୁ ପୁଣିଥରେ ଖୁବ ଶୀଘ୍ର ଦେଖା ହେବାର ପ୍ରତିଶ୍ରୁତି ନେଇ। ପୁଣି ବ୍ୟସ୍ତତା ଭିତରେ ଦିନ ଗଡ଼ିବାକୁ ଲାଗିଲା। ପୁଣି ଦିନ ଗଣି ଗ୍ଭଲିଥିଲା। ଫୋନରେ କଥା ହେଲେ ପ୍ରିୟଙ୍କା କହୁଥିଲା, ତୁ ଏଇଟା କଣି ଥା, ସେଇଟା ଆମେ କଣିବା ମୁଁ ଆସିଲା ପରେ। ନକତା ସବୁ ଜିନଷ plan କରିକ ରଖିଥିଲା।

ହେଲେ ବିଧିର ବିଧାନ ଥିଲା ଆଉ କଛି ପ୍ରକାରର। ହଠାତ ଦିନେ ନକତା ଜାଣିବାକୁ ପାଇଲା ଯେ ପ୍ରିୟଙ୍କା ଅସୁସ୍ଥ, ତାର ବଞ୍ଚିବାର ଆଶା କ୍ଷୀଣ। ନକତା ଆଖି ଆଗରେ ସବୁ ସ୍ମୃତି ଗୁଡିକ ଭାସିବାରେ ଲାଗିଲା। ଭଗବାନଙ୍କୁ କେତେ ନେହୁରା ହେଲା, ଅନ୍ୟ ମାନେ

କହିଲେ ସିଏ improve କରୁଛି, ହେଲେ ଶେଷରେ ସେଇ ଅବିଶ୍ୱାସ ଖବରଟି ମିଳଥିଲା ଯେ ପ୍ରିୟଙ୍କା ଆଉ ନାହିଁ। ନକତା ସେଇ ଦିନଠୁ ଜ୍ୱରରେ ପଡିଲା ଯେ, ତିନ ଦିନ ପରେ ଜ୍ୱର ଛାଡିଲା ହେଲେ ସିଏ କଛି ଖାଉ ନ ଥିବାରୁ ପୁରା ଦୁର୍ବଳ ହେଇ ପଡିଥିଲା। ସିଏ ବିଶ୍ୱାସ କରି ପାରୁ ନ ଥିଲା ଯେ ଭଗବାନ ତା ଅନୁରୋଧ ଶୁଣିଲେନ। ତାର ସବୁଠୁ ପ୍ରିୟ ସାଙ୍ଗକୁ ଏତେ ଶୀଘ୍ର ନେଇଗଲେ ନିଜ ପାଖକୁ।

ନକତା ଆଖିରୁ ଲୁହ ସରୁ ନ ଥିଲା। ବହୁ ବର୍ଷ ଯାଇଁ ସ୍ମୃତି ପଟୁଆରରେ ରହି ଗଲା। ସମସ୍ତେ ବୁଝା ବୁଝି କଲା ପରେ ଟିକେ ଆଶ୍ୱସ୍ତ ହେଲା। ପୁଣି ଥରେ ଜୀବନର ଗାଡ଼ିରେ ଗଡି ଚାଲିଲା। ଦିନେ ସେଇ ପୁରୁଣା autograph book ରୁ ପ୍ରିୟଙ୍କା ଲେଖିଥିବା ପୃଷ୍ଠାକୁ ଖୋଲି ପଢିଲା। ସତେ ଯେମିତି ପ୍ରିୟଙ୍କା ଭବିଷ୍ୟତ ଜାଣି ପାରିଥିଲା, ସେମିତି ସିଏ ଶେଷ ଧାଡିରେ ଲେଖିଥିଲା ଯେ "ସମୟ ସ୍ରୋତରେ ନକତା ଆଉ ପ୍ରିୟଙ୍କାକୁ ଅଲଗା ହେବାକୁ ପଡିଥିଲା" ହେଲେ ନକତା ବୁଝି ନ ଥିଲା ଯେ ପ୍ରିୟଙ୍କା ଏତେ ଦୂର ପଳେଇବ ବୋଲି।

ଏଇ କଥାକୁ କୋଡିଏ ବର୍ଷ ପୁରିଲାଣି, ହେଲେ ନକତାର ଗୋଟେ କଣ୍ଟା ଏବେ ବି ସେଇଠି ଅଟକ ଯାଇଛି। ବାହାରକୁ ଦେଖା ନ ଗଲେ ବି ହୃଦୟ ସବୁବେଳେ ସେଇ ବନ୍ଧନକୁ ବୋହି ଚାଲିଛି।

ନକତା ତଥାପି ଅପେକ୍ଷା ରତ ବନ୍ଧୁ ମିଳନ ପାଇଁ, ସମୟର କଣ୍ଟାକୁ ପଛକୁ ନେଇ ଯିବା ପାଇଁ, ଅସମ୍ଭବ କୁ ସମ୍ଭବ କରିବା ପାଇଁ। ସେଇ ଲୋତକଭରା ନୟନରେ ଆଉ ବେଦନା ଭରା ହୃଦୟରେ ଏବେ ବି ଅପେକ୍ଷରତ !!!

# ଅକୁହା କଥା



ଶିଶିର କୁମାର ପଣ୍ଡା

କହି ପାରିବିନ ଅକୁହା କଥା ସେ
ଘଟି ଯାଇଥିଲା ଜୀବନେ ଯାହା
ସାଇତି ରଖିଛି ମନ ଫରୁଆରେ
କେଡ଼େ ମିଠା ସ୍ମୃତି ଥିଲା ସେ ଆହାଃ ।
ଭଲ ପାଉଥିଲି ଯାହାକୁ ସେ ଥିଲା
ତିଆଡ଼ି ବାବୁଙ୍କ ମଝିଆଁ ଝିଅ
ସିଏ ହେଲେ ନଆଁ ଥିଲି ତା' ପାଖରେ
କାଠୁଆ ଜାଡ଼ର ବସିଲା ଘିଅ ।
ଭୁବନେଶ୍ୱରରେ କେତେ କାଟିଅଛୁ
ସୁଖଦ ସେ ଯେଉଁ ପୁନେଇଁ ରାତି
ଭାବିଲେ ସେକଥା ଏଇ ବୟସରେ
କୋରି ହୋଇଯାଏ ଭିତରେ ଛାତି ।
ବାହାହୋଇ ସିଏ ଗଲିଗଲା ଯେବେ
ଅଭୁଲା ପ୍ରେମର ପଥକୁ ଛାଡ଼ି
ବିରହ କବିତା ଲେଖିଲି ସେଦିନୁ
ନକାଟି ନଶ କ କଅଁଳ ଦାଢ଼ି ।

କୁଆଁସ, ମେରଦା କାଟିଆ , ଯାଜପୁର
ଆଳାପ:~୮୯୮୧୭୩୭୨୨୮

# ଜୀବନ ନାଟକ

ଟୁକୁନା ସାହୁ

କେତେବେଳେ ଶେଷ ହେବ କାହା ଅଙ୍କ
ନଥିବ ଜମାରୁ ଜଣା
ଅଭିନୟ ଶ୍ରେୟ ନିଷ୍ଠୟ ହୋଇବ
ଯାତ୍ରାର ଶେଷ ପାଉଣା ।

ଜିଣିବାକୁ ହେବ ଦର୍ଶକ ହୃଦୟ
ଢାଳିବା କୁ ହେବ ଲୁହ
ଲୁଚେଇ ନିଜର ହୃଦୟ ଯନ୍ତ୍ରଣା
ଭୁଲି ଯାଇ ଲୋଭ ମୋହ ।

ବାସଲ୍ୟ ଚରିତ୍ର ନୁହଁଇ ସହଜ
ଯଉବନ ଭରି କଷ୍ଟ
ବୃଦ୍ଧ ଚରିତ୍ରରେ ଉପନୀତ ହେଲେ
ହୋଇବାକୁ ପଡେ ଶିଷ୍ଟ ।

ବଢ଼ି ବଢ଼ି ଗଲେ ରାତ୍ରିର ଆୟୁଷ
ପଡେ ନାହିଁ କିଛି ଜଣା
ଶେଷ ଦୃଶ୍ୟ ପାଶେ ଉପନୀତ ହେଲେ
ସର୍ବେ ହୋନ୍ତି ବାଟ ବଣା ।

ସାନ୍ତର୍ ପଲ୍ଲୀ ଗଞ୍ଜାମ

# ନାରୀ

ରଶ୍ମିରେଖା ମଲିକ

ମାଆ ର ପଣତ ସେତ
ଭାଇ ହାତ ରାକ୍ଷୀ
ସ୍ୱାମୀ ପାଇଁ ସାଜଇ ସେ
ସାତ ଜନ୍ମ ସାଥୀ

ବାପାଙ୍କର ଗେହ୍ଲୀ ଝିଅ
ମାଆ ନୟନ ପିତୁଳା
ରୂପ ତାର ମନଲୋଭା
କଥା ସ୍ନେହ ବୋଳା

ସ୍ନେହ ପ୍ରେମ ତ୍ୟାଗର ସେ
ଜୀବନ୍ତ ପିତୁଳା
ସର୍ବଂସହା ନାରୀ ସେତ
ନୁହେଁ ସେ ଅବଳା

କେବେ ସିଏ ରକ୍ଷାକାରୀ
କେବେ ସେ ମୋହିନୀ
କେବେ ପୁଣି ସାଜେ ସିଏ
ବିଷାକ୍ତ ନାଗୁଣୀ

ନିଦାଘ ନିଆଁ ରେ ନାରୀ
ମେଘ ଟୋପେ ସାଜି
ରଚଇ ନୂଆ କାହାଣୀ
ଇତିହାସ ସୃଜି

ନାରୀ ସିଏ ସମ୍ମାନିତା
ନୁହେଁ ସେ କଣ୍ଢେଇ
ସାରା ଜଗତ ହସାଏ
ନିଜକୁ କନ୍ଦାଇ ।।

# ନିଃସ୍ୱାର୍ଥ ଅପେକ୍ଷାର ଅନ୍ୟନାମ ପ୍ରେମ



ଶିତିକଣ୍ଠ ଗାଇଗାରିଆ

ଆକାଶ ଦିନେ ପଚ୍ଚାରିଲା ପୃଥିବୀକୁ
ତୁମେ ଜାଣ ପ୍ରେମର ମାନେ କଣ
ଧରଣୀ ମୁରୁକ ହସି ପ୍ରତ୍ୟୁତ୍ତର ଦେଲା
ସମର୍ପଣ!

ଯେଉଁଠି ଥାଏ ସବୁକିଛି ପାଇ ହରେଇ ଦେବାର ଭୟ
କିଛି ନପାଇ ଅଶାନ୍ତ ମନର କୋହ
ଆଉ ପୁଣି ସମୟ ସାଥେ ଭାଗ୍ୟର ବିଡମ୍ବନାର ଡର
ୟାପରେ ବି ନିଃସ୍ୱାର୍ଥ ସମର୍ପଣ ହିଁ ପ୍ରେମ
ମୁଁ ଜାଣେ
ତୁମସହ ମିଳନ କଳ୍ପନା ମାତ୍ର
ମିଳନର ବ୍ୟାକୁଳତା ଦୁଷ୍ପ୍ରାପ୍ୟ
ଏହାହିଁ ଶାଶ୍ୱତ, ଚିରନ୍ତନ
ତଥାପି ଇଚ୍ଛାହୁଏ
ତୁମ ଅସ୍ତିତ୍ୱରେ ନିଜକୁ ଭୁଲେଇ ଦେବାକୁ
ସ୍ୱପ୍ନରାଜ୍ୟରେ ତୁମସହ ନିଜକୁ ହଜେଇ ଦେବାକୁ
ଭୁଲିଯିବାକୁ ସମସ୍ତ କୋହ ଓ ଯାତନା
କେବଳ ଏତିକି ଜାଣେ
ନିଃସ୍ୱାର୍ଥ ଅପେକ୍ଷାର ଅନ୍ୟନାମ ପ୍ରେମ....

କଳାପଥର, ସୁବର୍ଣ୍ଣପୁର

# ବେସାହାର୍



ରାମ ଚନ୍ଦ୍ର ପ୍ରଧାନ

ଅନାଥଙ୍କ ପରି  ବେସାହାର୍ ହୋଇ
ଦୁଃଖ କଷ୍ଟେ ଦିନ କାଟେ
ନାହିଁ ମୋ ଠିକଣା  ମୁଁ କଏ ଜାଣେନା
ଏ ଦୁନଆଁ ଚଲ୍‌ବାଟେ ।
ବଞ୍ଚିବାର ଆଶା ମଉଳ ଗଲ୍‌ଣି
ପାଉନ ଜମା ଭରସା
ଭୋକ ବିକଳରେ ଏଠି ସେଠି ବୁଲି
ହେଉଛି ମୁଁ ଲୋକହସା ।
ରେଳ ଧାରଣାରେ  ବସି ମୁଁ ଖୋଜୁଛି
ବଞ୍ଚିବାର ରାହାଟିଏ
କେବେ ବଦଳବ ଏ ଦୁଃଖି ଜୀବନ
ଅଫେର୍ ସମୟ୍ ସୁଏ ।
ପାଇନାହିଁ କେବେ ମାଆର ମମତା
ମିଳନ ଭଉଣୀ ସ୍ନେହ
ବାପା ଭାଇ ଶ୍ରଦ୍ଧା ମୋ ପାଇଁ ସପନ
ନା ଅଛି ସଂସାର ମୋହ ।
ତଥାପି ବଞ୍ଚିଛି ଉପେକ୍ଷିତ ହୋଇ
ଜୀବନେ ସଂଘର୍ଷ କରି
ନ ଥକ ଚାଲୁଛି  ଏ ଜୀବନ ବାଟ
ଦୁଃଖର ପାହାଡ଼ ଧରି ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ

# ମନପକ୍ଷୀ



ଗୀତା ରୋହିଦାସ

ଯା'ରେ ଉଡିଯା ମନ ପକ୍ଷୀ ମୋର
ପ୍ରେମିକ ପାଖକୁ ଦେଇଯା ଚଠି
ଝୁରୁଛି ବୋଲି ମୁଁ କହିବୁ ତାକୁ
ନଦ୍ରା ନାହିଁ ଦିନ ରାତି ।।
ସବୁବେଳେ ମୁହିଁ ଚନ୍ତିତ ହୁଏ
ଭଲରେ ଥିବ କ ନାହିଁ
ଦେଖିବାକୁ ଇଚ୍ଛା ମନ ହେଉଛି
ହେଲେ ଆସୁନ କାହିଁ ।।
ଦୁଃଖର ପିଞ୍ଜରା ଭିତରେ ଥାଇ
ପାଇବି କେତେ ଆଉ ଯନ୍ତ୍ରଣା
ଫେରିଚାଲ ବୋଲି କହିବୁ ତୁ
ନ କରିବ ବୋଲି ମନା ।।
ପ୍ରେମରେ ହୋଇଛି ପାଷାଣୀ ଭଳ
ସବୁ ସ୍ମୃତି ଯାଇଛି ରହି
ନ ଗଲେ ତମକୁ ମୋ ରାଣ
ଡାକବୁ ଏତିକ କହି ।।

ଝାରସୁଗୁଡା

# ସଂପର୍କ



ଦୁଷ୍ମନ୍ତ ବେହେରା

ଗାଁ-ରାଧାଗୋପାଳପୁର
ବାପା-କୃପାସିନ୍ଧୁ ଦଳେଇ
ସ୍ତ୍ରୀ-ରୂପସି ଦଳେଇ
ପୁଅ-ହରିଆ ଦଳେଇ
ଝିଅ-ପୁଚ ଦଳେଇ
ସାଙ୍ଗ-୧-ବୁଲୁ
୨-ଗେଲି

ରାଧାଗୋପାଳପୁର ଗାଁ ରେ ଚାରିଶହ ପରିବାର ଲୋକ ବାସ କରନ୍ତି। ରାଧାଗୋପାଳପୁର ଗାଁ ରେ ବାସ କରନ୍ତି କୃପାସିନ୍ଧୁ ଦଳେଇ ଙ୍କ ପରିବାର ବାସ କରନ୍ତି। ପରିବାର କହିଲେ ସ୍ତ୍ରୀ-ରୂପସି ଦଳେଇ ପୁଅ-ହରିଆ ଦଳେଇ ଝିଅ-ପୁଚ ଦଳେଇ ହରିଆ କୁ ୧୧ ବର୍ଷ ପୁଚ କୁ ୧୦ ବର୍ଷ ହୋଇଥାଏ। ବେଶ ହସ ଖୁସିରେ ଚଳନ୍ତି। ସୋମବାର ରୁ ଶନିବାର ପର୍ଯ୍ୟନ୍ତ ଅଫିସ କାମରେ ବ୍ୟସ୍ତ ରହନ୍ତି। ଗୋଟିଏ ଦିନ ଛୁଟି ରବିବାର ମିଳିଲେ କିଛି କିଛି ଜିନିଷ କିଣିବା ପାଇଁ ବଜାରକୁ ବାହାରନ୍ତି।

କୃପାସିନ୍ଧୁ ଓ ତାଙ୍କ ସ୍ତ୍ରୀ ରୂପସି ବଜାରକୁ ଯିବା ପାଇଁ ସମୟ ସ୍ଥିର କଲେ। ପୁଅ ଝିଅ ହରିଆ ପୁଡି କୁ ଡାକ କହିଲେ ତମେ ବଜାର ଯିବ ହରିଆ ମାଙ୍କ ପାଖକୁ ଦୌଡିଯାଇ ଗେଲ ହୋଇ କହିଲା ମା ଆମେ ବଜାର ଯିବୁ ନାହିଁ। ତା ହେଲେ ଘରେ କଣ କରିବ। ଆମେ ଏଇ ଛୋଟ ମୋଟ ଟିକେ ଖେଳ ଖେଳବୁ। ମା କହିଲେ କୌଣସି ଜିନିଷ ରେ ଲାଗିବ ନାହିଁ କ ବ୍ୟାଟ୍ ବଲ୍ ଖେଳବ ନାହିଁ। ହରିଆ କହିଲା ଆମେ ତମ କଥା ରେ ରାଜି।

କୃପାସିନ୍ଧୁ ଓ ସ୍ତ୍ରୀ ରୂପସି ବାହାରି ପଡିଲେ ବଜାରକୁ ଏହାର ସୁବିଧା ନେଇ ହରିଆ ଓ ପୁଚ ନିଜ ବନ୍ଧୁ କୁ ଡାକ ବା ପାଇଁ ତାଙ୍କ ଘରକୁ ଗଲେ। ବନ୍ଧୁ ବୁଲୁ ଓ ଗେଲି ହରିଆ ଙ୍କ ଘରକୁ ଆସିଲେ। କିନ୍ତୁ ହରିଆ ଚୋର ପୋଲିସ ଖେଳ ଖେଳବାକୁ କହିଲା ସମସ୍ତେ ତା କଥାରେ ହଁ ମାରିଲେ ଖେଳ ଆରମ୍ଭ ହେଲା। କିଛି ସମୟ ପରେ କୃପାସିନ୍ଧୁ ଓ ସ୍ତ୍ରୀ ରୂପସି ଘରକୁ ଫେରିଲେ ଘର ଭିତରକୁ ପସିବା ବେଳେ ସମସ୍ତେ ନିରବ ଓ ଚୁପ୍ ଚାପ ଦେଖି ବାପା ପଚାରିଲେ କଣ ସୁନସାନ ହୋଇଛି ଘରଟା। ସ୍ତ୍ରୀ କୁ କହିଲେ ଚାଲ ଦେଖିବ କଣ ହୋଇଛି।

ମା ପଚାରିଲେ କଣ ହୋଇଛି ହରିଆ ମାଙ୍କ ଗାଳି ଏମିତି ବେଳେ ବେଳେ ସହିବାକୁ ପଡେ। ମାଙ୍କୁ ଟିକେ ଟିକେ ରାଗଲାଗେ କିନ୍ତୁ ଭଲଲାଗେ।

ରୂପସି ଧୀର କଣ୍ଠ ରେ ପଚାରିଲେ କଣ ହୋଇଛି ନୀରବ କାହିଁକି କିଛି ସମୟ ପରେ ଉତ୍ତର ଆସିଲା ଭାଙ୍ଗି ଯାଇଛି।

କଣ ଭାଙ୍ଗିଛି କୃପାସିନ୍ଧୁ ରୂପସି ଯାଇ ଦେଖିଲେ ଫୋଟ ଫ୍ରେମ୍ ଟି ତଳେ ପଡି ଭାଙ୍ଗିଯାଇଛି। ମା ପଚାରିଲେ କଏ ଭାଙ୍ଗିଲା ହରିଆ କହିଲା ମା ମୁଁ ଭାଙ୍ଗିଛି ମା ପୁଣି ପଚାରିଲେ ସତ କହ କଏ ଭାଙ୍ଗିଛି ପୁଚ କହିଲା ମୁଁ ଭାଙ୍ଗିଛି ମା । କୃପାସିନ୍ଧୁ ତଳେ ପଡିଥିବା ଫୋଟ ଫ୍ରେମ୍ କୁ ଖଣ୍ଡ ଖଣ୍ଡ ହୋଇଥିବା କାଚ ହାତରେ ମୁଠା କରି ଆଖିରୁ ବୋହି ଆସୁଥିଲା ଧାର ଧାର ଲୁହ। ହାତରୁ ଠୋପା ଠୋପା ହୋଇ ବାହାରୁଥିଲା ରକ୍ତ। ଛବି ଟିକୁ ଛାତିରେ ଜାବୁଡ଼ି ଧରି ଭୋ ଭୋ ହୋଇ କାନ୍ଦି ମା ମା ଡାକିଲେ।

ଜନ୍ମ ଜନ୍ମ ର ସଂପର୍କ ଆଜି ତଳେ ପଡି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଇଛି। ଭାଙ୍ଗି ଯାଇଥିବା କାଚ କଣ ଯୋଡିହବ। ଚିରି ଯାଇଥିବା ଛବି କଣ ସେପରି ଆଉ ହୋଇପାରିବ ଧାର ଧାର ଲୁହ ଠୋପା ମା କାଇଁ କେତେ ବରଷ ଏ ଦୁନିଆ ରେ ମୋ ପାଖରେ ଆଉ ନାହୁଁ। ଆଜି ଯେଉଁ ଫୋଟ ଗୋଟିକ ଥିଲା ସେ ଆଜି ଖଣ୍ଡ ଖଣ୍ଡ ହୋଇ ଯାଇଛି। ମାର ସ୍ମୃତି ଗୋଟି ଗୋଟି ହୋଇ ମନେ ପଡିଯାଉଛି। ଏଇ ଯେଉଁ ଜନ୍ମ ଜନ୍ମ ର ସଂପର୍କ ଆଖିରେ ଲୁହ ଠୋପା ମା ଙ୍କ ଫୋଟ ଉପରେ ବୋହି ଯାଉଛି।

ରୂପସି ପଚାରିଲେ ସତ କଥା କୁହ କଏ ଭାଙ୍ଗିଛି । ପୁଚ କହିଲା ସତ କଥା ହେଉଛି ଭାଇ ଗ୍ଲେର ପୋଲିସ ଖେଳୁଥିଲା। କନ୍ତୁ ବୁଲୁ ଆଗରେ ଭାଇ ପଛରେ ବୁଲୁର ହାତ ବାଜି ଫୋଟ ଟି ତଳେ ପଡିଗଲା। ଭାଇ ମିଛ ଏଇଥିପାଇଁ କହିଲା ତା ସାଙ୍ଗ ସଂପର୍କ ଭାଙ୍ଗି ଯିବ ବୋଲି କହିଲା ସାଙ୍ଗ ଦୋଷ ପାଇବା ଆଗରୁ ନଜ ମୁଣ୍ଡକୁ ଦୋଷ ନେଇଗଲା।

ହରିଆ ଦୌଡ଼ିଆସି କହିଲା ମା ମୋ ସାଙ୍ଗ କୁ କଛି କହିବୁନ ମୋତେ ଯେତେ ଗାଳ ଦଉଛୁ ଦେ ମୁଁ କଛି କହିବିନ । ବନ୍ଧୁତା ଦେଖି କୃପାସିନ୍ଧୁ କହିଲେ ତୁମ ବନ୍ଧୁତା ଜନ୍ମ ଜନ୍ମାନ୍ତର ରହୁ। ଯେମିତି ମୁଁ ମୋ ମା ସହିତ ଜନ୍ମ ଜନ୍ମାନ୍ତର ରହିଛି।

ରୂପସି କହିଲେ ସେ ଫୋଟ ଟା କୃପାସିନ୍ଧୁ କହିଲେ ଭାଙ୍ଗି ଯାଇଥିବା ଜିନଷ ଯୋଡିହୁଏନା। କନ୍ତୁ ବନ୍ଧୁ ର ସଂପର୍କ ଭାଙ୍ଗି ଯାଇଥିଲେ ଯୋଡିହୁଏ।

ଏଇ ଯେମିତି ଭାଙ୍ଗି ଯାଇଥିବା କାଚ ଯୋଡି ହୁଏନ। ଭାଙ୍ଗି ଯାଇଥିବା ମନ ଯୋଡି ହୋଇ ଯାଏ। ଇଏ ହେଉଛି ସଂପର୍କ।।।।।

ସ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# ଅଛିଣ୍ଡା ଗଣିତ



ଶିବରାମ ଦଳେଇ

କିଏ କହିଲା ଜୀବନଟା ଗୋଟେ ଅଛିଣ୍ଡା ଗଣିତ, "ଯାହାର ଭାଗଶେଷ ନାହିଁ" । ମୁଁ କିନ୍ତୁ ଜୀବନର ଭାଗଶେଷ ବାହାର କରି ଦୁନିଆ କୁ ଦେଖେଇ ଦେବି, ଏ କଥା ଭାବି ଥିଲା ନୂଆ ନୂଆ ଯୌବନ ରେ ପାଦ ଥାପିଥିବା ରମ୍ଭା ମେନକା ଠୁ କିଛି କମ ସୁନ୍ଦରୀ ନଥିବା ଇନ୍ଦୁ ।

ଇନ୍ଦୁ ବାପା ମାଆ ଙ୍କ ଏକମାତ୍ର କନ୍ୟା । ବାପା ମାଆ ଗରିବ ହେଲେ କଣ ହେବ, ଝିଅକୁ ଭଲପାଇବା, ଖାଇବା ଆଉ ପିନ୍ଧିବାରେ କିଛି ଊଣା କରିନାହାନ୍ତି ।

ସେହିଦିନ ବାପା ମାଆ ଭାଙ୍ଗିପଡିଲେ ଯେଉଁ ଦିନ  ଇନ୍ଦୁ 'ସୁଧାଂଶୁ କୁ ବିବାହ କରିବାକୁ କହିଲା । ବାପା ମାଆ ଦୁହେଁ ଇନ୍ଦୁକୁ ବହୁତ ବୁଝେଇବା କୁ ଚେଷ୍ଟା କରି ବିଫଳ ହେଲେ ।

ସୁଧାଂଶୁ ଜଣେ softwere engineer କହି ଇନ୍ଦୁ କୁ ପରିଚୟ ଦେଇଥିଲା ସପିଙ୍ଗ ମଲରେ ଯେଉଁଠି ସେମାନଙ୍କ ପ୍ରଥମ ଦେଖା ହୋଇଥିଲା । ସୁଧାଂଶୁ ଦେଖିବାକୁ କୌଣସି ଫିଲ୍ମ ହିରୋ ଠୁ ବି କମ ନୁହେଁ । ସେହି ପ୍ରଥମ ଦେଖା ରୁ ସୁଧାଂଶୁ କୁ  ହୃଦୟ ଦେଇ ବସିଲା ଇନ୍ଦୁ । ତିନି ମାସ ପ୍ରେମ ସମ୍ପର୍କ ଦୂର କଲା ରକ୍ତ ସମ୍ପର୍କ କୁ । ଇନ୍ଦୁ ଶେଷରେ ସମାଜ ର ଲୋକଲଜ୍ୟା, ଟାହିଟାପରା କୁ ଖାତର ନ କରି ପରିବାର ର ସବୁ ସମ୍ପର୍କକୁ ପାଦରେ ଠେଲିଦେଇ ସୁଧାଂଶୁ ସାଥିରେ ଚାଲିଆସିଲା । ସୁଧାଂଶୁ କୁ ପାଇ ନିଜ ଭିତରେ ଅଲଗା ସ୍ପୃହା ଅନୁଭବ କରୁଥିଲା ସେ । ସେତେ ଯେମିତି ଜୀବନ ଗଣିତର ଭାଗଶେଷ ପାଇ ସାରିଛି ।

ଝିଅ ଚାଲିଯିବା ଦୁଃଖରେ କିଛି ଦିନ ପରେ ବାପା ହୃଦ ରୋଗରେ ପ୍ରାଣ ହାରିଲେ । ମାଆ ମାନସିକ ରୋଗୀ ପାଲଟି ଗଲା ।

ଇନ୍ଦୁ ଘର ଛାଡିବାର ନଅ ମାସ ବିତିଗଲାଣି । ପେଟରେ ତାର ଗ୍ବରି ମାସର ଶିଶୁ । ନକଲି ପରିଚୟ ଦେଇଥିବା ସୁଧାଂଶୁ ଦୁଇ ମାସ ହେବ କମ୍ପାନୀ କାମରେ ଯାଉଛି କହି ନଖୋଜ । ଫୋନ କଲେ ସୁଇଚ ଅପ । ଏତେ ବଡ ସମାଜ ରେ ସେ ଅବା ପାଇବ କେଉଁଠୁ ।

ଏବେ ଇନ୍ଦୁ ନିଜ ଜୀବନ ର ସେହି ଅଛିଣ୍ଡା ଗଣିତର ଭାଗଶେଷ ଖୋଜୁଥିଲା ।

**÷×+_    =  ?**

ଲେଖନପୁର, ସାଲେପୁର

# ମୋ ବୋଉ



ସଙ୍ଗୀତା ମହାନ୍ତି

ବୋଉଲୋ ବୋଉ ତୋ ପରି ହବ କଏ ଆଉ
ତୁ ମୋର ସୁନା ଧନ ମୋ ହୀର୍ ତତେ କେବେ ଭୁଲି ପାରୁନ
ତୋ ସ୍ନେହ ଶ୍ରଦ୍ଧା ମୋ ପାଇଁ ଅମୂଲ୍ୟ ସମ୍ପଦ
ସେ ସବୁ ମୁଁ ଭୁଲିପାରୁନ
ତୋ ବିନା ମୋ ଜୀବନେ କିଛି ନାଇ ମତେ କାହିଁକ ଏମିତି ଲାଗୁଛି
ତତେ ନଦେଖି ମୁଁ ଆଉ ରହିପାରୁନ
ତୋ ଆକଟ ଶାସନରେ ମତେ ବଢେଇଲୁ
ଏତେ କଷ୍ଟ ମୋ ପାଇଁ କରିଥିଲୁ
କାହିଁକ ପର ଘରକୁ ମତେ ଛାଡିଦେଲୁ
ଏମିତି ସ୍ୱାର୍ଥପର କାମ କରି କେମିତି ରହିଲୁ
ତୋ ଗର୍ଭରେ ମତେ ଦଶ ମାସ ରଖି କଷ୍ଟରେ ଜନ୍ମ ଦେଲୁ
କଷ୍ଟରେ ମଣିଷ କଲୁ
ଆଜି ମତେ ବିଦା କରି କେମିତି ରହି ପାରିଲୁ
ତୋ କଥା ମନେ ପଡିଗଲେ ଛାତି ମୋର ବିଦାରି ହୋଇପଡୁଛି
ତତେ ଝୁରି ଝୁରି ମୁଁ ରହିପାରୁନ
ତୁ ହିଁ ମୋର ଶୁଭଚନ୍ତକ ତୁ ହିଁ ମୋ ପାଇଁ ଠାକୁରଙ୍କ ପାଖର
ନତି ପ୍ରାର୍ଥନା କରୁ ମୋ ଝିଅ ଭଲରେ ରହୁ
ତୋ ଋଣ କେବେବି ସୁଝି ପାରିବିନ ଲୋ
ଯାହା ମୁଁ ଭୁଲ କରିଛି ମତେକ୍ଷମା ଦବୁ
ଯଦି ମୁଁ ଆଜି ମଣିଷ ହୋଇଛି ତୋରି ପାଇଁ
ତୁମ ପରି ବାପା ବୋଉ ମତେ ଜନ୍ମ ଜନ୍ମ ମିଳୁଥାଉ

ତୁଳସୀପୁର, ମଠସାହି

# ମାପକାଠିରେ ବିଷୟବସ୍ତୁ



ଅନଙ୍ଗ ମଞ୍ଜରୀ

ଭାଙ୍ଗିବାର ସ୍ୱପ୍ନ ନେଇ
ଗ୍ଭଲିନଥିଲ୍ ସେ ଦିନର ଇତିହାସ
ପରିସ୍ଥିତି ର ଦ୍ୱାହି ଦେଇ
ଗ୍ଭଲିଥିଲ୍ ଏକ ଭୂଗୋଳ ବୃତ୍ତାକାର
ସମୟର ଏକ ସୀମାରେ
କଷି ଥିଲେ ଗଣିତକୁ
ଜୀବନର ଖେଳ ଖେଳ ଭିତରେ
ଆଦ୍ୟ ଅକ୍ଷରର ଆଦି ଜାଣିନଥିଲେ
ସ୍ୱାହିର ନାଲି, ନେଳ, କଳା
ରଙ୍ଗରେ ଅତିବାହିତ ହୋଇଗଲ୍
ସ୍ୱପ୍ନର ସାଗର ରେ
ବେଳାଭୂମି ରେ ସାହିତ୍ୟର ସେ ପଦ
ଲିପ୍ତ ହୋଇଗଲ୍
ଲମ୍ବା ଗ୍ଭସ୍ତାର ମାପକାଠି
ଯାଦୁ ହୋଇ ଜ୍ୟାମିତିର ଦୂରତା ରେ
ରହିଗଲ୍
ଆମର ସେ ଭ୍ବ ଆଜି ଯଦି ମନେପଡେ
କେବଳ ହୃଦୟର ଏକ କୋଣରେ
ରହିଲ୍ନ ଆମର ସେ ପରମ୍ପଗ୍
ଆଦି ଅକ୍ଷର ନା ଶେଷ ଅକ୍ଷର ରେ
ଅନେକ ଅକ୍ଷର ଭିତରେ ବାଛିଥିଲି
ତୁ କନ୍ତୁ ବାଛି ନେଇଥିଲୁ ଏକ ଅକ୍ଷର

ଅନେକ ଗ୍ସ୍ତା ରହିଗଲ୍ ପରେ
ତର୍କଶାସ୍ତ୍ର ପରି ଉଲ୍ଝିଲୁ
ଶୁଣିବାର ସେ ଶକ୍ତି
ଅର୍ଥ ଅର୍ଥ ବୁଝାଇବାରେ ପ୍ରୟାସ କଲୁ
ଆଜି ଭ୍ଙ୍ଗି ନାହିଁ
ଶକ୍ତ ହୋଇ ଏକ ନରମ ହୃଦୟ
କାଠ ର ମଧ୍ୟରେ ଅବସ୍ଥିତ
ରୂପ ପାଲଟି ଯାଇଛି
କେବେ ଯଦି ରଙ୍ଗ ଦିଏ ସେ ପ୍ରଥମ ପେନ୍ସିଲ
ମିଟି ଯାଉଥିବା ଏକ ରବର ଖଣ୍ଡରେ
ଏକ ସୁନ୍ଦର ଆରମ୍ଭ ରେ
ପ୍ରଥମ ଅକ୍ଷର' ଅ' ପାଇଁ
ଛବି ହୋଇ ରହିଛି ଆଉ ରହିଯିବ
ସମସ୍ତ ବର୍ଣ୍ଣ ଅକ୍ଷରର ରେ।
ସମୟ ର କଣ୍ଟା ଆଉ ଯେ କେତେ?
ଗ୍ଭଲି ଗ୍ଭଲି ଆଜି ଘଷି ଗଲ୍ଣି
ଅପେକ୍ଷା ରେ ସମସ୍ତ ତଥ୍ୟ
ଲିପ୍ତ ହବାକୁ ଆସିଲ୍ଣି।
ସ୍ୱପ୍ନର ଗଭିରତା ଶକ୍ତ ହୋଇଛି।
ସହନ ଶକ୍ତି ର ମାପକାଠି ଆଜି ବୃଦ୍ଧି ପାଇଛି।

ହାଇଦ୍ରାବାଦ

# ମୋ ସୁନା କାଳଆ



ଦିନେଶ ମେହେର

ହେଇତ ! ଆଉ କିଛି ସମୟ ପରେ ମୋ କାଳଆ ର ରଥ ଯାତର୍ ଆରମ୍ଭ ହେଇଯିବ। ପହଣ୍ଡି ବିଜେ ରୁ ଆରମ୍ଭ କରି ଛେର୍ ପହଁର୍ କେତେ କଣ ବିଧି ବିଧାନରେ ମୋ କାଳଆ ଟା ପର୍ ମାଉସୀ ଘର ଯିବ।

ହଁ! ସେ, ମୋ କାଳଆ। ଶୁଣିଛି କୁଆଡେ ସେ କୋଟି ଅନାଥ ର ନାଥ। କିଏ ତାକୁ ଜଗନ୍ନାଥ କହେତ ପୁଣି କିଏ କଳାଠାକୁର ବୋଲି କହେ। କେଜାଣି କେତେ ଲୋକ ତାକୁ ନାନା ପ୍ରକାରେ ଡାକ ପକାନ୍ତି। କେତେ ଭକତ ଗୁହାରି କରନ୍ତି। ଯାଇନ ତ କେବେ କିନ୍ତୁ ଶୁଣିଛି ଯେ ତା ଗରୁଡ ସ୍ତମ୍ଭ ନିକଟକୁ ଗଲିଗଲେ ପର୍ ଆପେ ଆପେ ଆଖିରୁ ଲୋତକ ଦି ଟୋପା ଝରିପଡେ। ତା ଚକା ମୁହଁ କୁ ଦେଖିଦେଲେ ସବୁ ଦୁଃଖ କୁଆଡେ ଉଭେଇ ଯାଏ ବୋଲି ଲୋକେ କହନ୍ତି। କିନ୍ତୁ ସେ ଯେ ଭରି କପଟିଆ ତାହା କେହି ଜାଣନ୍ତି ନାହିଁ। ତାର ସେଇ ଚକା ଆଖିରେ ବୋଧେ ସେ ମୋହିନୀ ଲଗେଇ ଥାଏ  ତେଣୁ ସମସ୍ତଙ୍କ ନଜର ତାର ସେଇ ଚକା ଆଖିରେ ଲାଖି ରହିଥାଏ। କିନ୍ତୁ ସେ ଯେତେ କପଟିଆ ହେଲେ ବି ଭକତ ଜନଙ୍କ କାତର ଶୁଣେ ବୋଲି ମୁଁ ପ୍ରବୀଣ ଜନଙ୍କ ଠାରୁ ଶୁଣିଥିଲି। ଷାଠିଏ ପଉଟି ଛପନ ଭୋଗ ତାର ନିତ୍ୟ ଭୋଜନ। ସେ ଛପନ ଭୋଗ ନିତି ପାଇଲେ ତୃପ୍ତ ହୁଏ। କିନ୍ତୁ ତା ସେଇ ବଡ଼ ଧାମ ରେ ପର୍ ଅନେକ ଭୋକଲ୍ ଭୋକରେ ଆଉଟୁ ପାଉଟୁ ହୁଅନ୍ତି କିନ୍ତୁ ସେ ଯେ ରଜା ପୁଅ ନା ତେଣୁ ଆନନ୍ଦରେ ଛପନ ଭୋଗ ଭୋଗ କରେ। କେହି କେହି ତାକୁ କାଳଆ ଟା ଭରି ଦୟାଳୁ ବୋଲି କହନ୍ତି କିନ୍ତୁ ସେ ଯେ କେତେ ନିର୍ଦ୍ଦୟ ତାହା ତାର ସେଇ ଭକତ ଜନଙ୍କୁ ପଚରିଲେ ଜାଣିହେବ। ହଁ ଭକତ ଜନ, ପୂଜା ପାଠ ମନ୍ତ୍ର ଗୀତ ଉଚ୍ଚାରଣ କରୁଥିବା ବ୍ୟକ୍ତି କେବେ ସଚ୍ଚା ଭକତ ହୋଇନପାରେ। କାରଣ ଭକତ ଟେ ନିଜ ପ୍ରଭୁ ଙ୍କ ଉପରେ ଅଭିମାନ ନକରି ରହି ପାରେନା। କାଳଆ ଟା ବା ଭରି ଅଭିମାନୀ ତା ଉପରେ

ଅଭିମାନ ରଖିଲେ ସେ ପୁଣି ଅଭିମାନ ରଖି ଦାଉ ସାଧେ। ସେ ତାର ସେଇ ଭକତ ମାନଙ୍କ ଉପରେ ଦାଉ ସାଧେ ଯିଏ ନିଜଠୁଁ ତା ଉପରେ ଅଧିକ ବିଶ୍ୱାସ ରଖି କର୍ମ କରୁଥାଏ। ସେଇ ଭକତ ଉପରେ ହିଁ କାଳିଆ ଟା ଅମୃତ ବଦଳରେ ବିଷ ଭରି ଦିଏ।

ଆଜି ପରା ମୋ କାଳିଆର ରଥ ଯାତରା। ଭାଇ ଭଉଣୀ ସଙ୍ଗେ ମାଉସୀ ଘରକୁ ସାତ ଦିନ ପାଇଁ ବୁଲିବାକୁ ଯିବ ପରା। କେତେ ଦରବ ଛ ଭଜା ନଅ ତିଅଣ କରି ମାଉସୀ ମାଁ ପୁତୁରା ଅପେକ୍ଷା ରେ ଚାହିଁ ରହିଥିବ। କେତେ ରତନେ ସଜା ହୋଇ ରଥ ଉପରେ ବିଜେ କରିଥିବ ମୋ କାଳିଆ। ଆଃ କି ମନଲୋଭା ଦୃଶ୍ୟ। ମୋର ସେଇ ଭାଗ୍ୟ ଥାଆନ୍ତା କି ମୁଁ ତା ପହଣ୍ଡି ବିଜେ ଦେଖି ପାରନ୍ତି। କାଳିଆ ରେ ଡୋରି ଟା ଲଗେଇ ଦେ ତୋ ବଡ଼ଦାଣ୍ଡ ଧୂଳି କୁ ପ୍ରତି ମୁହୂର୍ତ୍ତ ରେ ଖୋଜୁଛି। କେଜାଣି କେବେ ତାର ଡୋରି ଲାଗିବ ଆଉ ମୁଁ ପୁରୀ ଯିବି ସେଇ ଦିନ ଅପେକ୍ଷା ରେ ମୁଁ ଅପେକ୍ଷାରତ।

ପଲାସ, ଜୁନାଗଡ଼, କଳାହାଣ୍ଡି

# ପତ୍ନୀ ହେବ ଏମିତି



ନୂତନ କୁମାର ବେହେରା

ପତ୍ନୀ ହେବ ଏମିତି......
ସେବା ଯତ୍ନ ପ୍ରେମ ଦାନେ
ସ୍ୱାମୀ ସୁଖୀ ରହିବ ଯେମିତି,
ଶାଶୂ ଶଶୁର ଗୁରୁଜନେ
ଆଶୀର୍ବାଦ କରୁଥିବେ ନିତି।
ଦୁଃଖରେ ସୁଖରେ ଥିବ
ପତି ପାଶେ ପାଳି ନ୍ୟାୟନୀତି,
ଧୈର୍ଯ୍ୟ ସହିଷ୍ଣୁତା ପଣେ
ହେବ ସର୍ବଂସହା ବସୁମତୀ।
ପତ୍ନୀ ହେବ ଏମିତି.....
ଦାୟିତ୍ୱ କର୍ତ୍ତବ୍ୟ ତୁଲାଉଥିବ
ପରିବାରର ହିତେ ଦିନରାତି,
ହୃଦେ ମା'ର ମମତା ରଖି
ସମଦୃଷ୍ଟିର ଥିବ ମନୋବୃତ୍ତି।
ଅନ୍ତରରୁ ତ୍ୟାଗ ଆଦର୍ଶ ଦେଖାଇ
ପାଳୁଥିବ ସନ୍ତାନ ସନ୍ତତି,
ପବିତ୍ର ମନେ ଇଷ୍ଟ ଦେବତାଙ୍କୁ
ପୂଜୁଥିବ ହୃଦୟେ ରଖି ଭକ୍ତି।

ପତ୍ନୀ ହେବ ଏମିତି......
ପତନରୁ ରକ୍ଷା କରୁଥିବ
ପଥଭୁଲି ବିପଥେ ଗଲେ ପତି,
ଅନ୍ୟାୟ ଅନୀତି ନ ସହି
ସୁରକ୍ଷା ଲାଗି କରୁଥିବ କ୍ରାନ୍ତି।
ନିର୍ଯ୍ୟାତନା ଅତ୍ୟାଗ୍ରର
ସହିବନି କେବେ ମଥା ପାତି,
ଦୁହିତା ରୂପେ ଦୁଇକୁଳର
ମଙ୍ଗଳ ଲାଗି ରହୁଥିବ ଚନ୍ତି।
ପତ୍ନୀ ହେବ ଏମିତି....
ନାରୀ ଧର୍ମ ପାଳନେ ଶ୍ରୀମତୀ
ହୋଇ ରହିଥିବ ସଦା ବ୍ରତୀ,
ଦେବୀ ସୀତା ସାବିତ୍ରୀଙ୍କର
ଆଦର୍ଶରେ ଥିବ ତା' ଅନୁରକ୍ତି।
ଅବଳା ଦୁର୍ବଳା ନ ଭାବି
ନିଜକୁ ଭାବୁଥିବ ଆଦିଶକ୍ତି,
ପୁଣ୍ୟ ଅର୍ଜନେ ନିଷ୍ଠା ପାଳି
ପ୍ରଗତି ପଥେ କରୁଥିବ ଉନ୍ନତି।
ପତ୍ନୀ ହେବ ଏମିତି......

ବାରିପଦା

# ଆଶା

ସନ୍ତୋଷ ସାହୁ

((ପ୍ରତ୍ୟେକ ପଦର ଆଦ୍ୟରେ "ଆ" ଅକ୍ଷର ରହିଛି ))

ଆଶା ଥିଲେ ଅସୁମାରୀ
କାମ କରଇ ମନ ଭରି ।
ଆଶା ବିନା ଜୀବନ ଗତିହୀନ
ଶୀର୍ଷସ୍ଥାନରେ ଯାହା କରେ ଉତ୍ତୀର୍ଣ୍ଣ ।
ଆଶା ବିହୁନେ ମଣିଷ ମୂଲ୍ୟହୀନ
କାର୍ଯ୍ୟ କରିବାରେ ନ ଲଗେ ମନ ।
ଆଶା ଥିଲେ ଆସେ ଭରଷା
ଜଗତକୁ ଜାଣିବାର ନବ ଜିଜ୍ଞାସା ।
ଆଶାରେ ଅଛି ମହାଶକ୍ତି
କାର୍ଯ୍ୟ କରିବାରେ ଲାଗଇ ମତି ।
ଆଶା କରଇ କର୍ତ୍ତବ୍ୟନିଷ୍ଠ
ସାରାଜଗତେ ଦିନେ ସେ ଶ୍ରେଷ୍ଠ ।
ଆଶା ସତେ ପ୍ରେରଣାଦାୟକ
ମନେ ଭରିଦିଏ କାର୍ଯ୍ୟ କୁହୁକ ।
ଆଶା ଦୁର୍ବଳକୁ କରେ ବଳବାନ
କର୍ତ୍ତବ୍ୟ କରି ସେ ହୁଏ ମହାନ ।
ଆଶା ନୁହେଁ ଭାଇ ଲୋଭ ଆସକ୍ତି
ଯାହା ମଣିଷଲାଗି ମହାବିପତ୍ତି ।
ଆଶା ନ ଥିଲେ ଶରୀର ଆଳସ୍ୟ
କଛି ରହେନାହିଁ ତା ବିଶେଷ୍ୟ ।

ଆଶା ଥିଲେ ମନଦୃଢ଼ ଶରୀରସବଳ
କର୍ମପଥରେ କେବେ ନ ହୁଏ ବିଚଳ ।
ଆଶା ଆସିଲେ ଦୁର୍ବଳ ସବଳ
ଜୀବନ ଯୁଦ୍ଧରେ ହୁଏ ସଫଳ ।
ଆଶା ବିଜୟ ବାର୍ତ୍ତାର ପ୍ରତୀକ
ବିଜୟୀ ହୋଇ ଭୋଗ ମହକ ।
ଆଶା ସୁଚେତନାର ଭାଷା
ନୁହେଁ ଲୋଭ ମୋହ ଆସକ୍ତି ନଶା ।

ଚତାବେଡ଼ା
ଝରିଗାଁ, ନବରଙ୍ଗପୁର

# ସୋମରସ

ଶାନ୍ତନୁ କୁମାର ରାଉତ

କଅବା ମିଳୁଛି ତୁମକୁ ଯେ ବନ୍ଧୁ
ସେ ନାଲି ସୋମରସ ପିଇ
ନଜ କଥା ତୁମେ ନ ବୁଝିଲ ନାହିଁ
କାହିଁ ଅନ୍ୟକୁ ଦିଅ ଭସାଇ..

ତୁମ ସାଥିରେ ଯେ କେତୋଟି ଜୀବନ
ରହିଛନ୍ତି ବନ୍ଧା ହୋଇ
ଜାଣି ଶୁଣି ତୁମେ ନଷ୍ଟ ଯେ ହେଉଛ
ଭବିଷ୍ୟତ ଭୁଲି ଯାଇ.....

ଅସୁମାରି ସ୍ୱପ୍ନ ଅଛିତା ଆଖିରେ
ତୁମ ଭବିଷ୍ୟତ ପାଇଁ
ମଦ୍ୟ ପାନ କରି ରାସ୍ତା ଘାଟେ ପଡ
ଅମଣିଷ ହୋଇ ଯାଇ.....

ଜନ୍ମ ଦାତା ଏଠି ଲୁଚକ କାନ୍ଦନ୍ତି
ଅଲିଅଳ ପୁଅ ପାଇଁ
ପୁଅ ହିରୋ ଗିରି ଦେଖାଏ ଯେ ଯାଇ
ଘରଣି କୁ ବିଧା ଥୋଇ....

କେତେ ପୂର୍ଣ୍ଣ ବଳେ ମାନବ ଜୀବନ
ଏଠି ବୁଝିବାକୁ କେହି ନାହିଁ
କ ଲ୍ଭ ମିଳୁଛି ସେ ନାଲି ପାଣିରୁ
ସଂସାର କୁ ଜାଳ ଦେଇ.....

ଏବେବି ସମୟ ଯାଇନ ବିଗିଡି
ସଜାଡି ପାରିବୁ ତୁହି
ନଜ ଭବିଷ୍ୟତ ନଜେ ତୁ ଗଢ଼ିବୁ
ଭଲ ମଣିଷଟେ ହୋଇ

ପାଟରଙ୍ଗା, ଯାଜପୁର

# ଗଳ୍ପ ରେ ଅଳ୍ପ



ଦେବେନ୍ଦ୍ରନାଥ ବଳ

## ଭାଗ - ତୃତୀୟ ( ହରିଆ ଜେଜ)

ସେଦିନ ସାଙ୍ଗ ସାଥୀମାନେ ମିଶିକରି ଗାଁ ଶେଷ ମୁଣ୍ଡରେ ଖଟି କରିଥାଉ, ଠିକ୍ କଛି ସମୟ ପରେ ସେ ବାଟ ଦେଇ ହରିଆ ଜେଜ ଆଉ ତାଙ୍କ ପଛକୁ କୁନ ବୋଉ ଯାଉଥାନ୍ତି । କୁନ ବୋଉ, ହରିଆ ଜେଜ ଙ୍କ ସ୍ତ୍ରୀ ଗାଁ ର ପ୍ରାୟ ଲୋକେ ତାଙ୍କୁ କୁନ ବୋଉ ଡାକନ୍ତି ବୁଢ଼ା ବୁଢୀ ଦୁଇ ଜଣ, ଆଉ ତାଙ୍କର କେହିନାହାନ୍ତି । ବୁଢୀ ହେଲ୍ଣି ଠିକ୍ ସେ ଚ୍ଛଲି ପାରୁନାହିଁ । ହରିଆ ଜେଜ ର ପଛେ ପଛେ ଚ୍ଛଲୁ ଥାଏ, ଧୀରେ ଧୀରେ ଚ୍ଛଲୁଛୁ କାହିଁକି କହିକି ହରିଆ ବୁଢ଼ା ବହୁତ ଗାଳି କଲ୍ (ଖାଇଲ୍ ବେଳେ ଠିକ୍ ଖାଉଛ ତ ଚ୍ଛଲିପାରୁନୁ) । ସାଙ୍ଗମାନେ କହିଲେ ଏ ବୁଢା ସବୁବେଳେ ତାକୁ ଗାଳି ଦଉଛି, ବୁଢୀ ଲୋକଟା ଧୀରେ ଧୀରେ ଯିବନି, ଆଉ କଣ ଦୌଡିବ ।

ତା ପର ଦିନ ସକାଳେ ପାଖାପାଖି ଦସ ଟା ହେବ ମୁଁ ପଖାଳ ଖାଉଥାଏ, ବୋଉ ଦଉଡ଼ି କି ଆସି କହିଲ୍ କୁନ ବୋଉ ଟା ଚ୍ଛଲିଗଲ୍ ।

ଖାଇବା ପାଖରୁ ଉଠି କି ସିଧା ଚ୍ଛଲିଲି ହରିଆ ବୁଢ଼ା ଘରକୁ । ଗାଁ ସାରା ଲୋକ ରୁଣ୍ଡ ହୋଇଥାନ୍ତି, ପ୍ରାୟ ଲୋକ କହୁଥାନ୍ତି ମରିନି, ଯେ ଏ ବୁଢା ପାଖରୁ ତରୀ ଗଲl ।

ଘରର  ବାରଣ୍ଡା ଶେଷ ଆଡକୁ ବସିଥାଏ ହରିଆ ବୁଢ଼ା, ଆଖିରୁ ଲୁହ ଝରି ଯାଉଥାଏ, ଖାଲି ଏତିକ କହୁଥାଏ ମୁଁ ତାକୁ କଣ କେବେ ମାରେ, ଖାଲି ଗାଳ କରେ । ବୟସ ହେଲାଣି କାଳେ କୋଉଠି ରହିଯିବ କ ପଡିଯିବ କଏ ତା ସେବା କରିବ ସେଥିପାଇଁ ଗାଳ କରେ, ଯେମିତି ସେ ମତେ ଡରୁ ଗୁଲୁ ନଜ କାମ ନଜେ କରୁ । ଏକା ଗୁଲିଗଲ୍ ଥରୁଟିଏ ମୋ କଥା ଭାବିଲ୍ନ, ହଉ  ଯାଆ। ଏ ବୁଢ଼ାକୁ ଛାଡ଼ିକ । ହରିଆ ଜେଜ ଏମିତି କହୁ ଥାଏ, ଆଉ ଟିକେ କୁନ ବୋଉ ଶବ ପାଖକୁ ଆସି ଆଉଁସି ଦେଉଥାଏ, ଆଉ କହି ଗୁଲୁଥାଏ ହଉ ଯା ଖୁସିରେ ରହ ଏ ବୁଢା କୁ ଛାଡି .....

ଉସୁମା, ମାହାଙ୍ଗା, କଟକ

# ମୋ ପିଲ୍‌ଦିନ

ସନାତନ ଦାସ

ଆଜି ମୁଁ ଭାବୁଛି ବସି ନିରୋଳାରେ
ମୋ ପିଲ୍ ଦିନ କଥା,
ଗୁହୁଁ ଗୁହୁଁ ସବୁ ଦିନ ବିତିଗଲ୍
ହଜିଗଲ୍ ବାଲ୍ୟ ଗୁପଳତା..!!

ସ୍ମୃତି ଭର୍ ଦିନ କାହିଁ ଗଲ୍ ମୋର
ମନେପଡେ ସବୁବେଳେ,
କେତେ ଯେ ଦୁଷ୍ଟମୀ ଖେଳ କରିଥାଉ
ସାଙ୍ଗସାଥୀର ମେଳେ!!

ବୋହୂ ଗୁେରି ଆଉ ବାଗୁଡ଼ି ଖେଳ
କେତେ ଆମେ କରିଥାଉ,
କାଗଜ ଡଙ୍ଗାରେ ଭାସି ଯାଇଥିବା
ଦିନ ଫେରି ଆସିବ କ ଆଉ..??

ନା ଥିଲ୍ ଦୁଃଖ ଦୁନଆର ଚନ୍ତା
ନା ଥିଲ୍ ସମ୍ପର୍କର ଭାର,
କେତେ ସୁନ୍ଦର ଥିଲ୍ ସେ ଜୀବନ
ଭାବୁଚ ମୁଁ ବାରମ୍ବାର..!!

ସଅଁର୍, ଜଗତସିଂହପୁର

# ତୁ ଗଲାପରେ ମୋ ଅବସ୍ଥା



ମେନନ୍ ସାହୁ

ତୁ ଛାଡି ଗଲାପରେ
କେବେ ଦେଖିପାରି ନଥିବୁ ମତେ
ହଁ ପଢିବାର ସୌଭାଗ୍ୟ ନିଶ୍ଚୟ ପାଇଥିବୁ
ପଢି ଜାଣି ସାରିଥିବ ତୁ ଗଲାପରେ
ମୋର ଅବସ୍ଥା  କଣ  ?
ଡେଣା ନଥିବା ପକ୍ଷୀର ଅବସ୍ଥା ଯାହା ମୋ ଅବସ୍ଥା ତାହା
ଜଳ ବିହୁନେ ମୀନର ଅବସ୍ଥା ଯାହା ମୋ ଅବସ୍ଥା ତାହା
ତେଜ ନଥିବା ସୂର୍ଯ୍ୟର ଅବସ୍ଥା ଯାହା ମୋ ଅବସ୍ଥା ତାହା
ଦେଖିପାରୁ ନଥିବା ଆଖିର ଅବସ୍ଥା ଯାହା ମୋ ଅବସ୍ଥା ତାହା
ଶୁଣିପାରୁ ନଥିବା କାନର ଅବସ୍ଥା ଯାହା  ମୋ ଅବସ୍ଥା ତାହା
ବାଜିପାରୁ ନଥିବା ବଂଶୀର ଅବସ୍ଥା ଯାହା ମୋ ଅବସ୍ଥା ତାହା
ଘୁଲୁ ନଥିବା ଘଣ୍ଟାର ଅବସ୍ଥା ଯାହା ମୋ ଅବସ୍ଥା ତାହା
ଜହ୍ନ ନଥିବା ଆକାଶର ଅବସ୍ଥା ଯାହା ମୋ ଅବସ୍ଥା ତାହା
ପତ୍ର ନଥିବା ବୃକ୍ଷର ଅବସ୍ଥା ଯାହା ମୋ ଅବସ୍ଥା ତାହା
ପ୍ରଜା ନଥିବା ରାଜାର ଅବସ୍ଥା ଯାହା ମୋ ଅବସ୍ଥା ତାହା
ଭଗବାନ ନଥିବା ମନ୍ଦିରର ଅବସ୍ଥା ଯାହା ମୋ ଅବସ୍ଥା ତାହା
କାହ୍ନୁ  ନଥିବା ଘରର ଅବସ୍ଥା ଯାହା ମୋ ଅବସ୍ଥା ତାହା
ପତି ନଥିବା ପତ୍ନୀର ଅବସ୍ଥା ଯାହା ମୋ ଅବସ୍ଥା ତାହା
ଚକ ନଥିବା ଗାଡିର ଅବସ୍ଥା ଯାହା ମୋ ଅବସ୍ଥା ତାହା
ଲହଡି ନଥିବା ସମୁଦ୍ରର ଅବସ୍ଥା ଯାହା ମୋ ଅବସ୍ଥା ତାହା
ଝର ନଥିବା ଝରଣାର ଅବସ୍ଥା ଯାହା ମୋ ଅବସ୍ଥା ତାହା

ପ୍ରାଣ ନଥିବା ଜୀବର ଯାହା ଅବସ୍ଥା ମୋ ଅବସ୍ଥା ତାହା
ପଢ଼ି ଅବଶ ଆନନ୍ଦ ପାଉଥିବ
ଯଦି ଆନନ୍ଦ ପାଉଥାଅ
ତେବେ ମୁଁ ପ୍ରତ୍ୟେକ ଦିନ ଏମିତି ଲେଖିବି
ଆଉ ଲେଖି ଗ୍ଲୁଥିବା ମୋ ଜୀବନର ଅସରନ୍ତି ଦୁଃଖକୁ
ଯନ୍ତ୍ରଣାକୁ ନେଇଯିବି ସାଥି କରି ବୟସର
ଏମିତି ଲେଖୁଥିବା ଅବସ୍ଥାକୁ ମୋର
ଲେଖାରେ ହଜାର ହଜାର କାଗଜ ଯୋଡି ହେବ
କଲମରୁ କେତେ ଯେ ଶୀଶା ସରିବ
ଏତେ ପରେ ବି ମୁଁ ଖୁସି ଥିବି
କାରଣ ପଢ଼ି ତୁ ଆନନ୍ଦ ପାଉଥିବୁ ।

ପର୍ଜଙ୍ଗ, ଢେଙ୍କାନାଳ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ବ୍ଲାକସ୍ୱାଇନ



ରୁଦ୍ର ନାରାୟଣ ଦାଶ

ସେଦିନ ସନ୍ଧ୍ୟାରେ ହଠାତ ପଶିଗଲେ କ୍ଷେତ୍ରମୋହନ ବାବୁ ସେ ରାସ୍ତାକଡ଼ ହୋଟେଲ ଭିତରକୁ। ମୁହଁରେ କ୍ଳାନ୍ତର ବିଷାଦ ରେଖା ଆପେ ବାରି ହୋଇପଡୁଥିଲା। ଭୋକରେ ପେଟ ଭିତରେ ଜଳୁଥିବା ନିଆଁକୁ ପାଣି ସାହାଯ୍ୟରେ ଥଣ୍ଡା ନ କରିପାରି ବୋଧେ ବସିପଡ଼ିଲେ କଣରେ ପଡ଼ିଥିବା ଖାଲି ଷ୍ଟିଲ ଚେୟାର ଉପରେ। ଇତସ୍ତତଃ ହେଇ ଫୁଲସାର୍ଟର ହାତ ଭାଙ୍ଗୁ ଭାଙ୍ଗୁ ଟିକେ ବଡ଼ ପାଟିରେ ଡ଼ାକଲେ,

- ୱେଟର ଭାଇ। ଟିକେ ଜଲଦି ଆସନ୍ତୁ ନା।

ଛୁଟିଦିନ ଥିବା ସହ ରାତି ୧୦ଟା ହେଇଯାଇଥିବାରୁ ହୋଟେଲ ମଧ୍ୟଏତେ ଗହଳ ନଥିଲା।

ୱେଟର ସାଙ୍ଗେ ସାଙ୍ଗେ ଚାଲିଆସିଲା ଅର୍ଡର ନେବା ପାଇଁ;

- ସାର୍, କ'ଣ ନେବେ?

- କିଛି ଜଳଖିଆ!

- ଜଳଖିଆ ତ ନାହିଁ।

- ଆଚ୍ଛା! ଅଳ୍ପ କିଛି ଯାହା ନେଇଆସ ଭାଇ।

ଭୋକ ସମ୍ଭାଳ ହେଉନି। କହୁକହୁ ପାଣି ଗ୍ଲାସଟେ ପିଇଦେଲେ ସେ।

ଲାଗୁଥିଲା ଯେପରି ଅନେକ ଦିନ ପରେ ଉପବାସର ଚରମ ସୀମା ଅତିକ୍ରମ କରିଯାଇଛନ୍ତି..।

ଦୁଇ ମିନଟ ଭିତରେ ଟେବୁଲ ଉପରେ ପରଷାଗଲା ଭାତ, ଡ଼ାଲି, ଆଳୁ ଭର୍ତ୍ତା ଆଉ ତା' ସହ ସନ୍ଧ୍ୟାର ବଳକା ଦୁଇଟି ବରା। ସେ କଛି ଭାବିବା ପୂର୍ବରୁ ମନ ଶାନ୍ତି କରି ପେଟ ପୂଜା କଲେ। ପ୍ଲେଟ ଖାଲି ହୁଅନ୍ତା ଦୁଇଟି କାଳାଜାମୁନ ପରଷି ଦେଲା ୱେଟର।

ଯେମିତି ସେ ବିଚଳତ ହେଇଗଲେ। ତାଙ୍କ ପ୍ରିୟ ଖାଦ୍ୟ ଏକା ସାଙ୍ଗରେ, ଏମିତି କେମିତି ସମ୍ଭବ! ମନରେ ଉଙ୍କି ମାରୁଥାଏ ଶଙ୍କାର ଲହରୀ। ପ୍ରଥମଟି ବିନା ଅର୍ଡରରେ ପରଷା ଯାଇଥିବା ପ୍ରିୟ ଖାଦ୍ୟ, ଦ୍ଵିତୀୟଟି ଏତେ ଶୀଘ୍ର ଗରମ ଗରମ ପୁଣି ଚିହ୍ନା ଚିହ୍ନା ହାତକୁ ସେ ଜାଣିଛନ୍ତି; ଅନୁଭବ ହେଉଥିଲା।

ତଥାପି ମନର କଥାକୁ ମନରେ ରଖି ବେସିନ ପାଖରେ ମୁଖ ପ୍ରକ୍ଷାଳନ ପୂର୍ବକ କାଉଣ୍ଟରରେ ପ୍ଲେଟ ର ପଇସା ଭରନ୍ତେ କାଉଣ୍ଟର ବଏ ତାଙ୍କୁ ଚିଠା ଧରାଇ ଦେଲା। କାଲା ଜାମୁନ ର ହିସାବ ଚିଠାରେ ନଥିବାରୁ ପ୍ରଶ୍ନ କଲେ,

- ଆଜି କଛି ପୂଜା ନା' ଖୁସିରେ ମିଠା ଦେଉଛନ୍ତି ଗ୍ରାହକଙ୍କୁ।

ସେପଟୁ ଉତ୍ତର ଆସିଲା,

- "କାଲେ ଦିଲ୍ ୱାଲୋଁ କୋ ହମନେ କାଲାଜାମୁନ୍ ହିଁ ଭେଟ କରତେ ହେଁ ସାହାବ୍" ...।

କାହାର ଏ ସ୍ଵର! ଭାରି ଆପଣାର ସତେ। କଏ ଏ ମହିଳା। ନିରୁତ୍ତର ରହି ଫେରିବାକୁ ବୁଲନ୍ତେ ପୁଣି ବୁଲି ଡ଼ାକଦେଲେ, ମଧୁସ୍ମିତା! ତୁମେ ମଧୁସ୍ମିତା ନା...।ଉତ୍ତର ଆସିଲା

- ହଁ, ମୁଁ ତୁମର ସେହି ମଧୁସ୍ମିତା! କ'ଣ କଛି ମନେ ପଡ଼ିଲା।

ସତରେ ଯେମିତି ସେ ତାସ୍ଛଲ୍ୟ କରି ଧିକ୍କାର କରୁଛନ୍ତି ତାଙ୍କୁ ବୋଧେ ଅତୀତ ସମ୍ପର୍କକୁ ନେଇ। ବୋଧେ ପାଣିକାଚ ପରି ତୁଟିଥିବା ସମ୍ପର୍କ ସମୟ ସ୍ରୋତରେ ଆଜି ଯେ ବ୍ଲାକସ୍ୱାଇନ ରୂପ ନେଇ ଦଣ୍ଡାୟମାନ ହେବ ତା' କଏ ବା ଭାବିଥିଲା। ମାତ୍ର କ'ଣ ଥିଲା ତାଙ୍କ ସମ୍ପର୍କ?

**କ'ଣ ଥିଲା ସେ ଅତୀତ?**

**କ'ଣ ଘଟିଥିଲା ତାଙ୍କ ଭୂତ କାଳରେ?**

କେତେ କେତେ ପ୍ରଶ୍ନମାନ ଉଙ୍କିମାରୁଥିଲେ ମାତ୍ର ଜାଣି ନାହାଁନ୍ତି କେହି ଏ ଗୁପ୍ତ ରହସ୍ୟ ଯାହା ସର୍ବଦା ସୁପ୍ତ ପ୍ରାୟ ହୋଇ ରହିଯାଇଛି ଦୀର୍ଘ ତେଇଶି ବର୍ଷ ତଳୁ ଏ ବ୍ଲାକସ୍ୱାଇନ ପ୍ରତିଷ୍ଠା ପଛରେ.......।।

ଭୁବନେଶ୍ୱର

# ମହାବାହୁଙ୍କୁ ଅଳି



ରାଜେନ୍ଦ୍ର ଶତପଥୀ

ଆହେ ମହାବାହୁ କରୁଣା ତୁମର
ମୋ ଉପରେ ବର୍ଷା ହେଉ।
ତୁମ ଏ ସଂସାରେ ଅଧୁରା ସ୍ୱପ୍ନରେ
ଜୀବନ ଯିବ କ ଆଉ ॥
ଜୀବନ ଦେଇଛ କର୍ମ ମୁଁ କରିଛି
କେତେ ପାପ କେତେ ପୁଣ୍ୟ।
ହିସାବ କରହେ କର୍ମଫଳ ମୋର
ହୋଇବି କ ମୁହିଁ ଧନ୍ୟ ॥
ମୋ ଜୀବନରଥେ ସାରଥୀ ସାଜି ହେ
ନଅ ହେ ମୋତେ ଅଡେଇ।
ଚାଲି ଚାଲି ଯେବେ ଥକ ଯିବି ମୁହିଁ
ନେବ ହେ ମୋତେ କୋଳେଇ ॥
ମିଛ ମାୟା ଏଠି ସ୍ୱାର୍ଥର ସମ୍ପର୍କ
ପୁତ୍ର ନୁହେଁ ପିତା ପାଇଁ ।
ନଜର ମଣିଷ ନଜର ନୁହଁନ୍ତି
ସବୁ ତ ଏଠି କଂସେଇ ॥
ରକ୍ତର ରଙ୍ଗରେ ହୋଲି ତ ଖେଳନ୍ତି
ଫଗୁଣର ଫଗୁ ନାହିଁ ।
ବସୁଧା ମା' ଏଠି ରୋଦନ କରଇ
ରକ୍ତରେ ରଞ୍ଜିତ ହୋଇ ॥
ସହି ପାରୁନାହିଁ ସଂସାର ଜଞ୍ଜାଳ
ଦୁଃଖରେ ମୁଁ ବୁଡି ରହି ।

ନାହିଁ ଥଳକୂଳ ନାହିଁ ମୋ ଜୀବନ
ବଞ୍ଚିଛି ଶବଟେ ହୋଇ ॥
ଆଶା ଅଛି ମୋର ଗୁଣ୍ଡିଚ୍ଚା ଦିନରେ
ତୁମକୁ ଦେଖିବା ପାଇଁ ।
ତୁମେ ବାହୁଡ଼ିଲେ ବାହୁଡା ରଥରେ
ନଅ ମୋତେ ବାହୁଡାଇ ॥
ତୁମେ ଦୟା କଲେ କରୁଣା କରିଲେ
ପାପ ଭର କ୍ଷୟ ହେବ ।
ଏ ଧରା ଧାମରୁ ମୁକ୍ତି ଦେଇ ମତେ
ବୈକୁଣ୍ଠକୁ ନେଇଯିବ ॥

ବାଲିକୁଦା, ଜଗତସିଂହପୁର

# ବାର୍ତ୍ତାଲାପ



ଜ୍ୟୋତି ପଧାନ

ମୋ ସ୍ୱପ୍ନର ରାଜକୁମାରୀ
ତୁମେ ହିଁ ମୋର ହୃଦୟପରୀ
ତୁମ ସଙ୍ଗେ ଉଡି ବୁଲିବ
ମୋ ମନର ଶାରୀ ।

ତୁମ ସାଥେ ବାର୍ତ୍ତାଲାପରେ
ଏତେ ଶାନ୍ତି
କାହିଁପାଇଁ ?

ତୁମ ଅନୁପସ୍ଥିତି ମୋତେ
ବ୍ୟସ୍ତ ବିବ୍ରତ କରେ
ମାତ୍ର କଛି
ବାର୍ତ୍ତାଲାପ ଅଭାବରେ ।
ମନର ବ୍ୟଥାକୁ ବଢାଏ
ଯେମିତି
କେହି ମସ୍ତକରେ
ଆଘାତ କରୁଛି
ଗ୍ବବୁକ ପ୍ରହାରରେ ।

କନ୍ତୁ ସବୁ ବ୍ୟଥା ବେଦନା
ଉଭେଇଯାଏ
ତୁମର ମୋର
ସାମାନ୍ୟ ବାର୍ତ୍ତାଲାପରେ ।

ବିଜେପୁର ଡିଗ୍ରୀ କଲେଜ, ବିଜେପୁର
ଯୁକ୍ତ ତିନ ତୃତୀୟ ବର୍ଷ କଳା
ଓଡ଼ିଆ ସମ୍ମାନ

# ଭଙ୍ଗା ହୃଦୟ



ଯଶୋବନ୍ତ ନାୟକ

ଜୀବନ ବାଟରେ   ମୁଁ ଏକା ବାଟୋଇ
ସାଥି ମୋର ଆଜି କେହି ନାହିଁ
ତୁମ ପାଇଁ ଯେତେ   ଦୁଃଖ ମୁଁ ସହିଛି
ତାହା ତୁମେ ସାଥି ବୁଝିଲ ନାହିଁ.....

ଭାବି ଥିଲି ସାଥି   ତୁମ ହାତ ଧରି
ଚାଲିବାକୁ ତୁମସାଥେ କଛି ବାଟ
ମୋ ବାଟ ସାରା   କଣ୍ଟା ଭରିଦେଲ
ଆଜି ହୁଏ ମୁଁ ତୁମବିନା ଛଟପଟ.....

କେମିତି ସାଜିଲୁ   ଏତେ ସ୍ୱାର୍ଥପର
ଭାଙ୍ଗିଦେଇ ଆଜି ତୁ ମୋ ହୃଦୟ
କେତେ ହସୁଥିଲୁ   କେତେ ବୁଲୁଥିଲୁ
ସରିଗଲା ଆଜି କ ସେ ସମୟ......

କେମିତି ଧରିଲୁ   ଆଉ କାହା ହାତ
ଦେଖୁ ଥିଲି ତୋର କେତେ ସପନ
ତୁମପାଇଁ ସାଥି   ସହିଯିବି ଦୁଃଖ
ହସି ହସି ଦେଇ ଦେବି ଜୀବନ......

ଭୁଲି ଗଲୁ ପ୍ରିୟା ସବୁ ପଛ କଥା
ତୁ ଥିଲୁ ମୋର୍ ରାଣୀ ମୁଁ ତୋ ର୍ ରଜା
ତୋ କଥା ଆଜି ଭ୍ବି ଭ୍ବି ମୁଁ
ଧନ ଲୋ୍ ପାଉଛି କେତେ ସଜା....

ମୋ ଛାତି ଭିତର ହୃଦୟରେ ଥିଲୁ
ବିଶ୍ୱାସ ରେ ମୋର ଦେଇ ଦେଲୁ ବିଷ
ଅଧୁର୍ କରିଦେଇ ହସୁଛୁ ଲୋ୍ ଧନ
ତୋଉପରେ ପଡିବ ଲୋ୍ ମୋ ନଶ୍ୱାସ...,.....

ମୋତିଗାଁ, ଚନ୍ଦାହାଣ୍ଡି , ନବରଙ୍ଗପୁର

# ସୁବର୍ଣ୍ଣ ସୁଯୋଗ



ସମିର କୁମାର ନାୟକ

ବର୍ତମାନ ପରିସ୍ଥିତି ଭବିଷ୍ୟତ ର ଆଶା ଓ କର୍ତ୍ତବ୍ୟ ର ଭାର ନେଇ ଗ୍ଲୁଥିଲି ଜୀବନ ର ଏକ ରାସ୍ତା ରେ । କିଛି ବାଟ ଅଗ୍ରସର ହେବା ପରେ ସମ୍ମୁଖରେ ଦୃଶ୍ୟ ମାନ ହେଉ ଏକ ମୂର୍ତ୍ତି ନିର୍ମାଣ ଶାଳା । ସେଠାରେ ଦଣ୍ଡାୟମାନ ସମସ୍ତ ମୂର୍ତ୍ତି ମତେ ଜୀବିତ ବୋଲି ହୃଦବୋଧ କରାଉଥିଲେ । ଏ ପରି ମୂର୍ତି ର ଯାଦୁଗରୀ ମତେ ସେଠାରେ ଦଣ୍ଡାୟମାନ ହୋଇ ଦେଖିବା ପାଇଁ ବାଧ୍ୟ କରାଉଥିଲେ । ସମସ୍ତ ମୂର୍ତ୍ତି ଭିତରେ ମୋର ଦୃଷ୍ଟି ଯାଇ ଅଟକ ଯାଇଥିଲା ଏ ପରି ମୂର୍ତି ଉପରେ ଯାହା ଥିଲା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ସେ ମୂର୍ତ୍ତି ସତେ ଯେପରି ବାଧ୍ୟ କରୁଥିଲା ମତେ ତା ବିଷୟ ରେ ଭାବିବା ପାଇଁ ।

ସେ ମୂର୍ତ୍ତି ଟି ସମ୍ପୂର୍ଣ୍ଣ ଭାବେ ହାତ ଗୋଡ ବିହିନ ଥିଲା । ଏହା ଏକ ଚିରା ଫଟା ବସ୍ତ୍ର କରିଥିଲା ପରିଧାନ। ତାହାର ମୁଖ ମଣ୍ଡଳ ରେ ପଡିଥିବା କଳା ରଙ୍ଗର ଗହଳ କେଶ ପାଇଁ ସମ୍ପୂର୍ଣ୍ଣ ଦୃଶ୍ୟମାନ ହେଉ ନ ଥିଲା। ଆଉ ମୁଣ୍ଡ ର ପଛ ଭାଗ ଥିଲା ସମ୍ପୂର୍ଣ୍ଣ ଚନ୍ଦା। ଆଉ ଲାଗିଥିଲା ତା ଦେହ ରେ ଦୁଇ ଗୋଟି ଡେଣା। ଏ ପରି ମୂର୍ତ୍ତି ଦେଖି ମୁଁ ଅନେକ ପ୍ରଶ୍ନ ପଚାରି ବସିଲି ମୂର୍ତ୍ତି କାରିଗର କୁ। ଏହା କେଉଁ ପ୍ରକାର ମୂର୍ତ୍ତି ? ଏହା ଦେଖିବାକୁ ଏମିତି କାହିଁକି ? ଏହାର ନାମ କଣ ? ଏମିତି ଅନେକ ପ୍ରଶ୍ନ। ଏପରି ଅନେକ ପ୍ରଶ୍ନ ରେ କାରିଗର ମତେ କହିବା ଆରମ୍ଭ କଲେ।

ଏହି ମୂର୍ତ୍ତୀ ଟିର ନିର୍ମାଣ ସମ୍ପୂର୍ଣ୍ଣ ଶେଷ। ଏହାର ନାମ 'ସୁବର୍ଣ୍ଣ ସୁଯୋଗ'। ଏପରି ଉତ୍ତର ମୋ ଜିଜ୍ଞାସା କୁ ଆହୁରି ବଢେଇ ଦେଇଥିଲା। ସେ ମତେ ସମ୍ପୂର୍ଣ୍ଣ କହିବାକୁ ଲାଗିଲେ। ଏହାର ନାମ 'ସୁବର୍ଣ୍ଣ ସୁଯୋଗ'।

ଏହାର ଗୋଡ ନାହିଁ, ଏହାର ଅର୍ଥ ତୁମେ ଜାଣି ପାରିବ ନାହିଁ ତୁମ ଜୀବନ ରେ ଗ୍ଲି କରି ସୁବର୍ଣ୍ଣ ସୁଯୋଗ ଆସୁଛି । ଏହାର ହାତ ନାହିଁ ଅର୍ଥାତ୍ ତୁମ ଘର କବାଟ ବାଡେଇବ ନାହିଁ କି ମୁଁ ଆସିଛି କବାଟ ଖୋଲ । ସେ ଦେହରେ ପିନ୍ଧିଥିବା ଚିରା ଫଟା ବସ୍ତ୍ର କୁହେ, ମୁଁ ଯେବେ ଆସିବି ଠିକ୍ ସେହି ସମୟ ରେ ତୁମେ ଦୁଃଖ, କଷ୍ଟ ଓ ମାନସିକ ଚିନ୍ତା ପରିସ୍ଥିତି ରେ ଗତି କରୁଥିବ। ମୋର ମୁଖ ସମ୍ପୂର୍ଣ୍ଣ ଦୃଶ୍ୟମାନ ନୁହେଁ ଏହାର ଅର୍ଥ ମୁଁ କାହା ମାଧ୍ୟମ ଓ କାହା ରୂପରେ ବି ତୁମ ଜୀବନ ରେ ଆସି ପାରେ । ମତେ ତୁମେ ଯଦି ନ ଚିହ୍ନି ନ ଧରି ପାରିବ ମୁଁ ଗ୍ଲିଯିବି ଉଡି ମୋର ସେହି ଡେଣା ସାହାଯ୍ୟ ରେ । ଉଡି ଯାଉଥିବା ସମୟରେ ଧରିବାକୁ ପ୍ରୟାସ କରିଲେ ମୋର ମୁଣ୍ଡର ପଛପଟ ଚନ୍ଦା କାରଣରୁ ତୁମ ହାତ ରେ ପଡିବି ନାହିଁ।

ମୁଁ ପ୍ରତ୍ୟେକ ପ୍ରାଣୀ ଜୀବନ ରେ ତିନି ଥର ଆସେ। ଏହା ତୁମ ଜୀବନ ର ପ୍ରଥମ କିମ୍ବା ଶେଷ ଥର ହେଇ ପାରେ । ସେଥି ପାଇଁ ମୋ ନାଁ 'ସୁବର୍ଣ୍ଣ ସୁଯୋଗ' ।

ସେଥିପାଇଁ ମୁଁ କୁହେ ଜୀବନ ର ସବୁ ସୁଯୋଗ ର ଫାଇଦା ଉଠାଅ କିନ୍ତୁ କାହାର ଖରାପ ପରିସ୍ଥିତି ର ନୁହେଁ।

ଗ୍ଭଷଗଂଗ୍ଭ , ବାଲୁଗାଁ, ଖୋର୍ଦ୍ଧା

# ବାଟଭୁଲ୍ ପକ୍ଷୀଟେ ମୁଁ ଦେଇଛ ନୀଡ଼



ତାର୍‌ପ୍ରସାଦ ଜେନା

ବାଟଭୁଲ୍ ପକ୍ଷୀଟେ ମୁଁ ଦେଇଛ ନୀଡ଼
ବାଟ ଭାଙ୍ଗି ଗ୍ଲିଯିବି ଭାବନା' ବଡ଼
.........ବାଟଭୁଲ୍ ପକ୍ଷୀଟେ ମୁଁ ଦେଇଛ ନୀଡ଼ ! ୦ !

ସଂପର୍କକୁ ଯୋଡ଼ିଦେଇ ହୋଇଛି ଭାଷା
ବୁକୁ ତଳ ଦୀର୍ଘଶ୍ୱାସେ ମେଣ୍ଟିଛି ଆଶା
ମମତାକୁ କାଟିଦେଇ ହେବାନ ଆଡ଼
.........ବାଟଭୁଲ୍ ପକ୍ଷୀଟେ ମୁଁ ଦେଇଛ ନୀଡ଼ ! ୧ !

କେତେ କଏ ଉଡ଼ିଗଲେ ନ ଥିଲେ ମେଳ
ଝଡ଼ ଆଉ ପବନରେ ହାରିଲେ ବେଳ
ହିସାବକୁ ଆସିଲ୍‌ନ ସପନ ଭିଡ଼
.........ବାଟଭୁଲ୍ ପକ୍ଷୀଟେ ମୁଁ ଦେଇଛ ନୀଡ଼ ! ୨ !

ସୀମାହୀନ  ଆକାଶର ସାନ୍ତ୍ୱନା ଆଣି
ଉଡ଼ିବାର ରହିବାର ଭରସା ପୁଣି
ମାୟା ନୁହେଁ ମୋହ ନଦ୍ରା ଲେଉଟେ କଡ଼
ସପନର ବାସ୍ତବକୁ କହୁନ ଛାଡ଼
.........ବାଟଭୁଲ୍ ପକ୍ଷୀଟେ ମୁଁ ଦେଇଛ ନୀଡ଼ ! ୩ !

ସା.- ରଣପୁର (ଗୋଡ଼ିପାଟଣା ସାହି),
ଡାକ-ଗ୍ରାମ ରଣପୁର, ଜିଲ୍ଲା-ନୟାଗଡ଼

# ଏବେ କହୁଛ...
# ଆମ ଗାଁ ଭାରି ବଢିଆ



ଦିଲ୍ଲୀପ କୁମାର ସ୍ୱାଇଁ

ପାଠ ଦି ଅକ୍ଷର ପଢ଼ିଦେଲ ବୋଲି
ବାପ ମା ଭୁଲି ସହରେ ରହିଲ
ବୋଲ୍ଇଲ ବଡ଼ ବଡୁଆ,
ସହରୀ ଢାଞ୍ଚାରେ ଷ୍ଟାଇଲ ମାରିଲ
ପାଣି ପବନକୁ କଣିକ ଖାଇଲ
ଆମେ ମଫସଲି ତମେ କାଳୁଆ
କୋରନାଟା ମାଡି ବସିଲ୍ ବେଳକୁ
କହୁଛ... ଆମ ଗାଁଟା ଭାରି ବଢିଆ ।

ପଖାଳ କଂସା କୁ ନାକଟେକ ଦେଇ
ପିଜା ବରଗର ଚକେନ ମଟନ
ବାଛିକ ଖାଇଲ ହାଡୁଆ,
ବଡ଼ି ଚୁର୍ ଭୁଲି ପକୋଡା ଖାଇଲ
ମୋମୋ ଆଉ ଜିଆ ନାଡିଆ,
ସେଥିରେ କୋରନା ମାଡି ବସିବାରୁ
କହୁଛ... ଆମ ଗାଁ ଖିଆ ଭାରି ବଢିଆ ।

ଗୃଷ ବାସ କଥା ତୁଣ୍ଡେ ଧରିଲନ
ଜମି ସବୁଯାକ ପଡିଆ
ଦେଶୀ ଚଜ ଛାଡି ବିଦେଶୀ ଖାଇଲ
ଶାଗ ମୁଗ ବିରି ନଡିଆ
ବାରି ବାଇଗଣ ସୁଆଦ ଛାଡିକ
ପ୍ଲାଷ୍ଟିକ ପନଅର ମାଛ କ୍ଷୀର ଦହି

ଖାଇଲ ଡାଲମା ବାଡିଆ,
ବିଷ ଖାଇ ରୋଗ ମାଡି ଆସିବାରୁ
କହିଲ... ଆମ ଗାଁ ଚଜ ଭଳି ବଢିଆ ।

ବୁଢା ବାପ ମା ଭଲ କଥା ଶୁଣି
ହେଉଥିଲ ଚଡ଼ିଚଡ଼ିଆ
ସେଇ ମା ନତି ରୋଗ କଥା ଶୁଣି
ମନ୍ଦିରେ ଭାଙ୍ଗୁଛି ନଡିଆ
ହାଲୋ ହାଏ ସାଙ୍ଗ ମିଳଗଲ୍ ବୋଲି
ଗାଁ ସାଙ୍ଗ  ଅଣପଢୁଆ
ଚକଣ ରାସ୍ତାରେ ଘିରି ଘିରି ବୁଲ
ଗାଁ ରାସ୍ତା ଧଡ଼ ଧଡ଼ିଆ
ଡିସ୍କୋ ବାର ନାଇଟ ଫେସନରେ
ମାତି ହେଲ ତମେ ଜାଡୁଆ,
ଅଜଣା ରୋଗଟା ମାଡି ବସିବାରୁ
କହୁଛ...ଆମ ଗାଁ ଲୋକ ଭଳି ବଢିଆ ।

ଗାଁ ଆମ୍ବ ତୋଟା ନଇକୂଳ ପଠା
ରଜଦୋଳ ଗୁଲି ଲୁଡୁ ତାସ ପାଲି
ତମକୁ ଲାଗିଲା ଅଡୁଆ,
ଏବେ ତୁଣ୍ଡି ବାନ୍ଧି ଦୁରେଇ ବସୁଛ
ସତେକ ଅଛୁଆଁ ଧଡ଼ିଆ
ନିଶ୍ୱାସ ନେବାକୁ ପବନ ମିଳୁନ
ଗଦା ଗଦା ଟଙ୍କା ପୋଡି ଆ
ଅସ୍ତି ପାଉଁଶ ବି ଭାଗ୍ୟେ ନାହିଁ ତୋର
ଗଙ୍ଗାରେ ଟିକଏ ବୁଡି ଆ,
ସବୁ ଅହଂକାର ଚୁଲିକ ପକେଇ
କୁହ.... ସତରେ ଆମ ଗାଁ ଭଳି ବଢିଆ ।

ମହାକାଳପଡ଼ା, କୁମାର ପଣ୍ଡା

# ପ୍ରକୃତି ମୃତ୍ୟୁର ତାଣ୍ଡବ



ବିଶ୍ୱ ରଞ୍ଜନ ମହାନ୍ତି

ଦିଗହଜା ଏ ଧର୍‌ପୃଷ୍ଠ ଟି ଆଜି ବେସାହାର୍‌ ପରି ଲ୍‌ଗେ । ଆଜିବି ପାଣି ଏଠି ଜହର ଆଉ ପବନ ଏଠି ନିଃସଙ୍ଗତା ପାଲଟିଛି । ମୃତ୍ୟୁକୁ ଦୁରେଇ ବଞ୍ଚିବାର ଚନ୍ତାଧାର୍‌ ର ପ୍ରୟାସରେ ମଣିଷ ହେଉଛି ଭ୍ରାନ୍ତ । ମହାମାରୀ କର୍‌ନା ର ତଲ୍ୱାର ମୁନରେ ଝୁଲୁଛି ମଣିଷର ଭ୍‌ଗ୍ୟଶିକା । ଏଠି ଦିନ ଶୂନ୍ୟ.... ର୍‌ତି ଶୂନ୍ୟ....

ଜୀବନଟା ଶୋଇଯାଉଛି ଯେମିତି ଶୂନ୍ୟତାର କୋଳରେ । ଝଡି ପଡୁଛି ଅଯୁତ ସପନ ଖାଲି ଶୂନ୍ୟତାରେ । କେତେ ମାୟା କେତେ ଛାୟା ଲୁହ ଛଳଛଳ ଆଖିରେ ଧ୍ୱଂସର ମରୁରେ ଜୀବନଟା କାଳର ଭଉଁରୀ କାଟେ । ଜନ୍ମ ମୃତ୍ୟୁର ଦୋଛକ ରେ ଜୀବନଟା ବେଳେବେଳେ ଭ୍‌ରି ଅସମ୍ଭବ ମନେହୁଏ । ସୁଖ ଦୁଃଖର ଲୁଚକାଳ ମଧ୍ୟରେ ସୁଖ ଭିତରେ ହଜିଯାଇ ଦୁଃଖକୁ ଏତେ ସହଜରେ ଗ୍ରହଣ କରି ହୁଏନ । କାହାକୁ ଦୁଃଖ ଦରକାର ? ହଁ ର ଉତ୍ତର ବହୁତ କମ ମିଳବ । କଏ କେମିତି ବଞ୍ଚୁଛି ବଞ୍ଚିବା ଲ୍‌କ ହିଁ ଜାଣେ । ପରିସ୍ଥିତି ର ଗୁରୁତ୍ୱ କେତେ ଅଧିକ ।

ଜୀବନ ତା ଢଙ୍ଗରେ ଅବିଶ୍ରାନ୍ତ ଭ୍‌ବରେ ଗ୍‌ଲେ ମଣିଷ ଭଲରେ ବଞ୍ଚିବା ପାଇଁ, ଜୀବନ ତମାମ କେତେଯେ ଫନ୍ଦି ଫିକର କରି ଟିକେ ଶାନ୍ତିରେ ବଞ୍ଚିବାକୁ ପ୍ରଯତ୍ନ କରେ । କଏ ଜାଣିଥିଲ୍‌ ଏମିତି ଏକ ର୍‌ଗ ଆସିବ । ଯିଏ ତାର କର୍‌ଳ ଛାୟାରେ ସମଗ୍ର ବିଶ୍ୱକୁ କବଳତ କରିବା ସହ ବିଶ୍ୱ ବ୍ୟାପି ମୃତ୍ୟୁ ର ତାଣ୍ଡବ ସୃଷ୍ଟି କରି ଗ୍‌ଲିବ । ତା ସହିତ ପ୍ରକୃତିର ତାଣ୍ଡବ ନାଚବାକୁ ଆସୁଛି ପ୍ରଳୟଙ୍କରୀ ବାତ୍ୟା "ୟାସ" । ପ୍ରକୃତିରେ ମୃତ୍ୟୁ ର ତାଣ୍ଡବ ରଚେଇ ଦେବ ଯେମିତି । ନିଜ ଶକ୍ତିର ପର୍‌କ୍ରମ ଦେଖାଇବାକୁ ଗ୍‌ଲିଆସିଛି ଛାଡ଼ିଯିବ ତାର ପାଦ ଚହ୍ନ । ଯାହା ଅସୁଦୀର୍ଘ ପର୍ଯ୍ୟନ୍ତ ଲିଭିବା ଅସମ୍ଭବ । ଦୀର୍ଘ ତିନଦିନର ପ୍ରଳୟଙ୍କରୀ

ଦାନବ ସହ ସଂଘର୍ଷ କରିବ । ତାପରେ ପୃଥିବୀ ହେବ ନିଃଶବ୍ଦ ଓ ନିଶ୍ଚଳ । ନିଃଶବ୍ଦ ପୃଥିବୀ ଭିତରର କୋଳାହଳ କୁ ବଢ଼େଇ ଦେଇଛି । କୋଳାହଳ ଏକ ଅଜଣା ଭୟର !! ମାଡି ଆସୁଛି ଏକ ଭୟଙ୍କର ପ୍ରଳୟଙ୍କରୀ ବାତ୍ୟା "ୟାସ "

ପାଗ କୋହଲା ଥିଲା....

ପବନରେ ଶୀତଳତା ଥିଲା....

ମେଘରେ ଜଳକଣା ଥିଲା.....

ଆକାଶ ଯେତେ ସମ୍ଭବ ମେଘରେ ପୂର୍ଣ୍ଣ ଥିଲା । ପ୍ରସ୍ତ ପ୍ରସ୍ତ ମେଘ ଭାର ତାରତମ୍ୟ ରେ ସ୍ତର ହୋଇ ଆକାଶ ଛାତିରେ ଭାସୁଥିଲା । ବିଜୁଳି ନୃତ୍ୟ କରୁଥିଲା, ଭୀଷଣ ନୃତ୍ୟ... ବାଦ୍ୟ ଥିଲା ବଜ୍ରଭେରୀ । ବୃକ୍ଷ ଗୁଡିକ ସନ୍ତ୍ରସ୍ତ ଦିଶିବାକୁ ଆରମ୍ଭ କରିଥିଲେ । ବିକରେଖା ମଳିନ ଦିଶିବାକୁ ଭୟଙ୍କର ଏକ ବିପର୍ଯ୍ୟୟ ର ସୂଚନା ବୋଲି ଅଭିଜ୍ଞ ବ୍ୟକ୍ତି କହିସାରିଥିଲେ ।

ଆଜିର ଏ କଥା... !!

ଭୟଙ୍କର ଏକ ସାମୁଦ୍ରିକ ତୋଫାନ ଆସୁଥିବାର ସବୁ କାତରତା, ଆଶଙ୍କା, ପ୍ରତିରୋଧ, ପ୍ରଚେଷ୍ଟା, ଓ ପ୍ରତିଷେଧ ବ୍ୟବସ୍ଥାକୁ ପରିହାସ କରି ତତ୍ପରଦିନ ସକାଳ ସ୍ୱାଗତ କରିଥିଲା । ବାୟୁ, ବାରି, ପାଗ, ସ୍ୱାଭାବିକ ଥିଲା । ଖବର ମିଳିଥିଲା ପ୍ରାୟ ବିଭିନ୍ନ ଜିଲ୍ଲାକୁ ଧ୍ୱଂସ କରିପକାଇବ ଏହି ପ୍ରଳୟଙ୍କରୀ ତୋଫାନ । ଯୋଗାଯୋଗ ବିଚ୍ଛିନ୍ନ କରିପକାଇବ । ବହୁ ପ୍ରାଣ ନାଶ କରିବ । ଖଣ୍ଡ ପ୍ରଳୟ ର କ୍ଷୁଦ୍ର ସଂସ୍କରଣ ଘଟିବ । କଳାହାଣ୍ଡିଆ ମେଘରେ ଘୋଡେଇ ହୋଇ ଗଲା ଆକାଶ ଆଗରେ । ତାପରେ ପ୍ରବଳ ପବନରେ ଭଗ୍ନଦେଇ ଓଲ୍ଲେଇ ଆସିଲା ବର୍ଷା । ଏହି ଅସମୟରେ ବି ସଞ୍ଜ ହୋଇଗଲା । ଘଣ୍ଟାକୁ ପ୍ରାୟ ଶହେ ପଚାଶ କମି କମ୍ବା ତହିଁରୁ ଅଧିକ ବେଗରେ ପବନ ବହିବ । ଦୂର ଦିଗନ୍ତରେ ତଥାପି ଅର୍ଦ୍ଧେକ ଫର୍ଚ୍ଚା ଥିଲା ମେଘର ଦାୟରୁ, ବର୍ଷା ଅଳ୍ପ ଅଳ୍ପ ଝରୁଥାଏ ଧାର ଦିଗନ୍ତର ସେଇ ଫର୍ଚ୍ଚା ଅଂଶଟି କ୍ରମେ ମେଘରେ ଢାଙ୍କି ହୋଇ ଯାଇଥାଏ । ଘୂରି ପାଞ୍ଚ ମିନଟ ସୁଦ୍ଧା ସମୁଦାୟ ଆକାଶ ମେଘରେ ଘୋଟିଗଲା । ଆଉ ଦିଶିଲାନି ଏଠୁ ଦୂର ଦିଗନ୍ତରେ ବର୍ଷାର ଧାର । ଅନ୍ଧାର ଘୋଟିଗଲା ପୃଥିବୀ ସାରା ।

ଗୋଟିଏ ପାଉଁଶିଆ ଉଦାସ ଭଳ ଆକାଶ ଦିଶୁଥାଏ ବର୍ଣ୍ଣହୀନ । ବର୍ଷାର ବେଗ ବଢ଼ିଯାଇଥାଏ ପ୍ରବଳ, ପବନର ବେଗବି ହୁ ହୁ ହୋଇ ବଢୁଥାଏ । ବୃକ୍ଷର ଡାଳ ସବୁ ଅସ୍ତବ୍ୟସ୍ତ ହେଉଥାନ୍ତି । ବୃକ୍ଷର ବନ୍ଧନରୁ ମୁକୁଳ ଦିଗମ୍ବରୀ ହେବାର ଉଲ୍ଲାସ ରେ, ବୃକ୍ଷ ବି ନଛୋଡ ବନ୍ଧା । ଅତି ପ୍ରିୟ ତାର ଡାଳ ଅବୟବ ଗୁଡିକୁ ଆକାଶର ଅପରିଚତ ଅଙ୍ଗନରେ ଇତସ୍ତିତଃ ଛିଣ୍ଡା ଘୁଡି ହୋଇ ଜମା ଉଡିବାକୁ ଦେବାକୁ ଗ୍ରହୁଁନଥାଏ । ସେ ଯୁଝୁଥାଏ ସେଇ ଡାଳ ମାନଙ୍କୁ ଆୟୁଧ କରି ସେ ଯୁଝୁଥାଏ । କଟ କଟ ଡାକୁଥାଏ ତା ହାଡ଼ । ଥରି ଯାଉଥାଏ ମଞ୍ଜି । ପବନର ହୁଙ୍କାରରେ ଟାଳ ଦେବାକୁ ବେଳେବେଳେ ସେ କୁଶଳୀ ଯୋଦ୍ଧା ପରି ନୁଆଇଁ ନେଉଥାଏ । ନଜକୁ ଏ ପର ମୁହୂର୍ତ୍ତ ରେ ଠିଆ ହୋଇ ପଡୁଥାଏ ଅମିତ ବିକ୍ରମର ଯୁଦ୍ଧମଂ ଦେହି ଡ଼ାକର୍‌ରେ ।

ନମ ବସନ୍ତ, ଜଟଣୀ

# ଶୂନ୍ୟରୁ ଆରମ୍ଭ

ବିଶ୍ୱଜିତ ରଥ

ଅବୁଝା ମନକୁ ପ୍ରଶ୍ନ କାରାଗାରେ
କରି ରଖିଛି ମୁଁ ବନ୍ଦୀ,
ଉତ୍ତର ଜାଣିବି ଆଜି ନିରୁତ୍ତର
ନିଶ୍ୱାସ ଦଉଛି ରୁନ୍ଧି।

ପରିଚିତ ହୋଇ ସାଙ୍ଗେ ରହିଥିଲେ
ଆଜି ଯେ ଅପରିଚିତ,
ହାତ ଧରି ଯିଏ ବାଟ ଗ୍ଲୁଥିଲେ
ଆଜି କରିଲେ ଅତୀତ।

କାହାକୁ ନିଜର ମନର ବେଦନା
ଜଣାଇବି ମୋତେ କୁହ,
କିଏ ଏ ଯନ୍ତ୍ରଣା ଶୁଣିବ, ବୁଝିବ
କିଏ ପୋଛି ଦେବ ଲୁହ ?

ଭୋକର ଦାଉରେ ପେଟ ପୋଡ଼ିଗଲେ
କିଏ ଦେବ ମୁଖେ ଅନ୍ନ ?
କାହାକୁ ଶୁଭିବ ମୋ ଆର୍ତ୍ତ ଚିତ୍କାର
କେ ଅବା ପାତିବ କର୍ଣ୍ଣ ?

ନିଜର ବୋଲି ମୁଁ କାହାକୁ କହିବି
କିଏ ହେବ ପାଖେ ଠିଆ,
ଉତ୍ତାଳ ତରଙ୍ଗେ ବାଟ ଭୁଲିଗଲେ
କିଏ ବାହି ଦେବ ନାଆ ?

ଥକ ନାହିଁ ପାଦ ଯେତେ ପରିଯନ୍ତେ
ସଂଘର୍ଷ ରହିବ ଜାରି,
ଶୂନ୍ୟରୁ ଆରମ୍ଭି ଥିଲ୍ ଏ ଜୀବନ
ଶୂନ୍ୟେ ଯିବ ଦିନେ ସରି।

ଭାପୁର, ନୟାଗଡ

# ମୋ ଗାଆଁ ମାଟି

କୁମର ଲାଲ ରଣା

ମୋର ଗାଆଁ ମାଟି ଭାରି ସୁନ୍ଦର ଗୋ
ଗାଆଁ ପାଶେ ନୀଳ ପୋଖରୀ ।
ମାଟିର ମଣିଷ କରେ ବୃକ୍ଷ ବାସ
ନୀଳ ତରଙ୍ଗରେ ଗାଆଁଟି ପୁରି ।
କେତେ ନୀରିମଳେ ଗଙ୍ଗା ଧାର ବହେ
ପୁରି ଯାଉଛି ଗୋ ନଦୀ ନାଳ ଖାଲ ।
ଆକାଶରେ ସୂର୍ଯ୍ୟ ରଙ୍ଗେ ସଜାଇଛି
ବହୁଛି ଶୀତଳ ନିର୍ମଳ ଜଳ ।
ପବନ ଉଡୁଛି ବାୟୁ ବେଶରେ ଗୋ
ବସନ୍ତ ମଳୟ ବାୟୁ ତରଙ୍ଗ ।
ମାଟିରେ ପ୍ରକାଶ ସୁନାର ତେଜ
ସାଥିରେ ପ୍ରକାଶେ ନିର୍ମଳ ଅଙ୍ଗ ।
ଆକାଶରେ ଜହ୍ନ ନିର୍ମଳ ତାରକା
ସୁନ୍ଦର କରିଛି ଶୋଭା ଅଙ୍ଗକୁ ।
ନୀଳମା ଅଙ୍ଗରେ ଆକାଶ ସୁନ୍ଦର
ମନ ନେଉଅଛି କଣି ଭାବକୁ ।
ମାଟି ଆମ ସୁନା ମୋହର ଲାଗିଛି
ଗଢୁଛି କୁମ୍ଭାର ସଅଳ ହାଣ୍ଡି ।
ମନଟି ଆମର ଶୁଦ୍ଧ ନିର୍ମଳ ଗୋ
ମାଟିରେ ସୁନାର ତରଙ୍ଗ ମଣ୍ଡି ।

ମହୁଆ ଭଟା ନୂଆପଡା ଓଡିଶା ।

# ସ୍ୱାର୍ଥ ହିଁ ନଜର



ମହେଶ୍ୱର ସାହୁ

ଯିଏ ପାଇଥାଏ,  ତୁମ ଠାରୁ ସ୍ୱାର୍ଥ,
ସେହି ହିଁ ତୁମ ନଜର ।
ସମ୍ପର୍କର ରଜ୍ଜୁ,  ସ୍ୱାର୍ଥରେ ହିଁ ବନ୍ଧା,
ସ୍ୱାର୍ଥପର ଯେ ସଂସାର ।।
ରକ୍ତର ସମ୍ପର୍କ,    ଗୃହିଁଥାଏ ସ୍ୱାର୍ଥ,
ନିଜ ଅଭିଳାଷ ପାଇଁ ।
ପୁରିଗଲେ ସ୍ୱାର୍ଥ,ହୋଇଯାଏ ପର,
ହେଲେବି ଭଉଣୀ ଭାଇ ।।
ବାଲ୍ୟକାଳେ ଶିଶୁ, ଲୋଡ଼େ ପିତାମାତା,
ଲାଳନ ପାଳନ ପାଇଁ ।
ରୋଜଗାର କ୍ଷମ, ହୋଇଗଲେ ସିଏ,
ପିତାମାତାଙ୍କୁ ଭୁଲଇ ।।
ବିପଦେ ଆପଦେ, ବନ୍ଧୁ ବୋଲି ଭାବେ,
ବିପଦୁ ବର୍ତ୍ତିବା ପାଇଁ ।
ବିପଦ ଟଳିଲେ, ସ୍ୱାର୍ଥ ଯାଏ ସରି,
ଯାଏ ସେ ମୁହଁ ବୁଲାଇ ।।

ଶିକ୍ଷାର ମୁହୂର୍ତ୍ତେ, ହୁଏ ଶ୍ରେଷ୍ଠ ଶିଷ୍ୟ,
ହୃଦେ ଗୁରୁ ଭକ୍ତି ନେଇ ।
ଉତ୍ତୀର୍ଣ୍ଣ ହୋଇଣ, ଶିକ୍ଷା ସମାପ୍ତିରେ,
ଦେଖିଣ ହୁଏ ଖତେଇ ।।
ରୋଗ ଯନ୍ତ୍ରଣାରେ, ଡାକ୍ତର ଈଶ୍ୱର,
ଗୁହାରି ନେହୁର ଯେତେ ।
ସୁସ୍ଥ ହୋଇଗଲେ, ନକରେ ସମ୍ମାନ,
କୁହଇ ପାଉଣା କେତେ ।।
କାମନା ଜ୍ୱାଳାରୁ,  ବର୍ତ୍ତିବା ପାଇଁକି,
କରିଥାଏ ସିଏ ପ୍ରେମ ।
କାମନାର ସ୍ୱାର୍ଥ, ହୋଇଲେ ବିନାଶ,
ଭୁଲିଯାଏ ପ୍ରେମୀ ନାମ ।।
ଚକ୍କଣ କଥାରେ,   ସ୍ୱାର୍ଥ ହିଁ ନହିତ,
ଭୁଲାଇ ଦିଏ ସେ ମନ ।
ମନକୁ ଭୁଲାଇ,     ହାସଲ କରଇ,
ସାର୍ଥ କାମନାର ଦିନ ।।

ଗୋପୀବିନ୍ଧା, ବାଲେଶ୍ୱର

# ଶ୍ରୀ ଜଗନ୍ନାଥ ଭକ୍ତି ରସାମୃତ



ପ୍ରଦୀପ କୁମାର ଜିଲିକାର୍

ଜୟ ରାଧା ରମଣ ନୀଳାଚଳ ବାମନ
ତୋ ପଦ ପଙ୍କଜ ତଳେ ଦାସେ ଦିଅ ଶରଣ
ଜୟ ରାଧା ରମଣ ।- ୧

ଅକୂପାର ମଧ୍ୟେ ପଶି ମୀନ ରୂପ ଧରିଣ
ବେଦ ଉଦ୍ଧାରଣେ କଲ ଶଙ୍ଖାସୁର ଦମନ,
ଜୟ ରାଧା ରମଣ । ୨

ପୃଷ୍ଠେ ବୋହି ମନ୍ଦରକୁ କୂର୍ମ ରୂପ ଧରିଣ
ସୁଧାଭାଣ୍ଡ ଉଦ୍ଧାରିଣ ରାହୁ ଶିର ଛେଦନ,
ଜୟ ରାଧା ରମଣ । ୩

ଧରିଣ ବରାହ ରୂପ ହିରଣ୍ୟାକ୍ଷ ନାଶିଣ
ବସୁଧାକୁ ଉଦ୍ଧାରିଲ ଦନ୍ତମୂଳେ ଟେକଣ,
ଜୟ ରାଧା ରମଣ ।୪

କରି ସ୍ତମ୍ଭ ଉତ୍ପାଟନ ଉଭା ହେଲ ମଦନ
ବିଦାରି ହିରଣ୍ୟ ଅନ୍ତ ପ୍ରହଲ୍ଲାଦେ ପ୍ରସନ୍ନ,
ଜୟ ରାଧା ରମଣ । ୫

ତ୍ରି ପାଦରେ ମାଗି ଭୂମି ମାନୀ ବଳ ରାଜନ
ରସାତଳପତି କଲ ମାନ କଲ ଗଞ୍ଜନ,
ଜୟ ରାଧା ରମଣ । ୬

ପିତା ଆଜ୍ଞା ପାଳନରେ ମାତା ଶିର ଛେଦନ
ଏକବିଂଶ ବାର କ୍ଷତ୍ରି ବଳ କଲ ଦମନ,
ଜୟ ନନ୍ଦ ନନ୍ଦନ । ୭

ଦଶଶିର ନସୂଦନ ଉର୍ବୀକନ୍ୟା ରଞ୍ଜନ
ଶରଣାର୍ଥୀ ବିଭୀଷଣେ ଲଙ୍କେ କଲ ରାଜନ,
ଜୟ ରାଧା ରମଣ । ୮

ରୋହିଣୀ ନନ୍ଦନ ଆହେ ରେବତୀରେ ରମଣ
ଶ୍ୟାମାଗ୍ରଜ ବଳଦେବ ଶିରେ ମହୀ ଧାରଣ,
ଜୟ ରାଧା ରମଣ । ୯

କାମନା ବିନାଶକାରୀ ତତ୍ତ୍ୱ ଜ୍ଞାନ ବର୍ଦ୍ଧନ
ଶାନ୍ତି ଦୂତ ରସାଧାମେ ହିଂସା କର ନାଶନ,
ଜୟ ରାଧା ରମଣ । ୧୦

ନାଗେ ନାଗେ ଅସମ୍ଭାଳ ରସାଭ୍ରର କଷଣ
ତରବାରୀ କରେ ଧରି ମ୍ଳେଚ୍ଛ କର ହ୍ରଧନ,
ଜୟ ଗ୍ରଧା ରମଣ । ୧୧

ଗଣିକା କବରୀ ମଲ୍ଲୀ ସମର୍ପିଲ୍ ସ୍ୱଇଣ
ବିଗ୍ରଜିଲ ବଳଗ୍ରମ ସିକତିଳ ସ୍ୱନ୍ଦନ,
ଜୟ ଗ୍ରଧା ରମଣ । ୧୨

ଦାସିଆ ବାଉରୀ କର ନାରୀକେଳ ଗ୍ରହଣ
ଭକ୍ତ ସାଲବେଗ ପାଇଁ ଅଟକଲ୍ ସ୍ୟନ୍ଦନ,
ଜୟ ଗ୍ରଧା ରମଣ । ୧୩

ମହାପାପୀ ଅଜାମିଳ ଡାକଲ୍ ନାଗ୍ରୟଣ
ଗୋଲ୍‌କେ ସ୍ଥାନ ପାଇଲ୍ ଭବୁ କଲ
ତାରଣ,
ଜୟ ଗ୍ରଧା ରମଣ । ୧୪

ବ୍ରଜଗ୍ରଜ ନନ୍ଦନ ହେ ବ୍ରଜନାରୀ ରମଣ
କୋଟି ବସ୍ତ୍ର ଦେଇ କୃଷ୍ଣା ଲଜ୍ଜିତ ନବାରଣ,
ଜୟ ଗ୍ରଧା ରମଣ । ୧୫

ଗ୍ରାହ ଚକ୍ରେ ବକ୍ର କରି ଉଦ୍ଧାରିଲ ବାରଣ
ଟେକଦେଲ୍ ସରୋରୁହ ତୁମ୍ଭ ନାମ ଘୋଷିଣ,
ଜୟ ଗ୍ରଧା ରମଣ । ୧୬

ଘୋର ବନ ମୃଗୁଣୀକୁ ବ୍ୟାଧେ ବଶୀକରଣ
ଡାକଦେଲ୍ ରକ୍ଷାକର ଆହେ ମଧୁସୂଦନ,
ଜୟ ଗ୍ରଧା ରମଣ । ୧୭

ଯଶକୀର୍ତ୍ତି ବୈଜୟନ୍ତି ଯେ ପତିତପାବନ
ହ୍ରର୍ବିକାରେ ବସିଅଛ ରୂପ ବୌଦ୍ଧ ବାମନ,
ଜୟ ଗ୍ରଧା ରମଣ । ୧୮

ଅଜ୍ଞ ମୃଗ ପରି ଭବ ବନେ କରେ ଭ୍ରମଣ
ଆର୍ତ୍ତକଞ୍ଜ ଦଳ ଦିଅ ପାଦେ ମତ୍ତ ବାରଣ
ଜୟ ଗ୍ରଧା ରମଣ । ୧୯

ଭକତ ଭଗବାନରେ କାହିଁ ଏ ବ୍ୟବଧାନ
ପଥ ଜଗି ଆଶାଶୂନ୍ୟ ଜୀବନ ମୋ ହ୍ରଶ୍ଚିହ୍ନ,
ଜୟ ଗ୍ରଧା ରମଣ । ୨୦

ଜାତିଭେଦ ନ ଦେଖିବ ନୀଳୋତ୍ପଳ ବଦନ
ଶରଣ ଗଲି ମୁଁ ତୋରେ କନ୍ଧ ଜାତି ତରୁଣ,
ଜୟ ଗ୍ରଧା ରମଣ । ୨୧

ହାଡ଼ଶିଙ୍ଗୁଳା, ଗୁଟିକୋଣା,
ବିଷମକଟକ, ଗ୍ରୟଗଡ଼ା

# ଭୟ ବଢ଼ାଉଛି କୋରୋନା ଭାଇରସ



ସମ୍ବିତ ଦାଶ

ପ୍ରାୟ ଦେଢ଼ ବର୍ଷ ଧରି ମହାମାରୀ କୋରୋନା ସାରା ଦେଶକୁ ଆତଙ୍କିତ କରିଚାଲିଛି । ଗତ ବର୍ଷ ପ୍ରଥମ ଲହରୀ ରେ ଲୋକେ ଯେତେବେଳେ କୋରୋନା ରେ ସଂକ୍ରମଣ ହେଲେ ସେ ସମୟରେ ପ୍ରଥମେ ପନ୍ଦର ଦିନ ଲକ୍ ଡାଉନ୍ ହୋଇଥିଲା ହେଲେ ସଂକ୍ରମଣ କମିଲା ନାହିଁ ବହୁ ମାତ୍ରାରେ ବଢିଚାଲିଲା ପୁଣି ସରକାର ଲକ୍ ଡାଉନ୍ କଲେ । ଦିନକୁ ଦିନ କୋରୋନା ସଂକ୍ରମଣ ବଢ଼ି ଚାଲିଥାଏ । ପରବର୍ତ୍ତୀ କାଳୀନ ସମୟରେ କୋରୋନା ଧିରେ ଧୀରେ କମିବା ରେ ଲାଗିଲା ଆକ୍ରାନ୍ତଙ୍କ ଅପେକ୍ଷା ସୁସ୍ଥଙ୍କ ସଂଖ୍ୟା ବୃଦ୍ଧି ହେବାରେ ଲାଗିଥିଲା । ହେଲେ କୋରୋନା ର ଦ୍ୱିତୀୟ ଲହର ଏ ଦେଶବାସୀଙ୍କ ପାଇଁ ବଡ଼ ବିପଦ ଡାକ ଆଣିଲା । ଦିନକୁ ଦିନ ଉଗ୍ର ରୂପ ନେଉଛି ମହାମାରୀ କୋରୋନା । କୋରୋନା କମିବାର ନାଁ ଧରୁନ ଦିନକୁ ଦେଶରେ ପ୍ରାୟ ଲକ୍ଷ ସଂଖ୍ୟକ ଲୋକ ସଂକ୍ରମଣ ହେଉଛନ୍ତି ଏବଂ ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ବରଣ ହେଉଛି । ଆମ ଦେଶରେ ପୁଣି ଥରେ କାୟା ବିସ୍ତାର କରିଥିବା କୋରୋନା ଭାଇରସ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସେଥିପାଇଁ ସରକାର ପୁଣି ଲକ୍ ଡାଉନ୍ ଏବଂ ସଟ ଡାଉନ୍ ବ୍ୟବସ୍ଥା କରିଲେ ହେଲେ କଣ ହବ ସଂକ୍ରମଣ ସେମିତି ବଢ଼ି ଚାଲିଛି ।

ଏବେ ଏ କୋରୋନା ର ନୂଆ ରୂପରେ ସଂକ୍ରମଣ ବଢ଼ି ଚାଲିଛି । ଏହା ଶୁଖିଲା ବସ୍ତୁ ଉପରେ ପ୍ରାୟ ଆଠ ଦିନ ରହିଯାଉଛି ଆଗ ଅପେକ୍ଷା ଏ ସହଜରେ ଦେହ ଭିତରେ ପ୍ରବେଶ କରୁଅଛି । ଦେହ ମୁଣ୍ଡ ଘୋଳା ବିନ୍ଧା କରେ ଓ ଥଣ୍ଡା ଜର କାଶ ଛିଙ୍କ ସର୍ଦ୍ଦି ହୁଏ ନିଃଶ୍ୱାସ ନେବାରେ ଭାରି ବାଧା ସୃଷ୍ଟି କରେ ଯେତେ ଖାଇଲେ ବି ଖାଦ୍ୟ ସ୍ୱାଦିଷ୍ଟ ଲାଗେନ ଜର ହୋଇ ଦେହ ଦୃବଳ ଲାଗେ ।

କୋରୋନା ର ଏହି ଦ୍ୱିତୀୟ ଲହର ପାଇଁ ସରକାର କଡ଼ା ପଦକ୍ଷେପ ଲାଗୁ କରିଛନ୍ତି ହେଲେ ତାହାକୁ କେହି ମାନୁ ନାହାନ୍ତି ସେଥିପାଇଁ ସଂକ୍ରମଣ ଦିନକୁ ଦିନ ବୃଦ୍ଧି ହେବାରେ ଲାଗୁଛି ।

ଲୋକ ମାନେ ଯଦି ନିଜ ସୁରକ୍ଷିତ ପାଇଁ ମାସ୍କ ପରିଧାନ, ହାତ ଧୋଇବେ ଏବଂ ସାମାଜିକ ଦୂରତା ରକ୍ଷା କରିବେ ତାହାଲେ ଏ ସଂକ୍ରମଣ କମିବାରେ ଲାଗିବ । ଗତ ବର୍ଷ କଥା ମନେ ପଡିଲେ ଦେହ ଶୀତେଇ ଉଠୁଛି । ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ କାହାର ଚକରି ଗଲାଣି ତା କାହାର ବେପାର ରେ ବାଧା ସୃଷ୍ଟି କଲାଣି ଏହି ପରିସ୍ଥିତି ଲେକେ ପ୍ରାୟ ଚନ୍ତା ରେ ରହୁଥିଲେ। ହେଲେ ଏ ବର୍ଷ କୋରୋନା ର ଏ ନୂଆ ରୂପ ଦେଶକୁ ପ୍ରାୟ ଆତଙ୍କିତ କରୁଅଛି । ଏ କୋରୋନା ଏକ ଏମିତି ଭୟାନକ ରୋଗ ଏହା ବାୟୁରେ ମଧ୍ୟ ବ୍ୟାପୁଅଛି । ଏହି ରୋଗ ଛୁଆଁ ଅଛୁଆଁ ର ଭେଦଭାବ ସୃଷ୍ଟି କରିଲାଣି ଏମିତି ଅସମୟ ପରିସ୍ଥିତି ରେ ପରିବାର ଲୋକେ, ପ୍ରିୟଜନ, ପାଖ ପଡୋଶୀ ଏମାନେ ସବୁ ଦୂରେଇ ଯାଆନ୍ତି । ପରେ ନେଗେଟିଭ ହେଲା ପରେ ମଧ୍ୟ ସେ ଲୋକ ସାଙ୍ଗରେ କେହି ମିଶନ୍ତି ନାହିଁ । ଯେଉଁ ମଣିଷ ଦେହରେ ସାମାନ୍ୟ ଥଣ୍ଡା ଜର ଦେଖାଗଲା ତାହାକୁ ମଧ୍ୟ କୋରୋନା ରୋଗ ହୋଇଥାଏ । କୋରୋନା ର ଏହି ଦ୍ୱିତୀୟ ଲହରରେ ପ୍ରାୟ ଲ ଲକ୍ଷ ଲୋକ ମୃତ୍ୟୁ ବରଣ କରିଛନ୍ତି । ଏହି ରୋଗରେ ଯେଉଁ ଲୋକ ମରୁଛନ୍ତି ସେମାନଙ୍କୁ ଅଛୁଆଁ ମନେ କରାଯାଉଛି । ଅନେକ ସ୍ଥାନରେ କୋରୋନା ମୃତକ ଙ୍କ ମହାପ୍ରୟାଣ ଗାଡିଟିଏ ମଧ୍ୟ ସୁବିଧା ମିଳୁନ, ଯଦି ଗାଡ଼ି ମିଳୁଛି ତାହାଲେ ଦୁଇଶହ ରୁ ଚାରିଶହ ଟଙ୍କା ସେମାନଙ୍କୁ ମାଗାଯାଉଅଛି ଜାଗା ଜାଗାରେ ହଜାର ହଜାର ଟଙ୍କା ମଧ୍ୟ ମାଗୁଛନ୍ତି । ଅନ୍ତିମ ସଂସ୍କାରକୁ ନିଜ ଲେକେ ମଧ୍ୟ ଏଡାଇ ଦେଉଛନ୍ତି ସେହି ସମୟରେ କେତେକ ସହୃଦୟ ବ୍ୟକ୍ତି, ସମାଜସେବୀ, ସାମ୍ବାଦିକ, ସ୍ୱାସ୍ଥ୍ୟକର୍ମୀ, ଦରଦୀ କର୍ତ୍ତବ୍ୟ ପୋଲିସ୍ ପ୍ରଶାସନ ଏ କ୍ଷେତ୍ରରେ ହାତ ବଢାଉଛନ୍ତି । ଏହି ସମୟରେ ସେମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ କେଉଁଠି ରୋଗୀଙ୍କୁ ଆବଶ୍ୟକ ରୋଗ ଚକସ୍ତା ତଥା ଶଯ୍ୟାଟିଏ ମଧ୍ୟ ମିଳୁନ । କେଉଁଠି ମଧ୍ୟ ଡାକ୍ତର ନର୍ସ ନିଜ ଦେହକୁ ବାଜି ଲଗେଇ କୋରୋନା ରୋଗୀକୁ ଭଲ କରିପାରୁଛନ୍ତି ।

ଆଜିର ଏ କୋରୋନା ଭୁତାଣୁ ଦ୍ୱାରା ସଂକ୍ରମିତ ଦେଶର ଖାଦ୍ୟ ବ୍ୟବସ୍ଥାରେ ମଧ୍ୟ ଭିନ୍ନତା ଦେଖାଯାଉଛି । ଏ ରୋଗ ଯେଉଁ ଭଳି ବ୍ୟାପିବାରେ ଲାଗିଲାଣି ଜମାରୁ କମିବାରେ ନାଁ ଧରୁନ। ଦେଶରେ ସରକାର ଲାଗୁ କରିଥିବା ଲକ୍ ଡାଉନ୍ ଏବଂ ସଟ୍ ଡାଉନ୍ ବ୍ୟବସ୍ଥା ଗରିବ ଲୋକଙ୍କୁ ପ୍ରାୟ ପ୍ରଭାବିତ କରୁଅଛି । ଏହି ସମୟରେ ଗରିବ ଲୋକମାନେ କଛି କାମ ପାଉନାହାନ୍ତି ଯାହା ଫଳରେ ସେମାନେ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପ୍ରାୟ ସମୟ ସେମାନେ ଭୋକଲା ରହୁଛନ୍ତି ଏହି ସମୟରେ ସମାଜସେବୀ ମାନେ ବହୁତ ପ୍ରକାର ସାହାଯ୍ୟ କରୁଛନ୍ତି । ମହାମାରୀ ସମୟରେ ସେମାନେ ନିଜ ଦେହକୁ ବାଜି ଲଗାଇ

କର୍ମ କରିବାରେ ଲାଗିଛନ୍ତି କେଉଁଠାରେ ମାସ୍କ ବଣ୍ଟନ ତ କେଉଁଠାରେ ରାସନ ସାମଗ୍ରୀ ଓ ପରିବା ଯୋଗେଇ ଦେଉଛନ୍ତି ରାସ୍ତା କଡ଼ରେ ଥିବା ଲୋକ ମାନଙ୍କୁ ଖାଦ୍ୟ ପିଇବା ପାଣି ଯୋଗାଇ ଦେଉଛନ୍ତି । ସହର ଅପେକ୍ଷା ଗ୍ରାମାଞ୍ଚଳରେ ଏହି ରୋଗ ଅଧିକ ବଢ଼ିବାରେ ଲାଗିଛି । ଅଧିକାଂଶ ଲୋକ ଅସଚେତନ ହୋଇ ରହୁଛନ୍ତି । ସବୁଠି କଟକଣା ଥିବା ଭିତରେ ଗ୍ରାମାଞ୍ଚଳରେ ବିବାହ, ବ୍ରତ, ମେଳା ଆଦି ଅନୁଷ୍ଠିତ ହେଉଅଛି ଲୋକମାନେ ମଧ୍ୟ କଛି ନ ବୁଝି ସେହି ଭୋଜିରେ ସାମିଲ୍ ହେଉଛନ୍ତି । ଦେଶରେ ଏବେ ଟୀକାକାରଣ ମଧ୍ୟ ଚାଲୁଅଛି । ଏବେ ଏ ସଂକ୍ରମଣ ଦିନକୁ ଦିନ ବଢ଼ିଚାଲିଥବା ବେଳେ ଟୀକାର ଘୋର ଅଭାବ ଦେଖାଯାଉଛି । ଅଧିକାଂଶ ଟୀକ କେନ୍ଦ୍ରରେ ତାଲା ଝୁଲୁଛି ଯାହା ଫଳରେ ଅଧିକ ରୁ ଅଧିକ ଲୋକ ଟୀକା ଏପର୍ଯ୍ୟନ୍ତ ଯାଏଁ ନେଇପରିନାହାନ୍ତି । ସରକାର ଲକ୍ ଡାଉନ୍ ବୃଦ୍ଧି କରିବାରେ ଲାଗିଛନ୍ତି ହେଲେ ସଂକ୍ରମଣ ଜମାରୁ କମୁନାହିଁ । ଏହି କୋରୋନା ଯୋଗୁଁ ଗତ ବର୍ଷ ହୋଲି, ରଜ, ମହରମ୍, ଗଣେଶ ପୂଜା, ଦଶହରା, ଦୀପାବଳୀ, କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ, ବଡଦିନ, ନୂଆବର୍ଷ ସବୁଠି ଖାଁ ଖାଁ ପରିବେଶ ଥିଲା । ସେହିପରି ମହାପ୍ରଭୁ ଶ୍ରୀ ଜଗନ୍ନାଥ ଏକା ଏକା ବଡ଼ ଦାଣ୍ଡରେ ମାଉସୀ ମା ଘରକୁ ଯାଇଥିଲେ । କୋରୋନା ର ଏହି ଦ୍ୱିତୀୟ ଲହରରେ ସଂକ୍ରମଣ ବୃଦ୍ଧି ହେବା ସହିତ ଦିନକୁ ଦିନ ଲୋକଙ୍କର ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କୋରୋନାର ଏହି ନୂଆ ରୂପକୁ ଆମେ ସଚେତନ ଓ ସତର୍କ ରହି ମୁକାବିଲା କରିବାକୁ ହେବ ଏଥିପାଇଁ ଆମକୁ ବିଶେଷ ସାବଧାନ ଅବଲମ୍ବନ କରିବାକୁ ହେବ । ମାସ୍କ ପରିଧାନ, ହାତ ଧୁଆ ଓ ସାମାଜିକ ଦୂରତା ରକ୍ଷା କରିବା ଉପରେ ବିଶେଷ ଧ୍ୟାନ ଦେବାକୁ ହେବ । ଏବେ ଲୋକଙ୍କ ଦେହରେ ଅମ୍ଳଜାନ ର ଘୋର ଅଭାବ ଦେଖାଯାଉଛି । ସେଥିପାଇଁ ପ୍ରାୟ ଲୋକ ମୃତ୍ୟୁ ବରଣ କରୁଛନ୍ତି । ଦେଶରେ ଅମ୍ଳଜାନ ର ବହୁତ ଅଭାବ ଦେଖାଗଲାଣି ସେଥିପାଇଁ ଚାଲ ଭାଇ ମାନେ ମିଳମିଶି ବୃକ୍ଷ ରୋପଣ କରିବା ସବୁଜ ବନାନୀ ଓ ସୁସ୍ଥ ପରିବେଶ ସୃଷ୍ଟି କରିବା । ଏ ଦେଶରେ ଲୋକେ ନିଜ କାମ କରିବା ପାଇଁ ଏବେ ବୃକ୍ଷକୁ କାଟି ଦେଉଛନ୍ତି ସେଥିପାଇଁ ଅମ୍ଳଜାନର ଅଭାବ ଦେଖାଯାଉଛି। ଏବେ ଗଛ ଲଗାଇବା ଏବଂ ସାମାଜିକ ଦୂରତା ରକ୍ଷାକରି ଏ ରୋଗ ସହିତ ଲଢ଼ିବା ତାହାଲେ ରୋଗ ଦେଶ ଛାଡ଼ି ଚାଲିଯିବ। ।

ପଲ୍ଲୀକଣ୍ଠା,ଏରସମା,
ଜଗତସିଂହପୁର

# ମହାଯାତ୍ରା ବେଳ

ରାକେଶ ରତନ ପ୍ରଧାନ

କାୟା ଠାରୁ ମାୟା ଅଲଗା ହବ
ସୁନ୍ଦର ତନ ଠାରୁ ମନ ।
ଜଞ୍ଜାଳ ମୟ ଏ ଭବ ସାଗରୁ
ଗ୍ଚଲି ଯିବୁ ତୁ ରେ ଧନ ।।

ସୁଶୀଳ ସୁଷମ ଏ ମର ଶରୀର
ପଞ୍ଚଭୂତେ ହବ ଲୀନ ।
ଅଲଗା ହୋଇବେ ନଜ ଲୋକ
ଏକା କରିବୁ ଗମନ ।।

ବନ୍ଧୁ ପରିଜନ ସହଚର ଅନୁଚର
ଶେଷ ଠିକଣା କୁ ନେବେ ବୋହି ।
ପ୍ରାଣପ୍ରିୟା ବାମା ଅର୍ଦ୍ଧାଙ୍ଗିନୀ କାନ୍ଦି
କାନ୍ଦି ଘର ଦୁଆରେ ଯିବ ରହି ।।

ଛ ହାତ ହୋଇପାରେ ଦେହ
ଛ ଖଣ୍ଡ କାଠେ ଶୟନ ।
ମହାଯାତ୍ରା ବାହାରିବ କୋକେଇ
ଗାଇ ହରି ରାମ ନାମ ।।

ପ୍ରତିପତ୍ତି ଆଭିଜାତ୍ୟ ଧନ ମାନ
ରହିଯିବ ମର୍ତ୍ୟ ଧାମେ ।
ଯମ ନକତି ରେ ତୂଲ୍ ହେବୁ

ଧରମ କରମ ନାମେ ।।

ବାଡ଼ ହୋଇ ତୁ ଖାଇବୁନ କ୍ଷେତ
ରକ୍ଷକ ହୋଇ ଯେ ଭକ୍ଷକ ।
ଖୁସି ରେ ବିଭ୍ଵର ହେବେ ଦଣ୍ଡଦାତା
ମନେ ରଖିଥିବ ତତେ ନରକ ।।

ଥିବୁ ଧରି ଦେଶେ ନିଜ
ଧନ ଜନ ପାଶେ ।
ଧର୍ମ ନ୍ୟାୟ ପଥେ ରହିବୁ
ରହିବୁ ସରଗ ଦେଶେ ।।

ହେ ଅଧମ ଜନ ତୁହି ଯାଯାବର
କେଉଁ ଘାଟ ରେ ନାହିଁ ସ୍ଥାନ ।
ପ୍ରତି ପଥରେ ପ୍ରଥମ ପଥିକ ଭାବେ
ଚତା ଭୁଞ୍ଜିବ ଏ ମର ଜୀବନ ।।

ନୁହେଁ ମାନବ ଜୀବନ କେବେଳ
ସୁଖ ସଯ୍ୟାରେ ଉପଭୋଗ ପାଇଁ ।
ତୋ ଜୀବନ ପଥ ଅଙ୍କା ବଙ୍କା
ସଠିକ ମାର୍ଗେ ଉପଯୋଗ ହୋଇ ।।

କେନ୍ଦୁଝର, ଦେଉଳଡିହା

# ଅଜବ ଏଇ ପ୍ରେମ ନଶା



ସ୍ୱାଗତ ମିଶ୍ର

ତା' ସହ ମୋର ଭେଟ ହୋଇଥିଲା
ବାଲ୍ୟ ବନ୍ଧୁର ଜନ୍ମ ଉତ୍ସବରେ,
ପ୍ରଥମ ଛୁଆଁରେ ପାଗଳ ମୁଁ ହେଲି
ପଡ଼ିଗଲି ତା ପ୍ରେମରେ ।
ଏମିତି ଘାରିଲା ତା' ପ୍ରେମର ନଶା
ହୋଇଗଲି ବୁଦ୍ଧିବଣା,
ଅଳପ ଦିନରେ କରିଲା ନଜର
ଭୁଲିଗଲି ଘର ଠିକଣା ।
ସୁଖରେ ଦୁଃଖରେ ହାତ ଛାଡ଼େ ନାହିଁ
ସଦା ପାଖେ ରହୁଥାଏ,
ଯେତେ ଯନ୍ତ୍ରଣା ମୋ ମନକୁ ହୁଅଇ
ସବୁ ସେ ଭୁଲାଇ ଦିଏ ।
ପ୍ରଣୟିନୀ ନୁହେଁ ପ୍ରେମିକା ବି ନୁହେଁ
ରୂପ ଯୌବନର ମୋହିନୀ,
ଏକାକୀ ସମୟେ ମୋ କକ୍ଷକୁ ଆସି
ହେଲା ମୋର ଶଯ୍ୟା ସଙ୍ଗିନୀ ।
ଶୀତୁଆ ରାତିରେ ମୋ ଦେହର ତାପ
ବଢୁଥିଲା ଧିରେ ଧିରେ,
ଢାଳୁଥିଲା ସେ ଅମୃତର ବର୍ଷା
ଭିଜୁଥିଲି ତା' ପ୍ରେମରେ ।

ଦୂରେଇକ ଯେତେ ରହିଲେ ତା'ଠାରୁ
କରେ ସେତେ ନିମନ୍ତ୍ରଣ,
ତା' ଦେହର ବାସ୍ନା ଶୁଙ୍ଘିଦେଲେ ଥରେ
ହଜିଏ ନଜର ନିୟନ୍ତ୍ରଣ ।
ଦୁହେଁ ଯେତେବେଳେ ଏକ ହୋଇଯାଉ
ରହେନାହିଁ ପ୍ରତିବନ୍ଧ,
ସେ ଲୀନ ହୋଇଯାଏ ମୋରି ଭିତରେ
ମୁଁ ପାଉଥାଏ ଦିବ୍ୟ ଆନନ୍ଦ ।
ଦେବତାଙ୍କ ଠାରୁ ଦାନବ ପର୍ଯ୍ୟନ୍ତ
ସଭିଙ୍କର ସିଏ ପସନ୍ଦ,
ପିଲା ଠାରୁ ବୁଢା କଏ ବା ଜାଣିନ
ନାମଟି ତାହାର 'ମଦ' ।
ମଦ ପ୍ରେମ ନିଶା ଯାହାକୁ ହୋଇଛି
ସେ ଛାଡ଼େ ନାହିଁ କେବେ,
ଶୁଣିଲା ପରେ ବି ମାନଲି ନାହିଁ ମୁଁ
ଅଙ୍ଗେ ନଭିଉଛି ଏବେ ।

ପଦ୍ମାଦେଇପୁର, ନୟାଗଡ଼

# ବାସ୍ତବ ସୁଖ କଣ?



ଜିତେନ୍ଦ୍ର ସାହୁ

ଏହି ବିଶ୍ୱ ବ୍ରହ୍ମାଣ୍ଡରେ ସମସ୍ତ ଜୀବ ସୁଖୀ ହେବାକୁ ଚାହେଁ। ଏହି ସୁଖ ଟିକଏ ପାଇଁ ସମସ୍ତେ ପ୍ରାୟ ଚେଷ୍ଟା କରିଥାନ୍ତି। ସମସ୍ତ ଜୀବ ନିଜର ସୁଖପାଇଁ ପ୍ରତିଦିନ ପରିଶ୍ରମ କରିଥାନ୍ତି। ସେ ପଶୁ ହୋଉ ଅବା ପକ୍ଷୀ କିମ୍ବା ମନୁଷ୍ୟ, ସମସ୍ତେ ଖୁସିରେ ରହିବାପାଇଁ ଚାହିଁଥାନ୍ତି। ବାସ୍ତବରେ କହିବାକୁଗଲେ, ପ୍ରକୃତ ସୁଖ କଣ? ପ୍ରକୃତ ସୁଖ କେଉଁଥିରେ ଥାଏ? କଣକଲେ ମନୁଷ୍ୟ ସମାଜକୁ ବାସ୍ତବ ସୁଖ ମିଳି ପାରିବ?

ଏକଦା ଏକ ରାଜା ଛଦ୍ମବେଶରେ ତାଙ୍କର ରାଜ୍ୟ ବୁଲି ଦେଖୁଥିଲେ, ସେ ଦେଖିଲେ ତାଙ୍କ ରାଜ୍ୟର ପ୍ରାୟ ଅଧିକାଂଶ ପ୍ରଜା ଦୁଃଖରେ ଅଛନ୍ତି। ସମସ୍ତ ପ୍ରଜାମାନଙ୍କର କିଛି ନା କିଛି ଦୁଃଖ ରହିଛି। ଏମିତି ବୁଲୁବୁଲୁ ସେ ଯାଇ ଏକ ଗରିବ ବ୍ରାହ୍ମଣ ଘରେ ପହଞ୍ଚିଲେ ରାତ୍ରୀକାଳ ସମୟ, ବ୍ରାହ୍ମଣ ଜଣକଂ ତାଙ୍କର ପତ୍ନୀକୁ କହୁଥାନ୍ତି, ପ୍ରୀୟେ କରଜ ସୁଝିଲଣି, କରଜ ଦେଲଣି, ତାଙ୍କର ପତ୍ନୀ ହଁ କହିଲେ। ତେବେ ଦେବୀ ଏବେ ସହସ୍ରବତୀ ରେ ଅଗ୍ନି ସଂଯୋଗ କର। ସୁନାର ଥାଳରେ ଅନ୍ନ ପରଷିଦିଅ, ମୁଁ ଭୋଜନ କରିବି। ଏହିକଥା ଶୁଣି ରାଜା ମନରେ ଚିନ୍ତାକଲେ ଏତେ ଗରିବ ବ୍ରାହ୍ମଣ ଦେବେତା ପାଖରେ ଏତେ ଧନ ଯେ ସେ ପୁଣି କରଜ ଦଉଚ। ସୁନାଥାଳରେ ଖାଉଚ। ଏକଥାର ରହସ୍ୟ ଜାଣିବାପାଇଁ ରାଜା ବ୍ରାହ୍ମଣ ନିକଟକୁ ଯାଇ ପଚାରିଲେ ଯେ, ଆପଣ ଏତେ ସୁଖରେ କିପରି ଅଛନ୍ତି, ମୁଁ ରାଜ୍ୟର ସମସ୍ତ ଅଧିବାସୀ ମାନଙ୍କର କିଛି ନା କିଛି ଦୁଃଖ ଦେଖିଲି, କିନ୍ତୁ ଆପଣ ଏତେ ଖୁସିରେ କିପରି ଅଛନ୍ତି? ଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବ୍ରାହ୍ମଣ ଜଣକ କହିଲେ, ସମସ୍ତ ବ୍ୟକ୍ତିର ଦୁଇଟି କର୍ତ୍ତବ୍ୟ ରହିଛି। ଯଦି ସେ ଦୁଇଟି କର୍ତ୍ତବ୍ୟନିଷ୍ଠାର ସହିତ ପାଳନ କରେ ତେବେ, ସେ ଆଜୀବନ ସୁଖୀହେବ।

ଛଦ୍ମବେଶୀ ରଜା କହିଲେ ସେ ଦୁଇଟି କର୍ତ୍ତବ୍ୟ କଣ? ବ୍ରାହ୍ମଣ ଜଣକ କହିଲେ ଏହି ମୁଁ ଯେଉଁ କରଜ ସୁଝିବା କହିଲି-'ତା ଅର୍ଥ ପିତାମାତାଙ୍କର ସେବା'। କରଜଦେବା ଅର୍ଥ-'ମୋ ପୁତ୍ରପୁତ୍ରୀ ପ୍ରତି ମୋର ସ୍ନେହ, ଯତ୍ନ'। ଏହି ଦୁଇଟି କର୍ତ୍ତବ୍ୟ କରିସାରିବା ପରେ, ମୋତେ ଲ୍‌ଗେ ମୁଁ ବହୁତ ସୁଖୀ। ଏହିଦେଖ ଯେଉଁ କାଠ ଜଳୁଛି ସେ ମୋପାଇଁ ହଜାର ବତୀ ସହ ସମାନ ଏହି ଥାଳ ମୋ ପାଇଁ ସୁନାଥାଳ ସଙ୍ଗେ ସମାନ।

ତେବେ ଏହି ଦୁଇଟି କର୍ତ୍ତବ୍ୟକୁ ଯେ ନିଷ୍ଠାର ସହ ପାଳନ କରିଥାଏ ସେ ଆଜିବନ ସୁଖରେ ରହିଥାଏ। ଏହାହିଁ ବାସ୍ତବ ସୁଖ ପ୍ରଦାନ କରିଥାଏ।

ଗୋଠଦା, ନାଉଗାଁ,
ଜଗତସିଂହପୁର

# ଚରଣ ଧୂଳି



ଅଜୟ କୁମାର ବେହେରା

ଅନ୍ଧାର ଗରଭୁ ଆଲୋକ ଆଡ଼କୁ
ଟାଣି ଥାଏ ସତେ ଯିଏ
ତା ପରି ମହାନ ଜଗତେ କେ ଅଛି
ସ୍ୱୟମ ସେ ଗୁରୁଟିଏ ।୧।

ଭୁଲ ଆଉ ଠିକ ପରଖିବା କଳା
ଶିଖାନ୍ତି ଆମକୁ ଯିଏ
ସେଇ ମହାତ୍ମାଙ୍କୁ ଯେତେ ପ୍ରଶଂସିଲେ
ସତେ କମ ପଡି ଯାଏ ।୨।

ଜୀବନ ନାଆର ନାବିକଟେ ସାଜି
ବତାନ୍ତି ଆମକୁ ଦିଗ
ତାଙ୍କ ଇସାରାରେ ଗିଆନ ଆମର
ହୁଏ ନାହିଁ କେବେ ଭଗ ।୩।

ଚରିତ୍ର ଶିଖାଇ ସଂସ୍କାର ବତାଇ
ଗଢ଼ନ୍ତି ଜୀବନ ଆମ
ଯୁଗ ଯୁଗ ପାଇଁ ତାଙ୍କ ମାର୍ଗଟିଏ
ଆସି ଥାଏ ଆମ କାମ ।୪।

ପିତା ମାତା ସିନା ଜନମ ଦିଅନ୍ତି
କରମ ଦିଅନ୍ତି ଗୁରୁ
ଜୀବନ ଯାତ୍ରାର ପ୍ରକୃତ ଖେଳତ
ହୁଏ ତାଙ୍କଠାରୁ ସୁରୁ।୫।

ଗ୍ଭଲି ଗ୍ଭଲି ପୁଣି ଥକ ବସି ଗଲେ
ସେନେହେ ଦଅନ୍ତି ତୋଳ
ମହାନ ଗୁରୁ ସେ ଲୋଡ଼ା ସବୁବେଳେ
ତାଙ୍କରି ଚରଣ ଧୂଳ।୬।

ମୋରଡ଼ା, ମୟୂରଭଞ୍ଜ

# ଅବିଶ୍ୱାସ



ବୈଷ୍ଣବ ମେହେର

ସମ୍ପର୍କର ବିରାଟ ଅଟ୍ଟାଳିକା...
କ୍ଷଣକେ ଧୂଳିସାତ ହୋଇଯାଏ,
ଯେବେ...
ଅବିଶ୍ୱାସର ସୂକ୍ଷ୍ମ ଝଡ଼...
ବାତ୍ୟାର ରୂପ ନିଏ ।

ଅନ୍ତହୀନ ସମାନ୍ତରାଳ ରେଖାପରି...
ଗ୍ଭଲିଥାଏ ବିକ୍ଷୁବ୍ଧ ଜୀବନ,
ଆଉ...
ଅତୀତର ତର୍ଜମା କରୁଥାଏ ...
ଏଇ ଅଶାନ୍ତ ମନ ।

ଝାପ୍ସା ଝାପ୍ସା କ୍ୟାନଭାସ୍ ରେ...
ପ୍ରତିକୃତି ହୁଏ ଧୂଳିମୟ,
ପୁଣି...
କେହି ଜଣେ କହୁଥାଏ...
ହେ ଅବିଶ୍ୱାସୀ ଭୁଲ୍ କାହାର ।

ଅନ୍ତ ଚେତନା ମୋର...
କରେ ତୀବ୍ର କମ୍ପନ,
କିନ୍ତୁ...
ମନେପଡେ ପୁରୁଣା କଥା...
ସମ୍ପର୍କର ନିବିଡ଼ ବନ୍ଧନ ।

ନିଶ୍ୱାସର ପ୍ରତିଟି ମୁହୂର୍ତ୍ତରେ...
ବିଶ୍ୱାସର ସ୍ରୋତ ଖୋଜେ,
ଆଉ...
ପୁଣିଥରେ ମିଶିଯିବାକୁ ଗ୍ଭହେଁ...
ଶେଷ ନିଶ୍ୱାସ ଯାଏଁ ।

ଗଣ୍ଡାବାହାଲି
ନୂଆପଡା

# ସୌଦାଗର



ସତ୍ୟରଞ୍ଜନ ଘିଓ୍ୱାଲ୍

ଭାବିଥିଲି ତୁମ ପ୍ରେମ କୁ ନେଇ ଗଢିବି
ଏକ ସୁନ୍ଦର ବାସ୍ତବତା ର ସହର,,
ସେଥିପାଇଁ ମନ ଖୋଲି କହିଥିଲି
ତୁମକୁ ଭାବି ମୋ ନଜର......।
ହରାଇବା ଭୟରେ ଥିଲି ମୁଁ ଆଶଙ୍କାରତ,,
ଏଣୁ ଏଭଳ ନଷ୍ଟତି ନେଲି ହୋଇ ମୁଁ ବିବ୍ରତ......।
କନ୍ତୁ ତୁମେ ସେହି ଅଭିମାନୀନୀ ପୁଣ୍ୟବତୀ,,
ତୁମ ମତାମତ କୁ ସମ୍ମାନର ସହ
ମୁଁ ଜଣାଉଛି ମୋର ସହମତି......।
କେତେ ସୁନ୍ଦର ଭାବେ ତୁମେ ବୁଝାଇଦେଲ
ମୋର ଏ ଅବୁଝା ମନକୁ,,
ଜାଣେନା କାହିଁ ତୁମ ମନେ ଭରିରହିଛି
ଏତେ କ୍ରୋଧ ଏ ସମବୟସ୍କ ପ୍ରେମକୁ ......।
ସବୁ ସ୍ମୃତି କୁ ଭୁଲିଯାଇ ଆଜି
ବହିଯିବାକୁ ଚାହେଁ କଛି ଦୂର,,
ସେଥିପାଇଁ ବନିଯିବାକୁ ଯାଉଛି
ମୁଁ ସମୁଦ୍ର ର ସୌଦାଗର...... ।

ଗୋବିନ୍ଦପୁର,, ଢେଙ୍କାନାଳ

# ମହାଭାରତ କଥା..
# (୭)



ନରେନ୍ଦ୍ର ପ୍ରସାଦ ବେହେରା

## ରାଜା ଧୃତରାଷ୍ଟ୍ରଙ୍କୁ ବ୍ୟାସଦେବ ଦିବ୍ୟ ଦୃଷ୍ଟିଶକ୍ତି ପ୍ରଦାନ କରିବା ପାଇଁ କହିଲେ କାହିଁକି ।

ଶ୍ରୀକୃଷ୍ଣଙ୍କ ଶାନ୍ତି ପ୍ରସ୍ତାବକୁ ଦୁର୍ଯ୍ୟୋଧନ ପ୍ରତ୍ୟାଖ୍ୟାନ କରିବା ଫଳରେ ଯୁଦ୍ଧ ବ୍ୟତୀତ ଅନ୍ୟ ବିକଳ୍ପ ପନ୍ଥା କିଛି ନଥିଲା । ସୁତରାଂ ଯୁଦ୍ଧ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାରୁ ସେ ପାଣ୍ଡବମାନଙ୍କୁ ପରାମର୍ଶ ଦେଲେ । ପାଣ୍ଡବମାନଙ୍କର ବନ୍ଧୁ ରାଜାମାନଙ୍କ ନିକଟକୁ ଖବର ପଠାଗଲା । ଏଣେ ଦୁର୍ଯ୍ୟୋଧନ ମଧ୍ୟ ଯୁଦ୍ଧ ନିମନ୍ତେ ଖୁବ୍ ଜୋରସୋରରେ ପ୍ରସ୍ତୁତି ଚଳାଇଲା ଏବଂ ଏଥିରେ ତାକୁ ସହଯୋଗ କରିବାକୁ ବନ୍ଧୁମାନଙ୍କର ସହାୟତା ଲୋଡିଲା । ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ ପକ୍ଷରେ ରହିବେ ବୋଲି ସ୍ଥିର କଲେ । ଏବଂ କୌଣସି ଅସ୍ତ୍ର ଧାରଣ ନ କରି ଅର୍ଜୁନଙ୍କ ରଥରେ ସାରଥୀ ହେବେ ବୋଲି ଜଣାଇ ଦେଲେ । ପିତାମହ ଭୀଷ୍ମ କୌରବମାନଙ୍କ ପକ୍ଷରେ ରହିବେ ବୋଲି ସ୍ଥିର କଲେ । କୌରବମାନଙ୍କ ପକ୍ଷରେ ନାନାପ୍ରକାର ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଅସଂଖ୍ୟ ଶୂରବୀରଙ୍କ ମଧ୍ୟରେ ଯେଉଁସବୁ ମହାରଥୀ ରହିଲେ, ସେମାନଙ୍କ ମଧ୍ୟରେ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ, କର୍ଣ୍ଣ, ଅଶ୍ୱତ୍ଥାମା, ବିକର୍ଣ୍ଣ ଓ ଭୂରିଶ୍ରବା ଅନ୍ୟତମ । ସେହିପରି ପାଣ୍ଡବମାନଙ୍କ ପକ୍ଷରେ ରହିଲେ ଶ୍ରେଷ୍ଠ ଧନୁର୍ଦ୍ଧାରୀ କାଶୀରାଜ, ମହାରଥୀ ଶିଖଣ୍ଡୀ, ଧୃଷ୍ଟଦ୍ୟୁମ୍ନ, ବିରାଟ ରାଜା, ସାତ୍ୟକ, ରାଜା ଦ୍ରୁପଦ, ଦ୍ରୌପଦୀଙ୍କ ପାଞ୍ଚ ପୁତ୍ର, ଅର୍ଜୁନଙ୍କର ଅନ୍ୟତମ ପତ୍ନୀ ସୁଭଦ୍ରାଙ୍କ ପୁତ୍ର ଅଦ୍ୱିତୀୟ ଯୋଦ୍ଧା ଅଭିମନ୍ୟୁ ଏବଂ ଭୀମଙ୍କର ଅନ୍ୟତମ ପତ୍ନୀ ହିଡିମ୍ବାଙ୍କର ପୁତ୍ର ଘଟୋତ୍କଚ । ଉଭୟ ପକ୍ଷର ମହାରଥୀମାନେ ନିଜ ନିଜ ଶଙ୍ଖମାନ ବଜାଇଲେ । ଯୁଦ୍ଧବାଦ୍ୟମାନ ବାଜି ଉଠିଲା । ଏହି ଭୟଙ୍କର ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଲା । ଯୁଦ୍ଧ ଆରମ୍ଭ ହୋଇଯିବାର ଅଳ୍ପ କିଛି ସମୟ ପୂର୍ବରୁ ହସ୍ତିନାପୁର ରାଜପ୍ରାସାଦରେ ଉପସ୍ଥିତ ହେଲେ ମହାମୁନି ବ୍ୟାସଦେବ । ସେ ରାଜା ଧୃତରାଷ୍ଟ୍ରଙ୍କୁ ଡାକି ନେଇ ଗୋପନରେ କହିଲେ, ହେ

ରାଜା, ତୁମ ପୁତ୍ରମାନଙ୍କର ଅନ୍ତିମ ଦଶାର ବେଳ ଆସି ପହଞ୍ଚିଗଲାଣି । କର୍ମର ଫଳ ଭୋଗ କରିବାକୁ ହିଁ ହୋଇଥାଏ । ତୁମର ପୁତ୍ରମୋହ ଏବଂ ଦୁଷ୍ଟପୁତ୍ର ଦୁର୍ଯ୍ୟୋଧନ କୁକାର୍ଯ୍ୟ ଯୋଗୁଁ ଆଜି ଏହି ବିପର୍ଯ୍ୟୟର ସୂତ୍ରପାତ ହୋଇଛି । ସେ ଯାହାହେଉ, ତୁମେ ଯଦି ଏହି ଯୁଦ୍ଧର ଭୟାବହ ଦୃଶ୍ୟ ଦେଖିବାକୁ ଚାହଁ, ତା' ହେଲେ ମୁଁ ତୁମକୁ ଦିବ୍ୟ ଦୃଷ୍ଟିଶକ୍ତି ପ୍ରଦାନ କରିବି ।

ଏହା ଶୁଣି ଅନ୍ଧରାଜା କାତର କଣ୍ଠରେ କହି ଉଠିଲେ, ହେ ମହର୍ଷି, ଏପରି ଏକ ଭୟାବହ ଯୁଦ୍ଧରେ ମୋର ନିଜ ସନ୍ତାନ ଓ ବନ୍ଧୁମାନଙ୍କର ନିଧନର ଦୃଶ୍ୟ ଦେଖିବାକୁ ମୋର ତିଳେ ମାତ୍ର ଇଚ୍ଛା ନାହିଁ । ମୁଁ ଯେଉଁ ଅନ୍ଧକୁ ସେ ଅନ୍ଧ ହୋଇ ରହିବା ଶତଗୁଣ ଭଲ ବରଂ ଏହି ଯୁଦ୍ଧର ବିବରଣୀ ମୁଁ କପରି ଶୁଣିପାରିବି, ତାହା ବତାଇ ଦିଅନ୍ତୁ । ବ୍ୟାସଦେବ କହିଲେ, ହେ ରାଜନ୍ , ତୁମ ରଥର ସାରଥୀ ସଞ୍ଜୟକୁ ମୁଁ ଦୂରଦର୍ଶନ ଓ ଶ୍ରବଣର ଶକ୍ତି ପ୍ରଦାନ କରୁଛି । ସେ ଏହିଠାରେ ତୁମ ସନ୍ନିକଟରେ ବସି ଯୁଦ୍ଧର ସମସ୍ତ ଦୃଶ୍ୟ ବର୍ଣ୍ଣନା କରି ତୁମକୁ ଶୁଣାଇବ । ଏହା ଏକ ଧର୍ମ ଯୁଦ୍ଧ ହେବାକୁ ଯାଉଛି ଏବଂ ଧର୍ମର ଜୟ ସୁନିଶ୍ଚିତ ବୋଲି ଜାଣି ରଖ । ଏହା କହି ମହର୍ଷି ବ୍ୟାସ ଧୃତରାଷ୍ଟ୍ରଙ୍କଠାରୁ ବିଦାୟ ନେଇ ଚାଲିଗଲେ ।

କୁରୁକ୍ଷେତ୍ର ନାମକ ଏକ ବିସ୍ତୀର୍ଣ୍ଣ ପ୍ରାନ୍ତର ଯୁଦ୍ଧର ଆୟୋଜନରେ ମୁଖରିତ ହୋଇ ଉଠିଲା । ଉଭୟ ପକ୍ଷର ମିତ୍ର ରାଜାମାନେ ସେମାନଙ୍କ ସୈନ୍ୟ ସାମନ୍ତ ଧରି ରୁଣ୍ଡ ହେବାରେ ଲାଗିଲେ। ଅସଂଖ୍ୟ ଶିବିର, ହାତୀ, ଘୋଡା ଓ ରଥ ଆଦି କୁରୁକ୍ଷେତ୍ରରେ ସଜ୍ଜିତ ହୋଇ ରହିଥିବାର ଦେଖାଗଲା । ଉଭୟ ପକ୍ଷର ସେନାପତିମାନଙ୍କ ନେତୃତ୍ୱରେ ସୈନ୍ୟମାନେ ଅସ୍ତ୍ରଶସ୍ତ୍ର ସହ ନିଜ ନିଜ ସ୍ଥାନରେ ମୁତୟନ ହୋଇ ରହିଥାନ୍ତି । ଯୁଦ୍ଧବାଦ୍ୟ ଓ ଶଙ୍ଖଧ୍ୱନିରେ ଆକାଶ ପ୍ରକମ୍ପିତ ହୋଇ ଉଠୁଥାଏ । ଯୁଦ୍ଧ ଆରମ୍ଭ ହେବା ଉପରେ । ଅର୍ଜୁନଙ୍କ ରଥର ସାରଥୀ ରୂପେ ଶ୍ରୀକୃଷ୍ଣ ରଥ ଚାଳନା କରୁଥାନ୍ତି । ଅର୍ଜୁନ ତାଙ୍କର ଗାଣ୍ଡିବ ଧନୁ ଧରି ରଥାରୂଢ଼ ହୋଇ ବସିଥାନ୍ତି । ଏହି ସମୟରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ, ସଖା, ଆମ ରଥକୁ ନେଇ ଦୁଇ ସେନାର ମଧ୍ୟଭାଗରେ ରଖ । ମୁଁ ଦେଖେ, କେଉଁମାନଙ୍କ ସହିତ ମୋତେ ଯୁଦ୍ଧ କରିବାକୁ ହେବ । ଅର୍ଜୁନଙ୍କ କହିବା ଅନୁଯାୟୀ ଶ୍ରୀକୃଷ୍ଣ ରଥକୁ ନେଇ ଯୁଦ୍ଧଭୂମିରେ ଦୁଇସେନାଙ୍କ ମଝିରେ ରଖିଲେ । ଅର୍ଜୁନ ନିରୀକ୍ଷଣ କରି ଦେଖିଲେ, ଶତ୍ରୁ ପକ୍ଷରେ ତାଙ୍କ ଭାଇ ବନ୍ଧୁ କୁଟୁମ୍ବ ସମସ୍ତେ ଯୁଦ୍ଧ କରିବା ପାଇଁ ଠିଆ ହୋଇଛନ୍ତି । ଏହାଛଡା ପିତାମହ ଭୀଷ୍ମ ଓ ଗୁରୁ ଦ୍ରୋଣାଚାର୍ଯ୍ୟ ମଧ୍ୟ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୋଇ ରହିଛନ୍ତି । ଏମାନଙ୍କୁ ଦେଖି

ଅର୍ଜୁନଙ୍କର ଶରୀର ଅବଶ ହୋଇ ପଡିଲା ଓ ଦେହ ଥରିବାକୁ ଲାଗିଲା । ତାଙ୍କ ହାତରୁ ଗାଣ୍ଡିବ ଧନୁ ଖସିପଡିଲା । ତାଙ୍କ ଆଖି ଲୁହରେ ଛଳଛଳ ହୋଇ ଉଠିଲା । ସେ ଆଉ ଠିଆ ହୋଇ ରହି ପାରିଲେ ନାହିଁ । ମୁଣ୍ଡରେ ଦୁଇହାତ ଦେଇ ସେ ରଥ ଉପରେ ବସିପଡି ଶୋକାକୋଳ କଣ୍ଠରେ କହିଲେ, ହେ କୃଷ୍ଣ, ମୁଁ ଏ ଯୁଦ୍ଧରେ ଆଦୌ ଅସ୍ତ୍ର ଧରିବି ନାହିଁ । ଯେଉଁମାନଙ୍କୁ ଦେଖୁଛି, ସେମାନେ ସମସ୍ତେ ଆମରି ବନ୍ଧୁ ଓ କୁଟୁମ୍ବ । ଧୃତରାଷ୍ଟ୍ରଙ୍କର ପୁତ୍ରମାନଙ୍କୁ ମୁଁ ମାରିପାରିବି ନାହିଁ କାରଣ ସେମାନେ ମୋ ନିଜ ରକ୍ତ ସମ୍ପର୍କୀୟ କୁଟୁମ୍ବ । ସେମାନଙ୍କୁ ମାରି ମୁଁ ପାପ ଅର୍ଜନ କରିବି ନାହିଁ । ମୋର ବିଜୟ ଲୋଡା ନାହିଁ । ଏହା କହି ଅର୍ଜୁନ ନୀରବ ରହିଲେ । ଅର୍ଜୁନଙ୍କର ଏପରି ବିଚଳିତ ଅବସ୍ଥା ଦେଖି ଶ୍ରୀକୃଷ୍ଣ ବିସ୍ମିତ ହୋଇ କହିଲେ, ହେ ପାର୍ଥ, ଏ ଅସମୟରେ ତୁମର ଏ କି ହୀନ ଦଶା ହେଲା ? ତୁମେ କାପୁରୁଷଙ୍କ ପରି କଥାମାନ କ'ଣ କହୁଛ ? ଯେଉଁ ଅର୍ଜୁନ ଦ୍ରୌପଦୀଙ୍କ ସ୍ୱୟଂବର କାଳରେ ନିଜର ବୀରତ୍ୱ ପ୍ରଦର୍ଶନ କରି ସେଠାରେ ଉପସ୍ଥିତ ଥିବା ରାଜନ୍ୟବର୍ଗଙ୍କୁ ସ୍ତମ୍ଭୀଭୂତ କରି ଦେଇଥିଲେ, ଯେଉଁ ଅର୍ଜୁନ ଏକାକୀ ଯୁଦ୍ଧ କରି ଶତ୍ରୁମାନଙ୍କୁ ପରାସ୍ତ କରିବା ପରେ ରାଜା ବିରାଟଙ୍କର ଗୋଧନକୁ ମୁକୁଳାଇ ଆଣି ପାରିଥିଲେ, ଯେଉଁ ଅର୍ଜୁନ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କର ପଟ୍ଟଶିଷ୍ୟ ରୂପେ ତାଙ୍କଠାରୁ ଅଭିନବ ଯୁଦ୍ଧ କୌଶଳ ଶିକ୍ଷା ପାଇଥିଲେ ଓ ଯେଉଁ ଅର୍ଜୁନ ଦେବାଧିଦେବ ମହାଦେବ ଓ ଦେବରାଜ ଇନ୍ଦ୍ରଙ୍କଠାରୁ ପାଇଥିବା ଦିବ୍ୟା ବଳରେ କ୍ଷଣକ ମଧ୍ୟରେ ଶତ୍ରୁକୁଳକୁ ନିପାତ କରିଦେବା ପାଇଁ ଶକ୍ତି ଅର୍ଜନ କରିଛନ୍ତି, ସେ ପୁଣି ଏ ଘଡିସନ୍ଧି ମୁହୂର୍ତ୍ତରେ ଏପରି ଭୀରୁ ଓ କାପୁରୁଷଙ୍କ ପରି କଥାମାନ କହୁଛନ୍ତି କିପରି ?

କ୍ରମଶଃ....

ସଂଗ୍ରହକାରୀ-ନରେନ୍ଦ୍ର ପ୍ରସାଦ ବେହେରା
ସମ୍ପାଦକ-ମୋ ଅନୁଷ୍ଠାନ, ଆଳଦା, ଖଇରା, ବାଲେଶ୍ୱର

# ଫ୍ରି ଫାୟାର ଖେଳ

ଦେହକୁ ନେବେନ
(ବ୍ୟଙ୍ଗ କଟାକ୍ଷ)



ସରୋଜ କୁମାର ଜେନା

ଆଗ କାଳ ବେଳ ସଙ୍ଗେ କେତେ ଖେଳ
ଗଲାଣି ସବୁ ଉଭେଇ ,
ଖେଳ କୁଦ ଭୁଲି ହୋଇ ସାଙ୍ଗ ମେଳ
ଫ୍ରି ଫାୟାର (ରେ) ସବୁ ବାଇ ।୧।
କରି ଗୁଲି ଖଟି ହୋଇ ପେଟା ପେଟି
ସଙ୍ଗେ ହୋଇ ଲଟା ଲଟି,
ଫ୍ରି ଫାୟର ପାଇଁ କାମ ଦାମ ନାଇଁ
ଖେଳଠି ସବୁ ଏକାଠି ।୨।
ହୋଇ ରାଗ ରଷା କହୁଥାନ୍ତି ଭାଷା
ମାରେ ମାରେ ଗୋଡ଼ା ଗୋଡ଼ା,
କେତେ ଖେଳ ନଶା ଦେଇଣ ପଇସା
ଆଇଡ୍ ଆଣନ୍ତି ଭଡ଼ା ।୩।
ଶୁଣି ହାଲ୍ ଗୁଲ୍ କେବେ ଗାଆଁ ବାଲ୍
ଦେଖି ହୋଇଥାନ୍ତି କାବା,
ଭଲ ଖେଳ ପାଇଁ ରଖନ୍ତି ଲୁଚାଇ
ପାଶେ ପାଉଡର ଡବା ।୪।
ହାତରେ ଲଗାଇ ଖେଳଥାନ୍ତି ଭାଇ
ପଡ଼େନ ଆଖି ପଲକ,
ଖେଳରେ ହାରନ୍ତି ଯଦିଓ ମରନ୍ତି

ଦେଖିବ ତାଙ୍କର ଦୁଃଖ । ୫ ।
ଶୁଣିବେ ନାହିଁ ତାଙ୍କୁ ଯେତେ ଡାକୁ ଡାକୁ
ହୁଏନାହିଁ ତାଙ୍କୁ ଭେକ,
ମୋବାଇଲ୍ ଧରି ଫୁଲ୍ ଗର୍ଜ୍ଜ କରି
ଖେଳୁଥାନ୍ତି ଦିନ ଯାକ । ୬ ।
ଏଥିପାଇଁ ଚନ୍ତା କଲଣି ଭାଇଟା
ଆମ ସାହି ଦାମ ଭାଇ,
ତାର ବୋହୂ ଦୁଇ ହୋଇ ଖେଳ ବାଇ
ରୋଷେଇ କରନ୍ତି ନାହିଁ ।୭ ।
ହୋଇଣ ବାଇଆ ପିଲାଠୁ ଭେଣ୍ଡିଆ
ସର୍ବେ ହେଲେଣି କୋଢ଼ିଆ,
କ୍ଲବଠୁ ପଢ଼ିଆ ନଦୀଠୁ ଗାଡ଼ିଆ
ସବୁଠି ଖେଳ କମିଆ ।୮ ।
କରିବ ପଠନ ସର୍ବେ ଜ୍ଞାନୀ ଜନ
ଦେହକୁ ନେବେନ ଯମା,
ଯଦିଓ ନଥିନ୍ତି ଟିକେ ଭାବିଚନ୍ତି
ମୋତେ କରିଦେବେ କ୍ଷମା ।୯ ।
ଶେଷରେ ପଦଟେ ଲେଖୁଛି ମୁଁ ଚଟେ
ରଖିବ ଏହାକୁ ଧ୍ୟାନ,
ଶାରିରୀକ ଖେଳ ଦିଏ ହିଁ ସୁଫଳ
ଏହାକର ନତିଦିନ । ୧୦ ।

ବାଲିଝରୀ, ନରସିଂହପୁର, କଟକ

# କୋରନା ପାଇଁ ମୋ କଲମରୁ ପଦେ



ବିଷ୍ଣୁପ୍ରିୟା ଦାସ

କର୍ୱୋନା ସ୍ଥିତି ସାଜି ଅଛି ଏମିତି
ବିବେକ ପଡିଛି ବଳ,
ସ୍ୱାର୍ଥ ପର ଲୋ୍କ ର୍ଜୁତି କରିଲେ
ତୋ ଠାରୁ ମୋ ଦୁଃଖ ବଳ।

ମନୁଷ୍ୟ କୁ ମନୁଷ୍ୟ ସ୍ପର୍ଶ କରେନ
ଅନ୍ତର ମଧ୍ୟରେ ଭୟ ,
ପିତାର ବେଦନା ପୁତ୍ର ବୁଝେ ନାହିଁ
କେତେ ସ୍ୱାର୍ଥ ପର କୁହ।

ସମ୍ପର୍କ ର ଡୋର ଦୁର୍ବଳ ହେଉଛି
ସ୍ୱାର୍ଥ ପାଇଁ ଯାହା ଅଛି,
ସ୍ୱାର୍ଥ ସରିଗଲେ ଚହ୍ନା ମୁହଁ ସବୁ
ଅଚହ୍ନା ହୋଇ ଯାଉଛି।

ଭିକାରି କୁ ଭିକ୍ଷା ମିଳୁନାହିଁ ପୁଣି
ଦାତା ସାଜୁଛି ଦାନବ,
ମନୁଷ୍ୟତା ସବୁ ଲୋ୍ପ ପାଇଲ୍ଣି
ପଶୁ ତୁଲ୍ୟ ଏ ମାନବ।

ସୁଖ ବେଳେ ଆସନ୍ତି ଶହେ କୁ ଶହେ
ଦୁଃଖ ରେ ଆସନ୍ତି ଶୂନ୍ୟ,
ଯାହା ହେଉ ଟି କୋରନା ଚହ୍ନାଇ ଲେ୍
ମଣିଷକୁ ଦେଇ ଚୂନ।

ଜିଲ୍ଲା : ଖୋର୍ଦ୍ଧା
ଗ୍ରାମ : ହୀର୍‌ପୁର

# ମନେପଡେ

ଶୁଭଶ୍ରୀ ନାୟକ

ମନେପଡେ ଆଜି ନାଲି କଚ୍ଚା ରାସ୍ତା
ବରଷା କାଦୁଅ ମେଞ୍ଚା,
ଚାଳ ଛପର ର ମାଟି କାନ୍ଥ ପରେ
ଅରୁଆ ଝୋଟି ର ଛିଞ୍ଚା।

ଗାଁ ଆମ୍ବ ତୋଟା ସୁନଅା ପୋଖରୀ
ତୁଠେ ଅବିରତ ଚର୍ଚ୍ଚା,
ନାହିଁ ଆଉ ସେ ଚହଳ ଗହଳ
ଚାରିଆଡ ଦିଶେ ଫର୍ଚ୍ଚା।

ଶୁଭୁନାହିଁ ଆଉ ହରିନାମ ଗୀତ
ଗାଁ ଭାଗବତ ଟୁଙ୍ଗୀ,
ରାତି ରାତି ଏଠି ଗୀତ ନାଚ ଚାଲେ
ଦେଖେଇ ଅନେକ ଭଙ୍ଗୀ।

ଗୋଟି ଗୋଟି ହୋଇ ହଜିଲେଣି ସବୁ
ବାଡ଼ି ଶାଗ ମୁଗ ଚଣା,
ପୁନଅ ପରବ ଥାଇ ଆଉ ନାହିଁ
ସବୁରି ଦରବ କଣା।

ମନେପଡେ ଆଜି ପିଲାଦିନ କଥା
ଗାଁ ର ଅଭୁଲା ବାସ୍ନା,
ଯେତେ ଚାହିଁଲେ ବି ଆଉ କ ମେଣ୍ଟିବ
ଅତୀତର ସେହି ତୃଷ୍ଣା।

ବାଟ ବଦଳଛି ବାଟୋଇ ବି ଆଜି
ଭୂଲିଛି ଗାଁ ର ରାସ୍ତା,
ଜାକଜକମର ଚଳଣି ଆଗରେ
ସମ୍ପର୍କ ସାଜିଛି ଶସ୍ତା।

କାଞ୍ଜିଆପଦା,
ବ୍ଲକ - ନରସିଂହପୁର

# ମୁହୂର୍ତ୍ତ ଗଣନାର ଚକ୍ରବ୍ୟୂହ



ବାଲ୍ମୀକ ନାୟକ

ମୁହୂର୍ତ୍ତ ଏକ ସାଧାରଣ ଶବ୍ଦ। ଯାହାର ଅର୍ଥ ହେଉଛି ସମୟର କଛି ଅଂଶ। କନ୍ତୁ ଆଧାମ୍‌ବାଦୀମାନେ ଯେତେବେଳେ ମୁହୂର୍ତ୍ତ ପୂର୍ବରୁ ଶୁଭ କମ୍ବା ଅଶୁଭ ଶବ୍ଦଟିଏ ଯୋଡି ଦିଅନ୍ତି, ସେତେବେଳେ ମୁହୂର୍ତ୍ତର ଗୁରୁତ୍ୱ ବଢିଯାଏ। ଧର୍ମଭୀରୁ ଜନତା ମୁହୂର୍ତ୍ତର ସାଧାରଣ ଅର୍ଥରୁ ଅସାଧାରଣ ମହତ୍ତ୍ୱ ଖୋଜିବା ପ୍ଲାଇଁ ନଜର ମାନସିକ ଶାନ୍ତି ନଷ୍ଟ କରି ଦିଅନ୍ତି। କାହାରି ମନରେ ପ୍ରଶ୍ନ ଉଠେ ନାହିଁ ଯେ ଶୁଭ ବା ଅଶୁଭ ମୁହୂର୍ତ୍ତର ମାନେ କଅଣ? ଏହାର ଆବଶ୍ୟକତା କେତେ? ଏକା ମୁହୂର୍ତ୍ତରେ ତ ଦୁନଆର ଅନେକ ସୁଘଟଣା ଓ ଦୁର୍ଘଟଣା ଘଟି ଯାଉଛି। ଅର୍ଥାତ୍ ସମସ୍ତ ମୁହୂର୍ତ୍ତ ଶୁଭ ଓ ଅଶୁଭ। ଜୀବଜଗତରେ କେବଳ ମଣିଷ ହିଁ କାହିଁକ ଶୁଭ ଅଶୁଭ ମୁହୁର୍ତ୍ତ ପାଇଁ ଚନ୍ତାଗ୍ରସ୍ତ ରହୁଛି? ମଣିଷ ଜୀବନରେ ଜନ୍ମ, ବିବାହ, ଗୃକରି, ବିଦେଶ ଗମନ, ଗୃହ ପ୍ରବେଶ, ବ୍ୟବସାୟ ଆରମ୍ଭ କରିବା, ନେତାମାନଙ୍କ ଇଲେକସନ ଲଢିବା ଇତ୍ୟାଦି ଅନେକ କାମ ପାଇଁ ଶୁଭ ମୁହୂର୍ତ୍ତ ଖୋଜିବା ଏକ ସାଧାରଣ କଥା। ଶୁଭ ମୁହୂର୍ତ୍ତ ଗଣନା କରି କହିବା ଏକ ନର୍ଦ୍ଦିଷ୍ଟ ପଣ୍ଡିତ ଗୋଷ୍ଠୀଙ୍କ କାମ। ଉଚ୍ଚଶିକ୍ଷା ପ୍ରାପ୍ତ ଜଣେ ଆଇ.ଏ.ଏସ. ଅଫିସର, କଲେଜର ପ୍ରାଧ୍ୟାପକ, ଗବେଷଣାଗାରରେ ଗବେଷଣା କରୁଥିବା ବୈଜ୍ଞାନକ, ଡାକ୍ତର ଶାସ୍ତ୍ରରେ ନପୁଣ ଜଣେ ସଫଳ ଡାକ୍ତର କମ୍ବା ଜଣେ ଜ୍ୟୋର୍ତିବିଜ୍ଞ ବି ଶୁଭ ଅଶୁଭ ମୁହୂର୍ତ୍ତ ଗଣନା କରିପାରିବେନ। କନ୍ତୁ ଜଣେ ମାଟ୍ରିକ ପାସ କରିନଥିବା ବ୍ୟକ୍ତି ବି ପାଞ୍ଜି ବା ପଞ୍ଜାଙ୍ଗ ଅଧ୍ୟୟନ କରି ଶୁଭ ଓ ଅଶୁଭ ମୁହୂର୍ତ୍ତର ଚକ୍ରବ୍ୟୂହ ଭିତରକୁ ସହଜରେ ସମସ୍ତ ଶିକ୍ଷିତ ବ୍ୟକ୍ତିଙ୍କୁ ଠେଲି ଦେଇପାରେ। ଏହା ଏକ ବିଡମ୍ବନା ନୁହେଁ କ? ସମସ୍ତେ ଶୁଭ ମୁହୂର୍ତ୍ତ ଜାଣିବାକୁ ଗୃହାଁନ୍ତି। କେହି ଅଶୁଭ ମୁହୂର୍ତ୍ତ ଜାଣିବାକୁ ଗୃହାଁନ୍ତି ନାହିଁ। ସତେ ଯେମିତି ସମୟର କଛି ଅଂଶ ହିଁ ଶୁଭ, ବାକ ସବୁ ଅଶୁଭ ସମୟ ।

ଆଜିକାଲି ଛୁଆ ଜନ୍ମ କରେଇବା ପାଇଁ ଶୁଭ ମୁହୂର୍ତ୍ତ କହି ଜ୍ୟୋତିଷମାନେ। ପ୍ରାକୃତିକ ଭାବେ ଜନ୍ମ ଗ୍ରହଣ କରିବା ପୂର୍ବରୁ ଡାକ୍ତରମାନେ ମାଆର ପେଟକାଟି ଛୁଆକୁ ଶୁଭ ମୁହୂର୍ତ୍ତରେ ବାହାର କରି ଆଣନ୍ତି। ପ୍ରଶ୍ନ ଉଠୁଛି – ସେହି ଛୁଆମାନେ କଅଣ ସତରେ ତାଙ୍କ ଜୀବନରେ କେବଳ ସଫଳତା ହିଁ ପାଇବେ? ବିବାହ ପାଇଁ ବି ଶୁଭ ମୁହୂର୍ତ୍ତକୁ ଅତିବେଶୀ ଗୁରୁତ୍ୱ ଦିଆଯାଇଥାଏ। ପ୍ରଶ୍ନ ଉଠୁଛି – ଶୁଭ ମୁହୂର୍ତ୍ତରେ ସଂପନ୍ନ କରାଯାଇଥିବା ସମସ୍ତ ବିବାହ କଅଣ ସଫଳ ହେଉଛି?

ସାଧାରଣ ଜନତା ଜାଣନ୍ତି ନାହିଁ ଯେ ଏହି ମୁହୂର୍ତ୍ତ ଗଣନାର ସୂତ୍ରଧର କଏ ଏବଂ କେଉଁଠୁ ଆରମ୍ଭ ହୁଏ? ଭାରତର ଦୁଇ ଗୋଟି ଜାଗାରୁ ପ୍ରତିବର୍ଷ ପଞ୍ଚାଙ୍ଗ ବା ପଞ୍ଜିକା ନାମରେ ଯେଉଁ ପୁସ୍ତକ ପ୍ରକାଶିତ ହୁଏ, ସେହି ପୁସ୍ତକ ଅନୁସାରେ ସମସ୍ତ ପ୍ରକାର କର୍ମକାଣ୍ଡ, ପୂଜାପାଠ ଆରମ୍ଭ ଓ ଶେଷ କରିବାର ସମୟ ନିର୍ଘଣ୍ଟ ନିର୍ଦ୍ଧାରଣ ହୁଏ। ପ୍ରଥମ : ପୁରୀସ୍ଥିତ ଗୋବର୍ଦ୍ଧନ ଧାମରେ ଅବସ୍ଥାନ କରୁଥିବା ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଏବଂ ଦ୍ୱିତୀୟ ଜ୍ୟୋତିଷ ଧାମରେ ଅବସ୍ଥାନ କରୁଥିବା ଶଙ୍କରାଚାର୍ଯ୍ୟ ସ୍ୱରୂପାନନ୍ଦ। ଏହି ଦୁଇ ଶଙ୍କରାଚାର୍ଯ୍ୟଙ୍କ ପ୍ରତ୍ୟେକଟି ବକ୍ତବ୍ୟ ହିନ୍ଦୁଧର୍ମାବଲମ୍ବୀ ମାନଙ୍କ ପାଇଁ ଅକାଟ୍ୟ ବଚନ। ସୂର୍ଯ୍ୟ ଯେଉଁଭଳି କୌଣସି ଦିଗର ଅଧୀନ ନୁହେଁ ବରଂ ସୂର୍ଯ୍ୟ ଯେଉଁ ଦିଗରୁ ଉଦୟ ହେବ ତାହା ହିଁ ପୂର୍ବ ଦିଗ ବୋଲି ମାନ୍ୟ ହେବ, ସେହିଭଳି ଶଙ୍କରାଚାର୍ଯ୍ୟମାନେ କୌଣସି ଧର୍ମର ଅଧୀନ ନୁହଁନ୍ତି, ବରଂ ସେମାନେ ଯାହା ନିର୍ଦ୍ଦେଶ ଦେବେ ତାହା ହିଁ ଧର୍ମବାଣୀ ବୋଲି ମାନ୍ୟ ହେବ। ଏହାର ଉଦାହରଣ ଦେଖନ୍ତୁ: - ୨୦୧୪ ସାଲରେ ପୁରୀର ରଥଯାତ୍ରା ସମୟରେ ଭକ୍ତମାନେ ରଥ ଉପରେ ଚଢି ଶ୍ରୀଜିଉଙ୍କୁ ଛୁଇଁଲେ ମହାପାପ ହେବ ବୋଲି ଶଙ୍କରାଚାର୍ଯ୍ୟ କହିଦେଲେ ଏବଂ ଭକ୍ତଠାରୁ ଶାସକ ପର୍ଯ୍ୟନ୍ତ ସମସ୍ତେ ମୁଣ୍ଡପାତି ମାନିନେଲେ (?)। ଦ୍ୱିତୀୟରେ ଶଙ୍କରାଚାର୍ଯ୍ୟ ସ୍ୱରୂପାନନ୍ଦ ସେହି ବର୍ଷ ଘୋଷଣା କରିଦେଲେ ଶିରିଡି ସାଇବାବାଙ୍କୁ ପୂଜା କରିବା ଆବଶ୍ୟକ ନାହିଁ। ଅବଶ୍ୟ ଧର୍ମଗୁରୁଙ୍କ ଏଇ ନିର୍ଦ୍ଦେଶ ବିରୋଧରେ ସାଇଭକ୍ତମାନେ ତୀବ୍ର ପ୍ରତିବାଦ ଜଣେଇଛନ୍ତି। ଦୁଇ ଦଳର ଭକ୍ତମାନଙ୍କ ଭିତରେ ଭବିଷ୍ୟତରେ କେବେ ସଂଘର୍ଷ ନ ଘଟିବ ସେ କଥା ଗ୍ୟାରେଣ୍ଟି ଦେଇ କହି ହେବନି।

ସମସ୍ତେ ବିନା ତର୍କରେ ଶୁଭ ଓ ଅଶୁଭ ମୁହୂର୍ତ୍ତକୁ ମାନି ପୂଜା ଅନୁଷ୍ଠାନ କରିଥାନ୍ତି। ମଜାକଥା ହେଉଛି ଯେ ଏହି ମୁହୂର୍ତ୍ତର ଗଣନା ଅନୁସାରେ କେତେକ ପର୍ବ, ପର୍ବାଣୀ

ଗୋଟିଏ ଦିନ ବଦଳରେ ଦୁଇଦିନ ପ୍ଲାନ କରିବାପାଇଁ ପାଞ୍ଜିରେ ନିର୍ଦ୍ଦେଶ ରହିଥିବା ଲକ୍ଷ୍ୟକରି ଛତିଶଗଡ ଜିଲ୍ଲାର ମହାସମୁନ୍ଦର ଜଣେ ବରିଷ୍ଠ ଅଧିବକ୍ତା ଜୟନାରାୟଣ ଦୁବେ ଗତ ୨୮.୦୭.୨୦୧୪ ତାରିହରେ କୋର୍ଟ ମାଧ୍ୟମରେ ୪୦ ଗୋଟି ଧାର୍ମିକ ସଂସ୍ଥାକୁ ନୋଟିସ ପଠେଇଦେଲେ। ତାଙ୍କର ଅଭିଯୋଗ ହେଉଛି "ଚଳନ୍ତ ବର୍ଷ" ଅଗଷ୍ଟ ମାସରେ ପଡୁଥିବା ଦୁଇଟି ପର୍ବ ହଲ୍‌ଷଷ୍ଠୀ ଓ ଜନ୍ମାଷ୍ଟମୀକୁ ପାଳନ କରିବାପାଇଁ ଧର୍ମାଚାର୍ଯ୍ୟମାନେ କାହିଁକି ନିର୍ଦ୍ଦେଶ ଦେଇଛନ୍ତି?" ଜୟନାରାୟଣ ୧୯୬୭ ଠାରୁ ୨୦୧୪ ମସିହା ଭିତରେ ପ୍ରକାଶ ପାଇଥିବା ୧୦ କୋଟି ପଞ୍ଜିକାକୁ ଅଧ୍ୟୟନ କରି ପ୍ରମାଣ କରିଛନ୍ତି ଯେ ପଣ୍ଡିତମାନଙ୍କ ଦ୍ୱାରା ପର୍ବପର୍ବାଣୀ ଓ ଶୁଭକାର୍ଯ୍ୟ ପାଇଁ ଗଣନା ଯାଉଥିବା ଶୁଭମୁହୂର୍ତ୍ତ ଗୁଡିକରେ ଅନେକ ବିରୋଧାବାସ ରହିଛି। ଭାରତରେ ପ୍ରଥମଥର ପାଇଁ "ମୁହୂର୍ତ୍ତ" ଗଣନାରେ ରହୁଥିବା ଭିନ୍ନ ଭିନ୍ନ ମତ ଉପରେ ପ୍ରଶ୍ନ ଉଠେଇଛନ୍ତି। ଆମେ ସମସ୍ତେ ବି ଦେଖୁଛୁ ହିନ୍ଦୁ ଧର୍ମର ଅନେକ ପର୍ବ ଦେଶର ବିଭିନ୍ନ ଭାଗରେ ଅଲଗା ଅଲଗା ଦିନ ପାଳନ କରାଯାଉଛି। ହୋଲି ଦିପାବଳି ଉତ୍ତର ଭାରତରେ ଯେଉଁଦିନ ପାଳନ କରାଯାଉଛି, ତାହା ଦକ୍ଷିଣ ଭାରତରରୁ ଦିନେ ଆଗରୁ କିମ୍ବା ଦିନେ ପରେ ପାଳନ କରାଯାଉଛି। ମହାଲକ୍ଷ୍ମୀ ପୂଜା ଉତ୍ତର ଭାରତରେ ଗୁରୁବାର ଦିନ ହେଉଥିବା ସ୍ଥଳେ ଦକ୍ଷିଣ ଭାରତରେ ଶୁକ୍ରବାର ଦିନ ହେଉଛି। ଗୋଟିଏ ପର୍ବକୁ ଦୁଇଦିନ ପାଳନ କରିବା ପଛରେ କଣ କାରଣ ଅଛି, ସେକଥା ଧର୍ମଗୁରୁମାନେ ହିଁ ବୁଝନ୍ତି।

ହେତୁବାଦୀ ମତରେ ମୁହୂର୍ତ୍ତ ଗଣନା ପଛରେ ରହିଛି ଏକ ସୁଚନ୍ତିତ ବ୍ୟବସାୟ ବୁଦ୍ଧି। ଭକ୍ତମାନଙ୍କୁ ବୌଦ୍ଧିକ ପଙ୍ଗୁ କରି, ମାନସିକ ସ୍ତରରେ ଭ୍ରମିତ କରି, ଆର୍ଥିକ ଶୋଷଣ କରିବା ହେଉଛି ଅସଲ ଉଦ୍ଦେଶ୍ୟ। ଏହି ଯୁଗରେ ମୁହୂର୍ତ୍ତ ଗଣନା ଦ୍ୱାରା ବିଭିନ୍ନ ବ୍ୟବସାୟୀ ଓ ଗଣମାଧ୍ୟମକୁ ବି ପ୍ରଚୁର ପରିମାଣରେ ଫାଇଦା ହେଉଛି। ପର୍ବଦିନମାନଙ୍କରେ ଭୌତିକ ବସ୍ତୁଗୁଡିକର ଗଣମାଧ୍ୟମରେ ବିଜ୍ଞାପନ ଦ୍ୱାରା ଯଥେଷ୍ଟ ଫାଇଦା ହେଉଛି। ନିଜର ଜିନିଷ ବିକ୍ରି କରିବାପାଇଁ ବିଜ୍ଞାପନ ଦେବା ଭୁଲ କଥା ନୁହେଁ କିମ୍ବା ସେଥିପାଇଁ କାହାରି ଆପତ୍ତି ରହିବା ଉଚିତ ନୁହେଁ, କିନ୍ତୁ ଏକ ଶୁଭ ମୁହୂର୍ତ୍ତରେ ଅମୁକ ବସ୍ତୁ କିଣିଲେ ସୌଭାଗ୍ୟ ବୃଦ୍ଧି ହେବାର ଭ୍ରମ ବିଜ୍ଞାପନ ନିଶ୍ଚିତ ଭାବେ ଅନ୍ୟାୟ। ବ୍ୟବସାୟୀମାନେ ବି ଜାଣନ୍ତି ଯେ ମୁହୂର୍ତ୍ତର କୌଣସି ପ୍ରଭାବ ନାହିଁ। ଯେ କୌଣସି ମୁହୂର୍ତ୍ତରେ ଜିନିଷ ବିକ୍ରିହେଲେ ତାଙ୍କର ଲାଭ ନିଶ୍ଚିତ। କେବଳ ଅନ୍ଧବିଶ୍ୱାସୀ ଗ୍ରାହକ ଭାବନ୍ତି "ଧନତେରସ" ସମୟରେ ସୁନା ଓ ରୂପା କିଣିଲେ ଆମର ସୌଭାଗ୍ୟ ବୃଦ୍ଧିହେବ।

ବିବାହ ଯୋଗ୍ୟ ଅନେକ ଯୁବକ, ଯୁବତୀ ତାଙ୍କର ଜାତକ ଗଣନାର ଭ୍ରାମକ ତଥ୍ୟ ଯୋଗୁଁ ଠିକ୍ ସମୟରେ ବିବାହ କରିପାରନ୍ତି ନାହିଁ । ଏଇଠି କେବଳ ଅଶିକ୍ଷିତ ନୁହେଁ, ଶିକ୍ଷିତ ବର୍ଗ ବି ଧୋକା ଖାଇଯାନ୍ତି । ସେମାନେ ଗୋଟିଏ ସାଧାରଣ କଥା ବିଚାର କରିବା ଉଚତ୍ ଯେ ଯେଉଁ ଧର୍ମର ଲୋକମାନେ ଜାତକ କଣ ଜାଣନ୍ତି ନାହିଁ; ସେମାନଙ୍କ ଦାମ୍ପତ୍ୟ ଜୀବନ କଣ ସୁଖରେ ଚଳୁନାହିଁ? ଜାତକ ମେଳ କରି ଶୁଭ ମୁହୂର୍ତ୍ତରେ ବିବାହ କରିଥିବା ଦମ୍ପତିଙ୍କ କଣ ବିଚ୍ଛେଦ ଘଟୁନାହିଁ? ବିବାହ ବେଦୀରେ ଅହ୍ୟସୁଲକ୍ଷଣୀ ଆଶୀର୍ବାଦ ପାଇଥିବା କନ୍ୟା କଣ ବୈଧବ୍ୟ ଯନ୍ତ୍ରଣା ଭୋଗ କରୁନାହିଁ?

ଜୟନାରାୟଣ ତାଙ୍କର ଅଭିଯୋଗ ପତ୍ରରେ ଦୁଇଥର ଶୁଭ ମୁହୂର୍ତ୍ତ କାହିଁକି ରହୁଛି, ନ ଲେଖି ମୁହୂର୍ତ୍ତର ଆବଶ୍ୟକତା କାହିଁକି ବୋଲି ପ୍ରଶ୍ନ କରିବା ଉଚତ୍ ଥିଲା । ସମସ୍ତେ ଏହା ସ୍ୱୀକାର କରିବେ ଯେ ବର୍ଷସାରା ପ୍ରତ୍ୟେକ ମୁହୂର୍ତ୍ତରେ ଦେଶର ବିଭିନ୍ନ ସ୍ଥାନରେ ପୂଜା ଆଦି ହେଉଛି । କନ୍ତୁ ନଜ ଅଞ୍ଚଳରେ ରହୁଥିବା ଧର୍ମଗୁରୁ, ପଣ୍ଡିତ ଓ ଜ୍ୟୋତିଷମାନେ ସେହି ଅଞ୍ଚଳର ଲୋକମାନଙ୍କୁ ତାଙ୍କ ଗଣନା ଦ୍ୱାରା ବାହାର କରାଯାଉଥିବା ଶୁଭ ମୁହୂର୍ତ୍ତକୁ ମାନବା ପାଇଁ ବାଧ କରିବା କେତେଦୂର ତର୍କ ସଂଗତ? ଲୋକମାନେ ବୁଝିବା ଉଚତ୍ ଯେ ଯେଉଁ ମୁହୂର୍ତ୍ତଟି ଅଶୁଭ ବୋଲି ଗୋଟିଏ ଧର୍ମର ବ୍ୟକ୍ତି ବିବାହ, ବ୍ରତ, ବିଦେଶ ଗମନ, ଗୃହ ପ୍ରବେଶ ଆଦି ବର୍ଜନ କରୁଛି, ଠିକ୍ ସେହି ମୁହୂର୍ତ୍ତରେ ଅନ୍ୟ ଏକ ଧର୍ମର ମଣିଷ ସବୁ କଛି କରୁଛି ଏବଂ ସପଳ ଜୀବନ ଯାପନ କରୁଛି ।

ଆଉ ଏକ ବୈଜ୍ଞାନକ ତଥ୍ୟ ହେଉଛି – ସମୟର ମାପ, ଦିନ ଓ ମାସର ନାମ କରଣ, କୌଣସି ତଥାକଥିତ ଈଶ୍ୱର କରିନାହାଁନ୍ତି । ମଣିଷମାନେ ହିଁ କରିଛନ୍ତି । ମଣିଷମାନେ ହିଁ କରିଛନ୍ତି । ଗୋଟିଏ ସୌର ବର୍ଷର ୩୬୫ ଦିନ ବା ୫୨ ସପ୍ତାହ ୧୨ ମାସ, ସପ୍ତାହରେ ୭ ଦିନ ଆଦି ଗଣନା ସରିବାପରେ ଯେଉଁଦିନ ସେହି ବିଦ୍ୱାନ ଗୋଷ୍ଠୀ ବସି ଠିକ୍ କଲେ ଯେ ଆଜିର ଦିନକୁ ନାମ ଦେବା ରବିବାର, ତା ପରଦିନ ସୋମବାର, ଏହି କ୍ରମରେ ଶନବାର ଦିନ ୭ ଦିନ ସରିବ । ସେହିଦିନଠାରୁ ଦିନଗୁଡିକର ନାମକରଣ ହୋଇଗଲା । ଧୀରେଧୀରେ ଦୁନଆର ସମସ୍ତ ଦେଶ ସ୍ୱୀକାର କଲେ । ଧରନ୍ତୁ ସେହି ବିଦ୍ୱାନ ଗୋଷ୍ଠୀ ଦ୍ୱିତୀୟ ଦିନଠାରୁ ରବିବାର ଆରମ୍ଭ କରିଥାନ୍ତେ, ତେବେ ଆଜି ଆମେ ଯାହାକୁ ଗୁରୁବାର ବୋଲି ମାନୁଛୁ ତାହା ବୁଧବାର ହୋଇଥାନ୍ତା । ଯଦି ବାର ଗୁଡିକ

ମନୁଷ୍ୟକୃତ ନହୋଇ ଦୈବୀକୃତ ହୋଇଥାନ୍ତା, ତେବେ ଖର୍‍, ବର୍ଷା ଓ ଶୀତ ଋତୁ ଭଳି ଆମେ ଦିନଗୁଡିକର ବି ପ୍ରଭାବ ଅନୁଭବ କରିପାରନ୍ତେ । ଧରନ୍ତୁ, ରବିବାର ଦିନର ସୂର୍ଯ୍ୟ ଆଲୋକ ନାଲିଆ, ସୋମବାର ଦିନ ହଳଦିଆ, ମଙ୍ଗଳବାର ଦିନ ନେଳଆ, ବୁଧବାର ଦିନ ବାଇଗଣୀ, ଗୁରୁବାର ଦିନ ଧଳା, ଶୁକ୍ରବାର ଦିନ ସବୁଜ ଓ ଶନିବାର ଦିନ ଧୂସର ହୋଇଥାନ୍ତା । ତେବେ ଆମକୁ ବାର ଜାଣିବାପାଇଁ କ୍ୟାଲେଣ୍ଡର ଦେଖିବା ଦରକାର ପଡନ୍ତା ନାହିଁ । ସୂର୍ଯ୍ୟ କିରଣର ରଙ୍ଗ ଦେଖି ବାରର ନାମ ଜାଣିପାରନ୍ତେ । ଗୁରୁବାର ଦିନ ଲକ୍ଷ୍ମୀପୂଜା ନକଲେ ଦରିଦ୍ର ହୁଅନ୍ତେ ଏବଂ ଶନିବାର ଦିନ ଶନି ଦେବତାଙ୍କୁ ପୂଜା ନକଲେ ଆମର ସର୍ବନାଶ ହେବା ଉଚିତ୍ ହୁଅନ୍ତା । ପାଠକେ ବିଚାର କରନ୍ତୁ ।

Mob:9482016260

# ଚରନ୍ଦ୍ରା



ରଞ୍ଜନ କୁମାର ଖଣ୍ଡା

ଜନମ ଯଉଠି ମରଣ ସେଇଠି
କରମ ଯେଉଁଠି ଧରମ ସେଇଠି
ସୁଖ ଯେଉଁଠି ଦୁଃଖ ସେଇଠି
ସେଇଠି ଭାଗ୍ୟର ଡୋରି
କଏ ଅବା ଏହି ସରଳ ରେଖାରୁ
ଯିବ ଅବା ଅପସରି ‖

କେହି ରହିନାହିଁ ଅବା ରହିବେ ନାହିଁ
ସବୁଦିନ ହୋଇ ରାଜା
ଦିନା କେତେ ରହି ଓହରି ଆସିବେ
ହେବେ ପୁଣି ସେହି ପ୍ରଜା
ଯଉ ଶାସନରେ ପ୍ରଜା ପାଳୁଥିଲେ
ଦେଖାଇ ଗମ୍ଭୀର ଛାତି
କାହିଁ ଗଲ୍ ଆଜି ସେହି ସମୟ
ନେଲୁ ତୁ ଚର ସମାଧି ‖

ଖାଲି କରି ମନମାନୀ
ନିଜ କଥାରେ ଅଟଳ ରହୁ
ନଶୁଣି କାହାରି ବାଣୀ

ସାହି ସହୋଦର ସମସ୍ତେ ତୋହର
ଭୁଲିଲୁ ଏକଥା ମାନ
ସମସ୍ତଙ୍କ ଠାରୁ ସମ୍ପର୍କ ହରାଇ
ହେଲୁ କାହିଁ ହୀନମାନ ‖

ଦେଖିଲୁ ନାହିଁ ତୁ ଭୁତ ଭବିଷ୍ୟକୁ
ମଣିଲୁ ଶେଷ୍ଠ ଅହଂକାରେ
ବେଳ ତ ଆସିଲ୍ ଶୋଇବା
ପାଇଁରେ ଚରନ୍ଦ୍ରା ରେ ‖

ବଳଦୁଆଁ, ଆନନ୍ଦପୁର, କେନ୍ଦୁଝର

# ବାପା ତୁମେ ଗଲ୍ ପରେ...

ରମେଶ ଚନ୍ଦ୍ର ବେହେରା

ବାପା ତୁମେ ଗଲ୍ ପରେ...
(ମୁଁ) ଜୀଅନ୍ତା ଶବ ଟିଏ ପାଲଟି ଯାଇଛି
ମନର ମନ୍ଦିର ଭୁଶୁଡି ପଡିଛି
କାନ୍ଥ, ବାଡ଼, ସାହି ପଡିଶା
ନୀରବ, ନିସ୍ତବ୍ଧ
ଖାଲି ତୁମ ପ୍ରତିଛବି
ତୁମ ସ୍ମୃତି ମାନେପଡୁଛି
ଅଧୁରା ଲାଗୁଛି ଘରଟି

ବାପା ତୁମେ ଗଲା ପରେ...
ବିରହ ନିଆଁରେ ଜଳୁଛି
ହୃଦୟରେ ସ୍ମୃତି ସବୁ ଗୁପି ହୋଇଛି
ଅଶାର କରଣ ଝାଉଁଳି ଯାଇଛି
କାହାରି ମୁଖରେ
ହସ ଟିକେ ମିଳୁନି
ଆଖିର ଲୁହକୁ
ଓଠର ଦୁଇ ଧାର ପିଇ ଯାଉଛି

ବାପା ତୁମେ ଗଲା ପରେ....
ବାଡ଼ି ବଗିଚାରେ ଶୁଭୁ ନାହିଁ
କଚରି ମିଚରି ଶବ୍ଦ ପକ୍ଷୀର
କୋକିଳର ମଧୁର ସ୍ୱର ବି
ବେସୁରା ଲାଗୁଛି
ଆକାଶରେ ମେଘ ନାହିଁ
ଜହ୍ନରେ ଜୋଛନା ନାହିଁ
ଲାଗୁଛି ଦୁନିଆଟା ସବୁକିଛି
ହରାଇ ଦେଇଛି
ଭାଙ୍ଗି ଯାଇଛି ମୋ ଜୀବନର
ଭିସମାନ ପୋଲଟି

ବାପା ତୁମେ ଗଲା ପରେ....
ସବୁଆଡେ ଖାଲି ଅନ୍ଧାର
ଅଧୁରା ଲାଗୁଛି ଘରଟି
ଶୀତ ସକାଳର କଅଁଳ ଖରା ବି
ଲାଗୁଛି ନିଦାଘ ଗ୍ରୀଷ୍ମ ପରି
ସମସ୍ତ ପଥରେ ବନ୍ଧ ପଡିଛି ମୋ ପାଇଁ
ସରିଗଲା ଆମ ସୁଖ ସମୃଦ୍ଧିର ପଥ
ତଥାପି ମୁଁ ଗର୍ବ କରିବି
ତୁମକୁ, ତୁମ ଆଦର୍ଶକୁ
ତୁମ ମହତପଣିଆ,ପାରଦର୍ଶିତା କୁ
ସାତ ଜନମକୁ ଭୁଲି ପରିବିନି
ବାପା

ବାଟି, ସିମୁଳିଆ, ବାଲେଶ୍ୱର

# ମଧୁସ୍ମିତା ତୁମ ସ୍ମୃତିରେ

ଶୀବାଜି ବାହିନୀପତି(ରାଜା)

ମଧୁସ୍ମିତା ତୁମେ ଶୁଭ ଲଗନରେ
ଯେବେଠୁ ଯାଇଛ ମାତି
ସେବେଠୁ ତୁମରି ଅତୀତ ରାଜାର
ପ୍ରେମକୁ କରିଛ ଇତି ।

ସେ ବଉଳ ପାଟ ସେ ଦୋଳ ମୁକୁଟ
ମୋତେ କଲା ସାତପର
ସଜାଇ ଥିଲିମୁଁ ଯେଉଁ ପୂଜା ପାଇଁ
ବରଣର ଉପହାର ।

ଦିନ ଅସହଜ ରାତିର ଦରଜ
ପ୍ରେମ ମାଗେ ହାତପାତି
ମଧୁସ୍ମିତା ତୁମେ ଶୁଭ ଲଗନରେ
ଯେବେଠୁ ଯାଇଛ ମାତି ।

ହାରି ଯାଇଥିଲେ ଖୁସି ହୋଇଥାନ୍ତି
ମାରି ଦେଇଗଲ ମୋତେ
ଜଳୁଛି ଜଳବି ଅଦେଖା ନିଆଁରେ
ଏଇ ଚଲାବାଟ ସାଥେ ।

ଆଜିବି ଜଳୁଛି ମନ ମନ୍ଦିରରେ
ସପ୍ତମ ଋତୁର ବତୀ
ମଧୁସ୍ମିତା ତୁମେ ଶୁଭ ଲଗନରେ
ଯେବେଠୁ ଯାଇଛ ମାତି।

କେ. ଟି.ଭି. କାର୍ଯ୍ୟାଳୟ
କୁଣ୍ଡିଳୋ, କେରଙ୍ଗ, ଖୋର୍ଦ୍ଧା

# ଫଟୋ

ସବ୍ୟସାଚୀ ସାମନ୍ତରା
ରାମଚନ୍ଦ୍ରପୁର,ବ୍ରହ୍ମପୁର-୧୦
ଫୋନ ନମ୍ବର:-୯୭୭୬୦୫୫୬୩୧



# ଆଞ୍ଚଳିକ

# ବରଷା ର୍ନୀ



ଶେଷଦେବ ପଣ୍ଡା

ଆ ଗୃଲିଆ ବରଷା ର୍ନୀ
ଦେ ବରଷି ମନକେ ଚନହି
ବୁହି ଯଉ ନଦୀ ଝରନାର୍ ପାନ
ପରକୁତି ହଲଉ ସାଗୁଆ କାନ
ମୁଲକ ହଁସା ହଁସୁରେ ଚଷା
ଗୃଷ୍ କରୁ ବେଲକେ ଜାନ ।।

ମେଘ୍ ବିଜଲିର୍ ଲୁକଲୁକାନ
ଇନ୍ଦର୍ ଧନୁଟା ଲୁଭଲୁଭ୍ନ
ସାଧବବହୁର୍ ରଂଗିଲ୍ ଠାନ
ଲ୍ଜ ଲ୍ଜେ ରଂଗି ଯାଏସି ନନୀ
ଜନ୍ ତର୍ର୍ କୁଁଥା କୁହୁର୍
ଜୁଲଜୁଲିଆ ହେସି ଝୁନଝାନ ।।

ବେଂଗ୍ କରୁଛନ୍ କେଁ କଟର୍
ଗୃରହି ଆଡେ କାଦୋ ଲଟରପଟର୍
ଛୁଏ ଉହୁଲଉଛନ୍ କାଗଜ୍ ଡଂଗା
ଖେତ୍ ଗୁସିଆଁର୍ ମନଟା ଗୃଂଗା
ଛତି କଡଡି ହେଂଡୁଆ ଝୁରି
ମନ୍ ହେସି ହୁରଗୁନ ।।

ଖେତଖଲ୍ଥି ଜୁଲକ ଫୁଟେ
କଦମ୍ ଫୁଲର୍ ବାସନା ଛୁଟେ
ଧାଇଁ ଆଏସି ଟୁଡାବୁଡା
ବତରି କରହା ମୁଡାମୁଡା
ଧରସି ଝକେର୍ ସାତଦିନଆଁ
ସୋର୍ ହେସି ଲହର୍ ମନ ।।

ଜୁହାର୍ ହୋ ବୁଆ ଖର୍ତର୍କେ
ମାଖମା ପଛେ କାଦୋ ଚଖଲକେ
ବରଷା ର୍ନର୍ ଅଛେ ମହନ
ଆସ ହୋ ମୋର୍ ଭ୍ଏ ବହନ
ନ କର ଭୁରକୁଟି ବାହାକେ ପିଟି
କରୁଥିମା କାମ୍ କମାନ ।।

ମୁଦଲସର,ପାଟଣାଗଡ,ବଲ୍ଙ୍ଗିର

# ମୁନୁଷ୍ ଜୀବନ୍



ଅମିତ୍ ଭୁଏ

ମୁନୁଷ୍ ଜୀବନ୍ ଦୁଇ ଦିନଆ
ମନେ ରଖିଥା ତୁଇ
ହସି ଖେଲି କଥା ପଦେ ହେଲେ
ମନ୍ ଯାଏଁତା କେଁ ଭରି।

ମନୁଷ ଜିବନ୍ ପାଏନ୍ ଫୁଟ୍ କା
ଏଛେନ୍ ଅଛେ ଆର୍ ଛନେକେ ନାଇଁ
ରାଗ୍ ରିଷ୍ ମି ଦେଇ କରି ଛାଡ଼ି
ମନ୍ କେଁ ସତେ ନରମଲ୍ କରି।

ମୁନୁଷ୍ ଭିତ୍ ରେ ମୁନୁଷ୍ ଦେଖ୍ ବୁ
ନାଇଁ କର୍ ବୁ ତୁଇ ପର୍
ଦୁଃଖ ର୍ ସମିଆ କେ ପାଖେ ଥିବୁ
କରି ନେବୁ ତୁଇ ନଜର୍।

ମୁନୁଷ୍ ଦିହେଁ ଗୁଟେ ରକତ୍
ସବ୍ କୁ ଭାବ୍ ବୁ ନଜର ଲୁକର୍
କାହାର୍ ଦିଆନଆ କାହାକେ ଅଁଟେ
ଭାବର ଦିଆନଆଁ ସବ୍ କେ ଅଁଟେ।

ମାଆଁ ସମଲେଇ କେ ଗୁହାରି କରୁଛେ
ସବେ ଥଉ ଆମେ ଭଏନ୍
ଭାବର୍ ଦଉଡି ବାନ୍ଧି ଦେ ମାଆଁ ଗୋ
ମୁନୁଷ୍ ଜୀବନ୍ ହୋଉ ଧଏନ୍

ଲିଆକାନୀ
ସଇଁନ୍ତଲା, ବଲାଙ୍ଗୀର

# ଆଞ୍ଚଳକ ଗଳ୍ପ-
# "ଗୁନ୍"



ସନ୍ତୋଷ କୁମାର ଅଦାବର

କେଜେ ବାଗିର୍ କାଁକେର୍ ହାଟୁ ଘିନ ଆନଥିଲା ମଏନୁ। ଆଜିର୍ ବେଲା୍ର୍ ପଖାଲ୍‌ଖିଆ ଥି ଖାଏବାର୍ ଲାଗି ବାଲ୍‌ମତୀ ସେଥିରୁ ଦୁଇଟା କାଁକେର୍ ଆନକରି କାଟୁଛେ। ମଏନୁ ଭି ଗାଧିପାଧି ଆସି ବାଲ୍‌ମତୀର୍ ପାସେ ବସିଛେ ।

ବାଲ୍‌ମତୀ ମଏନୁକେ କହୁଛେ,"ହଏ ଗୋ,ସେ ବେଟିଖିଆର୍ କଥା ଜାନଛ?"

ମଏନୁ କହୁଛେ,"ପର୍‌ହର୍ କଥା ଜାନ୍‌ଲେ କାଏଁ କର୍‌ମା ଗା। ମୋର୍ ପେଟ୍ ଡାକ୍‌ଲା ନା। ପଖାଲ୍ ଦୁର୍ ଦେ ତ।ଆଛା,ବେଟିଖିଆର୍ କାଏଁ ହେଇଛେ କହ ତ ?"

ବାଲ୍‌ମତୀ କହୁଛେ,"ବେଟିଖିଆର୍ ଯେନ୍ ଦୁଇଟା ପୁଓ। ବଡ୍ ଟା ତ ଗୁକ୍‌ରି କରି କରି ଦୁଇ ପଏସା କମଉଛେ। ହେଲେ,ତାର୍ ସାନ୍ ପୁଓ ଘୁଡା ମଦୁଆ ହେଇଗଲା ନା। ମଦ୍ ପିଇକରି ବାଟେଘାଟେ ଉଣ୍ଡୁଛେ। କାହାକେ ନାଇଁ ମାନ୍‌ବାର୍ ନା। ହେ ତ ଏଭେ ସୋନ୍‌ପୁର୍ ବସ୍ ଟେସନ୍ ଠାନେ ମୁହୁଁ ଫାଟ୍ ତେଲ୍ ମାଡ୍ ଖାଇଥିଲା। ସୁଧୁରିଯିବା କାଏଁବୋଲି ତାହାକେ ବିହାବର୍‌ପନ୍ ଭି କରିଦେଲେ,ହେଲେ ସେ ଯେନ୍‌ଟା କେ ସେଟା।"

ତେଡ୍‌କର୍ ମଏନୁ କହେସି ବାଲ୍‌ମତୀ କେ,"ଶୁନ୍ ତ ବାଲ୍‌ମତୀ। ହେ ଯେନ୍ କାଁକେର୍ ଦୁଇଟା କାଟୁଛୁ,ଦୁହି ଥିରୁ ଖଁଡେ ଖଁଡେ ଖା ତ।"

ବାଲ୍‌ମତୀ ଦୁହି କାଁକେର୍ ରୁ ଖଁଡେଖଁଡେ ଖାଏସି। ତେହେରୁ କେନ୍ତା ଲାଗ୍‌ଲା କାଁକେର୍ ବୋଲି ମଏନୁ ପଗ୍ଚର୍‌ସି।

ଖଁଡେ ସୁଆଦ୍ ଲାଗ୍‌ଲା ଆରୁ ଖଁଡେ ପିତା ଲାଗ୍‌ଲା ବୋଲି ବାଲ୍‌ମତୀ କହେସି।

ମଏନୁ କହେସି,"କାଁକେର୍ ଯେନ୍ତା ଗୁଟେ ସୁଆଦ୍ ଆରୁ ଗୁଟେ ପିତା ଲାଗ୍‌ସି, ହେନ୍ତା ଇ ଗୁଟେ କୁଟୁମର୍ ଭିନ୍ ଭିନ୍ ମୁନୁଷର୍ ଚଲନ୍, ଗୁନ୍ ,ଆଗ୍ୟର, ବେଭାର୍ ଭି ଭିନ୍ ଭିନ୍ ଥିସି। ନୁନ୍ ଥି ପଡ୍‌ଲେ ଭି ହେ ପିତା କାଁକେର୍ ପିତା ଲାଗ୍‌ବା। ବୁଝ୍‌ଲୁ।"

ମଏନୁର୍ ଉଦାହରନ୍ ଟା ବାଲ୍‌ମତୀର୍ ମନ୍‌କେ ଆଏସି ଆରୁ ସେ ସତ୍ କହୁଛ ଗୋ ବୋଲି ତାର୍ ମୁଡ୍ କେ ହଲେଇ ଦେଇ ପଖାଲ୍ ବାଢ଼ି ଯାଏସି ।

ବଡ଼ କଦଳୀ ପାଲି, ତରଭା, ସୁବର୍ଣ୍ଣପୁର

# ଚଷା ଲକ୍ଷେ ପୁଷା



ଶ୍ୟାମ ସୁନ୍ଦର କୁମ୍ଭାର

ସହଜ୍ ସରଲ୍ ଗ୍ଭଲିଚଳନ୍
ନନ ମନେ ଛନ୍ଦ
ଇ ମାଟି ମୋର୍ ଜନମ୍ କରମ୍
ଇ ମାଏଟ୍ ମୋର୍ ଧନ୍ (୧)
ଖର୍‌, ବର୍ଷା, ଶୀତ୍ କାକର୍
କଛିକେ ନେଇଁ ଖାତର୍
ମୁଡ଼ର୍ ଝାଳକେ ଟୁଡେଁ ମାରି
କ୍ଷେତେ ଫଳାସି ଫସଲ୍ (୨)
ଧାନ୍, ଗହମ୍, ମୁଗ୍, ବିରି
ପାତଲଘଁଟା, ଧନଆ
କୁଶେର୍, କନ୍ଦା, ଆଳୁ, ସାରୁ
କପା, ଛନ୍, କଁରିଆ (୩)
ଗୁଡୁ ମୁଡକେ ନକୁ ନକ୍ସା
ଯାହାକେ ଜେଣ୍ଟା ଦର୍କାର
ସବୁଥିର ମୂଳେ ମୋର୍ ହାତ ଅଛେ
କଏ କରିପାରେ ଅସ୍ୱୀକାର୍ (୪)
କେତେ ଦୁଃଖ୍ ସହି ଗ୍ଭଷ୍ କରେ ହେଲେ
ମାଲିକ୍ ନୁହେ ମୁଇଁ ତାର୍
ମୂଳଦାମ୍ କର୍ ମୋର ହାତେ ନେଇଁ
ଦାମ୍ ଠିକ୍ କରେ ସର୍କାର (୫)

ବଢ଼ି, ମର୍ଡ଼ି, ରୋଗ୍ ପୋକ୍ ଥି
ଖେତି ହେଇଯାଏ ଫସଲ୍
ମୋର୍ ଦୁଃଖ୍ ଦଶା କହେ ନ ଦେଖନ୍
ଲାଗ୍ ରୁଣେ ସର୍ ସର୍ (୬)
ମୋର୍ ପିଲା ନ ପଢ଼ିପାରେ ପାଠ୍
ଅଭାବ୍ ଅନାଟନେ ପଡ଼ି
ଝି ବିହା କଲେ ଉପେ ଚକର୍ ବୁଡ଼େ
ବିକ ଦିଏଁ ଜମିବାଡ଼ି (୭)
ଛପ୍ପା କୁଟି ଜୀବର୍ ପଡିଦାତା ମୁଇଁ
ସବ୍କର ସାହା ଭରସା
ହେଥିର୍ ଲାଗି ମତେ ସଭେ କହେସନ୍
ଚଷା ଲକ୍ଷେ ଜୀବ ପୁଷା ।

ନ.ସନ୍ଧିବାହାଲ, ଥା. ଗାଇସିଲେଟ,
ଜିଲ୍ଲା-ବରଗଡ଼

# ଇଟାଭଟି



ବାଙ୍କାବିହାରି ମହାକୁର

ଦିନାଦୁ ହେଲାନ ନାଇଁ ଦିସ୍'ବାକେ
ଆମର୍ ଗାଆଁ ମକାରୁ
ବାଟର୍ କବାଟ୍'ଥି ତାଲା ଝୁଲେଛେ
ବାରି ହେଉଛେ ନ ଦୁରୁ ।

ଛଅ ପର୍ବନ କୁଟୁମ୍'କେ ସଁଖଲି
ଯାଇଥିବା ବିହାଘର୍
ନଓତା କଏ ଦେଇଥିବା ଭଏଲ୍
ବଁଧୁବାଁଧବ୍ ତାହାର୍ ।

କାମ୍'ବୁତା କରି କୁଟୁମ୍ ଚଲାସି
ନେହେଲେ ତ ଚୁଲି ମେଲା
ଅଭାବ୍ ଭିତ୍'ରେ ଭାବ୍ ରଖିଥିସି
ହୁରୁଦ୍ ତାହାର୍ ଖୁଲା ।

ଫୁର୍'ସତ୍ ବେଲେଁ ଗାଆଁ ଖୁଲି ଆସି
ସମକର୍ ସାଁଗେ ମିଶେ
ପରର୍ ଦୁଖେ ଦୁଖି ସୁଖ୍'ଥି ସୁଖି
ହେଇକରି ସିଏ ହଁସେ ।

ମୋର୍ ହାଲ୍ ଦେଖି ଚଏତୁ କହେଲା
କାନା ଭ୍‌ବୁଛୁ ବୋ ତୁଇ
କାନା ହଜାଲୁ ନ ପାଉଛୁ ବଏଲେ
ନୁର୍'ମା କେଁ ଗୁଲ୍ ଯେଇ ।

କହେଲି ତାକେ ମକାରୁଟା ବୋ ଭ୍‌ଇ
କଆଁଡେ ଯାଇଛେ ଗୁଲି
ଗାଆଁ ମୁଡ୍'ଟା ଶୁନ୍'ସାନ୍ ଲ୍‌ଗୁଛେ
ନ ଶୁଭୁଛେ ଛୁଆ ବୁଲି ।

ଘର୍ ଆଗ୍ଧି ଗଛ୍ ତଲେ ବସିଥିସି
ମକାରୁ ବୁଆ ଟେଁକାରୁ
ଗହଗହ ମନେ ପାସ୍'କେ ଡାକ୍'ସି
ଦେଖ୍'ଲାକେ ଖଁଡେ ଦୁରୁ ।

କହିଥିଲା ବବା ପୁର୍ବନ୍ ବହିଟେ
ଆନଦେବୁ ବୁଆ ଘିନ
ଫୁର୍'ସତ ହେଲେ ପଢ୍'ମି ତାହାକେ
ଅଖର୍ ସବୁ ଚନ୍'ହିଁ ।

ଚଏତୁ କହେଲ୍ ବଡ୍'ଖା ଝିଇକେ
ମାଗିଜାଚ କଲ୍ ବିହା
ଉଧାର୍ ଆନ୍'ଲ୍ ସାହୁକାର୍ ଧନ୍
କଲ୍ ତାକେ ଅଗ୍ନବୁହା ।

ଅଭ୍ବି ଜୀବନ୍ ଦୁଖ୍ ଭର୍ନ ଭର୍ନ
କାହାକେ କର୍ବା ସୁର୍'ତା
ଗୁଟେ ନାଇଁ ସରିଥିବା ଆର୍ ଗୁଟେ
ଦେଇ ଯାଏସି ନଓତା ।

କାହାକେ କହେବା କେନ୍'ତା କର୍'ବା
ହେଇ ହେଇ ହୁର୍'ଗୁନ
ଲ୍ଗ୍ ସୁଝା ସାଁଗେ ସଁସାର୍ ଜଁଜାଲ୍
କୁଟୁମ୍ ପୁଷ୍'ବା ଫେନ ।

ଆଏଉପେ କଛି ନାଇଁ ପାଇ ସିଏ
ମୁଁଡ୍'କେ ଦେଇଛେ ବିକ
ଗାଆଁ ମାଆଁ ଭୁଲି ଆନ୍ଧ୍ରକେ ଯାଇଛେ
କାମ୍ କରି ଇଟାଭ୍ଟି ।

ବୁରୁବୁଡା, ବୀରମହାରାଜପୁର, ସୁବର୍ଣ୍ଣପୁର

# ଝୁମ୍'ର ଭଂଗ୍' ଅଧ୍'ରତି



ମନୋଜ ମହାନଂଦ

ତୋର୍ ହଁସି,ତୋର୍ ଖୁସି,
ତୋର୍ ଗୁରୀ ଫକ୍'ଫକା ଚେହେର୍,
ଘାରୁଛେ ହମିଶା ପିର୍'ତି ନଶା
ଅଧ୍'ରତି ଭଂଗୁଛେ ଝୁମୁର୍ ||
ଝୁମ୍'ର ଭଂଗ୍'ଲେ ସପନ୍ ଭଂଗୁଛେ
ଚଡ୍'ମଡେଇ ହେଇ ଉଠୁଛେଁ,
ଆଁଖ୍ ରେମ୍'ଡି ରେମ୍'ଡି ଦେଖୁଛେଁ
ଗୁର୍'ହିକୁଡିକେ ଖଁରେଇ,
ବିଲ୍ ବିଲି ଅଂଧାର୍ ଝଁକ୍'ରଲ୍ ରତି
ଉଭି ଯାଇଥିସୁ ତୁଇ ||
ବନେ ଘଡେ ଯାଏକ୍
ଗାଲେ ହାତ୍'ଦେଇ
ଘୁମ୍'ଖାଇ ବସ୍'ସିଁ
ମୁହୁଁକେ ଉଲ୍'ମେଇ ||
ହେତୁ କର୍'ସିଁ ଦେଖ୍'ଲ୍ ସପନ୍ କେ
ଯେନ୍'ତା ହିସାବେ ଦେଖିଥିସିଁ ତତେ,
ଭାବ୍'ସିଁ ମନେ ମନେ
ଇ ସପନ୍ ଭରମ୍ ହେବାକେଁ ପୂରନ୍
ଆଶାର୍ ନଏଦେ ଭାଁସୁଛେ ଯେତେ ||

ବାଗଯୋର, ସଇଁତଲ୍, ବଲାଂଗିର

# ଆମର୍ ପୂର୍ଖା କଥା

ପ୍ରମୋଦ କୁମାର ସାହୁ

ପୁଆଲ୍ ଗୁଟେଇ ବେଁଟ୍ ମାରି କେତେ
ବଡ୍ ବଡ୍ ବାନ୍ଧୁଥିଲେ ଉଲିହା ପୁର୍
ମହାଲକ୍ଷି କେଡେ ଯତ୍ ନେ ରହି
ଦିସ୍ ସନ୍ ପଏର୍ଛା ଧୋପ୍ ଫୁର୍ ପୁର୍ ।୧।

ହଲ୍ ଗାଡ଼ି ନେ ଜୁର୍ ରେଇ ଲୁଦ୍ ରେ ଖତ୍
ଖେତ୍ କେ ନଅନ୍ ବିଛି
କଟ ପତଙ୍ଗ ଆଘୋ ନାଇଁ ଲ୍ଗ୍ ବାର୍ ଧନେ
ଇ ସାର୍ ଆଏଲା ଦିନୁ ହଉଛେ ବେସି ।୨।

ପଲ୍ ରୂଆ ବେଲର୍ ହାଲିଆ ଗୀତ୍
ପାଗ୍ ଡି ମାରି ନଙ୍ଗଲ୍ କଏଁ ଟ୍ କେ ଧରି
ଶୁନ୍ ବା ଲ୍ଗି ଧାଇଁ ଯାଉଥିଲି ମୁଇଁ
ଶୁନୁଥାଏ ବସି ବୁଢ୍ହାଖେତର୍ ଆରି ।୩।

ସିକା ଭ୍ର୍, ବହନା, କୁଲ୍, କୁର୍ଲା, ଛେର୍ନା ଥି
କରୁଥିଲେ କେତେ କବାର୍
କୋଦୋ ଗୁର୍ଜି ମଡିଆ ମଉଲ୍ ଟୋଲ୍ କଷା ପିତା ଖାଇ
ନାଇଁ ହଉଥାର୍ ରେ୍ଗ୍ ବେମାର୍ ।୪।

ଠେକ ଗଦ୍ ର୍ ସରେଇ କାଚ
ରଖୁଥିଲେ ଯତନ୍ କରି
ମାଏଟ୍ କୁଣର୍ ଫୁଲି ଭିତ୍ ରେ ବଏଠା ଜାଲି
ର୍ଏତ୍ ଜଉଥିଲ୍ ସରି ।୫।

ବନା ଚନ୍ଦା ରତା ମାଟିର୍ କୁଣେ
ଭୁଇଁ ଖର୍ସି ନୁଡା ସର୍କା ଦେଇ
ମାଟି ମୁଡ୍ ଛଡ଼େଇ ଖାରେ କପ୍ ଟା କେ
ରେତି କାଚ କରି ଦିଆନ୍ ପଏର୍ଛା ଧୁଇ ।୬।

ଖେତ୍ ଖଲ୍ ନେ ମଗ୍ନ ମାରି କରି
ଜୁଏ ବେଟୁଆଁ ଗୁଟେ ରଖି
ଭୁତ୍ ପ୍ରେତ୍ କେ ନାଇଁ ନା ମୋର୍ ଡର୍
ମର୍ ମାନ୍ ମଶାନ୍ ଅଛନ୍ ଜୁଗି ।୭।

ଧାନ୍ କାଟି କରି ଗ୍ଲେଗ୍ଲେ ଦେଇ ଦେଲେ
ପଟ୍ ତା ଗୁଟେ କବାର୍
କାର୍ତ୍ତିକ୍ ମାଷେ ନାଇଁ ଦଉ ଗ୍ଲେଗ୍ଲେ
ମାଷର୍ ଭିତ୍ ର ରେ କାର୍ତିକ୍ ମାଷ୍ ଟା ସାର୍ ।୮।

ଦେହେ ମୁଡ୍ ଗୁଡ୍ ହାତେ ବନା ଗୁଦେଇ
ବେକେ ପାଞ୍ଜ୍ ପନ୍ଥିଆ ଖବ୍ ଲ୍ ମାଲି
ହାତ୍ ବାହେଠି ନାକେ ନାକ୍ ଡଣି
କନ୍ଥିଆଁ ବନ୍ଧି ଆଁ ସାଙ୍ଗେ ଖୁଷା ନେ ମଲି ।୯।

ଠଟା ପିଠାନେ ଜମେନ୍ ଭେଲି ଖଣେ
ଫଲ୍ ସା ପତ୍ ରେ ଅଙ୍ଗ୍ ଗ୍ ଦେଇ
କୁଟୁମ୍ବ ବସିଆ ଜାକ ଠାନ୍ କେ ବସି
ଖାଏସନ୍ ସଭେ ଗିର୍ ଦା ହେଇ ।୧୦।

ଅଙ୍ଗ୍ ଛି ପିନ୍ଧି କନ୍ଧେ ଗାମ୍ ଛା ପକେଇ
ମୋର୍ ଅଜା ମୁଢୋଶାଲେ ହେଇ ଠିଆ
ହୁରୁଦ୍ ଫଟା ହେଇ ମାଁ ଝି କାନ୍ଦ୍ ସନ୍
ଗଣା ବଜା ସାଙ୍ଗେ ଫୁକ୍ ଲେ ମୂହୁରୀଆ ।୧୧।

# ଜଙ୍ଗ୍'ଲି ହାତୀ ଗଲେନ ମାତୀ



ଆନନ୍ଦ ସାହୁ

ମୁନୁଷ୍ ଦଉଛେ ଜଙ୍ଗଲ୍ କେ କାଟି
ବନଉଛେ ଘର୍ କୋଠା
କେତ୍'ନ କେତେ ଖୁସ୍ ହେଇକରି
ମାଏଁଜିକେ ପିନ୍ଧଉଛେ ମଠା ।।

ଜଙ୍ଗଲ୍ ହେଇ ଆର୍ ଜଙ୍ଗଲ୍ ନାଇଁ ନ
ମୁନୁଷ୍ ଦଉଛେ ସବୁ ଜାଲି
ଗଛ୍ ଖୁଟ୍ ଆର୍ ଦେଖା ନାଇଁ ନ
ଜଙ୍ଗଲ୍ ସବୁ ଗଲ୍ନ ଭୁସ୍'ଲି ।।

ଜଙ୍ଗ୍'ଲି ହାତୀ ଗଲେନ ମାତୀ
ଗାଁ ଗଣାକେ ସବ୍ ମୁହାଲେ
ଘର୍ ଦୁଆର୍ ସବୁ ଭଙ୍ଗିକରି
ମୁନୁଷ୍ କେ ମଜା ଚଖାଲେ ।।

ମୁନୁଷ୍ ଭଗୁଛେ ବାଏର୍ ଟରି
ରଡୁଛେ ବୁଆ ମରିଗଲ୍ନହୋ
ଗାଁ ଗଣାକେ ସମ୍'ଲେନ ହାତୀ
ଡାକ୍ ପଡୁଛେ ମାଁ ବୁଆ ହୋ ।।

ସିଲେଟପର୍, ସଇଁନ୍ତଲା
ଜି-ବଲାଙ୍ଗୀର

# କବିତା

ସତ୍ୟନାରାୟଣ ମିଶ୍ର

ମୁଡି ଆଷାଢ଼୍
ଘିଡି ଘିଡି କରି ମେଘ୍ ଆସଲା
ଦରଲୋ ଦର୍ଲ୍‌ଓ ବର୍ଷି ଦେଲା,
ବିଜିଲି ଚକ୍ ଚକ୍
କେଁ କଟ କଟ ବେଙ୍ଗ ରଡି କେ
ଡାକୁଚେ ଦେଖ ଡହ କ୍ ।

ସଁ ସଁ ମାରେ ହେମାଲ୍ ଧୂକା
ଲିମ ପଡୁଛେ ଟୁପା ଟୁପା,
ଗଛେ ଝୁଲୁଛେ ଧମନା
ବାମିନ ସାପ ଲହର ଝପର୍
କଏରି ବେଚ୍ଛୁ ମଲର ମଲର୍
ମୁଡି ଅସାଢ଼େ ଗୀତ ଗାଉଛେ ମଏ ନା ।

ମଜୁର୍ ନାଚେ ମେଘ କେ ଦେଖି
ଖରଡ଼ିଆ ଗୁଡା ଦୁହୁଲୁ ଥିସି,
ସେମେଲ୍ ପତର୍
ପା ଆଁ ଲେ ।
ଉଛୁନା ତଲେ ଚଟିଆ ଜୁଲି
ପାନ ଫୁଟକା ଗନ କରି
କଚର୍ ମିଚୀର୍ ସୁରେ ତାଲେ ତାଲେ ।

ଝେ ଝେ ଝେ ବତରି କରା
ଉକଆ ଦେଖି ଉଛେଇ ମଲା
ମଲ ମଲ୍ ପାଟ ପନଆଁ
ଲାଲ ଗଲ ଗଲ ସାଧବ ବହ
ମାଖାନ ଡିର ବା ହେ ଲା ଲହ
ଶାଗ୍ ମିଲୁଛେ ଚେଚ ସୁନଶୁନଆଁ ।

ଟୋଲ ପାଚ କରି ପଡୁଛେ ଗଛର୍ ତଲେ
ଉଦାମାଟି ମହ ମହ ହେଇ କହଁରେ ।
ଶାଗୁଆ କପଟା ଗୁରେଇ ହେଇ
ମୁଡି ଆଷାଢେ ପୁର୍ଥୀ ରାନୀ  ନଉଛେ ମନ ମୁହି

ସିଂଧେକେଲା ବଲାଙ୍ଗୀର

# ହେଲମେଟ

ଗୁପ୍ତେଶ୍ୱର ନନ୍ଦ

ଗୁଟେ ଗାଁ ନୁ ପିଲ୍ ଜୁଡେ ସହରକେ ବୁଲି ବାହାରସନ । ଝନକର ନାଁ କଁଗାଲୁ ଆର ଟାର ନାଁ ଟେଁଗନୁ । ଟେଁଗନୁ ତାର ମଟର ସାଏକେଲଟା ଚଲଉଥାଏ । ଆର କଁଗାଲୁ ଗାଡିର ପଛେ ବସିଥାଏ । ଗାଡିର ଭୁଜନ ଫାଲର ଦରପନେ ହେଲମେଟ ଟା ଓଲ୍ ହେଇଥାଏ ।

ଖଁଡେ ବାଟ ଗଲ୍ ଉତରୁ କଁଗାଲୁ କହେସି, ହବୋ ହେଲମେଟ ଟା ଓଲେଇଛୁ ଯାହା ପିନ୍ଧିନେତୁ ବଏଲେ ନାଇଁ ହେତା କାଏଁ । ଜାନୁଛୁ ତ ଆଏଜକାଲ ବାଟେ ଘାଟେ କେତେ କଥା । ଇତାର କଥା ଶୁନକରି ଟେଁଗନୁ କହେସି ମୁଇଁ ଦଶ୍ ବଛର ହେଲ୍‌ନ ଗାଡି ଚଲଉଛେଁ । ଇତାର ଦରକାର ନ ପଡେ। ଖାଲି ଯାହା ଚେକଂ ହେଲେ ଦେଖାମି ବଲି ଧରିଥିସିଁ । ଦୁରିଆ ବାଟ ଗଲେ ସାଁଗେ ନେସିଁ । କଁଗାଲୁ ତୁମ ପଡସି , ଆର ଇତାକେ ବୁଝେଇ ନ ହୁଏ ଭାବସି ।

ଯାଉଥାନ ଯାଉଥାନ ଆର ବାଟେ ଦେଖସନ ଲୋକ ଉବଡି ହେଇଛନ । ପାଖେ ଗାଡି ଅଟକାସନ। ପାଶକେ ଯାଇକରି ଦେଖସନ ପିଲ୍‌ଟେ ମଟର ସାଏକେଲ ନୁ ପଡିକରି ବନେ ଫାଲେ ମୁଡ ଫାଟିଯାଇଛେ ।

ଇ ପିଲ୍ ହେଲମେଟ ପିନ୍ଧିଥିଲେ ଏନ୍ତା ନାଇଁ ହେଇଥିତା ବଲି ସେନର ଲୋକ କୁହାକୁହି ହେଉଥିସନ । ଇ କଥା ଶୁନକରି ଟେଁଗନୁ କଁଗାଲୁର ମୁହୁଁକେ ଭକଭକ ଦେଖୁଥାଏ । ତାର ମୁହୁଁ ଥୁ ବାରି ହେଇ ପଡୁଥାଏ ଯେ ସେ କଁଗାଲୁର କଥାକେ ଏହେଦେ ବୁଝିପାରିଛେ ବଲି ।

ଶଙ୍କଗ୍, ବିନକା, ସୁବର୍ଣ୍ଣପୁର

# ଝୁମ୍'ର ଭାଂଗ୍' ଅଧ୍'ରାତି



ମନୋଜ ମହାନଂଦ

ତୋର୍ ହସି, ତୋର୍ ଖୁସି,
ତୋର୍ ଗୁରୀ ଫକ୍'ଫକା ଚେହେରା,
ଘାରୁଛେ ହମିଶା ପିର୍'ତି ନଶା
ଅଧ୍'ରାତି ଭାଂଗୁଛେ ଝୁମୁର ||
ଝୁମ୍'ର ଭାଂଗ୍'ଲେ ସପନ୍ ଭାଂଗୁଛେ
ଚଡ୍'ମଡେଇ ହେଇ ଉଠୁଛେଁ,
ଆଁଖ୍ ରେମ୍'ଡି ରେମ୍'ଡି ଦେଖୁଛେଁ
ଘର୍'ହିକୁତିକେ ଖଁରେଇ,
ବିଲ୍ ବିଲି ଅଂଧାର୍ ଝଁକ୍'ରାଲ ରାତି
ଉଭି ଯାଇଥିସୁ ତୁଇ ||
ବନେ ଘଡେ ଯାଏକ୍
ଗାଲେ ହାତ୍'ଦେଇ
ଘୁମ୍'ଖାଇ ବସ୍'ସିଁ
ମୁହୁଁକେ ଉଲ୍'ମେଇ ||
ହେତୁ କର୍'ସିଁ ଦେଖ୍'ଲ ସପନ୍ କେ
ଯେନ୍'ତା ହିସାବେ ଦେଖିଥିସିଁ ତତେ,
ଭାବ୍'ସିଁ ମନେ ମନେ
ଇ ସପନ୍ ଭରମ୍ ହେବାକେଁ ପୂରନ୍
ଆଶାର୍ ନଏଦେ ଭାଁସୁଛେ ଯେତେ ||

ବାଗଯୋର,ସଇଁତଲ,ବଲାଂଗିର

# ଶିଶୁ ବିଭାଗ



# ଅଁଳା ଗଛର ପୂଜା



ଡ଼ଃ ରଞ୍ଜିତ କୁମାର ସାହୁ

ଆଜି ଅଁଳା ନବମୀ । ବୋଉ, ଖୁଡ଼ୀ ଆଉ ଆଖ ପାଖରେ ମହିଳା ମାନେ ସବୁ ବାଡ଼ିଆଡେ ଜମାଟ ହେଇଛନ୍ତି । କେତେ କଣ ସବୁ ରୋଷେଇ ହେଇଛି ଆଉ ତାହା ସହ ଫଳ ମୂଳ ସବୁ ପୂଜା ପାଇଁ ପ୍ରସ୍ତୁତ ହେଇଛି । ସିଲୁ ଅନେଇ ବସିଛି କେତେବେଳକୁ ପୂଜା ସରିବ ଆଉ ତାକୁ ଖାଇବାକୁ ମିଳିବ । ପ୍ରତି ବର୍ଷ ଘରେ କାର୍ତ୍ତିକ ମାସରେ ଅଁଳା ନବମୀ ପାଳନ ହୁଏ । ପିଲାଟି ଦିନରୁ ଦେଖି ଆସିଛି ସିଲୁ, ଜେଜେମା ସେହି ଗଛ ତଳେ ପୂଜା କରିବାର ଅଅଁଳା ନବମୀ ଦିନ । ଏଥର ଜେଜେମା ଟିକିଏ ଅସୁସ୍ଥ ଅଛନ୍ତି ତେଣୁ ବୋଉ ଆଉ ଖୁଡି ମିଶିକି ପୂଜା କରିବେ । ସିଲୁ ବସିକି ଜେଜେମାଙ୍କ ଠାରୁ କାହାଣୀ ଶୁଣୁଛି ।

"ଗାଆଁରେ ପୂର୍ବରୁ ପ୍ରାୟ ସବୁ ଘରେ ଏହି ପୂଜା ହେଉଥିଲା କିନ୍ତୁ ଧୀରେ ଧୀରେ ଏହି ପ୍ରଥା ଲୋପ ପାଇଗଲାଣି । ଲୋକମାନେ ଆଉ ଗଛ ପତ୍ରକୁ ସମ୍ମାନ ଦେଉ ନାହାନ୍ତି ଯାହା ଆମ ପରମ୍ପରାରେ ଅଛି । ଆମର ପାରମ୍ପାରିକ ପର୍ବ ପର୍ବାଣି ପ୍ରକୃତି ସହିତ ନିବିଡ଼ ଭାବରେ ଜଡିତ ଏବଂ ବିଭିନ୍ନ ପଶୁ ପକ୍ଷୀ ବୃକ୍ଷଲତାକୁ ମହତ୍ୱ ଦେଇଥାଏ । ସମସ୍ତେ ଆଜି କାଲି ବାଡ଼ିରେ ବିଭିନ୍ନ ଉନ୍ନତ କିସମର ଫଳ ଗଛ ସବୁ ଲଗେଲେଣି, ବିଦେଶୀ ଫଳଗଛ ଲଗେଇଲେଣି, କିନ୍ତୁ ଅଁଳା ଗଛକୁ ଆଉ କେହି ଏତେ ମହତ୍ୱ ଦେଉ ନାହାନ୍ତି । କିନ୍ତୁ ଆମ ବାଡ଼ିରେ ଥିବାରୁ ସମସ୍ତେ ଆସି ପୂଜା କରି ପାରୁଛନ୍ତି, ଜେଜେମା କହିଲେ ।

"ହଁ, ପଡିଶା ଘରର ଶୁକୁଟି ଆଇ କହୁଥିଲେ, କେମିତି ସିଏ ପୂର୍ବରୁ ତାଙ୍କ ବାଡ଼ିରେ ଥିବା ଗଛ ମୂଳେ ପୂଜା କରୁଥିଲେ, ଏବେ ସେ ଗଛ ନାହିଁ ତେଣୁ ତାଙ୍କୁ ବହୁତ ଦୁଃଖ ଲାଗୁଛି । ସିଏ କହୁଥିଲେ ତାଙ୍କ ବାଡିରୁ ଅଁଳା ଝଡିଲେ ତାକୁ ଶୁଖେଇକି ମୁଣ୍ଡ ଧୋଇବା ଲାଗି ଚୂର୍ଣ୍ଣ କରୁଥିଲେ ଏବଂ ସେଥି ଯୋଗୁଁ ତାଙ୍କର କେଶ ବହୁତ ସୁନ୍ଦର ଆଉ ମଜବୁତ ହେଇ ରହୁଥିଲା," ସିଲୁ କହିଲା ।

"ହଁ, ଅଁଳା ଗୋଟିଏ ଫଳ ଯାହାର ଅନେକ ପ୍ରୟୋଗ ଅଛି ଆମ ଜୀବନରେ । ଏହାକୁ ଆୟୁର୍ବେଦରେ ଅନେକ ପ୍ରକାରରେ ବ୍ୟବହାର କରାଯାଏ ଏବଂ ତ୍ରିଫଳା ଚୂର୍ଣ୍ଣରେ ଏବଂ ଚ୍ୟବନପ୍ରାସରେ ଏହା ଅନିବାର୍ଯ୍ୟ ଅଂଶ । ଏଥିରେ ପ୍ରଚୁର ଭିଟାମିନ ସି ଅଛି ଏବଂ ଅନ୍ୟ ଗୁଣକାରୀ ତତ୍ୱ ଏବଂ ତନ୍ତୁ ଅଛି । ଲୋକେ ଏହାର ଜୁସ ମଧ୍ୟ ପିଅନ୍ତି ଏବଂ ଏହାକୁ ଆଗ୍ରହର ଆଉ ମୁରବା କରିକି ଖାଆନ୍ତି । ଅଳ୍ପ ଯତ୍ନରେ ବଢି ପାରୁଥିବା ଗଛ ମଧ୍ୟରୁ ଅଁଳା ଅନ୍ୟତମ," ଜେଜେମା କହିଲେ ।

"କିନ୍ତୁ ମୋତେ ଅଅଁଳା ପିତା ଲାଗେ," ସିଲୁ କହିଲା ।

"ପିତା ନୁହେଁ କଷା । କଷା ସ୍ୱାଦର ପ୍ରତୀକ ହେଲା ଅଁଳା ଯେମିତି କଲରା ଆଉ ନିମ୍ବ ପିତା ସ୍ୱାଦର ପ୍ରତୀକ ଆଉ ମହୁ ମିଠା ସ୍ୱାଦର," ଜେଜେମା କହିଲେ ।

"ଓଃ ମୁଁ ଜାଣି ନଥିଲି, ଏହି ବିଷୟରେ ଖାଲି ଶୁଣିଥିଲି କଷା ବୋଲି ଗୋଟିଏ ସ୍ୱାଦ ଅଛି, ଏବେ ଜାଣିଲି ତାହାର ଅର୍ଥ କଣ," ସିଲୁ କହିଲା ।

"କିନ୍ତୁ ମୁଁ କେବେ ଅଁଳାର ଫୁଲ ତ ଦେଖିନି?" ସିଲୁ କହିଲା ।

"ତାହା ବହୁତ ଛୋଟ ତେଣୁ ତୁ ଦେଖି ପାରୁନୁ ଆଉ ଉପରେ ହେଉଛି, କିନ୍ତୁ ପେନ୍ଥା ପେନ୍ଥା ହୋଇକି ହୋଇଥାଏ " ଜେଜେମା କହିଲେ ।

"କିନ୍ତୁ ଅଁଳା ଗଛକୁ କାହିଁକି ପୂଜା କରୁଛନ୍ତି ଆଉ ତାହା ମଧ୍ୟ ଆଜି?" ସିଲୁ ପଚାରିଲା ।

"ଗଛ  ପୂଜା କରିବା ଦ୍ୱାରା  ସେଗୁଡିକକୁ କଟା ଯାଏ ନାହିଁ ଏବଂ  ସଂରକ୍ଷିତ ହୁଏ l ଏହା ଏକ କାରଣ ହୋଇପାରେ l ଅଁଳା ପତ୍ର ଝଡି ମାଟିକୁ ଉର୍ବର କରେ ତେଣୁ ଏକ ପ୍ରକାର ପରିବେଶ ମଧ୍ୟ ଉପକୃତ ହୁଏ l କୁହାଯାଏ ଅଁଳା ପତ୍ର ମୂଳେ ମାଆ  ମହାଲକ୍ଷ୍ମୀ ଉଭୟ ପ୍ରଭୁ ବିଷ୍ଣୁ ଆଉ ପ୍ରଭୁ ଶିବଙ୍କୁ ଖାଇବାକୁ ପରଷି  ଥିଲେ l ଆଉ ଆଜିର ଦିନରେ ପ୍ରଭୁ ଶ୍ରୀକୃଷ୍ଣ ମଥୁରା ବିଜୟ ଲାଗି ବାହାରି ଥିଲେ  l ତେଣୁ ଆଜିର ଦିନଟି ପରିବାରର  ଆଉ ବିଶ୍ୱର  ମଙ୍ଗଳ ପାଇଁ କାମନା କରିକ ଏହି ପୂଜା କରା ଯାଏ l"

"ଓଃ, ତାହା ହେଲେ ଆମର ପର୍ବ ପର୍ବାଣି ସବୁ ଏମିତି ଜଡିତ ହେଇଛି ବୃକ୍ଷ ଲତା ସହିତ ଆଉ ଏହି ପର୍ବ ପର୍ବାଣି ଦ୍ୱାରା ଆମେ ପରିବେଶକୁ ମଧ୍ୟ ଆଦରି ପାରୁଛୁ," ସିଲୁ କହିଲା  l

"ତୁ ଭାବିଲୁ ଯଦି ଏହି ଅଁଳା ଗଛ ନଥାଆନ୍ତା ଆମେ କଣ ଏତେ ସୁବିଧାରେ ଏହି ଆଚାର, ମୁଣ୍ଡ ଧୁଆ ଚୂର୍ଣ, ତ୍ରିଫଳା ଘରେ ତିଆରି କରି ପାରିଥାଆନ୍ତେ? ସେଥିପାଇଁ ମୁଁ ସେ ହରିଡ଼ା ଆଉ ବାହଡା ଗଛକୁ ମଧ୍ୟ ରଖିଛି l ଆଜିକାଲି ଅଁଳାର ମହତ୍ୱ ବୁଝିପାରି ଅନେକ ଉନ୍ନତ କସମର ଅଁଳା ଗଛ ସବୁ ସୃଷ୍ଟି ହେଇଛି ଯେଉଁଥିରୁ ଅଧିକ ଫଳ ଆଉ ଭଲ କସମର ଫଳ ଉତ୍ପାଦନ ହେଇ ପାରୁଛି ବୋଲି ତୋ ର ବାପା କହୁଥି  l ମୁଁ କହିଛି ମୋ ପାଇଁ ସେଥିରୁ ଦୁଇଟା ଆଣି ଦେବାକୁ l କନ୍ତୁ ଏହି ଗଛ ରଖିବି, ଏଇଟା ମୋର ଶାଶୁଙ୍କର ଅମଳରୁ ଅଛି " ଜେଜେମା କହିଲେ  l

"ତୁମେ କେତେ ଭଲ ଲୋକ ଜେଜେମା, " ସିଲୁ କହିଲେ  l

"ହଉ, ଆଉ ବେଶୀ ତେଲ ମାରିବା ଦରକାର ନାହିଁ  l ଅଁଳା  ବିଷୟରେ ଯଦି ଆଉ କଛି ଜାଣିବାକୁ  ଚାହୁଁଛୁ ବସିକ ପଢ଼େ,  ଯେ ଯାଏଁ ପୂଜା ସରିନ l"

"ମୋତେ ଭୋକ ଲାଗୁଛି, ମୁଁ ଯାଉଛି ତୁମେ କରିଥିବା ସେ ଅଁଳା ମୁରବା ରୁ ଦୁଇଟା ଖାଇ ଦିଏ ପୂଜା ସରିବା  ଯାଏଁ," ସିଲୁ କହିଲା l ଜେଜେମା ହସିଲେ l

ଯୁକ୍ତରାଷ୍ଟ୍ର ଆମେରିକା

# ଗୁଣ୍ଡିଚା ଯାତେ



ବିଜୟ କୁମାର ଛାଟୋଇ

କଳାଠାକୁର କାଳଆ ଦିଅଁ
ନନ୍ଦିଘୋଷରେ ଗଲେ,
ବଡ଼ଭାଇର ତାଳଧ୍ୱଜ ବି
ଘିଇଡ଼ି ଘିଡ଼ି ଚାଲେ ।୧ ।

ସୁଦରଶନ ସୁଭଦ୍ରା ମାଆ
ଦେବଦଳନେ ବସି,
ଗୁଣ୍ଡିଚାବାଡ଼ି ଯିବେ ବୋଲିକା
ସରାଗେ ହସ ହସି ।୨ ।

ମାଉସୀମାଆ ଚାହିଁଛି ବସି
ବଳଗଣ୍ଡିର ଛକେ,
ସରାଗେ ପିଠା ତିଆରି କରି
ସାଇତି ଅଛି ଥାକେ ।୩ ।

ଆସିଲେ ମୋର ପିଲାଏ ତିନ
ପରଶିଦେବି ହାତେ,
ଆଜି କ ଭାଗ୍ୟ ମୋହରି ହେଲା
ମୁଁ ଥିବି ତାଙ୍କ ସାଥେ ।୪ ।

ଗରବେ ଆଜି ବଡ଼ଦାଣ୍ଡଟି
ମେଲାଇ ତାର ଛାତି,
ତିନିରଥର ପାଦରଧୂଳ
ଶରୀରେ ଦିଏ ମାଠି ।୫ ।

ରଥ କହୁଛି ମୁହିଁ ତ ଧନ୍ୟ
ପଥ କହୁଛି ମୁହିଁ,
ଆକାଶ କହେ ହେଲି ମୁଁ ଧନ୍ୟ
ରଥକୁ ଦେଇ ଛୁଇଁ ।୬ ।

ପବନ କହେ ଜୀବନ ଧନ୍ୟ
କାଳଆ କାମେ ପୁରି,
ବରଷା କହେ ଭାଗ୍ୟରେ ଥିଲେ
ଆସିବା ସିନା ପୁରୀ ।୭ ।

ଭକତ କହେ କ ପାପ କଲି
ଏ ସାଲେ ଗଲିନାହିଁ,
କାଳକରୋନା ଥମିବା କଥା
ନାଆଁ ଧରୁନ କାହିଁ ।୮ ।

ଭକତ ଦୁଃଖ ଦେଖି କାଳଆ
ମନରେ ଖେଦ ଆଣି,
ଗୁଣ୍ଡିଚା ଯାତେ ବିରସ ମନେ
ଆଖିରୁ ଛୁଟେ ପାଣି ।୯ ।

ମହୁର, ପୁରୀ

# ଇନ୍ଦ୍ରଧନୁ



ସରୋଜ କୁମାର ସାହୁ

ବରଷା ହେଲେ ଆକାଶ କୋଳେ
ଦିଶଇ ଇନ୍ଦ୍ରଧନୁ
ସାତରଙ୍ଗରେ ଗଢା ସେଇଟି
ଶୁଣିଛି ପିଲାଦିନୁ ।
ବାଘନଶହନାଲ୍ ତାର
ସହଜ ଅଟେ ନାମ
ପ୍ରକୃତ ଅଟେ ଧବଳ ରଙ୍ଗ
ଦିଶଇ ଖାଲି ଭ୍ରମ ।
ପାଖରେ ଦେଖି ନାଚ ବୁଲନ୍ତି
ସଭିଏ କୁନପିଲା
ହାତ ବଢେଇ ତୋଳବା ପାଇଁ
ହୁଅନ୍ତି ଠେଲାପେଲା ।
ରୂପ ତା ଦେଖି ଗଛଡାଳରେ
ମୟୂର ଉଠେ ନାଚ
ଆହାଶସାରି ଶୋଭି ବଢାଏ
ରଙ୍ଗ ଆଣିଛି ବାଛି ।
ନଦୀ ସାଗର ଗଭୀର ଜଳୁ
ଶୋଷି ନଅଇ ପାଣି
ଖରାତାପରେ ଶୁଖିଲେ ମାଟି
ଗଛ ଆଣଇ ଟାଣି ।

ଆଠଗଡ, କଟକ

# ଜାତୀୟ ପତାକା



ଅମୂଲ୍ୟ କୁମାର ପଣ୍ଡା

ତିନ ରଙ୍ଗର ଏ ଜାତୀୟ ପତାକା
ଅକାଶରେ ଉଡେ ଦେଖ
ସେହି ପତାକାଟି ଜାତିର ଗରବ
ରଖିବା ତାହାର ଟେକ ।

ନାରଙ୍ଗୀ ରଙ୍ଗଟି ଉପରେ ରହିଛି
ବୀରର ବାରତା ଦିଏ
ତାକୁ ଦେଖି ମଥା ଉପରକୁ ଉଠେ
ଜନ ମନ ଟାଣି ନଏ ।

ଧଳା ରଙ୍ଗ ମଧ୍ୟ ଭାଗରେ ରହିଛି
ଶାନ୍ତି ଓ ଅହିଂସା ପାଇଁ
ଗରବରେ ଛାତି ଫୁଲି ଉଠେ ଆମ
ନୟନରେ ତାକୁ ଚାହିଁ ।

ସବୁଜ ରଙ୍ଗଟି ତଳ ଭାଗେ ରହି
ମମତା ବନ୍ଧନେ ଟାଣେ
ଜାତି ଧରମର ଭେଦ ଭାବ କାଟି
ଭାଇଚାରା ଭାବ ଆଣେ ।



ଧଳା ରଙ୍ଗ ମଧ୍ୟେ ଅଶୋକ ଚକ୍ରଟି
ପ୍ରଗତିର ଅଟେ ଶୋଭା
ଚବିଶ ଅଖର ଧର୍ମର ଚକ୍ରଟି
ଆହା କେଡେ ମନୋଲୋଭା ।

ଆକାଶ ବକ୍ଷରେ ତ୍ରିରଙ୍ଗା ପତାକା
ଉଡୁଥିଲେ ଫରଫର
ସତ୍ୟ ଓ ସାହାସ ଧର୍ଯ୍ୟର ପ୍ରତୀକ
ନଥିବ କାହାକୁ ଡର ।

ଅରଙ୍ଗାବାଦ, ବରୀ, ଯାଜପୁର

# ଭାରତ ମାତାର ଜୟ



ମୀନାକ୍ଷି ପାଢ଼ୀ

ଭାରତ ମାଆର ସନ୍ତାନ ଆମେ
ଏକ ପ୍ରାଣ ଏକ ମନ,
କଣ୍ଠରେ ଆମ ଉଲ୍ଲାସ ଭରା
ଭାରତର ଜୟଗାନ।

ହିମାଳୟ ଠାରୁ କୁମାରୀକା ଯାଏ
ଶୁଭେ ଏକତାର ସୁର,
ଅଖଣ୍ଡ ରହିଛି ରହିବ ଅମର
ଧରଣୀରେ ନାମ ତା'ର।

ଗଉରବ ତା'ର ଅକ୍ଷୟ କୀରତି
ଅଭୁଲା ଅଲିଭା କଥା,
ଗଗନେ ପବନେ ଶୁଭେ ଦଶ ଦିଶେ
ଅତୀତ ଗରବ ଗାଥା ।

କେତେ ସୁର ,ବୀର, ମହାତ୍ମା ,ମହାନ
ସ୍ୱାଧୀନତା ଦେଲେ ଆଣି,
ଭୁଲିନ ଏ ମାଟି ସେ ବିଜୟ ବେଳା
ଅହିଂସାର ମହାବାଣୀ।

ଆମ ଭାରତର ଶାସନ ରଥରେ
ଆମେରେ ସାରଥୀ ସାଜି,
ଚାଲିଛୁ ଚାଲିବୁ ସମୃଦ୍ଧି ପଥେ
ତିରଙ୍ଗା ଉଡ଼ାଇ ଆଜି ।

ହାତ ଟେକ ଆମେ ଦେବୁନାହିଁ
ମାଆ ଇଜ୍ଜତ, ସନମାନ,
କଟିଲେ ବି ମଥା କରୁଥିବୁ ଉଚ୍ଚେ
ଭାରତର ଜୟଗାନ।

ଚକଟୀ, ଗଞ୍ଜାମ

# ପ୍ରକୃତି ପଥ ଓ ଟୁନ



ନୀଳମାଧବ ସାହୁ

ବହୁତ ଦିନରୁ ଟୁନ ମନରେ ଏକ ପ୍ରଶ୍ନ ଉଙ୍କି ମାରୁଥାଏ, କାରଣ ସେ ସବୁବେଳେ ତା' ଅଜାଙ୍କୁ ସକାଳୁ ଉଠି ବାଡ଼ିଟିଏ ଧରି ପ୍ରକୃତି ପଥ ବା ନେଚର ଟ୍ରେଲ ଆଡକୁ ଯିବାର ଦେଖେ ।" ଅଜା, ସେହି ପ୍ରକୃତି ପଥରେ ଏମିତି କ'ଣ ଅଛି ଯେ ପାଖ ପଡିଆକୁ ନ ଯାଇ ତୁମେ ସେଠାକୁ ସବୁବେଳେ ପ୍ରାତଃ ଭ୍ରମଣରେ ଯାଅ ?" ଟୁନ ଦିନେ ଅଜାଙ୍କୁ ପ୍ରଶ୍ନ କଲା ।" ତୁ ବି ମୋ ସାଙ୍ଗରେ ପ୍ରାତଃ ଭ୍ରମଣରେ ଆସେ, ପ୍ରକୃତି ପଥର ମଜା ଓ ଉପକାରିତା ବିଷୟରେ ଜାଣିବୁ", ଟୁନକୁ ତା' ଅଜା ଉତ୍ତର ଦେଲେ । ଟୁନ ତ ସବୁଦିନ ଯାଇପାରିବ ନାହିଁ, ସକାଳୁ ବିଦ୍ୟାଳୟ ଚାଲିଯାଏ । ତେଣୁ ସେ ସବୁ ରବିବାର ଦିନ ଅଜାଙ୍କ ସହ ପ୍ରାତଃ ଭ୍ରମଣ ଯିବ ବୋଲି ସ୍ଥିର କରି ଅଜାଙ୍କୁ ଜଣାଇଦେଲା ।

ରବିବାର ଦିନ ଟୁନ ଶୀଘ୍ର ନିଦରୁ ଉଠି ପ୍ରାତଃଭ୍ରମଣରେ ଯିବା ପାଇଁ ଅଜାଙ୍କୁ ଅପେକ୍ଷା କରିଥାଏ । ଅଜା ଟୁନର ଆଗ୍ରହ ଦେଖି ଖୁସି ହେଲେ । ତା' ପରେ ଦୁହେଁ ମିଶି ପ୍ରକୃତି ପଥ ପଟେ ଆଗେଇଲେ । ଟୁନ ରାସ୍ତା ସାରା ଅଜାଙ୍କ ସହ ଗପି ଗପି ଯାଉଥାଏ, ବହୁତ ସାରା ପ୍ରଶ୍ନ ବି କରୁଥାଏ ଓ ଅଜା ମଧ୍ୟ ତା'ର ଉତ୍ତର ଦେଉଥାନ୍ତି ।



ପ୍ରକୃତିର ସବୁଜିମାରେ ଟୁନ ମୁଗ୍ଧ ହେଲା । ସେହି ପ୍ରକୃତି ପଥରେ ବିଭିନ୍ନ ଗଛଲତା ସହ ଛୋଟ ପ୍ରଜାପତି, ସଂବାଳୁଆ ଠାରୁ ଆରମ୍ଭ କରି ପକ୍ଷୀ ଓ ଅନ୍ୟ ଜୀବଜନ୍ତୁ ମଧ୍ୟ ଦେଖିଲା । ଟୁନ ସବୁ ଜୀବଜନ୍ତୁ ଓ ଗଛଲତାର ନାମ ଜାଣିନଥିଲା ଓ ତା' ଅଜାଙ୍କୁ ଗୋଟି ଗୋଟି କରି ପଚାରୁଥିଲା । ଅଜା ବି ସବୁଥିର ପରିଚୟ ଜଣାଉଥିଲେ । ଟୁନକୁ ପ୍ରକୃତି ପଥରେ ପ୍ରଥମ ରବିବାର ସବୁ ନୂଆଁ ନୂଆଁ ଲାଗିଲା । ଅଜା ଯାହା ସବୁର ପରିଚୟ କରାଇଥିଲେ ଟୁନ ଘରକୁ ଆସି ଅଧା ଭୁଲି ଯାଇଥିଲା । ତେଣୁ ସେ ପର ରବିବାରରେ ଛୋଟ ଖାତା ଓ କଲମ ନେଇ ଯାହା ଦେଖିବ ତାହାକୁ ଖାତାରେ ଟିପିବ ବୋଲି ସ୍ଥିର କଲା ।

ତା' ପରଠୁ ସବୁ ରବିବାରରେ ପ୍ରକୃତି ପଥରେ ଯାହା ଦେଖୁଥିଲା ଖାତାରେ ଲେଖୁଥିଲା | ଅଜା ଏଥିରେ ସହଯୋଗ କରୁଥିଲେ | ଦୁହେଁ ଅଜା ଓ ନାତୁଣୀ ଟୁନର ପ୍ରକୃତି ପଥରେ ଯାଇ ପ୍ରକୃତି ମଧ୍ୟରେ ସମୟ ବିତାଇବା ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା | ଏହିପରି ବହୁତ ଗୁଡିଏ ରବିବାର ଅତିକ୍ରମ ହେଲା | ବର୍ଷ ଶେଷରେ ମୋଟାମୋଟି ଭାବରେ ୪୦ ପ୍ରକାରର ଗଛଲତା, ୫୦ ପ୍ରକାରର ଚଢେଇ, ବହୁତ ଗୁଡିଏ ପ୍ରଜାପତି ଓ ଅନ୍ୟ ଜୀବଜନ୍ତୁର ତାଲିକା ପ୍ରସ୍ତୁତ କରିଦେଇଥିଲା | ପ୍ରକୃତି ମଧ୍ୟରେ ସପ୍ତାହରେ ଗୋଟିଏ ଦିନ ରହି ବି, ଟୁନ ପ୍ରକୃତି ଓ ପରିବେଶ ବିଷୟରେ ବହୁତ କିଛି ଶିକ୍ଷା କଲା ଓ ଜାଣିଲା |

ଦିନେ ସେହି ରାସ୍ତାରେ ଟୁନର ଶିକ୍ଷକଙ୍କ ସହ ଦେଖାହୁଏ | ଟୁନ ଦେଖୁ ଦେଖୁ ଦୁଇହାତକୁ ଯୋଡି ଶିକ୍ଷକଙ୍କୁ ସମ୍ମାନ ଜଣାଇଲା | "ଏପଟେ କୁଆଡେ ଆସିଛୁ", ଶିକ୍ଷକ ଟୁନକୁ ପଚାରିଲେ | ଟୁନ ପ୍ରକୃତି ପଥ କଥା କହିଲା ଓ ସେ ପ୍ରସ୍ତୁତ କରିଥବା ବିଭିନ୍ନ ଗଛଲତା ଓ ଜୀବଜନ୍ତୁର ତାଲିକା ଶିକ୍ଷକଙ୍କୁ ଦେଖାଇଲା | ଶିକ୍ଷକ ଟୁନର ପ୍ରକୃତି ପ୍ରତି ଆଗ୍ରହ ଓ ଆବେଗ ଦେଖି ସାଧୁବାଦ ଜଣେଇଲେ ଓ ଏହି ପ୍ରକ୍ରିୟା ସବୁବେଳେ ଜାରିରଖିବାକୁ କହିଲେ|

ତା'ପର ଦିନ ବିଦ୍ୟାଳୟରେ ବିଜ୍ଞାନ ପ୍ରୋଜେକ୍ଟ ବିଷୟ ପାଇଁ ଆଲୋଚନା ଚାଲିଥାଏ | ଶିକ୍ଷକ ସବୁ ପିଲାଙ୍କୁ କେତୋଟି ଦଳରେ ପରିଣତ କଲେ ଓ ଦଳ ହିସାବରେ ବିଦ୍ୟାଳୟରେ ଥିବା ସବୁ ଗଛଲତା, ଚଢେଇ ଓ ପ୍ରଜାପତିର ତାଲିକା ଓ ଚିତ୍ର ପ୍ରସ୍ତୁତ କରିବାକୁ କହିଲେ| ଏଥିପାଇଁ ସେ ସବୁ ଦଳକୁ ଦୁଇ ମାସର ସମୟ ଦେଲେ | ସବୁ ଦଳକୁ ଶିକ୍ଷକ ସହଯୋଗ କରୁଥାନ୍ତି ଯେପରି କାହାକୁ ପ୍ରଜେକ୍ଟରେ ଅସୁବିଧା ନ ହୁଏ |

ଟୁନ ତା' ଦଳରେ ମୁଖ୍ୟ ଭୂମିକା ନେଲା, ଗଛ, ପକ୍ଷୀ ଓ ପ୍ରଜାପତି ଇତ୍ୟାଦି ବହୁତ ସହଜରେ ଚହ୍ନି ପାରୁଥିଲା | ପ୍ରକୃତି ପଥର ଅନୁଭୂତି ତା' ପାଇଁ ପ୍ରୋଜେକ୍ଟ କାମ ସହଜ କରିଦେଲା | ଟୁନ ଚଢେଇ ଓ ପ୍ରଜାପତିର ବହୁତ ସୁନ୍ଦର ଚନ୍ଦ୍ର ଅଙ୍କିବା ବି ଶିଖିଗଲା | ତା' ପରଠୁ ଯେବେ ବି ଖାଲି ସମୟ ପାଏ ତାହାକୁ ଚନ୍ଦ୍ର ଅଙ୍କିବାରେ ନିୟୋଜିତ କରିଥାଏ | ଏ ଭିତରେ ସମସ୍ତଙ୍କ ପ୍ରୋଜେକ୍ଟ ସାରି ଶିକ୍ଷକଙ୍କୁ ଦେଖାଇଲେ | ଶିକ୍ଷକ ପିଲାମାନଙ୍କ ସବୁ କାମକୁ ଦେଖି ଖୁସି ହେଲେ ଓ ପ୍ରକୃତିର ସଂରକ୍ଷଣ ପାଇଁ ଉତ୍ସାହିତ କରାଇଲେ | ସମସ୍ତଙ୍କ ପ୍ରୋଜେକ୍ଟ ରିପୋର୍ଟ ମଧ୍ୟରୁ ଟୁନର ରିପୋର୍ଟ ବହୁତ ଭଲ ଓ ଉଚ୍ଚ କୋଟିର ହୋଇଥିଲା | ତେଣୁ ଶିକ୍ଷକ ଟୁନ ଓ ତା' ଦଳକୁ ପୁରସ୍କୃତ କରାଇଲେ | ଶେଷରେ ଶିକ୍ଷକ, ପ୍ରକୃତି ପଥ ଓ ବିଦ୍ୟାଳୟ ପାଖରେ ଥିବା ଗଛଲତା ଓ ଜୀବଜନ୍ତୁର ଉପକାରିତା ବିଷୟରେ ସମସ୍ତଙ୍କୁ ଅବଗତ କରାଇଲେ |




ମୁଖ୍ୟତଃ ସହରାଂଚଳରେ ଜଙ୍ଗଲର ପରିମାଣ କମ ଥାଏ, ତେଣୁ ଖାଲିସ୍ଥାନରେ ସବୁଜିମା ପାଇଁ ବିଭିନ୍ନ ପ୍ରକାରର ଗଛଲତା ଲଗାଯାଇ ସ୍ଥାନୀୟ ଲୋକମାନଙ୍କୁ ପ୍ରକୃତିର ଉପଭୋଗ

କରିବାକୁ ପାଦ ଚଲା ରାସ୍ତା ବି ତିଆରି କରାଯାଇଥାଏ | ଏହାଦ୍ୱାରା ସହରରେ ଥିବା ଜୀବଜନ୍ତୁ ଓ ପକ୍ଷୀମାନଙ୍କ ପାଇଁ ବାସସ୍ଥାନ ବି ମିଳଯାଏ | ଜୈବ ବିବିଧତାର ମଧ୍ୟ ସଂରକ୍ଷଣ ହୁଏ | ଗଛଲତା ମଧ୍ୟରେ ଫଳ ଓ ଔଷଧୀୟ ପ୍ରଜାତି ମନୁଷ୍ୟମାନଙ୍କ ଉପଯୋଗୀ ହୋଇଥାଏ | କୀଟପତଙ୍ଗ (ଯେପରିକ ପ୍ରଜାପତି, ମହୁମାଛି) ଓ ପକ୍ଷୀମାନଙ୍କୁ ବି ଖାଦ୍ୟ ଓ ବାସସ୍ଥାନ ମିଳଯାଏ | ଏହା ସହିତ କେତେକ ସରୀସୃପ (ସାପ, ଏଣ୍ଡୁଅ, ବିଭିନ୍ନ ଝିଟିପିଟି ପ୍ରଜାତି) ଓ ଛୋଟ ସ୍ତନ୍ୟପାୟୀ ଜୀବ (ବାଦୁଡ଼ି, ଗୁଣ୍ଡୁଚ, ମୂଷା, ନେଉଳ, ଓ ବଣଭୁଆ ଇତ୍ୟାଦି) ମଧ୍ୟ ଦେଖିବାକୁ ମିଳଥାଏ | ସହରରେ ଲୋକମାନଙ୍କୁ ପ୍ରକୃତି ସହିତ ଯୋଡିବାର ଏକ ଭଲ ମାଧ୍ୟମ ପ୍ରକୃତି ପଥ ଅଟେ ବୋଲି ଶିକ୍ଷକ ସବୁ ଛାତ୍ରଛାତ୍ରୀମାନଙ୍କୁ ଜଣାଇଲେ | ସବୁ ସହରାଞ୍ଚଳରେ ଏହିପରି ପ୍ରକୃତି ପଥ କଲେ କେମତି ହୁଅନ୍ତା ବୋଲି ଟୁନ ଶିକ୍ଷକଙ୍କୁ ପଚାରିଲା | ଶିକ୍ଷକ ବି ଉତ୍ତର ଦେଲେ ଯେ ଏହିପରି ପ୍ରକୃତି ଦ୍ୱାରା ସହରର ଜୀବଜନ୍ତୁଙ୍କ ସଂରକ୍ଷଣ ସହ ଲୋକମାନଙ୍କ ପ୍ରକୃତି ଓ ପରିବେଶ ପ୍ରତି ସଚେତନତା ବୃଦ୍ଧି ପାଇବ, ଏଥିରେ ସନ୍ଦେହ ନାହିଁ |

ସମରଝୋଳ, ଗଂଜାମ, ଓଡିଶା

# ଚିତ୍ର



ରିୟାନ୍ସ ପଣ୍ଡା




ଷ୍ଟାଣ୍ଡର୍ଡ ୧, ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ,
ବାଙ୍ଗାଲୋର

# କଳା ଠାକୁର



ପ୍ରତୀକ୍ଷା ଶତପଥୀ



କଳା ଠାକୁର ତୋ ନାଁ ତ –
କାଳଆ, ଜଗନ୍ନାଥ, ଜଗା, ... ଏପରି ଅନେକ ।
ଯିଏ ଯେଉଁ ବି ନାଁ ସ୍ମରଣକଲେ
ସବୁବେଳେ ଅନୁଭବ ତୁ ଦେଇଥାଉ ।

ତେବେ ମୋ ମନରେ ସବୁବେଳେ
ଗୋଟିଏ ପ୍ରଶ୍ନ ?
ତୁ ଏମିତି କ ମାୟା-ଜାଲ ସୃଷ୍ଟି କରିଛୁ?
ସବୁ ଏତେ ଆମବିଭୋର କେମିତି?
ଏ ପ୍ରଶ୍ନ ଯାହାକୁ ବି ପଗ୍ଁରିଲେ, ସମାନ ଉତ୍ତର-
"ସେ ଯାହା ତାକୁ ଶବ୍ଦରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ।"
ତୋ ସବୁ ଚମ୍‌କାର ଶୁଣି,
ମୁଁ ଆଜି ଚକତ ଓ ଆତ୍ମବିଭୋର।
କନ୍ତୁ ଯଦି ସୌଭାଗ୍ୟ ଥାଏ ତେବେ-
ତୁ ନଷ୍ଚୟ ମୋତେମୋ ପ୍ରଶ୍ନର ଉତ୍ତର ଦେବୁ।

ସିଭିଲ ଟାଉନସିପ୍,ରାଉରକେଲା
Pratikshyasatpathy07@gmail.com

# ଚିତ୍ର



ଅଦ୍ୱିକା ପଟ୍ଟନାୟକ



ପ୍ରେପ୍, ଦିଲ୍ଲୀ ପବ୍ଲିକ ସ୍କୁଲ,
ବସନ୍ତ ବିହାର, ନୂଆ ଦିଲ୍ଲୀ

# ଆପଣଙ୍କ ମତାମତ

ସମ୍ପାଦକ ମହାଶୟ ଶୁଭେଚ୍ଛା ନେବେ। ବେଦାନ୍ତୀର ଜୁଲାଇ ସଂଖ୍ୟା ପାଇ ଆନନ୍ଦିତ ହେଲି। ତାର ପ୍ରଚ୍ଛଦ, ଆନ୍ତରୀଣ ସାଜସଜ୍ଜା, ସୃଜନ ସମ୍ଭାର ଆଦି ଦେଖି ଚମକୃତ ହେଲି। ମୋ ପ୍ରିୟ ପତ୍ରିକାଟିର ଉତ୍ତରୋତ୍ତର ଉନ୍ନତି ସହ ମହାପ୍ରଭୁ ଆପଣମାନଙ୍କୁ ମଧ୍ୟ ଏ ସାରସ୍ୱତ ପଥରେ ସଦା ସହାୟ ହେଉଥାନ୍ତୁ ଏତିକ ପ୍ରାର୍ଥନା କରୁଛି ଶେଷରେ ଆପଣଙ୍କୁ ଓ ମାଡାମ୍ ଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି

ଜୋସ୍ନା ରାୟ, ବାଲେଶ୍ୱର

ଆପଣଙ୍କୁ ଅଶେଷ ଧନ୍ୟବାଦ, e-mail ଦ୍ୱାରା ମାଗାଜିନ୍ ପଠାଉଛନ୍ତି। କାର୍ଯ୍ୟ ବ୍ୟସ୍ତତା ହେତୁ ଆମର ଧ୍ୟାନ ରହୁନ 1 ତାରିଖ କେବେ ଆସିଯାଉଛି। ଆପଣଙ୍କ ଏହି ପ୍ରୟାସ ପାଇଁ ଆମେ ମାଗାଜିନ୍ କୁ ପଢ଼ିବାର ସୁଜଗ ପାଇପରୁଛି ଓ download କରିବା ମଧ୍ୟ ସୁଗମ ହେଉଛି। ଅଶେଷ ଅଶେଷ ଧନ୍ୟବାଦ।।

ଜୟ ଜଗନ୍ନାଥ।

ରଶ୍ମିତା ସାହୁ, ଛତ୍ରପୁର, ଗଞ୍ଜାମ

ଜୟ ଜଗନ୍ନାଥ।

ଓଡ଼ିଆ ମହାଭାରତ, ଅନୁର୍ବରା, ଭୂମେ ର୍ଗରୀୟସୀ ମାତା ସ୍ୱାର୍ଗାଦୁଚ୍ଚତରଃପିତା, ମାଲକାନଗିରି ବଣ୍ଡା ଜନଜାତି, ରଜ, ବୃଦ୍ଧାଶ୍ରମରେ ସ୍ଥାନ ନାହିଁ, ମହାଭାରତ ପଢି ବହୁତ ଭଲ ଲାଗିଲା। ଲେଖା ଗୁଡିକ ଭଲରେ ବର୍ଣ୍ଣନା କରାଯାଇଛି। ଯଦି ସମ୍ଭବ ରାମାୟଣ ମଧ୍ୟ ଲେଖାଯାଉ।

ଜୟ ଜଗନ୍ନାଥ ।

ସନ୍ତୋଷ କୁମାର ସାହୁ

ମହାପ୍ରଭୁ ଜଗନ୍ନାଥ ଆଶୀର୍ବାଦ କରନ୍ତୁ ପତ୍ରିକା ଦୀର୍ଘଜୀବି ହେଉ ଏବଂ ଆପଣଙ୍କ ଉଦ୍ୟମ ସାରା ଜଗତରେ ପ୍ରଶଂସିତ ହେଉ ଏତିକ ପ୍ରଭୁଙ୍କ ନିକଟରେ ମୋର ପ୍ରାର୍ଥନା, ପତ୍ରିକାର ଚଲାପଥ କୁସୁମିତ ହେଉ, ଜୟ ଜଗନ୍ନାଥ ।

ନରେନ୍ଦ୍ର ପ୍ରସାଦ ବେହେରା, ବାଲେଶ୍ୱର

ଅଜସ୍ର ଆନ୍ତରିକ ଧନ୍ୟବାଦ୍ **ବେଦାନ୍ତି** ର ସମ୍ପାଦକ ଓ ସମସ୍ତ କର୍ମକର୍ତ୍ତା ଙ୍କୁ।ମୋର କବିତା ଟି ପ୍ରକାଶିତ ହୋଇଛି ଖୁବ୍ ଆନନ୍ଦିତ ମୁଁ।ଏକ ବୃହତ୍ କଳେବର, ସମୟ ତ ଲାଗିବ ଆମୂଳ ପାଠ କରିବାକୁ।

ଆନନ୍ଦ କୁମାର ମାଇତି

ବେଦନ୍ତୀ ପତ୍ରିକାର ସାରସ୍ୱତ ଉତ୍କୃଷ୍ଟତାର ପ୍ରତିଫଳନକୁ ଅହେତୁକ ଶ୍ରଦ୍ଧା, ଶୁଭେଚ୍ଛା ଓ ଶୁଭକାମନା । ସଫଳ ସମ୍ପାଦକୀୟ ଏବଂ ପତ୍ରିକାର ବିପୁଳ ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ଓଡ଼ିଆ ଭାଷା ପାଇଁ ସୁବର୍ଣ୍ଣ ମୂହୁର୍ତ୍ତ। ସମସ୍ତ ଲେଖକ, କବି, ସାହିତ୍ୟିକ ଓ ସମ୍ପାଦକ ମହାଶୟଙ୍କୁ ଅନେକ ଶୁଭେଚ୍ଛା ଓ ଶୁଭକାମନା ସହିତ ଅଭିନନ୍ଦନ ଜଣାଉଛି। ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ବେଦନ୍ତୀ ପ୍ରେରଣାର ଉତ୍ସ ହେଉ। ଜୟ ଜଗନ୍ନାଥ

ମାନସ ରଞ୍ଜନ ହାତୀ, ଲକ୍ଷ୍ନୌ

ଅଶେଷ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଅରବିନ୍ଦ ବାବୁ ଜୁଲାଇ ବେଦାନ୍ତି ପାଇଁ। ଖୁବ୍ ଯତ୍ନରେ ଅନେକ ଲେଖା ସଂଗ୍ରହ କରି ଏତେ ପୃଷ୍ଠାର ପ୍ରବାସୀ ପତ୍ରିକାକୁ ଆପଣ ନିୟମିତ ଭାବରେ ପ୍ରକାଶ କରି ଆସୁଛନ୍ତି। ଆପଣଙ୍କ ଏଇ ସାରସ୍ୱତ ପ୍ରୟାସ ଜାରି ରହିଥାଉ ଓଡିଆ ସାହିତ୍ୟର ଅଭିବୃଦ୍ଧି ପାଇଁ। ସୌଭାଗ୍ଯବନ୍ତ ମହାରଣା, ସମ୍ବଲପୁର। ଜୟ ଜଗନ୍ନାଥ।

ସୌଭାଗ୍ୟବନ୍ତ ମହାରଣା।

# ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୪/୦୮/୨୦୨୧ | କାମଦା ଏକାଦଶୀ |
| ୦୬/୦୮/୨୦୨୧ | ଶିବଚତୁର୍ଦ୍ଦଶୀ |
| ୦୮/୦୮/୨୦୨୧ | ଗୃହିଣୀ ଚିତାଉ ଭୋଗ, ଶ୍ରୀମନ୍ଦିରେ ଚିତାଲାଗି ଅମାବାସ୍ୟା |
| ୧୨/୦୮/୨୦୨୧ | ଜାଗ୍ରଦଗୌରୀ ପଞ୍ଚମୀ |
| ୧୫/୦୮/୨୦୨୧ | ସ୍ୱାଧୀନତା ଦିବସ, ଶ୍ରୀ ଅରବିନ୍ଦଙ୍କ ଜୟନ୍ତୀ |
| ୧୭/୦୮/୨୦୨୧ | ସିଂହ ସଂକ୍ରାନ୍ତି, ଶ୍ରୀକ୍ଷେତ୍ରେ ଝୁଲଣ ଆରମ୍ଭ |
| ୧୮/୦୮/୨୦୨୧ | ପୁତ୍ରଦା ଏକାଦଶୀ |
| ୧୯/୦୮/୨୦୨୧ | ବିଷ୍ଣୁ ପବିତ୍ରାରୋପନ |
| ୨୦/୦୮/୨୦୨୧ | ମହରମ |
| ୨୧/୦୮/୨୦୨୧ | ଶିବ ପବିତ୍ରାରୋପଣ |
| ୨୨/୦୮/୨୦୨୧ | ଗହ୍ମା ପୂର୍ଣ୍ଣିମା, ରକ୍ଷାବନ୍ଧନ |
| ୨୩/୦୮/୨୦୨୧ | ଝୁଲଣ ଶେଷ |
| ୨୫/୦୮/୨୦୨୧ | ଅଙ୍ଗଭେଟ ତୃତୀୟା ଓ ବୁଧିବାମନ ଓଷା ଆରମ୍ଭ |
| ୨୯/୦୮/୨୦୨୧ | ଖୁଦୁରୁକୁଣୀ ଓଷା ଆରମ୍ଭ |
| ୩୦/୦୮/୦୨୧ | ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ |
| ୩୧/୦୮/୨୦୨୧ | ନନ୍ଦୋତ୍ସବ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com

## ଜୁଲାଇ ମାସର ବିଜେତାଙ୍କ ନାମ



ଗଛ ଭଳି ଲମ୍ବା ନାହିଁ ତା ଡାଳ,
ପତ୍ରଗୋଛା ତଳେ ଝୁଲେ ଏ ଫଳ ।

ତାଳ ଟାଣ ଫଳ ଭିତରେ ଶଶ
ଭରି କଅଁଳଆ "ସଜ" ବିଶେଷ
ପାଚିଲା ତାଳର ରସକୁ ନେଇ
ଭଲ ଭଲ ପିଠା କରନ୍ତି ଆଇ
ବରା, ପୋଡପିଠା, ଚକୁଳି ଖିରୀ
ତାଳମଣ୍ଡା ପୁଣି, ତାଳଏଣ୍ଡୁରୀ
ଭରି ମିଠା ଫଳଟିଏ
କଷିବେଳେ ଲାଗେ ନରମ ନରମ
ପାଚିଲେ ଆନନ୍ଦ ଦିଏ ।

ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର

ନରମ ନରମ କଷି ତାଳସଜ
ପାଟି ଭରି ଯାଏ ଆହା କି ମିଠା
ପାଚିଲା ତାଳର ବାସନା ମହକେ
ଭଲକି ଭଲ ତାଳ ରସ ର ପିଠା
ତାଳ ବରା ତାଳ ଏଣ୍ଡୁରି ପିଠା
ତାଳ ଚକୁଳି ର ମହକ ଦେଖ ଲୋ
ଆଷାଢ ମାସର ଆସର ବସା
ତାଳ ମଞ୍ଜ କିଏ ଖାଇଛ କୁହ?
କି ସୁନ୍ଦର ଦିଶେ ଧୋବ ଫରଫର
ରସାଳିଆ ମିଠା ସୁଆଦ ନିଅ ।

ବିଜେତା: ମୀନାକ୍ଷି ପାଢୀ, ଥାନେ, ମହାରାଷ୍ଟ୍ର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –vedantimagazine@gmail.com

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁ ନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇ ପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.com visit କରନ୍ତୁ ।

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚ୍ଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ଲକ୍ଷ୍ନୌ ରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳନ୍ତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**